

ବରୁଣଙ୍କ ନାୟିକା ମେଧା

▶ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-38 ◆FRIDAY ◆1 AUG 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୮ ◆ଶୁକ୍ରବାର ◆୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଏମ୍ସ ନର୍ସଙ୍କ ଘରେ ପଶି ଦୁଇ ପିଲାଙ୍କୁ ଜାଳିଦେଲେ

■ **ପାଟନା, ୩୧।୭(ଏଜେନ୍ସି):** ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବିହାରରେ ଅପରାଧୀଙ୍କ ଉତ୍ପାତ ବଢ଼ି ଚାଲିଛି। ରାଜଧାନୀ ପାଟନାରେ ଅପରାଧୀମାନେ ଯୋଜନାବଦ୍ଧ ଭାବେ ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ଘଟାଉଛନ୍ତି। ପାଟନାର ଜାନିପୁର ଥାନାର ନଗୱାଁ ଗାଁରେ ଦୁର୍ବୃତ୍ତମାନେ ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ) ର ଜଣେ ନର୍ସଙ୍କ ଘରେ ପଶି ଦୁଇ ନୀରିହ ପିଲାଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। ନର୍ସ ଜଣକ ହେଉଛନ୍ତି ଜାନିପୁରରେ ରହୁଥିବା ଶୋଭା

ବିହାରରେ ପୁଣି ଆତଙ୍କ



ଦେବୀ ଓ ତାଙ୍କ ଦୁଇ ପିଲା ହେଲେ ସନ୍ତାନ ୧୪ ବର୍ଷୀୟା ଅଞ୍ଜଳି କୁମାରୀ ଓ ୧୨ ବର୍ଷୀୟ ଅଂଶ। ଦୁଇ ପିଲା ସ୍କୁଲରୁ ଘରକୁ ଫେରିବା ପରେ ଏହି ଘଟଣା ଘଟିଥିଲା। ବିଛଣା ଉପରେ ଦୁଇଜଣଙ୍କ ମୃତଦେହ ମିଳିଥିଲା। ଦିନ ଦ୍ୱିପହରେ କେହି ପିଲାଙ୍କୁ ହତ୍ୟା କରିଛନ୍ତି ବୋଲି ସେ କହିଛନ୍ତି। ନର୍ସଙ୍କ ସ୍ୱାମୀ ଲଲନ ଗୁପ୍ତା ନିର୍ବାଚନ କମିଶନ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରନ୍ତି। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ଉପରିସ୍ଥ ଅଧିକାରୀଙ୍କୁ ପରିସ୍ରା ପିଆଇଲେ ପିଅନ

■ **ମୋହନା, ୩୧।୭ (ସମିସ):** ଯନ୍ତ୍ରୀଙ୍କୁ ପରିସ୍ରା ପିଆଇଲେ ପିଅନ। ଗଜପତି ଜିଲ୍ଲା ଆର୍.ଉଦୟଗିରି ଆରଡବ୍ଲୁଏସ୍ଏସ୍ କାର୍ଯ୍ୟାଳୟର ଯନ୍ତ୍ରୀ ସଚ୍ଚିନ ଗୌଡ଼ଙ୍କ ସହ ଏପରି ଅମାନବୀୟ ଘଟଣା ଘଟିଛି। ଏ ସଂପର୍କରେ ସେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ସେ କରିଥିବା ଅଭିଯୋଗ ଅନୁସାରେ, ଗତ ୨୨ ତାରିଖ ଦିନ ଆର୍.ଉଦୟଗିରି ଆରଡବ୍ଲୁଏସ୍ଏସ୍ ଅଫିସ୍‌ରେ କାର୍ଯ୍ୟରେ ଯୋଗ ଦେଇଥିଲେ। ୨୩ ତାରିଖ ରାତିରେ ଅଫିସ୍‌ର ପିଅନ ଶିବ ନାରାୟଣ ନାୟକ ତାଙ୍କୁ ତାଙ୍କ ବାସଭବନରେ ଖାଇବାକୁ ଦେଇଥିଲେ। ଖାଇସାରିବା ପରେ ସେ ଆଣିଥିବା ଷ୍ଟିଲ୍ ବୋତଲରେ ଥିବା



ପାଣି ପିଇଥିଲେ ଯନ୍ତ୍ରୀ। ତେବେ ପିଇବା ପରେ ସେ ତାହା ପରିସ୍ରା ବୋଲି ଜାଣିବାକୁ ପାଇଥିଲେ। ସେ ନିଜେ ଏହାର ଲ୍ୟାବ୍ ଟେଷ୍ଟ ପାଇଁ ପଠାଇଥିଲେ। ପରୀକ୍ଷା ପରେ ଉକ୍ତ ପାଣିରେ ଆମୋନିଆ ଏବଂ ୟୁରିଆର ପରିମାଣ ଅଧିକ ଥିବା ଜଣାପଡ଼ିଥିଲା। ଏନେଇ ତଦନ୍ତ ପାଇଁ ଯନ୍ତ୍ରୀଜଣଙ୍କ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନ ନିଆଯିବାରୁ ଏ ସଂପର୍କରେ ସେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ପିଅନ ଶିବନାରାୟଣ ନାୟକ ତାଙ୍କ ଉପରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି।

**ଟ୍ରମ୍ପଙ୍କ କଟାକ୍ଷ**

# ରୁଷ ସହ ବୁଡ଼ିବ ଭାରତ

## ଭାରତ ଏକ ମୃତ ଅର୍ଥନୀତି

■ **ୱାଶିଂଟନ୍/ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଶୁଳ୍କ ପ୍ରସଙ୍ଗରେ ଭାରତ ଓ ଆମେରିକା ମଧ୍ୟରେ ୫ଟି ପର୍ଯ୍ୟାୟ କଥାବାର୍ତ୍ତା ନିଷ୍ଫଳ ହୋଇଛି। ଭାରତ ଉପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୫% ଶୁଳ୍କ ଲଗାଇଛନ୍ତି ଓ ଆସନ୍ତାକାଲିଠାରୁ ଏହା କାର୍ଯ୍ୟକାରୀ ହେବ। ରୁଷ ସହ ଭାରତର ସମ୍ପର୍କ ଓ ରୁଷରୁ ଅଶୋଧିତ ତୈଳ କ୍ରୟ ଯୋଗୁଁ କ୍ରୋଧାନ୍ୱିତ ଟ୍ରମ୍ପ ଭାରତ ଉପରେ ରାଗ ଶୁଝାଇଛନ୍ତି। କେବଳ ସେତିକି ନୁହେଁ, ଭାରତର ପାରମ୍ପରିକ ଶତ୍ରୁ ପାକିସ୍ତାନକୁ ପ୍ରୋତ୍ସାହିତ କରିବା ପରି ପଦକ୍ଷେପ ନେଉଛନ୍ତି। ଯାହାଫଳରେ ଭାରତର ଅର୍ଥନୀତି ଗଭୀର ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଟ୍ରମ୍ପଙ୍କ ଘୋଷଣା ପରେ ଟଙ୍କା ମୂଲ୍ୟ ୦.୨% ହ୍ରାସ ପାଇଛି ଓ ଆଜି ଡଲାର ସହ ଟଙ୍କାର ବିନିମୟ ମୂଲ୍ୟ ୮୭.୫୮ ଟଙ୍କାରେ ପହଞ୍ଚିଛି। ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୦ ଟଙ୍କାକୁ ଖସିଯାଇପାରେ ବୋଲି ଭାରତୀୟ ଅର୍ଥଶାସ୍ତ୍ରୀମାନେ ଆକଳନ କରୁଛନ୍ତି।

**୯୦ ଟଙ୍କା ପର୍ଯ୍ୟନ୍ତ ଖସିବ ଟଙ୍କାମୂଲ୍ୟ**



ବିଡ଼ମ୍ବନା ହେଉଛି ଯେ ଯେତେବେଳେ ଆମେରିକୀୟ ବ୍ୟବସାୟିକ ପ୍ରତିନିଧିଦଳ ଭାରତ ଗସ୍ତରେ ଦ୍ୱିପାକ୍ଷିକ ବାଣିଜ୍ୟ ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି, ଠିକ୍ ସେହି ସମୟରେ ଟ୍ରମ୍ପ ଭାରତ ଉପରେ ଟିକସ ଲଗାଇଛନ୍ତି। ଗତ ମାର୍ଚ୍ଚ ମାସରୁ ଦୁଇ ଦେଶ ପାରସ୍ପରିକ ବ୍ୟବସାୟିକ ସହଯୋଗ ସଂକ୍ରାନ୍ତରେ ଆଲୋଚନା କରି ଆସିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପ୍ରତି ୧୯୧ ଆରବ ଡଲାର ▶ପୃଷ୍ଠା-୭

### ପ୍ରଭାବିତ ହେବ ଓଡ଼ିଶା

ଟ୍ରମ୍ପଙ୍କ ଶୁଳ୍କ ବୃଦ୍ଧି ଯୋଗୁଁ ଦେଶର ଅର୍ଥନୀତି ସହ ଓଡ଼ିଶାର ଅର୍ଥନୀତି ମଧ୍ୟ ଗଭୀର ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶାରୁ ବିପୁଳ ପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକାକୁ ରପ୍ତାନୀ ହୋଇଥାଏ। ଏକ ଆକଳନ ଯୋଗୁଁ ସାରା ଦେଶରୁ ଗତ ଆର୍ଥିକ ବର୍ଷରେ ୪.୮୮ ବିଲିଅନ ଡ଼ଲାରର ସାମୁଦ୍ରିକ ଖାଦ୍ୟ ବିଦେଶକୁ ରପ୍ତାନୀ ହୋଇଛି ଏବଂ ଏହାର ସିଂହଭାଗ ଆମେରିକା ଓ ଚୀନକୁ ପଠାଯାଇଛି। ମୋଟ ସାମୁଦ୍ରିକ ଖାଦ୍ୟର ୬୬% ଚିଙ୍ଗୁଡ଼ି ଭାରତରୁ ରପ୍ତାନୀ କରାଯାଇଛି। ସାରା ଦେଶରୁ ଆମେରିକାକୁ ରପ୍ତାନୀ ହୋଇଥିବା ଚିଙ୍ଗୁଡ଼ିର ପ୍ରାୟ ୩୦% ଓଡ଼ିଶାରୁ ପଠାଯାଇଛି। ତେଣୁ ଆମେରିକାର ଶୁଳ୍କ ଯୋଗୁଁ ଓଡ଼ିଶାରୁ ଚିଙ୍ଗୁଡ଼ି ରପ୍ତାନୀ ବାଧାପ୍ରାପ୍ତ ହୋଇପାରେ ବୋଲି କୁହାଯାଉଛି।

### କ୍ଷତି ସହିବେ ରପ୍ତାନୀକାରୀ

ଟ୍ରମ୍ପଙ୍କ ଶୁଳ୍କ ଛାଟ ଯାଗୁଁ ଭାରତରୁ ରପ୍ତାନୀ ହେଉଥିବା ଇସ୍ପାତ, ଅଟୋ ଯନ୍ତ୍ରାଂଶ, ଇଲେକଟ୍ରୋନିକ୍ସ ସାମଗ୍ରୀ, ଔଷଧ ଏବଂ ବୟନ ଶିଳ୍ପ ଭଳି କ୍ଷେତ୍ର ପ୍ରଭାବିତ ହେବେ। ବଜାର ବିଶେଷଜ୍ଞ ଅଜୟ ବାଗା କହିଛନ୍ତି, ଟ୍ରମ୍ପ ଶୁଳ୍କ ଭାରତୀୟ ବଜାରରେ ଅସ୍ଥିରତା ବୃଦ୍ଧି କରିବ ଓ ନିବେଶକଙ୍କ ବିଶ୍ୱାସକୁ ଦୁର୍ବଳ କରିପାରେ। ଆମେରିକୀୟ ବଜାର ଉପରେ ନିର୍ଭରଶୀଳ ଭାରତୀୟ ଅଟୋ, ବୟନ, ଫାର୍ମା ଏବଂ ଇସ୍ପାତ କ୍ଷେତ୍ରର କମ୍ପାନୀ କ୍ଷତିଗ୍ରସ୍ତ ହେବେ।

### ୬ ଭାରତୀୟ କମ୍ପାନୀ ଉପରେ କଟକଣା

■ **ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଇରାନ ସହ ପେଟ୍ରୋକେମିକାଲ୍ ଉତ୍ପାଦ ବ୍ୟବସାୟରେ ଜଡିତ ୬ ଭାରତୀୟ କମ୍ପାନୀ ଆଲକେମିକାଲ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲୋବାଲ୍ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିମିଟେଡ, ଜୁପିଟର୍ ଡାଏ କେମ ପ୍ରାଇଭେଟ୍ ଲିମିଟେଡ୍, ରମଣୀକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କୋ, ପର୍ସିଷ୍ଟେଣ୍ଟ୍ ପେଟ୍ରୋକେମ ପ୍ରାଇଭେଟ୍ ଲିମିଟେଡ୍ ଏବଂ କାଞ୍ଚନ ପଲିମର୍ସ। ଉପରେ କଟକଣା ଲଗାଇଛି ଆମେରିକା। ଭାରତୀୟ କମ୍ପାନୀଗୁଡ଼ିକ ଇରାନ ପେଟ୍ରୋଲିୟମ୍ ଉତ୍ପାଦ କ୍ରୟ ଏବଂ ବିପଣନ ପାଇଁ ଜାଣିଶୁଣି କାରବାର ବୃଦ୍ଧି କରିଥିବା ଅଭିଯୋଗରେ ଏହି କଟକଣା ଜାରି କରାଯାଇଛି।

### ଦିନକ ପରେ ଟ୍ରିବ୍ୟୁନାଲରେ ମହାନଦୀ ଶୁଣାଣି

## ସରକାରଙ୍କ ଆଭିମୁଖ୍ୟକୁ ନେଇ ସଂଶୟ

■ **ଭୁବନେଶ୍ୱର, ୩୧।୭ (ସମିସ):** ଆସନ୍ତା ଶନିବାର ହେବ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ୪୪ତମ ଶୁଣାଣି। ଏହି ଶୁଣାଣି ସମୟରେ ଓଡ଼ିଶାର ଆଭିମୁଖ୍ୟ କଣ ରହିବ, ତାହା ଜାଣିବା ପାଇଁ ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ ଉଦ୍‌ବିଗ୍ନ। ଗତ ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ବିବାଦର ସମାଧାନ ପାଇଁ ଦୁଇରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ଜାରି ରହିଥିବା ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏଥିପାଇଁ ଶ୍ରୀ ଆଚାର୍ଯ୍ୟ ଅଧିକ ସମୟ ମାଗିଥିଲେ ଓ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ତାରିଖ ଅଗଷ୍ଟ ୨ ତାରିଖକୁ ଧାର୍ଯ୍ୟ କରିଥିଲେ। ଶୁଣାଣି ପାଇଁ ରାଜ୍ୟ ସରକାରଙ୍କ ହାତରେ ଦିନଟିଏ ଥିବାବେଳେ ଉଭୟ

**▶▶ ଆଇନଗତ ଲଢ଼େଇ ସମ୍ପର୍କରେ ନିରବ**

**▶▶ ବୁଝାମଣା ସ୍ୱରୂପ ସ୍ପଷ୍ଟ କରିବାକୁ ଦାବି**

ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ କେଉଁ ପ୍ରକାର ଆଲୋଚନା ହୋଇଛି, ସେ ସମ୍ପର୍କରେ ସରକାର ନିରବ। କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ କ୍ଷୋଭ ପ୍ରକାଶ କରିବା ସହ ଦୁଇ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା କଣ ହୋଇଛି ଏବଂ ଓଡ଼ିଶା ଆଇନଗତ ଲଢ଼େଇରୁ ଓହରି ଯିବ ନା ଜାରି ରଖିବ ସେନେଇ ସ୍ପଷ୍ଟୀକରଣ ଲୋଡ଼ିଥିଲେ ହେଁ ସରକାର ଏ ସମ୍ପର୍କରେ ତୁଣ୍ଡ ଖୋଲି ନାହାନ୍ତି। ଏହି ସମୟରେ ଦିନକ ପରେ ▶ପୃଷ୍ଠା-୭

## ‘ଉତ୍କଳ’କୁ ସଂକଟ ସଂଗଠୀକରଣ

### କମିବ ୧୭ ପ୍ରାଧ୍ୟାପକ ଓ ୨୪ ସହଯୋଗୀ ପ୍ରାଧ୍ୟାପକ ପଦ

■ **ଭୁବନେଶ୍ୱର, ୩୧।୭ (ସମିସ):** ଶ୍ରୀ ହରାଇବ ରାଜ୍ୟର ପ୍ରଥମ ତଥା ସର୍ବପୁରାତନ ବିଶ୍ୱବିଦ୍ୟାଳୟ ‘ଉତ୍କଳ’। ଶୈକ୍ଷିକ ପ୍ରକ୍ରିୟା ଗୁରୁତର ପ୍ରଭାବିତ ହେବ। ଏପରିକି, ଗବେଷଣା ମଧ୍ୟ ବାଟବଣା ହେବାର ଆଶଙ୍କା ପାଇଛି। କାରଣ ଅଧାରୁ ଅଧିକ ଅଧ୍ୟାପକ ପଦ ଖାଲି ପଡ଼ିଥିବା ବେଳେ ସଂଗଠୀକରଣ (ରେସନାଲାଇଜେସନ୍) ନାମରେ ଆହୁରି ପ୍ରାଧ୍ୟାପକ ଓ ସହଯୋଗୀ ପ୍ରାଧ୍ୟାପକ ପଦ ହରାଇବାକୁ ଯାଉଛି ଏହି ଐତିହ୍ୟସଂପନ୍ନ



**ଖାଲିପଡ଼ିଛି ଅର୍ଦ୍ଧାଧିକ ଅଧ୍ୟାପକ ପଦ**

**ବାଧାପ୍ରାପ୍ତ ହେବ ଗୁଣାତ୍ମକ ଶିକ୍ଷା**

ବିଶ୍ୱବିଦ୍ୟାଳୟ। ୧୭ଟି ପ୍ରାଧ୍ୟାପକ ସମେତ ୨୪ଟି ସହଯୋଗୀ ପ୍ରାଧ୍ୟାପକ ପଦ କାଟିବାକୁ ଷଡ଼୍‌ଯନ୍ତ୍ର ହେଉଥିବା ଅଭିଯୋଗ ହୋଇଛି।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍କୁଲ ବ୍ୟବସ୍ଥା ଲାଗୁ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ସବୁ ବିଶ୍ୱବିଦ୍ୟାଳୟରୁ କିଛି ପଦ ଉଚ୍ଛେଦ କରି ଅନ୍ୟ ବିଶ୍ୱବିଦ୍ୟାଳୟରେ ପୂରଣ କରାଯିବ। ଏଥିପାଇଁ ଉଚ୍ଚଶିକ୍ଷା ପରିଷଦ ୪ଜଣ କୁଳପତିଙ୍କୁ ନେଇ ଏକ କମିଟି ▶ପୃଷ୍ଠା-୭

**ସୁନ୍ଦରଗଡ଼ରେ ଲଜ୍ଜା!**

## ଚଉଦ ଦିନ ଧରି ନାବାଳିକାକୁ ଦୁଷ୍କର୍ମ

■ **ରାଉରକେଲା, ୩୧।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ଅଧୀନ ତଳସରା ଥାନା ଅଞ୍ଚଳରେ ଜଣେ ୧୭ବର୍ଷୀୟା ନାବାଳିକାକୁ ତାର ପୁରୁଷ ବନ୍ଧୁ ଏକ ବନ୍ଦ କୋଠରୀରେ ଦୀର୍ଘ ୧୪ ଦିନ ଧରି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ୍ ପୀଡ଼ିତାକୁ ଉଦ୍ଧାର କରିବା ସହ ତାର ପୁରୁଷ ବନ୍ଧୁକୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି।



ସୂଚନା ମୁତାବକ, ଗତ ୧୬ ତାରିଖରେ ସମ୍ପୃକ୍ତ ନାବାଳିକାକୁ ତାର ପୁରୁଷବନ୍ଧୁ ବୁଲିବାକୁ କହି ଡାକି ନେଇଥିଲା। ତଳସରା ସୀମାନ୍ତବର୍ତ୍ତୀ ଏକ ଭଡ଼ା ଘରେ ସେ ନାବାଳିକାକୁ ରଖି ଦୁଷ୍କର୍ମ କରିଥିଲା। ଦିନେ କି ଦୁଇ ଦିନ ନୁହେଁ, ଦୀର୍ଘ ୧୪ ଦିନ ରଖି ଦୁଷ୍କର୍ମ କରିଚାଲିଥିଲା। ସେପଟେ ନାବାଳିକା ଘରକୁ ନଫେରିବାରୁ ପରିବାରଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ନାବାଳିକାର ମୋବାଇଲ ଫୋନ ବନ୍ଦ ଥିବାରୁ ପରିବାର ଲୋକ ତା’ ବିଷୟରେ କିଛି ଜାଣିପାରି ନଥିଲେ। ପରେ ୨୦ ତାରିଖରେ ପରିବାର ପକ୍ଷରୁ ତଳସରା ଥାନାରେ ଝିଅ ନିଖୋ ଜ ହୋଇଥିବା ନେଇ ରିପୋର୍ଟ ଦିଆଯିବା ପରେ ପୁଲିସ ତନାଘନା ଆରମ୍ଭ କରିଥିଲା।

ବୁଧବାର ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ତଳସରା ଥାନା ପୁଲିସ ଖବର ପାଇ ବନ୍ଦ ଘରୁ ନାବାଳିରାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ପୁରୁଷ ବନ୍ଧୁକୁ ଗିରଫ କରିଥିଲା। ଗୁରୁବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିବା ବେଳେ ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଟ୍ୱିନ୍ ସିଟିରୁ କୋଟିଏ ଟଙ୍କାର କଫ୍ ସିରପ୍ ଜବତ

■ **ଭୁବନେଶ୍ୱର/କଟକ, ୩୧।୭ (ସମିସ):** ଟ୍ୱିନ୍ ସିଟିରେ ବେଆଇନ୍ ଭାବେ ବିକ୍ରି କରାଯାଉଥିବା ବିପୁଳ ପରିମାଣର କଫ୍ ସିରପ୍‌କୁ ଜବତ କରିଛି ଏସ୍‌ଟିଏଫ ଏବଂ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ। କଟକ ବାଦାମବାଡ଼ି ନିୟୁ ଏଲ୍ଆଇସି କଲୋନୀରୁ ଟ୍ରାକନ୍ କୋରିୟର ସଂସ୍ଥାରେ ଚାଲିଥିଲା ଏହି କାରବାର। ଖବର ପାଇ ଏସ୍‌ଟିଏଫ ଏବଂ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ଚଢ଼ଉ କରି ପ୍ରାୟ କୋଟିଏ ଟଙ୍କା ମୂଲ୍ୟର ୫୬ ପେଟିରୁ ଅଧିକ କଫ୍ ସିରପ୍ ଜବତ କରିଛି। ଏହି ବେଆଇନ୍ କାରବାର କରୁଥିବା ସଂସ୍ଥାର ୪ଜଣ କର୍ମଚାରୀ ଏବଂ ମାଲିକଙ୍କୁ ଏସ୍‌ଟିଏଫ ପଚରାଉଚରା କରୁଛି।

ସୂଚନା ଅନୁସାରେ, ଏହି ଟ୍ରାକନ କୋରିୟର ସଂସ୍ଥା ବେଆଇନ୍ ଭାବେ କଫ୍ ସିରପ୍ ଆଣି ବିଭିନ୍ନ ଜିଲ୍ଲାକୁ କୋରିୟର ମାଧ୍ୟମରେ



**ଏକାଧିକ ସ୍ଥାନରେ ଚଢ଼ଉ କରିଥିଲା ଏସ୍‌ଟିଏଫ, ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ**

**କୋରିୟର ସଂସ୍ଥାର ୪ଜଣ କର୍ମଚାରୀ ଅଟକ, ଚାଲିଛି ପଚରାଉଚରା**

ପଠାଉଥିଲା। ବିଶେଷକରି ପଶ୍ଚିମ ଓଡ଼ିଶାକୁ କୋରିୟର ମାଧ୍ୟମରେ ଏହି କଫ୍‌ସିରପ୍ ଚାଲାଣ କରାଯାଉଥିବା ଏସ୍‌ଟିଏଫ୍‌କୁ ସୂଚନା ମିଳିଥିଲା। ଖବର ପାଇବା ପରେ ଆଜି ଅପରାହ୍ନରେ ଏସ୍‌ଟିଏଫ ଏବଂ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ଅଧିକାରୀ ମିଳିତ ଭାବେ ଚଢ଼ଉ କରିଥିଲେ। ଏହି ଲିଙ୍କରେ ମଧ୍ୟ ଭୁବନେଶ୍ୱରର ଏକାଧିକ ସ୍ଥାନରେ ଚଢ଼ଉ କରାଯାଇଥିଲା। ରାଜଧାନୀର ବରମୁଣ୍ଡା ଏବଂ ଅନ୍ୟ ୨ଟି ସ୍ଥାନରେ ଚଢ଼ଉ କରାଯାଇଥିବାର ସୂଚନା ମିଳିଛି।

ଏସ୍‌ଟିଏଫ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଟ୍ୱିନ୍ ସିଟିରୁ ଟ୍ରେନ୍ ଏବଂ କୋରିୟର ମାଧ୍ୟମରେ କଫ୍ ସିରପ୍ ଚାଲାଣ କରାଯାଉଛି। ଏବେ ସେଠାରୁ ଟ୍ୱିନ୍ ସିଟିକୁ ଗଞ୍ଜେଇ ଚାଲାଣ କରାଯାଉଛି। ତେଣୁ ଏହା ଉପରେ ରୋକ ଲଗାଇବା ପାଇଁ ଅଭିଯାନ ଆରମ୍ଭ କରାଯାଉଛି। ଶସ୍ତାରେ କଫ୍ ସିରପ୍ ମିଳୁଥିବାରୁ ଏହାକୁ ଏକାଧିକ ବ୍ୟକ୍ତି କିଣି ନେଇ ▶ପୃଷ୍ଠା-୭

**ପୁରୀ ରଥଯାତ୍ରା ଦଳାଚକଟା ଘଟଣା**

## ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ କମିସନର

■ **ଭୁବନେଶ୍ୱର, ୩୧।୭ (ସମିସ):** ରଥଯାତ୍ରା ସମୟରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣାରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି ଉନ୍ନୟନ କମିସନର ଅନୁ ଗର୍ଗ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ଏହି ରିପୋର୍ଟ ଦାଖଲ କରିଛନ୍ତି। ତଦନ୍ତ ରିପୋର୍ଟ ମିଳିଥିବା ବେଳେ ଏହା ଉପରେ ସରକାର କ’ଣ କାର୍ଯ୍ୟାନୁଷ୍ଠାନ ନେବେ ସେନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଗତ



ଜୁନ ୨୯ ତାରିଖ ଭୋର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଦଳାଚକଟା ହୋଇଥିଲା। ଏହି ଅପ୍ରୀତିକର ଘଟଣାରେ ମୋଟ ୩ ଜଣ ଶ୍ରଦ୍ଧାଳୁଙ୍କର ▶ପୃଷ୍ଠା-୭

**ସରକାର ଉଦାସୀନ; ଚାଷୀ ହନ୍ତସନ୍ତ**

## ଆଖୁ ଚାଷର ଆଖି ବନ୍ଦ

■ **ଭୁବନେଶ୍ୱର, ୩୧।୭ (ସମିସ):** ରାଜ୍ୟରେ ଚିନି, ଗୁଡ଼ ଓ ଆଖୁ ଉତ୍ପାଦର ଆବଶ୍ୟକତା ପ୍ରତିବର୍ଷ ବଢ଼ୁଛି; ମାତ୍ର ଆଖୁ ଚାଷ ପ୍ରତିବର୍ଷ କମି କମି ଚାଲିଛି। ଗୋଟିଏପଟେ ଚିନିର ଆବଶ୍ୟକତା ବୃଦ୍ଧି ପାଉଥିବାବେଳେ ଆଖୁ ଚାଷ କମିବା ଯୋଗୁଁ ଅନ୍ୟ ରାଜ୍ୟ ଉପରେ ଓଡ଼ିଶା ଅଧିକ ନିର୍ଭରଶୀଳ ହେଉଛି। ରାଜ୍ୟରେ ଆଖୁ ଚାଷ ହ୍ରାସ ହେବା ସହ ଚିନି କଳ ବନ୍ଦ ହେବାରେ ଲାଗିଛି ଓ ଆଖୁ ଚାଷୀଙ୍କ ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି। ଏ ସମ୍ପର୍କରେ ରାଜ୍ୟସ୍ତରୀୟ କମିଟି, ବିଧାନସଭାରେ କୃଷି ବିଭାଗ ଷ୍ଟାଣ୍ଡିଂ କମିଟି ବିଭିନ୍ନ ସମୟରେ ଦେଇଥିବା ରିପୋର୍ଟକୁ କାର୍ଯ୍ୟକାରୀ କରାଯାଉ ନାହିଁ କିମ୍ବା ଆଖୁ ଚାଷକୁ ପ୍ରୋତ୍ସାହିତ କରିବା ପରି କାର୍ଯ୍ୟକ୍ରମ ହାତକୁ ନିଆଯାଉ



**କ୍ରମାଗତ ଭାବେ କମୁଛି ଉତ୍ପାଦନ**

**ବନ୍ଦ ହେବାରେ ଲାଗିଛି ଚିନି କଳ**

ନାହିଁ। ମାତ୍ର ସରକାର ଆଖୁ ଚାଷ ପ୍ରତି ଆଖି ବୁଜି ଦେଇଛନ୍ତି। ବିଜେପି ସରକାର କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେଉଥିବା ଡିଣ୍ଡିମ ପିଟୁଥିଲେ ବି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କୌଣସି ଚାଷରେ ସଂସ୍କାର ଆସିପାରୁନାହିଁ।

ପରିସଂଖ୍ୟାନ ଅନୁସାରେ ଓଡ଼ିଶାରେ ଚିନିର ଆବଶ୍ୟକତା ବାର୍ଷିକ ପ୍ରାୟ ୪ଲକ୍ଷ ଟନ୍। ମାତ୍ର ରାଜ୍ୟରେ ଗୋଟିଏ ପରେ ଗୋଟିଏ ଚିନିକଳ ବନ୍ଦ ହେବାରେ ଲାଗିଛି। ଏହାଦ୍ୱାରା ଆମକୁ ବାହାର ରାଜ୍ୟରେ ଉତ୍ପାଦିତ ଚିନି ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ବର୍ତ୍ତମାନ ସମୟରେ ଆସିକା ଚିନି କଳ ଦୟନୀୟ ସ୍ଥିତିରେ ଚାଲୁଥିବା ବେଳେ ନୟାଗଡ, ବଡମ୍ବା, ବରଗଡ, ବଲାଙ୍ଗିରର ତୋରା ଆଦି ଚିନି କାରଖାନା ▶ପୃଷ୍ଠା-୭

## ହାତୀ ଆକ୍ରମଣରେ ୩ ମୃତ

■ **ଢେଙ୍କାନାଳ, ୩୧।୭ (ସମିସ):** ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ରାସୋଲ ସେକ୍ସନ୍ ଅନ୍ତର୍ଗତ ବାଘଧରିଆ ଗ୍ରାମରେ ଆଜି ଏକ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଗ୍ରାମର ଶଶି ସାହୁ (୬୪), କରୁଣାକର ଦେହୁରୀ (୬୬) ଓ ଝୁଲଣ ଦେହୁରୀ (୫୪)। ଆଜି ସକାଳେ ଶଶି ଗାଁ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ୩ ଟିକିଆ ହାତୀପଲ ମଧ୍ୟରୁ ଗୋଟିଏ ଦନ୍ତାହାତୀ ଆସି ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି, କରୁଣାକର ଦେହୁରୀ ହାତୀପଲକୁ ଦେଖି ଗାଁ ଆଡ଼କୁ ଦୌଡ଼ି ପଳାଉଥିବା ▶ପୃଷ୍ଠା-୭

**ଶବ ରଖି ପୁରୁଣା କଟକ-ସମ୍ବଲପୁର ରାସ୍ତା ଅବରୋଧ**

**କାର୍ଯ୍ୟରେ ଅବହେଳା ପାଇଁ ୩ ନିଲମ୍ବିତ**

# ପାଉଁଶ ଡମ୍ପିଂ ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଝାରସୁଗୁଡ଼ା,୩୧।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ନିକଟ କୋଲ କୋରିଡୋର ନିର୍ମାଣଧୀନରାସ୍ତାରେ ପାଉଁଶ ପକାଯାଉଥିବା କାମକୁ ସ୍ଥାନୀୟ ଲୋକେ ଯୋରଦାର ବିରୋଧ କରିଛନ୍ତି। ଏନେଇ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଇ ବେଲପାହାଡ ବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବେଲପାହାଡବାସୀ ଉଲ୍ଲେଖ କରିଛନ୍ତି ଯେ ଏହି ନିର୍ମାଣଧୀନରାସ୍ତାରେ ପାଉଁଶ ଡମ୍ପି କୁ ବିଜେପି, ବିଜେଡି, କଂଗ୍ରେସ ଦଳର ସ୍ଥାନୀୟ ନେତୃବୃନ୍ଦଙ୍କ ସହ ସ୍ଥାନୀୟ ଚାଷୀ ଏବଂ ସ୍ଥାନୀୟ ବାସିନ୍ଦା ତଥା ଦୋକାନୀ ମାନେ ବିରୋଧ କରୁଛନ୍ତି। ଏହି ପାଉଁଶ ପକାଯାଉଥିବାରାସ୍ତାର ଅଖପାଖରେ ଚାଷ ଜମି, ପୋଖରୀ, ନାଳ, ଦୋକାନ ବଜାର ଆଦିରହିଥିବାରୁ ସେହି ସ୍ଥାନ କୁ ପାଉଁଶ ମାଡି ପ୍ରଦୂଷଣ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଆଖପାଖରେ ଚାଷ ଜମି ଥିବାବେଳେ ପ୍ରଦୂଷଣ ବିଭାଗରୁ ଅନୁମତି ନନେଇ ସ୍ଥାନୀୟ ଚାଷୀ ଏବଂ ଲୋକଙ୍କ ମତାମତ ନନେଇ ଏହି ପାଉଁଶ ଡମ୍ପିଂ କରାଯାଉଛି। ଏହାଦ୍ୱାରା ଅଞ୍ଚଳର ଚାଷ ଜମି ପ୍ରଦୂଷିତ ହେବା ସହ ଜଳ ବାୟୁ ପ୍ରଦୂଷଣ ହେବ ତେଣୁ ଏଠାରେ ପାଉଁଶ ପକାଇବାକୁ ବନ୍ଦ କରାଯାଉ ଏବଂ ଏହି ପାଉଁଶ ଡମ୍ପି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି।

# ଝାରସୁଗୁଡ଼ା ବିଧାୟକଙ୍କ ଫ୍ଲାଟ୍‌ରୁ ଚୋରି

ଝାରସୁଗୁଡ଼ା,୩୧।୭ (ସମିସ)

ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବାସଭବନରୁ ଚୋରି ହୋଇଛି। ଶାନ୍ତି ଆପାର୍ଟମେଣ୍ଟ ବାସିନ୍ଦା ଗୋପାଳ ଲାଲ୍ ଲୋଧାଙ୍କ ଏତଲାକ୍ରମେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗତ ୨୯ ତାରିଖ ସକାଳେ ଶାନ୍ତି ଆପାର୍ଟମେଣ୍ଟର ଗୋପାଳ ଲାଲ ଲୋଧା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଫ୍ଲାଟର ମୁଖ୍ୟ ଫାଟକର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ତାଲା ଭଙ୍ଗା ଯାଇଥିବାରୁ ଚୋରି ହୋଇଥିବା ସନ୍ଦେହ କରି ସେ ବିଧାୟକଙ୍କ ଘର ଭିତରେ ପଶି ଦେଖିବା ବେଳକୁ ଫ୍ଲାଟ୍ ଭିତରେ ଥିବା ସିସିଟିଭି କ୍ୟାମେରାର ଡିଭିଆର୍ ଚୋରି ହୋଇଥିଲା। ବିଧାୟକଙ୍କ ଘରକୁ ଯିବା ସମୟରେ ଗୋପାଳଙ୍କ ସହ ବିନୟ ମୋଦି ମଧ୍ୟ ଉପସ୍ଥିତ ଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରିଥିବା ସନ୍ଦେହ କରି ପଡୋଶୀ ଭାବେ ସେ ଏନେଇ ଥାନାରେ ଏତଲା ଦେଇଥିଲେ। ତେବେ ଝାରସୁଗୁଡ଼ା ବିଧାୟକଙ୍କ ଘରକୁ ଚୋର ଚୋରି କରିବାକୁ ପଶି କେବଳ ସିସିଟିଭି ଡିଭିଆର ନେବା ଚର୍ଚ୍ଚାର ବିଷୟ ହୋଇଛି।



ମାତ୍ର ୧୨ ହଜାର ଟଙ୍କାର ଡିଭିଆର ପାଇଁ ଚୋର ଆସିଥିଲା ନା ବିଧାୟକଙ୍କୁ ସାକ୍ଷାତ କରିବାକୁ ଆସୁଥିବା ଲୋକଙ୍କ ତଥ୍ୟ ଚୋରି କରିବା ପାଇଁ ଆସିଥିଲା, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡିଭିଆର୍‌ରେ ଏଭଳି କେଉଁ ଫୁଟେଜ ରହିଥିଲା, ଯାହା ଚୋରି ହେଲା ବୋଲି ଚର୍ଚ୍ଚ ହେଉଛି। ଝାରସୁଗୁଡ଼ା ସହରରୁ ବିଧାୟକଙ୍କ ଘରୁ ଚୋରି ହେବା ପରେ ସାଧାରଣ ଲୋକେ କେତେ ସୁରକ୍ଷିତ ଏବଂ ଆଇନ ସୁରକ୍ଷା ପରିସ୍ଥିତି କେତେ ଭଲ ତାହା ପଦାରେ ପଡିଛି। ତେବେ ପୁଲିସ ପାଇଁ ଚୋରକୁ ଖୋଜି ବାହାର କରିବା ଏକ ଚ୍ୟାଲେଞ୍ଜ ହୋଇଛି।

# ପଞ୍ଚପାଲି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ

ରିଆମାଳ,୩୧।୭ (ସମିସ): ଦେବଗଡ଼ ଜିଲ୍ଲାର ରିଆମାଳ ବ୍ଲକ୍ ଅଧୀନ ନୂଆଡିହି ପଞ୍ଚାୟତ ମୁଖ୍ୟାଳୟରେ ଥିବା ପଞ୍ଚପାଲି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଦ୍ୱିତୀୟ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତପନ ବେହେରାଙ୍କ ଆହ୍ୱାନକ୍ରମେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହିମା ପଟ୍ଟା ପୌରୋହିତ୍ୟ କରିଥିଲେ। ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅତିଥି ଅଧ୍ୟାପକ, ଅଧ୍ୟାପିକା ତଥା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଓମପ୍ରକାଶ ପ୍ରଧାନ ଓ ଅଧ୍ୟକ୍ଷ ସମସ୍ତଙ୍କୁ ସ୍ୱାଗତ ଜଣେଇ ବୈଠକର ଆଲୋଚ୍ୟ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଝସକେତନ ଭୋଇ, ରଶ୍ମୀପ୍ରିୟା ଗୌଡ, ବେଣୁଧର କାଲୋ, ଲଜିତା ପ୍ରଧାନ, ସୁଧାଂଶୁ ଶେଖର ନାୟକ, ଦିଲ୍ଲୀପ ନାୟକ, ଯୁଗଳ କିଶୋର କିଷାନ, ବାର୍ଥଲୋମୀ ଆଇନ୍ଦ ଓ ରେବତୀ ମୋହନ ବେହେରା ପ୍ରମୁଖ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଃସହାୟ ଶିଶୁମାନଙ୍କ ଆଧାର ପଞ୍ଜୀକରଣ ଶିବିର



ଝାରସୁଗୁଡ଼ା,୩୧।୭ (ସମିସ): ଜାତୀୟ ଆଇନ୍ ସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶ କ୍ରମେ ନିଃସହାୟ ଶିଶୁମାନଙ୍କ ପାଇଁ ଆଧାର ପଞ୍ଜୀକରଣ ଶିବିର ଗୁରୁବାର ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶରେ ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସଚିବ ଆଲୋକମୟୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଧାର ପଞ୍ଜୀକରଣ ହୋଇ ପାରି ନଥିବା ୧୫ ଜଣ ଶିଶୁ ମାନଙ୍କର ପଞ୍ଜୀକରଣ ପାଇଁ ଅନଲାଇନରେ ଆବେଦନ କରା ଯାଇଥିଲା। ପ୍ରକାଶ ଥାଉକି ଆଧାର କାର୍ଡ ନ ଥିବା ନିଃସହାୟ ଶିଶୁ ମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ସର୍ଭେ ଅଭିଯାନ ଝାରସୁଗୁଡ଼ା ଜିଲ୍ଲାରେ ପ୍ରାଧିକରଣ ଦ୍ୱାରା ଗତ ୨୬ ମେ'ରୁ ୨୬ ଜୁନ ପର୍ଯ୍ୟନ୍ତ ଚାଲିଥିଲା। ଚିହ୍ନଟ ହୋଇଥିବା ଶିଶୁ ମାନଙ୍କର ପଞ୍ଜୀକରଣ ପାଇଁ ଆବଶ୍ୟକ ଥିବା ଡକ୍ୟୁମେଣ୍ଟ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ତିଆରି କରାଯାଇଥିଲା। ଶିବିରକୁ ସଫଳ କରିବା ପାଇଁ ଜିଲ୍ଲା ଇ-ଗଭରନାନ୍ସ ପ୍ରବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଇ ଥିଲା।



# ପ୍ରଧାନଶିକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡ଼ା/କିର୍ମିରା,୩୧।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ବନ୍ଧପାଳି ପଞ୍ଚାୟତ ସିଆଲରମା ଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଧାରୀ ପଟେଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କିର୍ମିରା ଗୋଷ୍ଠୀ ଶିକ୍ଷାଧିକାରୀ ଜୟନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ସ୍କୁଲ ପରିସରରେ ସଭା ଆୟୋଜିତ ହୋଇଥିଲା। ଏଥିରେ ଗଞ୍ଜାମର ଅବସରପ୍ରାପ୍ତ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶୀଳ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଅଶୋକ ପଟେଲ, କୁବେର ଚୌଧୁରୀ, ବିଦେଶୀ ବେହେରା, ଗୁଣମଣୀ ପଟେଲ, କ୍ଷେତ୍ରପାଳ ନାଏକ, ଚୂଡାମଣୀ ନାଏକ, ମଧୁସୁଦନ ଅମାତ, ମୀରା ନାଏକ, ଭାରତୀ ପଟେଲ, ପିତାମ୍ବର ପୃଷେଠ, ସିମନ ବାରିକ, ମେହବୁବ ମହତାବ, ଡିଲେଶ୍ୱର ବାଗ ଓ କୁଞ୍ଜ ବିହାରୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଶିକ୍ଷୟିତ୍ରୀ ମୌସୁମୀ ଭୋଇ, ଅଧ୍ୟାପକ ଭରତ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ଅଞ୍ଜନ ପଟେଲ, ନିତ୍ୟାନନ୍ଦ ଜଗତ, ବୀଣାପାଣି ଜେନା, ବିଲାସିନୀ ଦଣ୍ଡପାଟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୁନୀଲ ପଟେଲ ପରିଚାଳନା କରିଥିଲେ। ସ୍କୁଲ କମିଟି ସଭାପତି ପ୍ରଶ୍ନ ନାଗ, ପଦ୍ମଲୋଚନ ବୁଡୁଲା ସହ କମିଟି ସଦସ୍ୟ ମାନସୀ ସ୍ୱାଇଁ, ଅହଲ୍ୟା ସ୍ୱାଇଁ, ସୁସ୍ମିତା ସ୍ୱାଇଁ, ସୁଷମା ନାଗ, ଅନିତା ନାଗ, ଗୀତାଞ୍ଜଳୀ ନାଗ, ସନ୍ତୋଷିନୀ ସ୍ୱାଇଁ, ବୁଦ୍ଧିମତୀ ଭୋଇ, ତେଜରାଜ ନାଗ, ଶିକ୍ଷକ ସୁରେନ୍ଦ୍ର ପଟେଲ, ଶିକ୍ଷୟିତ୍ରୀ ଆରତୀ ପଟେଲ, ପଦ୍ମିନୀ ଅଡ଼ା, ନିରୁପମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଜୀକରଣର ଜଟିଳତାକୁ ଚାଷୀଙ୍କ ବିରୋଧ

## ସମାଧାନ ନ ହେଲେ ରାସ୍ତାକୁ ଓହ୍ଲାଇବ ସଂଗଠନ

ଝାରସୁଗୁଡ଼ା,୩୧।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା କୃଷକ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ଜଟିଳ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ଗୁରୁବାର ତୀବ୍ର ବିରୋଧ କରାଯାଇଛି। ଏନେଇ ଆଜି ଝାରସୁଗୁଡାର ଏକ ଘରୋଇ ହୋଟେଲରେ ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ନିର୍ଦ୍ଦେଶକୁ ଜିଲ୍ଲା କୃଷକ ସଂଗଠନ ବିରୋଧ କରିଛି। ନକଲି ଚାଷୀ ଓ ଦଲାଲମାନଙ୍କୁ ରୋକିବାକୁ ରାଜ୍ୟ ସରକାର ଇ-କେୱାଇସି ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କ ପାଇଁ ବ୍ୟବସ୍ଥା ସରଳୀକରଣ ହୋଇଛି ବୋଲି ଯୋଗାଣ ମନ୍ତ୍ରୀ ପାତ୍ର କହିଥିବା ବେଳେ ଏହି ପ୍ରକ୍ରିୟାକୁ ଜିଲ୍ଲା କୃଷକ ସଂଗଠନ ଦୃଢ଼ ବିରୋଧ କରିଛି। ନିଜ ନାମରେ ଜମି ନଥିଲେ ପଞ୍ଜୀକରଣରୁ ବଞ୍ଚିତ ହେବେ ଚାଷୀ। ଏପରିକି ପଞ୍ଜୀକରଣ କରିବା ପାଇଁ ଲେଗାଲ ହେୟାର୍ ସାର୍ଟିଫିକେଟ ସହ ବଂଶାବଳୀରେ ନାମଥିବା ସମସ୍ତଙ୍କ ସ୍ୱୀକାରୋକ୍ତି ପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ରହଛି। ନୂଆ ନିୟମ ଅନୁସାରେ ଏକ ଜମିପଟ୍ଟାରେ ଅଂଶୀଦାର ମାନେ ବ୍ୟକ୍ତିଗତ ଭାବେ ସମବାୟ ସମିତି କାର୍ଯ୍ୟାଳୟରେ ହଜାର ହୋଇ ସେଲ୍ଫ ଡିକ୍ଲାରେସନ ଦେବାକୁ ବାଧ୍ୟ। ଅନ୍ୟପଟେ ଜୁଲାଇ ୨୦ ତାରିଖରୁ ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ କରିପାରିବେ ବୋଲି ସରକାରଙ୍କ ନିର୍ଦ୍ଦେଶ ଥିବାରୁ ଜିଲ୍ଲା କୃଷକ ସଂଗଠନ ଅସନ୍ତୋଷ ପ୍ରକଟ କରିଛି। ଚାଷୀଙ୍କୁ ବିଭିନ୍ନ ଲୋଭ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ବର୍ତ୍ତମାନ ଚାଷୀଙ୍କ ଠାରୁ ଧାନ କଟନୀ ଛଟନୀ କରିବାକୁ ଚକ୍ରାନ୍ତ ଚଳାଇଛି ବୋଲି ଅଭିଯୋଗ କରିଛି ସଂଗଠନ। ଏନେଇ ସଂଗଠନ ଆଜି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛି। ଆସନ୍ତା ୧୦ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନହେଲେ ଜିଲ୍ଲା କୃଷକ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କୃଷକ ସଂଗଠନ ସଭାପତି ଦୀଳିପ ବଡ଼େଇ, ସମ୍ପାଦକ ସୁରେନ୍ଦ୍ର ସାହୁ, ବିରଞ୍ଚି ସାହୁ ପ୍ରମୁଖଙ୍କ ସହ ବିଭିନ୍ନ ବ୍ଲକ୍‌ର ଚାଷୀ ନେତା ଉପସ୍ଥିତ ଥିଲେ।




# ତିନି ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରିଆମାଳ,୩୧।୭ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ରିଆମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ତିନି ଜଣ ପ୍ରାଧ୍ୟାପକଙ୍କୁ ଭାବ ବିହ୍ୱଳ ପରିବେଶରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧ୍ୟକ୍ଷ ନିହାରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଜିର ସଭାରେ ବରିଷ୍ଠ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଫକୀରମୋହନ ପ୍ରଧାନ, ଅର୍ଥନୀତି ଅଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କୁ ଅବସରକାଳୀନ ବିଦାୟ ଦିଆଯାଇ ଥିଲା। ପୁଣି ଓଡ଼ିଆ ପ୍ରାଧ୍ୟାପକ ଅରୁଣ ବେହେରାଙ୍କ ଅନ୍ୟତ୍ର ବଦଳି ହୋଇ ଥିବାରୁ ତାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ବିଦ୍ୟାଳୟଟି ଆରମ୍ଭ ହେବା ଦିନ ଠାରୁ ଏହି ତିନି ଜଣ ଶିକ୍ଷା ପ୍ରଦାନ କରି ଆସିଥିଲେ। ଦୀର୍ଘ ୩୫ ବର୍ଷ ଧରି ପାଠ ପଢ଼ାଇ ଆସିଥିବା ତିନି ଜଣଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧ୍ୟାପିକା ସବିତା ପ୍ରଧାନ ସଭା ପରିଚାଳନା କରି ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ଛାତ୍ରୀ ସୋନାଲି ନାୟକ, ପ୍ରିୟଙ୍କା ନାୟକ, ଶିଖା ସାହୁ, ନମିତା ତଣ୍ଡ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦାୟୀ ପ୍ରାଧ୍ୟାପକଙ୍କୁ ପୁଷ୍ପମାଳା, ଫୁଲତୋଡା, ଉପଢୌକନ ସହ ଉପହାର ପ୍ରଦାନ କରାଯାଥିଲା। ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଫକୀରମୋହନ ସାହୁ, ଗଣିତ ଅଧ୍ୟାପକ ବେଣୁଧର ସାହୁ ମଞ୍ଚାସୀନ ଥିଲେ। ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ପଦ୍ମଚରଣ ମାଝୀ, ଅଧ୍ୟାପିକା ମମତାବାଳା ବେହେରା, ଖେଳ ଶିକ୍ଷକ କୃଷ୍ଣଚନ୍ଦ୍ର ଜିତ୍, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଶ୍ରାବଣୀ ପ୍ରଧାନ, ଅଧ୍ୟାପିକା ପ୍ରଜ୍ଞା ପରିମିତା ଗଡନାୟକ, ବାଣିଜ୍ୟ ଅଧ୍ୟାପକ ମାନସ ମହାକୁଳ, ଖେଳ ଶିକ୍ଷୟତ୍ରୀ ସୁପ୍ରିୟା ଗଡନାୟକ, ଧିରେନ ସାହୁ, କୌଶିକ ପ୍ରଧାନ, ଗଣେଶ୍ୱର ବିଶ୍ୱାଳ, ଭକ୍ତବନ୍ଧୁ ବିଶ୍ୱାଳ ସମେତ ସମସ୍ତ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

# ଆମ୍ବୁଲାନ୍ସ ପାଇଁ ଉନ୍ନୟନ ପାଣ୍ଠିରୁ ଅର୍ଥ ଯୋଗାଇଲେ ବିଧାୟକ

ଦେବଗଡ଼,୩୧।୭ (ସମିସ): ଦେବଗଡ଼ ଜିଲ୍ଲାର ନୂଆବାଲିରୋଇ ମୌଜାରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତରିତ ହୋଇଛି। କିନ୍ତୁ ଏହି ସ୍ଥାନାନ୍ତରଣ ପରେ ଦୂରତା, ସୁରକ୍ଷାକୁ ନେଇ ଅନେକ ସମସ୍ୟା କାରଣରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦୂରତା ୫ କିମି ହୋଇଥିବା ବେଳେ ସେଠାକୁ ଯିବା ଆସିବା ପାଇଁ ଜନସାଧାରଣ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଣୁ ସବୁ ଶ୍ରେଣୀରୁ ବିରୋଧାଭାଷ ପ୍ରକାଶ ପାଇଛି। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଗୁରୁତର ରୋଗୀ ଯିବା ନିମନ୍ତେ କୌଣସି ସୁବିଧା ନାହିଁ। ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଧାୟକ ଉନ୍ନୟନ ପାଣ୍ଠିରୁ ଆମ୍ବୁଲାନ୍ସ ପାଇଁ ଅର୍ଥ ଯୋଗାଇ ଦେଇଛନ୍ତି। ଏନେଇ ବିଧାୟକ ଶ୍ରୀ ବିଶ୍ୱାଳ ଜିଲ୍ଲାପାଳ କବୀନ୍ଦ୍ର ସାହୁଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ଏହି ଅର୍ଥରେ ତୁରନ୍ତ ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ଆଣି ଲୋକଙ୍କ ସୁବିଧା ନିମନ୍ତେ ପୁରୁଣା ଡାକ୍ତରଖାନାରେ ରଖିବା ପାଇଁ ବିଧାୟକ ଶ୍ରୀ ବିଶ୍ୱାଳ ଅନୁରୋଧ କରିଛନ୍ତି। କୌଣସି ରୋଗୀ ଯଦି ପୁରୁଣା ଡାକ୍ତରଖାନାକୁ ଆସନ୍ତି ତାଙ୍କୁ ତୁରନ୍ତ ନୂତନ ଡାକ୍ତରଖାନାକୁ ନେବା ନିମନ୍ତେ ଏହି ଆମ୍ବୁଲାନ୍ସ ସହାୟକ ହେବ ବୋଲି ବିଧାୟକ ଆଶା ପୋଷଣ କରିଛନ୍ତି।

# ଡିଏଭିର ସ୍କୁଲ କ୍ୟାବିନେଟ୍ ନିର୍ବାଚନ ଫଳାଫଳ ଘୋଷଣା




ବନ୍ଧବାହାଲ/ଝାରସୁଗୁଡ଼ା,୩୧।୭ (ସମିସ): ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଏଭି ପବ୍ଲିକ ସ୍କୁଲ ପରିସରରେ 'ସ୍କୁଲ କ୍ୟାବିନେଟ୍ ନିର୍ବାଚନ' ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଗଣତାନ୍ତ୍ରିକ ପ୍ରକ୍ରିୟାରେ ଛାତ୍ରଛାତ୍ରୀ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ଏ ନେଇ ବିଦ୍ୟାଳୟ ପରିସରରେ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଥିଲା। ଛାତ୍ରଛାତ୍ରୀ ବ୍ୟାଲଟ ପେପର ମାଧ୍ୟମରେ ଗୋପନୀୟ ଭାବେ ନିଜ ନିଜ ମତ ସାବ୍ୟସ୍ତ କରିଥିଲେ। ଏହି ପ୍ରକ୍ରିୟା ଦ୍ୱାରା ଛାତ୍ରଛାତ୍ରୀ ଆମର ଗଣତାନ୍ତ୍ରିକ ନିର୍ବାଚନ ପଦ୍ଧତି ବିଷୟରେ ପ୍ରାରମ୍ଭିକ ଜ୍ଞାନ ଅର୍ଜନ କରିବାର ସୁଯୋଗ ପାଇଥିଲେ। ଇଂରାଜୀ ବିଭାଗ ମୁଖ୍ୟ ଭଜମନ ଗଡତିଆ, ସୁବ୍ରତ ମିଶ୍ର ଏବଂ ଭୂଗୋଳ ବିଭାଗ ମୁଖ୍ୟ ସମରେନ୍ଦ୍ର ଦାଶ ମତଦାନ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ଛାତ୍ର ପ୍ରତିନିଧି ପ୍ରାର୍ଥୀ ଭାବେ ଅଶ୍ୱିନୀ ରାଉତ, ହରେଶ ଅଗ୍ରୱାଲ, ଦେବଜ୍ୟୋତି ମହାପାତ୍ର ଏବଂ ଆଦିତ୍ୟ ପାଢ଼ୀ, ଉପ ପ୍ରତିନିଧି ପ୍ରାର୍ଥୀ ଭାବେ ଓମ୍ ସାଇଶଙ୍କର ପୃଷ୍ଟି, ଓମ୍ ପ୍ରକାଶ ମାକର, ନିଖିଳ ସାହୁ ଏବଂ ଈଶାନ୍ତ ମିଶ୍ର ପ୍ରତିଦ୍ୱନ୍ଦିତା କରିଥିଲେ। ସେହିପରି ଛାତ୍ରୀ ପ୍ରତିନିଧି ପ୍ରାର୍ଥୀ ଭାବେ ମନ୍ଦିରା ଜେଟୱାର, ସାଇ ଲକ୍ଷ୍ମୀ ମଲ୍ଲିକ, ମାନ୍ୟତା କୁମାରୀ, ଦେବଜାନୀ ବେହେରା ଏବଂ ଛାତ୍ରୀ ଉପ ପ୍ରତିନିଧି ପ୍ରାର୍ଥୀ ଭାବେ ରାଜେଶ୍ୱରୀ ଲେଙ୍କା, ପରୀ ଠାକୁର, ହର୍ଷିକା ପାଣ୍ଡେ ଏବଂ ବିଜିତା ପଟ୍ଟନାୟକ ପ୍ରତିଦ୍ୱନ୍ଦିତା କରିଥିଲେ। ଆଜି ଏହାର ଫଳାଫଳ ଘୋଷଣା କରି ନିର୍ବାଚିତ ପ୍ରତିନିଧିମାନଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ଛାତ୍ର ପ୍ରତିନିଧି ରୂପେ ଆଦିତ୍ୟ ପାଢ଼ୀ, ଉପ ପ୍ରତିନିଧି ଭାବେ ଓମ୍ ସାଇଶଙ୍କର ପୃଷ୍ଟି, ସେଭଳି ଛାତ୍ରୀ ପ୍ରତିନିଧି ରୂପେ ସାଇଲକ୍ଷ୍ମୀ ମଲ୍ଲିକ ଓ ଛାତ୍ରୀ ଉପ ପ୍ରତିନିଧି ଭାବେ ପରୀ ଠାକୁର ନିର୍ବାଚିତ ହୋଇଛନ୍ତି।

## ଅସହାୟ ପରିବାର ନିକଟରେ ପହଞ୍ଚିଲେ ବିଧାୟକ

# ବାପ ଛେଉଣ୍ଡ ଦୁଇ ଶିଶୁ ପୁତ୍ର ଓ ମା'ଙ୍କୁ ଥଇଥାନ

ଦେବଗଡ଼/ରିଆମାଳ,୩୧।୭ (ସମିସ)

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ କୁଣ୍ଢେଇଗୋଲା ପଞ୍ଚାୟତ ଅଧୀନ କୁରଡପଶି ଗାଁର ଅସହାୟ ପରିବାର ନିକଟରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ପହଞ୍ଚି ସମସ୍ୟା ବାବଦରେ ବୁଝିବା ଘଟଣାରେ ୨୪ ଘଣ୍ଟା ମଧ୍ୟରେ ସେବା ଯୋଗାଇଛନ୍ତି। ବାପ ଛେଉଣ୍ଡ ଦୁଇ ଶିଶୁ ପୁତ୍ର ଓ ସେମାନଙ୍କ ମା'ଙ୍କୁ ଥଇଥାନ କରିଛନ୍ତି। ତିନି ଜଣଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ଦ୍ୱାରା ସପୋର୍ଟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶକ୍ତି ସଦନ ଆନୁଷ୍ଠାନିକ ଯତ୍ନ ମଧ୍ୟରେ ଥଇଥାନ କରାଯାଇଛି।



ଗତ ରବିବାର ବିଧାୟକ ଓ ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ରିଆମାଳ ବ୍ଲକ୍‌ର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ପାଇଁ ଗସ୍ତ କରିଥିଲେ। ଏହି ସମୟରେ କୁଣ୍ଢେଇଗୋଲା ପଞ୍ଚାୟତର କୁରଡୋପଶି ଗାଁ ନିକଟସ୍ଥ ଜଙ୍ଗଲରେ ଏକ ବିଧବା ମା' ସହ ଦୁଇ ଜଣ ଶିଶୁ ଏକ ଭଙ୍ଗା ଦଦରା କୁଡିଆରେ ଅତି ଦୁସ୍ଥ ସ୍ଥିତିରେ ରହୁଥିବା ସୂଚନା ପାଇଥିଲେ। ବିଧାୟକ ତୁରନ୍ତ ଜଙ୍ଗଲି ରାସ୍ତାରେ ଚାଲି ଚାଲି କୁଡିଆ ପାଖରେ ପହଞ୍ଚିଥିଲେ। ସେଠାରେ ସରକାରୀ ଯୋଜନାରୁ ବଞ୍ଚିତ ବିଧବା ମା' ପଦ୍ମିନୀ ପେଣ୍ଢେଇ ତାଙ୍କ ଦୁଇ ନାବାଳକ ଶିଶୁ କାହ୍ନ (୪ ବର୍ଷ) ଓ ସୁଦାମ (୬ ବର୍ଷ)ଙ୍କୁ ଧରି ଭଙ୍ଗା କୁଡିଆରେ ରହୁଥିବା ଦେଖିଥିଲେ। ବର୍ଷା ଯୋଗୁଁ କୁଡିଆଟି ଅର୍ଦ୍ଧ ଭଗ୍ନ ହୋଇଯାଇଥିବା ବେଳେ ଦୁଇ ଶିଶୁ ମଧ୍ୟ ଏ ପର୍ଯ୍ୟନ୍ତ ଅଙ୍ଗନବାଡି ଦେଖି ନଥିବା ଜାଣିବାକୁ ପାଇଥିଲେ। ଘରେ ବିଜୁଳି, ରାସନ କିଛି ରହି ନଥିଲା। ପଦ୍ମିନୀ ଦିନ ମଜୁରିଆ ଭାବେ କାମ କରି ପିଲାଙ୍କ ପେଟ ପୋଷୁଛନ୍ତି। କାମ କରିବା ବେଳେ ଦୁଇ ଶିଶୁ ପୁତ୍ରଙ୍କୁ ସାଙ୍ଗରେ ନେଇଥାନ୍ତି। କିଛି ବର୍ଷ ତଳେ କେତକ ଲୋକ ତାଙ୍କ ସ୍ୱାମୀ କିଶୋରୀ ନାୟକକୁ କୌଣସି କାରଣ ବଶତଃ ପିଟି ପିଟି ମାରି ଦେଇଥିଲେ। ସେହିଦିନଠୁ ପିଲାଙ୍କୁ ଧରି କୋରଡପଶି ଗାଁ ପାଖ ଜଙ୍ଗଲରେ ଏକ କୁଡିଆ ତିଆରି କରି ପଦ୍ମିନୀ ରହି ଆସୁଛନ୍ତି। ବିଧାୟକ ଶ୍ରୀ ବିଶ୍ୱାଳ ଅସହାୟ ମହିଳା ପଦ୍ମିନୀଙ୍କ ଦୁଃଖ ବୃତ୍ତାନ୍ତ ଶୁଣିବା ପରେ ମା' ଓ ଦୁଇ ଶିଶୁଙ୍କୁ ନିଜ ଗାଡିରେ ବସାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନଙ୍କ ସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟଳୟରେ ପହଞ୍ଚିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ମହାପାତ୍ର ଘଟଣାର ସମୀକ୍ଷା କରି ମହିଳା ଜଣକ ମାନସିକ ସ୍ତରରେ ସାମାନ୍ୟ ଅସୁସ୍ଥ ଓ ବର୍ତ୍ତମାନ ସ୍ଥିତିରେ ପିଲାଙ୍କୁ ଉପଯୁକ୍ତ ଲାଳନ ପାଳନ କରିବା ପାଇଁ ଅସମର୍ଥ ଥିବା ଜାଣିବାକୁ ପାଇଥିଲେ।

ଅନ୍ୟପକ୍ଷରେ ମା' କୁ ଛାଡି ଶିଶୁ ଆଶ୍ରୟ ଗୃହରେ ରହିବା ପାଇଁ ଶିଶୁ ଦ୍ୱୟ ଅରାଜି ହେବାରୁ ମା ଓ ଶିଶୁ ଦ୍ୱୟଙ୍କୁ ସପୋର୍ଟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶକ୍ତି ସଦନରେ ଥଇଥାନ କରାଗଲା। ପାଖ ଅଙ୍ଗନବାଡି କେନ୍ଦ୍ରରେ ପିଲାଙ୍କ ନାମ ଲେଖାଯିବା ସହ ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଡା ଯିବ ବୋଲି ଅଧିକାରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ସେପଟେ ବିଧାୟକ ଶ୍ରୀ ବିଶ୍ୱାଳ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଏହି ପରିବାର ପାଇଁ ସ୍ଥାୟୀ ଘର ଖଣ୍ଡିଏ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧

ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ। ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି।

ସକାଳ THE SAKALA



www. sakalaepaper.com

## ଇସ୍ପାତ କାରଖାନାର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ
# ସାଢ଼େ ୭ ହଜାର କୋଟି ଟଙ୍କା ବିନିଯୋଗ କରିବ 'ସେଲ୍'

**ରାଉରକେଲା, ୩୧।୭(ସମିସ):** କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଦେଶର ସର୍ବାଧିକ ଇସ୍ପାତ ନିର୍ମାଣକାରୀ ସଂସ୍ଥା 'ସେଲ' ଆର୍ଥିକବର୍ଷ ୨୦୨୬ରେ ୭୫୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛି, ଯାହା ଗତ ୨୦୨୫ ଆର୍ଥିକ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ ବୋଲି ସେଲ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ମୁତାବକ ୨୦୨୩ ମସିହା ସୁଦ୍ଧା ସେଲ ଏହାର ସାମଗ୍ରିକ ଇସ୍ପାତ କାରଖାନାଗୁଡିକର ସମ୍ପ୍ରସାରଣ କରି ଏଥିରେ ଉତ୍ପାଦନ କ୍ଷମତାକୁ ୩୫ ନିୟୁତ ଟନ୍ କରିବାକୁ ଯୋଜନା କରିଛି। ବିଶେଷକରି ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗରେ ରହିଥିବା ୫ଟି ସମନ୍ୱିତ ଇସ୍ପାତ କାରଖାନାଗୁଡିକର ସମ୍ପ୍ରସାରଣ କରି ଏହାର ଉତ୍ପାଦନ କ୍ଷମତା ୨୦ ନିୟୁତ ଟନ୍‌କୁ ବୃଦ୍ଧି କରିବାସହ ଏଥିପାଇଁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବ୍ୟୟ କରିବ ବୋଲି ସୂଚନା ମିଳିଛି। ଏନେଇ ସେଲ୍ ନିର୍ଦ୍ଦେଶକ(ଅର୍ଥ) ଅଶୋକ କୁମାର ପଣ୍ଡା କହିଛନ୍ତି ଗତବର୍ଷ ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧିପାଇଁ ସେଲ ପ୍ରାୟ ୬ ହଜାର କୋଟି ଟଙ୍କା ପୁଞ୍ଜି ନିବେଶ କରିଥିଲାବେଳେ ଚଳିତଆର୍ଥିକ ବର୍ଷରେ ଆମେ ସାରାବର୍ଷ ସାଢେ ୭ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କମ୍ପାନୀର ନିବେଶ ଯୋଜନା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ପିଟିଆଇକୁ ଶ୍ରୀ ପଣ୍ଡା କହିଛନ୍ତି।

**ଉପଖଣ୍ଡ ଚିକିତ୍ସାଳୟରେ ଅଜବ ଚିକିତ୍ସା**

# ଜ୍ୱର ରୋଗୀଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ



**ବଣାଇଁ,୩୧।୭(ସମିସ):** ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ପୁଣି ଦେଖିବାକୁ ମିଳିଛି ଏକ ବିଚିତ୍ର ଘଟଣା। ଡାକ୍ତର ଜ୍ୱର ବଦଳରେ ଏକ ୪ ବର୍ଷର ଶିଶୁକୁ କୁକୁର କାମୁଡ଼ା ଇଞ୍ଜେକସନ ଦେଇଥିବାଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବଣାଇ ସଦର ଜଗନ୍ନାଥପୁର ବସ୍ତିର ଚିନ୍ମୟୀ ଜେନାଙ୍କ ୪ ବର୍ଷର ଶିଶୁକୁ ୨୯ ତାରିଖ ଦିନ କୌଣସି ପୋକ କାମୁଡ଼ି ଦେବାରୁ ଶିଶୁର ଦେହ କୁଣ୍ଡାଇ ହେବାସହ ଜ୍ୱର ହୋଇଥିଲା। ଫଳରେ ସେମାନେ ବଣାଇ ଡାକ୍ତରଖାନାକୁ ଆଣିଥିଲେ। ଶିଶୁ ଚିକିତ୍ସକ ଲିକିତାନ୍ଦ ମହାପାତ୍ର ତାଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଲେଖି ଦେଇଥିଲେ। ସରକାରୀ ଔଷଧ ବିତରଣ କେନ୍ଦ୍ରକୁ ଗଲାବେଳେ କୁକୁର କାମୁଡ଼ିଛି କି ବୋଲି ମେଡିସିନ ଦାୟିତ୍ୱରେ ଥିବା କର୍ମଚାରୀ ପଚାରିବାରୁ ସେ ମନା କରିଥିଲେ ମଧ ତାଙ୍କୁ କୁକୁର କାମୁଡା ଇଞ୍ଜେକ୍ସନ ଦେଇଥିଲେ। ଡାକ୍ତରଙ୍କୁ ରୋଗୀଙ୍କ ପରିବାର ପଚାରିବାକୁ ଯାଇଥିବାବେଳେ ଡାକ୍ତର ପୂର୍ବରୁ ଦେଇଥିବା ଔଷଧ ଚିଠା ଚିରି ଦେଇଥିଲେ ଏବଂ ନୂଆ ଚିଠା ଲେଖି ଦେଇଥିଲେ ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି। କୁକୁର କାମୁଡି ନ ଥିବା ସତ୍ତ୍ୱେ କିପରି ତାଙ୍କୁ କୁକୁର କାମୁଡ଼ା ଇଞ୍ଜେକସନ ଦିଆଗଲା। ଘଟଣା ବାବଦରେ ଖବର ପାଇ ଦାୟିତ୍ୱରେ ଥିବା ଜିଲ୍ଲା ଚିକିତ୍ସାଧିକାରୀ ଶୁଭାଶିଷ ମହାରଣା ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଶିଶୁ ସମେତ ପରିବାର ଲୋକ ଓ ଅଭିଯୋଗ ହୋଇଥିବା ଡାକ୍ତର ଲିକିତାନ୍ଦ ମହାପାତ୍ରଙ୍କୁ ଡାକି ତଦନ୍ତ କରିଥିଲେ। ଚିକିତ୍ସାରେ କୌଣସି ବ୍ୟତିକ୍ରମ ହୋଇ ନ ଥିବା କହିବା ସହ ସମସ୍ତ ଘଟଣାକୁ ଖଣ୍ଡନ କରିଥିଲେ। ତଦନ୍ତ ପରେ ଦୋଷୀ ଡାକ୍ତରଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଅନ୍ୟ ଏକ ସ୍ଥାନକୁ ଡେପୁଟେସନରେ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

# ଡାଲମିଆ ମହାବିଦ୍ୟାଳୟରେ ବନମହୋତ୍ସବ




**କୁତ୍ରା,୩୧।୭(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ଝାରବେଡ଼ାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ଗୁରୁବାର ବନମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ "ଗୋଟିଏ ବୃକ୍ଷ ମାଆଙ୍କ ନାଁରେ-୨.୦ ଅବସରରେ ବିଦ୍ୟାଳୟଅଧ୍ୟକ୍ଷ ଡ.ଜିତେନ୍ଦ୍ର କୁମାର ପଟେଲ, ଲକ୍ଷ୍ମୀ କଲ୍ୟାଣ ପାଇକରାୟ, ପଙ୍କଜିନୀ ପଟେଲ, ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଏନ୍‌ସିସି ଛାତ୍ରଛାତ୍ରୀ, ଏନ୍‌ଏସ୍‌ଏସ୍ ଓ ୱାଇଆରସିର ଛାତ୍ରଛାତ୍ରୀଗଣ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ସରୋଜ କେରକେଟା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଅନେକ ଉପାଦେୟ ମନ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ-ଅଧ୍ୟାପିକା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ।

# ଆଦର୍ଶ ପାଠାଗାର ସଦସ୍ୟଙ୍କ ଶପଥ ପାଠ



**ରାଉରକେଲା, ୩୧।୭(ସମିସ):** ସହରର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ଆଦର୍ଶ ପାଠାଗାରର ନବ ନିର୍ବାଚିତ ସଦସ୍ୟଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ବାଉରୀବନ୍ଧୁ ସାହୁ, ଉପଦେଷ୍ଟା ଇଂ ଅଭୟ କୁମାର ଦାସ ଓ ଡାକ୍ତର ଉତ୍ତମଚରଣ ଜେନା ନବ ନିର୍ବାଚିତ ସଦସ୍ୟଙ୍କୁ ଶପଥପାଠ କରାଇଥିଲେ। ଏହି କ୍ରମରେ ସଭାପତି ଭାବେ ରାଧାକାନ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ଡ. ସନାତନ ପ୍ରଧାନ, ଉପସଭାପତି ଭାବେ ଗଙ୍ଗାଧର ଦାଶ ଓ ଡ.ଜୟନ୍ତୀ କୁମାରୀ ପାଢ଼ୀ, ସାଧାରଣ ସମ୍ପାଦକ ଭାବେ ସୁକାନ୍ତଚନ୍ଦ୍ର ଖୁଣ୍ଟିଆ, ସହସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ପାତ୍ର, ସମ୍ପାଦକ ଭାବେ କରୁଣାକର ପାଟଶାଣୀ ଓ ପଞ୍ଚାନନ ପାତ୍ର, କୋଷାଧ୍ୟକ୍ଷ ଭାବେ ପର୍ଶୁରାମ ପଟ୍ଟନାୟକ, ମୁଖପାତ୍ର ଭାବେ କୁଞ୍ଜବିହାରୀ ରାଉତ, ମୁଖ୍ୟ ଗ୍ରନ୍ଥାଗାରିକ ଭାବେ ଟୁକୁଲା ପାଢ଼ୀ, ଗ୍ରନ୍ଥାଗାରିକ ଭାବେ ଅଟମ ରଥ ଓ ଦୀନବନ୍ଧୁ ରଥ ଶପଥପାଠ କରିଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଦୀପ କୁମାର ପଟ୍ଟନାୟକ, ରାଜେନ୍ଦ୍ର ନାୟକ, ଜ୍ୟୋତି ରଞ୍ଜନ ମହାପାତ୍ର, ବିମଳ କୁମାର ସାହୁ, ଅମରେନ୍ଦ୍ର କୁମାର ପାଢ଼ୀ, ନାରାୟଣ ବେହେରା, ବିନୋଦ କୁମାର ତନ୍ତୀ, ପ୍ରଦୀପ୍ତ ପଟ୍ଟନାୟକ, ବିଭୁତିଭୁଷଣ ବିଶ୍ୱାଳ, ବିଲୋଚନ ପାତ୍ର ପ୍ରମୁଖ ଶପଥପାଠ କରିଥିଲେ। ପ୍ରାରମ୍ଭରେ ପ୍ରାକ୍ତନ ସଭାପତି ଚନ୍ଦ୍ରଶେଖର ଶତପଥୀ ବିଦାୟୀ ସଭାପତିତ୍ୱ ଅଭିଭାଷଣରେ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେବାସହ ଆଗାମୀ ଦିନରେ ଅନୁଷ୍ଠାନକୁ ବଳିଷ୍ଠ କରିବା ପାଇଁ ସହଯୋଗ ବଜାୟ ରଖିବେ ବୋଲି କହିଥିଲେ। ସାଧାରଣ ସମ୍ପାଦକ ଶ୍ରୀ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିବାବେଳେ ସହସାଧାରଣ ସମ୍ପାଦକ ଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡାକ୍ତର ବସନ୍ତ କୁମାର ଦାସ ଉପସ୍ଥିତ ଥିଲେ। ପାଠାଗାରର ଉପଦେଷ୍ଟା ଭାବେ ଅଭୟ କୁମାର ଦାସ, ଡା. ଉତ୍ତମ ଚରଣ ଜେନା, ବିଷ୍ଣୁ ଚରଣ ମହାନ୍ତି, ଚନ୍ଦ୍ରଶେଖର ଶତପଥୀ ଓ ସର୍ବପୁରାତନ ସଭ୍ୟ ବାଉରୀବନ୍ଧୁ ସାହୁ ମନୋନୀତ ହୋଇଥିବା ଜଣାପଡ଼ିଛି।

# ଏନ୍‌ପିଏମ୍ ଓ ଏସ୍‌ପିପି ବିଭାଗ ଦ୍ୱାରା ଫୁଟବଲ୍ ମ୍ୟାଚ୍

**ରାଉରକେଲା, ୩୧।୭(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା ଅଧୀନ ନୂତନ ପ୍ଲେଟ୍ ମିଲ୍ (ଏନପିଏମ) ଏବଂ ସ୍ୱତନ୍ତ୍ର ପ୍ଲେଟ୍ ପ୍ଲାଣ୍ଟ (ଏସପିପି) ର ଅଧିକାରୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଜୁଲାଇ ଆୟୋଜିତ ହୋଇଥିଲା। ଏହି ମ୍ୟାଚରେ ଅଧିକାରୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍ ଦୁଇଟି ଦଳ ଯଥାକ୍ରମେ ଟିମ୍ ୱାନ୍ ମିଲିୟନ୍ ଟନ୍ ଏବଂ ଟିମ୍ ନିୟର୍ ମିସ୍ ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଯାହାର ନେତୃତ୍ୱ ଏନପିଏମ ଓ ଏସପିପି ବିଭାଗର ସିଜିଏମ ଆର. କେ. ବିସାରେ ଏବଂ ଏସପିପି ବିଭାଗର ଜିଏମ ପି.କେ ପାଢ଼ୀ କରିଥିଲେ। ଏନ୍‌ପିଏମ୍ ବିଭାଗର ଜିଏମ ଏସ୍. ସୁଧାକର, ଏଜିଏମ ଆର. ନବୀନ, ସିନିୟର ମ୍ୟାନେଜର ଏମ୍. ପି. ପ୍ରସାଦ ଏବଂ ଅଭିଜିତ ପଟ୍ଟନାୟକ ଯୁଗ୍ମ ଭାବରେ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଏସ୍. ଗୌଡ଼ ନିୟର ମିସ୍ ଟିମ୍ ପକ୍ଷରୁ ଶ୍ରେଷ୍ଠ ଗୋଲକିପର ଘୋଷିତ ହୋଇଥିଲେ। ଏନ୍‌ପିଏମ୍ ବିଭାଗର ଏଜିଏମ କେ. ସି ମହାନ୍ତି, ଅଭିଜିତ ପଟ୍ଟନାୟକ ଏବଂ ସୁମନ କୁମାର ସଂଯୋଜନା କରିଥିଲେ। ଏନପିଏମ ଓ ଏସପିପି ବିଭାଗର ଏଏସଓ ସୁମନ କୁମାର ଏବଂ ପି.ନାଥ ମ୍ୟାଚ୍‌ର ପରିଚାଳନା କରିଥିଲେ।

# ୨ରୁ 'ଏକତ୍ର'ର ଏକକ ଅଭିନୟ ନାଟକ

**ରାଉରକେଲା,୩୧।୭(ସମିସ):** ରାଉରକେଲା 'ଏକତ୍ର'ର ଦୁଇଦିନିଆ ଏକକ ନାଟକ ଉତ୍ସବ ଆସନ୍ତା ୨ ଓ ୩ ତାରିଖ ଦିନ ସ୍ଥାନୀୟ ସିଭିକସେଣ୍ଟର୍ ଠାରେ ଅନୁଷ୍ଠିତ ହେବ। ଏନେଇ ସେକ୍ଟର - ୬ ସ୍ଥିତ ଇସ୍ପାତ ସରୋବରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏକତ୍ରର ସଭାପତି ରାଜୀବ ପାଣି, ଉପସଭାପତି ବିଲୋଚନ ପାତ୍ର ଓ ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ପ୍ରମୁଖ ସୂଚନା ଦେଇ କହିଲେ ଯେ ଆସନ୍ତା ୨ ତାରିଖ ଦିନ ଅପରାହ୍ନ ୩ ଘଟିକା ସମୟରେ ୩୦ ବର୍ଷରୁ କମ ଅଭିନେତା ଅଭିନେତ୍ରୀମାନେ ଅଭିନୟ ପ୍ରଦର୍ଶନ କରିବେ। ସମସ୍ତ ଅଭିନେତାଙ୍କୁ ୭ ମିନିଟ ରୁ ୧୦ ମିନିଟ ସମୟ ଦିଆଯିବ। ସେହିପରି ୩ ତାରିଖ ଦିନ ୩୦ ବର୍ଷରୁ ଉର୍ଦ୍ଧର କଳାକାରମାନେ ଅଭିନୟ କରିବେ। ଏଥିପାଇଁ କଳାକାରଙ୍କୁ ୩ଟି ବିଭାଗ କୋଏଲ, ଶଙ୍ଖ ଓ ସରସ୍?ତୀ ଭାବେ ନାମିତ କରାଯାଇଛି। ଏହି ଅଭିନୟ ପରାକାଷ୍ଠା ସଂଳାପ ସହ ଅବା ସଂଳାପ ବିହୀନ ହୋଇପାରେ। ଏହି ପ୍ରତିଯୋଗିତାରେ ୩ଜଣ ବିଚାରକ ମଣ୍ଡଳୀଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରଥମ ସ୍ଥାନ ଅଧିକାର କରିଥିବା କଳାକାରଙ୍କୁ ୩ ହଜାର, ଦ୍ୱିତୀୟଙ୍କୁ ୨ ହଜାର ଓ ତୃତୀୟ ସ୍ଥାନରେ ଥିବା କଳାକାରଙ୍କୁ ଦେଢ ହଜାର ତଥା ଅନ୍ୟ ୭ ଜଣ ଜୁରୀ ମନୋନୀତ କଳାକାରଙ୍କୁ ୧ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଏହି ଏକକ ଅଭିନୟରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ସ୍ମୃତି ଫଳକ ଓ ପ୍ରଶଂସା ପତ୍ର ପ୍ରଦାନ କରାଯିବ। ୨ ତାରିଖ ଦିନ ଉଦଘାଟନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ଏନଏସଡିର ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ଜଗନ୍ନାଥ ସେଠ୍, ୩ ତାରିଖ ଦିନ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଓ ଆରଏସପିର ମୁଖ୍ୟ ମହାପ୍ରବନ୍ଧକ ବିଜୟ କୁମାର ଯୋଯୋ ଅତିଥି ଭାବେ ଯୋଗଦେବେ।

# ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ରାଉରକେଲା, ୩୧।୭(ସମିସ):** ରାଉରକେଲା ଯୁବ କଂଗ୍ରେସ ପକ୍ଷରୁ ଏକ ଯୁବ କମ୍ପନ ସମାବେଶ ଆୟୋଜିତ ହୋଇଥିଲା। ଏହି ଅବସରରେ ରାଉରକେଲା ଯୁବ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ରାଉରକେଲା ମହାନଗର ନିଗମ ନିକଟରେ ପହଞ୍ଚିବା ପରେ ରାଉରକେଲାବାସୀଙ୍କ ମୌଳିକ ସମସ୍ୟା ଓ ଅଧିକାରକୁ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମହାନଗରନିଗମ ଜରିଆରେ ପ୍ରଦାନ କରାଯାଇଛି। ଦୀର୍ଘ ୧୨ ବର୍ଷ ହେଲା ରାଉରକେଲା ମହାନଗର ନିଗମ ପାଇଁ ନିର୍ବାଚନ ହୋଇ ନଥିବାରୁ ଏଠାରେ ଅଫିସର ରାଜ୍ ଚାଲିବା ସହ ମହାନଗରବାସୀଙ୍କୁ ଆବଶ୍ୟକ ମୌଳିକ ସେବା ମିଳୁନାହିଁ ବୋଲି ଯୁବକଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ରାଉରକେଲା ସ୍ମାର୍ଟ ସିଟି ପକ୍ଷରୁ ୨୪ ଘଣ୍ଟିଆ ବିଜୁଳି ଓ ୨୪ ଘଣ୍ଟିଆ ପାଣିର ସମସ୍ୟାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଦୀର୍ଘ ବର୍ଷ ହେବ ରାଉରକେଲାବାସୀଙ୍କୁ ଠକୁଛନ୍ତି। ମନଇଚ୍ଛା ବିଜୁଳି କାଟ ଓ ଅଧଘଣ୍ଟା ଦିନକୁ ପାଣି ଆସୁଛି ବୋଲି ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯିବା ସହିତ ୨୪ ଘଣ୍ଟିଆ ବିଜୁଳି ଏବଂ ପାଣି ଯୋଗାଇବାର ସୁବିଧା ପାଇଁ ଦାବି କରାଯାଇଛି। ଏହି ଯୁବ କମ୍ପନ ସମାବେଶରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଏବଂ ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖଙ୍କ ସମେତ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋତିଲାଲ ଦୀପ୍, ଶିବୁ ଦୀପ୍, ପ୍ରବୋଧ ଦାସ, ସୂର୍ଯ୍ୟକାନ୍ତ ବାରିକ, ସଂଖ୍ୟାଲଘୁ ମହାସଚିବ ସାଦ୍ଦବ ଅହମ୍ମଦ, ସଂଖ୍ୟାଲଘୁ ସଭାପତି ଏଜାଜ୍ ଅଖତର, ସନ୍ଦୀପନ ମହାପାତ୍ର, ସିଲୁ ବରାଳ, ବିନୋଦ ସାହୁ, ଗାନ୍ଧୀଦାସ, ଯୁବ କଂଗ୍ରେସର ପ୍ରସନ୍ନ ବଳିୟାରସିଂ, ସବୀର ହୁସେନ, ରବି ରାୟ, ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ ସଭାପତି ସୁମିତ କଂସାରୀଙ୍କ ସମେତ ଯୁବ କଂଗ୍ରେସର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

# କେନ୍ଦ୍ର ସମବାୟ ବ୍ୟାଙ୍କ୍ ଦ୍ୱାରା ବୀମାରାଶି ପ୍ରଦାନ

**ରାଉରକେଲା, ୩୧।୭(ସମିସ) :** ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ ବଣାଇଁଗଡ ଶାଖା ଦ୍ୱାରା ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ପାଞ୍ଚଲକ୍ଷ ଟଙ୍କା ଲେଖାଏଁ ବୀମାରାଶି ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ଲ୍ୟାମ୍ପସର ପ୍ରତ୍ୟେକ ଋଣ ଗ୍ରହୀତା ଏହାର ଲାଭ ଉଠାଇବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ସହ ନିବନ୍ଧକ ବଣାଇଁ ଅଜୟ ସେଠୀ ଯୋଗ ଦେଇ ବ୍ୟାଙ୍କ୍ ଓ ଲ୍ୟାମ୍ପସର ଏହି ଜେପିଏ ଯୋଜନା ବଳରେ ମୃତ ଋଣ ଗ୍ରହୀତାଙ୍କ ପରିବାରଙ୍କୁ ସହାୟତା ମିଳୁଥିବା ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କ୍ ପରିଚାଳକ ସିଦ୍ଧାର୍ଥ ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ଲ୍ୟାମ୍ପସ୍ ସଭାପତି ଭାସ୍କର କିସାନ, ରୁଗୁଡ଼ା ଲ୍ୟାମ୍ପସ୍ ଖଗେଶ୍ୱର କିସାନ୍, ସରସରା ଲ୍ୟାମ୍ପସ୍ ସଭାପତି ନବୀନ ନାଏକ ଏବଂ ଅଗ୍ରଣୀ ଚାଷୀମାନେ ଉପସ୍ଥିତ ଥିଲେ। ଟଙ୍କଧର ସାହୁ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ପତ୍ନୀ ମିନା ସାହୁ , ସନ୍ତୋଷ କୁମାର କିଶାନ ବଲାଙ୍ଗଙ୍କ ସୋଲାର କରେଣ୍ଟରେ ମୃତ୍ୟୁ ହୋଇଥିବାବେଳେ ତାଙ୍କ ପତ୍ନୀ ସଞ୍ଜୁଲତା କିଶାନ, ରୁଗୁଡ଼ା ଗ୍ରାମର ରାଜେଶ କୁମାର ପ୍ରଧାନଙ୍କ ଗାଁ ପୋଖରୀରେ ବୁଡିଯିବା ଦ୍ୱାରା ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପତ୍ନୀ ସରିତା ସାହୁଙ୍କୁ ଯଥାକ୍ରମେ ୫ ଲକ୍ଷ ଟଙ୍କା ଲେଖାଁଏ ବୀମା ରାଶି, ବୀମା କମ୍ପାନୀ ଇଫକୋ ଟୋକିଓଙ୍କ ଦ୍ୱାରା ବ୍ୟାଙ୍କ୍ ମାଧ୍ୟମରେ ପ୍ରଦାନ କରାଯାଇଛି ବୋଲି ସୂଚନା ମିଳିଛି।



# ଓଏମ୍‌ସି ଖଣ୍ଡାଧାର ଖଣିରେ ଘରୋଇ କମ୍ପାନୀ ପ୍ରବେଶକୁ ବିରୋଧ

**ରାଉରକେଲା, ୩୧।୭(ସମିସ)**



ଓଡ଼ିଶା ଖଣି ନିଗମ(ଓଏମ୍‌ସି) କର୍ତ୍ତୃପକ୍ଷ ଖଣ୍ଡାଧାର ଖଣିକୁ ୨୫ ବର୍ଷ ପାଇଁ ଘରୋଇ କମ୍ପାନୀକୁ ଦେଇଦେବା ପରେ ଏହାକୁ ତୀବ୍ର ବିରୋଧ କରିଛି ଟ୍ରକ୍ ଟିପ୍ପର ସଂଘ। ଖଣ୍ଡାଧାର ଖଣିରେ ଘରୋଇ କମ୍ପାନୀ ପ୍ରବେଶ ପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୨ ହଜାର ପରିବାର ଜୀବନ ମରଣର ଦୋଛକିରେ ରହିଯାଇଥିବାରୁ ସେମାନଙ୍କ ଏହି ସମସ୍ୟା ସମାଧାନ ନ ହେଲେ ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ବୋଲି ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଆଜି ରାଜାମୁଣ୍ଡାଠାରେ ବଣାଇଁ, ରାଜାମୁଣ୍ଡା, ଲହୁଣିପଡ଼ା, କଲେଇପୋଷ ଚାରି ଗୋଟି ଟିପ୍ପର ଆସୋସିଏସନ ଦ୍ୱାରା ଆହୂତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି ଯେ ସମ୍ପ୍ରତି ଓଏମ୍‌ସି କର୍ତ୍ତୃପକ୍ଷ ଖଣ୍ଡାଧାରକୁ ୨୫ ବର୍ଷ ପାଇଁ ଉକ୍ତ କମ୍ପାନୀକୁ ଦେବାପରେ ଏବେ ଆଞ୍ଚଳିକ ଲୋକଙ୍କୁ ଦୁରେଇ ରଖିବା ପାଇଁ ପ୍ରାୟ ଦେଢ଼ମାସ ହେବ ଖଣିରୁ ପରିବହନ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛି। ଖଣିରୁ ପରିବହନ ବନ୍ଦ ହେବା ପରେ ଏବେ ରାସ୍ତାରେ ଟିପର ଓ ଟ୍ରକ ମାଲିକମାନେ ଭିକ୍ଷା ମାଗିବା ପରିସ୍ଥିତି ଉପୁଜିଛି। ପୂର୍ବରୁ ସମ୍ପୃକ୍ତ ଓଏମ୍‌ସି ଅଧୀନ କୁରୁମିତାର ଲୌହଖଣି ତିନି ମିଲିୟନ ଟନ କ୍ଷମତାକୁ ପରିବର୍ଦ୍ଧିତ କରି ଏବେ ୬ ମିଲିୟନ ଟନ୍ କରାଯାଇଛି। କିନ୍ତୁ ଟ୍ରକ୍ ଲୋଡିଂ ଅଥବା ରାସ୍ତାରେ ପରିବହନକୁ ନେଇ ଟାଳଟୁଳ ନୀତି ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପାଞ୍ଚ ହଜାର ଟ୍ରକ୍ ଟିପ୍ପର ମାଲିକଙ୍କ ସମେତ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ୧୨ ହଜାର ପରିବାର ଏବେ ଦୁର୍ଦ୍ଦିନରେ ରହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉକ୍ତ ଅଞ୍ଚଳରେ ଥିବା କିଛି ବେକାର ଯୁବକ ଗାଡ଼ି ଖଣ୍ଡେକରି ରୋଜଗାରର ପନ୍ଥା ବାହାର କରି ସ୍ୱାବଲମ୍ବୀ ହୋଇ ପାରିଥିଲେ। ଏବେ ଖଣ୍ଡାଧାର ଖଣିରୁ ପରିବହନ ବନ୍ଦ ଯୋଗୁଁ ସେମାନଙ୍କ ରୋଜଗାର ଠପ୍ ହୋଇଯାଇଛି।

ଏଥିନେଇ ପ୍ରଶାସନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ବିଫଳ ହେବା ପରେ ଆଜି ସାମ୍ବାଦିକ ସମ୍ମିଳନୀରେ ପରବର୍ତ୍ତୀ ପରିସ୍ଥିତି ନିମନ୍ତେ ସରକାର ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବଣାଇଁ, ଲହୁଣିପଡ଼ା, ରାଜାମୁଣ୍ଡା ଓ କଲେଇପୋଷ ଟ୍ରକ୍ ଟିପର ମାଲିକ ସଂଘର ସଭାପତି ରଞ୍ଜିତ ସାହୁ, ସଞ୍ଜୟ ଦାଶ, ବିଭୂତି କର, ସଞ୍ଜୀବ ଖଟୁଆ ପ୍ରମୁଖଙ୍କ ସମେତ ଶତାଧିକ ଗାଡ଼ି ମାଲିକ ଏକତ୍ର ହୋଇଥିଲେ।

# ଆର୍‌ଏସ୍‌ପିରେ ଟ୍ରାକ୍ ମୋବାଇଲ୍ ଅପରେସନ ଉଦ୍‌ଘାଟିତ



**ରାଉରକେଲା,୩୧।୭(ସମିସ):** ପରିଚାଳନାଗତ ଉତ୍କର୍ଷତା ଏବଂ ଉନ୍ନତ ଲଜିଷ୍ଟିକ୍ସ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗ (ଟି ଆଣ୍ଡ ଆରଏମ)ରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇଙ୍କ ଦ୍ୱାରା ଟ୍ରାକ୍ ମୋବାଇଲ୍ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଟି ଆଣ୍ଡ ଆରଏମ ବିଭାଗର ସିଜିଏମ କେ ସୁନ୍ୟାନି, ମେକାନିକାଲ ବିଭାଗର ସିଜିଏମ ଡି ପାଲଙ୍କ ସମେତ କାରଖାନାର ବହୁ ସିଜିଏମ ଏବଂ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ପଲାଇ ନୂତନ ଭାବେ ନିୟୋଜିତ ହୋଇଥିବା ଯନ୍ତ୍ରୋପକରଣର ନିରୀକ୍ଷଣ କରିବା ସହିତ ଉକ୍ତ ବ୍ୟବସ୍ଥାର ଆଧୁନିକ ବୈଶିଷ୍ଟ୍ୟଗୁଡ଼ିକୁ ପ୍ରଶଂସା କରିଥିଲେ। ସେ ଆଭ୍ୟନ୍ତରୀଣ ଲଜିଷ୍ଟିକ୍ସରେ ଉନ୍ନତି ଆଣିବା, ଉତ୍ପାଦକତା ବୃଦ୍ଧି କରିବା ଏବଂ କାର୍ଯ୍ୟ ବିଳମ୍ବ ହ୍ରାସ କରିବା ପାଇଁ ଏପରି ପଦକ୍ଷେପର ଗୁରୁତ୍ୱ ଉପରେ ଜୋର ଦେବା ସହ ଏହି ସୁବିଧାର ପୂର୍ଣ୍ଣ ସାମର୍ଥ୍ୟ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରେ ପରେ ଶ୍ରୀ ପଲାଇ ଏହି ଯାନକୁ ଶୁଭାରମ୍ଭ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମେସର୍ସ ଲଏଡ୍ସ ଇଞ୍ଜିନିୟରିଂ କର୍ପୋରେସନ୍ ପ୍ରାଇଭେଟ୍ ଲିମିଟେଡ୍ ଠାରୁ ଲିଜ୍ ସୂତ୍ରରେ ଅଣାଯାଇଥିବା ଏହି ଡୁଆଲ୍-ମୋଡ୍ ଟ୍ରାକ୍ ମୋବାଇଲ୍ ଉଭୟ ରାସ୍ତା ଏବଂ ରେଳ ଧାରଣାରେ କାର୍ଯ୍ୟ କରିପାରିବ, ଯାହା ୩୦୦ ଲିଟର ଇନ୍ଧନ ଟାଙ୍କି ସହିତ କ୍ୟୁମିନ୍ସ ଡିଜେଲ ଇଞ୍ଜିନ ଦ୍ୱାରା ପରିଚାଳିତ ଏବଂ ପ୍ରତ୍ୟେକ ୟୁନିଟ୍ ୬୦,୨୨୫ ପାଉଣ୍ଡ ପର୍ଯ୍ୟନ୍ତ କ୍ଷମତା ବହନ କରିପାରିବ। ଏଥିରେ ପାରମ୍ପରିକ ଭାବେ ୱାଗନଗୁଡ଼ିକୁ ଠେଲି ନେଉଥିବା ବ୍ୟବସ୍ଥା ଠାରୁ ଭିନ୍ନ ଏଥିରେ ୟୁନିଟଗୁଡ଼ିକୁ ଟାଣିଥାଏ ଯାହାଦ୍ୱାରା ନିୟନ୍ତ୍ରଣ ଓ ସୁରକ୍ଷା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଲାଇନଚ୍ୟୁତ ବିପଦକୁ ମଧ୍ୟ ହ୍ରାସ ହୋଇଥାଏ।

# ଦରମା ଦାବିରେ ଶ୍ରମିକଙ୍କ ବିକ୍ଷୋଭ



**ବଣାଇଁ,୩୧।୭(ସମିସ):** ବଣାଇଁ ଉପଖଣ୍ଡ ଲହୁଣିପଡ଼ା ବ୍ଲକ୍ ରାଜାମୁଣ୍ଡା ପଞ୍ଚାୟତ ଅଧୀନ ଡୁମକଲା ଗ୍ରାମରେ ଥିବା ଭାସ୍କର ସ୍ପଞ୍ଜ କାରଖାନାର କାର୍ଯ୍ୟରତ ଶ୍ରମିକମାନେ ପ୍ରାୟ ଦୁଇ ମାସ ହେଲା ଦରମା ପାଇ ନ ଥିବାରୁ ଆଜି କାରଖାନା ମୁଖ୍ୟ ଫାଟକ ଆଗରେ ଦରମା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରମିକମାନେ ଦରମା ଦାବିରେ ଅଡ଼ି ବସିଥିଲେ। ଭାସ୍କର ସ୍ପଞ୍ଜ କାରଖାନା କର୍ତ୍ତୃପକ୍ଷ ଆସି ଶ୍ରମିକ ମାନଙ୍କ ସହିତ ଆଲୋଚନା କରିବା ସହିତ ଅଗଷ୍ଟ ୧ ତାରିଖରେ ସମସ୍ତଙ୍କୁ ଦରମା ମିଳିବ ବୋଲି ପ୍ରତିଶ୍ରୁତି ଦେଲାପରେ ଶ୍ରମିକମାନେ କାର୍ଯ୍ୟରେ ଯୋଗଦାନ କରିଥିଲେ।

ଦ୍ୱାଦଶ କର୍ମ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାଙ୍ଗନା ପତି
ଗ୍ରାମ- ସୋଧ, ଦୋବଲ, ଧାମନଗର
ଆବିର୍ଭାବ-୧୭/୮/୧୯୫୩
ତିରୋଧାନ-୨୧/୭/୨୦୨୫

ତୁମ ଅବର୍ତ୍ତମାନରେ ଚାହୁଁ ଚାହୁଁ ଆଜିକୁ ବାର ଦିନ ହୋଇଗଲା। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲ ପାଇବା ସବୁ ସମୟରେ ମନେପଡୁଛି। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦଗତି ହେଉ।

ଶୋକସନ୍ତପ୍ତ: ରମାକାନ୍ତ ପତି
ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଓ
ପତି ପରିବାର ବର୍ଗ

# ଭିତ୍ତିଭୂମି ନ ଥାଇ ୟୁଏଏସ୍ ବ୍ୟବସ୍ଥାକୁ ବିରୋଧ



**ଲାଞ୍ଜିଗଡ଼, ୩୧।୭(ସମିସ):** ଲାଞ୍ଜିଗଡ଼ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଗୁରୁବାର ଲାଞ୍ଜିଗଡ଼ ଗୋଷ୍ଠି ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ନ ଥାଇ ୟୁଏଏସ୍ ଲାଗୁ କରିବା ବିଭାଗୀୟ ଦୂରଦୃଷ୍ଟିର ଅଭାବ ବୋଲି ଲାଞ୍ଜିଗଡ଼ ମିଳିତ ପ୍ରାଥମିକ ଶିକ୍ଷକ ସଂଘ କହିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଲବ ଦୁର୍ଗା, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାନେତ୍ରି ଅର୍ଚ୍ଚନା ମିଶ୍ର, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ କୋଷାଧ୍ୟକ୍ଷ ଶିବ ପ୍ରସାଦ ଦାସ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ ମହାନ୍ତି, ଅନିଲ ତ୍ରିପାଠୀ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଏମ୍. ଏସ୍. ଶେଖର, ମନୋଜ ମହାଖୁଡ, ଏକ୍ସ କାଡ଼ର୍ ସଭାପତି ପଞ୍ଚାନନ୍ ନାଗ, ଏକ୍ସ କାଡ଼ର୍ ସମ୍ପାଦକ ଗିରିଧାରୀ ଗୌଡ, ବରିଷ୍ଠ ଶିକ୍ଷକ ତପନ ଭୋଇ, ମହେଶ୍ୱର ନାୟକ, ଦିବାକର ବିଭାର, ଜଳନ୍ଧର ମାଝୀ, ରାଘବ ଗହିର, ସୌଭାଗ୍ୟ ସାହୁ, ପ୍ରକାଶ ପ୍ରଧାନ, ଚନ୍ଦନ ସାହୁ, ନରୋତ୍ତମ ନାଗ, ଦେବାଶିଷ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ବଡ଼ପୋଡ଼ାଗୁଡ଼ା ସ୍କୁଲ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**କୋକସରା, ୩୧।୭(ସମିସ)**

ଦୀର୍ଘ ବର୍ଷ ହେବ କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦୟନୀୟ ଅବସ୍ଥାରେ ରହିଛି। ଏହା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏନେଇ ଗୁରୁବାର ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ କୋକସରା ବିଡ଼ିଓ ଏବଂ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିଥିବା ପାଇଁ ଚେତାବନୀ ଦେଇଛନ୍ତି।

ଏହି ବିଦ୍ୟାଳୟରେ ଦୀର୍ଘ ବର୍ଷରୁ ଜମି ବିବାଦ କାରଣରୁ ନୂତନ ଶ୍ରେଣୀ କୋଠା ନିର୍ମାଣ ହେବାରେ ବାଧା ଉପୁଜୁଛି। ଏନେଇ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ବିଭିନ୍ନ ସମୟରେ ପ୍ରଶାସନ ପାଖରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାକୁ ନେଇ ଗତବର୍ଷ ସ୍କୁଲ ଗେଟ୍ ଆଗରେ ତାଲା ପକାଇ ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ କରାଇଥିଲା। ସେହି ସମୟରେ କୋକସରା ତତ୍କାଳୀନ ବିଡ଼ିଓ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଆଜି ଯାଏଁ କୌଣସି ସମାଧାନ ହୋଇ ପାରିନାହିଁ। ଏହା ଫଳରେ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ଶ୍ରେଣୀ କୋଠରୀରେ ଅଧ୍ୟୟନ କରି ଆସୁଛନ୍ତି। ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



ଏନେଇ କୋକସରା ବିଡିଓ ହିମାଞ୍ଚଳ ମାଝୀଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଛନ୍ତି। ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାର୍ଟିଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସପ୍ତାହେ ମଧ୍ୟରେ ସମସ୍ୟା ପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପରିଚାଳନା କମିଟିର ଅଧ୍ୟକ୍ଷ ଯୁବରାଜ ପ୍ରଧାନୀ, ନରହରି ସୁନା, ରୋମାଞ୍ଚଳ ବାଗ, କ୍ଷିତିରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଥୁଆମୂଳ ରାମପୁର, ୩୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ପବିତ୍ର ନାଏକ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଥୁଆମୂଳ ସରପଞ୍ଚ ବଳଭଦ୍ର ଯାନୀ ପ୍ରମୁଖ ଯୋଗ ଦେଇଥିଲେ। ୨୮୧ ଜଣ ଭିନ୍ନକ୍ଷମ ଏହି ଶିବିରରେ ପଞ୍ଜିକରଣ କରିଥିଲେ। ବସ୍ ଏବଂ ଟ୍ରେନ ପାସ୍ ପାଇଁ ୭୫ ଜଣ ଆବେଦନ କରିଛନ୍ତି। ଆବାସ ଯୋଜନାରେ ୧୦ ଜଣ ଆବେଦନ କରିଥିଲେ। ମଧୁବାବୁ(ଭିନ୍ନକ୍ଷମ) ପେନସନ ପାଇଁ ୨୪ ଜଣ ଆବେଦନ କରିଛନ୍ତି। ୩ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ ଏବଂ ଜଣକୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଛି। ଡା. ଅଶ୍ୱିନୀ ସାହୁ, ଡା. ପ୍ରବୀଣ ସାହୁ, ଡା. ବିଶ୍ୱ ବିଜୟ ସୌମ୍ୟ ରଞ୍ଜନ ସାହୁ, ଡା. ନିବେଦିତା ମହାରଣା, ଆରାଧନା ବେଉରା, ନିବେଶ ଚନ୍ଦ୍ର ସାହୁ, ଲକ୍ଷପତି ପୁଜାରି, ଆଶୁତୋଷ ପ୍ରଧାନ, ରାଜଶ୍ରୀ ପ୍ରିୟଦର୍ଶିନୀ, ସମ୍ବିତ ସ୍ୱରୂପ ପଣ୍ଡା, ରୋହିତ ଗଉଡ଼ ପ୍ରମୁଖ ଭିନ୍ନକ୍ଷମ ଚିହ୍ନଟ କରିଥିଲେ।



# ରାସ୍ତାପାର୍ଶ୍ୱ ଶୁଖିଲା ଗଛ ପଡ଼ି ବାଇକ୍ ଆରୋହୀ ଗୁରୁତର

**ଲାଞ୍ଜିଗଡ଼, ୩୧।୭(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼-ପୋଖରୀବନ୍ଧ ରାସ୍ତାର ଟାଙ୍ଗନକଣାରେ ଗୁରୁବାର ଅଘଟଣ ଘଟିଛି। ଜଣେ ବ୍ୟକ୍ତିଙ୍କ ଉପରେ ଶୁଖିଲା ଗଛ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଏହି ବ୍ୟକ୍ତି ଜଣକ ହେଲେ ଜମେଶ ଚନ୍ଦ୍ର ସାହୁ। ସେ ବାଇକ୍‌ରେ ଲାଞ୍ଜିଗଡ଼ରୁ ବିଶ୍ୱନାଥପୁର ଅଭିମୁଖେ ଯାଉଥଲେ। ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଗଛଟି ହଠାତ ତାଙ୍କ ଉପରେ ପଡ଼ିଯାଇଥିଲା। ଜମେଶ ନିଜ ବାଇକରୁ ଛିଟିକି ପଡ଼ିଥଲେ। ତାଙ୍କ ହାତ ଓ ଶରୀରରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବିଶ୍ୱନାଥପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।



# ନରସିଂହପୁରରେ ମନ୍ଦିର ପାଇଁ ଭୂମିପୂଜା

**ମନମୁଣ୍ଡା/ଶଗଡା, ୩୧।୭(ସମିସ):** କନ୍ଧମାଳ ବ୍ଲକ ବିଲାସପୁର ପଞ୍ଚାୟତ ନରସିଂହପୁର ଗ୍ରାମରେ ଶିବ, ରାମ. ରାଧାକୃଷ୍ଣଙ୍କ ତିନୋଟି ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିପିଓ ସୁଧୀର ମିଶ୍ରଙ୍କ ନେତୃତ୍ୱ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ମନ୍ଦିର ନିର୍ମାଣ କରାଯିବାକୁ ସ୍ଥିର ହୋଇଛି। ବ୍ରାହ୍ମଣ ବେଦବ୍ୟାସ ମିଶ୍ର ଏବଂ ଟଙ୍କଧର ମିଶ୍ର ଭୂମିପୂଜା କରିଥିବାବେଳେ ସୁଧୀର ମିଶ୍ର ଏବଂ ତାଙ୍କ ପତ୍ନୀ ଗୀତାଞ୍ଜଳି ମିଶ୍ର କର୍ତ୍ତା ଥିଲେ। ଏହି ଅବସରରେ ସେଠାରେ ଭଜନ, କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଜୟଦୁର୍ଗା ୟୁଥ୍ କ୍ଲବ୍‌ର ସଭାପତି କୃଷ୍ଣ ଖଣ୍ଡଗିରିଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ, ଗ୍ରାମବାସୀ, ପାଣ୍ଡିରିପଡ଼ା ରାମଜୀ ମଠର ମହନ୍ତ ଗୋବର୍ଦ୍ଧନ ଓ ତାଙ୍କ ଶିଷ୍ୟଗଣ, ଧୁବେଇ ଦନ୍ତା, ବିଭୀଷଣ ମେଣ୍ଡିଲି, ମଙ୍ଗଳୁ ବାରିକ, ଦୁର୍ଯ୍ୟୋଧନ ମେଣ୍ଡିଲୀ, ସୁଦାମ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳାହାଣ୍ଡି ଲେଖିକା ସଂଘର 'ଶ୍ରାବଣୀ' କାବ୍ୟୋତ୍ସବ

**ଭବାନୀପାଟଣା, ୩୧।୭(ସମିସ):** କଳାହାଣ୍ଡି ଲେଖିକା ସଂଘର 'ଶ୍ରାବଣୀ' କାବ୍ୟୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଲେଖିକା ମୀନା ମୁଣ୍ଡ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସଂଘରେ ଯୋଗଦାନ କରିଥିବା ନୂତନ ସଦସ୍ୟା କବି ବିଳାସିନୀ ମହାପାତ୍ର, ନିରୂପମା ମହାନ୍ତି, ସ୍ମୃତିରେଖା ପଣ୍ଡା ଏବଂ ମମତା ସାହୁ ପ୍ରମୁଖଙ୍କୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶ୍ରୀମତୀ ସୁଦେଷ୍ଣା ପଣ୍ଡାଙ୍କ ସ୍ୱାଗତ ଅଭିଭାଷଣ ପରେ ସମ୍ପାଦିକା କଳ୍ପନା ରଥ ପରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କଣ୍ଠଶିଳ୍ପୀ ସସ୍ମିତା ରଥ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କବି ମିନତି ପ୍ରଧାନଙ୍କ ସଂଯୋଜନାରେ କବି ସବିତା ଶତପଥୀ, ପ୍ରମୋଦିନୀ ମହାପାତ୍ର, ଅନୀତା ମୁଣ୍ଡ, ଭାରତୀ ହୋତା, ଝରଣା ପାଢ଼ୀ, କବିତା ମୁଣ୍ଡ, କବିତାଞ୍ଜଳି ପଣ୍ଡା, କଳ୍ପନା ରଥ, ମମତା ପଟ୍ଟନାୟକ, ମମତା ସାହୁ, ମଞ୍ଜୁରାଣୀ ରଥ, ମୀନା ମୁଣ୍ଡ, ମିନତି ପ୍ରଧାନ, ନାହେଦା ଶାହୀନ, ନିରୂପମା ମହାନ୍ତି, ପଦ୍ମିନୀ ବେହେରା, ପ୍ରମୋଦିନୀ ପଣ୍ଡା, ପ୍ରତୀଭା ମିଶ୍ର, ରଶ୍ମିରାଣୀ ରଥ, ସସ୍ମିତା ସାହୁ, ସ୍ମୃତିରେଖା ପଣ୍ଡା, ଶୁଭ୍ରା ପଟ୍ଟନାୟକ, ସୁବ୍ରତା ମହାପାତ୍ର, ସୁଚିସ୍ମିତା ରଥ, ସୁମତି ମୁଣ୍ଡ, ସୁଜାତା ଠାକୁର, ନିବେଦିତା ମହାନ୍ତି, ସ୍ୱର୍ଣ୍ଣକାନ୍ତି ବୈକାର, ବିଳାସିନୀ ମହାପାତ୍ର, ବନଶ୍ରୀ ଦାସ, ଅର୍ଚ୍ଚନା ମିଶ୍ର, ମନୋରମା ପାତ୍ର, ସବିତା ଦାସ, ସ୍ନେହଲତା ଷଡଙ୍ଗୀ, ସୁଦେଷ୍ଣା ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ଗାଳ୍ପିକା ତପସ୍ୱିନୀ ପଣ୍ଡାଙ୍କ ଗଳ୍ପ 'ଶାଶ୍ୱତ ପ୍ରେମ' ଗଳ୍ପଟି ସଭିଙ୍କ ହୃଦୟ ଜିଣିଥିଲା। କବି ବନଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ କବି ସବିତା ଶତପଥୀ ଗୁଗୁଲ ମିଟ୍ ସହାୟତା କରିଥିଲେ। କବି ସ୍ନେହଲତା ଷଡଙ୍ଗୀ ପ୍ରାରମ୍ଭରେ ବ୍ରହ୍ମନାଦ ଏବଂ ଗଣେଶ ବନ୍ଦନା ଗାନ କରିଥିଲେ। କବି ଅନୀତା ମୁଣ୍ଡ ଶେଷରେ ଶାନ୍ତି ପାଠ ଏବଂ ବନ୍ଦେମାତରଂ ଗାନ କରିଥିଲେ।

# ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଲାଞ୍ଜିଗଡ଼, ୩୧।୭(ସମିସ):** ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ, ଗୋଲାମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୀନା ଦାସ୍, ସୁରେଖା ମହାନ୍ତି, ଗ୍ରୁମିତ୍ କର୍, ଦାଶରଥି ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

# ମୁର୍ଷୁଣ୍ଡି ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ସୁବଳୟା, ୩୧।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ରଘୁନାଥ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ପ୍ରଧାନ ଶିକ୍ଷକ କାଳିଆ କର୍ମୀ ଗୁରୁବାର ଚାକିରି ରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଶ୍ରୀ କର୍ମୀଙ୍କୁ ଉପଢୌକନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସହକାରୀ ଶିକ୍ଷକ ସଚ୍ଚିଦାନନ୍ଦ ବରିହା ସ୍ୱାଗତ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ସଭାପତିତ୍ୱ କରିବା ସହିତ ପ୍ରଧାନଶିକ୍ଷକଙ୍କ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ନିମନ୍ତ୍ରିତ ଅତିଥି ଭାବରେ ପଞ୍ଚସଖା ଶିକ୍ଷା ସେତୁର ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଲବକୁମାର ସାହୁ ପ୍ରଧାନ ଶିକ୍ଷକଙ୍କ ବିଦ୍ୟାଳୟରେ ଭିତ୍ତିଭୂମିର ସହଯୋଗ ରହିଥିବା ସମ୍ପର୍କରେ ଆଲୋଚନା କରିଥିଲେ। ପରିଚାଳନା କମିଟିର ସଭାପତି ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନଶିକ୍ଷକ ସମେତ ଅନ୍ୟ ଅତିଥି ପ୍ରଧାନ ଶିକ୍ଷକଙ୍କ ଛାତ୍ର ବାତ୍ସଲ୍ୟତା ଏବଂ ସମୟାନୁବର୍ତ୍ତିତା ବିଷୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ନୀଳାମ୍ବର ମେହେର ସଭା ପରିଚାଳନା କରିଥିଲେ। ପରିଶେଷରେ ସହକାରୀ ଶିକ୍ଷକ ମନୋଜ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।



# ହରଭଙ୍ଗା ବ୍ଲକ୍‌ରେ ଭିନ୍ନକ୍ଷମ ଶିଶୁଙ୍କୁ ସହାୟକ ଉପକରଣ ବିତରଣ

**ବୌଦ୍ଧ, ୩୧।୭ (ସମିସ):** ଜିଲ୍ଲା ସମଗ୍ର ଶିକ୍ଷା ବୌଦ୍ଧ କାର୍ଯ୍ୟାଳୟ ଆନୁକୂଲ୍ୟରେ ହରଭଙ୍ଗା ବ୍ଲକ ଚାରିଛକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭିନ୍ନକ୍ଷମ ଶିଶୁଙ୍କୁ ସହାୟତା ଉପକରଣ ବିତରଣ ଓ ଭିନ୍ନକ୍ଷମତା ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ହାଡିବନ୍ଧୁ ବେହେରା ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ହରିଶଙ୍କର ଦଣ୍ଡସେନା ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠି ସନମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅଲିମକ ଭୁବନେଶ୍ୱର, ମହାନଦୀ ନେତ୍ର ଚିକିତ୍ସା ଳୟ ପଣ୍ଡାପାଲି ବିରାମହରାଜପୁର ତଥା ଡ଼ିଇଆଇସି ବୌଦ୍ଧରୁ ଅଭିଜ୍ଞ ବିଶେଷଜ୍ଞମାନେ ଆସି ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।ଉକ୍ତ ଶିବିରରେ ଚଳନ ବାଧିତ, ପାଦବଙ୍କା, ଦୃଷ୍ଟି ବାଧିତ, ଶ୍ରବଣ ଓ ବାକ୍ ଶକ୍ତି, ବାଧିତ ତଥା ମାନସିକ ନ୍ୟୁନତା ବର୍ଗର ୯୭ଜନଛାତ୍ର ଛାତ୍ରୀଙ୍କୁ ଯଥାକ୍ରମେ ଆବଶ୍ୟକତା ଅନୁସାରେ ଟ୍ରାଏ ସାଇକେଲ, ହୁଇଲ ଚେୟାର କମଡ ହୁଇଲ ଚେୟାର, ଆଶାବାଡି ଡ଼ିଏଲଏମ କୀଟ ଓ ବ୍ରେକଲି କୀଟ ଆଦି ବିତରଣ କରାଗଲା। ସେହିପରି ଅଭିଜ୍ଞା ବିଶେଷଜ୍ଞାମାନେ ଉପାରିକ୍ତ ବର୍ଗର ୧୦୦ଜଣ ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପରକ୍ଷା କରି ଆବଶ୍ୟକୀୟ ଉପକରଣ ଯୋଗାଇଦେବା ପାଇଁ ସୁପାରିଶ କରିଛନ୍ତି। ଶିବିରକୁ ହରଭଙ୍ଗା ବ୍ଲକର ସମ୍ବଳ କର୍ମୀ ରଜତ କୁମାର ପ୍ରଧାନ ଓ ରତ୍ନାକର ଦାଶ ତଥା ଆନ୍ତନିବେଶି ଶିକ୍ଷା ସ୍ୱେଚ୍ଛାସେବୀ ରାମଚନ୍ଦ୍ର ପୁରୋହିତ, ସୁଶ୍ରୀ ମିନତୀ ପ୍ରଧାନ ପରିଚାଳନା କରିଥିଲେ। ଶିବିର ଏବିଓ କାର୍ତ୍ତିକ ନାୟକ ବିସିକେଶନ ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।



# ଶିକ୍ଷକଙ୍କୁ ବିଦୟକାଳୀନ ସମ୍ବର୍ଦ୍ଧନା

**ଜୟପାଟଣା, ୩୧।୭(ସମିସ):** ରଣମାଳ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପର୍ଶୁରାମ ବାଗଙ୍କୁ ବିଦ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ବାଗ ୧୯୮୮ ମସିହାରେ ଏହି ବିଦ୍ୟାଳୟରେ ଯୋଗ ଦେଇଥିଲେ। ୩୬ ବର୍ଷ ୧୧ ମାସ ଧରି ସେ ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଇଥିଲେ। ଏହାସହ ନିଜର ସହକାରୀ ଶିକ୍ଷକ, କର୍ମଚାରୀ ଓ ଅଭିଭାବକ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ




**କେସିଙ୍ଗା, ୩୧।୭(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ବୈଠକ ଓ ଏକ ପେଡ୍ ମା କେ ନାମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସମୀର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଶିବପ୍ରସାଦ ବେହେରା, କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ଅଭୟ ଦେବତା, କେସିଙ୍ଗା ବନାଞ୍ଚଳ ସୁରକ୍ଷା କର୍ମୀ ଧନଞ୍ଜୟ ନିଆଲ୍, ସିଆର୍‌ସିସି. ଚନ୍ଦ୍ରଧ୍ୱଜ ନାଗ ଯୋଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶିକ୍ଷକ ଜି. କ୍ରିଷ୍ଣା ରେଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ହେମନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୌନ ନିର୍ଯାତନା, ଏସ୍‌ସି, ଏସ୍‌ଟି ଅତ୍ୟାଚାର ନିବାରଣ ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

# ଛାତ୍ରଛାତ୍ରୀଙ୍କୁ ଆଇନ ଉପରେ ସଚେତନ କଲେ ଜେଏମ୍‌ଏଫ୍‌ସି

**ଥୁଆମୂଳ ରାମପୁର, ୩୧।୭(ସମିସ)**

ଥୁଆମୂଳ ରାମପୁର ଏମ୍‌ଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଯୌନ ନିର୍ଯାତନା ସୁରକ୍ଷା ଆଇନ ଏବଂ ଏହାର ବିଭିନ୍ନ ବ୍ୟବସ୍ଥା, ତଫସିଲଭୁକ୍ତ ଜାତି ଏବଂ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ଉପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥୁଆମୂଳ ରାମପୁର ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜେଏମ୍‌ଏଫ୍‌ସି ବିଚାରପତି ଡ. ତାରିଣୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସେ ଏନେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଦେବଦତ୍ତ ଯୋଷୀ, ଆଇନଜୀବୀ ଦିଲ୍ଲୀପ ନାଏକ ଏବଂ ଆଇନଜୀବୀ ପ୍ରିୟଙ୍କା ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କିତ ବିଷୟରେ ସଚେତନ କରିଥିଲେ। ଯୌନ ଉତ୍ପୀଡନ ଆଇନ-୨୦୧୩ ଓ ଏସ୍‌ସି, ଏସ୍‌ଟି ଉପରେ ଜାତିଆଣ ଭାବ ତଥା ଅତ୍ୟାଚାର ନିବାରଣ ଆଇନରେ ଥିବା ବିଭିନ୍ନ ପ୍ରକାରର ଧାରା, ଯୌନ ନିର୍ଯାତନାର ପ୍ରକାର ଭେଦ, ଯୌନ ନିର୍ଯାତନାର ପ୍ରଭାବ, ଅଭିଯୋଗ କରିବାର ପ୍ରକ୍ରିୟା, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଦାୟିତ୍ୱ ଏବଂ ଦଣ୍ଡ ବିଧାନ ବ୍ୟବସ୍ଥା ଉପରେ ବିଚାରପତି ବୁଝାଇଥିଲେ। ବିଭିନ୍ନ ପ୍ରକାର ଉପାୟ ଓ ଢଙ୍ଗରେ ନିଜର ଯୌନ ସମ୍ପର୍କିତ ଆଚରଣ ଜଣଙ୍କ ଇଚ୍ଛା ବିରୋଧରେ ବାରମ୍ବାର ତାଙ୍କ ସମ୍ମୁଖରେ ପ୍ରଦର୍ଶନ କରି ତାଙ୍କୁ ଅଯଥା ହଇରାଣ ହରକତ କରିବାର ଅର୍ଥ ହେଉଛି ତାଙ୍କୁ ଯୌନ ଉତ୍ପୀଡ଼ନ ଦେବା। ଜଣକ ଇଚ୍ଛା ବରୋଧରେ ବା ତାଙ୍କ ପ୍ରତିବାଦ ସତ୍ତ୍ୱେ ତାଙ୍କ ଆଡ଼କୁ ବାରମ୍ବାର ଯୌନ ସମ୍ପର୍କିତ ପ୍ରସ୍ତାବ ଧରି ଅଗ୍ରସର ହେବା, ତାଙ୍କଠାରୁ ଯୌନ ସମ୍ପର୍କିତ ସାହାଯ୍ୟ ବା ସହଯୋଗ ମାଗିବା, ବାଚନିକ ସ୍ତରରେ ଯୌନ ସମ୍ପର୍କିତ କଥା ତାଙ୍କ ସହ ଆଲୋଚନା କରିବା ବା ଶାରୀରିକ ସମ୍ପର୍କ ରକ୍ଷା ପାଇଁ ଅନୁରୋଧ ଜଣାଇବା ଇତ୍ୟାଦି ହେଉଛି ଯୌନ ଉତ୍ପୀଡ଼ନର ପରିସରଭୁକ୍ତ। ଯଦି ଏଭଳି କୌଣସି ପରିସ୍ଥିତି ସୃଷ୍ଟି ହୁଏ ତେବେ ଏହା ବିରୋଧରେ କେଉଁ ଭଳି ପଦକ୍ଷେପ ନିଆଯାଇ ପାରିବ ଏବଂ ଏହାକୁ ରୋକିବା ପାଇଁ କ'ଣ କରିବା ଉଚିତ୍ ଓ କ'ଣ ନ କରିବା ଉଚିତ ସେ ନେଇ ବିଚାରପତି ବିସ୍ତୃତ ଭାବରେ ବୁଝାଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ତାଲୁକ ଆଇନ୍ ସେବା ସମିତିର ସଭ୍ୟା ସରୋଜିନୀ ମାଝୀ, ସମାଜସେବୀ ସୁଦର୍ଶନ ନାଏକ ଏବଂ ସବ୍ ଇନ୍ସପେକ୍ଟର ପ୍ରହ୍ଲାଦ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅଧ୍ୟାପକ ସରୋଜ ପାଟଯୋଷୀ ମଞ୍ଚ ପରିଚାଳନା କରିଥିଲେ।



**କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧**

ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ। ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି।

# ଫାଟିଗଲାଣି ଟୁରିଦେଉଳ ଅଙ୍ଗନବାଡି କାନ୍ଥ



**ଶଗଡ଼ା, ୩୧।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବଶରୀ ପଞ୍ଚାୟତ ଟୁରିଦେଉଳ ଅଙ୍ଗନବାଡି କେନ୍ଦ୍ର ଭାଙ୍ଗିଗଲାଣି। କାନ୍ଥ ଫାଟି ଆଁ କରିଛି। କୋମଳମତି ଶିଶୁ ଏଠାରେ ବିପଦସଂକୁଳ ଭାବେ ପଢୁଛନ୍ତି। ଏହି ଅଙ୍ଗନବାଡି ଗୃହଟି ଦୀର୍ଘ ବର୍ଷ ହେବ ମରାମତି ହୋଇନି। ଛାତରୁ ପ୍ଲାଷ୍ଟର ଖସୁଛି। କେତେ ବେଳେ କାନ୍ଥ ଗଳି ପଡ଼ିବ କହିହେବନି। ବର୍ଷା ଦିନେ ଛାତରୁ ପାଣି ଗଳୁଥିବାରୁ କୁନି କୁନି ଶିଶୁମାନେ ବିପଦସଂକୁଳ ଅବସ୍ଥାରେ ପାଠ ପଢୁଛନ୍ତି। ଅଙ୍ଗନବାଡି କର୍ମୀ ଓ ସହାୟିକା ମଧ୍ୟ କାର୍ଯ୍ୟାଳୟ ଭିତରକୁ ଯିବାକୁ ଡରୁଛନ୍ତି। ବର୍ଷା ଦିନେ ପାଣି ପଡ଼ି ପିଲାଙ୍କ ପାଠ୍ୟ ଉପକରଣ, ଚାଉଳ ଆଦି ଅନେକ ଜିନିଷପତ୍ର ନଷ୍ଟ ହେଉଛି। ଅନ୍ୟପଟେ ରୋଷେଇ ଘର ନ ଥିବାରୁ ବାରଣ୍ଡାରେ ରୋଷେଇ କରିବାକୁ ପଡୁଛି। କେନ୍ଦ୍ର ବିପଦସଂକୁଳ ଥିବାରୁ ନିକଟ ବିଦ୍ୟାଳୟରେ କୁନି ଶିଶୁଙ୍କୁ ପାଠ ପଢ଼ା ଚାଲିଛି। ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। କେହି କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଗ୍ରାମବାସୀ କହିଛନ୍ତି। ତେବେ ଏ ସମ୍ପର୍କରେ କଣ୍ଟାମାଳ ଶିଶୁ ବିକାଶ ଅଧିକାରୀ ପଙ୍କଜିନୀ ମିଶ୍ରଙ୍କୁ ପଚାରିବାରୁ କେନ୍ଦ୍ର ବିପଦସଂକୁଳ ଥିବାରୁ ବିଦ୍ୟାଳୟରେ ପାଠ ପଢ଼ା ଚାଲିଛି। କେନ୍ଦ୍ରକୁ ବିପଦସଂକୁଳ ଘୋଷଣା କରାଯାଇ ଖୁବ ଶୀଘ୍ର ନୂତନ କେନ୍ଦ୍ର ନିର୍ମାଣ କରାଯିବ ବୋଲି କହିଛନ୍ତି।

# ନୂଆ ଜିଲ୍ଲାପାଳଙ୍କ ଆଦର୍ଶ ବସ୍‌ଷ୍ଟାଣ୍ଡ ପରିଦର୍ଶନ



**ବୌଦ୍ଧ, ୩୧।୭(ସମିସ):** ଗୁରୁବାର ଅପରାହ୍ନରେ ବୌଦ୍ଧ ଠାରେ ନିର୍ମାଣାଧିନ ଆଦର୍ଶ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ। ଶ୍ରୀ ନାୟକ ତିନି ଦିନ ତଳେ ବୌଦ୍ଧ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ପ୍ରଥମ ଥର ବୌଦ୍ଧଗଡ଼ ଏନ୍‌ଏସି ଦ୍ୱାରା ପରିଚାଳିତ ନିର୍ମାଣାଧିନ ବୌଦ୍ଧ ଆଦର୍ଶ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରିଛନ୍ତି।

## ରାସ୍ତା ଖରାପରୁ ଅଧା ବାଟରେ ଫସିଲା ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲା ରୋଗୀ

**ବୌଦ୍ଧ, ୩୧।୭(ସମିସ)**

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଗାଁକୁ ପହଁଞ୍ଚିପାରିଲା ନାଇଁ ବିକାଶ। ଏପର୍ଯ୍ୟନ୍ତ ଗାଁ କୁ ନାହିଁ ଖଣ୍ଡିଏ ସ୍ଥାୟୀ ରାସ୍ତା। ଫଳରେ ବିଭିନ୍ନ ସମୟରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଗୁରୁବାର ଆମ୍ବୁଲାନ୍ସ ଅଧା ବାଟରେ କାଦୁଅରେ ଫସିବାରୁ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ଆଣିଲେ ପରିବାର ଲୋକ। ଏଭଳି ଚିତ୍ର ସାମ୍ନା କୁ ଆସିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସଂକୁଳେଇ ପଞ୍ଚାୟତ ହରିହର ପୁର ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗ୍ରାମରେ ବିଷ୍ଣୁ ପ୍ରଧାନ ଦେହ ଅସୁସ୍ଥ ଥିବାରୁ ଗୁରୁତର ହୋଇଥିଲେ ଫଳରେ ପରିବାର ଲୋକ ଆମ୍ବୁଲାନ୍ସକୁ ଡାକିଥିଲେ ମଧ ରାସ୍ତା ଖରାପ ଥିବାରୁ ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇ ନପାରି ଅଧା ବାଟରେ ଫସି ରହିଥିଲା। ଫଳରେ ଗୁରତର ବ୍ୟକ୍ତିଙ୍କୁ ଖଟିଆରେ ବୋହି ଅଧ ବାଟକୁ ଆଣି ପୁଣି ଷ୍ଟେଚର ସାହାଯ୍ୟରେ ଆମ୍ବୁଲାନ୍ସ ପାଖକୁ ଆଣିବାକୁ ପଡ଼ିଥିଲା। ଉକ୍ତ ଗାଁ ରାସ୍ତା ସମସ୍ୟା ନେଇ ଗ୍ରାମବାସୀପକ୍ଷରୁ ସ୍ଥାୟୀ ରାସ୍ତା ପାଇଁ ଅନେକଥର ଜନପ୍ରତିନିଧି ଠାରୁ ଆରମ୍ଭ କରି ପ୍ରଶାସନ ଅଧିକାରୀ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ କୌଣସି ସୁଫଳ ମିଳିପାରୁନାହିଁ। ରାସ୍ତା ସମସ୍ୟା ଦୂର ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ୨ ମାସ ପରେ ମରାମତି ହେଲା ନଳକୂଅ

**ଶଗଡ଼ା, ୩୧।୭(ସମିସ) :** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ କିର୍ଲା ଗାଁମୁଣ୍ଡରେ ଥିବା ନଳକୂପ ଟି ୨ମାସ ହେବ ଅଚଳ ହୋଇପଡ଼ିଛି। ଗାଁର ୪୫ ପରିବାର ୨୦୦ ଜଣ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅଚଳ ନଳକୂଅକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ସେହିପରି ପଞ୍ଚାୟତ ଅନ୍ତର୍ଗତ ଡାହିମାଲ ଗ୍ରାମରେ ଥିବା ନଳକୂପ ମଧ୍ୟ ୨ମାସ ହେବ ଅଚଳ ହୋଇ ପଡ଼ିଥିଲେ ସୁଦ୍ଧା ଅଧିକାରୀଙ୍କୁ ଫୋନ କରି ଜଣାଇବା ପରେ ମଧ ମରାମତି କରାଯାଇ ନାହିଁ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୨ ମାସରୁ ଊର୍ଦ୍ଧ୍ୱ ହେବ ୨ଟି ନଳକୂଅ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଉଭୟ ଗ୍ରାମବାସୀ କହିଛନ୍ତି। ଏ ନେଇ'ସକାଳ'ରେ ଖବର ପ୍ରକାଶିତ ହେବା ପରେ ଉକ୍ତ ଖବରକୁ ବରଗଡ଼ ଜିଲ୍ଲାର ସ୍ୱେଚ୍ଛାସେବୀ ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ଟୁଇଟ କରି ପ୍ରଶାସନ ସହ ଜଳ ଓ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ବିଭାଗ ପକ୍ଷରୁ ଉକ୍ତ ଦୁଇଟି ନଳକୂଅ ମରାମତି କରାଯାଇଛି।



# ବିଦ୍ୟୁତ୍ ସଜାଡ଼ିବା ବେଳେ ଜଣେ ଗୁରୁତର

**ଶଗଡ଼ା, ୩୧।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ସଦର ଗ୍ରାମରେ ବିଦ୍ୟୁତ୍ ତାର ସଜାଡ଼ିବା ବେଳେ ଅଘଟଣ ଗଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଲେ କଣ୍ଟାମାଳ ଥାନା ହାତୀପାଲି ଗ୍ରାମର ଲୋକନାଥ କର୍ମୀ। ଘଣ୍ଟାପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ସେ ବିଦ୍ୟୁତ୍ ସଜାଡୁଥିଲେ। ହେଲେ ବିଦ୍ୟୁତ ସଂସ୍ପର୍ଶରେ ଆସି ଆହତ ହୋଇ ତଳେ ପଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଅଧିକ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରା ଯାଇଛି।

# ବିପୁଳ ମହୁଲ ପୋଚ ନଷ୍ଟ

**ଶଗଡ଼ା, ୩୧।୭(ସମିସ):** ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ବାଉଁଶୁଣି ଥାନା ଅଞ୍ଚଳରେ ଚଢ଼ଉ କରାଯାଇ ବିପୁଳ ମହୁଲ ପୋଚ ନଷ୍ଟ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ବାଉଁଶୁଣି ଥାନା ନୂଆପଡ଼ା ଗ୍ରାମ ନିକଟରେ ଚଢ଼ଉ କରିଥିଲା। ସେଠାରେ ଦେଶୀ ମଦ ପ୍ରସ୍ତୁତ ପାଇଁ ରଖା ଯାଇଥିବା ୧୬୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ୭୬/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଏଏସ୍‌ଆଇ ଅସିତ ପ୍ରଧାନ ସୂଚନା ଦେଇଛନ୍ତି।

# ସଚିବଙ୍କ ବିଭିନ୍ନ ବିଭାଗର ଉନ୍ନୟନ କାମ ସମୀକ୍ଷା

**ବୌଦ୍ଧ, ୩୧।୭(ସମିସ):** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଚିବ ତଥା ବୌଦ୍ଧ ଜିଲା ନୋଡାଲ ଅଫିସର ଡ. ବିଜୟ କେତନ ଉପାଧ୍ୟାୟ ଦୁଇଦିନିଆ ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଉନ୍ନୟନ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବିଭାଗୀୟ ସମୀକ୍ଷା କରିଥିଲେ। ସଦ୍‌ଭାବନା ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାପାଳ ବିଭୁତି ଭୂଷଣ ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସଭା ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲ୍ଲା ସମ୍ମିଳନୀ

**ବୌଦ୍ଧ, ୩୧।୭(ସମିସ):** ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବୀନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶେଷଦେବ ବଡେଇ, ମଙ୍ଗଳ ସିଂ ଯୋଗ ଦେଇଥିଲେ। ବସନ୍ତ କର, ବଳରାମ ସାହୁ, ଅଶ୍ୱିନୀ ପ୍ରଧାନ, ହୃଦାନନ୍ଦ ମେହେର, ପ୍ରମୋଦ ଚାନ୍ଦ, ପ୍ୟାରୀମୋହନ ଶତପଥୀ ଓ ଗୀତା ମେହେର, ଡ. ପ୍ରବୀର ଦାସ, ଶୁଭେନ୍ଦୁ ମହାକୁଡ, ତାରେଣୀ ପ୍ରଧାନ, କୈବଲ୍ୟ ପ୍ରଧାନ, ନାରାୟଣ ପ୍ରଧାନ, ନିରଞ୍ଜନ ସାଥୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ସାର ଓ କୀଟନାଶ କଳାବଜାର ରୋକିବାକୁ ଚଢ଼ଉ

**କର୍ଲାମୁଣ୍ଡା, ୩୧।୭(ସମିସ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ସାର ଓ କୀଟନାଶକ କଳାବଜାର ରୋକିବାକୁ କୃଷି ବିଭାଗ ପକ୍ଷରୁ ଗୁରୁବାର ଅଚାନକ ଚଢ଼ଉ କରାଯାଇଛି। ଏଥିରେ ନର୍ଲା ଜିଲ୍ଲା କୃଷି ଅଧିକାରୀ ଶୁଭେନ୍ଦୁ କର, କର୍ଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର ସିଂ, ଏଏଓ କୁମାର ଚିରଞ୍ଜିବୀ ପ୍ରମୁଖ ବ୍ଲକର ଜୋରାଡ଼ବରା, କୁଶୁର୍ଲା, ଖଲିଆପାଲି, ଭଟାପଲା, ସାପଲହରା, ଢୁକେରମାଲ, କର୍ଲାମୁଣ୍ଡା ଆଦି ସ୍ଥାନରେ ଥିବା ସାର ଓ କୀଟନାଶକ ଦୋକାନରେ ପହଞ୍ଚି ସମସ୍ତ ପ୍ରକାର କାଗଜପତ୍ର ଯାଞ୍ଚ କରିଛନ୍ତି। ଏହା ସହ ଏକ୍ସପାରୀ ଔଷଧ, ଷ୍ଟକ ରେଜିଷ୍ଟର, ବିକ୍ରି ରେଜିଷ୍ଟର, ସୋର୍ସ ସାର୍ଟିଫିକେଟ, ଚଢା ଦରରେ ବିକ୍ରିର ତନଖି କରିଥିଲେ। ତେବେ ଏହି ଚଢ଼ଉ ସମୟରେ ବିଭିନ୍ନ ଗାଁର ୯ ଜଣ ସାର ଓ କୀଟନାଶକ ବ୍ୟବସାୟୀ ଅସାଧୁ ଉପାୟ ଅବଲମ୍ବନ କରିଥିବା ଜଣାପଡ଼ିଛି। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ଏଏଓ କୁମାର ଚିରଞ୍ଜିବୀ ସୂଚନା ଦେଇଛନ୍ତି।

## ଓଟିଇଟି ପ୍ରଶ୍ନ ପତ୍ର ଲିକ କେଲେଙ୍କାରୀ

# ଶିକ୍ଷକ ପ୍ରଶାନ୍ତ ଖମାରିଙ୍କୁ ଉଠାଇନେଲା କ୍ରାଇମବ୍ରାଞ୍ଚ

**ଭବାନୀପାଟଣା, ୩୧ଫ୭(ସମିସ):** ରାଜ୍ୟରେ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ପ୍ରଶ୍ନପତ୍ର ଲିକ୍ ମାମଲାର କ୍ରାଇମବ୍ରାଞ୍ଚ ଖୋଳତାଡ଼ କରୁଛି। ଇତିମଧ୍ୟରେ କୋରାପୁଟରୁ ୨ଜଣ ଏବଂ କଳାହାଣ୍ଡିରୁ ଜଣକୁ କ୍ରାଇମବ୍ରାଞ୍ଚ ଉଠାଇ ନେଇଛି। ଏଥିରେ କଳାହାଣ୍ଡି ଜିଲ୍ଲା ଭେଜିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ ଖମାରୀ ରହିଛନ୍ତି। ତାଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ନେଇଛି। ପ୍ରତିବର୍ଷ ଓଟିଇଟି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହେଉଛି। ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅସାଧୁ ଶିକ୍ଷକମାନେ ସାହସ ଜୁଟାଇ ଏହି କାରବାରରେ ଲିପ୍ତ ରହି ଟଙ୍କା ରୋଜଗାର କରିଆସୁଛନ୍ତି।



# ବେପରୁଆ ଚାଳନା ଯୋଗୁଁ ଡାକ୍ତରଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

**ବୀରମହାରାଜପୁର, ୩୧।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସପ୍ନେଶ୍ୱର ବେହେରାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡାକ୍ତର ବେହେରା ରାତିରେ ଦ୍ରୁତବେଗରେ କାର (ଓଡ଼ି ୦୨ ଏସ ୬୬୬୭) ନେଇ ବୀରମହାରାଜପୁର ଚାରିଛକ ପଟୁ ବୀରମହାରାଜପୁର ଡାକ୍ତରଖାନା ଆଡ଼କୁ ଯାଉଥିଲେ। ଦୁର୍ଭାଗ୍ୟକୁ କାରଟି ଭାରସାମ୍ୟ ହରାଇଥିଲା। ତ୍ରିବେଣୀ ଛକ ପାଖ ଟାଉନ୍‌ହଲ ସମ୍ମୁଖ ଏକ ସିମେଣ୍ଟ ଇଲେକ୍ଟ୍ରି ପୋଲ୍‌ରେ ଜୋର୍‌ରେ ପିଟି ହୋଇଯାଇଥିଲା। ଏହାଫଳରେ ଇଲେକ୍ଟ୍ରି ପୋଲଟି ଭାଙ୍ଗି ଯାଇଥିଲା। ସେହିଭଳି ନିକଟରେ ଥିବା ଏକ ଜାମୁ ଗଛରେ କାରଟି ଧକ୍କା ଖାଇଥିଲା। ଅନ୍ୟପକ୍ଷେ ଏକ ମୋଟସାଇକେଲକୁ ଧକ୍କା ଦେଇଥିଲା। ସେଠାରେ ବେଞ୍ଚରେ ଶୋଇଥିବା ଥାନପତି ଭେରାଇଟି ଷ୍ଟୋର ମାଲିକ ଅମୀୟ ଥାନପତିଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯାଇଥିଲେ ମଧ୍ୟ ବର୍ତ୍ତି ଯାଇଛନ୍ତି। ଏହି ଘଟଣା ପରେ ସେଠାରେ ଥିବା ଲୋକେ ଉତ୍ତ୍ୟକ୍ତ ହୋଇ ଉଠଡିଥିଲେ। ବେପରୁଆ ଭାବେ ଦ୍ରୁତ ଗାଡ଼ି ଚାଳନା କରୁଥିବା ଡାକ୍ତରଙ୍କୁ ଗଳିଗୁଲଜ କରିବା ସହ ହାତ ଉଠାଇବାକୁ ପଛାଇ ନ ଥିଲେ। ଖବର ପାଇ ବୀରମହାରାଜପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ଆୟତ୍ତ କରିଥିଲା। ତେବେ ଜଣେ ଡାକ୍ତର ହୋଇଥିବାରୁ ପୁଲିସ ଅନୁକମ୍ପା ଦେଖାଇ ମାମଲା ରୁଜୁ କରିନି। ଏହି ଘଟଣାକୁ ପୁଲିସ ଅତି ହାଲୁକା ଭାବେ ନେଇଛି। ଡାକ୍ତର ଜଣକ ରାତିରେ ମଦ ପିଇ ଗାଡ଼ି ଚାଳନା କରୁଥିଲେ କି ନାହିଁ ପୁଲିସ ତାହା ବି ପରୀକ୍ଷା କରି ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

# ଫାଇଲେରିଆ ନିରାକରଣ ସଚେତନତା ଶିବିର

**ତରଭା, ୩୧।୭(ସମିସ):** ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଗୁରୁବାର ଫାଇଲେରିଆ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ନିଶିକାନ୍ତ ସାମ କୁୱର ଏଥିରେ ଅଧକ୍ଷତା କରିଥିଲେ। ଶିବିରରେ ସିଡିଏମଓ (ପିଏଚଓ) ଯୋବକିମ୍ପସନ୍ ପ୍ରଧାନ, ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଶୋକ ବାଗ ଏବଂ ସୁରେନ୍ଦ୍ର ସରଭଙ୍ଗ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଫାଇଲେରିଆ ରୋଗ ଓ ନିରାକରଣ ସମ୍ବନ୍ଧରେ ସଚେତନ କରିଥିଲେ। ଶିକ୍ଷକ ବିକ୍ରମ କେଶରୀ ଭୋଇ, ପ୍ରଦୀପ ପଟେଲ, ମନୋଜ ମେହେର, ସ୍ୱାଗତିକା ପଧାନ, ରାକେଶ ଭୋଇ, ସୂର୍ଯ୍ୟପ୍ରକାଶ ମହାନ୍ତି, ବିଦ୍ୟାଳୟର ଷ୍ଟାଫ ନର୍ସ ଜ୍ୟୋତିର୍ମୟୀ ନାୟକ ସହଯୋଗ କରିଥିଲେ।



# ଅଭିଭାବକ-ଶିକ୍ଷକ ବୈଠକ





**ବୌଦ୍ଧ, ୩୧।୭(ସମିସ)**

ଦୁକୁଲୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ-ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ବାମଦେବ ଦାଶଙ୍କ ଉଦ୍ୟମରେ ବିଦ୍ୟାଳୟ ତଥା ଶିକ୍ଷାଦାନ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବୃଦ୍ଧି ନିମନ୍ତେ ସ୍ଥାନୀୟ ବେସରକାରୀ ସଂସ୍ଥା ସହଯୋଗରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପଠନ ଲିଖନ ସାମଗ୍ରୀ ବର୍ଣ୍ଣବୋଧ ବହି, ଖାତା, ପେନ, ପେନସିଲ, ରବର ଓ ଚକୋଲେଟ ବଣ୍ଟନ କରାଯାଇଥିଲା। ଉପସ୍ଥିତ ସମସ୍ତ ଅଭିଭାବକ ଧନ୍ୟବାଦ ପ୍ରଦାନ କରିବା ସହିତ ଆନନ୍ଦ ମନରେ ପ୍ରତିଦିନ ନିଜର ସନ୍ତାନ ସନ୍ତତିମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଶପଥ ପାଠ କରିଥିଲେ। ସେହିଭଳି ବୌଦ୍ଧ ବ୍ଲକ ଜହ୍ନାପଙ୍କ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ଅବିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଭାତ କୁମାର ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାଗତ ଭାଷଣ ଓ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅଧ୍ୟାପକ ପ୍ରସନ୍ନ କୁମାର ଶତପଥି କହିଥିଲେ। ଶ୍ରୀ ଶତପଥି ଛାତ୍ର ଛାତ୍ରୀମାନେ କ୍ଲାସ୍ ଶେଷ ହେବା ପର୍ଯ୍ୟନ୍ତ ରହୁନଥିବାରୁ ଅବିଭାବକମାନେ ଏଥିପ୍ରତି ଧାନ ଦେବାକୁ ପରାମର୍ଶ ଦେଇଥିଲେ। ଇଂରାଜୀ ଅଧ୍ୟାପକ ଧ୍ରୁବ ଚରଣ ପାଣିଗ୍ରାହୀ, ଶିକ୍ଷା ଅଧ୍ୟାପକ ଅଶୋକ କୁମାର ପାଣ୍ଡିଆ ଅଧ୍ୟାପିକା ଲିପାରାଣୀ, ସୋନାଲି ପ୍ରଧାନ ମଞ୍ଚାସୀନ ଥିଲେ। ଅଭିଭାବକ ସୁଧାଂଶୁ ଶେଖର ମିଶ୍ର ଓଡ଼ିଆ ଅଧ୍ୟାପକ ପଦବୀ ଖାଲିଥିବା, ରୁଟିନ ହିସାବରେ କ୍ଲାସ ହେଉନ ଥିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ରାମଚନ୍ଦ୍ର ନାଏକ, ସତ୍ୟ ରଞ୍ଜନ ନାଏକ, ସତ୍ୟବାଦୀ ସାହୁ, ସୁରେଶ ବେହେରା, ବୈଶାଖୁ ପ୍ରଧାନ, ସୁରେଶ କହଁର ପ୍ରମୁଖ ଆଲୋଚନା ରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ସୁବାଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣପତି ଆଦର୍ଶ ଶିକ୍ଷା ନିକେତନ, ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ

**ସୁବଳୟା/ବୀରମହାରାଜପୁର, ୩୧।୭ (ସମିସ):** ବୀରମହାରାଜପୁର ଗଣପତି ଆଦର୍ଶ ଶିକ୍ଷା ନିକେତନ ପରିଶେଷରେ ଗୁରୁବାର ଚାରୋରୋପଣ କରାଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଶାନ୍ତାନୁ ମହାକୁର ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷା ଶାନ୍ତି ଲୁହା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଅତିଥିଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ଏଥିରେ ବିଦ୍ୟାଳୟର ୪୩୨ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଶିକ୍ଷକ ବ୍ୟମକେଶ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ଦାଶରଥି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଉଁଶୁଣୀ:** ସ୍ଥାନୀୟ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶ୍ରୀ ସତ୍ୟସାଇ ସେବା ସଂଗଠନ ସହଯୋଗରେ ଚାରାରୋପଣ କରାଯାଇଛି। ବିଦ୍ୟାଳୟର ଅଧକ୍ଷ ମାନଭଞ୍ଜନ ତ୍ରିପାଠୀ, ଡକ୍ଟର ଉମାକାନ୍ତ ବିଶ୍ୱାଳ, ନବକିଶୋର ସ୍ୱାଇଁ, ଡାକ୍ତର ପ୍ରିୟବ୍ରତ ବେହେରା, ସୁନିଲ ବଘାର ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲ୍ଲାପାଳଙ୍କୁ ସାକ୍ଷାତ କଲେ ଜିଲ୍ଲା ଓୟୁଜେ ସଂଘ



ନବରଙ୍ଗପୁର, ୩୧।୭ (ସମିସ): ନବରଙ୍ଗପୁର ଜିଲ୍ଲା ଓୟୁଜେ ସଂଘ ତରଫରୁ ନବରଙ୍ଗପୁର ନୂତନ ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କୁ ଆଜି ସୌଜନ୍ୟ ମୂଳକ ସାକ୍ଷାତ କରାଯାଇଥିଲା। ସଂଘ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ଜିଲ୍ଲାପାଳଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ପ୍ରଶାସନ ଓ ସାମ୍ବାଦିକଙ୍କ ସହଯୋଗରେ ଜିଲ୍ଲାକୁ ଆଗେଇ ନେବା ଲାଗି ଆଲୋଚନା ହୋଇଥିଲା। ବ୍ଲକ ସ୍ତରରେ ଯେଉଁ ସାମ୍ବାଦିକ ମାନେ ଅଛନ୍ତି ସେମାନଙ୍କ ସହ ଜିଲ୍ଲା ପ୍ରଶାସନ ଯୋଗ ସୂତ୍ର ରଖିବା ଲାଗି ସଭାପତି ଶ୍ରୀ ବେହେରା କହିଥିଲେ। ଜିଲ୍ଲାପାଳ ଏ ନେଇ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରିଙ୍କୁ ଜଣାଇବେ ବୋଲି କହିଥିଲେ । ଜିଲ୍ଲା ଓ ବ୍ଲକ ସ୍ତରରେ ଯେତେ ସାମ୍ବାଦିକ ଅଛନ୍ତି ସେମାନଙ୍କ ଚିହ୍ନଟ କରିବା ପାଇଁ ସଂଘ ତରଫରୁ ଅନୁରୋଧ କରାଯିବା ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ପ୍ରତେକ ଥାନାରେ ସାମ୍ବାଦିକଙ୍କ ଚିହ୍ନଟ କରାଯିବା ଲାଗି ନିବେଦନ କରାଯାଇଥିଲା । ଆଜିର ଏହି ସାକ୍ଷାତ କାର ସମୟରେ ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଚିଦାନନ୍ଦ ସାହୁ, ଫାଲଗୁନି ପାତ୍ର, ମହେଶ୍ୱର ବେହେରା, ବାରିଜ ପଟନାୟକ, ସୁମିତ ଘଣ୍ଟ, ଏନ ଜନାର୍ଦ୍ଦନ ରାଓ, ଗୌତମ ଅଗ୍ରୱାଲ, ଲକ୍ଷ୍ମୀ କାନ୍ତ ପଣ୍ଡା, ପ୍ରବୀଣ ସତନାମୀ, ଖଗ ମହାକୁଡ, ପ୍ରଶାନ୍ତ ସାହୁ ପ୍ରମୁଖଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

# କଂଗ୍ରେସ ପ୍ରତିନିଧିଙ୍କ ମେଣ୍ଟାଲ୍ ହସ୍ପିଟାଲ ପରିଦର୍ଶନ



ମାଲକାନଗିରି, ୩୧।୭ (ସମିସ): ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଜି ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ ଜିଲ୍ଲା ମେଣ୍ଟାଲ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ସେଠାରେ କଣ ସବୁ ସମସ୍ୟା ଅଛି ସେନେଇ ତଦାରଖ କରିଥିଲେ। ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଏହି ଟିମ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲା କଂଗ୍ରେସର ବରିଷ୍ଠ କର୍ମକର୍ତ୍ତା ପି.କେଶୁ ରାଓ, ଛବି ଦାସ, ପର୍ଶୁରାମ ଭକ୍ତ, ରାଜେଶ ମାଦଳା ପ୍ରମୁଖ ଉପସ୍ଥିତ ଥିଲେ।

● ସଂପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

# ମାଥିଲିକୁ ମିଳିଲା ସ୍ୱର୍ଣ୍ଣ ପଦକ



ମାଥିଲି, ୩୧।୭ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ର ଅଙ୍ଗନବାଡି, ଆଶାକର୍ମୀ, ସ୍ୱାସ୍ଥ୍ୟ ଶିକ୍ଷା ପରିମଳ କ୍ଷେତ୍ରରେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବାରୁ ରାଜ୍ୟ ସରକାର ମାଥିଲି ବ୍ଲକକୁ ପୁରସ୍କୃତ କରିଛନ୍ତି। ଆଶା, ଅଙ୍ଗନବାଡି ଓ ଏଏନ୍‌ଏମ ନିଷ୍ଠାପର କାର୍ଯ୍ୟ ସମ୍ପାଦନ କରି ପୁରସ୍କୃତ ହୋଇଥିବାରୁ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ କିଭଳି ଜାତୀୟ ସ୍ତରରେ ପୁରସ୍କୃତ ହେବା ପାଇଁ ଚେଷ୍ଟା ଜାରି ରଖିବେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ମାଥିଲି ବ୍ଲକ ସଭାଗୃହରେ ବ୍ଲକ ଅଧ୍ୟକ୍ଷ ମହେଶ ବାକାଙ୍କ ଉପସ୍ଥିତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାଥିଲି ବିଡିଓ ପ୍ରମୋଦ କୁମାର ବେହେରା ସମସ୍ତ କର୍ମୀଙ୍କୁ ଓ ଅଧିକାରୀଙ୍କୁ ଶୁଭେଚ୍ଛାର ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ସରୋଜ କୁମାର ପ୍ରଧାନ, ଏଇଇ ହୃଦୟ ରଞ୍ଜନ ବାଗ, ଜିପିଡିଓ ରତନ ରାୟ ପ୍ରମୁଖଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ୟୁଏଏସ୍ ସ୍ଥଗିତ ପାଇଁ ଦାବିପତ୍ର ପ୍ରଦାନ



ବନ୍ଧୁଗାଁ, ୩୧।୭ (ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଘ ବନ୍ଧୁଗାଁ ବ୍ଲକର ଶିକ୍ଷକ ସସଂଘ ସଭାପତି ମନୋଜ ବାଗଙ୍କ ନେତୃତ୍ୱରେ ଆଜି ବ୍ଲକର ଶିକ୍ଷକ ଓ ଶିକ୍ଷୟତ୍ରୀ ଏକତ୍ରିତ ହୋଇ ବନ୍ଧୁଗାଁ ଶିକ୍ଷକ ସଂଘ ଗୃହରୁ ବାହାରି ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସ୍ଲୋଗାନ ସହ ରାଲି କରି ବାହାରିଥିଲେ। ଆଜିର ମୁଖ୍ୟ ଉଦ୍ୟେଶ ଥିଲା କି ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ୟୁ.ଏ.ଏସ. ୟୁନିଫା ଇଡ ଅଟମେସନ ସିଷ୍ଟମକୁ ସ୍ଥଗିତ ରଖିବା। ବନ୍ଧୁଗାଁ ବ୍ଲକର ନିଖିଳ ପ୍ରାଥମିକ ଶିକ୍ଷକ ସଙ୍ଘର ସମ୍ପାଦକ କେ.ପ୍ରତାପ କୁମାର ଏହାକୁ ବିରୋଧ କରିଛନ୍ତି। ଆନ୍ଦୋଳନକାରୀମାନେ ରାଜ୍ୟପାଳ ଓଡିଶା, ମୁଖ୍ୟମନ୍ତ୍ରୀ ଓଡିଶା, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା, ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ଓଡ଼ିଶା, ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା ଓଡିଶା, ଜିଲ୍ଲାପାଳ କୋରାପୁଟ, ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟଙ୍କ ଉଦ୍ଦେଶ୍ୟରେ ବନ୍ଧୁଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ପହଞ୍ଚି କାର୍ଯ୍ୟାଳୟେ କାର୍ଯ୍ୟର ଦାୟୀତ୍ୱରେ ରହିଥିବା କନିଷ୍ଟ କିରାଣୀ ଶ୍ରୀ ଅବନି ତ୍ରିପାଠିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଜିର ରାଲିରେ ନିଖିଳ ପ୍ରାଥମିକ ଶିକ୍ଷକ ସଙ୍ଘର ଉପ ସଭାପତି ଦେବେନ୍ଦ୍ର ଗମାଙ୍ଗ, ଜିଲ୍ଲା ସଂଘ ପ୍ରତିନିଧୀ ସନ୍ୟାସୀ ରାଓ ଦେବରପଲି, ବରିଷ୍ଠ ଶିକ୍ଷକ ଧ୍ରୁବ ଚରଣ ବଳବନ୍ତ ରାୟ, ପରୀକ୍ଷିତ ଦାସ, ଗୟାଧର ସାମଲ, ଚନ୍ଦ୍ରକଳା ଦେବୀ, ଏ.ଭେଙ୍କଟ ରାବନା ସହ ବ୍ଲକ୍ ର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ ।

# ୟୁଏସ୍‌ଏକୁ ବିରୋଧ କଲେ ଶିକ୍ଷକ ସଂଘ

ପୋଡ଼ାଗଡ, ୩୧।୭ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆଜି ୟୁଏସ୍‌ଏ ପ୍ରଥାକୁ ବିରୋଧ କରି ଥାନା ଛକଠାରୁ ବିଇଓ ଅଫିସ ପର୍ଯ୍ୟନ୍ତ ଏକ ମହା ରାଲି କରିଥିଲେ। ଉକ୍ତ ରାଲିରେ ଦଶମନ୍ତପୁର ଶିକ୍ଷକ ସଙ୍ଘର, ବାସ ପ୍ରଧାନୀ, କୃଷ୍ଣ ମହାରଣା, ଚୋଳଗଙ୍ଗ ବିଶୋଇ, ଭୁବନ ଦଳାଇ, ନକୁଳ ନାୟକ ଏବଂ ପୋଡାଗଡ଼ ସଙ୍ଘ ର ସୁନୀଲ ଟାକ୍ରୀ, ତାରିଣୀ ସେନ ସ୍ୱାଇଁ, ଲକ୍ଷ୍ମାନ ସଗର, ଯୋଗ ଦେଇ ଥିଲେ ।

## ନୂଆ କୌଶଳ ଆପଣାଇଛନ୍ତି ସାଇବର ଠକ

# ଗ୍ରାହକ ସାଜି ଆସିଲେ, ସେବାକେନ୍ଦ୍ରରୁ ୩.୫ ଲକ୍ଷ ଲୁଟିଲେ

କୋରାପୁଟ, ୩୧।୭ (ସମିସ): ଲୋକଙ୍କୁ ଠକିବା ପାଇଁ ବର୍ତ୍ତମାନ ସାଇବର ଲୁଟେରା ପୁରୁଣା ତରିକା ଛାଡ଼ି ନୂଆ ନୂଆ କୌଶଳ ଆପଣାଉଛନ୍ତି। ଗତ କିଛି ଦିନ ମଧ୍ୟରେ ସାଇବର ଠକ ଦଳ ଏକ ନୂଆ ଫଣ୍ଡା ଉପଯୋଗ କରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ୬ ଗ୍ରାହକ ସେବା କେନ୍ଦ୍ର ମାଲିକଙ୍କ ଠାରୁ ଲୁଟି ନେଇଛନ୍ତି ପ୍ରାୟ ୩ ଲକ୍ଷ ୩୮ ହଜାର ଟଙ୍କା। ବହୁ ବିଳମ୍ବରେ ସେମାନେ ଜାଣିବା ପରେ ସ୍ଥାନୀୟ ଥାନାରେ ଏତଲା ଦେବା ସହ ଗୁରୁବାର ଏସପିଙ୍କ ସମେତ କୋରାପୁଟ ସାଇବର ଥାନାରେ ସମୂହ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ ସଂପୃକ୍ତ ସାଇବର ଠକ ଗ୍ୟାଙ୍ଗ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରି ସେବା କେନ୍ଦ୍ରରେ ଯାଇ ଜରୁରୀ ଆବଶ୍ୟକତା ଥିବା କହି ବିଶେଷ କରି ଚିକିତ୍ସା ପାଇଁ ନଗଦ ଅର୍ଥ ଆବଶ୍ୟକ କହି ଠକି ଥିବା ଜଣା ପଡିଛି। ଠକ ଜଣକ ଜୁନ୍ ଏବଂ ଜୁଲାଇ ମାସ ମଧ୍ୟରେ କୋଟପାଡ ଥାନା ଶଶାହାଣ୍ଡି, ଏନ୍ ସନ୍ତୋଷ କୁମାରଙ୍କ ଠାରୁ ଜୁଲାଇ ୨୭ ରେ ୮୦ ହଜାର, ଡାମନାହାଣ୍ଡିର ସନ୍ତୋଷ କୁମାର ଷଡଙ୍ଗୀଙ୍କ ଠାରୁ ୨୫ ତାରିଖରେ ୧୫ ହଜାର, ବୋରିଗୁମ୍ମାର ବାଙ୍କସାହିର ବୀରେନ ଘାରାମିଙ୍କ ଠାରୁ ୨୦ ତାରିଖରେ ୫୦ ହଜାର, ୨୧ ତାରିଖରେ ଜୟପୁର ଖ୍ରୀଷ୍ଟିଆନ ପେଟ୍ଟାର ସନ୍ଧ୍ୟା ରାଣୀ ବେନିଆଙ୍କ ଠାରୁ ୭୦ ହଜାର, ୨୫ ତାରିଖରେ ନୂଆଗାଁର ଅଞ୍ଜଳୀ ବିଶୋଇଙ୍କ ଠାରୁ ୨୩ ହଜାର ଏବଂ ବୈପାରିଗୁଡ଼ା ଥାନା ଟାଙ୍ଗନିଗୁଡ଼ାର ରାଜେଶ ମହାନ୍ତିଙ୍କ ଠାରୁ ଜୁନ ୧୫ ରେ ୧ ଲକ୍ଷ ଟଙ୍କା ଠକି ନେଇଥିଲେ। ସମସ୍ତଙ୍କ ଠାରୁ ସମାନ ଉପାୟରେ ଚିକିତ୍ସା ପାଇଁ ଆବଶ୍ୟକ କହି ଗ୍ରାହକ ସେବା କେନ୍ଦ୍ରର କ୍ୟୁଆର୍ କୋଡ



ଜରିଆରେ ଅନ୍ୟ ସହଯୋଗୀ ଦ୍ୱାରା ଟଙ୍କା ଅନଲାଇନ୍ ପୈଠ କରୁଥିଲେ ଓ ସେବା କେନ୍ଦ୍ରରୁ ନଗଦ ଟଙ୍କା ନେଉଥିଲେ। ଟଙ୍କା ନେବାର କିଛି ଦିନ ପରେ ସେବା କେନ୍ଦ୍ର ଗୁଡ଼ିକର ବ୍ୟାଙ୍କ ଖାତା ଫ୍ରିଜ୍ ହେଉଥିଲା। ପରେ ପୀଡିତମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତଦନ୍ତ ପରେ ବ୍ୟାଙ୍କ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ କାରବାରରେ ଜଡିତ ଆକାଉଣ୍ଟଗୁଡ଼ିକ ଚାଲିଥିବା ସାଇବର ଅପରାଧ ତଦନ୍ତ ସହିତ ଜଡିତ ଥିଲା କିମ୍ବା ଚୋରି ହୋଇଥିବା ରିପୋର୍ଟ କରାଯାଇଥିଲା। ଜଣେ ପୀଡିତ ଅଭିଯୁକ୍ତର ଫଟୋ ଉଠାଇବାରେ ସଫଳ ହୋଇଥିଲେ, ଯାହା ପୁଲିସକୁ ପ୍ରଦାନ କରାଯାଇଛି। ଅନ୍ୟ ପକ୍ଷରେ ସଂପୃକ୍ତ ଠକ ଗ୍ୟାଙ୍ଗ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଲୋକଙ୍କୁ ଠକି ସେମାନଙ୍କ ବ୍ୟାଙ୍କ ଖାତାରୁ ପୀଡ଼ିତ ମାନଙ୍କ ପାଖକୁ ଟଙ୍କା ପଠାଇଥିବା ଜଣାପଡିଥିବାବେଳେ ଆନ୍ଧ୍ର ପ୍ରଦେଶ ସାଇବର ପୁଲିସ ନିକଟରେ ଅଭିଯୋଗ ହେଇଥିବାରୁ ବର୍ତ୍ତମାନ ଏହି ୬ ଜଣ ସେବା କେନ୍ଦ୍ର ମାଲିକଙ୍କ ବିରୁଦ୍ଧରେ ସେଠାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ତେଣୁ ପୀଡ଼ିତ ମାନେ ଏସପି ରୋହିତ ବର୍ମାଙ୍କୁ ଭେଟି ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

# ନୂତନ ଜିଲ୍ଲାପାଳଙ୍କ କୋଟିଆ ଗସ୍ତ

ପଟ୍ଟାଙ୍ଗି, ୩୧।୭ (ସମିସ) କୋରାପୁଟ ଜିଲ୍ଲାରେ ନୂତନ ଭାବେ ଜିଲ୍ଲାପାଳ ଭାବେ ମନୋଜ ସତ୍ୟଭାନ ମହାଜନ ଦାୟୀତ୍ୱ ଗ୍ରହଣ କରିବା ପରେ ଆଜି ଗୁରୁବାର କୋଟିଆ ପଞ୍ଚାୟତ ଗସ୍ତ କରିଅଛନ୍ତି। ସୂଚନା ଅନୁଯାୟୀ ଓଡିଶା ଏବଂ ଆନ୍ଧ୍ର ମଧ୍ୟରେ ଦୀର୍ଘ ବର୍ଷ ଧରି ବିବାଦ ଲାଗି ରହିଥିବା କୋଟିଆ ପଞ୍ଚାୟତ ପ୍ରତ୍ୟେକ ସମୟରେ ଚର୍ଚ୍ଚାରେ ରହିଅଛି।କୋରାପୁଟ ଜିଲ୍ଲା ର ବର୍ତ୍ତମାନ ଜିଲ୍ଲାପାଳ ଶ୍ରୀ ମହାଜନ ଦାୟୀତ୍ୱ ଗ୍ରହଣ ନେବା ପରେ ସେ କୋଟିଆ ରେ ପହଞ୍ଚି ଓଡ଼ିଶା ସରକାରଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକ ତଦାରଖ କରି ଫେରିଛନ୍ତି।ସେ କୋଟିଆ ପଞ୍ଚାୟତର କୋଟିଆ, ଉପର ସେମ୍ବି, ନେରେଡିୱାଲାସା, ତାଡିୱାଲାସା, ମାଡକାର, ଫାଟୁସିନେରୀ ଏବଂ ହରମାଣ୍ଡେଙ୍ଗି ଗ୍ରାମ ଗୁଡ଼ିକୁ ଗସ୍ତ କରିଥିଲେ।ଉକ୍ତ ଅଞ୍ଚଳର ବିଭିନ୍ନ ଗ୍ରାମବାସୀ ଙ୍କ ସହ ଆଲୋଚନା କରି ସହ ସେମାନଙ୍କ ସମସ୍ୟା ଗୁଡ଼ିକୁ ପଚାରି ବୁଝିଥିଲେ।ସମସ୍ୟା ଗୁଡ଼ିକୁ ସମାଧାନ



କରାଯିବା ନେଇ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ନେଇ ଜଣାପଡିଛି। ଏବଂ ବିଭିନ୍ନ ବିଦ୍ୟାଳୟ, ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକୁ ଦେଖିଥିବା ନେଇ ଜଣାପଡିଛି।ଉକ୍ତ ସମୟରେ ସ୍ଥାନୀୟ ସରପଞ୍ଚ ଲିୟୁ ଗେମେଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କୋରାପୁଟ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା, କୋରାପୁଟ ବେଣୁଧର ଶବର, ଉପଜିଲ୍ଲାପାଳ ପ୍ରେମଲାଲ୍ ହିଆଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ, ଏ ଇ ଇ ବିଶ୍?ନାଥ ମାଦେଲି, ସ୍ଥାନୀୟ ଯନ୍ତ୍ରୀ ଜୟରାମ ତରାଇ, ଏପିଓ ସୌମେନ୍ଦ୍ର ନାୟକ, ଗ୍ରାମ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ର ସହକାରୀ ଯନ୍ତ୍ରୀ ବାସୁଦେବ ଦାସ ପ୍ରମୁଖ ଉପସ୍ଥିତ ରହିଥିବା ନେଇ ଜଣାପଡିଛି।

# ଛୁରାମାଡ଼ରେ ଜଣେ ଗୁରୁତର, ଅଭିଯୁକ୍ତ ଗିରଫ

ଜୟପୁର, ୩୧।୭ (ସମିସ): ଜୟପୁର-ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥର ପାତ୍ରପୁଟ ଗ୍ରାମ ପେଟ୍ରୋଲ ପମ୍ପ ନିକଟରେ ଜଣେ ଦୁର୍ବୃତ୍ତଙ୍କ ଛାରାମାଡ଼ରେ ଜଣେ ପେଟ୍ରୋଲ ପମ୍ପ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଗତକାଲି ସଂଧ୍ୟାରେ ଏହି ଘଟଣା ଘଟିଥିଲା, ଗୁରୁତର ଆହାତ ବୈପାରୀଗୁଡା ଥାନା ଚନ୍ଦ୍ରପଡା ଗ୍ରାମପଞ୍ଚାୟତ ପାଲିଗୁଡା ଗ୍ରାମର ଯୁବକ ରାଜେନ୍ଦ୍ର ଖିଲ (୩୦)ଙ୍କୁ ତୁରନ୍ତ ଜିଲ୍ଲା ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ତାଙ୍କର ଅବସ୍ଥା ଗୁରୁତର ରହିଥିବା ଯୋଗୁଁ କୋରାପୁଟ ସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକମାନେ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କୁ ସେଠାରେ ଧରି ଧୁମମାଡ ମାରିଥିଲେ। ପୁଲିସକୁ ସୂଚନା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ନିଜ ହେପାଜତରେ ନେଇଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଧରାପଡିଥିବା ଅଭିଯୁକ୍ତ ଜୟପୁର ସଦରଥାନା ମକାପୁଟ ଗ୍ରାମର ଯୁବକ ଅଟନ୍ତି ବୋଲି ଜଣାପଡ଼ିଛି। ଅଟକ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି ଏବଂ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ପୁଲୁସ ସୂଚନା ଅନୁଯାୟୀ, ଗତକାଲି ସଂଧ୍ୟାରେ ପେଟ୍ରୋଲ ପମ୍ପରେ ଦୁଇଜଣ ଯୁବକ ଏକ ଅଟୋ (ଓଡି-୩୦-ସି-୧୬୦୬) ଯୋଗେ ପହଞ୍ଚି ଡିଜେଲ ପକାଇଥିଲେ। ଏହାପରେ କାର୍ଯ୍ୟରତ କର୍ମଚାରୀ ଶ୍ରୀ ଖିଲ ଟଙ୍କା ମାଗିବାରୁ ଅଟୋ ବସିଥିବା ଯୁବକ ହଠାତ ଏକ ଛୁରା ବାହାର କରିବା ସହ କର୍ମଚାରୀଙ୍କ ବେକରେ ଛୁରାମାଡ କରିଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ପୁଲିସ ସିସି କ୍ୟାମେରା ଯାଞ୍ଚ କରିବା ସହ ଯାଞ୍ଚ କରୁଛନ୍ତି । ଅତିଶିଘ୍ର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସଦରଥାନା ପୁଲିସ ପ୍ରକାଶ କରିଛନ୍ତି

# ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ଫେରାର ଯୁବକ ଗିରଫ

ଡାବୁଗାଁ, ୩୧।୭ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ପୋଲିସ ଯୁବତୀଙ୍କୁ ଦୁଷ୍କର୍ମ ମାମଲାର ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଞ୍ଚଳରେ ଜଣେ ୧୮ ବର୍ଷୀୟ ଯୁବତୀଙ୍କୁ ୨୦୨୪ ମସିହାରେ କୋଡିଗାଁ ଥାନା ଅଧୀନ ବାଙ୍କୁଲି ଗ୍ରାମର ଶିବ ହରିଜନ (୨୬) କେଉଁ ଆଡେ ନେଇ ଚାଲି ଯାଇଥିଲେ। ରାତି ପର୍ଯ୍ୟନ୍ତ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ପାଇ ନଥିଲେ। ପରେ ଜାଣିବାକୁ ପାଇଥିଲେ ଯେ ବାଙ୍କୁଲି ଗ୍ରାମର ଶିବ ହରିଜନ ତାଙ୍କ ଝିଅକୁ କେଉଁ ଆଡେ ନେଇ ଚାଲି ଯାଇଛି । ଯୁବକ ଜଣଙ୍କ ଯୁବତୀ ସହ ଶାରିରୀକ ସମ୍ପର୍କ ରଖିଥିଲେ। କିଛି ଦିନ ପରେ ସେ ଯୁବତୀଙ୍କୁ ଆଣି ତାଙ୍କ ଗ୍ରାମ ପାଖରେ ଛାଡି ଚାଲିଯାଇଥିଲେ। ଏହାପରେ ଯୁବତୀ ଜଣଙ୍କ ପରିବାର ଲୋକଙ୍କୁ ସବୁ କଥା କହିଥିଲେ। ଡାବୁଗାଁ ଥାନାରେ ଏତଲା ହୋଇଥିଲା। ସମ୍ପୃକ୍ତ ଯୁବକ ଜଣଙ୍କ ସେହି ଦିନ ଠାରୁ ଫେରାର ଥିଲେ। ଆଜି ଗୁରୁବାର ଯୁବକ ନିଜ ଗ୍ରାମକୁ ଫେରିଥିବା ପୋଲିସ ଖବର ପାଇ ବାଙ୍କୁଲି ଗ୍ରାମରେ ଚଢାଉ କରି ଶିବ ହରିଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ସବ୍ ଇନିସ୍ପେକ୍ଟର ବିକ୍ରମ କିଶୋର ସାହୁ ପ୍ରକାଶ କରିଛନ୍ତି।

# ଜିଲ୍ଲାପାଳଙ୍କୁ ମିଶନ ଶକ୍ତି ପକ୍ଷରୁ ସମ୍ବର୍ଦ୍ଧନା



କୋରାପୁଟ, ୩୧।୭ (ସମିସ): ଜିଲ୍ଲା ମିଶନ ଶକ୍ତି ପକ୍ଷରୁ ନବାଗତ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ଜ୍ୟୋତି ରେଖା ଚେଟି, ଆକାଉଣ୍ଟଣ୍ଟ ଉମେଶ ଶବର, ପବିତ୍ର ପଟ୍ଟନାୟକ ଓ ଅନ୍ୟମାନେ ଗୁରୁବାର ପୂର୍ବାହ୍ନରେ ନବାଗତ ଜିଲ୍ଲାପାଳଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ସାପକାମୁଡ଼ାରେ ବୃଦ୍ଧ ଗୁରୁତର

ବନ୍ଧୁଗାଁ, ୩୧।୭ (ସମିସ): ବନ୍ଧୁଗାଁ ବ୍ଲକ ଯାଗୁଗୁଡା ପଞ୍ଚାୟତ ଲେଡିଙ୍ଗି ଗାଁରେ ବୃଦ୍ଧଙ୍କୁ ସାପକାମୁଡାରେ ଜଣେ ବୃଦ୍ଧ ଗୁରୁତର ହୋଇଛି। ଆଜି ଅପରାହ୍ନ ସମୟରେ ବୃଦ୍ଧ ପାଇକ ହାରେକା (୭୦) ର୍ ଘରରୁ ଅଳ୍ପ ଦୂରରେ ଥିବା ଧାନ ବିଲରେ ଥିବା ଗାଈ ଗୋରୁଙ୍କୁ ଘଉଡାଇବାକୁ ଯାଇଥିଲେ। ଏହି ସମୟରେ ଏକ ବିଷ ଧର ସାପ ବୃଦ୍ଧର ଡାହାଣ ଗୋଡ଼ରେ କାମୁଡି ଥିଲା। ପରିବାର ଲୋକଙ୍କ ତରଫରୁ ଘରେଇ ଚିକିତ୍ସା କରୁଥିବା ବେଳେ ବୃଦ୍ଧ ଜଣକ ଅଧିକ ଅସୁସ୍ଥତା ଅନୁଭବ କରିଥିଲେ। ପରେ ଏକ ଆମ୍ବୁଲାନ୍ସ ସେବା ମାଧ୍ୟମରେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

# ତହସିଲଦାରଙ୍କୁ ଗିରଫ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

ସେମିଳିଗୁଡା, ୩୧।୭ (ସମିସ): କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା ଅଭିଯୋଗରେ ସେମିଳିଗୁଡା ତହସିଲଦାର ଦେବବ୍ରତ କରାତିଙ୍କୁ ଗିରଫ ପାଇଁ ପରୱାନା ଜାରି ହୋଇଛି। ୨୦୧୮ରେ ଆଇନଜୀବୀ କୃତିବାସ ରାଉତ କୌଣସି କାରଣକୁ ନେଇ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ସିସି ନଂ.୧୧୩/୧୮ ଘଟଣାର ବିଚାର କରି ସେତେବେଳର ଅତିରିକ୍ତ ତହସିଲଦାର ତଥା ବର୍ତ୍ତମାନର ତହସିଲଦାର ଦେବବ୍ରତଙ୍କୁ ୨୫ ହଜାର ଟଙ୍କାର ଜରିମାନା କରିଥିଲେ। ପରେ ୨୦୨୩ ରେ ଦରଖାସ୍ତ ନଂ. ୫ ରେ ଅଦାଲତ ଜବାବ ତଲବ କରିଥିଲେ। ହେଲେ ଅଧିକାରୀ ଜଣକ ଅଦାଲତଙ୍କ ନିର୍ଦ୍ଦେଶକୁ ଆଜି ପର୍ଯ୍ୟନ୍ତ ପାଳନ କରି ନାହାନ୍ତି। ଯାହାକୁ ନେଇ ଅଦାଲତ ଗିରଫ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସିଆର୍‌ପିସି ଧାରା ୭୧ ଓ ୭୨ ତଥା ଖାଉଟି ଅଧିନିୟମ ୧୯୮୬ ଧାରା ୨୭ ଅନୁଯାୟୀ ୨୬୧/୨୯୭୨୫ରେ ସେମିଳିଗୁଡା ଥାନା ଅଧିକାରୀଙ୍କୁ ଗିରଫ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଦେଇଛନ୍ତି।।

## ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତି ଉପରେ ବିଶ୍ୱାସ

# କାଉ ମିଳନକୁ ନେଇ ପାଳନ ହେଲା ପରମ୍ପରା

ଜୟପୁର, ୩୧।୭ (ସମିସ): ବିଜ୍ଞାନ ଯେତେ ଆଧୁନିକ ହେଲେ ସୁଦ୍ଧା ନିଜ ପରମ୍ପରା ଅନୁଯାୟୀ ଆଦିବାସୀ ମାନେ ସେମାନଙ୍କ ବିଶ୍ୱାସକୁ ବଜାୟ ରଖିଥାଆନ୍ତି। ଏହିପରି ଏହାକୁ ବିଶ୍ୱାସ କିମ୍ବା ଅନ୍ଧ ବିଶ୍ୱାସ କୁହାଯାଇପାରେଫ କିନ୍ତୁ ଏହି ଆଧୁନିକ ଯୁଗରେ ମଧ୍ୟ ସେମାନେ ଅଶୁଭ ସଂକେତ ଉପରେ ବିଶ୍ୱାସ ଏବଂ ଭୟ ରଖିଛନ୍ତି। ଏହିପରି ଘଟଣା ଆଦିବାସୀ ବହୁଳ କୋରାପୁଟ ଜିଲ୍ଲା ଜୟପୁର ସହର ସନ୍ନିକଟ ରଣ୍ଡାପାଲ୍ଲୀ ଗ୍ରାମପଞ୍ଚାୟତର ପାତ୍ରଗୁଡା ଗ୍ରାମ ଠାରେ ଦେଖିବାକୁ ମିଳିଛି। ଦୁଇଟି କାଉର ମିଳନକୁ ନେଇ ଗ୍ରାମର ଦୁଇ ଯୁବକ ଆଦିବାସୀ ପରମ୍ପରା ଓ ସଂସ୍କୃତିକୁ ପାଳନ କରିବା ଏକ ପ୍ରକାର ବାଧ୍ୟ ହୋଇଛନ୍ତି। ଗତ ସୋମବାର ଗ୍ରାମର ଦୁଇ ଯୁବକ ଗୁପ୍ତେଶ୍ୱର ଶୈବ ପୀଠକୁ ଯାଇ ଫେରିବା ରାସ୍ତା ଏକ ଗ୍ରାମର ବିଦ୍ୟାଳୟ ନିକଟରେ ସଂଧ୍ୟା ସମୟରେ ଦୁଇଟି କାଉର ମିଳନ ଦେଖିଲେ। ଏଥିନେଇ ଦୁଇ ଯୁବକ ଫୋନ ମାଧ୍ୟମରେ ତାଙ୍କର ସମ୍ପର୍କିୟ ଜଣେ ବୟସ୍କ ଲୋକଙ୍କୁ ଫୋନ ମାଧ୍ୟମରେ ଏହି



ଘଟଣା ସମ୍ପର୍କରେ କହିଥିଲେ। ଏହିପରି ପରମ୍ପରା ଓ ବିଶ୍ୱାସ ଅନୁଯାୟୀ ଉକ୍ତ ବୟସ୍କ ଲୋକ ଏବଂ ଗ୍ରାମବାସୀ ମାନେ ମିଳିତ ପରିବାର ଲୋକ ସହିତ ସ୍ଥାନୀୟ ସମ୍ପର୍କିୟ ଏବଂ ବାହାର ଗ୍ରାମରେ ରହୁଥିବା ବନ୍ଧୁବାନ୍ଧବଙ୍କୁ ଦୁଇ ଯୁବକଙ୍କ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ଏହିପରି ପରିବାର ଏବଂ ଅନ୍ୟାନ୍ୟ ସମ୍ପର୍କିୟଙ୍କ ଅଜଣାତରେ କିଛି ଗ୍ରାମବାସୀ ମୃତ ଘୋଷଣା କରାଯାଇଥିବା କୁଶପୁତ୍ତଳିକା ପ୍ରସ୍ତୁତ କରାଯାଇ, ଦୁଇ ଯୁବକଙ୍କ ମୃତ ଦେହକୁ ଅଣାଯାଇଥିବା ନେଇ କୋକେଇ ପ୍ରସ୍ତୁତ କରାଯାଇ ମୃତଦେହ ଭାବେ ଉକ୍ତ କୁଶପୁତ୍ତଳିକାକୁ ଘରକୁ ନେବା ବଦଳରେ ବିଭିନ୍ନ ବାହାନା ଦେଖାଇ ଗ୍ରାମ ମୁଣ୍ଡରୁ ରଖାଯାଇଥିଲା। ସେହିପରି କୋକେଇରେ ଉକ୍ତ କୁଶପୁତ୍ତଳିକା ଶବକୁ ରଖାଯାଇ ବୋହି ବୋହି କାନ୍ଦବୋବାଳି ସହ ଦୁଖଃଦ ପରିବେଶ ସୃଷ୍ଟି କରାଯାଇ ସ୍ଥାନୀୟ ଶ୍ମଶାନ କୁ ରୀତିନୀତି ଅନୁଯାୟୀ ଗତ ମଙ୍ଗଳବାର ଶବଦାହ କରାଯାଇଥିଲା। ଏହି ସମୟରେ ଉଭୟ ଯୁବକଙ୍କୁ ଗ୍ରାମକୁ ଆସିବାକୁ ବାରଣ କରାଯାଇଥିଲା। ଏହିପରି ଘରକୁ ଫେରି ସମ୍ପର୍କିୟ ଏବଂ ପରିବାର ଲୋକ ଦୁଃଖଦ ପିତା ଖାଇଥିଲେ। ଏହାପରେ ଗତକାଲି ଏହି ଘଟଣା ସମ୍ପୂର୍ଣ୍ଣ ମଥ୍ୟା ଏବଂ ଏହିପରି କାଉମିଳନ ଦେଖିବା ଯୋଗୁଁ ଅଶୁଭ ସଙ୍କେତ ହୋଇଥିବା ବେଳେ ଉଭୟ ଯୁବକଙ୍କ ମୃତ୍ୟୁ ହେବାର ଆଶଙ୍କା ରହିଥିବା ନେଇ ଆଦିବାସୀ ବିଶ୍ୱାସ ଓ ମାନ୍ୟତା ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଇଥିବା ନେଇ ଗ୍ରାମର ବୟସ୍କ ଏବଂ ଅନ୍ୟାନ୍ୟ ଗ୍ରାମବାସୀ ମାନେ ପରକାଶ କରିଛନ୍ତି। ଏହା ଦ୍ୱାରା ସେମାନଙ୍କ ଉପରେ ଆସିଥିବା ଏକ ବଡ ଅଘଟଣ ଟଳିଯାଇଥିବା ନେଇ ବିଶ୍ୱାସର ସହ କହିଛନ୍ତି। ଦେଶ ସ୍ୱାଧିନତା ହେବାର ୭୮ ବର୍ଷ ପରେ ମଧ୍ୟ ଆଦିବାସୀଙ୍କ ଏହା ପରମ୍ପରା, ବିଶ୍ୱାସ ନା ଅନ୍ଧବିଶ୍ୱାସ ଏହାକୁ ଗୁରୁତର ସହ ପ୍ରଶାସନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ତେଣୁ ଏଥିନେଇ ଏହିପରି ଆଦିବାସୀ ବହୁଳ ଜିଲ୍ଲା ଗୁଡିକରେ ଅଧିକ ସଚେତନତାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।



## ପୂର୍ବ ଶତ୍ରୁତାରୁ ମାରପିଟ୍, ଜଣେ ଗୁରୁତର

ରାୟଗଡ଼ା, ୩୧।୭ (ସମିସ): ରାୟଗଡ଼ା ସହରର ଏକ ସିନେମା ହଲ ସମ୍ମୁଖରେ ଗୁରୁବାର ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଜଣଙ୍କ ମଧ୍ୟରେ ଝଗଡ଼ା ହୋଇ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ ଜଣକ ହେଲେ ରାମକୃଷ୍ଣ ନଗର ନିକଟସ୍ଥ ବେହେରା ସାହିର ଜାକବ୍ ରାଜ୍(୨୨)। ଖବରପାଇ ୧୧୨ ଗାଡି ଘଟଣାସ୍ଥଳରେ ପହଞ୍ଚି ଆହତ ଜାକବଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପୁଲିସ ଘଟଣାର ତଦନ୍ତ କରୁଛି। ଘଟଣାରୁ ପ୍ରକାଶ ଯେ, ଜାକବ ସିନେମା ହଲକୁ ଫିଲ୍ମ ଦେଖିବାକୁ ଯାଇଥିଲେ। ଫିଲ୍ମ ଦେଖି ବାହାରିବା ବେଳେ ସେଠାରେ ଉପସ୍ଥିତ ଅନ୍ୟ ଜଣଙ୍କ ସହିତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା। ଉକ୍ତ ସମୟରେ ଜାକବ ଛୁରୀ ବାହାର କରିଥିବା ବେଳେ ଅନ୍ୟ ଯୁବକ ଜଣକ ଏକ ହାତୁଡିରେ ଆକ୍ରମଣ କରିଥିଲେ। ଏଥିରେ ଜାକବ ଗୁରୁତର ଆହତ ହୋଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ବଣ୍ଡାଘାଟୀ ଗସ୍ତ ଘୋଷଣା

# ଆବାସ ଯୋଜନାରେ ଅଧିକ ୫୦ ହଜାର ମିଳୁନି; ଅସନ୍ତୋଷ

ଖଇରପୁଟ, ୩୧।୭ (ସମିସ):

କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବଣ୍ଡା ମହିଳାଙ୍କ କଥା ରଖି ବଣ୍ଡାଘାଟୀ ଗସ୍ତ କରିବେ ବୋଲି ଘୋଷଣା କରିଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ବଣ୍ଡାଘାଟୀ ଅଞ୍ଚଳର ଗସ୍ତ ମଧ୍ୟ କରିବାକୁ ଯାଉଛନ୍ତି। କିନ୍ତୁ ତାଙ୍କ ଗସ୍ତ ପୂର୍ବରୁ ବଣ୍ଡାଘାଟୀ ବାସିନ୍ଦାଙ୍କ ମଧ୍ୟରେ ଏକ ଗଭୀର ଅସନ୍ତୋଷ ଦେଖାଯାଉଛି। କାରଣ, କିଛି ମାସ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ବଣ୍ଡାଘାଟୀ ଗସ୍ତ କରି ଏଠି ନିର୍ମାଣ ଚାଲୁଥିବା ଆବାସ ଯୋଜନା ପାଇଁ ଅଧିକ ୫୦,୦୦୦ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଏହି ଅଞ୍ଚଳର ଅନେକ ଜନଜାତି ପରିବାର ଆଶା କରିଥିଲେ ଯେ ଏହି ଅନୁଦାନ ଦ୍ୱାରା ସେମାନେ ନିଜର ଆବାସ ନିର୍ମାଣ କାମ ଶେଷ କରିପାରିବେ। କିନ୍ତୁ ଦୁଃଖର ବିଷୟ ହେଉଛି ଏପର୍ଯ୍ୟନ୍ତ ସେହି ଅନୁଦାନ କୌଣସି ଲୋକଙ୍କୁ ମିଳିନାହିଁ।



ଦୁଇଟି ପଞ୍ଚାୟତ ମୁଦୁଲିପଡ଼ା ଓ ଅଣ୍ଡରାହାଲକୁ ନେଇ ବଣ୍ଡାଘାଟୀ। ଅଣ୍ଡରାହାଲ ପଞ୍ଚାୟତରେ ୫୭୦ ଘର ଆସିଥିବା ବେଳେ ମାତ୍ର ୧୫ ଘର ସଂପୂର୍ଣ୍ଣ ହୋଇଥିବା ବେଳେ ମୁଦୁଲିପଡ଼ା ପଞ୍ଚାୟତରେ ୫୯୧ ଘର ଆସିଥିବା ବେଳେ ସେଥିରୁ ମାତ୍ର ୧୪ ଘର ହିଁ ସମ୍ପୂର୍ଣ୍ଣ ହୋଇଛି। ବଣ୍ଡାଘାଟୀରେ ଅନେକ ଆବାସ ଗୃହ ଅଟକି ରହିଛି। ଯାହା ଦ୍ୱାରା ବଣ୍ଡା ଜନଜାତି ମାଟି କୁଡିଆରେ ହିଁ ରହୁଛନ୍ତି। ଏହି ଅବସ୍ଥା ଦେଖି ବଣ୍ଡାଘାଟି ବାସିନ୍ଦା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଗସ୍ତ ସମୟରେ ସେମାନେ ସାକ୍ଷାତ କରି ଏହି ଅସୁବିଧା ବିଷୟରେ ଅନୁରୋଧ କରିବେ ଓ ସେମାନଙ୍କ ଦୁଃଖ କଥା କହିବେ। ପୂର୍ବ ସରକାର ବଣ୍ଡାଘାଟୀକୁ ଫୋକସରେ ରଖି ବଣ୍ଡାଘାଟୀକୁ ପକ୍କା ରାସ୍ତା, ଘାଟିକୁ ଲକ୍ଷ୍ମୀ ବସ ଆଦି ସୁବିଧା ଯୋଗାଇଥିଲେ। କିନ୍ତୁ ଚଳିତ ସରକାର ଏପର୍ଯ୍ୟନ୍ତ ବଣ୍ଡାଘାଟୀ ରେ ଆଖିଦୃଶିଆ କୌଣସି ଉନ୍ନୟନ ମୂଳକ କାମ କରିପାରିନାହାଁନ୍ତି। ଯାହା ପାଇଁ ଜନଜାତିଙ୍କ ମନରେ ଏକ ପ୍ରକାର ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ଘଟଣା ବଣ୍ଡାଘାଟୀ ଅଞ୍ଚଳର ଗରିବ ଓ ଜନଜାତି ସମୁଦାୟଙ୍କ ଆବଶ୍ୟକତା ଓ ଅପେକ୍ଷାକୁ ପ୍ରକାଶ କରୁଛି। ସରକାର ଏହି ଦିଗରେ ଗଭୀର ଧ୍ୟାନ ଦେଉଥିଲେ ଅଞ୍ଚଳର ଜନସାଧାରଣ ଲାଭାନ୍ୱିତ ହେବେ ବୋଲି ବଣ୍ଡାଘାଟୀ ଲୋକଙ୍କର ଆଶା। ତେବେ ଏନେଇ ଆମେ ଖଇରପୁଟ ବିଡିଓଙ୍କୁ ଯୋଗାଯୋଗ କରିଥିଲେ ହେଁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## ଶ୍ରୀ ଶ୍ରୀ ବଡ଼ମା'ଙ୍କ ଜନ୍ମ ଉତ୍ସବ

ରାମନାଗୁଡ଼ା,୩୧।୭ (ସମିସ): ଶ୍ରୀ ଶ୍ରୀ ବଡ଼ମା'ଙ୍କ ୧୩୨ ତମ ଜନ୍ମଉତ୍ସବ ରାୟଗଡା ଜିଲ୍ଲା ରାମନାଗୁଡ଼ା ସଦର ମହକୁମା ନିକଟସ୍ଥ ସ୍ଥାନୀୟ ଆୟସ୍ଥା ମନ୍ଦିର ନିକଟରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଶେଷ କରି ବ୍ରହ୍ମମୁହୁର୍ତ୍ତରୁ ସ୍ଥାନୀୟ ଭକ୍ତ ଗଣ ମାନେ ବେଦ ମାଙ୍ଗଳିକ କାର୍ଯକ୍ରମ ଉଷା ବିନତି ପରେ ପରେ ସକାଳେ ମା'ଙ୍କ ଜନ୍ମ ଲଗ୍ନ ଘୋଷଣା ପରେ ପରେ ସନ୍ଧ୍ୟା ୭ ଟାରେ ସାମୁହିକ ସତ୍‌ସଙ୍ଗ ମାତୃ ସମ୍ମିଳନୀ କାଯ୍ୟକ୍ରମ ରଖାଯାଇଥିଲା। ଉକ୍ତ କାର୍ଯକ୍ରମରେ ରାୟଗଡ଼ାର ଦେବରାଜ ମଲ୍ଲିକ ପରିଚାଳନା କରିଥିବା ବେଳେ ରାମନାଗୁଡ଼ା ସୁଲୋଚନା ମା' ଓ ରାୟଗଡ଼ାରୁ ଆଗତ ଗୀତିଛନ୍ଦା ମା ଭଜନ ପରିବେଷଣ କରିଥିଲେ। ରାୟଗଡ଼ାର ବବିତା ରାଉତ ମା କୋରସ ପରିବେଷଣ କରିଥିଲେ। ପଦ୍ମପୁରର ଭବାନୀ ମା ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା କୀର୍ତ୍ତନ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ରାୟଗଡ଼ା ଡେଜି ମା ସମାଜ ରେ ନାରୀର ଭୂମିକା ଉପରେ ଆଲୋଚନା ରଖିଥିଲେ। ପରେ ପରେ ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱରରୁ ଆସିଥିବା ଡକ୍ଟର ପ୍ରଭାବତୀ ପଢ଼ିହାରି ସତସଙ୍ଗ ଦ୍ୱାରା ନାରୀ ମାନଙ୍କର କିପରି ଜୀବନର ଗତି ପଥ ବଦଳି ଯାଏ ଏବଂ ନିଜ ସ୍ୱାମୀ ନିଜ ପିଲା ଛୁଆଙ୍କୁ କିପରି ଉନ୍ନତି ମୁଖର କରିହୁଏ ସେ ବିଷୟରେ ଶ୍ରୀ ଶ୍ରୀ ଠାକୁର ଏବଂ ବଡ଼ ମା'ଙ୍କ ଜୀବନ ଧାରାକୁ ଉଦାହରଣ ଦେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ରଖିଥିଲେ। ରମନାଗୁଡ଼ାର ରଘୁନାଥ ସାମଲ. କୃଷ୍ଣଚନ୍ଦ୍ର ସାହୁ. ଚନ୍ଦ୍ର ଭୂଷଣ ପାତ୍ର, ମାଧବ ଲବଲା. ଗୌରୀ ସହୁ. ସାରଦା ପାତ୍ର. ପବିତ୍ର ପାତ୍ର. ଭାରତୀ ପାତ୍ର ପ୍ରମୁଖ ଏଥିରେ ।ସହଯୋଗ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଜୟପୁର, ୩୧।୭ (ସମିସ): ଜୟପୁର ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଜ୍ୟୋତି କଲ୍ୟାଣ ମଣ୍ଡପ ଠାରେ ଗୁରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଶତପଥି, ପ୍ରିୟମ୍ବଦା ପାତ୍ର ଏବଂ ବିଭାଗୀୟ ଅଧିକାରୀ ପଦ୍ମେଶ୍ୱର ବିଷୋୟୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା ବିଭାଗୀୟଅଧିକାରୀ ରାଜେନ୍ଦ୍ର କୁମାର ପାରିହି, ଭାରପ୍ରାପ୍ତସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ.ଗୋପାଳ ଓ ସୋମନାଥ ଗାଦବାଙ୍କ ସମେତ ସାତ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଏହି ସଭାରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରରେ ମୁଖ୍ୟଅତିଥି ଭାବେ ସଂଘର ଉପଦେଷ୍ଟା ଲକ୍ଷ୍ମୀକାନ୍ତ ପାଢ଼ୀ, ସମ୍ମାନୀୟ ଅତିଥି ଭାବେ ଉପଦେଷ୍ଟା ପି. ହରିଶ୍ଚନ୍ଦ୍ର ରାଓ ଏବଂ ଆଇନ ପରାମର୍ଶ ଦାତା ତ୍ରିନାଥ ସିଂ ଲାଲ ଯୋଗ ଦେଇଥିଲେ। ପ୍ରାଥମିକ ଶିକ୍ଷକସଂଘର ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ମହିଳା ଉପସଭାନେତ୍ରୀ ମମତା ମହାପାତ୍ର, କୋଷାଧକ୍ଷ ପୁରନ୍ଦର ନାୟକ, ଜ୍ୟୋତିରାଣୀ ପଣ୍ଡା, ସହସମ୍ପାଦକ ମନୋରଞ୍ଜନ ପଲାଇ, ଦୀପକ କୁମାର ଦାସ, ସାଗର ତ୍ରିପାଠୀ, ରଞ୍ଜିତ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

### ● ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣା ଅଭିଯାନ ସମ୍ମାନ

## ଚିତ୍ରକୋଣ୍ଡା ବ୍ଲକ୍ ପୁରସ୍କୃତ



ଚିତ୍ରକୋଣ୍ଡା, ୩୧।୭ (ସମିସ): ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଯୋଜନା ଓ ସଂଯୋଜନା ବିଭାଗ ଓ ନିତିଆୟୋଗର ମିଳିତ ଆନୁକୁଲ୍ୟରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ସମ୍ମାନ ସମାରୋହରେ ମାଲକାନଗିରି ଜିଲ୍ଲାକୁ ୪ ଗୋଟି ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ସେଥିମଧ୍ୟରୁ ଚିତ୍ରକୋଣ୍ଡା ବ୍ଲକକୁ ଆକାଂକ୍ଷୀ ବ୍ଲକ ମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସ୍ୱର୍ଣ୍ଣ ପଦକ ମିଳିଛି। ଓଡ଼ିଶାର ମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଠାରୁ ଚିତ୍ରକୋଣ୍ଡା ବିଡ଼ିଓ ପ୍ରୀତା କୁମାର ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଦେଶରେ ବିକାଶ ଧିନ ଅଞ୍ଚଳର ଜିଲ୍ଲା ଓ ବ୍ଲକ ଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି, ଦକ୍ଷତା ବିକାଶ, ମୌଳିକ ଭିତ୍ତିଭୂମି ଏହି ୬ ଗୋଟି ବର୍ଗରେ ପଦକ ମିଳିଛି। ନୀତି ଆୟୋଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶରେ ୧୧୨ ଟି ଆକାଂକ୍ଷୀ ଜିଲ୍ଲା ଓ ୫୦୦ ଟି ଆକାଂକ୍ଷୀବ୍ଲକ ଏହି ଅଭିଯାନରେ ସାମିଲ ଅଛନ୍ତି। ଏଥି ମଧ୍ୟରୁ ଓଡିଶାର ୪୦ ଗୋଟି ବ୍ଲକ ଏହି ଆଙ୍କାକ୍ଷୀ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ। ଓଡ଼ିଶାର ଜିଲ୍ଲା ଗୁଡ଼ିକ ମଧ୍ୟରେ ମାଲକାନଗିରି ଜିଲ୍ଲା ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ବ୍ଲକ ଗୁଡ଼ିକ ମଧ୍ୟରେ ମାଲକାନଗିରି ଜିଲ୍ଲାର ତିନି ଗୋଟି ବ୍ଲକ ଚିତ୍ରକୋଣ୍ଡା, ମାଥିଲି, ଖଇରପୁଟ ଯୁଗ୍ମ ଭାବରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏହି ୬ ଗୋଟି ବର୍ଗ ଉପରେ ଆହୁରି ଅଧିକ ଦୃଷ୍ଟି ଦେବାପାଇଁ ବ୍ଲକ ଗୁଡ଼ିକୁ ନୀତି ଆୟଗୋ ପକ୍ଷରୁ ପୁରସ୍କାର ସ୍ୱରୂପ ୧.୫ କୋଟି ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

## ଭିନ୍ନକ୍ଷମ ଭୀମଭୋଇ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ

ରାମନାଗୁଡ଼ା,୩୧।୭ (ସମିସ):



ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ରାମନାଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।।ଏହି ଶିବିରରେ ରାମନାଗୁଡା ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ, ଉପାଧକ୍ଷା ଶ୍ରୀମତୀ ଜାନକୀ ନିମାଲା , ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ତାଙ୍ଗୁଡୁ ଶ୍ରୀଧର, ସମସ୍ତ ପଞ୍ଚାୟତ ପ୍ରତିନିଧି, ବ୍ଲକ ଯୋଗାଣ ଅଧିକାରୀ ଭବାନୀ ପ୍ରସାଦ ବେହେରା, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଥାମସ କୁମାର ତାଣ୍ଡାସି, ପ୍ରୋଗ୍ରାମ ସହାୟକ, ଦିବ୍ୟଜୀତ ଉଲାକା, ସନ୍ତୋଷ କୁମାର ରହ୍ମାଲୁ, ଗୋଷ୍ଠୀ ସଂଯୋଜକ, ଗ୍ରାମୀଣ ଗୃହ , ଏବଂ ରାମନାଗୁଡା ପଞ୍ଚାୟତ ସମିତିର ସମସ୍ତ ବ୍ଲକ କର୍ମଚାରୀ, ଭୀମଭୋଇ ସାମର୍ଥ୍ୟ ଶିବିରକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାମନାଗୁଡା ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି ଯୋଗଦାନ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରୁ ୯୮, ଦୃଷ୍ଟି ଶକ୍ତି ବିଭାଗରୁ ୩୭, ଶ୍ରବଣଶକ୍ତି ବିଭାଗରୁ ୫୧, ମାନସିକ ରୋଗ ବିଭାଗରୁ ୩୮, ସିକେଲ ସେଲରୁ ୨୧ କୁ ମିଶାଇ ମୋଟ ୩୨୨ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୧୦୨ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ତଥା ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇଛି। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରୁ ଡ.ରଞ୍ଜନ କୁମାର ସାହୁ , ମାନସିକ ରୋଗ ବିଭାଗରୁ ଡ. ସଞ୍ଜା ଦାସ , ଚକ୍ଷୁ ବିଭାଗରୁ ଡ. ଏମ ସୁରେଶ କୁମାର , ଶ୍ରବଣ ରୋଗ ବିଶେଷଜ୍ଞଙ୍କ ଡ.ସଙ୍ଘମିତ୍ରା ପାତ୍ର ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପରୀକ୍ଷା କରିଥିଲେ। ଶିବିରରେ ୧୦ ଜଣଙ୍କୁ ବସ୍‌ପାସ , ୧୩ ଜଣଙ୍କୁ ଭିନ୍ନକ୍ଷମ ଉପକରଣ ପାଇଁ ଫର୍ମ ସଂଗ୍ରହ କରାଯାଇଛି, ଯାହା ଆଗାମୀ ଦିନରେ ଅନୁମୋଦନ କରାଯାଇ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ। ଉକ୍ତ ଶିବିରରେ ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ଶ୍ରୀକାନ୍ତ ପାଣିଗ୍ରାହୀ ,ଗୁଣୁପୁର ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଏବଂ କନିଷ୍ଠ ସହାୟକ ,ଜିଲ୍ଲା ପ୍ରୋଗ୍ରାମ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରକୁ ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଥାମସ କୁମାର ତାଣ୍ଡାସି ପରିଚାଳନା କରିଥିବା ବେଳେ, ପ୍ରୋଗ୍ରାମ ସହାୟକ ଦିବ୍ୟଜୀତ ଉଲାକା ସହଯୋଗ କରିଥିଲେ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ଉମରକୋଟ, ୩୧।୭ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ହର କୋଣ୍ଡାଗାଁ ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ତହସିଲଦାର ମେଘବାନ ବାଗଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ମାଝୀ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ଏସ୍‌ଡିପିଓ ସୁବେନ୍ଦୁ ଶବର, ଥାନା ଅଧିକାରୀ ରମାକାନ୍ତ ସାଇ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଓ ସାମ୍ବାଦିକ ପ୍ରତିନିଧି ଏବଂ ସହରର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। ରାଜସ୍ୱ ନିରୀକ୍ଷକ ରାଜେଶ ଦ୍ୱିବେରୀ ସ୍ୱାଧୀନତା ଦିବସ ଅବସରରେ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ଚଳିତ ବର୍ଷ ସ୍ୱାଧୀନତା ଦିବସ ଡିଏନକେ ଖେଳ ପଡିଆ ଠାରେ ଆୟୋଜିତ କରାଯିବ। ଏହି କାର୍ଯ୍ୟକ୍ରମକୁ ଉମରକୋଟ ତହସିଲଦାର ପରିଚାଳନା କରିବେ। ସକାଳ ଭୋର ୫ ଘଣ୍ଟା ସମୟରେ ରାମଧୁନ ଗାଡ଼ି ସହର ପରିକ୍ରମା କରିବା ସହ ସହର ମଧ୍ୟରେ ଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ଏବଂ ଡିଏନକେ ଖେଳ ପଡିଆଠାରେ ସକାଳ ୮:୪୫ ମିନିଟରେ ପତାକା ଉତ୍ତୋଳନ କରାଯିବ। ଏହି ଅବସରରେ ୨୩ ଟି ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ୟାରେଡ଼ରେ ଅଂଶଗ୍ରହଣ କରିବେ। ପିଲାଙ୍କ ପାଇଁ ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ସାଧାରଣଜ୍ଞାନ ଉପରେ ମଧ୍ୟ ବିଦ୍ୟାଳୟର ପିଲାଙ୍କୁ ନେଇ ଏକ ପ୍ରତିଯୋଗିତା ଆୟୋଜନ କରାଯିବ। କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟଙ୍କ ଦ୍ୱାରା ପୁରସ୍କୃତ କରାଯିବ।

## ଚିତ୍ରକୋଣ୍ଡା ବିଧାୟକଙ୍କ ଦୁର୍ଗମ ଅଞ୍ଚଳ ଗସ୍ତ



କୋରୁକୋଣ୍ଡା, ୩୧।୭ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ଦୁର୍ଗମ ପଞ୍ଚାୟତ କୁହାଯାଉଥିବା ବଡ଼ଦୁରାଲ ପଞ୍ଚାୟତ ଗସ୍ତ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ। ଗତ କିଛିଦିନର ଲଗାଣ ବର୍ଷା ରେ ବିଭିନ୍ନ ସ୍ଥାନରେ ଘର ଭାଙ୍ଗି ଯାଇଥିବା ଖବର ପାଇ ସଙ୍ଗେ ସଙ୍ଗେ କ୍ଷତିଗ୍ରସ୍ତ ପରିବାରର ଦୁଃଖ ବୁଝିବାକୁ ନିଜେ ପହଞ୍ଚିଥିଲେ ବିଧାୟକ ଶ୍ରୀ ଖିଲ। ବଡ଼ଦୁରାଲ ପଞ୍ଚାୟତର ସାନଦୁରାଲ ଏବଂ ମାଳୀଗୁଡା ଗ୍ରାମରେ ଲଗାଣ ବର୍ଷା ଫଳରେ କିଛି ବ୍ୟକ୍ତିଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଜଣେ ବ୍ୟକ୍ତି ନିଜ ଛୁଆ ମାନଙ୍କୁ ନେଇ ରାତ୍ରି ସମୟରେ ଶୋଇବା ବେଳେ ହଠାତ୍ ଘର ଭୁଶୁଡ଼ି ଯାଇ ତାଙ୍କ ଉପରେ ସମ୍ପୂର୍ଣ ଛାତ ପଡି ଯାଇଥିଲା। ଅଳ୍ପ କିଛି ସମୟ ମଧ୍ୟରେ ଗ୍ରାମବାସୀଙ୍କ ଦ୍ୱାରା ତାଙ୍କ ପରିବାର ବର୍ଗଙ୍କୁ ଉଦ୍ଧାର କରାଯାଇଥିଲା। ତେଣୁ ବିଧାୟକ ଉକ୍ତ ପଞ୍ଚାୟତ ଗସ୍ତରେ ଯାଇ କ୍ଷୟକ୍ଷତିର ଆକଳନ କରି ସ୍ଥାନୀୟ ପ୍ରଶାସନକୁ ଅବଗତ କରି କିପରି ସେମାନଙ୍କ ନିକଟରେ ସମସ୍ତ ସରକାରୀ ସହାୟତା ପହଞ୍ଚି ପାରିବ ସେନେଇ ପ୍ରଶାସନ ସହ ଆଲୋଚନା କରିଥିବା କହିଛନ୍ତି। ତେବେ ପ୍ରଥମ ଥର ପାଇଁ କୌଣସି ବିଧାୟକ ଗ୍ରାମକୁ ଆସିଥିବାରୁ ଗ୍ରାମବାସୀ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ରାୟଗଡା ଜିଲ୍ଲା ମନରେଗାର ନୂତନ ଓମ୍ବୁଡ୍ସପର୍ସନ ନିଯୁକ୍ତି



ରାୟଗଡା/ଗୁଣପୁର, ୩୧।୭ (ସମିସ) ବିଶିଷ୍ଟ ସମାଜସେବୀ ଅକ୍ଷୟ ଦାଶଙ୍କୁ ଓଡିଶା ସରକାର ରାୟଗଡା ଜିଲ୍ଲାର ନୂତନ ମହାନାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୋଜନ ଯୋଜନାର ଓମ୍ବୁଡ୍‌ସପର୍ସନ ରୂପେ ନିଯୁକ୍ତି ଦିଆଯାଇଛି। ଆଜି ବିଧିବଦ୍ଧ ଭାବେ ସେ ଜିଲ୍ଲା ପରିଷଦ କାର୍ଯାଳୟ, ରାୟଗଡା ଠାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତ। ପୂବରୁ ଶ୍ରୀ ଦାଶ ସରକାରଙ୍କ ବିଶ୍ୱବ୍ୟାଙ୍କ କଂସାଲଟାନ୍ତ, ଜିଲ୍ଲା ଜୁଭେନାଲ ଜଷ୍ଟିସ ବୋର୍ଡର ସଦସ୍ୟ ଏବଂ ଶିଶୁ ମଙ୍ଗଳ କମିଟିର ସଦସ୍ୟ ରୂପେ କାର୍ଯ୍ୟ କରି ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି। ମନେରେଗା ସ୍କିମ ଗ୍ରାମାଞ୍ଚଳଲୋକଙ୍କୁ୧୦୦ଦିନରନିଶ୍ଚିତଶ୍ରମନିଯୁକ୍ତିମାଧମରେ ରୋଜଗାରକ୍ଷମ କରିବା ସହ ବିକାଶ ଲକ୍ଷ୍ୟ ନେଇ ଭାରତ ସରକାରଙ୍କ ଏହା ସର୍ବବୃହତ ଯୋଜନା। ଓଡିଶା ସରକାରଙ୍କ ଗାଇଡ୍‌ଲାଇନ ସହ ସନ୍ତୁଳନ ରକ୍ଷାକାରୀ ହିତାଧିକାରୀ ମାନଙ୍କ ସର୍ବକୃଷ୍ଟ କଲ୍ୟାଣ ପାଇଁ ଉଦ୍ୟମ କରିବାକୁ ଚେଷ୍ଟା କରିବି ବୋଲି ନିଜ ପ୍ରତିକ୍ରିୟାରେ ଶ୍ରୀ ଦାଶ କହିଛନ୍ତି।

## ମାନସିକ ଅନଗ୍ରସର ମହିଳାଙ୍କୁ ଉଦ୍ଧାର, ଥଇଥାନ

ରାୟଗଡ଼ା,୩୧।୭ (ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ କ୍ରମେ ମାନସିକ ଅନଗ୍ରସର ଭିନ୍ନକ୍ଷମ ମହିଳା ଆଲାଜିଙ୍ଗ ପାର୍ବତୀଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଏବଂ ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ଶବରଙ୍କ ମିଳିତ ସହଯୋଗରେ ଉଦ୍ଧାର କରାଯାଇ ସ୍ୱତନ୍ତ୍ର ବାହନ ଯୋଗେ ମାଲକାନଗିରି ସ୍ଥିତ ମିଶନ ଆଶ୍ରା ପୁନର୍ବାସ କେନ୍ଦ୍ରରେ ଥଇଥାନ କରାଯାଇଛି। ବିଗତ କିଛି ଦିନ ହେଲା ଏହି ମହିଳା କୋଲନରା ସ୍ଥିତ କାଞ୍ଚ ସାହିରେ ଆତଙ୍କ ସୃଷ୍ଟି କରିବା ଓ କୌଣସି ବ୍ୟକ୍ତିଙ୍କୁ ଆଘାତ କାରବାର ସମ୍ଭାବନା ଥିବା ସେଠାକାର ସାହି ବାସିନ୍ଦା ଓ ସରପଞ୍ଚ ଲିଖିତ ଆକାରରେ ଜଣାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋଲନରା ରୀନା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ, କୋଲନରା ଏ. ଧବଳେଶ୍ୱର ନାଇଡୁ, ଶିଶୁ ବିକାଶ ଯୋଜନା ଅଧିକାରୀ, କୋଲନରା ବିଜୟ ଲକ୍ଷ୍ମୀ ନିଶାଙ୍କ, ଜ୍ୟୋସ୍ନା କୁମାରୀ ବିଡିକା, ମହିଳା ପରିଦର୍ଶିକା, କୋଲନରା ଓ ଓଡିଶା ପୋଲିସ ସହଯୋଗରେ ଏହି ମାନସିକ ଅନଗ୍ରସର ଭିନ୍ନକ୍ଷମ ମହିଳାକୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଡ. ପ୍ରଦୀପ୍ତ କୁମାର ସୁବୁଦ୍ଧି, ତାଲିମପ୍ରାପ୍ତ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସକ, ସମରଜିତ ଖୁଣ୍ଟିଆ, ମାନସିକ ଗୋଷ୍ଠୀ ପର୍ଯ୍ୟବେକ୍ଷକ, ପୂର୍ଣ୍ଣଚନ୍ଦ୍ର କାଦମ୍ବାଲୁ, ମାନସିକ ସାମାଜିକ କର୍ମୀଙ୍କ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଲକାନଗିରି ସ୍ଥିତ ମିଶନ ଆଶ୍ରା ପୁନର୍ବାସ କେନ୍ଦ୍ରରେ ଥଇଥାନ କରାଗଲା ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ପାର୍ବତୀଙ୍କ ଭଳି ଅନେକ ମାନସିକ ଅନାଗ୍ରସର ମହିଳା, ପୁରୁଷ ମାନେ ଜିଲ୍ଲାରେ ବୁଲୁଥିବା ବେଳେ ସେମାନଙ୍କୁ କେବେ ଉଦ୍ଧାର କରାଯାଇ ଥଇଥାନ କରାଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଆର୍‌ଏସ୍‌ଏସ୍‌ର ସଫେଇ କାର୍ଯ୍ୟକ୍ରମ



ଗୁଡାରୀ, ୩୧।୭ (ସମିସ): ଗୁଡାରୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କର୍ମକର୍ତା ମାନେ ବିଗତ ଦିନରେ ପରିଷଦର ଚାରିଗୋଟି ମନ୍ଦିର, ମୁଖ୍ୟରାସ୍ତା ବସଷ୍ଟାଣ୍ଡର ଅଳିଆ ସଫା କରିଥିବାବେଳେ ଗତ ଗୁରୁବାର ଦିନ ଗୁଡ଼ାରୀ କନ୍ୟକାପାରମେଶ୍ୱରୀ ମନ୍ଦିରର ଚର୍ତୁପାଶ୍ୱ ଏବଂ ମନ୍ଦିର ବାହାର ଆବର୍ଜନା ସଫା କରିଥିଲେ। ଏହି କାର୍ଯ୍ୟକ୍ରମର ଏସ.ତିରିମୁଲା ସିମାଦ୍ରି, କିରଣଦୋୟ ନନ୍ଦ, ବି.ତିରୁମୁଲା. କୃଷ୍ଣସାହୁ, ଦିବ୍ୟସିଂହପାତ୍ର, ଭି ଆଦିତ୍ୟ ଉପସ୍ଥିତ ରହି କାର୍ଯ୍ୟଟିକୁ ସମ୍ପାଦନ କରିଥିଲେ।

### ସୁଧୁରୁନି ଡାଙ୍ଗସରଡା ଏସଏସ୍‌ଡି ବିଦ୍ୟାଳୟର ଅବସ୍ଥା

# ଠିଆ ହୋଇ ପାଠ ପଢୁଛନ୍ତି ୯ମ ଶ୍ରେଣୀ ଛାତ୍ରଛାତ୍ରୀ

ଚନ୍ଦ୍ରପୁର, ୩୧।୭ (ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ାରେ ଥିବା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଶ୍ରେଣୀ ଗୃହ ଅଭାବରୁ ଗୋଟିଏ କୋଠରୀରେ ନବମ ଶ୍ରେଣୀର ୧୬୭ ଜଣ ଛାତ୍ର ଛାତ୍ରୀ ପାଠ ପଢୁ ଛନ୍ତି। ସେହି ଛାତ୍ରଛାତ୍ରୀ ମାନେ ଗୋଟିଏ ଟେବୁଲରେ ଦୁଇ ଜଣ ବସି ପାଠ ପଢିବା ପାଇଁ ନିୟମ ଥିବା ବେଳେ ତିନି ଜଣ ବସି ରହୁଛନ୍ତି। ସେହିପରି ଅନେକ ଛାତ୍ର ରୁମରେ ସ୍ଥାନ ଅଭାବରୁ ଠିଆ ହୋଇ ପାଠ ପଢୁଛନ୍ତି। ଶିକ୍ଷକ ପାଠ ପଢ଼ାଇବା ସମୟରେ ଅନେକ ଛାତ୍ର ଛାତ୍ରୀମାନଙ୍କୁ ଶୁଣା ଯାଉନାହିଁ କି ବ୍ଲାକ ବୋର୍ଡରେ ଶିକ୍ଷକ ଦର୍ଶାଇ ଥିବା ଉତ୍ତର ପିଲାଙ୍କୁ ଦେଖାଯାଉ ନାହିଁ। ଫଳରେ୧୬୭ ପିଲା ପାଠ ପଢିବା ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟର ସମସ୍ୟା ପୂର୍ବତନ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଦୃଷ୍ଟି ନଦେଇ ପିଲାମାନଙ୍କୁ ନବମ ଶ୍ରେଣୀରେ ଅଧିକରୁ ଅଧିକା ପିଲାଙ୍କୁ ନବମ ଶ୍ରେଣୀରେ ଭର୍ତ୍ତି କରିବା ପାଇଁ ଚିଠି କରିଦେଲେ। କିନ୍ତୁ ପିଲା



ବସି ପାଠ ପଢି ପାରୁ ନଥିବା ନେଇ ପୂର୍ବତନ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଗୁରୁତ୍ୱ ନଦେବାରୁ ଗ୍ରାମବାସୀ ଓ ଅଭିଭାବକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। । ବିଦ୍ୟାଳୟରେ ବହୁବର୍ଷର ପୁରୁଣା କୋଠରୀ ଗୁଡିକ ବିପଦସଂକୁଳ ଅବସ୍ଥାରେ ରହିଛି। ଆଜି ପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ଅଷ୍ଟମରୁ ୧୦ମ ଯାଏ ପିଲା ବସି ପାଠ ପଢିବା ପାଇଁ କୋଠରୀର ଅଭାବ ରହିଛି। ଟୁରିଜିଏମ ଓ ଇନ୍‌ଫରମେଶନ ଟେକ୍ନୋଲୋଜି ଦୁଇ ବିଭାଗର ଛାତ୍ରଛାତ୍ରୀ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟନାୟକ ଏ ନେଇ ପୂର୍ବତନ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଓ ବ୍ଲକ ଅଧିକାରୀଙ୍କୁ ଅବଗତ କରିଥିଲେ । କିନ୍ତୁ କେହି ଦୃଷ୍ଟି ନ ଦେଇ ନବମ ଶ୍ରେଣୀରେ ଅଧିକ ପିଲାଙ୍କୁ ନେବାକୁ ପୂର୍ବତନ ଜିଲ୍ଲାପାଳ ଚିଠି ଦ୍ୱାରା ବାଧ କରାଇଲେ। ତୁରନ୍ତ ଆବଶ୍ୟକ ଶ୍ରେଣୀ ଗୃହ ଓ ଅନ୍ୟ ଆନୁଷ୍ଠାନିକ ବ୍ୟବସ୍ଥା କରିବା ଦିଗରେ ତୁରନ୍ତ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧
ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ। ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି।

# କାଜୁ ବଗିଚାରୁ ବାବାଜୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଛେଣ୍ଡିପଦା,୩୧।୭(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବାଲିନାଳି ଗ୍ରାମର ଏକ କାଜୁ ବଗିଚାରୁ ଜଣେ ବାବାଜୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ହେଲେ ଢେଙ୍କାନାଳ ଜିଲ୍ଲା ମହାବୀରରୋଡ୍ ଥାନା ଝିଲ୍ଲି ଗାଁର ମହର୍ଗା ନାଏକ। ଗୁରୁବାର ମଧ୍ୟାହ୍ନରେ କିଛି ଗାଇ ଚାରାଳି ବାଲିନାଳି ଗାଁ ମୁଣ୍ଡରେ ଥିବା କାଜୁ ବଗିଚାରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ସ୍ଥାନୀୟ ଲୋକଙ୍କୁ ପଚରା ଉଚରା କରି ତଦନ୍ତ ଚଳାଇଛି। ବାବାଜୀ ଜଣକ ଭଗଲାକଟାଠାରେ ଏକ ମଠରେ ରହୁଥିବା ବେଳେ ଦେହରେ ଯନ୍ତ୍ରଣା ଯୋଗୁଁ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଛେଣ୍ଡିପଦା ଶବଗୃହରେ ଶବ ରଖାଯାଇଛି। ଶୁକ୍ରବାର ସକାଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ସାପ କାମୁଡ଼ାରେ ମହିଳା ମୃତ

**ଛେଣ୍ଡିପଦା,୩୧।୭(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଖମାର ମାହାର ସାହିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ସେହି ଗ୍ରାମର ଜନ୍ମ ମହାରଙ୍କ ପତ୍ନୀ କେତକୀ ମାହାର। ଗୁରୁବାର ମଧ୍ୟାହ୍ନରେ କେତକୀ ଖାଇ ସାରିବା ପରେ ଘରେ ଶୋଇଥିଲେ। ଏହି ସମୟରେ ତାଙ୍କ ବାମ ହାତକୁ ଏକ ସାପ କାମୁଡ଼ି ଦେଇଥିଲା। କେତକୀ ଚିତ୍କାର କରିବାରୁ ପରିବାର ଲୋକେ ଆସି ସାପକୁ ଖୋଜାଖୋଜି କରିଥିଲେ। ପ୍ରାୟ ୧ଘଣ୍ଟା ପରେ କେତକୀଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ୫.୮୪୦ ଗ୍ରାମ ବ୍ରାଉନସୁଗର ଜବତ; ଦମ୍ପତି ଗିରଫ



**ନାଲକୋ ନଗର,୩୧।୭(ସମିସ):** ବ୍ରାଉନସୁଗର କାରବାର ଅଭିଯୋଗରେ ନାଲକୋ ଥାନା ଥାନା ପୁଲିସ ବଳରାମପ୍ରାସାଦ ଗ୍ରାମର ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରଦ୍ୟୁମ୍ନ ସାହୁ (୩୦) ଓ ତାଙ୍କ ସ୍ତ୍ରୀ ଝିଲି ସାହୁ (୨୬)। ପ୍ରଦ୍ୟୁମ୍ନ ପୂର୍ବରୁ ବ୍ରାଉନସୁଗର କାରବାର ଅଭିଯୋଗରେ ପୁଲିସ ହାତରେ ଧରାପଡ଼ି ଜେଲ ଯାଇଥିଲେ। ଝିଲି ଫେରାର ଥିଲେ। ପ୍ରଦ୍ୟୁମ୍ନ ଜମିନିରେ ଆସି ପୁଣି ବେପାର କରୁଥିଲେ। ବୁଧବାର ସନ୍ଧ୍ୟାରେ ବିଶେଷ ସୂତ୍ରରୁ ଖବର ପାଇ ସ୍ପେଶାଲ ସ୍କ୍ୱାଡ୍ ଓ ନାଲକୋ ଥାନା ପୁଲିସ ଅଚାନକ ପ୍ରଦ୍ୟୁମ୍ନଙ୍କ ଘରେ ଚଢ଼ଉ ଯାଞ୍ଚ କରିବା ବେଳେ ସେମାନଙ୍କ ପାଖରୁ ୫.୮୪୦ ଗ୍ରାମ ବ୍ରାଉନସୁଗର ମିଳିଥିଲା। ପୁଲିସ ସେମାନଙ୍କଠାରୁ ବ୍ରାଉନସୁଗର ସହ କାରବାରରେ ବ୍ୟବହୃତ ତିନିଟି ମୋବାଇଲ ଫୋନ, ଗୋଟିଏ କାର, ଜାଭା ବାଇକ, ସ୍କୁଟି ଓ ୨୬୧୦ ଟଙ୍କା ଜବତ କରିଛି। ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି।

# ୪ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ନାଲକୋ ନଗର,୩୧।୭(ସମିସ):** ନାଲକୋ ସରସ୍ୱତୀ ବିଦ୍ୟାମନ୍ଦିର ଅଧକ୍ଷଙ୍କ ସମେତ ୪ ଶିକ୍ଷକ ଗୁରୁବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉପାଧକ୍ଷା ସସ୍ମିତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସମ୍ପାଦକ ଡ. ସୁଧାକର ପାଳ ମୁଖ୍ୟଅତିଥି, ସ୍କୁଲର ପୂର୍ବତନ ଉପାଧକ୍ଷ ଡ. ସିଦ୍ଧନାଥ ସାହୁ ଓ ଶିକ୍ଷୟିତ୍ରୀ ସରସୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଅଧକ୍ଷ ଡ. ଶତ୍ରୁଘ୍ନ ବେହେରା, ଶିକ୍ଷକ ଶ୍ରୀବତ୍ସ କୁମାର ଖୁଣ୍ଟିଆ, ପ୍ରତିମାରାଣୀ ସନ୍ଧିବିଗ୍ରହ, ଗିରିଧାରୀ ପୃଷ୍ଟି, ଉମେଶ ଚନ୍ଦ୍ର ମହାପାତ୍ରଙ୍କୁ ମାନପତ୍ର ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅନିଲ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷକ ସୁରେନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଲକୋ କ୍ଷତିଗ୍ରସ୍ତ ୩୯ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ

**ନାଲକୋ ନଗର,୩୧।୭(ସମିସ)**



ରାଷ୍ଟ୍ରାୟତ୍ତ ଆଲୁମିନିୟମ ଉଦ୍ୟୋଗ ନାଲକୋ ଲାଭ ପ୍ରଦାନକାରୀ ସଂସ୍ଥା ଯାହାକି ନବରତ୍ନ ମାନ୍ୟତା ପାଇଛି। ତେବେ ନାଲକୋ ପ୍ରକଳ୍ପର ପାରିପାର୍ଶ୍ୱିକ ତଥା କ୍ଷତିଗ୍ରସ୍ତ ୩୯ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଉକ୍ତ ଗ୍ରାମ ସମୂହ ପକ୍ଷରୁ ୧୦ ଦଫା ସମ୍ବଳିତ ଦାବିପତ୍ର ନାଲକୋ ଜିଜିଏମ (ଏଚ ଆଣ୍ଡ ଏ)ଙ୍କୁ ପ୍ରଦାନ କରାଯିବା ସହ ନାଲକୋ ସିଏମଡି, ସ୍ଥାନୀୟ ବିଧାୟକ, ସାଂସଦ, ଏବଂ ଜିଲ୍ଲାପାଳଙ୍କୁ ଏହାର ନକଲ ପ୍ରଦାନ କରାଯାଇଛି।

କ୍ଷତିଗ୍ରସ୍ତ ଗ୍ରାମର ପ୍ରଜାଙ୍କ ଦାବିଗୁଡ଼ିକ ମଧ୍ୟରେ ନାଲକୋରେ କର୍ମଚାରୀ ଅବସର ନେଉଥିବାରୁ ଦିନକୁ ଦିନ କର୍ମଚାରୀ ସଂଖ୍ୟା ହ୍ରାସ ପାଉଥିଲେ ବି ୨୦୦୭ରୁ ଆଜିପର୍ଯ୍ୟନ୍ତ ନୂତନ ନିଯୁକ୍ତି ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ନାଲକୋ ଦ୍ୱାରା ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଛି। ଜମି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ସିଧାସଳଖ ନାଲକୋରେ ନିଯୁକ୍ତି ପ୍ରଦାନ, ନାଲକୋର ବିଭିନ୍ନ ଉତ୍ପାଦକୁ ସ୍ଥାନୀୟ ଟ୍ରକ ଦ୍ୱାରା ପରିବହନ କରି ଅଞ୍ଚଳବାସୀଙ୍କୁ ରୋଜଗାର ଯୋଗାଇଦେବା, ଲାଭାଂଶର ୨ ପ୍ରତିଶତ ଅଞ୍ଚଳର ବିକାଶରେ ଉପଯୋଗ କରିବା, ନାଲକୋ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାରେ ଗ୍ରାମବାସୀଙ୍କୁ ଉନ୍ନତ ସେବା ପ୍ରଦାନ, ନାଲକୋ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଞ୍ଚଳବାସୀଙ୍କୁ ସୁଯୋଗ ଦେବା ସହ ଛୋଟ ପିଲାଙ୍କୁ ବସ ସହାୟତା ପ୍ରଦାନ, ନାଲକୋ ଚତୁର୍ପାଶ୍ୱର୍ ରାସ୍ତା ସମ୍ପ୍ରସାରଣ, କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକରେ ବିଭିନ୍ନ ଗ୍ରାମ ପୀଠପୂଜାର ପରମ୍ପରାରେ ସହଯୋଗ, ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ଆଲୋକୀକରଣ କରିବା, କାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସରେ ପ୍ରକୃତି ଓ ଲୋକେ ପ୍ରଭାବିତ ହେଉଥିବାରୁ ଅଞ୍ଚଳରେ ବ୍ୟାପକ ଚାରାରୋପଣ କରାଯିବା ଆଦି ପ୍ରମୁଖ। ଦାବିପତ୍ର ପ୍ରଦାନ ବେଳେ ୩୯ଟି ଗ୍ରାମର ବହୁ ଲୋକଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ବଳରାମପ୍ରସାଦ ସରପଞ୍ଚ ଜୟନ୍ତୀ ସାହୁ, କୁଲାଡ଼ ସରପଞ୍ଚ ଉଷରାଣୀ ସାହୁ, ଭୋଗବେରଣୀ ସରପଞ୍ଚ ଚାପଲିନ ସାହୁ, କୁରୁଡୋଳ ସରପଞ୍ଚ ଦିବାକର ମହାଳିକ, ବିଜେପି ନେତା ଅନୀଲ କୁମାର ବେହେରା, ଅମିୟ ତ୍ରିପାଠୀ, ପ୍ରତ୍ୟୁଷ ପଣ୍ଡା, ସୁଶୀଲ ବିଶୋଇ, ମୁକେଶ ଜେନା, ତପନ ସାମନ୍ତ ସିଂ, ବାବୁଲି ସ୍ୱାଇଁ, ବିକାଶ କୁମାର ସାହୁ, ବିକାଶ ସାମଲ, ସୁବ୍ରତ ସାହୁ, ଦୟାନିଧି ସାମଲ, ବାପି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଉଡଲ ଓ ନାକଚି ଫାର୍ମ ପରିଦର୍ଶନ



**କିଶୋରନଗର,୩୧।୭(ସମିସ):** କିଶୋରନଗର ବ୍ଲକ ନାକଚି ଉଦ୍ୟାନ କୃଷି ଫାର୍ମ ଓ ଦୁର୍ଗମ ଉଡଲ ଗ୍ରାମକୁ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ୍ ଅଖତାର ଗୁରୁବାର ପରିଦର୍ଶନ କରିଛନ୍ତି। ହିତାଧିକାରୀମାନେ କିଭଳି ସରକାରଙ୍କ ଯୋଜନାରୁ ଲାଭ ପାଇବେ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ଡିଏଫଓ ସନ୍ତୋଷ କୁମାର କପୁଲା, ବିଡିଓ ସୁବ୍ରତ କୁମାର ବେହେରା, ହଣ୍ଡପା ରେଞ୍ଜର ନରେନ୍ଦ୍ର ଗମାଙ୍ଗ ଓ ଉଦ୍ୟାନ କୃଷି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ସ୍ୱାଧୀନତାର ୮ ଦଶନ୍ଧି ପରେ ବି ଗାଁକୁ ନାହିଁ ରାସ୍ତା



- ବର୍ଷାଦିନେ ଅବସ୍ଥା ବେହାଲ
- ରାସ୍ତା ନିର୍ମାଣ ପାଇଁ ଦାବି

**ପାଲଲହଡ଼ା,୩୧।୭(ସମିସ):** ସ୍ୱାଧୀନତାର ୮ ଦଶନ୍ଧି ପରେ ବି ଗାଁକୁ ନାହିଁ ପକ୍କା ରାସ୍ତା। ବର୍ଷାଦିନେ ମାଟି ରାସ୍ତାରେ ଗାଡ଼ି ଚାଲିବା ତ ଦୂର କଥା ଚାଲିଚାଲି ଯିବା ମଧ୍ୟ କାଠିକର ପାଠ ହେଉଛି। କୌଣସି ଉପାନ୍ତ ଅଞ୍ଚଳ ଗାଁ ନୁହଁ; ଏହା ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ମୁଖ୍ୟାଳୟଠାରୁ ମାତ୍ର ୩ କିମି ଦୂରରେ ଅବସ୍ଥିତ ବଡ଼ଝାର ଓ ନିକଟସ୍ଥ ଇଲିସୁଆଁ ଗାଁର କଥା। ଉଭୟ ଗାଁ ଈଶ୍ୱରନଗର ପଞ୍ଚାୟତ ଅଧୀନରେ ଥିବାବେଳେ ୫୦୦ରୁ ଅଧିକ ଆଦିବାସୀ ପରିବାର ଏଠାରେ ବାସ କରନ୍ତି। ଦୈନନ୍ଦିନ କାର୍ଯ୍ୟ ପାଇଁ ପାଲଲହଡ଼ା ଉପଖଣ୍ଡ ସଦରମ ହକୁମା ହିଁ ଭରସା। ହେଲେ ଏହି ଗାଁକୁ ଆଜିଯାଏଁ ପକ୍କା ସଡ଼କ ନାହିଁ। ସଦରମହକୁମା ନିଜିଗଡ଼ ପଞ୍ଚାୟତ ଉଦୟପୁରଠାରୁ ହେଉ କିମ୍ବା ଈଶ୍ୱରନଗର ପଞ୍ଚାୟତ ଟମ୍ପର ଗାଁଠାରୁ ମାଟିମୋରମ ରାସ୍ତା ହିଁ ସେମାନଙ୍କ ଜୀବନରେଖା। ଗମନାଗମନ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ମାତ୍ର ଏହି ଗାଁଗୁଡ଼ିକରେ ପକ୍କା ସଡ଼କ ହେଇପାରୁ ନ ଥିବା ଅଭିଯୋଗ ହେଉଛି। ବର୍ଷାଦିନେ କାଦୁଅ ପଚପଚ ରାସ୍ତା ହିଁ ସେମାନଙ୍କ ସାହାଭରସା ପାଲଟିଛି। ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାକୁ ହେଉ କିମ୍ବା ମୂଲମଜୁରି ପାଇଁ ଲୋକେ ବାହାର ଗାଁକୁ ଯିବାକୁ ହେଉ କିମ୍ବା ଦୈନନ୍ଦିନ କାର୍ଯ୍ୟ ଏପରିକି ଡାକ୍ତରଖାନାକୁ ଅତି ଦୟନୀୟ ଅବସ୍ଥାରେ ବର୍ଷାଦିନେ ଯାତାୟାତ କରିଥାନ୍ତି। ଗାଁ ଲୋକେ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି। ସୂଚନା ଅନୁଯାୟୀ, ଉକ୍ତ ରାସ୍ତାର କିଛି ଅଂଶ ନିଜିଗଡ଼ ଓ ଆଉ କିଛି ଈଶ୍ୱରନଗର ପଞ୍ଚାୟତ ଅଧୀନରେ ଥିବାରୁ ସୀମା ବିବାଦକୁ ନେଇ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହାର ସମାଧାନ କରି ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ପେନସନ ପ୍ରଦାନ



**ବାଲେଶ୍ୱର, ୩୧।୭(ସମିସ):** ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଚଳିତ ଜୁଲାଇ ମାସରେ ସରକାରୀ ଚାକିରିରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ହାସିନା ବିବିଙ୍କୁ ଫାଇନାଲ ପେନସନ ଓ ଗ୍ରାଚ୍ୟୁଇଟି ସଂକ୍ରାନ୍ତ କାଗଜପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେକସନ୍ ଅଫିସର ସୁଜିତ କୁମାର ମଲ୍ଲିକ, ଅଫିସ ସହାୟକ ସମର ନାୟକ, ପ୍ରଦୀପ ମିଶ୍ର, ଶିକ୍ଷକ ସଂଘ ସମ୍ପାଦକ ଅରୁଣ କୁମାର ପାତ୍ର, ଶିକ୍ଷକ ନେତା ନିରଞ୍ଜନ ଗିରି, ରିତେଶ ରାୟ, ଦୀପକ କୁମାର ମହାନ୍ତି, ଏବିଇଓ ରେଣୁବାଳା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁଅ ମାଡ଼ରେ ମା'ର ମୃତ୍ୟୁ, ଅଭିଯୁକ୍ତ ଗିରଫ

**ଜଳେଶ୍ୱର, ୩୧।୭ (ସମିସ):** ଜନ୍ମକଲା ପୁଅର ମାଡ଼ରେ ମାଁ ର ମୃତ୍ୟୁ ଘଟଣା ରାଇବଣିଆ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ ପଞ୍ଚାୟତର କେନ୍ଦୁ ଖୁଣ୍ଟା ଗାଁରେ ଜଣେ ପୁଅର ମାଡରେ ମା'ର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ଜୁନ୍ ୨୩ ଦିନ ରେଣ୍ଟା ମୁର୍ମୁର ସ୍ତ୍ରୀ ଚାମି ଟୁଡୁ (୪୮) ରାତିରେ ଘରେ ରହିଥିବା ବେଳେ ତା'ର ବଡପୁଅ ହପନା ଟୁଡୁ(୩୦) ନିଶାସକ୍ତ ଅବସ୍ଥାରେ ଠେଙ୍ଗାରେ ଆକ୍ରମଣ କରିଥିଲା। ହପନା ଟୁଡୁ କୌଣସି କାମ କରୁନଥିବା ବେଳେ ବାପା-ମା ଠାରୁ ଜବରଦସ୍ତ ଟଙ୍କା ନେଇ ନିଶା ସେବନ କରୁଥିଲା। ପୁଅ ମାଡ଼ରେ ଚାମି ଟୁଡୁ ଗୁରୁତର ହୋଇ ପ୍ରଥମେ ହାତୀଗଡ଼ ହସ୍ପିଟାଲ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସାମାନ୍ୟ ସୁସ୍ଥ ହେବାପରେ ତାଙ୍କୁ ଘରକୁ ଫେରାଇ ଆଣିଥିବା ବେଳେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ଖବର ପାଇ ରାଇବଣିଆ ପୁଲିସ୍ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କରିଥିବା ବେଳେ ଅଭିଯୁକ୍ତ ହପନା ଟୁଡୁକୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ବୃକ୍ଷରୋପଣ



**ବାଲେଶ୍ୱର, ୩୧।୭(ସମିସ):** ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱର ଶାଖା ଆନୁକୂଲ୍ୟରେ ସଭାପତି ଚତୁର୍ଭୁଜ ଜେନାଙ୍କ ନେତୃତ୍ୱରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଭୀମପୁରା ଶ୍ମଶାନ ଭୂମି ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସଭାପତି ରମେଶ ଚନ୍ଦ୍ର ଜେନା ପ୍ରଥମ ବୃକ୍ଷରୋପଣ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ସତ୍ୟରଞ୍ଜନ ରାଉତ, ଅକ୍ଷୟ କୁମାର ପଣ୍ଡା, ସମ୍ପାଦକ ରାମଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଉପଦେଷ୍ଟା ଗିରିଧାରୀ ବିନ୍ଧାଣି, ସଙ୍ଗଠନ ସମ୍ପାଦକ ଗଗନ ଚନ୍ଦ୍ର ଦଲାଇ, କୋଷାଧ୍ୟକ୍ଷ ବଙ୍କିମ କୁମାର ପତି, ସୁକୁମାର ବେହେରା, ଅନିଲ ଦାସ, ଉମାକାନ୍ତ ଦାସ, ପଦ୍ମନାଭ ସାମଲ, ବିଜୟ ସେନାପତି, ପ୍ରଫୁଲ୍ଲ ସେଠୀ, ରବୀନ୍ଦ୍ର ନାରାୟଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ହିନ୍ଦୋଳ ବନାଞ୍ଚଳ ବାଘଧରିଆ ଗ୍ରାମରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି (ବାମ)। ମୃତ ତିନିଜଣଙ୍କ ଜୁଇ ଏକାଠି ଜଳୁଛି।

# କଳମଛୁଇଁ ସରସ୍ୱତୀ ଶିଶୁମନ୍ଦିରରେ ମାତୃ କର୍ମଶାଳା

**ତାଳଚେର,୩୧।୭(ସମିସ)**



ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି। ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଓ ମୁଖ୍ୟବକ୍ତା ଭାବେ ପ୍ରାନ୍ତ ପର୍ଯ୍ୟାୟ ପ୍ରମୁଖ ରୀତା ଭୂତିଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର କୁନି ଛାତ୍ରୀ ପ୍ରିୟଂଶୀ ପ୍ରଧାନ ଗୀତା ଆବୃତ୍ତି କରିଥିଲେ। ଶିଶୁ ବାଟିକା ପ୍ରମୁଖ ଆଚାର୍ଯ୍ୟା ଅର୍ଚ୍ଚନା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ଶିଶୁର ଶାରିରୀକ, ବୌଦ୍ଧିକ ଓ ଶୈକ୍ଷିକ ବିକାଶରେ ମାଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୮୨ଜଣ ମାଆ ଉପସ୍ଥିତ ଥିଲେ। ଏହାସହ ମାଆମାନଙ୍କୁ ଶାରିରୀକ, ମାନସିକ ବିକାଶ, ଅଙ୍କଜ୍ଞାନ, ସଂଖ୍ୟା ଓ ଅକ୍ଷର ପରିଚୟ ଆଦି ତାଲିମ ଦିଆଯାଇଥିଲା। ଆଚାର୍ଯ୍ୟା ଅର୍ଚ୍ଚନା ସାହୁ ଓ ସରସ୍ୱତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା କଳ୍ପନା ସାହୁ, ରାଗିଣୀ ସ୍ୱାଇଁ, ରଞ୍ଜୁବାଳା ସାହୁ, ସବିତା ସାହୁ, ବୈଜୟନ୍ତୀ ସାହୁ, ପୁଷ୍ପାରାଣୀ ବେହେରା ସହଯୋଗ କରିଥିଲେ।

# ସୁବ୍ରତ ଆଇଏନଟିୟୁସିର ବାଲେଶ୍ୱର ଜିଲ୍ଲା ଯୁବ ସଭାପତି



**ବାଲେଶ୍ୱର, ୩୧।୭(ସମିସ):** ଆଇଏନଟିୟୁସିର ନୂତନ ଜିଲ୍ଲା ଯୁବ ସଭାପତି ଭାବେ ଆଜି ଚୟନ କରାଯାଇଛି। ଏ ନେଇ ଆଜି ଯୁବ ରାଜ୍ୟ ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ନୂତନ କରି ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ସୁବ୍ରତ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ତାଙ୍କୁ ଏହି ସଙ୍ଗଠନର ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।


**କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧**

ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ। ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି।

## ହାତୀ ଘଉଡ଼ାଇବାକୁ ନେଇ ଖଣ୍ଡଯୁଦ୍ଧ

# ଅନୁଗୋଳ ଓ ଢେଙ୍କାନାଳ ବନଖଣ୍ଡ କର୍ମଚାରୀଙ୍କ ମଧ୍ୟରେ ହାତାହାତି, ଗୁଳିଚାଳନା

ଅନୁଗୋଳ, ୩୧ା୭ (ସମିସ)

ହାତୀ ଘଉଡ଼ାଇବାକୁ ନେଇ ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ଏବଂ ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ହିନ୍ଦୋଳ ରେଞ୍ଜ ଅଧିକାରୀ ବନ୍ତଲା ରେଞ୍ଜ ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କ ଉପରକୁ ଗୁଳିମାଡ଼ କରିବା ପରେ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଏ ନେଇ ବନ୍ତଲା ରେଞ୍ଜରେ କାର୍ଯ୍ୟରତ ହାତୀ ସ୍କ୍ୱାଡ୍ କର୍ମଚାରୀମାନେ ଅନୁଗୋଳ ଡିଏଫଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।



ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ବନ୍ତଲା ରେଞ୍ଜରେ ଜନବସତି ଅଞ୍ଚଳରେ ହାତୀ ଉପଦ୍ରବ କରୁଥିବା ଖବର ପାଇ ହାତୀ ସ୍କ୍ୱାଡ୍‌ର ୪ କର୍ମଚାରୀ ବାଇକ ଯୋଗେ ସେଠାରେ ପହଞ୍ଚି ହାତୀଙ୍କୁ ଘଉଡ଼ାଇଥିଲେ। ତେବେ ହାତୀପଲ ହିନ୍ଦୋଳ ରେଞ୍ଜ ଭିତରକୁ ଚାଲିଯାଇଥିଲେ। ଏହି ସମୟରେ ହିନ୍ଦୋଳ ରେଞ୍ଜ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ସେଠାରେ ହାତୀପଲଙ୍କ ଗତିବିଧି ନିରୀକ୍ଷଣ କରୁଥିଲେ। ହାତୀପଲ ହିନ୍ଦୋଳ ରେଞ୍ଜରେ ପଶିବାରୁ ହିନ୍ଦୋଳ ରେଞ୍ଜ ଅଧିକାରୀ ବନ୍ତଲା ରେଞ୍ଜ ହାତୀସ୍କ୍ୱାଡ୍ କର୍ମଚାରୀଙ୍କୁ ଧମକାଇଥିଲେ। କାହିଁକି ଆମ ରେଞ୍ଜକୁ ହାତୀପଲ ଘଉଡ଼ାଉଛ ବୋଲି କହି ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ। ତେବେ ସୌଭାଗ୍ୟବଶତଃ ଗୁଳି କାହା ଦେହରେ ବାଜି ନ ଥିଲା। ପରେ ହିନ୍ଦୋଳ ରେଞ୍ଜ ଅଧିକାରୀ ଆସି ବନ୍ତଲା ହାତୀସ୍କ୍ୱାଡ୍ କର୍ମଚାରୀଙ୍କଠାରୁ ବାଇକ ଓ ମୋବାଇଲ ଛଡ଼ାଇ ନେଇଥିଲେ। ବନ୍ତଲା ରେଞ୍ଜ ହାତୀ ସ୍କ୍ୱାଡ୍ କର୍ମଚାରୀମାନେ ଏ ନେଇ ବନ୍ତଲା ଥାନାରେ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ସେଠାରୁ ବାଇକ ଉଦ୍ଧାର କରିଛି। କିନ୍ତୁ ରେଞ୍ଜ ଅଧିକାରୀ ମୋବାଇଲ ଫୋନ ନେଇ ପଳାଇଥିଲେ। ପରେ ଗୁରୁବାର ଅପରାହ୍ନରେ ବନ୍ତଲା ରେଞ୍ଜରେ କାର୍ଯ୍ୟରତ ୭୦ରୁ ଅଧିକ ହାତୀସ୍କ୍ୱାଡ୍ କର୍ମଚାରୀ ଅନୁଗୋଳ ଡିଏଫଓଙ୍କୁ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଡିଏଫଓଙ୍କୁ ପଚାରିବାରୁ ସେ ଘଟଣାକୁ ଅତ୍ୟନ୍ତ ହାଲୁକା ଭାବେ ନେଇ ମନ୍ତବ୍ୟ ଦେଇଛନ୍ତି। ଏହି ଘଟଣା ଏତେ ବଡ଼ ନୁହେଁ ଯେ ଓଡ଼ିଶା ଭାସିଯିବ। ଯାହା ହେଇଛି ଦେଖାଯିବ ବୋଲି ସେ କହିଛନ୍ତି। ଜଣେ ରେଞ୍ଜ ଅଧିକାରୀ ହାତୀସ୍କ୍ୱାଡ୍ କର୍ମଚାରୀଙ୍କ ଉପରକୁ ଗୁଳି ଚଳାଇବା ଡିଏଫଓଙ୍କ ନଜରରେ ସାମାନ୍ୟ ଘଟଣା। ଏହାକୁ ନେଇ ବନ୍ତଲା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।

ସୂଚନାଯୋଗ୍ୟ, କିଛି ମାସ ହେଲା ବନ୍ତଲା ଓ ହିନ୍ଦୋଳ ରେଞ୍ଜରେ ହାତୀ ଉପଦ୍ରବ ବୃଦ୍ଧି ପାଉଛି। ବ୍ୟାପକ ଧନଜୀବନ କ୍ଷତି ହେଉଛି। ତେଣୁ ୨ ରେଞ୍ଜ ମଧ୍ୟରେ ହାତୀ ଘଉଡ଼ାଇବାକୁ ନେଇ ପ୍ରତିଯୋଗିତା ଚାଲିଛି। ଉଭୟ ପଟୁ ହାତୀ ଘଉଡ଼ାଇବା ଯୋଗୁଁ ହାତୀପଲ ବ୍ୟସ୍ତବିବ୍ରତ ହୋଇ ମଣିଷ ମାରୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ଏଭଳି କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ, ୩୧ା୭ (ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଫାଷ୍ଟଟ୍ରାକ କୋର୍ଟ ଗୁରୁବାର ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଘଟଣାରେ ପୁଅକୁ ସହଯୋଗ କରିଥିବା ବାପମା'ଙ୍କୁ କୋର୍ଟ ୫ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ଅର୍ଥରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ବନ୍ତଲା ଅଞ୍ଚଳର ରଞ୍ଜିତ ବାରିକ ଓରଫ ରାଜା, ତାଙ୍କ ବାପା ରଞ୍ଜନ ବାରିକ ଓ ମା' ଜୟନ୍ତୀ ବାରିକ।

**■ ବାପ-ମା'ଙ୍କୁ ୫ବର୍ଷ ଜେଲ୍**

ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ବନ୍ତଲା ଅଞ୍ଚଳରେ ନିଜ ମାମୁଘରେ ରହି ପାଠ ପଢୁଥିଲେ। ୨୦୨୨ ଫେବୃଆରୀ ୨୫ ରାତି ୮ଟାରେ ରଞ୍ଜିତ ତାଙ୍କ ମୁହଁରେ କପଡ଼ା ବାନ୍ଧି ଜୋରଜବରଦସ୍ତ ନିଜ ଘରକୁ ନେଇଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ରଞ୍ଜିତଙ୍କ ଘରକୁ ଯାଇ ପଚରାଉଚରା କରିଥିଲେ। କିନ୍ତୁ ରଞ୍ଜିତଙ୍କ ବାପା ରଞ୍ଜନ, ମା' ଜୟନ୍ତୀ ଓ ଭାଇ ସୁଜିତ ମିଶି ନାବାଳିକାଙ୍କୁ ନିଜ ଘରେ ତାଲା ପକାଇଦେବା ସହ ତାଙ୍କ ପରିବାର ଲୋକଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ନାବାଳିକାଙ୍କୁ ପୋଡ଼ି ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ବନ୍ତଲା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ରଞ୍ଜିତ, ରଞ୍ଜନ ଓ ଜୟନ୍ତୀଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁକରି ତିନିଜଣଙ୍କୁ ଗିରଫ କରିଥିଲା। ଗୁରୁବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ୧୦ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ଫାଷ୍ଟ ଟ୍ରାକ କୋର୍ଟ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ତିନି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରଦୀପ କୁମାର ଭୁତିଆ ଏହି ମାମଲା ପରିଚାଳନା କରୁଥିଲେ।

## ୫ ଫୁଟ ଲମ୍ବ ଅଜଗର ଉଦ୍ଧାର



ବଇଣ୍ଡା, ୩୧ା୭ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଶରଧାମୁଣ୍ଡା ଗ୍ରାମର ମନୋରଞ୍ଜନ ପ୍ରଧାନଙ୍କ ଦୋକାନରୁ ଗୁରୁବାର ୫ ଫୁଟ ଲମ୍ବ ଅଜଗର ସାପ ଉଦ୍ଧାର କରାଯାଇଛି। ସାପକୁ ଦେଖି ମନୋରଞ୍ଜନ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଛନ୍ତି।

## ଅବକାରୀ ବିଭାଗ ଚଢ଼ଉ; ୫ ଗିରଫ

କିଶୋରନଗର/ବଇଣ୍ଡା, ୩୧ା୭ (ସମିସ): ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର କିଶୋରନଗର ବ୍ଲକ ହାଟନାଳୀ ଗ୍ରାମରେ ଚଢ଼ଉ କରି ମମତା ବେହେରାଙ୍କ ଘରୁ ୧୨ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। ସେହିପରି ଉକ୍ତ ଗ୍ରାମର ସାବିତ୍ରୀ ବେହେରାଙ୍କ ଘରୁ ୧୫ ଲିଟର, କୁସୁଣୀ ଗ୍ରାମର ପଦ୍ମାବତୀ ବେହେରାଙ୍କ ଘରୁ ୧୦ ଲିଟର, ଚୁଡ଼ାଖାଇ ଗ୍ରାମର ଝୁନି ଦେହୁରୀଙ୍କ ଘରୁ ୧୫ ଲିଟର, ଅନ୍ତର ଦେହୁରୀଙ୍କ ଘରୁ ୧୨ ଲିଟର ଚୋରାମଦ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀ ସୂଚନା ଦେଇଛନ୍ତି। ଏମାନେ ବେଆଇନ ଭାବେ ନିଜ ଘରେ ମଦ ବିକ୍ରି କରୁଥିବା ଅଭିଯୋଗ ହେଉଥିଲା।

## ଡା. ଶାନ୍ତା ତ୍ରିପାଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଅନୁଗୋଳ, ୩୧ା୭ (ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାଇକ୍ରୋ ବାୟୋଲୋଜିଷ୍ଟ ଡା. ଶାନ୍ତା ତ୍ରିପାଠୀଙ୍କ ବଦଳି ହୋଇଛି। ସେ ଏନ୍‌ସିଡିସି ନୂଆଦିଲ୍ଲୀରେ ସିନିୟର୍ ମାଇକ୍ରୋ ବାୟୋଲୋଜିଷ୍ଟ ଭାବେ ନିଯୁକ୍ତ ହୋଇଛନ୍ତି। ଗୁରୁବାର ମେଡିକାଲର ପାଥୋଲୋଜି ବିଭାଗରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ କର୍ମଚାରୀ ତାଙ୍କୁ ବିଦାୟ ଜଣାଇ ତାଙ୍କ ଆଗାମୀ ଜୀବନ ଓ କାର୍ଯ୍ୟ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ। ସୂଚନାଯୋଗ୍ୟ, ଡାକ୍ତର ତ୍ରିପାଠୀ ୨୦୧୮ ରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୭ ବର୍ଷ ଧରି ନିଷ୍ଠାର ସହ ଦାୟିତ୍ୱ ପାଳନ କରିଥିଲେ। କୋଭିଡ୍ ସମୟରେ ସେ ଦିନରାତି ୨୪ ଘଣ୍ଟା ଅବିରତ କାର୍ଯ୍ୟ କରି ସେବା ଦେଇଥିଲେ। ଏଣୁ ସମଗ୍ର ଜିଲ୍ଲାରେ ତାଙ୍କର ସୁଖ୍ୟାତି ରହିଥିବା ବିଦାୟ ସଭାରେ ଉପସ୍ଥିତ କର୍ମଚାରୀ କହିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ

କଣିହାଁ, ୩୧ା୭ (ସମିସ): କଣିହାଁ ମହକୁମା ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ହିନ୍ଦୀ ଶିକ୍ଷକ ଦୁଃଖବନ୍ଧୁ ପ୍ରଧାନ (୭୪)ଙ୍କ ଗୁରୁବାର ବିୟୋଗ ହୋଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଦେହାନ୍ତ ହୋଇଛି। ସେ ଜଣେ ଭଦ୍ର, ନମ୍ର, ପରୋପକାରୀ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ତାଙ୍କ ମରଶରୀରକୁ ମେଡିକାଲରୁ କଣିହାଁସ୍ଥିତ ବାସଭବନକୁ ଅଣାଯାଇଥିଲା। ଏଠାରେ ବନ୍ଧୁ ପରିଜନ ଶେଷଦର୍ଶନ କରିଥିଲେ। ପରେ ମରଶରୀରକୁ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ନିଆଯାଇଥିଲା। ସେଠାରେ ପ୍ରଧାନଶିକ୍ଷକ ସିଦ୍ଧିପ୍ରସାଦ ସାହୁଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ବହୁ ପୁରାତନ ଛାତ୍ରଛାତ୍ରୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରୁ ପୈତୃକ ଗ୍ରାମ କଂସମୁଣ୍ଡା ନିଆଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରରେ ଗୁରୁବାର ତାଙ୍କ ଶେଷକୃତ ସମ୍ପନ୍ନ କରାଯାଇଛି।

## ଖଣି କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ତାଳଚେର, ୩୧ା୭ (ସମିସ): ବୁଧବାର ରାତିରେ ବଳରାମ କୋଇଲା ଖଣିର କେସିସିରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ସନ୍ଦିପ ମାନସିଂ (୩୭)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ନିଜ କାର୍ଯ୍ୟାଳୟ ପରିସରରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅଞ୍ଚଳ ବାସିନ୍ଦା ହୋଇଥିବାବେଳେ ଦୀର୍ଘବର୍ଷ ହେଲା ବଳରାମ କୋଇଲା ଖଣିରେ କେସିସିଏଲ କମ୍ପାନୀରେ ଏଚଆର ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ରାତି ପ୍ରାୟ ୯ଟା ୪୫ରେ ତାଙ୍କ କାର୍ଯ୍ୟାଳୟ ପରିସରରେ ବେକରେ ରଶି ଲଗାଇ କିଛି ସମୟ ଲଟକି ରହବା ପରେ କୁଆଡ଼େ କମ୍ପାନୀର ଅନ୍ୟ କର୍ମଚାରୀମାନେ ପହଞ୍ଚି ରଶି ଖୋଲି ତାଙ୍କୁ ତଳକୁ ଓହ୍ଲାଇଥିଲେ। ତେବେ ପୁଲିସକୁ ନ ଜଣାଇ ରାତି ପ୍ରାୟ ୧ଟାରେ ଅତି ତରବରିଆ ଭାବେ କ୍ୟାମ୍ପରରେ ତାଳଚେର ମଣ୍ଡାପାଳ ଡାକ୍ତରଖାନା ଆଣିଥିଲେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏହା ପ୍ରେମଜନିତ ହୋଇଛି ବୋଲି ଅଞ୍ଚଳବାସୀ କହୁଥିବା ବେଳେ ଆଉ କେହି ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥିବା କହୁଛନ୍ତି। ଗୋପାଳପ୍ରସାଦ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ତାଙ୍କ ସ୍ତ୍ରୀ ଓ ୨ ବର୍ଷର ଏକମାତ୍ର ପୁଅ ଅଛନ୍ତି।

## ଗଛ କାଟିବା ପାଇଁ ଦୋକାନ ଉଚ୍ଛେଦ



ଅନୁଗୋଳ, ୩୧ା୭ (ସମିସ): ଅନୁଗୋଳ ଗୋପବନ୍ଧୁ ଛକରେ ଥିବା ଜନସ୍ୱାସ୍ଥ୍ୟ ବିଭାଗର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିକଟରେ ଏକ ବଡ଼ ଶୁଖିଲା ଗଛ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା। ଉକ୍ତ ଗଛକୁ କାଟିବା ପାଇଁ ନିକଟରେ ଥିବା ଉଠା ଦୋକାନୀଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ଏହି ଦୋକାନୀମାନଙ୍କୁ ବାରମ୍ବାର ସୂଚନା ଦେବାପରେ ମଧ୍ୟ ଉଠୁ ନ ଥିଲେ। ତେଣୁ ଅନୁଗୋଳ ପୌରପାଳିକା ଜେସିବି ଲଗାଇ ଦୋକାନଗୁଡ଼ିକୁ ହଟେଇ ଦେଇଛି। ଖୁବଶୀଘ୍ର ଗଛ କଟାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି। କିଛି ମାଫିଆ ସରକାରୀ ରାସ୍ତା ଜବରଦଖଲ କରି କ୍ୟାବିନ୍ ପକାଇବା ସହ ସେଗୁଡ଼ିକୁ ଭଡ଼ାରେ ଦେଇ ଅର୍ଥ ରୋଜଗାର କରୁଛନ୍ତି। ଏହି ମାଫିଆଙ୍କ ବିରୋଧରେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି।

## ରାସ୍ତାରେ ଧାନ ରୋଇଲେ ଗ୍ରାମବାସୀ



କିଶୋରନଗର, ୩୧ା୭ (ସମିସ): ଅନୁଗୋଳ ଜିଲ୍ଲା ବଇଣ୍ଡା ପଞ୍ଚାୟତ କରଡ଼ା ବଣିସାହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ସ୍ଥାନୀୟ ସରପଞ୍ଚ ସସ୍ମିତା ସାହୁ ଭଟ୍ଟ କାମ କରାଇ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମବାସୀ କୁଆଡ଼େ ତାଙ୍କୁ ଭୋଟ ଦେଇ ନ ଥିବାରୁ ସରପଞ୍ଚ ଏପରି କରୁଥିବା ଗ୍ରାମବାସୀ କହିଛନ୍ତି। ଭୋଟ ଦେଇନାହଁ, ତେଣୁ ଟଙ୍କା ଦିଅ, ନଚେତ୍ ରାସ୍ତା ହୋଇପାରିବ ନାହିଁ ବୋଲି କହୁଛନ୍ତି। ଏହାର ପ୍ରତିବାଦରେ ଗ୍ରାମବାସୀ ରାସ୍ତାରେ ଧାନ ରୋଇ ବିରୋଧ ପ୍ରଦର୍ଶନ କରିଛନ୍ତି।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ଅନୁଗୋଳ, ୩୧ା୭ (ସମିସ): ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ସ୍ୱାଧୀନତା ଦିବସ ପ୍ରତ୍ୟୁଷରୁ ସହରରେ ରାମଧୁନ ପରିବେଷଣ କରାଯିବ। ପୂର୍ବାହ୍ନ ୬ଟାରେ ପ୍ରଭାତଫେରୀ, ସାଢ଼େ ୭ଟାରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଘରୋଇ କୋଠାବାଡ଼ିରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟା ୧୫ରେ ପିଟିସି ପଡ଼ିଆରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହି ଦିବସ ଉପଲକ୍ଷେ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଗତ ସିବିଏସ୍‌ଇ ଓ ଆଇସିଏସ୍‌ଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର କରାଯାଇଛି। ପିଟିସି ପଡ଼ିଆରେ ଅଗଷ୍ଟ ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଅଭ୍ୟାସ ପରେଡ ଅନୁଷ୍ଠିତ ହେବ। ଉତ୍ସବ ଦିନ ସନ୍ଧ୍ୟାରେ ସ୍ଥାନୀୟ ସଭାଗୃହରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଉତ୍ସବ ସହ ଜଡ଼ିତ ବିଭିନ୍ନ ଅନୁଷ୍ଠାନ, ବିଭାଗ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁ, ଉପାସନା ପାଢ଼ୀ, ଡିଏସ୍‌ପି ବିରଞ୍ଚି ନାରାୟଣ ବାଗଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଶିଳ୍ପସଂସ୍ଥାଗୁଡ଼ିକର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

କିଶୋରନଗର/ବଇଣ୍ଡା, ୩୧ା୭ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚନ୍ଦ୍ର ପ୍ରଧାନ ଗୁରୁବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଅସିତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରବିନାରାୟଣ ବେହେରା, ଚନ୍ଦ୍ରଶେଖର ସିଂ, କାଳିଆ ସେଠୀ, ନିରଞ୍ଜନ ଦାସ, ହାଡ଼ିବନ୍ଧୁ ପ୍ରଧାନ, ପ୍ରକାଶ କୁମାର ଗମାଙ୍ଗ, ଲିପୁ ସେନାପତି, ଶୁଭଲକ୍ଷ୍ମୀ ମାଝୀ, ସନ୍ଧ୍ୟାରାଣୀ ରାଉଳ, ମଧୁସ୍ମିତା ବେହେରା, ମଧୁସ୍ମିତା ସାହୁ, ଆଦ୍ୟାଶା ପ୍ରଧାନ, ସୋନାଲି ପ୍ରଧାନ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଅଧ୍ୟକ୍ଷ ପ୍ରଧାନ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବଇଣ୍ଡା କଲେଜରେ ଅଧ୍ୟାପନ କରି ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କିଶୋରନଗର, ୩୧ା୭ (ସମିସ): କିଶୋରନଗର ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ସୁବ୍ରତ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରି ଶାନ୍ତିଶୃଙ୍ଖଳାରେ ସ୍ୱାଧୀନତା ଦିବସ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କିଶୋରନଗର ବରପଡ଼ିଆରେ ସ୍ୱାଧୀନତା ଦିବସ ସମାରୋପ ପାଳନ କରଯିବ। ଆସନ୍ତା ୧୧ ତାରିଖ କିଶୋରନଗର ଡିଗ୍ରୀ କଲେଜରେ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା, କ୍ୱିଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ।



୧୩ରେ ବରପଡ଼ିଆରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭ୍ୟାସ ପରେଡ୍ ହେବ। ଚଳିତ ବର୍ଷ ମାଟ୍ରିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ନାତକ ମହାବିଦ୍ୟାଳୟ ଓ ସିବିଏସସି ବୋର୍ଡ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ପୁରସ୍କୃତ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ବିଏସ୍‌ଏସଓ ଝସକେତନ ସାହୁ ଯୋଗଦେଇ ଗତବର୍ଷ ସ୍ୱାଧୀନତା ଦିବସ ପାଳନ ସମ୍ପର୍କିତ ବିବରଣୀ ପାଠ ସହ ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ବୈଠକରେ ଡା. ଅଲେଖ ପ୍ରଧାନ ଓ ସ୍ୱେଚ୍ଛାସେବୀ ସଂଗଠନ ବଣିନାଳୀ ବିଶ୍ୱଯୁବ କେନ୍ଦ୍ରର ସମ୍ପାଦକ ମନୋଜ ମହାପାତ୍ରଙ୍କୁ ସ୍ୱାଧୀନତା ଦିବସ ପାଳନ କମିଟିର ସ୍ଥାୟୀ ସଭ୍ୟ ଭାବେ ମନୋନୀତ କରାଯାଇଛି। ଏବିଡିଓ ଦୀଲିପ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ସାମ୍ବାଦିକ ସଞ୍ଜୟ ଦାଶ, କିଶୋରନଗର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ, ଧଉରାପାଲ୍ଲୀ ସରପଞ୍ଚ ସଞ୍ଜିତ ସାହୁଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ପ୍ରତିନିଧି ଯୋଗଦେଇଥିଲେ।

## ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ଜିଲ୍ଲାପାଳଙ୍କ ବୈଠକ

ଅନୁଗୋଳ, ୩୧ା୭ (ସମିସ): ପୋଲିଂ ବୁଥଗୁଡ଼ିକର ଯୁକ୍ତିଯୁକ୍ତକରଣ ଓ ନୂତନ ବୁଥ୍ ସୃଷ୍ଟି ସମ୍ପର୍କରେ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ଅବଦାଲ ମହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଏକ ଅନୁଷ୍ଠିତ ହୋଇଛି। ୧୨୦୦ରୁ ଊର୍ଦ୍ଧ୍ୱ ମତଦାତା ଥିବା ବୁଥଗୁଡ଼ିକର ଯୁକ୍ତିଯୁକ୍ତକରଣ ସହ ଆବଶ୍ୟକ ସ୍ଥଳେ ନୂତନ ବୁଥ୍ ସୃଷ୍ଟି କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଡେପୁଟି କେଲେକ୍ଟର (ନିର୍ବାଚନ) ମମତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।



# ସଡ଼କ ସୁରକ୍ଷା କମିଟି ବୈଠକ



ଅନୁଗୋଳ, ୩୧ା୭ (ସମିସ)

ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଗୁରୁବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ଜୁନ୍ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଜୁନ୍‌ରେ ଜିଲ୍ଲାରେ ମୋଟ ୨୭ଟି ଦୁର୍ଘଟଣା ଘଟିଥିବାବେଳେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ୧୫ ଜଣ ଗୁରୁତର ଓ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଜାତୀୟ ରାଜପଥରେ ୧୪ଟି ଦୁର୍ଘଟଣା ଘଟିଥିବାବେଳେ ୧୧ଟି ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ଅଞ୍ଚଳରେ ଘଟିଛି। ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁଁ ୭୬୬ ଜଣ, ବିନା ସିଟ୍ ବେଲ୍ଟରେ ୨୯ ଜଣ, ଦ୍ରୁତ ଗାଡ଼ିଚାଳନା ପାଇଁ ୫୦୨ ଜଣ, ମଦ୍ୟପାନ କରି ଗାଡ଼ିଚାଳନା ନିମନ୍ତେ ୨୬ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୩୮ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ୬୦୪ ଜଣଙ୍କ ଲାଇସେନ୍ସ ନିଲମ୍ବନ କରାଯାଇ ଓ ୨୮ଟି ଗାଡ଼ି ଜବତ କରାଯାଇଛି। ସେହିପରି ଜିଲ୍ଲା ପୁଲିସ ଦ୍ୱାରା ଯାଞ୍ଚ ସମୟରେ ଦ୍ରୁତ ଗାଡ଼ି ଚାଳନା ଯୋଗୁଁ ୧୮ ଜଣଙ୍କଠାରୁ ୨୭ ହଜାର ଟଙ୍କା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଅଭିଯୋଗରେ ୨୩୬ ମାମଲାରେ ୧୧ ଲକ୍ଷ ୮୦ ହଜାର ଟଙ୍କା, ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁଁ ୨୮୬୩ ଜଣଙ୍କଠାରୁ ୨୮ ଲକ୍ଷ ୬୩ ହଜାର ଟଙ୍କା, ବିନା ସିଟ୍ ବେଲ୍ଟରେ ୧୫୪୦ ଜଣଙ୍କଠାରୁ ୧୫ ଲକ୍ଷ ୪୦ ହଜାର ଟଙ୍କା, ଟ୍ରାଫିକ ନିୟମ ଅବମାନନା ଏବଂ ନୋ ପାର୍କିଂ ଜୋନରେ ପାର୍କିଂ ଅଭିଯୋଗରେ ୧୨୬୭ ଟି ମାମଲାରେ ୨୬ ଲକ୍ଷ ୫୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୪୨୦ ମାମଲା ରୁଜୁ କରାଯାଇଛି। ଟ୍ରାଫିକ୍ ନିୟମ କଡ଼ାକଡ଼ି ପାଳ କରିବା ସହ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଅଧିକ ହେଲମେଟ ଯାଞ୍ଚ କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁ, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।



# ସୁବ୍ରତ ଆଇଏନଟିୟୁସିର ବାଲେଶ୍ୱର ଜିଲ୍ଲା ଯୁବ ସଭାପତି



ବାଲେଶ୍ୱର, ୩୧।୭ (ସମିସ): ଆଇଏନଟିୟୁସିର ନୂତନ ଜିଲ୍ଲା ଯୁବ ସଭାପତି ଭାବେ ଆଜି ଚୟନ କରାଯାଇଛି। ଏ ନେଇ ଆଜି ଯୁବ ରାଜ୍ୟ ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ନୂତନ କରି ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ସୁବ୍ରତ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ତାଙ୍କୁ ଏହି ସଙ୍ଗଠନର ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।

# ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ପେନସନ ପ୍ରଦାନ



ବାଲେଶ୍ୱର, ୩୧।୭ (ସମିସ): ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଚଳିତ ଜୁଲାଇ ମାସରେ ସରକାରୀ ଚାକିରିରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ହାସିନା ବିବିଙ୍କୁ ଫାଇନାଲ ପେନସନ ଓ ଗ୍ରାଚ୍ୟୁଇଟି ସଂକ୍ରାନ୍ତ କାଗଜପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେକସନ୍ ଅଫିସର ସୁଜିତ କୁମାର ମଲ୍ଲିକ, ଅଫିସ ସହାୟକ ସମର ନାୟକ, ପ୍ରଦୀପ ମିଶ୍ର, ଶିକ୍ଷକ ସଂଘ ସମ୍ପାଦକ ଅରୁଣ କୁମାର ପାତ୍ର, ଶିକ୍ଷକ ନେତା ନିରଞ୍ଜନ ଗିରି, ରିତେଶ ରାୟ, ଦୀପକ କୁମାର ମହାନ୍ତି, ଏବିଇଓ ରେଣୁବାଳା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ବୃକ୍ଷରୋପଣ




ବାଲେଶ୍ୱର, ୩୧।୭ (ସମିସ): ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱର ଶାଖା ଆନୁକୂଲ୍ୟରେ ସଭାପତି ଚତୁର୍ଭୁଜ ଜେନାଙ୍କ ନେତୃତ୍ୱରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଭୀମପୁରା ଶ୍ମଶାନ ଭୂମି ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସଭାପତି ରମେଶ ଚନ୍ଦ୍ର ଜେନା ପ୍ରଥମ ବୃକ୍ଷରୋପଣ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ସତ୍ୟରଞ୍ଜନ ରାଉତ, ଅକ୍ଷୟ କୁମାର ପଣ୍ଡା, ସମ୍ପାଦକ ରାମଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଉପଦେଷ୍ଟା ଗିରିଧାରୀ ବିଦ୍ଧାଣି, ସଙ୍ଗଠନ ସମ୍ପାଦକ ଗଗନ ଚନ୍ଦ୍ର ଦଳାଇ, କୋଷାଧ୍ୟକ୍ଷ ବଙ୍କିମ କୁମାର ପତି, ସୁକୁମାର ବେହେରା, ଅନିଲ ଦାସ, ଉମାକାନ୍ତ ଦାସ, ପଦ୍ମନାଭ ସାମଲ, ବିଜୟ ସେନାପତି, ପ୍ରଫୁଲ୍ଲ ସେଠୀ, ରବୀନ୍ଦ୍ର ନାରାୟଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁଅ ମାଡ଼ରେ ମା'ର ମୃତ୍ୟୁ, ଅଭିଯୁକ୍ତ ଗିରଫ

ଜଳେଶ୍ୱର, ୩୧।୭ (ସମିସ): ଜନ୍ମକଲା ପୁଅର ମାଡ଼ରେ ମାଁ ର ମୃତ୍ୟୁ ଘଟଣା ରାଇବଣିଆ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ ପଞ୍ଚାୟତର କେନ୍ଦୁ ଖୁଣ୍ଟା ଗାଁରେ ଜଣେ ପୁଅର ମାଡରେ ମା'ର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ଜୁନ୍ ୨୩ ଦିନ ରେଣ୍ଟା ମୁର୍ମୁର ସ୍ତ୍ରୀ ଚାମି ଟୁଡୁ (୪୮) ରାତିରେ ଘରେ ରହିଥିବା ବେଳେ ତା'ର ବଡପୁଅ ହପନା ଟୁଡୁ(୩୦) ନିଶାସକ୍ତ ଅବସ୍ଥାରେ ଠେଙ୍ଗାରେ ଆକ୍ରମଣ କରିଥିଲା। ହପନା ଟୁଡୁ କୌଣସି କାମ କରୁନଥିବା ବେଳେ ବାପା-ମା ଠାରୁ ଜବରଦସ୍ତ ଟଙ୍କା ନେଇ ନିଶା ସେବନ କରୁଥିଲା। ପୁଅ ମାଡ଼ରେ ଚାମି ଟୁଡୁ ଗୁରୁତର ହୋଇ ପ୍ରଥମେ ହାତୀଗଡ଼ ହସ୍‌ପିଟାଲ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସାମାନ୍ୟ ସୁସ୍ଥ ହେବାପରେ ତାଙ୍କୁ ଘରକୁ ଫେରାଇ ଆଣିଥିବା ବେଳେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ଖବର ପାଇ ରାଇବଣିଆ ପୁଲିସ୍ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କରିଥିବା ବେଳେ ଅଭିଯୁକ୍ତ ହପନା ଟୁଡୁକୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି।

## ବାଲେଶ୍ୱର ପୌରପାଳିକାର ୨୪ତମ ଅଧିବେଶନ

# ମ୍ୟୁନିସିପାଲ ହାଇସ୍କୁଲରେ ଦୁର୍ନୀତି ଅଭିଯୋଗ ନେଇ ହୋହଲ୍ଲା

ବାଲେଶ୍ୱର, ୩୧।୭ (ସମିସ)




ସହଦେବଖୁଣ୍ଟାସ୍ଥିତ ବାଲେଶ୍ୱର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁର୍ନୀତିକୁ ପୌରପାଳିକାର ୨୪ତମ ସାଧାରଣ ବୈଠକରେ ବିରୋଧ କରି ତୁମ୍ବିତୋଫାନ କରିଛନ୍ତି କାଉନସିଲର। ବୈଠକ ଆରମ୍ଭରେ ୧୪ ନମ୍ବର ୱାର୍ଡ କାଉନସିଲର କୈଳାସ ଚନ୍ଦ୍ର ସେଠୀ ପ୍ରଥମେ ପ୍ରଶ୍ନ କରିଥିଲେ, ୨୦୨୨ରୁ ଆଜି ପର୍ଯ୍ୟନ୍ତ ଉତ୍କଳ ବାଳାଶ୍ରମ ପରିସରରେ ଥିବା ବାଲେଶ୍ୱର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟକୁ କେତେ ଟଙ୍କାର ଅନୁଦାନ ଦିଆଯାଇଛି ଏବଂ ଅନୁଦାନ ମଧ୍ୟରୁ କେଉଁ କେଉଁ ପ୍ରୋଜେକ୍ଟରେ କେତେ ଟଙ୍କା ଦିଆସରିଛି ଓ କାମ କରିବା ପାଇଁ କେଉଁ କେଉଁ ପ୍ରୋଜେକ୍ଟର କେତେ ଟଙ୍କାର ଟେଣ୍ଡର ହୋଇଛି। ତେବେ ୪ ନମ୍ବର ଏଜେଣ୍ଡା ଆରମ୍ଭ ହେବା ବେଳେ ଏହି

**● ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ପାତରଅନ୍ତରରୁ ଅସନ୍ତୋଷ**

**● ଭିଜିଲାନ୍ସ ତଦନ୍ତ ଦାବି କଲେ ୧୨ କାଉନସିଲର**

କଥା କୈଳାସ ସେଠୀ ଉଠାଇଛନ୍ତି। କୈଳାସ ସେଠୀଙ୍କ କହିବା ଅନୁସାରେ, ଗତ ସରକାରରେ ୫-ଟି ରେ ଏହି ସ୍କୁଲ ରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ୫୦ ଲକ୍ଷ ଟଙ୍କାର କାମ ହୋଇସାରିବା ପରେ ପୁଣି ୧ କୋଟିରୁ ଅଧିକ ଟଙ୍କା ପୌରପାଳିକାରୁ ଏହି ସ୍କୁଲକୁ କାହିଁକି ଦିଆଯାଇଛି। ୧ରୁ ୩୧ ନମ୍ବର ୱାର୍ଡ ଭିତରେ ସବୁଠି ସ୍କୁଲ ଅଛି। ଅନ୍ୟ କୌଣସି ସ୍କୁଲରେ କଣ କିଛି କାମ ନାହିଁ? ଏହି ଅଭିଯୋଗ ଉଠାଇ କୈଳାସ ସେଠୀ ବୈଠକରେ ତଳେ ବସି ରହିଥିଲେ ଏବଂ ଯେତେ ପର୍ଯ୍ୟନ୍ତ ଏହା ଭିଜିଲାନ୍ସ ତଦନ୍ତ ପାଇଁ ପ୍ରତିଶ୍ରୁତି ନିଆଯାଇଛି ସେଯାଏଁ ଉଠିବେ ନାହିଁ ବୋଲି ଜିଦ୍ ଧରିଥିଲେ। ତାଙ୍କୁ ମିଶାଇ ସମୁଦାୟ ୧୨ ଜଣ କାଉନସିଲର ସମର୍ଥନ କରି ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏସବୁ ପରେ ଯଦି ଏଥିରେ କିଛି ଦୁର୍ନୀତି ହୋଇଥିବ ତାହେଲେ ଅଫିସର ଆସିଲେ ଏ ବାବଦରେ ଆଲୋଚନା କରିବି ଏବଂ ଆବଶ୍ୟକ ପଡ଼ିଲେ ଭିଜିଲାନ୍ସ ତଦନ୍ତ ପାଇଁ ଦିଆଯିବ ବୋଲି ପୌରପାଳିକା ଅଧ୍ୟକ୍ଷା ପ୍ରତିଶ୍ରୁତି ଦେବା ପରେ କୈଳାସ ସେଠୀ ତଳୁ ଉଠିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା(ଏମ୍ ଏସ୍ ବି ୱାଇ)କୁ ନେଇ ମଧ୍ୟ କିଛି କାଉନସିଲର ବୈଠକରେ ଅସନ୍ତୋଷ ପ୍ରକାଶ ସହ ପ୍ରଶ୍ନ ଉଠାଇଛନ୍ତି। ଆଜି ବାଲେଶ୍ୱର ପୌରପାଳିକା ପରିଷଦମାନଙ୍କ ସଭାଗୃହରେ ୨୪ତମ ସାଧାରଣ ବୈଠକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଜି ବିଭିନ୍ନ ପ୍ରସଙ୍ଗ ଏବଂ ସମସ୍ୟା ବାବଦରେ ବିଭିନ୍ନ ୱାର୍ଡର କାଉନସିଲର ପ୍ରସଙ୍ଗ ରଖିବା ସହ ଅସନ୍ତୋଷ ମଧ୍ୟ ପ୍ରକାଶ କରିଛନ୍ତି। ବୈଠକରେ ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ଉପସ୍ଥିତ ଥିଲେ। ଏହାବ୍ୟତୀତ ପୌରପାଳିକା ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ଓ୍ୱାର୍ଡର କାଉନସିଲରମାନେ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଉପସ୍ଥିତ ଥିବା ୨୭ ନମ୍ବର ୱାର୍ଡ କାଉନସିଲର ପଦ୍ମଲୋଚନ ଲେଙ୍କା କହିଛନ୍ତି, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ବିଭିନ୍ନ ୱାର୍ଡକୁ ଯାଇଥିବା ପ୍ରୋଜେକ୍ଟ ତାଲିକାରେ ଆମ ୱାର୍ଡ ନାହିଁ। ଏବାବଦରେ ମୁଁ ଦାବି ଉଠାଇଲି। ଗାଇଡଲାଇନ୍ ଅନୁସାରେ ଏହି ଯୋଜନାର ସମସ୍ତ ଲୋକ ପ୍ରତିନିଧିମାନଙ୍କୁ ନେଇ ସ୍ପଟ୍ ପରିଦର୍ଶନ କରି ପ୍ରୋଜେକ୍ଟ ଦେବା କଥା। ହେଲେ ମନମାନି ଭାବେ ପ୍ରୋଜେକ୍ଟ ପ୍ରଦାନ କରାଯାଇଛି। ଗୋଟେ ଗୋଟେ ୱାର୍ଡକୁ ୪ କୋଟି ତ ପୁଣି ଆଉ କିଛି ୱାର୍ଡରେ କିଛି ନାହିଁ। ମୋର ୨୭ ନମ୍ବର ପାଇଁ କିଛି ନାହିଁ। ଯାହାକୁ ଆମେ ଘୋର ବିରୋଧ କରିଛୁ। ଏହାବ୍ୟତୀତ ମୋ ୱାର୍ଡରେ ବନ୍ୟାଞ୍ଚଳରେ ୩୦ ଲକ୍ଷ ବ୍ୟୟରେ ଏକ ପାର୍କ ନିର୍ମାଣ ନେଇ ପୌରପାଳିକା ପକ୍ଷରୁ ପ୍ରସ୍ତାବ ରହିଥିଲା। ଯାହାକୁ ମୁଁ କରିବାକୁ ମନା କରିଲି। କାରଣ ଘଣ୍ଟେ ବର୍ଷା ହେଲେ ସେଇ ସ୍ଥାନ ବୁଡି ଯାଉଛି। ତେଣୁ ମୁଁ କହିବା ପରେ ଏହି ପାର୍କ ନିର୍ମାଣ ବାତିଲ ହେଲା'। ସେହିପରି ୧୯ ନମ୍ବର ୱାର୍ଡ କାଉନସିଲର ଶୋଭା ମହାପାତ୍ର ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ କାହିଁକି କିଛି ପ୍ରୋଜେକ୍ଟ ଆସିନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଏହାବ୍ୟତୀତ କିଛି ହୋର୍ଡିଂ ଉଚ୍ଛେଦ ପାଇଁ ଦିଆଯାଇଥିଲା ହେଲେ ତାହା କାମ ହୋଇନାହିଁ ଏବଂ ସଫେଇ ଠିକ୍ ଭାବେ ହେଉନାହିଁ ଆଦି ପ୍ରସଙ୍ଗ ଉଠାଇଥିଲେ। ୨୪ ନମ୍ବର ୱାର୍ଡ କାଉନସିଲର ମୀନା ମହାନ୍ତି ମଧ୍ୟ ବୈଠକରେ ବିଭିନ୍ନ ପ୍ରସଙ୍ଗ ବାବଦରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଗାର୍ଲସ ହାଇ ସ୍କୁଲ ଭିତରେ ମିନି ପାର୍କ ପାଇଁ ବିଜେଡି ସରକାର ସମୟରେ ମୁକ୍ତା ଯୋଜନାରେ ୭ ଲକ୍ଷ ଟଙ୍କା ଆସିଥିଲା। ମାତ୍ର ଏତିକି ଟଙ୍କାରେ କାମ ସମ୍ପୂର୍ଣ୍ଣ ହେଲା ନାହିଁ। ସେଥିପାଇଁ ପାଇଁ ମୁଁ ଦ୍ୱିତୀୟ ଥର ଟଙ୍କା ପାଇଁ ଆବେଦନ କରିଥିଲି। ୧୪ ଲକ୍ଷ ଟଙ୍କା ଏଷ୍ଟିମେଟ୍ ହୋଇଥିଲା। ୱାର୍କ ଅର୍ଡର ହୋଇଥିଲା। ମାତ୍ର କାମ ହେବ କହି ଅଟଟିଗଲା। ନିର୍ବାଚନ ପରେ ମୁକ୍ତା ଯୋଜନା ବି ବନ୍ଦ ହୋଇଗଲା। କାମ ବି ବନ୍ଦ। ଏବେ ୧୪ ଲକ୍ଷ ଟଙ୍କା ଦେବେ ବୋଲି କହିଛନ୍ତି। ଏହାବ୍ୟତୀତ ଆଜି ବାଲେଶ୍ୱର ମ୍ୟୁନିସିପାଲ ସରକାରୀ ଉଚ୍ଚବିଦ୍ୟାଳୟରେ ଦୁର୍ନୀତି ହୋଇଥିବା ନେଇ ପାଟିତୁଣ୍ଡ ହୋଇଥିଲା। କାରଣ ଏହି ସ୍କୁଲରେ ୫-ଟି ରେ ୫୦ ଲକ୍ଷ ଖର୍ଚ୍ଚ ହେବା ପରେ ବି ପୌରପାଳିକା ଫଣ୍ଡ ରୁ ଆହୁରି କୋଟିଏ ଟଙ୍କା ସ୍କୁଲ ପାଇଁ ଯାଇଛି। ପୌରପାଳିକା ଟଙ୍କା କାହିଁକି ପୁଣି ଏହି ସ୍କୁଲରେ ଲାଗିଲା। ଯାହାକୁ ଆମେ ସମସ୍ତେ ବିରୋଧ କରିଲୁ। ଆମେ ୧୨ ଜଣ କାଉନସିଲର ଏହାକୁ ବିରୋଧ କରି ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛୁ। ଯଦି ଦୁର୍ନୀତି ହୋଇଥିବ ତାହେଲେ ତଦନ୍ତ ହେବ ବୋଲି ପୌରାଧ୍ୟକ୍ଷା ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ୧୩ ନମ୍ବର ୱାର୍ଡ କାଉନସିଲର ପ୍ରତିମା ବେହେରା ମଧ୍ୟ ନିଜ ୱାର୍ଡର କିଛି ସମସ୍ୟା କଥା ଉଠାଇଥିଲେ। ସେ କହିଛନ୍ତି ଗତ ବର୍ଷ ଗୋଳାପୋଖରୀ କାମ ଆରମ୍ଭ ହୋଇଥିଲା। ପୋଖରୀ ଖୋଳାଖୋଳି କାମ କଲେ। ମା ହିଙ୍ଗୁଳା ଗ୍ରୁପ୍ ୭ ଲକ୍ଷ ଟଙ୍କା ଖର୍ଚ୍ଚ କରି କାମ କରିଛନ୍ତି। ସେମାନେ ଟଙ୍କା ପାଇନାହାନ୍ତି। ସେମାନେ ମୋତେ ବାରମ୍ବାର ଟଙ୍କା ମାଗୁଛନ୍ତି। ଏମିତିକି ଜେସିବି ଗୋଟେ ପୋଖରୀ ଭିତରେ ପଶିକି ରହିଛି। ବାହାରିନି। ବର୍ଷା ପାଇଁ ପାଣି ବି ଭର୍ତ୍ତି ହୋଇଯାଇଛି। ଏବାବଦରେ ମୁଁ ଜଣାଇଛି।

ପ୍ରକାଶ ଥାଉ କି, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ପ୍ରୋଜେକ୍ଟ ପ୍ରଦାନ କ୍ଷେତ୍ରରେ ପାତର ଅନ୍ତର କରାଯାଉଥିବା ଅଭିଯୋଗ କରି ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ଏବଂ ୧୨ ଜଣ କାଉନସିଲର ପୌରପାଳିକା ଇଓ ନିର୍ଲିପ୍ତା ମହାନ୍ତିଙ୍କୁ ଭେଟି ଆଲୋଚନା କରିଛନ୍ତି।

# ବିଶ୍ୱ ମାନବ ଚାଲାଣ ନିରୋଧ ସଚେତନତା ଶିବିର



ବାଲେଶ୍ୱର/ବସ୍ତା, ୩୧।୭ (ସମିସ): ବସ୍ତି ଏରିଆ ଡେଭେଲପମେଣ୍ଟ କାଉନସିଲ ଆନୁକୂଲ୍ୟରେ ବସ୍ତା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ମାନବ ଚାଲାଣ ନିରୋଧ ଦିବସ ପାଳିତ ହୋଇଯାଇଛି। ସଂଗଠନ ସମ୍ପାଦକ ଗୋପାଳକୃଷ୍ଣ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ ମିହିର ରଞ୍ଜନ ବେହେରା, ଅଧ୍ୟକ୍ଷା ଅଞ୍ଜଳି ଦାସ, ଶିଶୁ ବିକାଶ ସୁରକ୍ଷା ଅଧିକାରୀ ସ୍ନେହଲତା ଦାସ, ମହିଳା ପରିଦର୍ଶିକା ବୈଜୟନ୍ତୀ ମୁଦୁଲି ପ୍ରମୁଖ ଉଦବୋଧନ ଦେଇ ମାନବ ଚାଲାଣ ଏବଂ ବିଶ୍ୱର ପ୍ରମୁଖ ସମସ୍ୟା ହେଉଥିବା ବେଳେ ଭାରତ ତଥା ଓଡ଼ିଶା ଏବଂ ବାଲେଶ୍ୱର ଜିଲ୍ଲାରେ ଏହା ସମସ୍ୟା ସୃଷ୍ଟି କରିଛି ବୋଲି କହିଥିଲେ। ଏହାର ନିରାକରଣ କିଭଳି ସଫଳତାର ସହ କରାଯିବ ସେ ସମ୍ପର୍କରେ ଅଧ୍ୟକ୍ଷା ଅଞ୍ଜଳି ଦାସ ଆଲୋକପାତ କରିଥିଲେ। ଜଷ୍ଟ ରାଇଟ୍ସ ଫୋର ଚିଲଡ୍ରେନ ସହାୟତାରେ ବସ୍ତି ଏରିଆ ଡେଭେଲପମେଣ୍ଟ କାଉନସିଲ ଦ୍ୱାରା ଏହି ଜିଲ୍ଲା ସ୍ତରରେ ଆରମ୍ଭ ହୋଇଥିବା ବିଶ୍ୱ ମାନବ ଚାଲାଣ ନିରୋଧ ଦିବସ ପାଳିତ ହୋଇଥିବା ବେଳେ ପ୍ରକଳ୍ପ ଅଧିକାରୀ ରାଜଶ୍ରୀ ବେହେରା ନିଜର ମତବ୍ୟକ୍ତ କରିଥିଲେ। ବସ୍ତି ଏରିଆ ଡେଭେଲପମେଣ୍ଟ କାଉନସିଲର ସଦସ୍ୟ ଇତିଶ୍ରୀ ଜେନା, ବନ୍ଦସିତା ନାୟକ, ସ୍ମୃତିରେଖା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଜଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଚିତ୍ରପୁରରେ ଚତୁର୍ଥ ମତ୍ସ୍ୟଜୀବୀ କାର୍ଯ୍ୟଶାଳା



ବାଲେଶ୍ୱର/ଭୋଗରାଇ, ୩୧।୭ (ସମିସ): ବିଚିତ୍ରପୁର ଅଞ୍ଚଳରେ ନୀଳରକ୍ତ କଙ୍କଡା ସୁରକ୍ଷା ନିମନ୍ତେ ଚତୁର୍ଥ ମତ୍ସ୍ୟଜୀବୀ କାର୍ଯ୍ୟଶାଳା ବିଚିତ୍ରପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଇସିଆରଆଇସିସି ପ୍ରକଳ୍ପ ଦ୍ୱାରା ସମର୍ଥିତ, ଯାହା ୟୁଏନଡିପି ଏବଂ ଗ୍ରିନ୍ କ୍ଲାଇମେଟ୍ ଫଣ୍ଡ ର ଏକ ଯୁଗ୍ମ ପଦକ୍ଷେପରେ ଆୟୋଜିତ କାର୍ଯ୍ୟଶାଳାରେ ୯୦ ରୁ ଅଧିକ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ। ଡଃ ବିଶ୍ୱଜିତ ପଣ୍ଡା ଦ୍ୱାରା କାର୍ଯ୍ୟକ୍ରମର ଆରମ୍ଭ ନୀଳରକ୍ତ କଙ୍କଡ଼ା ଉପରେ ବିଭିନ୍ନ ବିପଦ ଓ ସୁରକ୍ଷା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବିଶେଷଜ୍ଞ ଦୀପକ କୁମାର ଦେ ମାଛ ଧରା ଯୋଜନା, ବିକାଶ ଓ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଜୀବିକା ଅଧିକାରୀ ସହାୟିକା ପ୍ରତିମା ସେନ ମତ୍ସ୍ୟଜୀବୀଙ୍କ ଦାୟିତ୍ୱ ଓ ପ୍ରାଣୀ ସୁରକ୍ଷା ବିଷୟରେ ଭାଷଣ ଦେଇଥିଲେ। ସ୍ଥାନୀୟ ଯୋଜନା ମୁଖ୍ୟ ଉମା ପଣ୍ଡା ମାଛଧରା ଯୋଜନା ବିଷୟରେ ଏବଂ ଘୋଷ୍ଟ ନେଟ ସଠିକ୍ ବ୍ୟବସ୍ଥାପନ ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ କିରଣବାଳା ଜେନା ଏହି ପଦକ୍ଷେପକୁ ସ୍ୱାଗତ କରି ବଢ଼ିଆ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଭିଏସ୍ ଏସ୍, ଏସ୍ ଏଚ ଜି, ମତ୍ସ୍ୟଜୀବୀ, ପଞ୍ଚାୟତ ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା ତପନ କୁମାର ଦେ, ପ୍ରଦୀପ ପାତ୍ର, ଗୋପାଳ ଚନ୍ଦ୍ର ଦତ୍ତ ଓ ହରିଶ୍ ଚନ୍ଦ୍ର ବେହେରା କରିଥିଲେ।

# 'ସବୁଜ ବିପ୍ଳବ ଅଭିଯାନ'ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବାଲେଶ୍ୱର, ୩୧।୭ (ସମିସ): ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱର ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗଣେଶ୍ୱରପୁର ନୋଚି ଅଞ୍ଚଳରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ 'ସବୁଜ ବିପ୍ଳବ ଅଭିଯାନ'ର ଅଂଶ ଭାବରେ ପରିଚାଳିତ ହେଉଛି, ଯାହା ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱରଙ୍କ ଦ୍ୱାରା ଏକ ଦୀର୍ଘମିଆଦୀ ପରିବେଶୀୟ ପ୍ରୟାସ ଭାବରେ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲବ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ସହ ସମାଜସେବୀ, ଶିକ୍ଷାଳୟ ପ୍ରତିନିଧି ଓ ସ୍ଥାନୀୟ ଗ୍ରାମବାସୀ ଅଂଶଗ୍ରହଣ କରିଛନ୍ତି। ରୋଟାରୀ କ୍ଲବ୍ ଅଧ୍ୟକ୍ଷ ତାଙ୍କ ଉଦ୍‌ବୋଧନରେ କହିଛନ୍ତି ଯେ, ଏହି ପ୍ରକାର ଉଦ୍ୟମ ମାଧ୍ୟମରେ ଆମେ ପରିବେଶ ସୁରକ୍ଷା ସହିତ ସାମାଜିକ ସଚେତନତା ବୃଦ୍ଧି, ପ୍ରାକୃତିକ ବଳୟକୁ ଶକ୍ତ କରିବା ଓ ପରିବେଶୀୟ ସମସ୍ୟାମାନେ ପ୍ରତି ସାର୍ବଜନୀନ ଅନୁଭୂତି ତିଆରି କରିବାକୁ ଚେଷ୍ଟା କରୁଛନ୍ତି। ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱର ପକ୍ଷରୁ ସମସ୍ତ ସ୍ଥାନୀୟ ବାସିନ୍ଦା, ଯୁବପିଢି ଓ ସାମାଜିକ ସଂଗଠନମାନଙ୍କୁ ପରିବେଶ ସୁରକ୍ଷା ଓ ହରିତ ଉଦ୍ୟମରେ ସକ୍ରିୟ ଭାଗୀଦାର ହେବା ପାଇଁ ଆହ୍ୱାନ ଜଣାଯାଇଛି।

# ଶିକ୍ଷାବିତ୍ ରାମେଶ୍ୱର ବେରାଙ୍କ ଦେହାନ୍ତ

ବାଲେଶ୍ୱର, ୩୧।୭ (ସମିସ): ବାଲେଶ୍ୱର ସହରର ଟାଉନ ହାଇସ୍କୁଲର ପୂର୍ବତନ ଶିକ୍ଷକ ତଥା ରଣସାହିସ୍ଥିତ ୟୁନିଅନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମେଶ୍ୱର ବେରା (୭୯)ଙ୍କ ଦେହାନ୍ତରେ ଶୋକର ଛାୟା ଖେଳିଯାଇଛି। ଆଜି ସକାଳ ପ୍ରାୟ ସାଢେ ୮ଟାରେ ଗୋପାଳଗାଁସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଶେଷଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୬୪ରେ ଚାକିରୀ ଜୀବନ ଆରମ୍ଭ କରିଥିଲେ ଚାନ୍ଦିପୁରସ୍ଥିତ ପିଏକ୍ସଇରେ, ଜଣେ ବୈଜ୍ଞାନିକ ଭାବେ। ମାତ୍ର କିଛି ଅନ୍ତରରେ ସେତେବେଳର ପ୍ରବୀଣ ଶିକ୍ଷକ ତଥା ବାଲେଶ୍ୱର ଟାଉନ ହାଇ ସ୍କୁଲର ପ୍ରଧାନ ଶିକ୍ଷକ ଫଣୀନ୍ଦ୍ର ଦାସଙ୍କ ପ୍ରୋତ୍ସାହନରେ ସ୍ୱର୍ଗତ ବେରା ପିଏକ୍ସଇ ଚାକିରୀ ଛାଡି ଶିକ୍ଷକତା ଆରମ୍ଭ କରିଥିଲେ। ସେ ଟାଉନ ହାଇସ୍କୁଲରେ ଗଣିତ ଓ ବିଜ୍ଞାନ ଶିକ୍ଷକ ଭାବେ ୧୯୬୪ରୁ ୨୦୦୦ମସିହା ପର୍ଯ୍ୟନ୍ତ ଅତ୍ୟନ୍ତ ନିଷ୍ଠାର ସହ ଶିକ୍ଷାଦାନ କରି ଜଣେ ପ୍ରବୀଣ ତଥା ଛାତ୍ର ବତ୍ସଳ ଶିକ୍ଷକ ଭାବେ ସମଗ୍ର ଜିଲ୍ଲାରେ ସୁଖ୍ୟାତି ଅର୍ଜନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀଙ୍କ ସମେତ ଏକମାତ୍ର ପୁତ୍ର ବୀରେନ୍ଦ୍ର ବେରା, ୫ଝିଅ, ଜାମାତା, ନାତିନାତୁଣୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ବୀରେନ୍ଦ୍ର ମୁଖାଗ୍ନି ଦେଇଛନ୍ତି।

# ଡଙ୍ଗା ଇଞ୍ଜିନ୍ ମରାମତି କୌଶଳ ଶିଖିଲେ ମତ୍ସ୍ୟଜୀବୀ

ବାଲେଶ୍ୱର, ୩୧।୭ (ସମିସ)



ଓଡ଼ିଶା କଟକ ମତ୍ସ୍ୟ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ମତ୍ସ୍ୟ ନୌଚାଳନା ଏବଂ ଇଞ୍ଜିନିୟରିଂ ପ୍ରଶିକ୍ଷଣ ସଂସ୍ଥାନ (ସିଫନେଟ୍), ବିଶାଖାପାଟଣା ମିଳିତ ଆନୁକୂଲ୍ୟରେ ମତ୍ସ୍ୟଜୀବୀଙ୍କ ନିମନ୍ତେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

**● ମତ୍ସ୍ୟଜୀବୀଙ୍କ ନିମନ୍ତେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର**

ଚାନ୍ଦିପୁରରେ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ବଳରାମଗଡ଼ିର ୬୦ ରୁ ଅଧିକ ମତ୍ସ୍ୟଜୀବୀ ଯୋଗଦାନ କରିଥିଲେ। 'ଡଙ୍ଗା ଇଞ୍ଜିନର ତ୍ରୁଟି ସଂଶୋଧନ ଏବଂ ରକ୍ଷଣାବେକ୍ଷଣ' ବିଷୟବସ୍ତୁ ଉପରେ ତିନି ଦିନ ଧରି ଶିବିରରେ ଆଲୋଚନା କରାଯାଇଥିଲା। ଏଥିସହିତ ସମୁଦ୍ର ମଝିରେ ଡଙ୍ଗା ଇଞ୍ଜିନ ଖରାପ ହୋଇଗଲେ ସଜାଡିବାର କୌଶଳ ବିଷୟରେ ତାଲିମ ଦିଆଯିବ ସହ ଡେମୋ ଦେଖାଯାଇଥିଲା। ବଳରାମଗଡ଼ି ମତ୍ସ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟତଃ ସମୁଦ୍ର ମଝିରେ ଯନ୍ତ୍ରଚାଳିତ ଡଙ୍ଗା ବା ବୋଟ୍‌ର ଯାନ୍ତ୍ରିକ ତ୍ରୁଟି ହେଲେ କିଭଳି ସହଜରେ ମରାମତି କରାଯାଇପାରିବ ସେନେଇ ଉପସ୍ଥିତ ମତ୍ସ୍ୟଜୀବୀଙ୍କୁ କୌଶଳ ଶିଖା ଯାଇଥିଲା। ଇଞ୍ଜିନରେ ଦେଖାଦେଉଥିବା ୨୧ ପ୍ରକାର ତ୍ରୁଟି ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ତ୍ରୁଟି ପାଇଁ କୌଣସି ମେକାନିକ୍ ର ଆବଶ୍ୟକତା ହୋଇନଥାଏ। ଏହି ସାଧାରଣ ତ୍ରୁଟି ବିଷୟରେ ସମସ୍ତ ମତ୍ସ୍ୟଜୀବୀ ଶିକ୍ଷା ଗ୍ରହଣ କଲେ ଆଉ ସମୁଦ୍ର ମଝିରେ ହଇରାଣ ହେବାକୁ ପଡ଼ିବ ନାହିଁ ବୋଲି ଭି. ଏଲ୍ ପୂଜାର ମତପ୍ରକାଶ କରିଛନ୍ତି। ମତ୍ସ୍ୟଜୀବୀଙ୍କ ବିପଦ ଜନିତ ସୁରକ୍ଷା ପାଇଁ ଯେଉଁ କେତେକ ଜରୁରୀ ଖବର ଆସିଥାଏ ସେଥିରୁ ମୁଖ୍ୟତଃ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଶୈଳୀ ଓ ବୋଟ୍ ଇଞ୍ଜିନ ତ୍ରୁଟି ମୁଖ୍ୟ। ଏହି ତ୍ରୁଟିକୁ ଅଣଦେଖା କରାନଯାଇ ଇଞ୍ଜିନ ଜନିତ ସମସ୍ୟା ଗୁଡିକ ନିୟମିତ ଯାଞ୍ଚ ଦ୍ୱାରା ଦୂର ହୋଇପାରିବ ଏବଂ ଏଥିପାଇଁ ସମୁଦ୍ର ମଝିରେ ଅଯଥା ବୋଟ୍ ଗୁଡିକ ପଡ଼ିରହିବ ନାହିଁ ବୋଲି ବୁଝାଇଥିଲେ। ତାଲିମ ପାଇଥିବା ମତ୍ସ୍ୟଜୀବୀ ସୁରକ୍ଷିତ ଭାବେ ବୋଟ୍ ସହ କୂଳକୁ ଫେରିପାରିବେ। ଏହି ତିନି ଦିନିଆ ପ୍ରଶିକ୍ଷଣ ଶିବିରରେ ସିଆଇଏଫଏନଇଟି ଟ୍ରେନର୍ ତଥା ବିଶିଷ୍ଟ ଇନଷ୍ଟ୍ରକ୍ଟର ଭି. ଏଲ୍ ପୂଜାର, ଟି ହରଣ୍ଣ ଏବଂ ଗଙ୍ଗାର୍ଜୁନ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ମତ୍ସ୍ୟ ଅଧିକାରୀ(ସାମୁଦ୍ରିକ) ସିଏଚ୍ ପଲ୍ଲବୀ, ସହକାରୀ ମତ୍ସ୍ୟ ଅଧିକାରୀ ଓମ୍ ପ୍ରକାଶ ରଣା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳରାମଗଡ଼ି ଟ୍ରଲର ଓନର୍ ଆସୋସିଏସନ୍ ସଭାପତି ନରେନ୍ଦ୍ର ବିହାରି ଦାସ ଓ ସମ୍ପାଦକ ତ୍ରିଲୋଚନ ବସ୍ତିଆ ଯୋଗ ଦେଇଥିଲେ।


କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧

ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ। ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି।

### ଖନ୍ତାପଡ଼ା ଥାନା ଅଞ୍ଚଳରେ ଲଜ୍ଜା

# ନାବାଳିକା କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ, ଦର୍ଜି ଗିରଫ

ବାହାନଗା, ୩୧।୭ (ସମିସ)

ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅଞ୍ଚଳରେ ଲଜ୍ଜାଜନକ ଘଟଣା ଘଟିଛି। ଏହି ଥାନା ଶେରଗଡ଼ ଅଞ୍ଚଳରେ ଟେଲର ଦୋକାନରେ ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଡ୍ରେସ ମାପନେବା ବାହାନାରେ ଟେଲର ଦୋକାନୀ ଅସଦାଚରଣ ସହ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

ଶେରଗଡ଼ ଅଞ୍ଚଳରେ ଅସଲିମ ଖାଁ (୪୪)ଙ୍କ ଏକ ଟେଲର ଦୋକାନ ରହିଛି। ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀ ଅସଲିମଙ୍କ ଟେଲର ଦୋକାନରେ ନିଜର ଡ୍ରେସ ସିଲେଇ କରିବା ପାଇଁ ଦେଇଥିଲେ। ବୁଧବାର ସନ୍ଧ୍ୟାରେ ନାବାଳିକା ଜଣକ ନିଜର ଡ୍ରେସ ନେବା ପାଇଁ



ଟେଲର ଦୋକାନକୁ ଆସିଥିଲେ। ଦୋକାନୀ ଜଣକ ତୁମର ମାପ ହଜି ଯାଇଛି, ଆଉଥରେ ମାପ ଦେବାକୁ କହିଥିଲେ। ଟେଲର ଦୋକାନୀ ଅସଲିମ ଖାଁ ନାବାଳିକା ଛାତ୍ରୀଙ୍କ ଡ୍ରେସ ମାପ ନେବା ବାହାନାରେ ତାଙ୍କୁ ଅସଦାଚରଣ କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଏମିତି କି ଏ ବାବଦରେ କାହାକୁ କହିଲେ ଏସିଡ ପକାଇ ମାରିଦେବାର ଧମକ ଦେଇଥିଲେ। ନାବାଳିକା ଛାତ୍ରୀ ଜଣକ ଘଟଣା ବାବଦରେ ପରିବାର ଲୋକଙ୍କୁ ଜଣାଇବା ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଖନ୍ତାପଡ଼ା ଥାନା ପୁଲିସ ମାମଲା ରୁଜୁ ସହ ଅଭିଯୁକ୍ତ ଟେଲର ଦୋକାନୀ ଅସଲିମ ଖାଁ (୪୪)ଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ୪ ମୋବାଇଲ ଲୁଟେରା ଗିରଫ

ବାହାନଗା, ୩୧।୭ (ସମିସ) : ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ବରୁଣ ସିଂ କଲେଜର ଜଣେ ଛାତ୍ରଙ୍କ ନିକଟରୁ ମୋବାଇଲ ଛିନତାଇ ଅଭିଯୋଗରେ ୪ଜଣ ଯୁବକଙ୍କୁ ଖନ୍ତାପଡ଼ା ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଛିନ୍ତାଇ କରି ନେଇଥିବା ଛାତ୍ରଙ୍କ ମୋବାଇଲକୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଏହି ଥାନା ଗଡ଼ଭଙ୍ଗ-୪ ଅଞ୍ଚଳର ଚଗୁଲୁ ପାତ୍ରଙ୍କ ପୁଅ ଗୋବିନ୍ଦ (୧୭) ବରୁଣ ସିଂସ୍ଥିତ କଲେଜରେ ପାଠ ପଢ଼ନ୍ତି। ସବୁଦିନ ପରି ସେ ଗୁରୁବାର କଲେଜରୁ ଫେରିବା ସମୟରେ ୪ ଜଣ ଯୁବକ ତାଙ୍କୁ ଅଟକାଇ ତାଙ୍କ ମୋବାଇଲ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଗୋବିନ୍ଦ ଏ ନେଇ ଖନ୍ତାପଡ଼ା



ଥାନା ପୁଲିସକୁ ତୁରନ୍ତ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖନ୍ତାପଡ଼ା ଥାନା ପୁଲିସ ଛାତ୍ରଙ୍କ ଅଭିଯୋଗ ମୂଳେ ଦୁର୍ବୃତ୍ତଙ୍କୁ ପିଛା କରିବା ସହ ଛିନ୍ତାଇ ଅଭିଯୋଗରେ ଚାନ୍ଦିପୁର ଥାନା ଗବଗାଁ ଅଞ୍ଚଳର ଅବିନାଥ ଦାସ (୨୪), ଚକତେନ୍ତୁଳିପୁରର ଜଗନ୍ନାଥ ଦାସ(୨୫), ଗବଗାଁ ପୁରୁଣା ବାଲେଶ୍ୱର ଅଞ୍ଚଳର ରାଜେଶ ଦାସ (୧୯), ପୁରୁଣା ବାଲେଶ୍ୱରର ଶରତ ଦାସ(୨୩)ଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଛିନ୍ତାଇ କରି ନେଇଥିବା ମୋବାଇଲକୁ ପୁଲିସ ଜବତ କରିଛି। ଏ ନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ୪ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଦେଶୀମଦ ଜବତ, ଚାରି ଗିରଫ

ସୋର, ୩୧।୭ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟାଁଗାଙ୍କ ନେତୃତ୍ୱରେ ଏକ ଟିମ ସୋର ପୌର ପାଳିକା ଅନ୍ତର୍ଗତ ଡିପାସାହି ଗ୍ରାମରେ ଚଢ଼ଉ କରି ଲିଟୁ ବାସ୍କେ ନିକଟରୁ ୧୦ ଲିଟର ଦେଶୀ ମଦ, କାନ୍ଥଗଡ଼ିଆ ଗ୍ରାମର ଶଶୀକାନ୍ତ ପଣ୍ଡା ନିକଟରୁ ୯୦ ଲିଟର ଦେଶୀମଦ, ପୁରୁଷୋତ୍ତମପୁର ଗ୍ରାମର ମାତାଜୀ ମଲିକ ନିକଟରୁ ୪୦ ଲିଟର ଦେଶୀମଦ ଏବଂ ବନାକାନ୍ଥ ଗ୍ରାମର ଗଙ୍ଗାଧର ଦଲେଇ ନିକଟରୁ ୬୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।



# ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଚନ୍ଦନେଶ୍ୱର, ୩୧।୭ (ସମିସ) : ଭୋଗରାଇର ବ୍ଲକ ଅନ୍ତର୍ଗତ ଟୁକୁରୀହାଜିରା ପଞ୍ଚାୟତ ଅଧୀନ ହାଡ଼ିଗୋଛିଆ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଅପରାହ୍ନରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଡ଼ିଗୋଛିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏନେଇ ଆୟୋଜିତ ସଭାକୁ ଶିକ୍ଷାବିତ ତାପସ କୁମାର ସାମଲ ସଞ୍ଚାଳନ କରିଥିଲେ। ଏଥିରେ ବାଙ୍ଗାଲୋର ବାୟୁସେନାର ମେଡିକାଲ ବିଭାଗର ପାରା ମେଡିକାଲ ଦିବ୍ୟଜିତ ସାମଲ ଯୋଗଦେଇ ବିଶେଷ କରି ୪୦ବର୍ଷରୁ ଅଧିକ ବୟସ୍କ ପୁରୁଷ ମାନେ ମଧୁମେହ, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠି ବ୍ୟଥା, ଅମ୍ଳ ଏବଂ ମହିଳାମାନେ ରକ୍ତହୀନତା ଭଳି ରୋଗରେ ପିଡୀତ ହୋଇ ଜୀବନ ତମାମ କଷ୍ଟ ପାଇଥାନ୍ତି। ଏଥିରୁ ଉପଶମ ପାଇବାକୁ ହେଲେ ଜୀବନଶୈଳୀ ଏବଂ ଖାଦ୍ୟ ଉପରେ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାରାମ ବାରିକ ଯୋଗଦେଇ ବାୟୁମଣ୍ଡଳ,




ପରିବେଶ ଏବଂ ରାସାୟନିକ ସାର ଔଷଧର ବହୁଳ ବ୍ୟବହାର ପାଇଁ ଲୋକମାନେ ଅଧିକ ରୋଗାଗ୍ରସ୍ତ ହୋଇ ପଡୁଥିବା କଥା ଉଲ୍ଲେଖ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମାଝୀ, ଶିକ୍ଷକ ଅବନୀକାନ୍ତ ସାଁ, ସାମ୍ବାଦିକ ସୁବାସ ଦାସ ଯୋଗଦେଇ ଶରୀରକୁ ସୁସ୍ଥ ରଖିବା ପାଇଁ ପରାମର୍ଶ ମାନ ଦେଇଥିଲେ। ଏଥିରେ ଗାଁର ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ। ସୂଚନା ଥାଉକି, ଶ୍ରୀ ସାମଲ ପ୍ରାୟ ୧୦ ବର୍ଷ ହେବ ବାଙ୍ଗାଲୋରରେ ଚାକିରି କରି ଆସୁଛନ୍ତି। ନିଜ ଗାଁ ଲୋକଙ୍କୁ ପ୍ରଥମେ ଏହି ପରାମର୍ଶ ଦେଇ ତାଙ୍କର ସଚେତନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

# ଭୋଗରାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ସିରିଜ୍ ଚୋରି

ଭୋଗରାଇ, ୩୧।୭ (ସମିସ) : ଭୋଗରାଇ ଥାନା ଅଞ୍ଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ସହିତ ଚୋରି ବଢ଼ିବାକୁ ଲାଗିଛି। ଏବେ ବିଭିନ୍ନ ମନ୍ଦିର ସହିତ ଗହଣା ଦୋକାନକୁ ଟାର୍ଗେଟ କରୁଛନ୍ତି ଚୋରମାନେ। ଗତ ବୁଧବାର ରାତିରେ ଏହି ଅଞ୍ଚଳରେ ଥିବା ଦୁଇଟି ଗହଣା ଦୋକାନ ସହିତ ଜଣକ ଘରୁ ଦୁର୍ବୃତ୍ତ ମାନେ କଳା କନା ବୁଲେଇ ନେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅନ୍ତର୍ଗତ ମହେଶପୁର ପଞ୍ଚାୟତ ସେହି ଗ୍ରାମରେ ଥିବା ବାସନ୍ତୀ ଜୁଏଲର୍ସ ଏବଂ ଉକ୍ତ ଗ୍ରାମର ସୋରଜ କୁମାର ଗିରିଙ୍କ ଘରେ ଦୁର୍ବୃତ୍ତ ମାନେ ରାତିରେ ପଶି ଚୋରି କରିଥିଲେ। ସେହିପରି ସେହି ରାତିରେ ଭୋଗରାଇ ଲକ୍ ନିକଟରେ ଥିବା ସ୍ୱସ୍ତିକ ଜୁଏଲର୍ସ ନାମକ ଏକ ଗହଣା ଦୋକାନର ସଟର ଭାଙ୍ଗି ଚୋରୀ କରିଥିବା ଆଜି ଭୋଗରାଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ଆଧାରରେ ତିନୋଟି ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ଛାନଭିନ ଆରମ୍ଭ କରିଥିବା ସୂଚନା ମିଳିଛି।

# କାର୍ ଓ ବାଇକ୍‌କୁ ଧକ୍କାଦେଲା ଆଳୁ ବୋଝେଇ ଅଟୋ; ୨ ଆହତ

ଉଦଳା, ୩୧।୭ (ସମିସ): ଉଦଳା-ବାରିପଦା ୧୯ ନଂ. ରାଜ୍ୟ ରାଜପଥ ନିକଟ ସୁନାପାଳ ପୋଲଠାରୁ କିଛି ଦୂରରେ ଗୁରୁବାର ଏକ ଆଳୁ ବୋଝେଇ ଅଟୋ କାର୍ ଏବଂ ବାଇକକୁ ଧକ୍କା ଦେବାରୁ ଦୁଇଜଣ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ମୁତାବକ ଦ୍ରୁତଗତିରେ



ଆସୁଥିବା ଅଟୋଟି କାରକୁ ଧକ୍କା ଦେବାରୁ ଦୁଇଟି ଯାକ ବେଲୁନ ବାହାରି ଯିବା ସହିତ ସମ୍ମୁଖଭାବ ଚୁରମାର ହୋଇଯାଇଛି। ପରେ ଅଟୋଟି ଏକ ବାଇକକୁ ଧକ୍କା ଦେଇଥିଲା। ଉଦଳାରୁ ଏକ ଅଟୋ ଆଳୁ ବୋଝେଇ କରି ଦ୍ରୁତଗତିରେ ଆସୁଥିବା ବେଳେ ନିଶାସକ୍ତ ଅବସ୍ଥାରେ ଚାଳକ ନିୟନ୍ତ୍ରଣ ହରାଇ ବାରିପଦା ପଟୁ ଆସୁଥିବା ଏକ କାରକୁ ଧକ୍କା ଦେଇଥିଲା। ଫଳରେ କାରଟି ଓଲଟି ପଡ଼ିଥିଲା। ଏହି ସମୟରେ ଜଣେ ବାଇକ ଚାଳକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ପୁଲିସ ଗାଡିଗୁଡିକୁ ଜବତ କରିଛି।

# ଏସ୍‌ଡିପିଓ ଅଫିସ ସମ୍ମୁଖରୁ ଚୋରି ଉଦ୍ୟମ; ସିସିଟିଭିରେ ଫଟୋ କଏଦ

ବାରିପଦା, ୩୧।୭ (ସମିସ): ବାରିପଦା ସହରରେ ଚୋରି ଓ ଛିନତାଇ ନିୟମିତ ଘଟଣା ହେଲାଣି। ଫଳରେ ପୁଲିସକୁ ଚୋର ସିଧାସଳଖ ଚ୍ୟାଲେଞ୍ଜ ଦେଉଛନ୍ତି। ବୁଧବାର ବିଳମ୍ବିତ ରାତିରେ ବାରିପଦା ଷ୍ଟେସନବଜାର ନିକଟ ସଦର ପୁଲିସ ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଚୋରି ଉଦ୍ୟମ ହୋଇଛି। ଯାହାକି ସିସି ଟିଭି କ୍ୟାମେରାରେ ଫଟୋ କଏଦ ହୋଇଛି। ଚୋରି ସମୟର ସିସି ଟିଭିରେ କଏଦ ଉକ୍ତ ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବୁଧବାର ବିଳମ୍ବିତ ରାତିରେ ଚୋର ଜଣକ ସେଠାରେ ଥିବା ଏକ ହୋଲସେଲର ଗୋଦାମ ଓ ସଂଲଗ୍ନ ଘରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲା। ତେବେ କୌଣସି ମତେ ଗୋଦାମ ଗୃହର ସମ୍ମୁଖ ଫାଟକ ଖୋଲିପାରିନଥିଲା। ଫଳରେ ଚୋରି ଉଦ୍ୟମ




ବିଫଳ ହୋଇଥିଲା। ଏହାପରେ ସମ୍ମୁଖରେ ଥିବା ଏକ ମିନି ଟ୍ରକର କାଚକୁ ପଥରରେ ବାଡେଇ ଭାଙ୍ଗିଥିଲା। ଟ୍ରକରୁ ଚୋରି କରିବାକୁ ଉଦ୍ୟମ କରିଥିବା ବେଳେ ସେଥିରେ ମଧ୍ୟ ବିଫଳ ହୋଇଥିଲା। କିନ୍ତୁ ଟ୍ରକ ଭିତରେ ଥିବା ସରଞ୍ଜାମ ଚୋରିକରି ପଳାଇଥିଲା ଚୋର। ଚୋରି କରିବାର ସମସ୍ତ ଭିଡ଼ିଓ ସିସି ଟିଭିରେ କଏଦ ହୋଇଛି। ବିଳମ୍ବିତ ରାତିରେ କିଛି ଗାଡି ମୋଟର ଚଳାଚଳ କରୁଥିବା ବେଳେ ଏସଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଉପରେ ଜଣେ ଚୋରି ଉଦ୍ୟମ କରିଛି। ପୁଲିସର ପାଟ୍ରୋଲିଂ ଢିଲା ଯୋଗୁଁ ଚୋରି ବଢ଼ିବାରେ ଲାଗିଛି।

# ୬ ବର୍ଷ ହେଲାଣି ସରୁନି ଭୀମକାନ୍ଧା ପୋଲ ନିର୍ମାଣ

ରାଇରଙ୍ଗପୁର, ୩୧।୭ (ସମିସ): ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ପଛୁଆ ଅଞ୍ଚଳଭାବେ ପରିଚିତ ବିଜାତଳା ବ୍ଲକ ଅନ୍ତର୍ଗତ ଚଢେଇପାହାଡି ପଞ୍ଚାୟତ ଭୀମକାନ୍ଧା ଗ୍ରାମର ଶେଷ ମୁଣ୍ଡରେ ଏକ ପୋଲ ନିର୍ମାଣ ଚାଲିଛି; ହେଲେ ପୋଲ ଆରମ୍ଭ ହେବାର ଇତିମଧ୍ୟରେ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଶେଷ ହୋଇନାହିଁ। ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ପୋଲ ନିର୍ମାଣ ହେଉଥିବା ସମ୍ପର୍କରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ଫଳରେ ବିନା ସୂଚନା ଫଳକରେ କାମ ଚାଲିଥିବାରୁ ଲୋକେ କିଛି ଜାଣିପାରୁନାହାନ୍ତି। ଅଞ୍ଚଳବାସୀଙ୍କ ଦାବି ମୁତାବକ ଗତ ୨୦୧୯ ମସିହାରେ ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ଏହି ପୋଲ ନିର୍ମାଣ ଶେଷ ହେଲେ ସ୍ଥାନୀୟ ଲୋକେ ଗୋରୁମହିଷାଣି ବଜାରକୁ ସହଜରେ ଯିବାଆସିବା କରିପାରିବେ। ଏ ନେଇ ଚଢେଇପାହାଡି ପଞ୍ଚାୟତର ସମିତି ସଭ୍ୟା କୁନି ସର୍ଦ୍ଦାର ଦୁଇ ଥର ଜିଲ୍ଲାପାଳଙ୍କୁ ଦାବିପତ୍ର



ଦେଇଛନ୍ତି; କିନ୍ତୁ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ କୌଣସି ଫଳ ମିଳୁନାହିଁ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛି ଗ୍ରାମ୍ୟ ଉନ୍ନୟନ ବିଭାଗ। ଅଞ୍ଚଳବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା ପୋଲ ଶେଷ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ପିଇଓଙ୍କ ବିରୋଧରେ ୱାର୍ଡସଭ୍ୟଙ୍କ ଅଭିଯୋଗ

ଜଳେଶ୍ୱର ବ୍ଲକ, ୩୧।୭ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ଦକ୍ଷିଣ ପ୍ରହରାଜପୁର ଗ୍ରାମ ପଞ୍ଚାୟତର ପିଇଓଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଅଭିଯୋଗ ଆଣିଛନ୍ତି ଜଣେ ୱାର୍ଡସଭ୍ୟ। ଗ୍ରାମ ପଞ୍ଚାୟତର ମାସିକ ବୈଠକ ନ ହେବା ସହିତ ଗ୍ରାମ ପଞ୍ଚାୟତର ଏକ୍ସନ ପ୍ଲାନ୍ ୱାର୍ଡ ସଭ୍ୟ ସଭ୍ୟା ମାନଙ୍କୁ ନ ଜଣାଇ ଠକ ଓ ଦଲାଲ ଶ୍ରେଣୀର ଲୋକଙ୍କ ଇସାରାରେ କାର୍ଯ୍ୟ କରିବା, ଗ୍ରାମ ପଞ୍ଚାୟତରେ କୌଣସି ଉନ୍ନୀତ ମୂଳକ କାର୍ଯ୍ୟ ନ କରିବା ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ଜଣାଇ ଥିଲେ ମଧ୍ୟ କିଛି ତଦନ୍ତ ନ ହେବା ହେତୁ ଗ୍ରାମ ପଞ୍ଚାୟତର ୪ ନମ୍ବର ୱାର୍ଡ ମେମ୍ବର ରଞ୍ଜନ କୁମାର ସେଠୀ ଆଗାମୀ ୭ ଦିନ ଭିତରେ ପିଇଓ ବିରୁଦ୍ଧରେ ତଦନ୍ତ କରି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଜଳେଶ୍ୱର୍ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଦେବାକୁ ଲିଖିତ ଅଭିଯୋଗ କରିଜଣାଇଛନ୍ତି।

# ଜଡ଼ିଦା ପଞ୍ଚାୟତରେ ବୃକ୍ଷରୋପଣ




ନୀଳଗିରି, ୩୧।୭ (ସମିସ): ପ୍ରକୃତିର ଶୋଭା ମଣ୍ଡନ କରିବା ଏବଂ ମନୁଷ୍ୟ, ପଶୁ, ପକ୍ଷୀ ମାନଙ୍କ ପରିବେଶକୁ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ଆଜି ନୀଳଗିରି ବ୍ଲକ ଜଡିଦା ପଞ୍ଚାୟତ କାର୍ଯ୍ୟାଳୟଠାରେ ଭାରତୀୟ ମାନବ ଅଧିକାର ପରିଷଦ ବାଲେଶ୍ୱର ଶାଖା ପକ୍ଷରୁ ଦୁଇ ଶହ ଗଛ ବଣ୍ଟନ କରାଯାଇଛି। ଏହି ଅବସରରେ ଭାରତୀୟ ମାନବ ଅଧିକାର ପରିଷଦ ବାଲେଶ୍ୱର ଜିଲ୍ଲା ସଭାପତି ମନୋଜ କୁମାର ସାମଲ, ବାଲେଶ୍ୱର ଜିଲ୍ଲା ମହିଳା ସେଲ କାର୍ଯ୍ୟକାରୀ ସଭାପତି ପ୍ରମିଳା ନାୟକ ଉପସ୍ଥିତ ରହି ଗଛ ବଞ୍ଚିଲେ ଜୀବନ ବଞ୍ଚିବ, ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଗଛ ଲଗାଇବି ଏବଂ ଏହାର ଯତ୍ନ ନେବି କହିବା ସହିତ ମାନବ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଜଡ଼ିଦା ପଞ୍ଚାୟତର ସଙ୍ଘ ସହାୟକ ଗୋଷ୍ଠୀର ମହିଳା ଏବଂ ସିଆରପି, ଏମବିକେ, ଇସି ଙ୍କ ସମେତ ପଞ୍ଚାୟତ ବାସୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଭାରତୀୟ ମାନବ ଅଧିକାର ପରିଷଦ ପକ୍ଷରୁ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ପଞ୍ଚାୟତ ବାସୀ ବେଶ ପ୍ରଶଂସା କରିଛନ୍ତି।




# ନିର୍ମାଣ ଆଳରେ ସୌନ୍ଦର୍ଯ୍ୟକରଣ ନଷ୍ଟ କରୁଛି ପୂର୍ତ୍ତ ବିଭାଗ

ନୀଳଗିରି, ୩୧।୭ (ସମିସ): ନୀଳଗିରି ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଅନଭିଜ୍ଞ କାର୍ଯ୍ୟଦକ୍ଷତା ପାଇଁ ସହରର କିଛି ସ୍ଥାନରେ ନିର୍ମାଣ କାର୍ଯ୍ୟରେ ତ୍ରୁଟି ହୋଇଥିବାର ଦେଖିବାକୁ ମିଳିଛି। ଏହା ତାଙ୍କର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଦୋକାନୀ ମାନଙ୍କ ପ୍ରତି ପାତର ଆନ୍ତର କରାଯାଇଛି ବୋଲି ଅଙ୍ଗୁଳି ଉଠିଛି। ଏ ନେଇ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିବା ସହିତ କାର୍ଯ୍ୟକୁ ବନ୍ଦ କରାଯାଇ ସଠିକ କାର୍ଯ୍ୟ ପାଇଁ

### ତ୍ରୁଟି ସଂଶୋଧନ ଦାବି

ବଜାର ବାସିନ୍ଦା ଦାବି କରିଛନ୍ତି। ମିତ୍ରପୁର- ନୀଳଗିରି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପ୍ରାୟ ଏକ ପ୍ରକାର ସରିଥିବା ବେଳେ ନୀଳଗିରି ମେଡିକାଲ ଛକ ଠାରୁ ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ବନ୍ଦ ହୋଇ ପଡ଼ିଥିଲା। ଗତ ମାସରେ ଅନୁଷ୍ଠିତ ରଥଯାତ୍ରାକୁ ଦୃଷ୍ଟିରେ ରଖି ମେଡିକାଲ ଛକରୁ ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ରାସ୍ତା କାମକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।




ଠିକାଦାର ଜଣକ ରାସ୍ତା ମଝିରୁ ବିଦ୍ୟୁତ ଖୁଣ୍ଟି ଉଠାଇ ରାସ୍ତାର ଉଭୟ ପାର୍ଶ୍ୱରେ ମେଟାଲ ବିଛାଇ କାର୍ଯ୍ୟ ବନ୍ଦ କରିଥିଲେ। ଏବେ ଡ୍ରେନ କାମ ଆରମ୍ଭ ହୋଇଛି। ଡ୍ରେନକୁ ସିଧାରେ ନ ନେଇ ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖରେ ଥିବା ପୁରୁଣା ଡିଆଇ ଅଫିସ ଏବଂ ଦୁଇ ତିନୋଟି ଦୋକାନୀଙ୍କୁ ଅନୁକମ୍ପା ଦେଖାଇ ଡ୍ରେନ ବଙ୍କେଇ ଆସୁଥିବାରୁ ନୀଳଗିରି ବଜାରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଥିବା ବେଳେ ରାସ୍ତା ସଂକୁଚିତ ହୋଇଛି। କେଉଁ ସ୍ୱାର୍ଥରେ ପ୍ରିୟାପ୍ରୀତି ପୋଷଣ ହେଉଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। କାର୍ଯ୍ୟ ବନ୍ଦ କରି ତୁରନ୍ତ ସଂଶୋଧନ ପରେ ନିର୍ମାଣ କାର୍ଯ୍ୟ କରିବା ପାଇଁ ସାଧାରଣରେ ଦାବି ହେଉଛି।







### ସ୍ମାର୍ଟସିଟିକୁ ଭଡ଼ା ଟଙ୍କା ଶୁଝି ହେଉନି

# ବିଏମ୍‌ସି ଉପରେ ୧୨ କୋଟି ବାକି



**ଗୋଟିଏ ପରେ ଗୋଟିଏ ସେବା ଅଚଳ**

ଭୁବନେଶ୍ୱର, ୩୧।୭(ସମିସ): ବିଏମ୍‌ସି କଳ୍ପନା ଛକସ୍ଥିତ ପୁରୁଣା କାର୍ଯ୍ୟାଳୟ ଛାଡି ଖାରବେଳନଗର ଥାନା ଅଞ୍ଚଳରେ ନୂଆ କାର୍ଯ୍ୟାଳୟକୁ ଆସିଲା। ବହୁତଳ କୋଠାରେ ସେଣ୍ଟ୍ରାଲ ଏସି ସହ କାଚ କୋଠରୀରେ ଅଧିକାରୀଙ୍କ ଚ୍ୟାମ୍ବର। ହେଲେ ମେଣ୍ଟେନାନ୍ସ ଘରଭଡ଼ା ବାବଦରେ ସ୍ମାର୍ଟସିଟିକୁ ଆଉ ଟଙ୍କା ଦେଇ ପାରୁନାହିଁ ବିଏମ୍‌ସି। ଏମିତି କି ଅଢ଼େଇ ବର୍ଷର ବିଦ୍ୟୁତ ବିଲ୍ ଓ ମେଣ୍ଟେନାନ୍ସ ଭଡା ବାକି ରହିଛି। ଏଣୁ ଧୀରେ ଧୀରେ ବିଏମ୍‌ସି କାର୍ଯ୍ୟାଳୟରେ ଗୋଟିଏ ପରେ ଗୋଟିଏ ସେବା ଅଚଳ ହେବାରେ ଲାଗିଛି। ଟଙ୍କା ନ ପାଇବାରୁ ସ୍ମାର୍ଟସିଟି ମଧ୍ୟ ଏହାକୁ ସଜାଡୁ ନାହିଁ। କ'ଣ ପାଇଁ ସେବା ଠିକ୍ ସମୟରେ ମିଳୁନି ବୋଲି ବିଏମ୍‌ସି ପ୍ରଶ୍ନ କରିବାରୁ ସ୍ମାର୍ଟସିଟି ପକ୍ଷରୁ ବିଏମ୍‌ସି ନେତୃତ୍ୱଙ୍କୁ ଭଡା କଥା ମନେ ପକାଇ ଦିଆଯାଉଛି।

ଭୁବନେଶ୍ୱର ସ୍ମାର୍ଟସିଟି କର୍ତ୍ତୃପକ୍ଷ ଆଇସିଓଏମସି କୋଠାର ମେଣ୍ଟେନାନ୍ସ କାମ ବୁଝୁ ଥିବାବେଳେ କୋଠାରେ ବହୁ ସମସ୍ୟା ଦେଖିବାକୁ ମିଳୁଛି। ଶୌଚାଳୟ ଠିକ୍ ଭାବେ ସଫା ହେଉ ନାହିଁ। ବିଏମ୍‌ସିର ଗୋଟିଏ ପରେ ଗୋଟିଏ ଲିଫ୍ଟ ଅଚଳ ହେବାରେ ଲାଗିଛି। ଏପରିକି କାର୍ଯ୍ୟାଳୟରେ ସିସିଟିଭି କ୍ୟାମେରାଗୁଡ଼ିକ ଅଚଳ ହୋଇଗଲାଣି। ଅଧିକାଂଶ କ୍ୟାମେରା କାମ କରୁ ନାହିଁ। ଏଥିରେ କୌଣସି ଭିଜୁଆଲ୍ ରେକର୍ଡ ହେଉ ନାହିଁ। କ୍ୟାମେରା ବିଏମ୍‌ସିକୁ ଜଗିଲା ଭଳି ଦେଖାଯାଉଛି, ହେଲେ ଅଧିକାଂଶ କୌଣସି କାମରେ ଆସୁନାହିଁ। ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ଆକ୍ରମଣ ଘଟଣାରେ ଅଚଳ ସିସିଟିଭିର ପର୍ଦ୍ଦାଫାଶ ହୋଇଥିଲା। ପୁଲିସ ୩ଦିନ ଧରି ଭିଜୁଆଲ୍ ଖୋଜିଲା ହେଲେ କିଛି ପାଇଲାନି। ଜଣା ପଡ଼ିଲା ଯେ କ୍ୟାମେରା ବହୁ ଦିନ ହେବ ଅଚଳ ଥିଲା।

ଏହାକୁ ନେଇ ଚଳିତ କର୍ପୋରେସନରେ ବିଏମ୍‌ସି ପକ୍ଷରୁ ସ୍ମାର୍ଟସିଟି କର୍ପୋରେସନର କର୍ତ୍ତୃପକ୍ଷଙ୍କୁ ଡକାଯାଇଥିଲା। ଏସବୁ କଣ ପାଇଁ କାମ କରୁନି ବୋଲି ପଚରା ଯାଇଥିଲା। ଯଦି ଦାୟିତ୍ୱ ନେଇ ନ ପାରୁଛ ତେବେ ବିଲ୍ଡିଂର ଦାୟିତ୍ୱ ବିଏମ୍‌ସିକୁ ହସ୍ତାନ୍ତର କର। ଆମେ ଏହାକୁ ପରିଚାଳନା କରିବୁ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ହେଲେ ସ୍ମାର୍ଟସିଟି ପକ୍ଷରୁ ତୁରନ୍ତ ବିଏମ୍‌ସିର ଭଡା ନ ଦେବା କଥା ମନେ ପକାଇ ଦିଆଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଭଡା ଦେଇପାରୁନାହିଁ। ଅଢେଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଭଡା ଦିଆଯାଇ ନ ଥିଲାବେଳେ ଏହି ବାବଦକୁ ୧୧ କୋଟି ୪୦ଲକ୍ଷ ଟଙ୍କା ବକେୟା ପଡ଼ିଛି। ବିଏମସି କର୍ପୋରେସନ ଏହାକୁ ନେଇ ବୈଠକରେ ସରଗରମ ଆଲୋଚନା ହୋଇଥିଲା। ଏହାର ସମାଧାନର ବାଟ ବାହାରି ପାରୁନି। କର୍ମଚାରୀ ଓ ଏଠାକୁ ଆସୁଥିବା ଲୋକେ ହଇରାଣ ହେଉଛନ୍ତି।

**ବନ୍ୟା... ବେଉସା**



କୁଆଖାଇର ବନ୍ୟା ଜଳରୁ ଜଣେ ମତ୍ସ୍ୟଜୀବୀ ମାଛ ମାରୁଛନ୍ତି (ଫଟୋ-ଦୀପକ)

## ଗାଡ଼ି ଧକ୍କାକୁ ନେଇ କାର୍ ଭାଙ୍ଗିଲେ, ମାଡ଼ ମାରିଲେ

ଭୁବନେଶ୍ୱର, ୩୧।୭(ସମିସ): ନୂଆପଲ୍ଲୀ ଥାନା କଳିଙ୍ଗ ଷ୍ଟାଡିୟମ କସ୍ତୁରିବା ପଡ଼ିଆରେ ଦୁର୍ବୃତ୍ତଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ସାଇକଲ ଚାଳକଙ୍କୁ କାର ସାମାନ୍ୟ ଧକ୍କା ଦେବାକୁ ନେଇ ଏହି ତୁମୂଳକାଣ୍ଡ ଘଟିଛି। କିଛି ଦୁର୍ବୃତ୍ତ କାରକୁ ଗୋଡାଇ କସ୍ତୁରିବା ପଡ଼ିଆ ଭିତରେ ଜଣେ ଯୁବକ ଓ ତାଙ୍କର ବାନ୍ଧବୀଙ୍କୁ ଗୋଡ଼େଇ ଗୋଡ଼େଇ ବାଡ଼େଇବା ସହ ପଥରରେ ଛେଚି ରକ୍ତାକ୍ତ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଏପରିକି ସେମାନେ ପଥରରେ କାର କାଚ ଭାଙ୍ଗି କାର ଭିତରେ ଥିବା ବାନ୍ଧବୀଙ୍କୁ ଟଣାଓଟରା କରୁଥିବାର ଭିଡ଼ିଓ ଏବେ ଭାଇରାଲ ହୋଇଛି। ଭାଇରାଲ ଭିଡିଓରେ ଝିଅଟିକୁ ଟଣା ଘୋଷରା କରିବା ଏ ଲୋମ ଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳିଛି। ବଡ଼ ଆଶ୍ଚର୍ଯ୍ୟର ବିଷୟ ଉକ୍ତ ଦୁର୍ବୃତ୍ତମାନେ ଲାଇଭ ଭିଡ଼ିଓ କରି ଫିଲ୍ମି ଷ୍ଟାଇଲରେ କ୍ରାଇମ କରିବା ପରେ ମଧ୍ୟ ପୁଲିସର ନିରବ ଦ୍ରଷ୍ଟା ସାଜିବା ସାଧାରଣରେ ଚିନ୍ତାର ବିଷୟ ପାଲଟିଛି। ସନ୍ଧ୍ୟା ସମୟରେ ଲୋକେ ଲୋକ ଇଭିନିଂ ୱାର୍କ କରୁଥିବା ସମୟରେ, ଛୋଟ ଛୁଆ ଟିଉସନ ଯାଉଥିବା ବାଟରେ ଯେପରି ଆତଙ୍କ ରାଜ କରାଯାଇଛି। ଆଜି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ଖେଳି ଯାଇଛି।

## ସ୍ତନ୍ୟପାନ କେବଳ ବ୍ୟକ୍ତିଗତ ପସନ୍ଦ ନୁହେଁ; ଏକ ସାମାଜିକ ଦାୟିତ୍ୱ



**ଆଜିଠୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ**

ଭୁବନେଶ୍ୱର,୩୧।୭(ସମିସ): ସ୍ତନ୍ୟପାନ କେବଳ ବ୍ୟକ୍ତିଗତ ପସନ୍ଦ ନୁହେଁ; ଏହା ଏକ ସାମାଜିକ ଦାୟିତ୍ୱ। ମା' କ୍ଷୀର ସେବନ ଦ୍ୱାରା ୨୨ ପ୍ରତିଶତ ନବଜାତ ଶିଶୁମୃତ୍ୟୁ ହାର ରୋକାଯାଇପାରିବ ବୋଲି ୟୁନିସେଫ୍ ଓଡ଼ିଶା ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ କହିଛନ୍ତି। ଆସନ୍ତାକାଲି (ଅଗଷ୍ଟ ୧)ଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର ଏବଂ ୟୁନିସେଫ୍ ସହଯୋଗରେ ଆୟୋଜିତ କର୍ମଶାଳାରେ ଶ୍ରୀ ଭଟ୍ଟାଚାର୍ଯ୍ୟ ଏହା କହିଛନ୍ତି।

ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି, ଏନ୍‌ଏଫ୍‌ଏଚ୍‌ଏସ୍-୫ ଅନୁଯାୟୀ, ଓଡ଼ିଶାରେ ୬୮.୫% ଶିଶୁ ଜନ୍ମର ପ୍ରଥମ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରନ୍ତି, ଯାହାକି ଜାତୀୟ ହାର ୪୧.୮ % ଅପେକ୍ଷା ବହୁତ ଅଧିକ। ସେହିପରି ରାଜ୍ୟରେ ୬ ମାସରୁ କମ୍ ବୟସର ୭୨.୯% ଶିଶୁ ସ୍ୱତନ୍ତ୍ର ସ୍ତନ୍ୟପାନ କରନ୍ତି, ଯାହ ଜାତୀୟ ହାର ୬୩.୭% ଅଧିକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡ. ରାଜଶ୍ରୀ ପଟ୍ଟନାୟକ ଚଳିତବର୍ଷର ବିଷୟବସ୍ତୁ 'ସ୍ତନ୍ୟପାନରେ ନିବେଶ, ଭିବଷ୍ୟତ ପାଇଁ ନିବେଶ' ଉପରେ ଆଲୋଚନା କରି କହିଥିଲେ।

ଆଲୋଚନାରେ ଅଂଶଗ୍ରହଣ କରି ଶିଶୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର ମା' ଓ ଶିଶୁ ଉଭୟଙ୍କ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡ. ସ୍ମୃତିଜିତ୍ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷଭାଗରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## 'ଗଛ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ'

ଭୁବନେଶ୍ୱର, ୩୧।୭(ସମିସ): ଗଛ ଲଗାନ୍ତୁ ଜୀବନ ବଞ୍ଚାନ୍ତୁ। ଆସନ୍ତୁ ବୃକ୍ଷରୋପଣ କରିବା ଭବିଷ୍ୟତ ପାଇଁ ସ୍ୱଚ୍ଛ ପରିବେଶଟିଏ ଗଢ଼ିବା। ଏହି ସ୍ଲୋଗାନ ନେଇ କଲ୍ୟାଣ ଅଭିଯାନ ଟ୍ରଷ୍ଟ ପକ୍ଷରୁ ଗୁରୁବାର ଦିନ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ପ୍ରଫେସର କବିର ସେଠୀ ଯୋଗଦେଇଥିଲେ। ସଭ୍ୟ ସମାଜରେ ବଞ୍ଚି ରହିବାକୁ ହେଲେ ଗଛର ଅବଦାନ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଏହା ସହିତ ଗଛ ଲଗାଇ ଏହାର ସଠିକ ଯତ୍ନ ନେଲେ ଆଗାମୀ ପିଢ଼ି ସୁସ୍ଥ ଜଳବାୟୁ ପାଇବେ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା ଓଡ଼ିଶା ପତ୍ରିକାର ସମ୍ପାଦକ ଚିଦାନନ୍ଦ ଜେନା ଏବଂ ଯୁବ ସମାଜସେବୀ ବଦ୍ରିନାରାୟଣ ଜେନା ଯୋଗ ଦେଇ ବୃକ୍ଷରୋପଣ କରିବା ସହିତ ଟ୍ରଷ୍ଟର କାର୍ଯ୍ୟକର୍ତ୍ତାମାନଙ୍କୁ ଏଭଳି କାର୍ଯ୍ୟ ଆହୁରି କରିବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲ୍ୟାଣ ଅଭିଯାନ ଟ୍ରଷ୍ଟର ସଭାପତି ଲିପୁନ କୁମାର ପରିଡ଼ା, ଉପସଭାପତି ଶାଶ୍ୱତ ଅନୁରାଗ ସାହୁ ଓ ଟ୍ରଷ୍ଟର ସାଧାରଣ ସମ୍ପାଦକ ସତ୍ୟପ୍ରଜ୍ଞ ଗୌଡ଼, ଟ୍ରଷ୍ଟର ସଦସ୍ୟ ଅମିତ ପଲାଇ, ରବି ରଞ୍ଜନ, ରୋଜାଲିନ ସାହୁଙ୍କ ସମେତ ଉତ୍କଳ ବିଶ୍ୱ ବିଦ୍ୟାଳୟର ବହୁ ଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କଲ୍ୟାଣ ଅଭିଯାନପକ୍ଷରୁ ଏହି କାର୍ଯ୍ୟକ୍ରମ ୩ ଦିନରେ ପହଞ୍ଚିଥିବା ବେଳେ ଆଗାମୀ ୨ମାସ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟର ସଭାପତି ଲିପୁନ କୁମାର ପରିଡ଼ା ସୂଚନା ଦେଇଛନ୍ତି।



## କୋଡ଼ିଏ ବର୍ଷ ହେଲା କାଚବାକ୍ସରେ ଶଙ୍କର

ଭୁବନେଶ୍ୱର, ୩୧।୭(ସମିସ)

ପରିବେଶରୁ ଆସ୍ତେ ଆସ୍ତେ ବିରଳ ପ୍ରଜାତିର ପଶୁପକ୍ଷୀ, ଜୀବଜନ୍ତୁଙ୍କ ସମେତ ସରିସୃପ, କୀଟପତଙ୍ଗ ଆଦି ଲୋପ ପାଇବାକୁ ଲାଗିଲେଣି। ଏହି ସବୁକୁ ଆମ ପର ପିଢ଼ି ଦେଖିପାରିବେ କି ନା ନାହିଁ ତାହା ସନ୍ଦେହ। ଲୋପ ପାଇଥିବା ଏହି ସବୁ ପଶୁପକ୍ଷୀଙ୍କୁ କେବଳ ଯାହା ଟିଭି ମାଧ୍ୟମରେ ଦେଖିହୁଏ। ବିଶେଷ କରି ଆଫ୍ରିକା, ଅଷ୍ଟ୍ରେଲିଆ ସହିତ ବିଭିନ୍ନ ରାଜ୍ୟର ସହିତ ଆମ ରାଜ୍ୟର ଅନେକ ପଶୁପକ୍ଷୀଙ୍କୁ ଆଉ ଦେଖିବାକୁ ମିଳୁନାହାନ୍ତି। ହେଲେ ଏହି ସବୁ ପଶୁପକ୍ଷୀଙ୍କର ସ୍ମୃତି ଆଜି ବି କେଉଁଠି ନା କେଉଁଠି ବଞ୍ଚିରହିଛି।

ଆପଣ ୧୯ ବର୍ଷ ତଳର ଡ଼ମପଡ଼ା ଚନ୍ଦକା ଅଭୟାରଣ୍ୟରୁ ଖସି ପଳାଇଥିବା ଶଙ୍କର ହାତୀକୁ ମନେ ରଖିଛନ୍ତି ନା ଭୁଲି ଯାଇଛନ୍ତି? ୨୦୦୬ ମସିହା ଫେବୃଆରୀ ମାସ ୨୭ ତାରିଖରେ ଚନ୍ଦକା ଡ଼ମପଡ଼ା ଆଭୟାରଣ୍ୟରୁ ୩ ଟା ହାତୀ ଖସି ଯାଇଥିବା ବେଳେ ଗୋଟିଏ ହାତୀ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟସ୍ଥ ବୀରରାମଚନ୍ଦ୍ରପୁରକୁ ଚାଲିଯାଇଥିଲା ଏହି ବଣୁଆ ହାତୀଟି ଦୁଇ ଜଣକୁ ମାରିବା ସହିତ ଜଣକୁ ଆହତ କରିଥିଲା। ପରେ ଏହି ହାତୀକୁ ଶିକୁଳି ସହ ବାଉଁଶ ଗଛରେ ବନ୍ଧା ଯାଇଥିଲା। ଶେଷରେ ହାତୀକୁ ମନାଇବା ପାଇଁ ଶିମିଳିପାଳରୁ ଗୋଟେ ମାଇ ହାତୀ ଓ ତାର ଛୁଆକୁ ଅଣାଯାଇଥିଲା କିଛି ଦିନ ଠିକ୍ ଚାଲିବା ପରେ ପୁଣି ହାତୀର ଉତ୍ପାତ ଆରମ୍ଭ କରିଥିଲା। ପରେ ଏହାକୁ ବନ ବିଭାଗ କାବୁ କରିଥିଲା। ଏହି ସମୟରେ ହାତୀ ଅସୁସ୍ଥ ଥିଲା। ଶେଷରେ ମେ ମାସ ୫ ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲା। ଶଙ୍କର ମରିବା ପରେ ତାର ଶରୀରକୁ ଗବେଷଣା ଓ ଶିକ୍ଷା ଉଦ୍ଦେଶ୍ୟରେ ବନ ବିଭାଗ ନିଷ୍ପତ୍ତି ନେଇଥିଲା। ଶଙ୍କର ହାତୀର ମୁଣ୍ଡ ଓ ଆଗ ଗୋଡ଼ ଦୁଇଟି ପ୍ରଥମେ ସଂଗ୍ରହାଳୟକୁ ଆସିଥିଲା। ପରେ ତାର ସମ୍ପୂର୍ଣ୍ଣ ଶରୀର ସଂଗ୍ରହାଳୟକୁ ଆସିଲା। ହେଲେ ଏହି ହାତୀର ଅସ୍ଥି ସଫା କରିବା ବେଳେ ଏଥିରୁ ୩୨ ଗ୍ରାମ ଓଜନର ଗୁଳି ବାହାରିଥିଲା। ହାତୀଟିର ୨୮୬ ହାଡ଼କୁ ବିଭିନ୍ନ ରସାୟନ ଓ ରକ୍ଷଣକ୍ଷମ ପଦାର୍ଥ ମିଶାଇ ସଂଗ୍ରହାଳୟରେ ରଖାଗଲା। ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଏହାକୁ ପ୍ରଦର୍ଶିତ କରାଗଲା। ସେବେଠାରୁ ଚନ୍ଦକାର ଶଙ୍କର କାଚ ବକ୍ସ ଭିତରେ ରହିଛି।

ସୂଚନା ଅନୁସାରେ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟରେ ପ୍ରକୃତିର ଅନୁପମ ସୃଷ୍ଟି କକ୍ଷ, ଆଫ୍ରିକୀୟ କକ୍ଷ, ଉତ୍ତରପୂର୍ବ ଭାରତର ଜୈବ ବିବିଧତା କକ୍ଷ, ଉଭୟଚର ଓ ସରୀସୃପ କ୍ଷେତ୍ର, କଙ୍କାଳ ପ୍ରଦର୍ଶନୀ, କୀଟପତଙ୍ଗ କ୍ଷେତ୍ର, ବିରଳ ପ୍ରଦର୍ଶନୀ, ଭ୍ରାମ୍ୟମାଣ ପ୍ରଦର୍ଶନୀ ଗ୍ୟାଲେରୀ ଆଦି ରହିଛି। ଏହା ଭିତରେ ପ୍ରାୟ ୫ ହଜାରରୁ ଅଧିକ ପଶୁପକ୍ଷୀ, ସରୀସୃପ, କୀଟପତଙ୍ଗ ପ୍ରମୁଖ ରହିଛନ୍ତି। ଏହି ସବୁ ଭିତରେ ସବୁଠାରୁ ବଡ଼ ହାତୀପକ୍ଷୀର ଅଣ୍ଡା ପୃଥିବୀରେ ୨୨ଟି ଥିବା ବେଳେ ଏସିଆ ମହାଦେଶର ୧ ଟା ରହିଛି। ଯାହାକି ଏହି ଗ୍ୟାଲେରୀରେ ସ୍ଥାନ ପାଇଛି। ଏଥିସହିତ ଆଫ୍ରିକୀୟ ଗଣ୍ଡା କଙ୍କାଳ, ସହିତ ୨୦୧୦ ମସିହା ଉଦ୍ଧାର ହୋଇଥିବା ୪୭ ଫୁଟ ୩ ଇଞ୍ଚର ବାଲିନ୍ ତିମି ମାଛ ସହିତ ଆଫ୍ରିକୀୟ ଗରିଲା, ଶିମିଳିପାଳ ଅଭ୍ୟାରଣ, ଚିଲିକାର ସୁନ୍ଦରତା, କାଜିରଙ୍ଗା, ସିକ୍କିମ୍‌ର ତାସ୍ତା ଉପତ୍ୟାକା, ଭାସମାନ ହ୍ରଦ ଲୋକ୍‌ଟାକ୍, ପୃଥିବୀର ବୃହତ୍ତମ ଏବଂ କ୍ଷୁଦ୍ରତମ ସ୍ତନପାୟୀ ପ୍ରାଣୀ, ତୃଣଭୋଜୀ, ମାଂସାସୀ, ହାଡଗିଳା, ସରିସୃପ, କୀଟପତଙ୍ଗ ସହିତ ଓଡ଼ିଶାର ପାରମ୍ପରିକ ଚିତ୍ର, ଖଣିଜ ସମ୍ପଦ, ନଦନଦୀ ଏମିତି ଅନେକ କିଛି ସ୍ଥାନିତ ହୋଇଛି। ହେଲେ ଦୁଃଖ ପରିତାପର ବିଷୟ ଏହି ସଂଗ୍ରହଳୟ ଭିତରେ ଡ଼ିସ୍‌କଭରୀ ଗ୍ୟାଲେରୀ ଖୋଲାଯାଇଥିଲେ ମଧ୍ୟ ତାହା ଚାଲୁନାହିଁ। ପ୍ରାୟ ପ୍ରତିଦିନ ୫ଶହ ରୁ ଅଧିକ ପରିଦର୍ଶକ ଏହି ସଂଗ୍ରାହଳକୁ ଆସୁଥିଲେ ମଧ୍ୟ ଡ଼ିସ୍‌କଭରୀ ଗ୍ୟାଲେରୀ ଦେଖିବାରୁ ବଞ୍ଚିତ ହେଉଛନ୍ତି।

ବାହାର ଦେଶର ପଶୁପକ୍ଷୀଙ୍କୁ ଆମେ କେବଳ ଟିଭିରେ ଦେଖୁଥିଲୁ ହେଲେ ଏଠିକି ଆସି ସେମାନଙ୍କ ବିଷୟରେ ଅନେକ କିଛି ଜାଣିବାକୁ ମିଳିଲା। ବିଶେଷକରି ଶଙ୍କର ହାତୀ ଉପରେ। ଦେଖିକି ଟିକେ ଡ଼ର ଲାଗିବା ସହ ଦୁଃଖ ବି ଲାଗିଲା। ସେ ଦିନେ ଜଙ୍ଗଲର ରାଜା ହୋଇ ବୁଲିଥିଲା ହେଲେ ଆଜି ଏକ କାଚ ବକ୍ସ ଭିତରେ ଆବଦ୍ଧ ହୋଇ ରହିଛି ବୋଲି ପରିଦର୍ଶନରେ ଆସିଥିବା ଛାତ୍ରୀ ପୂର୍ଣ୍ଣତା ଦାସ କହିଛନ୍ତି।



## ଖଣ୍ଡଗିରି ଉପ-ଡାକଘରକୁ ଜଣେ ଅଧିକାରୀ ଭରସା

### ନାହାନ୍ତି ପୋଷ୍ଟାଲ ଆସିଷ୍ଟାଣ୍ଟ; ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେଉଛନ୍ତି ଲୋକେ



ଭୁବନେଶ୍ୱର, ୩୧।୭(ସମିସ)

୧୫ ହଜାର ଲୋକଙ୍କ ଭରସା ପାଲଟିଥିବା ଡାକଘରେ ଜଣେ ମାତ୍ର ଅଧିକାରୀ। ଜନସଂଖ୍ୟା ତୁଳନାରେ ଏଠାରେ ୨ରୁ ୩ଜଣ ଅଧିକାରୀଙ୍କ ସହ ପୋଷ୍ଟାଲ ଆସିଷ୍ଟାଣ୍ଟ ରହିବା କଥା। କିନ୍ତୁ ଏହାକୁ ଚଳାଉଛନ୍ତି ମାତ୍ର ଜଣେ ଅଧିକାରୀ। ଏହି ଡାକଘରେ ମୋଟା ଅଙ୍କର ଟଙ୍କା ଉଠାଇବାକୁ ହେଲେ ଉପଭୋକ୍ତାଙ୍କୁ ୫ରୁ ୬ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଯେଉଁଠି ପ୍ରତିଦିନ ଶହ ଶହ ସଂଖ୍ୟାରେ ଚିଠି ଯିବା ଆସିବା ସହିତ ଆର୍‌ଡି (ରିକରିଙ୍ଗ ଡିପୋଜିଟ୍) କିମ୍ବା ସେଭିଙ୍ଗସ୍ ଆକାଉଣ୍ଟ ଖୋଲାଯିବା ଠାରୁ ଆରମ୍ଭ କରି ଏମ୍‌ଆଇସି (ମନ୍ଥଲି ଇନକମ୍ ସ୍କିମ୍), ଟିଡି ଆକାଉଣ୍ଟ, ସ୍ପିଡ୍ ପୋଷ୍ଟ ଭଳି ଅନେକ ଜରୁରୀ କାର୍ଯ୍ୟ କରାଯାଉଛି। ସେଠାରେ ବସିବାକୁ ଆବଶ୍ୟକୀୟ ସ୍ଥାନ ନାହିଁ। ଏଭଳି ନାହିଁ ନାହିଁରେ ଚାଲିଛି ଖଣ୍ଡଗିରି ଉପ ଡାକଘର ବା ସବ୍ ପୋଷ୍ଟ ଅଫିସ୍। ବର୍ତ୍ତମାନ ରାକ୍ଷୀ ପୂର୍ଣ୍ଣିମା ପାଇଁ ଦୂରରେ ରହୁଥିବା ସମ୍ପର୍କୀୟଙ୍କ ନିକଟକୁ ରାକ୍ଷୀ ପଠାଇବାକୁ ଯାଇ ଘଣ୍ଟା ଘଣ୍ଟା ଲାଇନ୍‌ରେ ଛିଡ଼ା ହେଉଛନ୍ତି ସାଧାରଣ ଲୋକେ। ମାନବସମ୍ବଳ ନଥିବାରୁ ଜଣେ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି ଏହି ଡାକଘର।

ପୂର୍ବରୁ ଏହି ଅଞ୍ଚଳଗୁଡ଼ିକରେ ଲୋକସଂଖ୍ୟା ତୁଳନାରେ ପୋଷ୍ଟମ୍ୟାନ୍, ପିଏ, ପୋଷ୍ଟ ମାଷ୍ଟରଙ୍କ ସଂଖ୍ୟା କମ୍ ରହିଥିଲା। ହେଲେ ଦିନ ଏଠାରେ ନୂଆ ଅଞ୍ଚଳ, କଲୋନୀ ଆଦି ସୃଷ୍ଟି ହୋଇଥିବା ବେଳେ ଲୋକସଂଖ୍ୟା ମଧ୍ୟ ୪ଗୁଣା ବଢ଼ିଛି। ହେଲେ ଡାକ କର୍ମଚାରୀଙ୍କ ସଂଖ୍ୟା ସୀମିତ ରହିଛି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ନିକଟକୁ ଇଣ୍ଟିମେସନ୍ କାର୍ଡ ଠାରୁ ଆରମ୍ଭ କରି ମନି ଅର୍ଡର, ପାସପୋର୍ଟ, ବ୍ୟାଙ୍କ୍ ପାସବୁକ୍ ସମେତ ଅଞ୍ଚଳବାସୀଙ୍କ ଅନେକ ଜରୁରୀ କାଗଜପତ୍ର ଡାକ ମାଧ୍ୟମରେ ଆସିଥାଏ। ହେଲେ ଏଠାରେ ଜଣେ ଅଧିକାରୀ ସମସ୍ତ କାର୍ଯ୍ୟ କରୁଥିବାରୁ ରାକ୍ଷୀ ପୋଷ୍ଟ କରିବାକୁ ଯାଇ ୩ରୁ ୪ଘଣ୍ଟା ଅପେକ୍ଷା କରୁଛନ୍ତି ଲୋକେ। ସକାଳ ୧୦ଟାରୁ ଆସିଥଇଲେ ବି ୧୨ଟା ଯାଏଁ ଲାଇନରେ ଛିଡ଼ା ହେଉଥିବା ଦେଖିବାକୁ ମିଳିଛି। ଫଳରେ ଅନ୍ୟ ଜରୁରୀ କାମ ଅଟକି ଯିବା ସହ ଅଫିସ୍ କିମ୍ବା କଲେଜ ସମୟରେ ପହଞ୍ଚିବା ସମ୍ଭବ ହେଉନଥିବା ଜଣେ ଛାତ୍ରୀ କହିଛନ୍ତି। ମାନବସମ୍ବଳ ଅଭାବରୁ ଠିକ୍ ସମୟରେ ଲୋକଙ୍କ ନିକଟରେ ପହଞ୍ଚିପାରୁନି ଡାକସେବା। ସେହିପରି କୌଣସି କାମ ପାଇଁ ଡାକଘରକୁ ବରିଷ୍ଠ ନାଗରିକମାନେ ଯାଇ ଘଣ୍ଟା ଘଣ୍ଟା ଛିଡ଼ା ହୋଇ ଅପେକ୍ଷା କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଡାକଘରେ ପିଏଲଆଇ(ପୋଷ୍ଟାଲ ଲାଇଫ୍ ଇନସ୍ୟୁରାନ୍ସ), ଏନଏସସି(ନ୍ୟାସନାଲ ସେଭିଂ ସାର୍ଟିଫିକେଟ୍), କେଭିପି (କିସାନ ବିକାଶ ପତ୍ର)ଆଦି କାମ ପୋଷ୍ଟାଲ ଆସିଷ୍ଟାଣ୍ଟଙ୍କୁ କରିବାକୁ ପଡ଼ିଥାଏ। ପ୍ରତିଦିନ ଶହ ଶହ ସଂଖ୍ୟାରେ ଉପଭୋକ୍ତା ଏହି କାମ ପାଇଁ ଆସୁଥିବାବେଳେ ଏଠାରେ ଜଣେ ମାତ୍ର ପୋଷ୍ଟାଲ ଅଧିକାରୀ ଥିବାରୁ ସମସ୍ୟା ହେଉଛି।

## ଅଧିଷ୍ଠାନ ଉତ୍ସବରେ ଡାକ୍ତର ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୩୧।୭(ସମିସ): ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଟେମ୍ପଲ୍ ସିଟିର ତୃତୀୟ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୦୨୫-୨୬ ରୋଟାରୀ ବର୍ଷ ପାଇଁ ନୂତନ ପଦାଧିକାରୀମାନେ ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କରିବା ସହିତ ସମାଜ ପ୍ରତି ଉଲ୍ଲେଖନୀୟ ଅମୂଲ୍ୟ ଅବଦାନ ପାଇଁ ବିଶିଷ୍ଟ ଡାକ୍ତର ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ କ୍ଲବ ଅଫ୍ ଓଡ଼ିଶାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ଇନର ହ୍ୱିଲ୍ ଜିଲ୍ଲା ୩୨୨ର ଅଧକ୍ଷା ମଧୁସ୍ମିତା ତ୍ରିପାଠୀ, ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡକ୍ଟର ଅଶୋକ କୁମାର ମହାପାତ୍ର, ରୋଟାରୀର ଆସିଷ୍ଟାଣ୍ଟ ଗଭର୍ଣ୍ଣର ଡ. କେ କେ ସେନାପତିଙ୍କ ସମେତ ବିଭିନ୍ନ କ୍ଲବର ରୋଟାରିଆନ୍ ଏବଂ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ଅଧିଷ୍ଠାନ ଉତ୍ସବରେ କ୍ଲବର ବିଦାୟୀ ସଭାପତି ରୋଟାରିଆନ ବ୍ରିଗେଡ଼ିୟର ଡଃ. ପ୍ରଫୁଲ୍ଲ କୁମାର ସାହୁ ଏବଂ ସମ୍ପାଦକ ରୋଟାରିଆନ ଙ୍କ ସୁରେନ୍ଦ୍ର କୁମାର ପଣ୍ଡାଙ୍କ ଠାରୁ ୨୦୨୫ -୨୬ ବର୍ଷ ପାଇଁ ସଭାପତି ଭାବେ ରୋଟାରିଆନ ପୁଲିନ କୁମାର ସାହୁ ଏବଂ ସମ୍ପାଦକ ଭାବେ ରୋଟାରିଆନ ଡ. ସଞ୍ଜୟ କୁମାର ସାହୁ ଦାୟିତ୍ୱଗ୍ରହଣ କରିଥିଲେ। ସମର୍ପଣ, ସେବା ଏବଂ ସମାଜ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି କାର୍ଯ୍ୟକ୍ରମରେ ୨୪ ଜଣ ଡାକ୍ତର ଏବଂ ଦୁଇଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ ଯୋଗ ଦେଇ ରୋଟାରିଆନ୍ ମାନେ ଅଧିକରୁ ଅଧିକ ସେବମୂଳକ କାର୍ଯ୍ୟକ୍ରମ ସଂଗଠିତ କରି ସମାଜର ତଳ ସ୍ତରରେ ରହିଯାଉଥିବା ମଣିଷର ଉତ୍ଥାନ ପାଇଁ ପ୍ରଚେଷ୍ଟା କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦାୟୀ ସଭାପତି ବ୍ରିଗେଡ଼ିୟର ଡକ୍ଟର ପିକେ ସାହୁ ୨୦୨୪-୨୫ ବର୍ଷରେ ତାଙ୍କ ନେତୃତ୍ୱରେ ହୋଇଥିବା ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ ଏବଂ ବିଦାୟୀ ସଚିବ ରୋଟାରିଆନ ସୁରେନ୍ଦ୍ର କୁମାର ପଣ୍ଡା ୨୦୨୪-୨୫ ବର୍ଷ ପାଇଁ କ୍ଲବର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ପ୍ରେରଣାଦାୟକ ଭାଷଣ ପ୍ରଦାନ କରିଥିବା ବେଳେ ଏବଂ କ୍ଲବର ସ୍ମରଣିକା 'ଧଉଳି' ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟନିର୍ବାହୀ କ୍ଲବ୍ ସମ୍ପାଦକ ରୋଟାରିଆନ ରମେଶ ଚନ୍ଦ୍ର ମହାନ୍ତିଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।



## ଓରମାସ୍‌ର ଅଭିନବ ପ୍ରୟାସ

# ଆଜିଠୁ ପରିବେଶ ଅନୁକୂଳ ରାକ୍ଷୀ ବିକ୍ରି

ଭୁବନେଶ୍ୱର, ୩୧।୭ (ସମିସ)

ଭାଇଭଉଣୀଙ୍କ ପବିତ୍ର ବନ୍ଧନକୁ ସମ୍ମାନ ଜଣାଇ ଓରମାସ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି ବିଭିନ୍ନ କିସମର ରାକ୍ଷୀ। ପରମ୍ପରା ସହ ପରିବେଶକୁ ଗୁରୁତ୍ୱ ଦେଇ ଓରମାସ୍ ଦ୍ୱାରା ପ୍ରସ୍ତୁତ ରାକ୍ଷୀଗୁଡ଼ିକ ଆସନ୍ତା ଅଗଷ୍ଟ ୧ରୁ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ରି ହେବ। ସବାଇ ଘାସ, କାଇଞ୍ଚ, ମାଟି, ନଡିଆ ଖୋଳପା, ଧାନ, ଚାଉଳ, ବିରି, ମୁଗ, କାଗଜ ମଣ୍ଡ, ସମ୍ବଲପୁରୀ କପଡ଼ା, ଝୋଟ, କିଆପତ୍ର, ଟସର ସୂତା, ଆପ୍ଲିକ ଓ ବାଉଁଶ ଇତ୍ୟାଦିରୁ ଗ୍ରାମାଞ୍ଚଳର ମହିଳା କାରିଗର ମାନଙ୍କ ଦ୍ୱାରା ପ୍ରାକୃତିକ ଓ ଜୈବିକ ତଥା ପରିବେଶ ଉପଯୋଗୀ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଏହି ରାକ୍ଷୀ ଗୁଡ଼ିକ କେବଳ ଆଖିକୁ ସୁନ୍ଦର ଦିଶୁନାହିଁ ବରଂ ପରିବେଶ ପାଇଁ ବେଶ୍ ଅନୁକୂଳ।

### ରାକ୍ଷୀରେ ରହିଛି ଓଡ଼ିଶାର ପରମ୍ପରା ଓ ସଂସ୍କୃତିର ଝଲକ୍



ଓରମାସ୍ ଷ୍ଟଲମାନଙ୍କରେ ସୁଲଭ ମୂଲ୍ୟରେ ବିକ୍ରି ହେବାକୁ ଥିବା ରାକ୍ଷୀଗୁଡିକ ଗ୍ରାମୀଣ କାରିଗରମାନଙ୍କର ଆର୍ଥିକ ଉନ୍ନତିରେ ସହାୟକ ହେବାର ସୁଯୋଗ ସୃଷ୍ଟି କରିବ। ଓରମାସ୍ ବିକ୍ରୟ କେନ୍ଦ୍ରମାନଙ୍କରେ ସ୍ଥାନୀୟ ଗ୍ରାହକମାନେ ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ଭିନ୍ନ ଭିନ୍ନ ଡିଜାଇନର ଆକର୍ଷଣୀୟ କରାକ୍ଷୀ କିଣିପାରିବେ। ଏହା ଗ୍ରାମୀଣ ହସ୍ତଶିଳ୍ପ ଉପରେ ଆଧାରିତ ପରିବେଶଧର୍ମୀ ପଦାର୍ଥ ପ୍ରଚାର ପାଇଁ ଏକ ଉତ୍କୃଷ୍ଟ ଉଦ୍ୟମ ରୂପେ ଦେଖାଯାଉଛି। ଓରମାସ ମାଧ୍ୟମରେ ଏହି ପଦକ୍ଷେପ ଗ୍ରାମାଞ୍ଚଳରେ ସ୍ୱାବଲମ୍ବନର ସୁଯୋଗ ସୃଷ୍ଟି ସହ ଓଡ଼ିଆ ପାରମ୍ପରିକ କଳାର ପ୍ରଚାର ଓ ଭାରତୀୟ ସାଂସ୍କୃତିକ ବିଭବକୁ ଆଉପାଦେ ଆଗକୁ ନେବାରେ ସହଯୋଗ କରୁଛି। ତେବେ ଚଳିତ ବର୍ଷ ରକ୍ଷାବନ୍ଧନ ଉପଲକ୍ଷେ ରାଜ୍ୟ ସରକାଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଓରମାସ ଦ୍ୱାରା ସହାୟତା ପ୍ରାପ୍ତ ଗୋଷ୍ଠୀ ଅନୁଷ୍ଠାନ ମାନଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ରାକ୍ଷୀ ଓଡ଼ିଶାର ବାଲେଶ୍ୱର, ବରଗଡ଼, ବୌଦ୍ଧ, କଟକ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ସମ୍ବଲପୁର ଜିଲ୍ଲାରେ ବିକ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି।

# 'ପୁତ୍ର ମୋ ଗୋବିନ୍ଦ' ମଞ୍ଚସ୍ଥ

ଭୁବନେଶ୍ୱର, ୩୧।୭ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ 'ଶ୍ରୀ ଜଗନ୍ନାଥାୟନ' କ୍ରମରେ ନାଟକ 'ପୁତ୍ର ମୋ ଗୋବିନ୍ଦ' ମଞ୍ଚସ୍ଥ ହୋଇଯାଇଛି। ରବୀନ୍ଦ୍ରମଣ୍ଡପରେ ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ଭୁବନେଶ୍ୱର ପକ୍ଷରୁ ମଞ୍ଚସ୍ଥ ଏହି ନାଟକର



ରଚନା ପଞ୍ଚାନନ ଦାଶ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି କରୁଣାକର ସାମଲ। ନାଟକର କାହାଣୀ ଅନୁସାରେ, ବୁଡ଼ି ଯାଉଥିବା ଲୋକଟିଏ କୁଟାଖିଏକୁ ଆଶ୍ରା କରେ। କୁଟାଖିଅ ତଳେ ବେଳେ ବେଳେ ମହାଦ୍ରୁମଟିଏ ବି ବୁଡ଼ି ଚାଲିଥାଏ। ଏହା ବିଶ୍ୱାସର କଥା। ପ୍ରଭୁଙ୍କୁ ଧ୍ୟାନ କରି ସେହି କୁଟାଖିଏକୁ ହାତ ବଢ଼ାଇଲେ ସେହି ପ୍ରଭୁ ବି ହାତ ବଢ଼ାଇ ବଞ୍ଚାଇ ଦିଏ। ସେହିପରି ଈଶ୍ୱର ଭକ୍ତିରେ ଧ୍ୟାନ ରଖିଥିବା ଗୋବିନ୍ଦପୁରର ଗଙ୍ଗାଧର ଦାସ ନିଃସନ୍ତାନ ଥିବାରୁ ଶ୍ରୀକ୍ଷେତ୍ରରୁ ଜଣେ ଚିତ୍ରକାରଙ୍କଠାରୁ ସର୍ବସୁଲକ୍ଷଣଯୁକ୍ତ ଶ୍ରୀକୃଷ୍ଣ ପିତ୍ତୁଳାଟିଏ କିଣି ତାକୁ ପୁତ୍ର ବୋଲି ଭାବେ। ସ୍ୱାମୀ ସ୍ତ୍ରୀ ଦୁହେଁ ତାରି ମୁହଁକୁ ଚାହିଁ ଆନନ୍ଦରେ ଦିନ କାଟନ୍ତି। ଏମିତିକି ଗଙ୍ଗାଧର ନିଜକୁ ନନ୍ଦରାଜ ଓ ପତ୍ନୀ ଯଶୋଦା ଭାବି ଅପୂର୍ବ ପ୍ରତିମାକୁ ଚଳନ୍ତି ବାଳଶ୍ରୀକୃଷ୍ଣ ପରି ଶ୍ରଦ୍ଧା, ସ୍ନେହ କରୁଥିଲେ। ସତରେ କ'ଣ ମୂର୍ତ୍ତି ମଧ୍ୟରେ ଦୈବିଶକ୍ତି, ଈଶ୍ୱରୀୟ ସତ୍ତା ନିହିତ ଥାଏ? ତାହା ହୋଇ ନ ଥିଲେ ସ୍ତ୍ରୀର ଆକୁଳ କ୍ରନ୍ଦନ ଶୁଣି ଗ୍ରାମବାସୀଙ୍କ ପାଇଁ ପ୍ରାଣବାୟୁ ଉଡ଼ି ଯାଇଥିବା ଗଙ୍ଗାଧର ଦାସ ପୁଣି ବଞ୍ଚି ଉଠିନଥାନ୍ତା। ଗଙ୍ଗାଧର ଦାସ ଯେତେବେଳେ ତାର ଅଭାବ ପୂରଣ ପାଇଁ ପୁତ୍ର ସଦୃଶ ଶ୍ରୀକୃଷ୍ଣ ପ୍ରତିମାକୁ ଧନ ଦ୍ରବ୍ୟ ମାଗି ବସିଲା, ସେହି ଦିବ୍ୟ ମୂର୍ତିଟି ତା' ଗୃହକୁ ଧନଧାନ୍ୟରେ ପରିପୂର୍ଣ୍ଣ କରିଦେଲା। ହେଲେ ପରବର୍ତ୍ତୀ ସମୟରେ ମୂର୍ତିଟି ଗୃହତ୍ୟାଗ କରିବା ପରେ ତାକୁ ଝୁରି ଝୁରି ଗଙ୍ଗାଧରଙ୍କ ମୃତ୍ୟୁ ଘଟେ। ଏହାପରେ ପତିଭକ୍ତା ତଥା ସନ୍ତାନ ଅଧୁରା ପତ୍ନୀ ଶ୍ରୀୟା ସ୍ୱାମୀ ଚିତାରେ ଝାସ ଦେଇ ସ୍ୱାମୀ ସହ ବୈକୁଣ୍ଠଗାମୀ ହେବ ନା ସେହି ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ବିଧବା ଜୀବନକୁ ନାରୀର ଏକ ନୈସର୍ଗିକ ଜୀବନ ଭାବେ ଗ୍ରହଣ କରି ବଞ୍ଚିବ? ଏଭଳି ଏକ ଭକ୍ତି ଓ ବିଶ୍ୱାସକୁ ପାଥେୟ କରି 'ଗଙ୍ଗାଧର ଦାସ କଥା'ଉପରେ ପର୍ଯ୍ୟବେସିତ ନାଟକ ଦର୍ଶକଙ୍କୁ ଶେଷ ଯାଏ ବାନ୍ଧି ରଖିଥିଲା। ଏଥିରେ ବିଭିନ୍ନ ଭୂମିକାରେ ବିରଞ୍ଚି କୁମାର ଦାଶ, ସରିତା ପ୍ରଧାନ, ମଳୟ ମହାନ୍ତି, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଅଭିନୟ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ କ୍ୟାପଟେନ ସଞ୍ଜୀବ ମୁଦୁଲି, ସୁଜିତ ମହାନ୍ତି, ପ୍ରବଚକ ଜାନିକେଶ ବନପଣ୍ଡା, ନିର୍ଦ୍ଦେଶକ କରୁଣାକର ସାମଲ, ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

## ପାନୀୟ ଜଳର ଘରୋଇକରଣ ପ୍ରତିବାଦରେ ସର୍ବଦଳୀୟ ବୈଠକ

# ସଂଗ୍ରହ ହେବ ୧ ଲକ୍ଷ ଲୋକଙ୍କ ଦସ୍ତଖତ



ଭୁବନେଶ୍ୱର, ୩୧।୭ (ସମିସ)

ରାଜ୍ୟରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଘରୋଇକରଣକୁ ବିରୋଧ କରିଛି ଓଡ଼ିଆ ଅସ୍ମିତା ପରିଷଦ। ଭୁବନେଶ୍ୱର ସମେତ ରାଜ୍ୟର ସହରାଞ୍ଚଳର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଘରୋଇକରଣ କରିବା ପାଇଁ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ବିଜୁଳି ବ୍ୟବସ୍ଥାକୁ ଟାଟା ପାୱାର ହାତରେ ଟେକି ଦେଲା ଭଳି ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ମଧ୍ୟ ଟାଟା ପାୱାରକୁ ଟେକି ଦେବାପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହିକ୍ରମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ବଜାରୀକରଣ ପ୍ରତିବାଦରେ ପରିଷଦର ଆବାହକ ରବି ବେହେରାଙ୍କ ଅଧ୍ୟକ୍ଷତାରେ ଗୁରୁବାର ବୁଦ୍ଧ ମନ୍ଦିରଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ଏକ ଲକ୍ଷ ଲୋକଙ୍କର ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଦେବା ପାଇଁ ଏହି ବୈଠକରେ ନିଷ୍ପତ୍ତି ହେବା ସହିତ ଆଉ ଏକ ବଡ଼ ଧରଣର ଗଣସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ପୂର୍ବତନ ବିଧାୟକ ରାଧାକାନ୍ତ ସେଠି, କଂଗ୍ରେସର ସାଧାରଣ ସମ୍ପାଦକ ସୁଦର୍ଶନ ଦାସ, ସିପିଆଇ ଏମ୍‌ଏଲର ରାଜ୍ୟ ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଅଭିଭାବକ ମହାସଂଘର ବାସୁଦେବ ଭଟ୍ଟ ଓ ପ୍ରସନ୍ନ ବିଶୋୟୀ, ବାଲିଆପାଳ ଆନ୍ଦୋଳନର ଅରୁଣ ଜେନା, ସାହିତ୍ୟିକ କୃଷ୍ଣ ନାୟକ, ଯୁବନେତା ଅଶୋକ ନାଥ, ଅଶୋକ ପାଇକରାୟ, ଅଧ୍ୟାପକ ନିରୋଦ ବରଣ ଖୁଣ୍ଟିଆ, ଅଧ୍ୟାପକ ପ୍ରକାଶ ବେହେରା ଏବଂ ପରିଷଦର ସମ୍ପାଦକ ନାରାୟଣ ଡାଲୁଆ ପ୍ରମୁଖ ଯୋଗଦେଇ ଏହି ଆନ୍ଦୋଳନକୁ ଜନସାଧାରଣଙ୍କ ପାଖକୁ ନେବା ପାଇଁ ଆହ୍ୱାନ ଦେଇଥିଲେ।

# ମହିଳା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ପରାମର୍ଶଦାତା କମିଟି ବୈଠକ



ଭୁବନେଶ୍ୱର, ୩୧।୭ (ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ବାର୍ଷିକ ପରାମର୍ଶଦାତା କମିଟି ବୈଠକ ଭାରପ୍ରାପ୍ତ କୂଳପତି ପ୍ରଫେସର୍ ଚଣ୍ଡୀ ଚରଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶ୍ୱବିଦ୍ୟାଳୟର କୁଳସଚିବ ମନସ୍ୱନୀ ସାହୁ, ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ଼. ରମେଶ ଚନ୍ଦ୍ର ବେହେରା, ବିଶ୍ୱବିଦ୍ୟାଳୟ ବିତ୍ତ ନିୟନ୍ତ୍ରିକ ମିତାରାଣୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜିକା ପ୍ରଫେସର ଅଲିଭା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ବିସ୍ତୃତ ଭାବେ ପାଠ କରିଥିଲେ। ଏଥିସହ ଏହା ଉପରେ ବିତର୍କ ମଧ୍ୟ ହୋଇଥିଲା ମୁଖ୍ୟ ଆଲୋଚନାରେ ଉପସ୍ଥିତ ସଦସ୍ୟଙ୍କ ପରାମର୍ଶକ୍ରମେ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ଆଗାମୀ ବର୍ଷର କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ -୧ କାର୍ଯ୍ୟକ୍ରମ ଅଧିକାରୀ ଡ଼. ଗୀତାଞ୍ଜଳି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସେବା ଯୋଜନା ୟୁନିଟ -୨କାର୍ଯ୍ୟକ୍ରମ ଅଧିକାରୀ ବି.ଆର ଆଭା ଆୟୁଶ୍ରୀ ବୈଠକ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ, ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ସ୍ୱେଚ୍ଛାସେବୀ, ବିଭିନ୍ନ ସଂସ୍ଥାର ସାମାଜିକ କର୍ମୀମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିଥିଲେ।

# ପ୍ଲାଷ୍ଟିକ୍ ନିଷେଧାଦେଶକୁ ପରିବେଶ ସମିତିର ସ୍ୱାଗତ

ଭୁବନେଶ୍ୱର, ୩୧।୭ (ସମିସ): ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ, ସଭାସମିତିରେ ଥରେ ମାତ୍ର ବ୍ୟବହାର କରି ଫୋପଡ଼ା ଯାଉଥିବା ପ୍ଲାଷ୍ଟିକ୍ ସାମଗ୍ରୀସବୁକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବାକୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ନିର୍ଦ୍ଦେଶ ଜାରି ହୋଇଛି। ଏକକ ବ୍ୟବହୃତ ପ୍ଲାଷ୍ଟିକ୍ କଟକଣା ଜାରି ନିମନ୍ତେ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶାନାମାକୁ ଓଡ଼ିଶା ପରିବେଶ ସମିତି ସ୍ୱାଗତ ଜଣାଇଛି।

ଓଡ଼ିଶା ସରକାର ପୂର୍ବରୁ ୨୦୧୯ ଅକ୍ଟୋବର ୨ରୁ ରାଜ୍ୟର ସମସ୍ତ ସହରାଞ୍ଚଳରୁ ଏବଂ ପରବର୍ତ୍ତୀ ସମୟରେ ସମଗ୍ର ରାଜ୍ୟରୁ ପ୍ଲାଷ୍ଟିକ୍ ଓ ଥର୍ମୋକଲ୍ ନିର୍ମିତ ବିଭିନ୍ନ ପଦାର୍ଥର ଉତ୍ପାଦନ, ବ୍ୟବସାୟକରଣ ଏବଂ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ଏହାର ଉଲ୍ଲଂଘନକାରୀଙ୍କୁ ଭାରି ଅର୍ଥଦଣ୍ଡ ଜରିମାନା ଦେବାକୁ ପଡ଼ିଛି। ଭାରତ ସରକାର ୨୦୨୨ ମସିହା ଜୁଲାଇ ୧ରୁ ଏହିସବୁ ପ୍ଲାଷ୍ଟିକ୍ ସାମଗ୍ରୀ ଉପରେ ମଧ୍ୟ ନିଷେଧାଦେଶ ଲାଗୁ କରିଛନ୍ତି। କିନ୍ତୁ ନିୟମର କାର୍ଯ୍ୟକାରିତା ନିମନ୍ତେ ନିୟମିତ ପର୍ଯ୍ୟବେକ୍ଷଣ ଅଭାବରୁ ଏହାର ପ୍ରଭାବଶାଳୀତାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ଏହା ଏକ ପ୍ରହସନରେ ପରିଣତ ହୋଇଛି। ନିଷିଦ୍ଧ ପ୍ଲାଷ୍ଟିକ୍ ଓ ଥର୍ମୋକୁଲ୍‌ରୁ ପ୍ରସ୍ତୁତ ପ୍ଲେଟ୍, ଗ୍ଲାସ୍, କପ୍, ଚାମଚ, ଷ୍ଟ୍ର, ଫୁଲ ଏବଂ ସାଜସଜ୍ଜା ସାମଗ୍ରୀ ଇତ୍ୟାଦି 'ଯଥା ପୂର୍ବଂ ତଥା ପରଂ' ନୀତିରେ ବ୍ୟବହାର ହେଉଛି। ୧୨୦ ମାଇକ୍ରନ୍‌ରୁ କମ୍ ମୋଟେଇର ପଲିଥିନ୍ ବ୍ୟାଗ୍ ଏବଂ ୫୦୦ ମିଲିରୁ କମ୍ କ୍ଷମତା ବିଶିଷ୍ଟ ବୋତଲ ବ୍ୟବହାରକୁ ନିଷେଧ କରାଯାଇଥିଲେ ସୁଦ୍ଧା ଏହାର ବ୍ୟବହାର ହେଉଛି। ଏସବୁ ପରିବେଶ, ମଣିଷ ଏବଂ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଉପରେ କ୍ଷତିକାରକ ପ୍ରଭାବ ପକାଉଛି। ଏ ବିଷୟରେ ଯଥେଷ୍ଟ ସଚେତନତା କରାଯାଉଥିଲେ ମଧ୍ୟ ଆଶାନୁରୂପ ପରିବର୍ତ୍ତନ ଘଟୁନାହିଁ। ପରିବେଶ ଅନୁକୂଳ ବିକଳ୍ପକୁ ଗୁରୁତ୍ୱ ଦିଆଯାଉ ନାହିଁ। ଏହାକୁ ଦୃଷ୍ଟିରେ ରଖି ଉତ୍ପାଦନ ଓ ବ୍ୟବସାୟକରଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ନିମନ୍ତେ ରାଜଧାନୀରୁ ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତ ପ୍ରଶାସନିକ ସ୍ତରରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଛି ଓ ଏହା ସରକାରଙ୍କର ପରବର୍ତ୍ତୀ ପଦକ୍ଷେପ ହେବା ଏକାନ୍ତ ଜରୁରୀ ଓ ଓଡ଼ିଶାକୁ ଏକ ଏକକ ପ୍ଲାଷ୍ଟିକ୍‌ମୁକ୍ତ ଆଦର୍ଶ ରାଜ୍ୟ ରୂପେ ଅଧିଷ୍ଠିତ କରିବାର ଆହ୍ୱାନକୁ ସରକାର ଗ୍ରହଣ କରି ଆବଶ୍ୟକ କାର୍ଯ୍ୟପନ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ପରିବେଶ ସମିତିର ସଭାପତି ଡ଼. ସୁନ୍ଦର ନାରାୟଣ ପାତ୍ର ଏବଂ କାର୍ଯ୍ୟକାରୀ ସଭାପତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ଅନୁରୋଧ କରିଛନ୍ତି।

# ପରିବେଶ ସୁରକ୍ଷା ଅଭିଯାନ ପକ୍ଷରୁ ସଚେତନତା ଓ ଚାରାରୋପଣ



ଭୁବନେଶ୍ୱର/କଟକ, ୩୧।୭ (ସମିସ): ରାଜ୍ୟସ୍ତରୀୟ ପଞ୍ଜିକୃତ ପରିବେଶ ସଂସ୍ଥା ପରିବେଶ ସୁରକ୍ଷା ଅଭିଯାନ ପକ୍ଷରୁ କଟକ ଜିଲ୍ଲା ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ପରିବେଶ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ଆଭିଯାନର ସଭାପତି ଡ଼ଃ ପ୍ରଦୀପ କୁମାର ରଥ, ସାଧାରଣ ସମ୍ପାଦକ ରଘୁନାଥ ପୃଷ୍ଟି, ଯୁଗ୍ମ ସମ୍ପାଦକ ଡ଼ଃ ନାରାୟଣ ତ୍ରିପାଠୀ ଓ ଆଜୀବନ ସଦସ୍ୟ ଭାଗ୍ୟଧର ବାଗ ପରିବେଶର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯାନର କାର୍ଯ୍ୟବାହୀ ସଦସ୍ୟ ଗୋପୀ କଲ୍ୟାଣ ମହାପାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଏକ ପରିବେଶ ସମ୍ପର୍କିତ ଆଶୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ଓ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଶିକ୍ଷକ ଅମରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଭିଯାନର ଆଜୀବନ ସଦସ୍ୟ ଶରତ କୁମାର ରାଉତ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଖା ବେହେରା, ଶିକ୍ଷୟିତ୍ରୀ ରୀତାଞ୍ଜଳି ସାହୁ ସୁଶ୍ରୀ ସଙ୍ଗୀତା କର, ଜୁବିଲି ବଳ ଉପସ୍ଥିତ ଥିଲେ। ସଭା କାର୍ଯ୍ୟର ପରିସମାପ୍ତି ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ଦ୍ୱାରା ବିଦ୍ୟାଳୟର ପରିସରରେ ଫଳଚାରା ରୋପଣ କରା ଯାଇଥିଲା।

# ପ୍ରତି ବ୍ଲକରେ ସୁବିଧା କେନ୍ଦ୍ର ଖୋଲାଯିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୩୧।୭ (ସମିସ): ସତ୍ୟନଗରସ୍ଥିତ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ 'ସକ୍ଷମା'ର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ନିର୍ଦ୍ଦେଶକ (ଜନସ୍ୱାସ୍ଥ୍ୟ) ଡ. ରେଖା ଭଗତ ଓଡ଼ିଶାର ଭିନ୍ନକ୍ଷମମାନଙ୍କୁ ୟୁଡିଆଇଡି କାର୍ଡ ଯୋଗାଇଦେବା ଉପରେ ତଥ୍ୟ ପ୍ରଦାନ କରିଥିଲେ। ଶିଶୁ ରୋଗ ବିଶେଷଜ୍ଞ ଡ. ଅରବିନ୍ଦ ମହାନ୍ତି, ଏସଭିଏନଆଇଆରଟିଏଆର ନିର୍ଦ୍ଦେଶକ ଡ. ପତିତପାବନ ମହାନ୍ତି ନିଜର ମତ ରଖିଥିଲେ। ଏହି ଅବସରରେ ରେଡିଓ ଉଡାନ୍‌ର ପ୍ରତିଷ୍ଠାତା ଡ. ଦାନିଷ ମହାଜନ ଭିଡିଓ କନଫେରେନ୍ସ ମାଧ୍ୟମରେ ଯୋଗ ଦେଇଥିଲେ। ବୈଠକରେ ଏସସିବି ମେଡିକାଲ କଲେଜ ଇଏନ୍‌ଟି ମୁଖ୍ୟ ପ୍ରଫେସର ସ୍ମୃତି ସ୍ୱାଇଁଙ୍କ ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଭିନ୍ନକ୍ଷମ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

# 'ପୋସ' ଆଇନ ସଂକ୍ରାନ୍ତ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ

ଭୁବନେଶ୍ୱର, ୩୧।୭ (ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡନ(ସୁରକ୍ଷା, ନିଷେଧ ଓ ନିବାରଣ) ଆଇନ-୨୦୧୩ ସମ୍ବନ୍ଧରେ ଏକ ସମ୍ବେଦନଶୀଳ ଓ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଏହି କର୍ମଶାଳାକୁ ଉଦ୍‌ଘାଟନ କରି ସମସ୍ତ ସରକାରୀ କର୍ମକ୍ଷେତ୍ରକୁ ମହିଳାମାନଙ୍କ ପାଇଁ ଏକ ନିରାପଦ କର୍ମକ୍ଷେତ୍ର ଭାବେ ପରିପ୍ରକାଶ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ମିଳିତ ଜାତି ସଂଘ ଜନସଂଖ୍ୟା ପାଣ୍ଠିର ପ୍ରକଳ୍ପ ପରିଚାଳକ ମିସ ଅନୁଜା ଗୁଲାଟି ଯୋଗଦେଇ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ପୋଶ ଆଇନ ସମ୍ବନ୍ଧରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ପୋଶ ଆଇନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ଜିଲ୍ଲାର ଉପ ଜିଲ୍ଲାପାଳ, ଡେପୁଟି କଲେକ୍ଟର, ପ୍ରକଳ୍ପ ଅଧିକାରୀ ଏବଂ ଏଲସି, ଆଇସିର ସଦସ୍ୟମାନେ ମାଷ୍ଟର ଟ୍ରେନର ଭାବେ ଅଂଶଗ୍ରହଣ କରିଥିଲେ।



ସାମ୍ବାଦିକ ଜିତେନ୍ଦ୍ର ପଟ୍ଟନାୟକଙ୍କୁ ଗାନ୍ଧର୍ବ କଳା ସମ୍ମାନ-୨୦୨୫

# ମରଣଯନ୍ତା ପାଲଟିଛି ରବିଟକିଜ୍ ରାସ୍ତା

ଭୁବନେଶ୍ୱର, ୩୧।୭ (ସମିସ)

- ରାସ୍ତାରେ ଭର୍ତ୍ତି ହୋଇଛି ବିପଦର ଖାଲ
- ଦୁର୍ଘଟଣାରୁ ବର୍ତ୍ତୁ ନାହାନ୍ତି ବାଇକ ଚାଳକ



ଖାଲ ଖମାରେ ଭର୍ତ୍ତି ହୋଇଛି ରାସ୍ତା। କଂକ୍ରିଟ ଉଠି ମାଟି ଦିଶିଲାଣି। ଅନେକ ସ୍ଥାନରେ ରାସ୍ତା ଉପରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇଥିବା ସହ କାଦୁଅରେ ଗୋଡ଼ ବୁଡ଼ି ଯାଉଛି। କେତେକ ସ୍ଥାନରେ ରାସ୍ତା ଗୁଡ଼ିକ ପ୍ରାୟତଃ ଅଧା ଭାଙ୍ଗି ଗଲାଣି। ଫଳରେ ଯାୟତାୟତ ସମୟରେ ସାଇକଲ ଏବଂ ବାଇକ ଚାଳକ ପଡ଼ି ଆହତ ହେଉଛନ୍ତି। ବର୍ଷା ଋତୁ ପରେ ରାସ୍ତା ଏକପ୍ରକାର ମରଣଯନ୍ତା ପାଲଟିଛି। ରବିଟକିଜ୍ ଛକରୁ ଟଙ୍କପାଣି କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଯେଉଁ ରାସ୍ତାରେ ପ୍ରତିଦିନ ଶହଶହ ଛାତ୍ରଛାତ୍ରୀଙ୍କ ସହ ସାଧାରଣ ଲୋକେ ଯାତାୟତ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବିଏମ୍‌ସି ୱାର୍ଡ ନମ୍ବର ୫୮ ଅଧୀନରେ ଏହି ରାସ୍ତା ରହିଛି। ରବି ଟକିଜ୍ ଛକରୁ ଟଙ୍କପାଣି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡ଼ି ଚାଳକଙ୍କ ସମେତ ମୋ ବସ୍ ଯିବା ଆସିବା କରନ୍ତି। ବିଶେଷ କରି ବିଜେବି କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ସହିତ ସାଇ ମନ୍ଦିର, ଜାତୀୟ ରାଜପଥ ଦେଇ ପୁରୀକୁ ବହୁ ସଂଖ୍ୟାରେ ଭକ୍ତ ଏହି ବାଟକୁ ଭରସା କରନ୍ତି। ଦୀର୍ଘଦିନ ଧରି ଏହି ରାସ୍ତା ଖରାପ ହୋଇ ପଡ଼ିଥିଲେ ବି ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ବର୍ଷା ଋତୁରେ ପାଣି ଜମି ରାସ୍ତା ଆହୁରି ନଷ୍ଟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗତ ୪ଦିନ ତଳେ ଅସରାଏ ବର୍ଷା ହୋଇଥିବା ବେଳେ ଏବେବି ରାସ୍ତାରେ ପାଣି ଜମି ରହିଛି। ରାସ୍ତାରେ ବଡ଼ ବଡ଼ ଖାଲ ରହିଥିବାରୁ ସେଥିରେ ପାଣି ଜମିରହି ରାସ୍ତା ଠିକ୍ ଭାବେ ଜଣା ପଡୁନି। ଫଳରେ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ସାଇକଲ ଯାଉଥିବା ବେଳେ ଖାଲରେ ପଡ଼ି ଆହତ ହେଉଛନ୍ତି। ବିଶେଷ କରି ବାଇକ ଚାଳକମାନେ ଏହି ରାସ୍ତାରେ ଗାଡ଼ି ଚଳାଇବା ଏକପ୍ରକାର ଅସମ୍ଭବ ହୋଇପଡୁଥିବା କହିଛନ୍ତି। ଏହି ଅଞ୍ଚଳରେ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ସହ ଯାନବାହାନ ସଂଖ୍ୟାମଧ୍ୟ ବଢୁଛି। ହେଲେ ଏକମାତ୍ର ଭରସାଯୋଗ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ବର୍ଷ ବର୍ଷ ଧରି ପାଣି କାଦୁଅ ରାସ୍ତାକୁ ଭରସା କରୁଛନ୍ତି। ଏହାସହିତ ମୁଖ୍ୟ ରାସ୍ତା ଅଧା ଭାଙ୍ଗି ପଡ଼ି ରହିଥିବା ବେଳେ କେତେକ ସ୍ଥାନରେ ରାସ୍ତା କାମ ଚାଲୁଥିବା ବି ଦେଖିବାକୁ ମିଳିଛି। ତେବେ ବର୍ଷାଦିନ ପୂର୍ବରୁ ରାସ୍ତାକାମ ଶେଷ କରାନଯାଇ ବର୍ଷା ଋତୁରେ କରାଯାଉଥିବାରୁ ସମସ୍ୟା ଆହୁରୀ ବଢ଼ିଯାଇଥିବା ଅଭିଯୋଗ ହୋଇଛି। ଯାହା ଏବେ ଅଞ୍ଚଳର ସବୁଠୁ ବଡ଼ ସମସ୍ୟା ପାଲଟିଛି। ଏନେଇ ସ୍ଥାନୀୟ କର୍ପୋରେଟରଙ୍କୁ ଯୋଗାଯୋଗ କରାଯାଇଥିଲେ ବି ଯୋଗାଯୋଗ ହୋଇପାରି ନାହିଁ।

## ସମସ୍ୟାରେ କୁଆଁପାଳ ଜବାହରଲାଲ ନେହରୁ ମହାବିଦ୍ୟାଳୟ

# ମୁହଁ ଫେରାଉଛନ୍ତି ବିଜ୍ଞାନ ଛାତ୍ରଛାତ୍ରୀ

ମାହାଙ୍ଗା, ୩୧।୭ (ସମିସ)

ମାହାଙ୍ଗା ବ୍ଲକ ଅଞ୍ଚଳରେ ଗଢି ଉଠିଥିବା ପ୍ରମୁଖ ମହାବିଦ୍ୟାଳୟଗୁଡିକ ମଧ୍ୟରୁ କୁଆଁପାଳସ୍ଥିତ ଜବାହରଲାଲ ନେହରୁ ମହାବିଦ୍ୟାଳୟ ଅନ୍ୟତମ। ଏହି ମହାବିଦ୍ୟାଳୟରେ +୨ରେ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗ ରହିଥିଲା ବେଳେ +୩ରେ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗ ରହିଛି। ମହାବିଦ୍ୟାଳୟଟି ମାହାଙ୍ଗା ବ୍ଲକ ସଦର ମହକୁମାରେ ଅବସ୍ଥିତ ଥିବାରୁ ଛାତ୍ରଛାତ୍ରୀ ଏହି କଲେଜକୁ ପ୍ରଥମ ପସନ୍ଦ କରିଥାନ୍ତି। ଗରିବ ମେଧାବୀ ଛାତ୍ରଛାତ୍ରୀ ବିଜ୍ଞାନ ପଢ଼ିବାକୁ ସହରାଞ୍ଚଳକୁ ଯାଇ ନପାରି ଏହିଠାରେ ପାଠ ପଢ଼ିଥାନ୍ତି। ତେବେ ବିଭିନ୍ନ କାରଣରୁ ବିଜ୍ଞାନ ଛାତ୍ରଛାତ୍ରୀମାନେ ମୁହଁ ଫେରାଇ ନେଉଥିବା ଦେଖିବାକୁ ମିଳୁଛି। ଚଳିତବର୍ଷ ପ୍ରକାଶିତ ବିଜ୍ଞାନରେ ପରୀକ୍ଷାରେ ୧୧୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୯୭ ଜଣ ପାସ କରିଥିଲା ବେଳେ ୨୧ ଜଣ ଛାତ୍ରଛାତ୍ରୀ ଫେଲ ହୋଇଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଯାଇଛି।



ମହାବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ମଧ୍ୟରୁ କଲେଜରେ ଦୀର୍ଘଦିନ ହେବ ଗଣିତ ବିଭାଗ ଅଧ୍ୟାପକ ପଦ ଖାଲି ପଡ଼ିଛି। ସେହିପରି ଉଦ୍ଭିଦ ବିଜ୍ଞାନ ବିଭାଗରେ ଅଧ୍ୟାପକ ଏବଂ ପଦାର୍ଥ ବିଜ୍ଞାନ ବିଭାଗ ଡେମନଷ୍ଟ୍ରେଟର ପଦ ସମେତ ଉଦ୍ଭିଦ ଓ ପ୍ରାଣୀ ବିଭାଗରେ ଜଣେ ଲେଖାଏ ସହାୟକ ପଦ ଖାଲି ପଡ଼ିଛି। ଫଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଥିବା ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଏମିତିକି କଲେଜରେ ଇଣ୍ଟରନାଲ ପରୀକ୍ଷା ଠିକ ଭାବରେ ପରିଚାଳନା ନକରିବା ଓ ଛାତ୍ରଛାତ୍ରୀଙ୍କୁ ଇଣ୍ଟରନାଲ ମାର୍କ ଠିକ ଭାବେ ନମିଳିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅଭିଯୋଗ ହେଉଛି। ଯାହାଫଳରେ ଏହି କଲେଜରେ ଛାତ୍ରଛାତ୍ରୀମାନେ ଆଡମିଶନ କରିବାକୁ ଆଗ୍ରହ ପ୍ରକାଶ କରୁ ନଥିବା ଦେଖାଯାଇଛି। ଗତବର୍ଷ ବିଜ୍ଞାନରେ ୧୨୭ ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ଥିଲା ବେଳେ ଚଳିତବର୍ଷ ବିଜ୍ଞାନରେ ୮୯ ଛାତ୍ରଛାତ୍ରୀ ଓ ବାଣିଜ୍ୟରେ ମାତ୍ର ୧୩ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ଜଣାଯାଇଛି। କଲେଜର ଭିତ୍ତିଭୂମୀ କଥା

### ଅଧ୍ୟାପକ, କର୍ମଚାରୀ ସହ ଭିତ୍ତିଭୂମିର ଅଭାବ

ଦେଖିବାକୁ ଗଲେ ମହାବିଦ୍ୟାଳୟ ପରିସରରେ କେଉଁ କାଳରୁ ଭଙ୍ଗା ଅଜବେଷ୍ଟସ ଘର ଅତି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା ବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଖେଳ ପଡ଼ିଆଟିଏ ମଧ୍ୟ ନାହିଁ। ମହାବିଦ୍ୟାଳୟ ପାଚେରି ନଥିବାରୁ ଛାତ୍ରଛାତ୍ରୀ କଲେଜ ସମୟରେ ବାହାରେ ଏପଟସେପଟ ବୁଲୁଥିବାରୁ ସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଏହାକୁ ନାପସନ୍ଦ କରାଯାଇଛି।

## ଶିକ୍ଷକଙ୍କ ବଦଳିକୁ ନେଇ ସ୍କୁଲ ଗେଟ୍‌ରେ ତାଲା



ବଡମ୍ବା, ୩୧।୭ (ସମିସ): ବଡମ୍ବା ଶିକ୍ଷା ମଣ୍ଡଳ ଅଧୀନରେ ଥିବା ଗୋପୀନାଥପୁର ପଞ୍ଚାୟତରେ ଲକ୍ଷ୍ମୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଖାପାଖି ଦେଢ଼ ଶହରୁ ଉର୍ଦ୍ଧ୍ୱ କୋମଳମତି ଛାତ୍ରଛାତ୍ରୀ ପାଠ ପଢ଼ିଥାନ୍ତି। ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ଆଠଟି କ୍ଲାସ ଥିବା ବେଳେ ଆଗରୁ ପାଞ୍ଚଜଣ ଶିକ୍ଷକ ନିଯୁକ୍ତି ରହିଥିଲେ। ଗତ ସାତ ଦିନ ପୂର୍ବେ ଦୁଇ ଜଣ ଶିକ୍ଷକଙ୍କୁ ବଦଳି କରାଯିବା ପରେ କୋମଳମତି ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଯାହାକୁ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇବା ସହ ଦୁଇ ଜଣ ଶିକ୍ଷକଙ୍କୁ ଫେରାଇ ଆଣିବା ପାଇଁ ଦାବି କରିବା ସହିତ ପିଲାମାନେ ବିଦ୍ୟାଳୟ ଗେଟରେ ତାଲା ପକାଇ ସମ୍ମୁଖରେ ନାରାବାଜି କରିଥିଲେ। ଦୀର୍ଘ ତିନିଘଣ୍ଟା ବସିବା ପରେ ପିଲାମାନେ କୌଣସି କର୍ତ୍ତୃପକ୍ଷ ନ ଆସିବାରୁ ଛାତ୍ରଛାତ୍ରୀମାନେ ନିଜ ଘରକୁ ଫେରିଥିଲେ। ପିଲାମାନେ ଓ ଅଭିଭାବକଙ୍କ ଦାବି ଅନୁସାରେ ଦୁଇଜଣ ଶିକ୍ଷକଙ୍କ ବଦଳିକୁ ପ୍ରତ୍ୟାହାର କରାଯାଉ କିମ୍ବା ଦୁଇ ଜଣ ନୂଆ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉ ଏ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦ୍ୱାରା ତାଲା ପଡ଼ିବା ପରେ ମଧ୍ୟ ଶିକ୍ଷା ମଣ୍ଡଳର କୌଣସି ଅଧିକାରୀ ଘଟଣାସ୍ଥଳରେ ନ ପହଞ୍ଚିବାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି ଏବଂ ଛାତ୍ରଛାତ୍ରୀ ପକାଇଥିବା ତାଲା ମୁଖ୍ୟ ଗେଟରେ ପଡ଼ି ରହିଛି।

## ଦୁର୍ଘଟଣାରେ ଜଣେ ଗୁରୁତର

ନରସିଂହପୁର, ୩୧।୭ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କୋକୋଳବା ଛକ ନିକଟରେ ଥିବା ମା' ବାଟପଣ୍ଟେଇଙ୍କ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଡ଼ିଭାଇଡ଼ରରେ ମାଡ଼ ହୋଇ ବାଇକ ଚାଳକ ତଳେ ଛିଟିକି ପଡ଼ି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ବଡଭୂଇଁ ଗ୍ରାମପଞ୍ଚାୟତ ବିରସିଂହପୁର ଗ୍ରାମର ୟୁସୁଫ ମହମ୍ମଦ ବୋଲି ଜଣାପଡ଼ିଛି। ସ୍ଥାନୀୟ ଜନସାଧାରଣ ଆହତଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତେବେ ୟୁସୁଫ ମହମ୍ମଦଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ୱାରେଣ୍ଟି ଗିରଫ

ତିଗିରିଆ, ୩୧।୭ (ସମିସ): ତିଗିରିଆ ଥାନା ଅନ୍ତର୍ଗତ ବନମାଳୀପୁର ଗ୍ରାମର ଶୁଭ୍ରଜିତ ରାଉତ ଓରଫ ଗୁଡୁ (୨୨)କୁ ସ୍ପେସିଆଲ କୋର୍ଟଙ୍କ ୱାରେଣ୍ଟ ବଳରେ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଗୁଡୁ ନାମରେ ୨୦୨୩ ମସିହାରେ ତିଗିରିଆ ଥାନାରେ ବୋମାମାଡ଼ ଓ ଗଣ୍ଡଗୋଳ ଘଟଣାରେ ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଥିଲା। ଉକ୍ତ ମାମଲାରେ କୋର୍ଟଙ୍କର ୱାରେଣ୍ଟ ବଳରେ ଗୁଡୁକୁ ତା' ଘରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଶ୍ରୀ ପାଇକରାୟ ସୂଚନା ଦେଇଛନ୍ତି।

## ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି/ନେମାଳ, ୩୧।୭ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନେମାଳ ପଞ୍ଚାୟତ ମାଳିଗାଁର ସ୍ୱର୍ଗତ ମାନଗୋବିନ୍ଦ ପରିଡ଼ାଙ୍କ ପତ୍ନୀ ବାସନ୍ତୀ ପରିଡ଼ା (୭୫) ନଦୀରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଗୁରୁବାର ଦିନ ବୃଦ୍ଧା ଜଣକ ସ୍ଥାନୀୟ ଚିତ୍ରୋତ୍ପଳା ନଦୀକୁ ଯାଇଥିଲା ବେଳେ ତାଙ୍କର ଗୋଡ ଖସିଯିବାରୁ ସେ ନଦୀର ପ୍ରଖର ଜଳରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ପକ୍ଷରୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୁଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡ଼ିକାଲକୁ ପଠାଇଛି।

## ପୋଷ୍ଟମାଷ୍ଟରଙ୍କ ଝୁଲନ୍ତା ଶବ ଉଦ୍ଧାର

କନ୍ଦରପୁର, ୩୧।୭ (ସମିସ): କଟକ ସଦର ବୟାଳିଶ ମୌଜା ବେଣ୍ଟକାର ଅଞ୍ଚଳରେ ଭଡା ଘରେ ରହୁଥିବା ଝାରକଟା ବ୍ରାଞ୍ଚ ପୋଷ୍ଟମାଷ୍ଟରଙ୍କ ଝୁଲନ୍ତା ଶବ ପୁଲିସ ଆଜି ଉଦ୍ଧାର କରିଛି। ସୂଚନାରୁ ପ୍ରକାଶ କନ୍ଧମାଳ ଜିଲ୍ଲାର ପ୍ରଶାନ୍ତ ମଲ୍ଲିକ (୨୫) ଆଜକୁ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ଝାରକଟା ବ୍ରାଞ୍ଚରେ ପୋଷ୍ଟ ମାଷ୍ଟର ଭାବରେ କାର୍ଯ୍ୟରତ ଥିଲେ। ଆଜି କାର୍ଯ୍ୟ ସ୍ଥାନରେ ନ ପହଞ୍ଚିବାରୁ ଅନ୍ୟ କର୍ମଚାରୀମାନେ ତାଙ୍କ ଭଡା ଘରକୁ ଆସି ଡାକିଥିଲେ ହେଲେ କୌଣସି ଉତ୍ତର ନ ମିଳିବାରୁ ଭିତର ପଟେ କବାଟ ବନ୍ଦ ଥିବାରୁ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବେଣ୍ଟକାର ପୁଲିସ ପହଞ୍ଚି କବାଟ ଭାଙ୍ଗି ଝୁଲନ୍ତା ଭାବେ ପୋଷ୍ଟ ମାଷ୍ଟରଙ୍କ ଶବ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ମହିଳାଙ୍କୁ ଅସଦାଚରଣ ଓ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ

● ଅଭିଯୁକ୍ତ ପୁଲିସ କର୍ମଚାରୀ ହୋଇଥିବାରୁ ଘଟଣାକୁ ଚପାଇଦେବାକୁ ଉଦ୍ୟମ

କଟକ, ୩୧।୭ (ସମିସ): ଘରେ ଏକୁଟିଆ ଥିବା ଜଣେ ମହିଳାଙ୍କୁ ଅସଦାଚରଣ ଓ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ବାଙ୍କୀ ଥାନାରେ ଅଭିଯୋଗ ହୋଇଛି। ୨୮ ତାରିଖରୁ ଅଭିଯୋଗ ହୋଇଥିଲେ ମଧ୍ୟ ଅଭିଯୁକ୍ତ ଜଣକ ପୁଲିସ କର୍ମଚାରୀ ହୋଇଥିବାରୁ ପୁଲିସ ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏପରିକି ପୀଡ଼ିତାଙ୍କୁ ଏତଲା ବଦଳାଇବା ପାଇଁ ମଧ୍ୟ ବାଧ୍ୟ କରାଯାଉଥିବା ଅଭିଯୋଗ ଉଠିଛି।

ଅଭିଯୋଗରୁ ପ୍ରକାଶ ଯେ, ବାଙ୍କୀ ଥାନା ଅନ୍ତର୍ଗତ ତଥା ସୁବର୍ଣ୍ଣପୁର ଫାଣ୍ଡି ନିକଟସ୍ଥ ଏକ ଗ୍ରାମର ଜଣେ ମହିଳା ସନ୍ଧ୍ୟା ସମୟରେ ଘରେ ଧୂପ ଦେଉଥିବା ବେଳେ ସେହି ସମୟରେ ଅଭିଯୁକ୍ତ ଯୁବକ ଜଣକ ଘର ଭିତରକୁ ପଶିଯାଇ ମହିଳାଙ୍କୁ ଅସଦାଚରଣ କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ତାଙ୍କର ସମ୍ପର୍କୀୟ ଓ ପଡ଼ୋଶୀମାନେ ଆସିଯିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ସଧାରେ ଏ ନେଇ ଗ୍ରାମରେ ଗ୍ରାମସଭା ବୈଠକ ବସିଥିବା ବେଳେ ପୀଡ଼ିତା ମହିଳାଙ୍କ ସ୍ୱାମୀ ଓ ପୁଅକୁ ହତ୍ୟା କରିବାକୁ ନେଇ ଅଭିଯୁକ୍ତ ଧମକ ଦେଇଥିଲେ। ବୈଠକରେ କୌଣସି ନିଷ୍କର୍ଷ ନ ବାହାରିବାରୁ ଗତ ୨୮ ତାରିଖ ଦିନ ପୀଡ଼ିତା ବାଙ୍କୀ ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗର ଚାରି ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ କୌଣସି ତଦନ୍ତ ଆରମ୍ଭ କରି ନ ଥିବା ମହିଳା ଓ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

## ଘରେ ପଶି ଯୁବତୀଙ୍କୁ ଦୁର୍ବ୍ୟବହାର; ୩ ଗିରଫ

ଚୌଦ୍ୱାର, ୩୧।୭ (ସମିସ): ଚୌଦ୍ୱାର ପୌରପାଳିକା ୧୨ ନମ୍ବର ୱାର୍ଡ଼ରେ ଆସାମାଜିକ ଯୁବକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଉକ୍ତ ୱାର୍ଡ ଅନ୍ତର୍ଗତ ଓଟିଏମ୍ କଲୋନୀରେ ଏକ ଘରେ ଭଡ଼ାରେ ରହୁଥିବା ବାବୁଲା କୁମାର ନାୟକ ଚୌଦ୍ୱାର ଥାନାରେ କରିଥିବା ଲିଖିତ ଅଭିଯୋଗରୁ ପ୍ରକାଶ ଯେ, ବୁଧବାର ରାତିରେ ସେ ତାଙ୍କ ପରିବାର ସହିତ ଘରେ ଥିବାବେଳେ ବିଳମ୍ବିତ ରାତିରେ କଲୋନୀର ଆଶିଷ ମହାନ୍ତି, ସୁବ୍ରତ ସ୍ୱାଇଁ, ଯଶୋବନ୍ତ ପାତ୍ରଙ୍କ ସମେତ ୪ଜଣ ଯୁବକ ତାଙ୍କ ଘରେ ପଶି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ମାଡ଼ମାରିବା ସହିତ ତାଙ୍କ ଝିଅର ଚୁଟି ଟଣା ଓଟରା କରିଥିଲେ। ଜଣେ ପଡ଼ୋଶୀ ସେମାନଙ୍କୁ ଅଟକାଇବାରୁ ତାଙ୍କୁ ମଧ୍ୟ ଉକ୍ତ ଯୁବକମାନେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ପୁଲିସ ତରଫରୁ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଅନୁରୋଧ କରାଯାଇଛି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ



ନିଶ୍ଚିନ୍ତକୋଇଲି, ୩୧।୭ (ସମିସ): ନିଶ୍ଚିନ୍ତକୋଇଲି ଅହମ୍ମଦବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ହରେକୃଷ୍ଣ ସ୍ୱାଇଁ (୬୫)ଙ୍କର ନିଜ ବଡ଼କ୍ଷୀର ବାସଭବନରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ସ୍ୱାଇଁ ଜଣେ ଧର୍ମପରାୟଣ ଓ ମେଳାପୀ ପ୍ରକୃତିର ଲୋକ ହୋଇଥିବାରୁ ତାଙ୍କ ମୃତ୍ୟୁରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ସ୍ଥାନୀୟ ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ସୁଭାଶିଷ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ବରିଷ୍ଠ ଯାଦବ ମୁରବୀଙ୍କ ପରଲୋକ

କନ୍ଦରପୁର, ୩୧।୭ (ସମିସ): ଦେଉଳି ନିବାସୀ ବରିଷ୍ଠ ଯାଦବ ମୁରବୀ ଭାସ୍କର ବେହେରାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୮ବର୍ଷ ବୟସ ହୋଇଥିଲା। ସେ ଜଣେ ଶାନ୍ତ, ସରଳ, ମିଷ୍ଟଭାଷୀ, ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ



ପରିବାରର ସମସ୍ତ ସଦସ୍ୟ, ଆତ୍ମୀୟସ୍ୱଜନ, ବନ୍ଧୁ ପରିଜନ ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠ ପୁତ୍ର ସୁକାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ନେମାଳ, ୩୧।୭ (ସମିସ): ନେମାଳ ଗ୍ରାମପଞ୍ଚାୟତ ନେମାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବଳରାମ ଦାସଙ୍କ (୬୪) ବୟସରେ ଭୁବନେଶ୍ୱର ସ୍ଥିତ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ପରଲୋକ ହୋଇଯାଇଛି। ସେ ବହୁ ଦିନରୁ କୀଡନି ଜନିତ ରୋଗରେ ପୀଡିତ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ, ପରପୋକାରୀ, ମିଷ୍ଟଭାସୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକମାତ୍ର ପୁତ୍ର ଓମପ୍ରକାଶ ଦାସ ମୁଖାଗ୍ନି ଦେଇଥିବାବେଳେ ଝିଅ ଶାଶ୍ୱତୀ ଦାସ, ଜ୍ୱାଇଁ ନିହାର ରଞ୍ଜନ ଦାସ ଓ ପୁତୁରା ଝିଆରୀ ଆତ୍ମୀୟ ସ୍ୱଜନ ପାଖରେ ଥିଲେ ଶ୍ରୀ ଦାସଙ୍କ ପରଲୋକ ଖବର ପାଇ କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରା, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ନେମାଳ ସରପଞ୍ଚଙ୍କ ପ୍ରତିନିଧି ଅମୀୟ ପ୍ରସାଦ ମହାନ୍ତି, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ସୁବାଷ ପାତ୍ର, ହିମାଂଶୁ ଦାସ, ସାମ୍ବାଦିକ ଗୋବିନ୍ଦ ଦାସ, ସାମ୍ବାଦିକ କ୍ଷମାନିଧି ପୁଝାରୀ ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

# କେନ୍ଦ୍ରୀୟ ଟିମ୍‌ର ବଡମ୍ବା ଚିନିକଳ ଗସ୍ତ

ବଡମ୍ବା/ଆଠଗଡ଼, ୩୧।୭ (ସମିସ): ଆଜି କଟକ ଜିଲ୍ଲା ବଡମ୍ବା ତହସିଲ ଅଧୀନରେ ଥିବା ବଡମ୍ବା ସମବାୟ ଚିନିକଳ ପରିଦର୍ଶନ ଆସିଥିଲେ କେନ୍ଦ୍ରୀୟ ସମବାୟ ଚିନି ଶିଳ୍ପ ପରିଚାଳନା କମିଟିର ଅଧିକାରୀ ବୃନ୍ଦ ଏବଂ ଅଗ୍ରଣୀ ଚିନି ଶିଳ୍ପ ସଂସ୍ଥା ଇଣ୍ଡିଆନ ଫସଫେଟ ଲିମିଟେଡର କର୍ତ୍ତୃପକ୍ଷ ରାଜ୍ୟ ସମବାୟର ଅଧିକାରୀ, ବଡମ୍ବା ତହସିଲଦାର ଶାଶ୍ୱତ ରଞ୍ଜନ ଦାସ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଚିନିକଳ ପରିସରରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରେ ଆଖୁ ଚାଷ ହୋଇଥିବା କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଆଖୁ ଚାଷ ନେଇ ଅଞ୍ଚଳବାସୀଙ୍କ ରହିଥିବା ଆଗ୍ରହ ଦେଖି ସନ୍ତୋଷ ପ୍ରକାଶ କରିଥିଲେ



କେନ୍ଦ୍ରୀୟ ଟିମ। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହୋଇ ଏକ ବର୍ଷ ଭିତରେ ବାୟୋ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ସହ ଦେଢ଼ରୁ ଦୁଇ ବର୍ଷ ମଧ୍ୟରେ ଚିନିଶିଳ୍ପ କାର୍ଯ୍ୟକ୍ଷମ ହେବ ବୋଲି କେନ୍ଦ୍ରୀୟ ଟିମ ସୂଚନା ଦେଇଛନ୍ତି। ସେହିପରି ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଧଙ୍କ ନେତୃତ୍ୱରେ ଆଠଗଡ଼ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚିନି କଳ ଖୋଲିବାକୁ ନେଇ ଏହି ଟିମ ସହ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଶେଷରେ ଖୁବଶୀଘ୍ର ଚିନିକଳ ଖୋଲିବା ସହ ଆଠଗଡ଼ ଓ ବାଙ୍କୀ ଅଞ୍ଚଳରେ ମଧ୍ୟ ସରକାରଙ୍କ ଅନ୍ୟାନ୍ୟ ପ୍ରକଳ୍ପ ଖୋଲିବାର ଆଶା ସଞ୍ଚାର ହେଉଥିବା କଟକ ଜିଲ୍ଲାପାଳ କହିଛନ୍ତି।

## କମଳାଡିହ ପଞ୍ଚାୟତରେ ହାତୀ ଆତଙ୍କ

ନରସିଂହପୁର, ୩୧।୭ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କମଳାଡିହ ପଞ୍ଚାୟତରେ ହାତୀପଲଙ୍କ ଆତଙ୍କରେ ଚାଷୀମାନେ ଅତିଷ୍ଟ ହୋଇ ପଡ଼ିଛନ୍ତି। ଏହି ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀପଲ ଗ୍ରାମ ମୁହାଁ ହେଉଛନ୍ତି। ଚାଷ ଜମିରେ ପ୍ରବେଶ କରି ଧାନତଳି ନଷ୍ଟ କରିବ ସହିତ ସମସ୍ତ ଚାଷ ଜମି ଦଳିଚକଟି ନଷ୍ଟ କରି ଦେଉଛନ୍ତି। ପ୍ରାୟ ସବୁଦିନ ରାତିରେ ହାତୀ କ୍ଷେତରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଗତକାଲି କଇଁତରା ଗ୍ରାମରେ ହାତୀପଲ ପସି କୃତ୍ତିବାସ ନାୟକ, ଉପେନ୍ଦ୍ର ବେହେରା, ଯୁଗଳ ମନ୍ତ୍ରୀ ତଥା ଛବିନ୍ଦ୍ର ନାୟକଙ୍କର ସମସ୍ତ ଧାନ ତଳି ନଷ୍ଟ କରି ଦେଇଛନ୍ତି। ଫଳରେ ଏ ବର୍ଷ ସମସ୍ତ ଚାଷ ଜମି ପଡ଼ିଆ ପଡ଼ିବ। ଉପେନ୍ଦ୍ର ବେହେରା ତିନି ଏକର ପାଇଁ ପକାଇଥିବା ସମସ୍ତ ଧାନ ତଳିକୁ ହାତୀ ଖାଇ, ଦଳି ଚକଟି ନଷ୍ଟ କରିଦେଇଛନ୍ତି। କମଳାଡିହ ପଞ୍ଚାୟତରେ ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲ ବୃଦ୍ଧି ହେବା ସତ୍ତ୍ୱେ ବନବିଭାଗ କର୍ମଚାରୀମାନଙ୍କର ଅପାରଗତା ଯୋଗୁଁ ବନ୍ୟଜନ୍ତୁ ଗ୍ରାମ ମୁହାଁ ହୋଇ ଧନଜୀବନ ନଷ୍ଟ କରୁଛନ୍ତି। ବନ ବିଭାଗ ଯଦି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଆଗାମୀ ଦିନରେ ଆନ୍ଦୋଳନ ସୃଷ୍ଟି ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



## ଜିଲ୍ଲାପାଳଙ୍କ ଆଦେଶକୁ ବେଖାତିର କରିବା ମହଙ୍ଗା ପଡ଼ିଲା

# ମାସକର ଦରମା ବନ୍ଦ ପାଇଁ ଜିଲ୍ଲା ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ

ଭଦ୍ରେଶ୍ୱର, ୩୧।୭ (ସମିସ)

ଗତ କିଛି ଦିନ ହେଲା କଟକ ଜିଲ୍ଲା ମାହାଙ୍ଗା ବ୍ଲକ ବିବାଦ ଘେରରେ ଆସି ଚର୍ଚ୍ଚାରେ ରହିଛି। ଜିଲ୍ଲାପାଳଙ୍କ ଆଦେଶକୁ ବେଖାତିର କରି ବ୍ଲକର କୌଣସି ବି କର୍ମଚାରୀ ଗତ ଶନିବାର ଦିନ କାର୍ଯ୍ୟାଳୟକୁ ଆସି ନ ଥିଲେ। ଫଳରେ ଜିଲ୍ଲାପାଳଙ୍କ ଆଦେଶ ଅନୁଯାଇ ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ବ୍ଲକର ସମସ୍ତ ଅଫିସର ଓ କର୍ମଚାରୀଙ୍କ ଜୁଲାଇ ମାସର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲ୍ଲା ପ୍ରଶାସନର ଏଭଳି କଡା ଆଭିମୁଖ୍ୟକୁ ନେଇ ମାହାଙ୍ଗାରେ ହଟଚମଟ ସୃଷ୍ଟି ହୋଇଛି। ସୂଚନା ଅନୁଯାଇ କଟକ ଜିଲ୍ଲାପାଳଙ୍କ ଆଦେଶ ନମ୍ବର ୨୮୧୪ ତା ୨୫/୭/୨୦୨୫ ଅନୁଯାଇ ୨୬/୭/୨୦୨୫ରିଖ ଶନିବାର ବନ୍ୟା ଓ ଲଗାଣ ପାଇଁ କୌଣସି କର୍ମଚାରୀ କିମ୍ବା ଅଧିକାରୀ ବ୍ଲକ ଛାଡିବେ ନାହିଁ ବୋଲି କଡା ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାହାଙ୍ଗା ବ୍ଲକ ଅଧିକାରୀ ଓ କର୍ମଚାରୀ ଫୁ କରି ଉଡାଇ ଦେଇଥିଲେ। ଅପରପକ୍ଷରେ ଗତ ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ଶିବିରରେ ବ୍ଲକରେ ବାୟୋମେଟ୍ରିକ ଉପସ୍ଥାପନା ମେସିନ ଖରାପ ଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଥିଲା। ତେବେ ଜିଲ୍ଲାପାଳ ତୁରନ୍ତ ମେସିନ ଠିକ୍ କରି ଉପସ୍ଥାପନା ବାୟୋମେଟ୍ରିକ ମାଧ୍ୟମରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ମଧ୍ୟ ବ୍ଲକ ପ୍ରଶାସନ ବେଖାତିର କରିଥିଲେ। ତେବେ ଜିଲ୍ଲାପାଳଙ୍କ ଆଦେଶକୁ କ୍ରମାଗତ ବେଖାତିର କରିବା ବ୍ଲକ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। କଟକ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ପତ୍ର ନଂ ୩୭୫୬/୩୦-୭-୨୦୨୫ରେ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ଜୁଲାଇ ମାସର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ସିଞ୍ଚନ ଯନ୍ତ୍ର ଓ ଛତା ବଣ୍ଟନ



**ନିଶ୍ଚିନ୍ତକୋଇଲି,୩୧ା୭(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ରାମକୃଷ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ନେକ୍ସଜେନ୍ ଡ଼ିଜିଟାଲ ଇନଫାଷ୍ଟ୍ରକଚର କମ୍ପାନୀ ପକ୍ଷରୁ ଏସଏସ ମୁଦିତ ଫାଉଣ୍ଡେସନ ସହଯୋଗରେ ୩୦ ଜଣ ଚାଷୀଙ୍କୁ ସିଞ୍ଚନ ଯନ୍ତ୍ର ଓ ଛତା ବଣ୍ଟନ କରାଯାଇଛି। କମ୍ପାନୀର ସିଇଓ ନିରୋଜ କୁମାରଙ୍କ ନେତୃତ୍ୱରେ ଓ ସେଫ୍‌ଟି ମ୍ୟାନେଜର ଜଲାଲ ଖାଁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ କମ୍ପାନୀର ନ୍ୟାସନାଲ ବିଜନେସ ହେଡ୍ ମନିଷ କୁମାର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଭାରତୀ ସ୍ୱାଇଁ, ୱାର୍ଡ ସଭ୍ୟ ସେକ୍ ଆଲାଉଦ୍ଦିନ୍, ପାର୍ଥ ପାଉଲ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବିକଶିତ କୃଷି ସଂକ୍ରାନ୍ତ ଆଲୋଚନା

**ନିଶ୍ଚିନ୍ତକୋଇଲି,୩୧ା୭(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକସ୍ତରୀୟ କୃଷକ ପରାମର୍ଶଦାତା କମିଟି (ଆତ୍ମା) ପକ୍ଷରୁ ବିକଶିତ କୃଷି ସଂକ୍ରାନ୍ତ ଏକ ବୈଠକ କୃଷି କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଛି। ବ୍ଲକ ଆତ୍ମା ଅଧ୍ୟକ୍ଷ ଅଶୋକ ସାହୁଙ୍କ ସଭାପତିତ୍ୱ ଏବଂ ବିଟିଏମ୍ ଅରବିନ୍ଦ ସାହୁଙ୍କ ସଂଯୋଜନାରେ ଏଥିରେ ସହକାରୀ ବ୍ଲକ କୃଷି ଅଧିକାରୀ ସତ୍ୟବ୍ରତ ସର୍ଦ୍ଦାର ସିଂ ଯୋଗ ଦେଇଥିଲେ। ଏହି ବୈଠକରେ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ କୁମାର ବେଉରା, ଆତ୍ମା କମିଟିର ସମସ୍ତ ସଭ୍ୟ ସଭ୍ୟା ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା କିଭଳି ସଠିକ୍ ଭାବେ କାର୍ଯ୍ୟକାରୀ କରାଯିବ ସେନେଇ ପରାମର୍ଶ ରଖିଥିଲେ। କମିଟିର ସଭ୍ୟ ସ୍ୱର୍ଗତ ରବିନାରାୟଣ ମହାପାତ୍ରଙ୍କ ଅକାଳ ବିୟୋଗରେ ଆତ୍ମାର ସଦଗତି ପାଇଁ ୧ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଟିଏମ୍ ନରୋତ୍ତମ ଦାସ ଓ ବିଷ୍ଣୁପ୍ରିୟା ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ଯୌନ ଉତ୍ପୀଡ଼ନ ପ୍ରତିକାର ସମ୍ପର୍କିତ କର୍ମଶାଳା

**ତିଗିରିଆ,୩୧ା୭(ସମିସ):** ତିଗିରିଆ ବ୍ଲକ ଅଧୀନ ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟ ପରିସରରେ ଯୌନ ଉତ୍ପୀଡ଼ନ, ନିବାରଣ, ନିଷେଧ, ପ୍ରତିକାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଏକ ଆଭ୍ୟନ୍ତରୀଣ ଅଭିଯୋଗ ସମିତି ଗଠନ କରାଯିବା ସହ ସଚେତନତା କର୍ମଶାଳାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ବିଜୟ ମିଶ୍ର, ଅଧ୍ୟାପକ ଦେବରାଜ ପଣ୍ଡା, ସରୋଜ କିଶୋର ପାଣିଗ୍ରାହୀ, ଅଧ୍ୟାପକ ସୁରେଶଚନ୍ଦ୍ର ପଣ୍ଡା ତଥା ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କମିଟିର ପ୍ରିଜାଇଡିଂ ଅଫିସର୍ ଅଧ୍ୟାପିକା ସିପ୍ରା ମହାପାତ୍ର, ବିଦ୍ୟୁତଲତା ବାରିକ, ଅଧ୍ୟାପକ ସୁଧାକର ମୁଦୁଲି, ଅଧ୍ୟାପକ ଜଗତ ବଲ୍ଲଭ ପାଣିଗ୍ରାହୀ କ୍ରୀଡ଼ା ଅଧ୍ୟାପକ ଶୁଭେନ୍ଦୁ ସାହୁ ପ୍ରମୁଖ ମହିଳା କର୍ମଚାରୀ ଏବଂ ଛାତ୍ରୀଙ୍କ ସୁରକ୍ଷା ଓ ଅଧିକାର ସମ୍ପର୍କରେ ଉପଦେଶ ଦେଇ ଏହାର ନିରାକରଣ ସମ୍ବନ୍ଧରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା

**ସାଲେପୁର,୩୧ା୭(ସମିସ):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ରେଡ୍ ରିବନ୍ କ୍ଲବ୍ ଓ ଯୁବ ରେଡକ୍ରସ୍ ବିଭାଗର ମିଳିତ ଉଦ୍ୟମରେ ଏଚ୍‌ଆଇଭି ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସ୍ମିତା ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ସଂଗୀତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବରେଡ୍‌କ୍ରସ୍‌ସର ସଂଯୋଜିକା ଅଧ୍ୟାପିକା କମଳା ଦାସ, ସହସଂଯୋଜକ ଶୁଭ୍ରଜିତ ନାୟକ, ଅଧ୍ୟାପିକା ଜୟନ୍ତୀବାଳା ପରିଡ଼ା ସାଧାରଣଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଯୁବରେଡ୍‌କ୍ରସ୍‌ର ସଂଯୋଜିକା କମଳା ଦାସ, ରଶ୍ମିତା ଦାସ, ଦୀପକ ନାୟକ, ସ୍ୱାତି ଷଡ଼ଙ୍ଗୀ ଏହାକୁ ପରିଚାଳନା କରିଥଲେ। ସହସଂଯୋଜିକା ଶୁଭ୍ରଜିତ୍ ନାୟକ ଧନ୍ୟବାଦ ଦେଇଥିଲେ।

# ସମବାୟ ସମିତି ପୂର୍ବତନ ସଭାପତିଙ୍କ ବିୟୋଗ

**ନିଆଳି,୩୧ା୭(ସମିସ):** ନିଆଳି ବ୍ଲକ ଅନ୍ତର୍ଗତ କପାସୀ ସେବା ସମବାୟ ସମିତି ଲିଃର ସଭାପତି ବିଭୂଦତ୍ତ ପଟ୍ଟନାୟକଙ୍କ ପିତା ତଥା କପାସୀ ସେବା ସମବାୟ ସମିତିର ପୂର୍ବତନ ପରିଚାଳନା ପରିଷଦର ନିର୍ଦ୍ଦେଶକ ନିମାଇଁ ଚରଣ ପଟ୍ଟନାୟକଙ୍କ ୯୭ ବର୍ଷ ବୟସରେ ବିୟୋଗ ହୋଇଯାଇଛି। ତାଙ୍କ ମରଶରୀରକୁ ଗାଁ ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଥିବା ବେଳେ ତାଙ୍କର ଏକମାତ୍ର ପୁଅ ବିଭୂଦତ୍ତ ମୁଖାଗ୍ନି ଦେଇଥିଲେ। ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକ, ବଡଜ୍ୱାଇଁ ଡାକ୍ତର ରଘୁନାଥ ବେହୁରା, ଜ୍ୱାଇଁ ଡ. ଦେବାଶିଷ ଦାସଙ୍କ ସମେତ ଡାକ୍ତର କିଶୋର ସାମଲ, ଶରତଚନ୍ଦ୍ର ପଟ୍ଟନାୟକ, ପ୍ରବୀର ଦାସ, ସାର୍ଥକ ପଟ୍ଟନାୟକ, କପାସୀ ସେବା ସମବାୟ ସମିତିର ସଂପାଦକ ସମରେନ୍ଦ୍ର ଲେଙ୍କାଙ୍କ ସମେତ ସମସ୍ତ ଝିଅ, ଜ୍ୱାଇଁ, ନାତିନାତୁଣୀ, ଭଣଜା, ଭାଣିଜୀ ଓ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ।

# ଚାଷୀ ପଞ୍ଜୀକରଣ ପାଇଁ ସଚେତନତା

**ଆଠଗଡ଼, ୩୧ା୭(ସମିସ):** ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ୨୦୨୫-୨୬ ଖରିଫ ଋତୁରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କ ନାମ ପଞ୍ଜୀକରଣ ପାଇଁ ସଚେତନତା ରଥ ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ପଞ୍ଜୀକରଣ ପ୍ରକ୍ରିୟା ଅଗଷ୍ଟ ୨୦ରେ ସରିବ। ଚାଷୀ ପଞ୍ଜୀକରଣକୁ ଅଧିକରୁ ଅଧିକ ସରଳୀକରଣ କରି ସରକାର ନୀତି ଆଧାରରେ ଚାଷୀମାନେ ସରକାରୀ ସୁବିଧା ଉପଲବ୍ଧ କରିବା ପାଇଁ ଏହି ସଚେତନତା ରଥ ଆଠଗଡ ଏନ୍‌ଏସି ସମେତ ଉପଖଣ୍ଡର ୪ଟି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ପରିକ୍ରମା କରିବ ବୋଲି ନରସିଂହପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ରାମନାରାୟଣ ମଲ୍ଲିକ ସୂଚନା ଦେଇଛନ୍ତି।

# ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ

**ତିଗିରିଆ,୩୧ା୭(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ ସ୍ଥିତ ରଘୁରାମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ଅଭିଭାବକ ଶିକ୍ଷକମାନଙ୍କର ଏକ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରକାଶ କୁମାର ବଳଙ୍କ ସଭାପତିତ୍ୱ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଉପସ୍ଥିତ ଅଭିଭାବକମାନେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ନିରାପଦ ପରିବେଶ ଓ ସୁରକ୍ଷା ସୁନିଶ୍ଚିତ କରିବା, ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ପ୍ରଦାନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଭ୍ୟ ମାନସ ବାହାଡ଼ି, ସଭ୍ୟା ମଧୁସ୍ମିତା ବାହାଡ଼ି ଓ ତିଲୋତ୍ତମା ବାହାଡ଼ି, ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ରାସନ୍‌କାର୍ଡରେ ମିଳିବନି ଗହମ

**ନିଶ୍ଚିନ୍ତକୋଇଲି,୩୧ା୭(ସମିସ):**

କେନ୍ଦ୍ର ସରକାରଙ୍କର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ରେସନ କାଡର୍‌ରେ ଆଉ ଗହମ ମିଳିବନି ବୋଲି ଜଣାଯାଇଛି। ପୂର୍ବରୁ ରେସନ କାଡର୍ ହିତାଧିକାରୀଙ୍କୁ ସରକାର ୭୫ ଭାଗ ଚାଉଳ ଯୋଗାଇ ଦେଉଥିବା ବେଳେ ୨୫ ଭାଗ ହିସାବରେ ଗହମ ଯୋଗାଇ ଦେଉଥିଲେ। ହେଲେ ୨୦୨୨ ମସିହା ଏପ୍ରିଲ ମାସଠାରୁ କେନ୍ଦ୍ର ସରକାର ଗହମ ଯୋଗାଣ ବନ୍ଦ କରିଦେବାରୁ ଉପଭୋକ୍ତାମାନେ ଏହି କାର୍ଡ ଦ୍ୱାରା କେବଳ ଚାଉଳ ପାଉଥିଲେ। ରାଜ୍ୟରେ ନୂଆ ସରକାର ଆସିବାର ୧ ବର୍ଷ ପରେ ଅଗଷ୍ଟ ମାସ ଠାରୁ ରେସନ କାଡର୍‌ରେ ପୁନର୍ବାର ଗହମ ଯୋଗାଇ ଦିଆଯିବ ବୋଲି ଗତ ଜୁନ୍ ମାସରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ହେଲେ ଅଗଷ୍ଟ ମାସରେ ଖାଉଟିମାନେ ଗହମ ପାଇପାରି ନ ଥିବାରୁ ସେପ୍ଟେମ୍ବର ମାସରେ ଗହମ ମିଳିବ ବୋଲି ଆଶା ବାନ୍ଧି ରହିଥିଲେ। ଏବେ ଖାଦ୍ୟ ଓ



ଯୋଗାଣ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲ ବ୍ଲକକୁ ସେପ୍ଟେମ୍ବର ମାସର ରେସନ ସାମଗ୍ରୀ କୋଟା ଯୋଗାଇ ଦିଆଯାଇଥିବାବେଳେ ସେଥିରେ ଗହମ ବ୍ୟବସ୍ଥା ନ ଥିବା ଜଣାଯାଇଛି; ଅର୍ଥାତ୍ ରେସନକାଡର୍‌ରେ ଆଉ ଗହମ ମିଳିପାରିବ ନାହିଁ ବୋଲି ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିଛି। ବର୍ତ୍ତମାନ ପରୀପ୍ରେକ୍ଷୀରେ ରେସନ କାଡର୍ ହିତାଧିକାରୀଙ୍କ ପାଇଁ ଗହମର ଆବଶ୍ୟକତା ଅଧିକ ରହିଥିବାବେଳେ ଅଗଷ୍ଟ ମାସରୁ ଗହମ ମିଳିବା କଥା ଶୁଣି ଖାଉଟି ମହଲରେ ଆଶ୍ୱସ୍ତ ଦେଖାଦେଇଥିଲା। ଏବେ ଗହମ କୋଟା ନ ଆସିବାରୁ ଉପଭୋକ୍ତା ମହଲରେ ତୀବ୍ର

**ଚିନ୍ତାରେ ମଧୁମେହ ରୋଗୀ, ଉପଭୋକ୍ତା ଅସନ୍ତୁଷ୍ଟ**

ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ପକ୍ଷରୁ ଗହମ ଯୋଗାଣ ବନ୍ଦ ହେଲା ପରେ ଖୋଲା ବଜାରରେ ଦିନକୁ ଦିନ ଅଟାର ମୂଲ୍ୟ ବୃଦ୍ଧି ହେବାରେ ଲାଗିଛି। ଫଳରେ ବହୁ ରେସନକାଡର୍ ହିତାଧିକାରୀ ମଧୁମେହ ରୋଗରେ ପୀଡ଼ିତ ହୋଇଥିଲା ବେଳେ ସେମାନେ ଗହମ ନ ପାଇବାରୁ ଚଢ଼ା ଦରରେ ଅଟା କିଣି ଖାଇବା ସମ୍ଭବପର ହେଉନାହିଁ। ଯାହାଦ୍ୱାରା ସେମାନେ ତିନି ଓଳା ଭାତ ଖାଉଥିବାରୁ ରୋଗ ବଢିବା ନେଇ ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷରେ ଗହମ ଯୋଗାଣ ବନ୍ଦ କରିବାର ତିନି ବର୍ଷ ମଧ୍ୟରେ ଅଟା ଦର କିଲୋ ପିଛା ୩୦ ଟଙ୍କାରୁ ବଢି ବଢି ଏବେ କିଲୋ ପିଛା ୪୦ରୁ ୫୦ ଟଙ୍କା ହୋଇଗଲାଣି। ଫଳରେ ଗରିବ ଗୁରୁବା ଲୋକମାନେ ଅଟା କିଣି ଖାଇବା ସମ୍ଭବ ହେଉ ନାହିଁ। ଏହି ବ୍ଲକର ୪୧ଟି ପଞ୍ଚାୟତରେ ୪୧ ହଜାର ୪୪୭ ପରିବାରକୁ ରେସନ କାର୍ଡ ଯୋଗାଇ ଦିଆଯାଇଥିଲା ବେଳେ ସେଥିରେ ୧ ଲକ୍ଷ ୪୭ ହଜାର ୩୬୨ହିତାଧିକାରୀ ମାସିକ ୫ କେଜି ହିସାବରେ କେବଳ ଚାଉଳ ପାଉଥିବା ଜଣାଯାଇଛି। ପୂର୍ବରୁ ଏହି ହିତାଧିକାରୀଙ୍କୁ କାର୍ଡ ଦ୍ୱାରା ଚାଉଳ ଓ ଗହମ ଉଭୟ ମିଳୁଥିଲା। ଯାହାଦ୍ୱାରା କୌଣସି ପରିବାରକୁ ଅଟା କିଣିବାକୁ ପଡୁ ନ ଥିଲା। ରେସନ କାଡର୍‌ଧାରୀଙ୍କୁ ଚାଉଳ ସହିତ ଗହମ ଯୋଗାଇ ଦେବା ପାଇଁ ସରକାର ବ୍ୟବସ୍ଥା କରନ୍ତୁ ବୋଲି ଉପଭୋକ୍ତାମାନେ ଦାବି କରିଛନ୍ତି।

# ଐତିହାସିକ ପାଲା ମହୋତ୍ସବ ପ୍ରସ୍ତୁତି ବୈଠକ

**ଚୌଦ୍ୱାର, ୩୧ା୭(ସମିସ):** ଚୌଦ୍ୱାରରେ ଐତିହାସିକ ପାଲା ମହୋତ୍ସବ ଚଳିତ ବର୍ଷ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବଡବଜାରସ୍ଥିତ ସତ୍ୟନାରାୟଣ ପାଲା ମଣ୍ଡପରେ ସତ୍ୟନାରାୟଣ ପାଲା ସମିତି ସଭାପତି ମନୋଜ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ ମାସ ୧୬ ତାରିଖରୁ ପାଲା ଆରମ୍ଭ ହୋଇ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଆୟୋଜନ କରିବା ଓ ଏଥିରେ ୫ଜଣ ସୁନାମଧନ୍ୟ ଗାୟକ ଓ ଗାୟିକା କଳ୍ପନା ନାୟକ ପାଲା ପରିବେଷଣ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମିତିର ବରିଷ୍ଠ ସଦସ୍ୟ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ଧୀରେନ୍ଦ୍ର ଚୌଧୁରୀ, ଶରତଚନ୍ଦ୍ର ସ୍ୱାଇଁ, ଗଗନ ବିହାରୀ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, କୁଳମଣି ସାହୁ, ଦୀପକ ସ୍ୱାଇଁ, ମଧୁ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂପାଦକ ମଙ୍ଗରାଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହ ସଂପାଦକ ହରେକୃଷ୍ଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଅଜୟ କୁମାର ବେହେରା ଗତବର୍ଷର ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ ଏବଂ ଉପସଭାପତି ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ।

# ୪୦ କେଜି ଗଞ୍ଜେଇ ସହ କାର୍ ଜବତ; ୨ ଗିରଫ

**ଫୁଲନଖରା,୩୧ା୭(ସମିସ):** କଟକ ସଦର ଥାନା ଅଞ୍ଚଳର ଫୁଲନଖରା ଛକରୁ କଟକ ଅବକାରୀ ଗୁଇନ୍ଦା ବିଭାଗ ଚଢ଼ଉ କରି ଚୋରା ଗଞ୍ଜେଇ ଧରିବାରେ ସଫଳ ହୋଇଛି। ଫୁଲବାଣୀରୁ କଟକକୁ ଏକ ସ୍ୱିଫ୍ଟ ଡିଜାୟାର କାର୍ ଯୋଗେ ୪୦କେଜି ଗଞ୍ଜେଇ ନେଇ ଅଭିଯୁକ୍ତମାନେ ଆସୁଥିବା ବେଳେ ଅବକାରୀ ବିଭାଗର ଅଧୀକ୍ଷକ ବିକାଶ କୁମାର ନାୟକଙ୍କ ପ୍ରତିନିଧିତ୍ୱରେ ଇନ୍ସପେକ୍ଟର ଧିରେନ ବେହେରା, ଅବନୀ ମହାପାତ୍ର, ଏସ୍‌ଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ ଓ ବିଭୂତି ପ୍ରଧାନ, ଏଏସ୍‌ଆଇ କିଶୋରଚନ୍ଦ୍ର ରାଉତ



ଓ ଥବୀର ପଟ୍ଟନାୟକ ପ୍ରମୁଖ ସଦଳବଳେ ଚଢ଼ଉ କରି ଉକ୍ତ ଗଞ୍ଜେଇ ସହିତ ଚୋରା କାରବାରରେ ବ୍ୟବହୃତ ଗୋଟିଏ କାର୍ ଜବତ କରିଛନ୍ତି। ନୟାଗଡ ଜିଲ୍ଲାର ଫତେପୁର ଥାନା ଅନ୍ତର୍ଗତ ଯଶୋବନ୍ତପୁଟ ଗ୍ରାମର ବନମାଳି ପଲାଇ (୪୦) ଓ ନୟାଗଡ ଜିଲ୍ଲାର ଗଣିଆ ଥାନା ଅନ୍ତର୍ଗତ ବିଜୟନଗର ଗ୍ରାମର ଚିତ୍ତରଞ୍ଜନ ମହାଲିକ (୩୪) ଗଞ୍ଜେଇ ନେଇ କଟକଙ୍କୁ ଆସୁଥିବା ବେଳେ ଘଟଣାସ୍ଥଳରୁ ପୁଲିସ ଗିରଫ କରିଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

**କଟକ,୩୧ା୭(ସମିସ):** ଟାଙ୍ଗୀ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗଙ୍ଗୋତ୍ରୀ ରଥଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାପୀଠ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ମହେନ୍ଦ୍ର କୁମାର ଘଡେଇଙ୍କ ପୌରହିତ୍ୟରେ ଆୟୋଜିତ ସଭା ପ୍ରାରମ୍ଭରେ ଟାଙ୍ଗୀ ବିଦ୍ୟାପୀଠର ପ୍ରତିଷ୍ଠାତା ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ, ପ୍ରଧାନଶିକ୍ଷକ ସ୍ୱର୍ଗତ ଭଗବାନ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ନିବେଦନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦ୍ୟାପୀଠର ପୁରାତନ ଛାତ୍ର ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଦର୍ଶ ଶିକ୍ଷୟିତ୍ରୀ ଗଙ୍ଗୋତ୍ରୀ ଦେବୀ ଆଲୋକବର୍ତ୍ତିକା ସଦୃଶ ଛାତ୍ରଛାତ୍ରୀଙ୍କୁ ସଦା ମାର୍ଗଦର୍ଶନ



କରୁଥିବେ ବୋଲି କହିବା ସହ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅରୁନ୍ଧତୀ ମିଶ୍ର ଓ ସୁଷମା ଦେବୀ, କୋଟସାହି ସରପଞ୍ଚ ସୁମନ୍‌ପ୍ରଭା ସାହୁ, ଅବସରପ୍ରାପ୍ତ ଶିକ୍ଷକ ନାରୟଣ ବେଉରା, ବିଜୟ ନାୟକ, ମଞ୍ଜରିକା ମିଶ୍ର, ପ୍ରତାପ ଆଚାର୍ଯ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ଦାସ ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଦେବୀକାରାଣୀ ଚୌଧୁରୀ କାର୍ଯ୍ୟକ୍ରମ ସଂଯୋଜନା ଓ ଶିକ୍ଷୟିତ୍ରୀ ଲୋପିତା ପ୍ରିୟଦର୍ଶିନୀ ମିଶ୍ର ବିଦାୟୀ ଶିକ୍ଷୟିତ୍ରୀଙ୍କ ଉପରେ ସ୍ୱରଚିତ ସଂଗୀତ ଗାନ କରିଥିଲେ। ଶିକ୍ଷୟିତ୍ରୀ ଶାଶ୍ୱତୀ ଦାସ ଧନ୍ୟବାଦ ଦେଇଥିଲେ।

# ସଂକୀର୍ତ୍ତନପ୍ରେମୀଙ୍କ ପରଲୋକ

**ଭଦ୍ରେଶ୍ୱର,୩୧ା୭(ସମିସ):** ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମପଞ୍ଚାୟତ କଲ୍ୟାଣପୁର ଗ୍ରାମର ବିଶିଷ୍ଟ ସଂକୀର୍ତନ ପ୍ରେମୀ ତଥା ଦୁଗ୍ଧ ବ୍ୟବସାୟୀ



ସାନ୍ତନୁ ପଲେଇଙ୍କର ଅକାଳ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୫୬ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ ଶରୀରକୁ ଏକ ବିରାଟ ପଟୁଆରରେ ନିଆଯାଇ ବିରୂପା ନଦୀ ତଟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କ ବିୟୋଗରେ ଯାଦବ ନେତା ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରବିନ୍ଦ୍ରନାଥ ଦାସ, କୁଣ୍ଡି ସେବା ସମବାୟ ସମିତିର ସଭାପତି ଅଖିଳେଶ ମହାନ୍ତି, ପୂର୍ବତନ ସରପଞ୍ଚ ସୁବାଷ ବେହେରା, ହେମନ୍ତ ପ୍ରଧାନ, ପୂର୍ବତନ ସମିତିସଭ୍ୟ ରାଧାନାଥ ରାଉତ, ନିହାର ରଞ୍ଜନ ପଣ୍ଡା, ସମିତିସଭ୍ୟା ସୁପ୍ରଭା ସାମଲ, ସରପଞ୍ଚ ନଳିନୀ ପ୍ରଧାନ, ଗୟାଧର ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ବାଇକ୍‌କୁ ଧକ୍କାଦେଲା ଆମ ବସ୍

**କଟକ,୩୧ା୭(ସମିସ):** ଦୋଳମୁଣ୍ଡାଇ ଛକରେ ଆମ ବସ ଏକ ବାଇକକୁ ଧକ୍କା ଦେଇଛି। ସେଠାରେ ଦୀର୍ଘ ସମୟ ଉତ୍ତେଜନା ଫଳରେ ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ଗୁରୁବାର ସନ୍ଧ୍ୟାରେ ଏନଏଲୟୁରୁ ୮୮ ନମ୍ବର ରୁଟର ଆମ ବସ ଏସସିବି ମେଡିକାଲ ଅଭିମୁଖେ ଯାଉଥିଲା। ଦୋଳମୁଣ୍ଡାଇ ଛକ ଅତିକ୍ରମ କଲା ପରେ ଏକ ବାଇକକୁ ପଛରୁ ଧକ୍କା ଦେବା ଫଳରେ ବାଇକ କ୍ଷତିଗ୍ରସ୍ତ ହେବା ସହିତ ଚାଳକ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ବାଇକ ଚାଳକ ଓ ସ୍ଥାନୀୟ ଲୋକ ଉକ୍ତ ବସକୁ ଅଟକାଇ କ୍ଷତିପୂରଣ ଦାବି କରିବା ଦ୍ୱାରା ଯୁକ୍ତିତର୍କ ଚାଲିଥିଲା। ବସଟି ରାସ୍ତା ମଝିରେ ଛିଡା ହୋଇଥିବାରୁ ଟ୍ରାଫିକ ଓ ବାଦାମବାଡି ପୁଲିସ ଆସି ବୁଝାସୁଝା କରିଥିଲେ।

# ସିଆର୍‌ପିସିଏମ୍ ସଂଘର ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




**କଟକ,୩୧ା୭(ସମିସ):** ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆରପିସିଏମ (କମ୍ୟୁନିଟି ରିସର୍ଚ୍ଚ ପର୍ସନ କମ୍ୟୁନିଟି ମୋବିଲାଇଜେସନ) କର୍ମଚାରୀଙ୍କୁ ମାସିକ ଭତ୍ତା ପ୍ରଦାନ ବଦଳରେ କାର୍ଯ୍ୟ ଅନୁଯାୟୀ ପାରିଶ୍ରମିକ ପ୍ରଦାନ କରାଯିବା ପାଇଁ ମିଶନଶକ୍ତି ବିଭାଗ ତରଫରୁ ଚିଠି କରାଯାଇଛି। ଏହାକୁ ବନ୍ଦ କରାଯାଇ ମାସିକ ବେତନ ୧୦ହଜାର ଟଙ୍କା ପ୍ରଦାନ କରିବା ଦାବିରେ ଗୁରୁବାର ଭାରତୀୟ ମଜଦୁର ସଂଘ (ବିଏମଏସ) ଦ୍ୱାରା ପରିଚାଳିତ ସିଆରପିସିଏମ ସଂଘ ତରଫରୁ ସଂଘର ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ୫ଜଣିଆ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ଜରିଆରେ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବ୍‌ଲେଟ୍ ମେସିନ୍ ପ୍ରଦାନ କରାଯାଉ, ସିଆରପିସିଏମଙ୍କୁ ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଆକାଉଣ୍ଟ ଜରିଆରେ ପ୍ରଦାନ, ସିଆରପିସିଏମମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଏବଂ ମାସିକ ଏସ୍‌ଏଚ୍‌ଜି ବୈଠକ ଦୁଇଟି କରାଯିବା ଦାବି ଆଦି ଅର୍ନ୍ତଭୁକ୍ତ ଅଟେ। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସମ୍ପାଦିକା ଲାଲୀ ନାୟକ, କୋଷାଧ୍ୟକ୍ଷା ଅମ୍ବିକା ଶତପଥୀ, ରାଧାରାଣୀ ମଣ୍ଡଳ, ସସ୍ମିତା ସାହୁ, ଜୟଶ୍ରୀ ମହାନ୍ତି, ଲିପିକା ଚାଟାର୍ଜୀ, ବବିତା ସେନାପତିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଧାନରେ କୀଟପତଙ୍ଗ ଓ ସମନ୍ୱିତ ରୋଗ ପରିଚାଳନା ସମ୍ପର୍କିତ ତାଲିମ

**କଟକ,୩୧ା୭(ସମିସ):** ଓଡ଼ିଶା ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନରେ ଚାଷୀମାନଙ୍କ ପାଇଁ "ଧାନରେ ସମନ୍ୱିତ କୀଟପତଙ୍ଗ ଏବଂ ରୋଗ ପରିଚାଳନା' ଉପରେ ଫସଲ ସୁରକ୍ଷା ବିଭାଗ ଦ୍ୱାରା ଏକ ସୂଚନାମୂଳକ ତାଲିମ ସହ ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜିଏକେ କୁମାର ଏହାକୁ ଉଦଘାଟନ କରିଥିଲେ। ସେ ଏହି ଅନୁଷ୍ଠାନ ଦ୍ୱାରା ବିକଶିତ ମାଟିଆ ଗୁଣ୍ଡି ପୋକ ପ୍ରତିରୋଧୀ ଧାନ କିସମ ସିଆର ଧାନ ୩୧୭ ଏବଂ ସିଆର ଧାନ ୮୦୫ ଉତ୍ପାଦନ ସହିତ ଚାଷୀଙ୍କ ଆୟ ବୃଦ୍ଧି କରିବାରେ କୃଷକ ଉତ୍ପାଦକ ସଂଗଠନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଫସଲ ସୁରକ୍ଷା ବିଭାଗର ମୁଖ୍ୟ ଏବଂ ତାଲିମ କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ଶ୍ୟାମରଞ୍ଜନ ଦାସ ମହାପାତ୍ର ତାଲିମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଡକ୍ଟର ରଘୁ ଏସ୍. ବୈଜ୍ଞାନିକ (ଉଦ୍ଭିଦ ରୋଗବିଜ୍ଞାନ) ସହସଂଯୋଜକ ଭାବରେ କାର୍ଯ୍ୟ କରିଥିଲେ ଏବଂ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମକୁ ସହସଂଯୋଜକ ଡକ୍ଟର ରୂପକ ଜେନା, ବୈଜ୍ଞାନିକ (ନେମାଟୋଲୋଜି) ପରିଚାଳନା କରିଥିଲେ। ଜିଲ୍ଲାର ରଘୁନାଥପୁର ଏବଂ ଆଖପାଖ ଗ୍ରାମରୁ ୩୦ଜଣ ପ୍ରଗତିଶୀଳ ଚାଷୀଙ୍କ ଏକ ଦଳ ଦିନିକିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ପୁରୁଣା ସ୍କୁଲ ପୋଷାକ ପିନ୍ଧୁଛନ୍ତି ଛାତ୍ରଛାତ୍ରୀ

**ଟାଙ୍ଗୀ,୩୧ା୭(ସମିସ):**

ବିଦ୍ୟାଳୟ ଅଛି ଛାତ୍ରଛାତ୍ରୀ ଅଛନ୍ତି କିନ୍ତୁ ଆବଶ୍ୟକୀୟ ଶିକ୍ଷକ ନାହାନ୍ତି କି ପାଠ ନାହିଁ। ଏଥିସହ ଗ୍ରୀଷ୍ମ ଅବକାଶ ପରେ ବର୍ତ୍ତମାନ ସୁଦ୍ଧା ଛାତ୍ରଛାତ୍ରୀଙ୍କୁ ନୂତନ ୟୁନିଫର୍ମ ପୋଷାକ ନ ମିଳିବାରୁ ଛାତ୍ରଛାତ୍ରୀ ପୁରୁଣା ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସୁଥିବା ଜଣାପଡିଛି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ଶିକ୍ଷା ମଣ୍ଡଳ ଅଧିନସ୍ଥ ୧୮୫ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ। ଉକ୍ତ ବିଦ୍ୟାଳୟମାନଙ୍କରେ ୧୬,୨୦୩ ଛାତ୍ରଛାତ୍ରୀଙ୍କ ପାଇଁ ୭୦୨ ଶିକ୍ଷକ ଆବଶ୍ୟକ ଥିବାବେଳେ ଅଛନ୍ତି ମାତ୍ର ୫୬୧। ଶିକ୍ଷକ ଅଭାବରୁ ଟାଙ୍ଗୀ ଅଞ୍ଚଳରେ ପାଠପଢ଼ାରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି। କଟକ ଜିଲ୍ଲାର କେତେକ ବ୍ଲକରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ଥିବା ବେଳେ ଟାଙ୍ଗୀ ଚୌଦ୍ୱାର ବ୍ଲକରେ ଶିକ୍ଷକ କମ୍ ରହିବା ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିସହ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ୯ ଜଣ ସ୍ଥାନରେ ୫ ଜଣ କାର୍ଯ୍ୟ କରିବା ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଉକ୍ତ କାର୍ଯ୍ୟାଳୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ମୁଖ୍ୟକିରାଣୀ, ବରିଷ୍ଠ କିରାଣୀ, ଏମଆଇଏସ ସଂଯୋଜକ ପଦ ପୂରଣ ସହ ୧୩୪ ଜଣ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ନୂତନ ୟୁନିଫର୍ମ ପୋଷାକ ତୁରନ୍ତ ଯୋଗାଇଦେବାକୁ ଅଞ୍ଚଳରେ ଦାବି ହେଉଥିବା ଦେଖିବାକୁ ମିଳିଛି।

# ନାଦୋଳ ପଞ୍ଚାୟତରେ ଗାଁକୁ ଚାଲ ଅଭିଯାନ

**ସାଲେପୁର,୩୧ା୭(ସମିସ):** ନାଦୋଳ ପଞ୍ଚାୟତରେ ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ ହୋଇଯାଇଛି। ବିଜେପି ନେତା ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାଙ୍କ ମଧ୍ୟରେ ମିଶନ୍ ଶକ୍ତି ଓ ସୁଭଦ୍ରା ଭଳି ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ମହିଳାଙ୍କୁ ଆର୍ଥିକ ଓ ସାମାଜିକସ୍ତରରେ ସଶକ୍ତ କରିବା ଯୋଜନାଗୁଡିକ ବିଷୟରେ ଅବଗତ କରାଇଥିଲେ। ମହିଳାମୋର୍ଚ୍ଚା ନେତ୍ରୀ ରେଣୁବାଳା ରାଉତ ଓ ତୁଳସୀରାଣୀ ଦାସଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତିମାନେ ଯୋଗଦେଇଥିଲେ।

# ଜନ୍ମଦିନରେ ଚାରାରୋପଣ କାର୍ଯ୍ୟକ୍ରମ

**କଣ୍ଟାପଡା,୩୧ା୭(ସସିସ):** ବଡ଼ବିଲସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସଂସଦ ତରଫରୁ ଜନ୍ମଦିନ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରାକ୍ତନ ଛାତ୍ର ଗଗନ ରାଉତଙ୍କ ଜନ୍ମଦିନରେ ଏକ ଅଶ୍ୱତ୍ ଚାରାରୋପଣ କରାଯାଇଛି। ପ୍ରାକ୍ତନ ଛାତ୍ର



ତଥା ବ୍ରାହ୍ମଣବାଟି ସରପଞ୍ଚ ସଞ୍ଜୟ ରାଉତରାୟଙ୍କ ନେତୃତରେ ପୁନାନନ୍ଦ ପାତ୍ର, କାର୍ତ୍ତିକ ପାତ୍ର, ଅଜୟ ରାଉତ, ଶରତ ମହାପାତ୍ର, ଗୋକୁଳି ମହାରଣା, ଆନନ୍ଦ ଜେନା, ଧୋବେଇ ଜେନା, ଶରତ ଜେନା, ଉପେନ୍ଦ୍ର ଜେନା, ରଣଜିତ ଆଚାର୍ଯ୍ୟ, ସୁକାନ୍ତ ଭୋଇ, କମଳାକାନ୍ତ ମଲ୍ଲିକ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ବର୍ଷତମାମ ଜାରି ରହିବ ବୋଲି ଛାତ୍ର ସଂସଦ ତରଫରୁ ସୂଚନା ଦିଆଯାଇଛି।

# ବିଏମ୍‌ସି କମିଶନର୍‌ଙ୍କୁ ବିଡିଏ ଉପାଧ୍ୟକ୍ଷ ଅତିରିକ୍ତ ଦାୟିତ୍ୱ

**ବ୍ରହ୍ମପୁର,୩୧।୭ (ସମିସ):** ବ୍ରହ୍ମପୁର ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ସିକେଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ବା ବିଇଡିଏର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ଅଭିଯୋଗ ଓ ସର୍ବସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜୁଲାଇ ୩୧ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଯଦିଓ ବିଇଏମସିର କମିଶନରଙ୍କୁ ବିଇଡିଏର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଉଥିଲା ତେବେ ଏନେଇ ସ୍ୱତନ୍ତ୍ର ଭାବେ ବିଜ୍ଞପ୍ତି ଜାରି ହୋଇଛି। ଫଳରେ ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ କମିଶନର ତଥା ବିଇଡିଏର ଉପାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ରଙ୍କ ବଦଳୀ ପରଠାରୁ ଏହି ପଦବୀ ଖାଲି ପଡିଥିଲା। ଏହି ବିଜ୍ଞପ୍ତି ପ୍ରକାଶ ପରେ ବିଇଡିଏର ନୂତନ ଉପାଧ୍ୟକ୍ଷ ଭାବେ ବିଇଏମସିର କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ସିକେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବେ। ଫଳରେ ବିଇଏମସି ଓ ବିଇଡ଼ିଏର ମିଳିତ ସହଯୋଗରେ ସହରର ତଥା ଉପକଣ୍ଠର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଇଛି। ସେପଟେ ବିଇଡିଏର ଅଧ୍ୟକ୍ଷ ଭାବେ ବିଭାଗୀୟ ମନ୍ତ୍ରୀ ତଥା ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି।

# ନାବାଳିକାକୁ କମେଣ୍ଟ କରି ଜଣେ ଗିରଫ



**ବ୍ରହ୍ମପୁର,୩୧।୭ (ସମିସ):** ଜନୈକା ନାବାଳିକାଙ୍କ ପିଛା କରି କମେଣ୍ଟ ମାରିବା ଓ ତାଙ୍କ ସାଇକଲ ପଙ୍କଚର ପାଇଁ ଉଦ୍ୟମ କରିବା ଅଭିଯୋଗରେ ଗୋଷାଣିନୁଆଗାଁ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସନ୍ୟାସୀ ପ୍ରଧାନ ଓରଫ ସନିଆ(୫୧) ବୋଲି ଏସଆଇ ଗୌରବ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଜଣେ ୧୫ବର୍ଷର ନାବାଳିକା ନୃତ୍ୟ ଶିଖିବାକୁ ଯାଉଥିବା ବେଳେ ଅଭିଯୁକ୍ତ ସନ୍ୟାସୀ ପିଛା କରି କମେଣ୍ଟ ମାରୁଥିଲା। ଦୀର୍ଘ ୬ମାସ ଧରି ସେ ଏଭଳି କରି ଆସୁଥିଲା। ଏପରିକି ନାବାଳିକାଙ୍କ ସାଇକଲ ପଙ୍କଚର କରିବାକୁ ମଧ୍ୟ ଉଦ୍ୟମ କରିଥିଲା। ଏନେଇ ନାବାଳିକାଙ୍କ ପରିବାର ଲୋକେ ସନ୍ୟାସୀଙ୍କୁ ପଚାରିବାରୁ ସେ ପାଲଟା ଗାଳିଗୁଲଜ କରିଥିଲା। ଏହାସହ ଅଭିଯୁକ୍ତ ସନ୍ୟାସୀ ନାବାଳିକାଙ୍କ ଘର କବାଟ ବାରମ୍ବାର ବାଡ଼ଉଥିଲା। ସମସ୍ତ ଘଟଣାକୁ ନେଇ ଗତ ୩୦ତାରିଖରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ୟାସୀକୁ ଗିରଫ କରିଛି। ପୂର୍ବରୁ ସନ୍ୟାସୀ ଅସଦାଚରଣ ଓ ଧମକ ଦେବା ମାମଲାରେ ଏକାଧିକ ଥର ଗିରଫ ହୋଇ ଜେଲ ଯାଇଥିବା ଜଣାପଡିଛି। ସନ୍ୟାସୀଙ୍କ ନାଁରେ ବଡ଼ବଜାର ଥାନାରେ ୨ଟି ମାମଲା ଓ ଗୋଷାଣିନୁଆଗାଁ ଥାନାରେ ଗୋଟିଏ ମାମଲା ରହିଥିବା ପୁଲିସ ତଦନ୍ତ ବେଳେ ଜଣାପଡିଛି।

● ପଶ୍ଚିମ ଆଫ୍ରିକାରେ ୩ ଭାରତୀୟଙ୍କୁ ଅପହରଣ ଘଟଣା

# ମାସେ ପରେ ବି ଭେଙ୍କଟରମଣଙ୍କ ପତ୍ତା ମିଳୁନି

**ବ୍ରହ୍ମପୁର,୩୧।୭ (ସମିସ):** ଜୁନ ୩୦ତାରିଖରେ ପଶ୍ଚିମ ଆଫ୍ରିକା ମହାଦେଶର ମାଲି'ରେ ଆତଙ୍କବାଦୀ ୩ ଜଣ ଭାରତୀୟଙ୍କୁ ଅପହରଣ କରିଥିଲେ। ଏହି ଘଟଣାକୁ ସମ୍ପ୍ରତି ମାସେ ପୂରିଛି। ତଥାପି ନିଖୋଜଙ୍କ ପତ୍ତା ମିଳୁନାହିଁ। ଫଳରେ ପରିବାର ଲୋକଙ୍କୁ ଏବେ ନାନା ଚିନ୍ତା ଖାଉଛି। ୩ ଭାରତୀୟଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପି. ନାର୍ସାମାଙ୍କ ପୁତ୍ର ପି. ଭେଙ୍କଟରମଣ (୨୮) ରହିଥିଲେ। ୧ତାରିଖରେ ଏମାନେ ଅପହରଣ ହୋଇଥିବା ବେଳେ ପରିବାରବର୍ଗ ୩ ତାରିଖରେ ଜାଣିଥିଲେ। ଅପହୃତଙ୍କ ମା ପି. ନାର୍ସାମା ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ନେତା, ମନ୍ତ୍ରୀ ସମସ୍ତେ ଟୁଇଟ ବା ଏକ୍ସ ଜରିଆରେ ଆଶ୍ୱାସନା ଦେଇଥିଲେ ହେଁ ଏଯାଏଁ ନିଖୋଜ ଭେଙ୍କଟରମଣଙ୍କ ପତ୍ତା ମିଳିପାରିନି। ଭେଙ୍କଟଙ୍କ ଭିଣେଇ ପି ବବୁଲୁଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ, ଘଟଣାକୁ ନେଇ ସ୍ଥାନୀୟ ଥାନା ସମେତ ଜିଲ୍ଲା ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଛି। କିନ୍ତୁ ସରକାରୀ ସ୍ତରରେ କ'ଣ ଉଦ୍ୟମ ହୋଇଛି, ସେନେଇ କିଛି ସୂଚନା ବି ମିଳୁନି। ଅନ୍ତଃରାଷ୍ଟ୍ରୀୟ କଥା ଆମ ହାତରେ କିଛି ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଥିବା ବବୁଲୁ ଅଭିଯୋଗ କରିଛନ୍ତି।

**ଟୁଇଟ୍ କରି ଦାୟିତ୍ୱ ସାରିଦେଲେ ନେତା ଓ ମନ୍ତ୍ରୀ**

ସୂଚନା ପ୍ରକାରେ, ଅପହୃତ ଭେଙ୍କଟରମଣ ଗତ ନଭେମ୍ବର ମାସରେ ଏକ ଘରୋଇ କମ୍ପାନୀ ପକ୍ଷରୁ ପଶ୍ଚିମ ଆଫ୍ରିକା ମହାଦେଶର ମାଲି ଦେଶର ଏକ ଘରୋଇ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩୦ତାରିଖରେ ଭେଙ୍କଟରମଣଙ୍କୁ ସେଠାକାର ପୁଲିସ ଗିରଫ କରିଥିବା ନେଇ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଜଣାଯାଇଥିଲା। ପରିବାର ସଦସ୍ୟ ସମ୍ପୃକ୍ତ ଫୋନ୍ କଲ୍ ପାଇବା ପରେ ଘଟଣାକୁ ସହଜରେ ଗ୍ରହଣ କରିପାରିନଥିଲେ। ପରବର୍ତ୍ତୀ ସମୟରେ ଆତଙ୍କବାଦୀମାନେ ସଂପୃକ୍ତ ସିମେଣ୍ଟ କାରଖାନା ଉପରେ ହାମ୍‌ଲା କରି ୩ ଜଣ ଭାରତୀୟଙ୍କୁ ଅପହରଣ କରି ନେଇଯାଇଥିବା ଗଣମାଧ୍ୟମରୁ ଜଣାପଡ଼ିଥିଲା। ପରେ ଟିଭି ଚ୍ୟାନେଲରୁ ଭେଙ୍କଟରମଣ ଅପହରଣ ହୋଇଥିବା ଜାଣିଥିଲେ। ସରକାର ଏହାକୁ ଗୁରୁତର ସହ ଗ୍ରହଣ କରି ଆତଙ୍କବାଦୀ କବଳରୁ ମୁକ୍ତି କରିବାକୁ ପରିବାର ସମେତ ବିଭିନ୍ନ ମହଲରେ ଦାବି ହୋଇଛି।

# ରାଜ୍ୟରେ ବର୍ଷା; ଗଞ୍ଜାମରେ ପୂରୁନି ଜଳଭଣ୍ଡାର

ବ୍ରହ୍ମପୁର,୩୧।୭ (ସମିସ)

ମୌସୁମୀ ଆସିବା ପରଠାରୁ ରାଜ୍ୟରେ ବର୍ଷା ଜାରି ରହିଛି। ଏହିକ୍ରମରେ ଗଞ୍ଜାମ ଜିଲ୍ଲାରେ ମଧ୍ୟ ବିଭିନ୍ନ ସମୟରେ ବର୍ଷା ହେଉଛି। କିନ୍ତୁ ଲାଗି ଉଦ୍ଦିଷ୍ଟ ଏହି ଏଠାକାର ଜଳଭଣ୍ଡାର ସ୍ଥିତି ଚିନ୍ତାରକାରଣ ହୋଇଛି। ମୁଖ୍ୟତଃ ମୂଳ ରେଞ୍ଜରେ ବର୍ଷା ହେଉନଥିବା ଯୋଗୁଁ ଜିଲ୍ଲାର ୪ଟି ଜଳଭଣ୍ଡାରରେ ୨୫ପ୍ରତିଶତରୁ କମ୍ ପାଣି ରହିଥିବା ଦେଖିବାକୁ ମିଳିଛି।

## ୪ଟି ଡ୍ୟାମ୍‌ରେ ୨୫ପ୍ରତିଶତରୁ କମ୍ ପାଣି

## ମୂଳ ରେଞ୍ଜ୍‌ରେ ବର୍ଷା ନ ହେଲେ ସ୍ଥିତି ହେବ ଜଟିଳ



ଏଠାକାର ଜଳଭଣ୍ଡାର ଗୁଡ଼ିକର ପେଟ ପୂରୁନି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ପରିଲକ୍ଷିତ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାର ଅବସ୍ଥା ଜଟିଳ ସ୍ଥିତିରେ ରହିଛି। ଆଶାନୁରୂପ ଜଳସେଚନର ବ୍ୟବସ୍ଥା ନଥିବା ସ୍ଥଳେ ଜଳଭଣ୍ଡାର ଗୁଡ଼ିକ ମଧ୍ୟ ପୂର୍ଣ୍ଣ ନହେବା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ରାଜ୍ୟର ପ୍ରମୁଖ ଜିଲ୍ଲା ଭାବେ ଏହା ପରିଚିତ ଥିବା ବେଳେ କୃଷି ଏଠାକାର ମୁଖ୍ୟ ବେଉସା। କିନ୍ତୁ କୃଷି ଓ କୃଷକଙ୍କ ବିଗତବର୍ଷ ଗୁଡ଼ିକରେ ଗଞ୍ଜାମର ଜଳଭଣ୍ଡାର ସ୍ଥିତି ବେଶ ଉଦବେଗଜନକ ଥିଲା। ଏପରିକି କିଛି ଡ୍ୟାମରେ ପିଲାମାନେ କ୍ରିକେଟ ମଧ୍ୟ ଖେଳୁଥିଲେ। ଚଳିତବର୍ଷ ମୌସୁମୀ ଶୀଘ୍ର ଆସିବା କାରଣରୁ ଜଳଭଣ୍ଡାର ଗୁଡ଼ିକ ପୂର୍ବସ୍ଥିତିକୁ ଫେରି ଆସିବ ବୋଲି ଆଶା କରାଯାଇଥିଲା। କିନ୍ତୁ ଗୋଟିଏ ଦୁଇଟି ଜଳଭଣ୍ଡାର ବ୍ୟତୀତ ଅନ୍ୟ ସମସ୍ତ ଡ୍ୟାମରେ ସଂରକ୍ଷିତ ଜଳର ସ୍ଥିତିକୁ ଦେଖିଲେ ଆଶ୍ଚର୍ଯ୍ୟାନ୍ୱିତ ହେଉଛନ୍ତି ଚାଷୀ। ମିଳିଥିବା ସୂଚନା ପ୍ରକାରେ ଭଞ୍ଜନଗର ଡ୍ୟାମରେ ୪୪ପ୍ରତିଶତ ପାଣି ରହିଥିବା ବେଳେ ସୋରଡ଼ା ଡ୍ୟାମରେ ୪୬ପ୍ରତିଶତ, ଡ଼ହରେ ୪୮ ପ୍ରତିଶତ, ବାଘୁଆରେ ୨୧ପ୍ରତିଶତ, ଧନେଇରେ ୮୫ପ୍ରତିଶତ, ଘୋଡ଼ାହାଡ଼ ଡ୍ୟାମରେ ୨୪ପ୍ରତିଶତ, ବାଘଲଟି ଡ୍ୟାମରେ ୨୨ପ୍ରତିଶତ ଓ ଘଟକେଶ୍ୱର ପ୍ରକଳ୍ପରେ ୧୧ପ୍ରତିଶତ ପାଣି ରହିଛି। ସମ୍ପ୍ରତି କିଛି ବ୍ଲକରେ ଧାନ ରୁଆ ଆରମ୍ଭ ହୋଇଥିବାରୁ ବିଭିନ୍ନ ଜଳଭଣ୍ଡାରରୁ ପାଣି ଛଡ଼ା ଯାଇଥିବା ସୂଚନା ମିଳିଛି। ଆଗାମୀ ଦିନରେ ଅନୁକୂଳ ଚାଷ କାର୍ଯ୍ୟ ଲାଗି ବର୍ଷାର ଅଭାବ ଦେଖାଦିଏ ତେବେ ଜଳଭଣ୍ଡାର ଗୁଡ଼ିକ ଖାଲି ହୋଇଯିବ ନିଶ୍ଚୟ। ପରେ ଜିଲ୍ଲାରେ ଜଟିଳ ସ୍ଥିତି ଉପୁଜିବ ବୋଲି ଅଗ୍ରଣୀ ଚାଷୀମାନେ କହିଛନ୍ତି। ମୂଳ ରେଞ୍ଜରେ ଓ ଆବଶ୍ୟକ ପରିମାଣରେ ବର୍ଷା ନ ହେବା କାରଣରୁ ଜଳଭଣ୍ଡାର ଗୁଡ଼ିକରେ ସମ୍ପୂର୍ଣ୍ଣ ପରିମାଣରେ ପାଣି ପୂରୁନାହିଁ। ଏ ଦିଗରେ ଅନେକ ତର୍ଜମା ଓ ଆଲୋଚନା ଜାରି ରହିଥିବା ବେଳେ ପାଣି ଆସୁଥିବା ନଦୀ ବା ନାଳର ସ୍ଥିତାବସ୍ଥା ଉପରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ଅପରପକ୍ଷେ ଘୋଡ଼ାହାଡ଼ ଓ ବାଘଲଟି ଜଳଭଣ୍ଡାରରେ ବିଗତ ଦୁଇବର୍ଷ ହେବ ସ୍ଥିତି ବେଶ ଚିନ୍ତାଜନକ ସ୍ଥିତିରେ ରହିଛି। ଏଠାରୁ ଅନେକ ଅଞ୍ଚଳକୁ ପାନୀୟଜଳ ଯୋଗାଣ ଲାଗି ସରକାର ଉଦ୍ୟମ ମଧ୍ୟ କରୁଛନ୍ତି। କିନ୍ତୁ ଆବଶ୍ୟକ ପରିମାଣର ବର୍ଷା ନ ହେବା ଓ ପାଣି ପରିପୂର୍ଣ୍ଣ ହେଉନଥିବା ଯୋଗୁଁ ଏହି ପ୍ରକଳ୍ପ ଗୁଡ଼ିକ କେତେଦୂର ସଫଳ ହେବ ସେନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଯଦି ମୂଳ ରେଞ୍ଜରେ ବର୍ଷା ନହୁଏ ଏହି ଡ୍ୟାମ ଗୁଡ଼ିକ ପୂର୍ବପରି ଶୁଖିଲା ସ୍ଥିତିରେ ରହିବା ଏପ୍ରକାର ଥୟ ହୋଇଛି। ଏଥିଦ୍ୱାରା ଭୂତଳ ଜଳସ୍ତର ଓ ରବି ଚାଷ ମଧ୍ୟ ପ୍ରଭାବିତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

ଗୋପାଳପୁର ଗଣଦୁଷ୍କର୍ମ ମାମଲା

# ଜବତ ନମୁନାକୁ ନେଇ କୋର୍ଟରେ ପହଞ୍ଚିଲା କ୍ରାଇମ୍‌ବ୍ରାଞ୍ଚ

ବ୍ରହ୍ମପୁର,୩୧।୭ (ସମିସ)

ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଟିମ୍ ଘଟଣାରେ ଜବତ କରିଥିବା ବିଭିନ୍ନ ନମୂନାକୁ ନେଇ ଗୁରୁବାର କୋର୍ଟରେ ଦାଖଲ କରିଥିବା ଜଣାପଡିଛି। ଗତ ଜୁନ ୧୫ରେ ଜଣେ ଯୁକ୍ତ ୩ ଛାତ୍ରୀଙ୍କୁ ବେଳାଭୂମିରେ ଗଣଦୁଷ୍କର୍ମ ହୋଇଥିଲା। ଏହି ମାମଲାରେ କ୍ରାଇମବ୍ରାଞ୍ଚ ୯ ଜଣ ଅଭିଯୁକ୍ତକୁ ଅଭିଯୁକ୍ତ ଦର୍ଶାଇ ଗତ ୨୮ ତାରିଖରେ କୋର୍ଟରେ ୫୭୪ପୃଷ୍ଠାର ଚାର୍ଜସିଟ ଦାଖଲ କରିଥିଲା। ଜବତ ନମୂନା ଗୁଡ଼ିକୁ ମାଲଖାନାରେ ଗଚ୍ଛିତ ରଖିବାକୁ କ୍ରାଇମପ୍ରାଞ୍ଚ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିବା ଜଣାପଡିଛି। ଏହି ମାମଲାର ବିଚାରଣା ଆରମ୍ଭ ହେଲେ ମାଲଖାନାରୁ ସଂଗୃହୀତ ନମୂନାକୁ ନେଇ କ୍ରାଇମବ୍ରାଞ୍ଚ ଡିଏସ୍‌ପି ତଥା ଘଟଣାର ତଦନ୍ତକାରୀ ଅଧିକାରୀ ସରିତା ମହାପାତ୍ର କୋର୍ଟରେ ଉପସ୍ଥାପନ କରିବେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଚୂଡ଼ାନ୍ତ ଚାର୍ଜସିଟ ଦାଖଲ କରିସାରିଥିବା ବେଳେ ଖୁବଶୀଘ୍ର ଚାର୍ଜଫ୍ରେମ ହେବ ଏବଂ ସେଥିପାଇଁ ଆବଶ୍ୟକ ସମସ୍ତ ପ୍ରକ୍ରିୟା ଜାରି ରହିଥିବା ଜଣାପଡିଛି। ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ କ୍ରାଇମବ୍ରାଞ୍ଚ ସମସ୍ତ ତଥ୍ୟ ସଂଗ୍ରହ କରିଛି। ତେବେ ବିଚାରଣା ବେଳେ କୋର୍ଟଙ୍କ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ କିପ୍ରକାରର ବଳିଷ୍ଠ ତଥ୍ୟ ଦାଖଲ କରୁଛି ତାହାହିଁ ମାମଲାର ଚୂଡ଼ାନ୍ତ ରାୟରୁ ସ୍ପଷ୍ଟ ହେବ ବୋଲି ବୃଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏହି ମାମଲାରେ ମୋଟ ୧୦ଜଣ ଗିରଫ ହୋଇ ବର୍ତ୍ତମାନ ଜେଲରେ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ କ୍ରାଇମବ୍ରାଞ୍ଚ ୯ଜଣଙ୍କୁ ଏହି ମାମଲାର ଅଭିଯୁକ୍ତ ଦର୍ଶାଇଥିବା ବେଳେ ଜଣଙ୍କୁ ଚାର୍ଜସିଟରେ ବାଦ୍ ଦେଇଥିବା ଜଣାପଡିଛି।

● ଗଞ୍ଜେଇ ଚୋରାଚାଲାଣ ମାମଲା

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର,୩୧।୭ (ସମିସ):** ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରି ଗଞ୍ଜାମ ଜିଲ୍ଲା ଦୌରାଜଜ୍ ଡ଼.ଭାଗ୍ୟଲକ୍ଷ୍ମୀ ରଥ ଅଭିଯୁକ୍ତ ସନ୍ତୋଷ ବିଶୋଇଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୨୪ ଅଗଷ୍ଟ ୧୮ରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ବିଭାଗ ସନ୍ତୋଷଙ୍କଠାରୁ ଏକ ଜରି ବ୍ୟାଗରେ ୮କିଲୋ ଗଞ୍ଜେଇ ଜବତ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାରଣା ବେଳେ ମୋଟ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ଗୁରୁବାର ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ସନ୍ତୋଷଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ମନୋଜ ପଟ୍ଟନାୟକ ଏହି ମାମଲାର ପରିଚାଳନା କରୁଥିବା ବେଳେ ଚନ୍ଦ୍ରଗୁପ୍ତ ପଟ୍ଟନାୟକ ଓ ନଦିଆ ଚାନ୍ଦ ବିଶ୍ୱାଳ ତାଙ୍କୁ ସହଯୋଗ କରୁଥିଲେ।

■ ପୁଲିସ ସ୍କାନରରେ ଫେରାର 'ଶିବା'

# ସହରରେ ବଢ଼ୁଛି ବାଇକ୍ ଚୋରି

**ବ୍ରହ୍ମପୁର,୩୧।୭ (ସମିସ):** ସ୍ଥାନୀୟ ଆଙ୍କୁଲି ବୃନ୍ଦାବନନଗର ନିବାସୀ କଲ୍ୟାଣ ଚୌଧୁରୀଙ୍କ ଘର ନିକଟରୁ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ' ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଦିନକୁ ଦିନ ବାଇକ୍ ଚୋରି ମାମଲା ବୃଦ୍ଧି ପାଇବାରେ ଲାଗିଛି। ସେପଟେ ଗତ ୨୫ତାରିଖରେ ସହର ଓ ଉପକଣ୍ଠର ବିଭିନ୍ନ ସ୍ଥାନରୁ ବହୁ ଗାଡ଼ି ଚୋରି ଅଭିଯୋଗରେ ଗୋପାଳପୁର ପୁଲିସ ଶୀତଳାପଲ୍ଲୀ ଗ୍ରାମର ସୁଶାନ୍ତ ସେଠୀକୁ ଗିରଫ କରିଥିବା ବେଳେ ତା ନିକଟରୁ ୧୩ଟି ଚୋରା ବାଇକ୍ ଜବତ କରିଥିଲା। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋକର୍ଣ୍ଣପୁର ଗ୍ରାମର ଏଲ୍. ଶିବା ରେଡ଼ି ପୁଲିସ ସ୍କାନରରେ ରହିଛି। ମାତ୍ର ଶିବା ଓ ତାର ସହଯୋଗୀ ବିଭିନ୍ନ ସ୍ଥାନରୁ ନିୟମିତ ବ୍ୟବଧାନରେ ବାଇକ୍ ଚୋରି କରିବାରେ ସଫଳ ହେଉଛନ୍ତି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଲୁଟେରା ବୃନ୍ଦାବନନଗରରୁ ବାଇକ୍ ଚୋରି କରିନେଉଥିବା ସିସିଟିଭିରେ କଏଦ ହୋଇଛି। ଫୁଟେଜକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି।



# ଗଞ୍ଜାମ ଓକିଲ ସଂଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୩୧।୭ (ସମିସ)



ଗଞ୍ଜାମ ଓକିଲ ସଂଘର ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସନ୍ ଆଣ୍ଡ ନିଲ୍ ଫାଉଣ୍ଡେସନ, ଶଙ୍କର ଚକ୍ଷୁ ଚିକିତ୍ସାଳୟ ଓ ନାଓମି ହେଲଥ୍ କେୟାର ସଂସ୍ଥା ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଆଇନଜୀବୀଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା ଓ ପରାମର୍ଶ, ରକ୍ତଚାପ, ମଧୁମେହ, ଇସିଜି ଏବଂ ପିଏମଟି ଆଦି ବିଭିନ୍ନ ପରୀକ୍ଷା କରାଯାଇଥିଲା। ଶିବିରରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଚିକିତ୍ସା ପରାମର୍ଶ ଗ୍ରହଣ କରିଥିଲେ। ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଟି. ଭେଙ୍କେଟ ରାଓ, ଉପସଭାପତି ଟି.କେ ରେଡ୍ଡୀ, ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସଙ୍କ ସ୍ମୃତିରେ ଶ୍ରାବଣୀ ସନ୍ଧ୍ୟା



ବ୍ରହ୍ମପୁର,୩୧।୭ (ସମିସ)

ଗଞ୍ଜାମ କଳା ପରିଷଦରେ ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ଶ୍ରୀକାନ୍ତ ଦାସଙ୍କ ସ୍ମୃତିରେ ମାସିକ ସଂଗୀତ ଆସର ଶ୍ରାବଣୀ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଉପସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ। ସାଧାରଣ ସମ୍ପାଦକ ଇଂ. ଅପୂର୍ବ ପଟ୍ଟନାୟକ, ଉପଦେଷ୍ଟା ଦେବେନ୍ଦ୍ର ନନ୍ଦ, ସମ୍ପାଦକ ଇଂ. ଅଭୟେନ୍ଦୁ ଶେଖର ପଟ୍ଟନାୟକ, କୋଷାଧ୍ୟକ୍ଷ ଗଗନ ଚାନ୍ଦ ପଟ୍ଟନାୟକ, ସୁବୋଧ ପଟ୍ଟନାୟକ, ରବି ନାରାୟଣ ବେହେରା, ସୁଧାଞ୍ଜଳି ମିଶ୍ର, ଗିରିଜା ଶତପଥୀ, ସନ୍ଦୀପ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ସେହିପରି ଗୁରୁ ନୀଳାଞ୍ଚଳ ବେହେରା, ମାଧବ ପାତ୍ର, ନାରାୟଣ ନାହାକ, ବିଶିଷ୍ଟ କଣ୍ଠଶିଳ୍ପୀ ଅଶ୍ୱିନୀ ମହାପାତ୍ର, ଭବାନୀ ଚରଣ ମିଶ୍ର, ଶୁଭ୍ର ସୌରଭ, ଲକ୍ଷ୍ମୀ ପ୍ରିୟା ସେନାପତି, ବାସୁଦେବ ରଥ, ଲୋକ ସମ୍ପର୍କ ସମ୍ପାଦକ ଇଂ. ଅମୀୟ ତ୍ରିପାଠୀ, ସାମ୍ବାଦିକ ସୁଦୀପ୍ତ ସାହୁ ଓ ଅନୁଷ୍ଠାନର ଛାତ୍ରଛାତ୍ରୀ କଣ୍ଠ ସଂଗୀତ ପରିବେଷଣ କରିବା ସହ ସଂଗୀତ ଗାନ କରିଥିଲେ।

ଏମ୍‌କେସିଜି ମେଡିକାଲରେ ଆର୍‌ଡିସି କର୍ମଚାରୀଙ୍କ ମନମାନି

# ଅସ୍ପଷ୍ଟ ଟେଷ୍ଟିଂ ରିପୋର୍ଟ ପାଇଁ ବିରକ୍ତ ହେଉଛନ୍ତି ଚିକିତ୍ସକ

ବ୍ରହ୍ମପୁର,୩୧।୭ (ସମିସ)



ଏମକେସିଜି ମେଡିକାଲର ବିଭିନ୍ନ ବିଭାଗରେ ରୋଗୀଙ୍କ ଚିକିତ୍ସାରେ ଅବହେଳା ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ଡାକ୍ତରଖାନାର ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର (ଆରଡ଼ିସି)ରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଛି। କେନ୍ଦ୍ର ପକ୍ଷରୁ ପ୍ରଦାନ କରାଯାଉଥିବା ରୋଗୀଙ୍କ ବିଭିନ୍ନ ଟେଷ୍ଟିଂ ରିପୋର୍ଟ ସ୍ପଷ୍ଟ ରହୁନଥିବାରୁ ଡାକ୍ତର ବିରକ୍ତ ହେଉଛନ୍ତି। ରୋଗୀଙ୍କ ରକ୍ତନମୂନା ପରୀକ୍ଷା କରି କେନ୍ଦ୍ର ପକ୍ଷରୁ ଯେଉଁ ରିପୋର୍ଟ ଦିଆଯାଉଛି ସେଥିରେ ବିଭିନ୍ନ ପରୀକ୍ଷାର ମାନ ସହ ଫଳାଫଳ ସ୍ପଷ୍ଟ ଦୃଶ୍ୟମାନ ହେଉନାହିଁ। ଯାହାକୁ ନେଇ ଡାକ୍ତରମାନେ ବିରକ୍ତି ହେଉଥିବା ବେଳେ ରୋଗୀମାନେ ମଧ୍ୟ ଆରଡ଼ିସିରେ ଏନେଇ ବାରମ୍ବାର ଅଭିଯୋଗ କରୁଛନ୍ତି। ତଥାପି ସମସ୍ୟାର ସମାଧାନ ହେଉନାହିଁ।

ଏମ୍‌କେସିଜି ମେଡିକାଲକୁ ଦୈନିକ ହଜାର ହଜାର ସଂଖ୍ୟାରେ ରୋଗୀ ଆସୁଥିବାବେଳେ ଏପରି ଟେଷ୍ଟିଂ ରିପୋର୍ଟକୁ ନେଇ ହଇରାଣ ହେଉଛନ୍ତି। ରକ୍ତନମୁନା ସଂଗ୍ରହ, ପଞ୍ଜିକରଣ ଓ ରିପୋର୍ଟ ପ୍ରଦାନ ନିମନ୍ତେ ମେଡ଼ିକାଲ ପକ୍ଷରୁ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆରଡିସିରେ ନିଜର ରକ୍ତନମୁନା ପ୍ରଦାନ କରିବା ପରେ ଉକ୍ତ ସଂସ୍ଥା ପକ୍ଷରୁ ରୋଗୀଙ୍କୁ ଏକ ରିକ୍ୟୁଜିସନ ସ୍ଲିପ ଦିଆଯାଇଥାଏ। ସେଥିରେ ରୋଗୀଙ୍କ ନାମ, ଲିଙ୍ଗ, ଠିକଣା, ବିଭାଗ ସମେତ ନମୂନା ସଂଗ୍ରହ ନମ୍ବର ରହିଥାଏ। ନମୂନା ସଂଗ୍ରହର କିଛିଘଣ୍ଟା ପରେ ଉକ୍ତ ରିକ୍ୟୁଜିସନ ସ୍ଲିପ ଦେଖାଇ ରୋଗୀ ନିଜର ରିପୋର୍ଟ ପାଇଥାନ୍ତି। ତେବେ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଥିବା ରିକ୍ୟୁଜିସନ ସ୍ଲିପ ଓ ରିପୋର୍ଟ ସଠିକ ଭାବେ ପ୍ରିଣ୍ଟିଂ ହେଉନଥିବା ଦେଖିବାକୁ ମିଳିଛି। ଫଳରେ ରୋଗୀଙ୍କ ନାମ ସମେତ ବିଭିନ୍ନ ପରୀକ୍ଷାର ମାନ ଓ ଫଳାଫଳ ସ୍ପଷ୍ଟ ଦେଖାଯାଉ ନାହିଁ। ଉକ୍ତ ରିପୋର୍ଟକୁ ନେଇ ଯେତେବେଳେ ରୋଗୀ ଡ଼ାକ୍ତରଙ୍କ ପାଖକୁ ଯାଉଛନ୍ତି ଡାକ୍ତର ବିରକ୍ତ ହେଉଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ରୋଗୀଙ୍କ ଚିକିତ୍ସାରେ ଅବହେଳା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ମେଡିକାଲ ପରିଚାଳନା କ୍ଷେତ୍ରରେ ମାସିକ କୋଟିଏରୁ ଅଧିକ ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଥିବା ବେଳେ ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଜରୁରୀ ରିପୋର୍ଟ ସଠିକ ଭାବେ ପ୍ରିଣ୍ଟିଂ ନହେବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଗୋଟିଏ ପକ୍ଷରେ ରୋଗୀଙ୍କ ଅଭିଯୋଗକୁ ଆରଡିସି ପକ୍ଷରୁ ଅଣଦେଖା କରାଯାଉଥିବା ବେଳେ ଅନ୍ୟପକ୍ଷରେ ରିପୋର୍ଟ ପ୍ରଦାନ କରୁଥିବା ସଂସ୍ଥା ରୋଗୀଙ୍କ ରିପୋର୍ଟକୁ ଖାମଖିଆଲି ଭାବେ ଗ୍ରହଣ କରୁଥିବା ଅଭିଯୋଗ ହୋଇଛି। ତେଣୁ ଏଥିପ୍ରତି ମେଡ଼ିକାଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

**ରୋଗୀଙ୍କ ରିପୋର୍ଟକୁ ଖାମଖିଆଲ ଭାବେ ନେଉଛନ୍ତି ଠିକାସଂସ୍ଥା**

# ଏସି ଚୋରକୁ କାବୁକଲେ ଏମ୍‌କେସିଜି କର୍ମଚାରୀ

**ବ୍ରହ୍ମପୁର,୩୧।୭ (ସମିସ):** ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରୁ ଏକାଧିକ ଏସିର ଆଉଟଡୋର ୟୁନିଟ ଓ ତମ୍ବା ତାର ଚୋରି କରିଥିବା ଜଣେ ଯୁବକକୁ କର୍ମଚାରୀମାନେ କାବୁ କରି ପୁଲିସ ଜିମା ଦେଇଛନ୍ତି। ସେ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ବୁରୁପଡ଼ାର ପ୍ରମୋଦ କୁମାର ସେଠୀ(୩୧)। କିଛିଦିନ ହେବ ଏମକେସିଜି ମେଡିକାଲର ବିଭିନ୍ନ ସ୍ଥାନରେ ଲାଗିଥିବା ଏସିର ଆଉଟଡୋର ୟୁନିଟ ଓ ତମ୍ବା ତାର ଚୋରି ହେଉଥିଲା। ଏନେଇ ଏମ୍‌କେସିଜିର ଅଧ୍ୟକ୍ଷା ପ୍ରଫେସର ଡା. ସୁଚିତ୍ରା ଦାସ ବୈଦ୍ୟନାଥପୁର ଥାନାରେ ମଧ୍ୟ ଅଭିଯୋଗ କରିଥିଲେ। ଆଜି ଅପରାହ୍ନରେ ମେଡିକାଲ କଲେଜରେ ଥିବା ଆନାଟୋମି ବିଭାଗ ଛାତ ଉପରେ ଚଢ଼ି ଅଭିଯୁକ୍ତ ପ୍ରମୋଦ ଏସି ସାମାଗ୍ରୀ ଖୋଲୁଥିବା ବେଳେ କର୍ମଚାରୀ କାବୁକରି ପୁଲିସ ଜିମା ଦେଇଥିଲେ।

କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧

ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ। ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି।

# ବିଜୁ ଯୁବ ଓ ଛାତ୍ର ଜନତା ଦଳର ବୈଠକ



**ଆସିକା,୩୧।୭ (ସମିସ):** ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ସହ ରାଜ୍ୟ ବିଜେପି ସରକାର ଶାସନରେ ମହିଳାଙ୍କ ପ୍ରତି ଅତ୍ୟାଚାର, କଲେଜ ଛାତ୍ରୀ ସୌମ୍ୟଶ୍ରୀଙ୍କୁ ନ୍ୟାୟପ୍ରଦାନ, ବଲଙ୍ଗା ଛାତ୍ରୀ ପୋଡ଼ି ଘଟଣା, ଯୁବତୀଙ୍କୁ ଦୁଷ୍କର୍ମ, ଅପହରଣ ବିରୋଧରେ ଏବଂ ଗୋପାଳପୁର ବେଳାଭୂମି ଠାରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ପ୍ରତିବାଦରେ ଆସନ୍ତା ସୋମବାର ଓ ଅଗଷ୍ଟ ୧୪ ଦିନ ଆସିକା ପୋଷ୍ଟ ଅଫିସରେ ଶତାଧିକ ଛାତ୍ରଛାତ୍ରୀ ଓ ଯୁବଛାତ୍ର ଖୋଲା ଚିଠି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇବେ। ସୋମବାର ଯୁବ ଛାତ୍ରଙ୍କ ସ୍ମାରକପତ୍ର ସ୍ଥାନୀୟ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯିବ। ଏଥିପାଇଁ ଆସିକା ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ସମସ୍ତ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେଡି ନେତା ତଥା ଗଞ୍ଜାମ ଜୋନ ସଭାପତି ନଚିକେତା ସ୍ୱାଇଁଙ୍କ ସଭାପତତ୍ୱରେ ଯୁବ ଛାତ୍ର ତଥା ଜିଲ୍ଲା ପରିଷଦ ସଭ୍ୟ ବି.ମନୋଜ କୁମାର ଦୋରାଙ୍କ ସଂଯୋଜନାରେ ଆସିକା କଳିଙ୍ଗ ରୋଡରେ ଥିବା ବିଜେଡି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୁବ ଛାତ୍ର ଜୟସେନ ସ୍ୱାଇଁ, ବିମଳ ପ୍ରଧାନ, ଜିତେନ୍ଦ୍ର ମହାରଣା, ନିଗମାନନ୍ଦ ରାଉତ, ନୀଳାଞ୍ଚଳ ମଣ୍ଡଳ, ଅନନ୍ତ ଭଞ୍ଜ, କାହ୍ନୁଚରଣ ଦଳାଇ, ଶ୍ୱେତବସନ୍ତ ଲେଙ୍କା, ନରେନ୍ଦ୍ର ନାହାକ, ଟୁକୁନା ନାହାକ, ସାଗର ପାତ୍ର, ସଂଜୀବ ମହାରଣା, କେଶବ ଦାଶ, ନୀଳାଞ୍ଚଳ ମହାରଣା, ରବିନ ପାତ୍ର, ପ୍ରଦୀପ ମୁନୀ, ପ୍ରଣବ ପାଢ଼ୀ, ଉଦିତ ପାଢ଼ୀ, ସୀମାଞ୍ଚଳ ସ୍ୱାଇଁ, ମିଟୁ ନାହାକ, ପୂର୍ଣ୍ଣ ଗୌଡ଼, ଭଗବାନ ବିଶ୍ୱାଳ, ଟୁନା ନାହାକ, ଶିବଶଙ୍କର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ଆର୍ଯ୍ୟପଲ୍ଲୀ ବେଳାଭୂମିରେ କୂଳ ଲଂଘିଲା ସମୁଦ୍ର

**ଛତ୍ରପୁର ୩୧।୭ (ସମିସ)**



ସେଡ୍ ସହ ରାସ୍ତା ଧୋଇନେଲା

ଦିନକୁ ଦିନ କୂଳ ଲଙ୍ଘିବାରେ ଲାଗିଛି ଆର୍ଯ୍ୟପଲ୍ଲୀ ସମୁଦ୍ର। ପୂର୍ବରୁ ଆର୍ଯ୍ୟପଲ୍ଲୀ ଗ୍ରାମଟି ସମୁଦ୍ର ଠାରୁ ୫ କିମି ଦୂରରେ ରହିଥିବା ବେଳେ ବର୍ତ୍ତମାନ ତାହା ୫୦ ମିଟର ଦୂରରେ ରହିଛି। ଦିନକୁ ଦିନ ସମୁଦ୍ର ଜୁଆର ମାଡ଼ି ଆସୁଛି ଜନବସତି ଆଡ଼କୁ। ବୁଧବାର ରାତିରେ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି ଏକ ସେଡ୍। ଏହା ସହ କେ. ଆର୍ଯ୍ୟପଲ୍ଲୀ ଠାରୁ ମେରାଇନ ରାସ୍ତାର ଅର୍ଦ୍ଧେକ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଭୟଭୀତ ଅବସ୍ଥାରେ ରହିଛନ୍ତି ଆର୍ଯ୍ୟପଲ୍ଲୀ ଗ୍ରାମବାସିନ୍ଦା।

ସମୁଦ୍ର ଉପକୂଳ ଅଂଚଳରେ ଥିବା ଆର୍ଯ୍ୟପଲ୍ଲୀ ଗ୍ରାମଟି ସମୁଦ୍ର ଗର୍ଭରେ ଲୀନ ହୋଇଯିବାର ଆଶଙ୍କାରେ ଗ୍ରାମବାସୀ ଭୟଭୀତ। ପୂର୍ବରୁ ସମୁଦ୍ର କୂଳରେ ଥିବା ବିଭିନ୍ନ ଛୋଟ ଛୋଟ ମନ୍ଦିର ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବା ବେଳେ ଏବେ ଏକ ସେଡ୍ ସହ ରାସ୍ତା ସମୁଦ୍ର କୂଳରେ ଲୀନ ହୋଇଯାଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଜିଲ୍ଲା ପ୍ରଶାସନକୁ ଦାବି କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହି ଦାବି ନେଇ ପୂର୍ବରୁ ଜିଲ୍ଲାର ସମୁଦ୍ର କୂଳରେ ରହିଥିବା ସୋନପୁର ଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ସମସ୍ତ ଗ୍ରାମବାସୀ ମାନେ ଆନ୍ଦୋଳନ ମଧ୍ୟ କରିଥିଲେ। ହେଲେ କୌଣସି ସୁଫଳ ମିଳିପାରିନଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଗୁରୁବାର ରାସ୍ତା ଓ ସେଡ୍‌ଟି ସମୁଦ୍ର ଗର୍ଭରେ ଲୀନ ହୋଇଯିବା ପରେ ଯୁଦ୍ଧକାଳୀନ ପରିସ୍ଥିତିରେ ପଥରବନ୍ଧ ନିର୍ମାଣ ଚାଲିଥିବା ବେଳେ ଏହା ପର୍ଯ୍ୟାପ୍ତ ହୋଇନଥିବା ଗ୍ରାମବାସୀ କହିଛନ୍ତି। ଏଣୁ ଯଥାଶୀଘ୍ର ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଆୟର୍ଯ୍ୟପଲ୍ଲୀ ଗ୍ରାମଟି ଭାରତ ମାନଚିତ୍ରରୁ ଉଭେଇ ଯିବ ବୋଲି ମଧ୍ୟ ଗ୍ରାମବାସୀ କହିଛନ୍ତି।

ଶିକ୍ଷକ ପଦବୀ ପୂରଣ ଦାବି

# ସ୍କୁଲ ଆଗରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ



**ଆସିକା,୩୧।୭ (ସମିସ):** ରାଜ୍ୟରେ ସରକାର ବଦଳିବା ପରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲାଣି। ଯାହା ଆସିକା ବ୍ଲକରେ ଘଟିଥିବା ଏହି ଘଟଣାରୁ ସ୍ପଷ୍ଟ। ଆସିକା ବ୍ଲକର ସିଦ୍ଧନଇ ପଞ୍ଚାୟତର ସିଦ୍ଧନଇ ହାଇସ୍କୁଲରେ ନବମ ଓ ଦଶମ ଦୁଇଟି କ୍ଲାସରେ ୫୭ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ପ୍ରଧାନ ଶିକ୍ଷକଙ୍କୁ ମିଶାଇ ମୋଟ ୪ ଜଣ ଶିକ୍ଷକ ଥିବା ବେଳେ ସେଥିମଧ୍ୟରୁ ଜଣେ ଶିକ୍ଷକ ଡେପୁଟେସନରେ ଯାଇଛନ୍ତି। ମୋଟ ୩ ଜଣ ଶିକ୍ଷକରେ କିପରି ଶିକ୍ଷାଦାନ ହେଉଥିବା ତାହା ସହଜେ ଅନୁମେୟ। ଏହା ଭିତରେ ଚଳିତ ବର୍ଷଠାରୁ ରାଜ୍ୟ ସରକାର ହାଇସ୍କୁଲ ମାନଙ୍କରେ ମଧ୍ୟ ମଧ୍ୟାହ୍ନ ଭୋଜନ ଯୋଜନା କରିଛନ୍ତି। ଶିକ୍ଷକମାନେ ମଧ୍ୟାହ୍ନ ଭୋଜନ କଥା ବୁଝିବେ ନା ଶିକ୍ଷାଦାନ କରିବେ ଏବେ ଚିନ୍ତାରେ।ପ୍ରତିବାଦରେ ଛାତ୍ରଛାତ୍ରୀ ଓ ଅଭିଭାବକ ଗୁରୁବାର ମୁଖ୍ୟ ଗେଟ୍ ଆଗରେ ବିକ୍ଷୋଭ କରିବା ସହ ଡେପୁଟେସନ ଶିକ୍ଷକଙ୍କୁ ତୁରନ୍ତ ଫେରାଇ ଆଣିବାକୁ ଦାବି କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂ ନନ୍ଦନ ପଣ୍ଡା ପହଞ୍ଚି ବିକ୍ଷୋଭକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ସହ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ହଟିଥିଲା। ଅନ୍ୟପଟେ ବୁଧବାର ସିଦ୍ଧନଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ନନ୍ଦ କୁମାର ବିଷୋୟୀଙ୍କ ସମେତ ପରିଚାଳନା କମିଟି ସଭାପତି ଏବଂ ପାଞ୍ଚ ଜଣ କମିଟି ସଦସ୍ୟ ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନୁ ରାଣୀ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ତାରାତାରିଣୀରେ ଏନ୍‌ଡିଆର୍‌ଏଫ୍‌ର ମକ୍‌ଡ୍ରିଲ୍

**ପୁରୁଷୋତ୍ତମପୁର,୩୧।୭ (ସମିସ):** ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ଗୁରୁବାର ତୃତୀୟ ବାଟାଲିୟନ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି।



କଟକ ମୁଣ୍ଡୁଳିରେ ଥିବା ତୃତୀୟ ବାଟାଲିୟନ ଏନ୍‌ଡିଆର୍‌ଏଫ୍ ଟିମ୍‌ର ଡେପୁଟି କମାଣ୍ଡର ପ୍ରବୀଣ ଚୌହ୍ୱାନଙ୍କ ସହ ବହୁ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ତାରାତାରିଣୀ ମନ୍ଦିରକୁ ଯାଇଥିବା ରୋପ୍‌ୱେରେ କେହି ଫସିଲେ କିଭଳି ଉଦ୍ଧାର କରାଯିବ ସେ ନେଇ ମକ୍‌ଡ୍ରିଲ କରାଯାଇଥିଲା। ଏହି ମକଡ୍ରିଲରେ ପୁରୁଷୋତ୍ତମପୁର ଅଗ୍ନିଶମ ବିଭାଗ କର୍ମଚାରୀ ଓ ରୋପୱେ କର୍ମଚାରୀ ସାମିଲ ଥିଲେ। କାର୍ଯ୍ୟକ୍ରମରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ଅଗ୍ନିଶମ ଅଧିକାରୀ ଆଲୋକ ଦଳାଇ, ରାଇପୁର ସରପଞ୍ଚ ନମିତା ବେହେରା, ଗ୍ରାମ ସେବକ କେଶବ ଗୌଡ଼ଙ୍କ ସହ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୈଠକ

**ବେଲଗୁଣ୍ଠା,୩୧।୭ (ସମିସ):** ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ସମସ୍ତ ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ- ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ବାଲିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନା କୁମାରୀ ଖଡ୍ଗରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ 'ଆସ ସ୍କୁଲ୍ ଯିବା' ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଛାତ୍ରଛାତ୍ରୀଙ୍କ ପାଇଁ ନିରାପଦ ପରିବେଶ୍ ସୃଷ୍ଟି ଏବଂ ବାଳିକା ମାନଙ୍କ ସୁରକ୍ଷା ନିମନ୍ତେ ସଚେତନ କରିଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ମହାନ୍ତି ମାଆ ପାଇଁ ଗଛଟିଏ, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି-୨୦୨୫ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଅନୁସୂୟା ଦାଶ ଏବଂ ପ୍ରଜ୍ଞା ପ୍ରିୟଦର୍ଶିନୀ ମଞ୍ଚ ପରିଚାଳନା କରିଥିବା ବେଳେ ଜ୍ୟୋସ୍ନା କୁମାରୀ ସେଠୀ ଓ ଇତିଶ୍ରୀ ମହାପାତ୍ର ସହଯୋଗ କରିଥିଲେ।

# ସିଡିଏମ୍‌ଓଙ୍କ ଖଣ୍ଡଦେଉଳି ମେଡିକାଲ ପରିଦର୍ଶନ

**ଗଞ୍ଜାମ,୩୧।୭ (ସମିସ):** ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ରମ୍ଭା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଅଚାନକ ପରିଦର୍ଶନରେ ଆସି ଭିତ୍ତିଭୂମି ସହ ରୋଗୀଙ୍କ ସମସ୍ୟା ପଚାରି ବୁଝିଛନ୍ତି ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସୁଶାନ୍ତ ନାୟକ।



ପରିଦର୍ଶନ ବେଳେ ସାଙ୍ଗରେ ଥିଲେ ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ବୁଲୁନାଥ ସାହୁ ଏବଂ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ଼ା. ସ୍ୟୋମ୍ୟକାନ୍ତ ମହାପାତ୍ର। ଶ୍ରୀ ନାୟକ ସନ୍ଧ୍ୟାରେ ମେଡିକାଲରେ ପହଞ୍ଚି ରୋଗୀଙ୍କୁ ମେଡ଼ିକାଲର ସୁବିଧା ଅସୁବିଧା ସମ୍ବନ୍ଧରେ ପଚାରି ବୁଝିଥିଲେ। ତାପରେ ମେଡ଼ିକାଲ ପରିସରରେ ଥିବା ଗ୍ରୀନ ପାର୍କ ଦେଖି ଖୁସିବ୍ୟକ୍ତ କରିବା ସହ ଅନ୍ତଃବିଭାଗ ଓ ବର୍ହିବିଭାଗ ନୂତନ କୋଠା ନିର୍ମାଣ ସତ୍ତ୍ୱେ କାହିଁକି ମେଡ଼ିକାଲକୁ ହସ୍ତାନ୍ତର କରାଯାଇନି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଆଶାଦିଦିଙ୍କ ସହ ଆଲୋଚନା ବେଳେ ତାଙ୍କ ପାଇଁ ବିଶ୍ରାମ ଗୃହ ନଥିବା ଜାଣି ଶୀଘ୍ର ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କ୍ୱାର୍ଟର୍ସ ବିପଦସଂକୁଳ ଥିବା ଦେଖି ତୁରନ୍ତ କୌଣସି ପାଣ୍ଠିରୁ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସୁଶାନ୍ତ ନାୟକ। ଗୁରୁବାର ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୫ଜଣ ଗର୍ଭବତୀ ପ୍ରସବ କରିଥିଲେ। ଶ୍ରୀ ନାୟକ ସେହି ମହିଳାଙ୍କ ସହ କଥା ହୋଇଥିଲେ। ଶେଷରେ ଅଧୀକ୍ଷକଙ୍କ ଓ ତାଙ୍କ ଟିମ୍‌କୁ ସାଧୁବାଦ ଜଣାଇଥିଲେ।

# ଦୁଇ ଟ୍ରକ୍‌କୁ ୧.୧୬ ଲକ୍ଷ ଟଙ୍କା ଜରିମାନା

**ଛତ୍ରପୁର,୩୧।୭ (ସମିସ):** ଗତକାଲି ବିଳମ୍ବିତ ରାତିରେ ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ଜାତୀୟ ରାଜପଥରେ ଯାଞ୍ଚବେଳେ ଦୁଇଟି ଟ୍ରକ୍ ଓଭର୍‌ଲୋଡିଂ କରି ପରିବହନ କରୁଥିବା ଧରାପଡ଼ିଥିଲା। ଫଳରେ ସେହି ଦୁଇଟି ଗାଡ଼ିକୁ ୧ ଲକ୍ଷ ୧୬ ହଜାର ୪ଶହ ଟଙ୍କାର ଫାଇନ ପକାଯାଇଛି। ନଂ.ଏପି୩୯ୟୁସି-୭୮୫୬ ଟ୍ରକ୍‌କୁ ୬୫ହଜାର ୫୨୦ଟଙ୍କା ଓ ଏପି୩୯ଭିଏ-୨୩୪୭ ଟ୍ରକ୍‌କୁ ୫୦ ହଜାର ୮୮୦ ଟଙ୍କା ଫାଇନ୍ ପକାଯାଇଥିବା ଏମ୍‌ଭିଆଇ ଇ. ରବୀନ୍ଦ୍ର ନାଥ ଜେନା କହିଥିଲେ। ଆଜି ଗଞ୍ଜାମ ପରିବହନ କାର୍ଯ୍ୟାଳୟରେ ସେମାନଙ୍କ ଫାଇନ ବାନ୍ଧିଥିବା ଆଞ୍ଚଳିକ ପରିବହନ ଅଧିକାରୀ ମାନସ ସାହୁ କହିଛନ୍ତି ଏବଂ ଏହି ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବା ସହ ରାତ୍ର ସମୟରେ ଅଧିକ ଯାଞ୍ଚ କରାଯାଉଛି ବୋଲି କହିଥିଲେ।

# ବିଜେପି ନଗର ସଭାନେତ୍ରୀ ହେଲେ ସୁଷମା

**ଦିଗପହଣ୍ଡି,୩୧।୭ (ସମିସ):** ବିଜେପି ଦିଗପହଣ୍ଡି ନଗର ସଭାନେତ୍ରୀ ଭାବେ ସୁଷମା ଗୌଡ଼ଙ୍କୁ ନିଯୁକ୍ତ କରାଯାଇଛି। ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ଏନେଇ ଘୋଷଣା କରିଛନ୍ତି। ପୂର୍ବରୁ ସୁଷମା ବିଜେପି ଦିଗପହଣ୍ଡି ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ଓ ପରେ ବିଜେପିର ବର୍ତ୍ତମାନ ଉପସଭାନେତ୍ରୀ ଭାବେ ଦାୟିତ୍ୱରେ ରହିଥିଲେ। ଦାୟିତ୍ୱ ମିଳିବା ପରେ ସେ ରାଜ୍ୟ ଓ ଜିଲ୍ଲା ନେତୃତ୍ୱଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



# ଲକ୍ଷ୍ମୀନାରାୟଣ କଲେଜରେ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

**କୋଦଳା,୩୧।୭ (ସମିସ):** କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଷ୍ଟାର୍ଟଅପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରଘୁନାଥ ମୁଦୁଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୌଶଳ ଶିକ୍ଷା ନିମନ୍ତେ ବିଭିନ୍ନ ପଦକ୍ଷେପ ବିଷୟରେ ବର୍ଣ୍ଣନା କରାଯାଇଥିଲା। ଉପସ୍ଥାପନା ପ୍ରସ୍ତାବ ଗୁଡ଼ିକର ପରୀକ୍ଷଣ ନିମନ୍ତେ ବିଚାରକ ଭାବେ ପୁରାତନ ଛାତ୍ର ଦୁର୍ଗା ପ୍ରସାଦ ଦାଶ ଏବଂ ସ୍ଥାନୀୟ ଉଦ୍ୟୋଗୀ ଭାବେ ଦୀପକ କୁମାର ଖଟେଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସଂଯୋଜିକା ଅଧ୍ୟାପିକା ରଞ୍ଜୁବାଳା ନନ୍ଦ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମିକ ଅଧିକାରୀ ଅଧ୍ୟାପକ ବିନୋଦ କୁମାର ମିଶ୍ର, ଅଧ୍ୟାପକ ସାଗର ଚାନ୍ଦ ପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଅଧ୍ୟାପକ ସପନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁଏସ୍ ବିରୋଧରେ ଶିକ୍ଷକ ସଙ୍ଘର ଦାବିପତ୍ର



**କୁକୁଡ଼ାଖଣ୍ଡି,୩୧।୭ (ସମିସ):** କୁକୁଡାଖଣ୍ଡି ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ କୁକୁଡାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ ମହାପାତ୍ରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟର ଭିତ୍ତିଭୂମି ତଥା ଆନୁସାଙ୍ଗିକ ବ୍ୟବସ୍ଥା ନଥିବା ବେଳେ ବଳପୂର୍ବକ ଲଦି ଦିଆଯାଉଥିବା ୟୁଏସ ବ୍ୟବସ୍ଥାକୁ ସ୍ଥଗିତ ରଖିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଙ୍ଘ ସଭାପତି ଏ, ପୁଷ୍ପଲତା, ସମ୍ପାଦକ ଟି. କୋରାମଣୀ ପାତ୍ର, ଉପଦେଷ୍ଟା ସାରଥୀ ପାତ୍ରଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

■ ଅସଦାଚରଣ ନେଇ ଅଧ୍ୟାପକଙ୍କ ଗାଡ଼ି ଭଙ୍ଗାରୁଜା ଘଟଣା

# ୨ ମାମଲା ରୁଜୁ କଲା ପୁଲିସ

**ଦିଗପହଣ୍ଡି,୩୧।୭ (ସମିସ):** ଦିଗପହଣ୍ଡି ସ୍ଥିତ ଏକ କଲେଜରେ ଯୁକ୍ତଦୁଇ ଛାତ୍ରୀଙ୍କୁ ଅସଦାଚରଣ ନେଇ ଛାତ୍ରୀଜଣକ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଏକ ମାମଲା ରୁଜୁ କରିଛନ୍ତି। ସାନଖେମୁଣ୍ଡି ବ୍ଲକ ଅଧିନ ଏକ କଲେଜର ଗଣିତ ବିଭାଗ ଅଧ୍ୟାପକ ରାମ ସ୍ୱରୁପ ପାଣିଗ୍ରାହୀ ଏବଂ ଦିଗପହଣ୍ଡି ଖେମୁଣ୍ଡି ମହାବିଦ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ଦେବବ୍ରତ ସାହୁଙ୍କ ନାମରେ ଏହି ମାମଲା ରୁଜୁ ହୋଇଛି। ଛାତ୍ରୀଙ୍କ ଅଭିଯୋଗ ପ୍ରକାରେ, ଅଧ୍ୟାପକ ରାମସ୍ୱରୂପ ଏବଂ ଦେବବ୍ରତ ମିଳିତ ଭାବେ ଚଳାଉଥିବା ଦିଗପହଣ୍ଡି ପୁଞ୍ଜିକଂୟା ଛକସ୍ଥିତ ପ୍ରଗତି ଟ୍ୟୁଟୋରିଆଲକୁ ସେ ଟ୍ୟୁସନ ପାଇଁ ଯାଉଥିଲେ। ସେଠାରେ ତାଙ୍କୁ ଦେବବ୍ରତ ଅସଦାଚରଣ କରିଥିବା ବେଳେ ଅଧ୍ୟାପକ ତାଙ୍କୁ ସମର୍ଥନ କରୁଥିବା ସହ ଘଟଣା ବାହାରେ ପ୍ରକାଶ କଲେ ହତ୍ୟା ଧମକ ଦେଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ମାତ୍ର ଏଭଳି ଅଭିଯୋଗକୁ ଅଧ୍ୟାପକ ଏବଂ ଡାଟା ଏଣ୍ଟ୍ରି ଅପରେଟର ଖଣ୍ଡନ କରିଛନ୍ତି। ଛାତ୍ରୀଙ୍କ ଟ୍ୟୁସନ୍ ଦରମା ମାଗିବାରୁ ସେ ଏଭଳି ମିଥ୍ୟା ଅଭିଯୋଗ କରିଥିବା କହିଛନ୍ତି। ଅନ୍ୟପକ୍ଷରେ ବୁଧବାର ଅପରାହ୍ନରେ ଅଧ୍ୟାପକ ରାମସ୍ୱରୂପ ନିଜ କାରରେ ଦିଗପହଣ୍ଡି ଆସିବାବେଳେ ଡେଙ୍ଗାଓସ୍ତା ବ୍ୟାଙ୍କ ନିକଟରେ ଦୁଇ ଯୁବକ ତାଙ୍କ କାର୍ ଭଙ୍ଗାରୁଜା ସହ ମାଡ଼ ମାରିଥିବା ନେଇ ପାଟପୁର ଥାନାରେ ଏତଲା ଦେଇଛନ୍ତି। ଯୁବକ ଦ୍ୱୟ ହେଲେ ଶିବ ସାହୁ ଏବଂ ମିଳନ ଦୋରା। ପାଟପୁର ପୁଲିସ ଏତଲାକୁ ଭିତ୍ତିକରି ଆଉଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ସଡ଼କ ଦୁର୍ଘଟଣା କାରଣ ଓ ନିରାକରଣ ସଚେତନତା

**ଛତ୍ରପୁର,୩୧।୭ (ସମିସ):** ସ୍ଥାନୀୟ ୟୁରୋ ସ୍କୁଲ ପରିସରରେ ସ୍କୁଲର ପୃଷ୍ଠପୋଷକ ସସ୍ମିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ 'ସଡ଼କ ସୁରକ୍ଷା ପରିବାର ରକ୍ଷା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ମୋଟର ଯାନ ନିରୀକ୍ଷକ ତଥା ଏମ୍‌ଭିଆଇ ରବୀନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ଓ ନିରାକରଣ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହା ସହ ଭିଡିଓ କ୍ଲିପ୍ ମାଧ୍ୟମରେ ଶ୍ରୀ ଜେନା ଦୁର୍ଘଟଣାର କାରଣ ଓ ଏହାର କିପରି ନିରାକରଣ ସଂପର୍କରେ ସଚେତନତା ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଡକ୍ୟୁମେଣ୍ଟାରୀ ଅଧାରରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଆଗକୁ ନିଜେ ଏବଂ ନିଜର ପରିବାର ସଦସ୍ୟମାନେ କିପରି ଦୁର୍ଘଟଣାର ସମ୍ମୁଖୀନ ନ ହେବେ ସେଥିପ୍ରତି ଛାତ୍ରଛାତ୍ରୀମାନେ ପ୍ରଥମେ ସଚେତନତା ହେଲେ ସେମାନଙ୍କ ପରିବାରକୁ ସଚେତନତା କରିପାରିବେ ଏବଂ ନିଜ ନିଜ ପରିବାର ସଦସ୍ୟଙ୍କୁ ରକ୍ଷା କରିପାରିବେ ବୋଲି ଏମ୍‌ଭିଆଇ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି। ସେହିପରି ଏହି ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀଙ୍କ ପାଇଁ ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ପ୍ରତିଯୋଗିତା କରାଯାଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଶ୍ରୀ ଜେନା ପୁରସ୍କୃତ କରିଥିଲେ। ସ୍କୁଲର ଏକାଡେମୀ ନିର୍ଦ୍ଦେଶକ ପି.କେ.ମିଶ୍ର, ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ପରିବହନ ବିଭାଗର କର୍ମଚାରୀଉପସ୍ଥିତ ଥିଲେ।



ଜିଲ୍ଲାପାଳଙ୍କ ପରାମର୍ଶ

# ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ କର



**ଛତ୍ରପୁର,୩୧।୭ (ସମିସ):** ଯୁବ ଆଇଏଏସ ଅଫିସ୍‌ର ଭି. କୀର୍ତ୍ତି ଭାସନ ଗଞ୍ଜାମ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଲୋକଙ୍କ ଅଭିଯୋଗ ଗୁଡ଼ିକୁ ପ୍ରାଧାନ୍ୟ ଦେବା ସହ ମୁଖ୍ୟତଃ ଚାଷୀ ମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇଛନ୍ତି। ଏନେଇ ସ୍ଥାନୀୟ ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ରଷିକୁଲ୍ୟା ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରି ସେମାନଙ୍କ ବିଭାଗ ଅଧିନରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଉଚିତ୍ ସେବା ଯୋଗାଇଦେବା ସମସ୍ତଙ୍କ ମୁଖ୍ୟ ଲକ୍ଷ୍ୟ ହେବା ଉଚିତ୍ ବୋଲି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସ୍ୱଚ୍ଛତା ଓ ସମୟସୀମା ମଧ୍ୟରେ ଶେଷ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ବିଭାଗର ସ୍ୱତନ୍ତ୍ର ହ୍ୱାଟ୍‌ସଆପ୍ ଗ୍ରୁପ କରି ଲୋକଙ୍କ ଅଭିଯୋଗ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବା ଏବଂ ଜନ ପ୍ରତିନିଧିମାନଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଗୁଡ଼ିକ ଜନସାଧାରଣଙ୍କ ହିତ ନିମନ୍ତେ କାର୍ଯ୍ୟକାରୀ କରିବାକୁ କହିଥିଲେ। ଜିଲ୍ଲାକୁ ଡିଜିଟାଲ ଟ୍ରାନ୍ସଫରେନ୍ସି କରିବା ନିମନ୍ତେ ସମସ୍ତେ କାର୍ଯ୍ୟ କରିବାକୁ କୁହାଯାଇଛି। ଚଳିତବର୍ଷ ଅଗଷ୍ଟ ସୁଦ୍ଧା ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ଯେପରି ଡିଜିଟାଲ ହୋଇପାରିବ ସେଥି ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ସବ୍‌ରେଜିଷ୍ଟ୍ରାର, ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ ଡିଜିଟାଲ ମାଧ୍ୟମରେ କାର୍ଯ୍ୟ କରାଯାଉଥିବା ବେଳେ ଅନ୍ୟ ସବୁ ବିଭାଗରେ ଏହି କାର୍ଯ୍ୟ ଚାଲୁ ରହିଛି। ସେହି ସମସ୍ତ କାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ଭାସନ୍ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀ ଉପରେ ଆଲୋଚନା କରିଥିଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ରଙ୍ଗେଇଲୁଣ୍ଡା,୩୧।୭ (ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ସ୍ଥିତ ୧୬ ନଂ ଜାତୀୟ ରାଜପଥରେ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ଶ୍ରୀକାକୁଲମ ଜିଲ୍ଲା ଇଚ୍ଛାପୁର ଥାନା ଅଧୀନ ପୁସ୍ତପୁରର ପି. ସନ୍ଦୀପ କୁମାର। ଗୁରୁବାର ସକାଳେ ସନ୍ଦୀପ କୁମାର ଓ ଟି ଭେଙ୍କେଟ ନିଜ ଗ୍ରାମରୁ ବାଇକ୍ ଯୋଗେ ବ୍ରହ୍ମପୁର ଯାଉଥିବା ବେଳେ କନିଷି ହାଟ ଶିହଳା ଛକରେ ପଛରୁ ଏକ ଟ୍ରକ ଧକ୍କା ଦେଇ ବାଇକ ଉପରେ ଚଢ଼ି ଯାଇଥିଲା। ସନ୍ଦୀପ ଟ୍ରକ ଚକ ତଳେ ଚାପି ହୋଇ ପ୍ରାଣ ହରାଇଥିଲେ। ପୁଲିସ ଓ ସ୍ଥାନୀୟ ଲୋକେ ଭେଙ୍କଟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ମୃତ ସନ୍ଦୀପଙ୍କ ଭାଇ ପି. ସୁରଜ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରି ପୁଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକ୍‌କୁ ଜବତ କରି ଥାନାକୁ ଆଣିବା ସହ ତଦନ୍ତ କରୁଥିବା ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ କହିଛନ୍ତି।

# ସ୍କୁଟି ସହ ଗଞ୍ଜେଇ ଜବତ; ଦୁଇ ଗିରଫ

**ସାନଖେମୁଣ୍ଡି,୩୧।୭ (ସମିସ):** ଗଞ୍ଜାମ ଜିଲ୍ଲା ପାଟପୁର ଥାନା ପୁଲିସ ଗୁରୁବାର ଗଞ୍ଜାମ - ଗଜପତି ମୁଖ୍ୟ ରାସ୍ତା ପୋଡ଼ାମାରି ଚେକ୍ ପୋଷ୍ଟ ଗ୍ରାମ ନିକଟରେ ଚଢ଼ଉ କରି ଏକ ବାଇକ୍ ସହ ୩୨ କେଜି ୯୦୦ ଗ୍ରାମ ଗଞ୍ଜେଇ ଓ ସ୍କୁଟି ଜବତ କରିବା ସହ ୨ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲ୍ଲା ଅଡ଼ବା ଥାନା ଅଡବା ତଳ ସାହି ଗ୍ରାମର ଗିରିୟାନ ମାଝି ଓ ରମେଶ ମାଝି। ଗୁରୁବାର ପାଟପୁର ପୁଲିସ ପୋଡ଼ାମାରି ଚେକ୍ ପୋଷ୍ଟ ନିକଟରେ ଯାଞ୍ଚ କରୁଥିବା ବେଳେ ସ୍କୁଟିକୁ ଅଟକାଇ ଯାଞ୍ଚ କରି ଗଞ୍ଜେଇ ଜବତ କିରିଥିଲା। ଏନେଇ ପାଟପୁର ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ପାଟପୁର ଥାନା ଏସ୍‌ଆଇ ଶ୍ରୀନିବାସ ଦାସଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।



### ବହୁବିଧ ସମସ୍ୟା ଘେରରେ ରଣଜିତ ଆଶ୍ରମ ସ୍କୁଲ୍

# ପୁରାତନ କକ୍ଷରେ ପାଠପଢ଼ା; ଟିଣଘରେ ରୋଷଶାଳା

ବାରିକପୁର,୩୧।୭ (ସମିସ)



ଅନୁସୂଚିତ ଜାତି ଓ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଆତ୍ମନିଯୁକ୍ତି କ୍ଷେତ୍ରରେ ହଜାର ହଜାର କୋଟି ଟଙ୍କା ବ୍ୟୟ ବରାଦ ହେଉଛି। ଏସବୁ ସତ୍ତ୍ୱେ ମନ୍ଥର ଗତିରେ ଯୋଜନା କାର୍ଯ୍ୟକାରୀ ହେବା ଓ ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଅନୁସୂଚିତ ଜାତି ଓ ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ ହେଉନାହିଁ। ବିଶେଷକରି ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମି ଅଭାବ ଏବଂ ଅତି ରୁଗ୍‌ଣ୍ ତଥା ବିପଦ ସଙ୍କୁଳ ଶୈକ୍ଷିକ ବାତାବରଣ ମଧ୍ୟରେ ଆଜିବି ସୁଦ୍ଧା ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଯାହାର ଏକ ଚିତ୍ର ଭଣ୍ଡାରିପୋଖରୀ ବ୍ଲକ ରଣଜିତ୍ ଆଶ୍ରମ ସ୍କୁଲରେ ଦେଖାଯାଇଛି। ଗତ ୧୯୫୦ ମସିହାରେ ପ୍ରତିଷ୍ଠା ହୋଇଥିବା ଭଦ୍ରକ ଜିଲ୍ଲାର ଏହା ସର୍ବପୁରାତନ ଆବାସିକ ଆଦିବାସୀ ବିଦ୍ୟାଳୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ ବାଲ ବାଟିକାକୁ ମିଶାଇ ଅଷ୍ଟମ ଶ୍ରେଣୀ ଯାଏଁ ପିଲା ମାନେ ଅଧ୍ୟୟନ କରୁଛନ୍ତି। ଭଦ୍ରକ ସମେତ କେନ୍ଦୁଝର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ସଂପ୍ରଦାୟର ପିଲା ପାଠ ପଢୁଛନ୍ତି। ପ୍ରଧାନ ଶିକ୍ଷକଙ୍କ ସମେତ ୫ ଜଣ ଶିକ୍ଷକ ୨୪୫ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଛନ୍ତି। ଭିତ୍ତିଭୂମି ଅଭାବ ଏବଂ ଲତାଗୁଳ୍ମ ଘେରା ବିଦ୍ୟାଳୟ ପରିସରରେ ପିଲାମାନେ ପାଠ ପଢୁଛନ୍ତି। ଅସୁରକ୍ଷିତ ପୁରୁଣା ଗୃହରେ ପିଲାମାନେ ପଢୁଥିବାବେଳେ ଟିଣ ଛପର ଘର ପାଲଟିଛି ରୋଷେଇଶାଳା। ବିଦ୍ୟାଳୟରେ ସ୍ୱତନ୍ତ୍ର ଖେଳ ପଡିଆ ମଧ୍ୟ ନାହିଁ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉକ୍ତ ବିଦ୍ୟାଳୟରେ ଯେଉଁଭଳି ଆଧୁନିକରଣ ହେବା କଥା ତାହା ହୋଇନାହିଁ। ଏସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁଙ୍କୁ ଯୋଗାଯୋଗ କରିବାରୁ ଶ୍ରେଣୀ ଗୃହ ଅଭାବ ଥିବା ସେ ସ୍ୱୀକାର କରିଛନ୍ତି। ନୂତନ ଗୃହ ନିର୍ମାଣ ହୋଇଥିଲେ ସୁଦ୍ଧା କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ତେଣୁ ପିଲାମାନେ ପୁରୁଣା ଗୃହରେ ଅଧ୍ୟୟନ କରୁଛନ୍ତି। ଏନେଇ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକରେ ମଧ୍ୟ ଅବଗତ କରାଯାଇଛି; କିନ୍ତୁ ଫଳ ଶୂନ।

## ● ମରଣାନ୍ତକ ଆକ୍ରମଣ ଘଟଣା

## ୨ ଅଭିଯୁକ୍ତ ଦଣ୍ଡିତ

ଭଦ୍ରକ,୩୧।୭ (ସମିସ): ଗତ ୨୦୧୫ ନଭେମ୍ବର ୪ ତାରିଖରେ ଭଦ୍ରକ ସହର ଉପକଣ୍ଠ ଗେଲପୁର (ଗୋପବନ୍ଧୁ ନଗର) ଗ୍ରାମର ଏକ ସଂଘଠିତ ଆକ୍ରମଣ ଘଟଣାର ବିଚାର କରି ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିବେଦିତା ପଣ୍ଡା ଅଭିଯୁକ୍ତ କାହ୍ନୁଚରଣ ମଳିକ, ଉମାକାନ୍ତ ମଳିକଙ୍କୁ ଭାରତୀୟ ପିଙ୍ଗଳ କୋଡର ଦଫା-୩୨୩ ରେ ୬ ମାସ କାରାଦଣ୍ଡ , ୩୨୬ ଦଫାରେ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦୦୦ ଟଙ୍କା, ୩୦୭ ଦଫାରେ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ୨ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଟଙ୍କା ଆଦାୟ ହେବା ପରେ ତାହା ଉଭୟଙ୍କୁ ପ୍ରଦାନ ପାଇଁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ୨୦୧୫ ମସିହା ନଭେମ୍ବର ୪ ତାରିଖରେ ପୂର୍ବ ଶତ୍ରୁତାରୁ ସେହି ଗ୍ରାମର ମଙ୍ଗରାଜ ମଳିକ ଓ ତାଙ୍କ ଭାଇ ପୃଥୀରାଜ ମଳିକଙ୍କୁ ଭୁଜାଲିରେ ଉପରୋକ୍ତ ଅଭିଯୁକ୍ତ ଓ ଉମାକାନ୍ତଙ୍କ ଭାଇ ତନୁ ଓରଫ ତନ୍ମୟ ମଳିକ ମାନେ ଆକ୍ରମଣ କରିବା ସହ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଆକ୍ରମଣ ବେଳେ ସେମାନଙ୍କ ପିତା ଦୁର୍ଯୋଧନ ମଳିକ ସେଠାରେ ପହଞ୍ଚି ତାଙ୍କ ଦୁଇ ପୁଅକୁ ସେମାନଙ୍କ କବଳରୁ ଉଦ୍ଧାର କରିବା ପରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଏ ନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିଥିଲା ପୁଲିସ। ପରେ ଜେଲକୁ ପଠାଇ ଦିଆଯାଇଥିଲେ ହେଁ ଜାମିନରେ ଆସିଥିଲେ। ଆଜି କୋର୍ଟ ଅଭିଯୁକ୍ତ କାହ୍ନୁ ଓ ଉମାକାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ତନୁ ଓରଫ ତନ୍ମୟ ମଳିକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଅଭିଯୋଗକାରୀଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରାସିକ୍ୟୁଟର ଯତିକାନ୍ତ ନାୟକ ଓ ସହକାରୀ ସରକାରୀ ଓକିଲ ପଙ୍କଜ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

## ଦୁର୍ଘଟଣାରେ ଯୁବ ଇଂଜିନିୟରଙ୍କ ପରଲୋକ



ଭଦ୍ରକ,୩୧।୭ (ସମିସ): ଏକ ସଡ଼କ ଦୁର୍ଘଟଣାରେ ଭଦ୍ରକ ସହରର ବନ୍ତ ଛକ ନିବାସୀ ଇଞ୍ଜିନିୟର ଦେବଦତ୍ତ ଷଡ଼ଙ୍ଗୀ (୪୫)ଙ୍କ ମୃତ୍ୟୁ ଘଟିଛି। ସେ ବୁଧବାର ରାତିରେ ବନ୍ତଛକ ବାସଭବନରୁ ଚରମ୍ପା ଆଡକୁ ବାଇକ୍‌ରେ ଫେରୁଥିଲେ। ୧୬ ନମ୍ବର ଜାତୀୟ ରାଜପଥ ଉପରେ ଡାହାଣୀ ଗାଡ଼ିଆ ଛକ ନିକଟରେ ଠିଆ ହୋଇଥିବା ଏକ ଟ୍ରଲର ଗାଡ଼ିକୁ ପଛପଟୁ ତାଙ୍କ ବାଇକ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ ତାଙ୍କର ବେକର ଶିରକଟି ଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ରାତିରେ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେ ସରକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରି ବ୍ୟକ୍ତିଗତ କାରଣରୁ ଚାକିରି ଛାଡିଥିଲେ। ସେ ଜଣେ ମେଳାପୀ, ପରୋପକାରୀ ମଣିଷ ଭାବେ ପରିଚିତ ଥିଲେ। ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ବିୟୋଗରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ, ପ୍ରଶାନ୍ତ ମହାନ୍ତି, ସରୋଜ ନାୟକ ପ୍ରମୁଖ ଭୁବନେଶ୍ୱରରେ ଶେଷଦର୍ଶନ କରିଥିଲେ । ତାଙ୍କ ମୃତ ଶରୀରକୁ ଆଜି ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷ କ୍ରିୟା ସମ୍ପନ୍ନ କରାଯାଇଥିଲା । ବଡପୁଅ ଚନନ୍ଦ ମୁଖାଗ୍ନି ଦେଇଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା

ଭଦ୍ରକ,୩୧।୭ (ସମିସ): ଗୁରୁବାର ଭଦ୍ରକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ୩ ଜଣ କର୍ମଚାରୀ ପ୍ରକାଶ କୁମାର ବେହୁରିଆ, ବରିଷ୍ଠ ରାଜସ୍ୱ ସହାୟକ, ଚପରାଶି ରାଇଚରଣ ବାରିକ, ଡ୍ରାଇଭର ନୟନ ସାହୁ ଡ୍ରାଇଭରଙ୍କ ଅବସରର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକଟର ଓ ଆସିଷ୍ଟାଣ୍ଟ କଲେକଟର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଷ୍ଟାଫ କମିଟି ସଦସ୍ୟ ଅମୂଲ୍ୟ କୁମାର ସାହୁ, ଅତୁଲ ନନ୍ଦୀ, ଶ୍ୟାମସୁନ୍ଦର ଜେନା, ଓଁକାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବୈତରଣୀରେ କମୁଛି ଜଳସ୍ତର



ବାରିକପୁର/ଭଣ୍ଡାରିପୋଖରୀ, ୩୧।୭ (ସମିସ): ଗତ ମଙ୍ଗଳବାର ରାତିରୁ ବୁଧବାର ଅପରାହ୍ଣ ଯାଏଁ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିଥିବା ବେଳେ ବୈତରଣୀ ନଦୀର ଉପରମୁଣ୍ଡରେ ମଧ୍ୟମ ଧରଣର ବର୍ଷା ହୋଇଥିଲା। ତେଣୁ ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଆନିକଟଠାରେ ବୁଧବାର ସନ୍ଧ୍ୟାଠାରୁ ନଦୀର ଜଳସ୍ତର ବୃଦ୍ଧି ହୋଇଥିଲା। ରାତି ଗୋଟାଏ ବିପଦ ସତର୍କ ସୂଚନା ଅତିକ୍ରମ କରି ୧୭.୮୩ ଉପରେ ପାଣି ନିଷ୍କାସନ ହୋଇଥାଲା। ରାତିଠାରୁ ଗୁରୁବାର ଦିନ ଦୁଇଟା ଯାଏଁ ମନ୍ଥର ଗତିରେ ଜଳସ୍ତର ବୃଦ୍ଧି ଘଟି ୧୮.୧୯ ରେ ପହଞ୍ଚି ଥିଲା। ପରେ ଅପରାହ୍ଣ ୩ଟାଠାରୁ ଏହା ହ୍ରାସ ପାଇ ସନ୍ଧ୍ୟା ସାତଟା ବେଳେ ୧୮.୧୧ ରେ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଂକେତ ୧୮.୩୩ ମିଟର ରହିଛି। ଚଳିତ ବର୍ଷା ଯୋଗୁଁ ଜଳସ୍ତର ବୃଦ୍ଧି ହୋଇଥିଲେ ସୁଦ୍ଧା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନଥିବା ଜଣାପଡିଛି।

## ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ପରଲୋକ



ଅସୁରାଳି, ୩୧।୭ (ସମିସ): ଅବସରପ୍ରାପ୍ତ ଡାକ କର୍ମଚାରୀ ସୁଧାଂଶୁ ଶେଖର ସାହୁ (୭୩)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ନିକଟସ୍ଥ ଡାକ୍ତରଖାନାରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ସେ ଜଣେ ଦରଦୀ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବରିଷ୍ଠ ସମାଜସେବୀ ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପସଭାପତି ସିଦ୍ଧାର୍ଥ ଶଙ୍କର ମିଶ୍ର ଏବଂ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ଭାଗହେବ ୧୧ ଶହରୁ ଅଧିକ ଭୋଟର ଥିବା ବୁଥ

ଭଣ୍ଡାରିପୋଖରୀ, ୩୧।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକର ୪୦ ମତଦାନ କେନ୍ଦ୍ରରେ ୧୧ଶହରୁ ଅଧିକ ଭୋଟର ଥିବାର ସୋଗୁଡିକୁ ଭାଗ ଭାଗ କରାଯିବ ବୋଲି ଜଣାଯାଇଛି। ପୂର୍ବରୁ ୧୨ ଶହ ମତଦାତା ଥିବା ବୁଥଗୁଡିକୁ ଭାଗ କରାଯିବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଥିଲା। ସଦ୍ୟ ନିର୍ଦ୍ଦେଶାବଳୀ ଅନୁଯାୟୀ ୧୧ଶହରୁ ଅଧିକ ମତଦାତା ଥିବା ବୁଥ ଭାଗ କରାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ବିଷ୍ଣୁପର, ବିଷ୍ଣୁପୁର-୧, ଚିଙ୍ଗୁଡିପୁର, କରଞ୍ଜିଗୁଣ୍ଡପୁର, ପଦିନାରାୟଣପୁର, ନିର୍ଗୁଣ୍ଡି, ରାଜେନ୍ଦ୍ରପୁର, ମହୁରା, ଉତ୍ତରବାଡ, ଉତ୍ତରବାଡ-୧, ନଗୁଆ, ନଗୁଆ-୧, ବଡଶାସନ, ନାଆମୀ, ସାତଶୋଳା, ବନ୍ଦାଲୋ, ଦେଓପଦା, ଥଇଲା, ସାରୋ, ମୋବାରକପୁର, ପିରିପୁର, ସଂପୋଇ, ଓଳା, କୁଲଣା, ଝୁଟୁଣା, ନେରଡା, ଆଖୁଆପଦା, ନିଳାଦ୍ରି, ରାଢୋ, ରହଣିଆ, କୁରିଗା, କୁରିଗା-୧, ନୌରଙ୍ଗପୁର, ମାଳଦା, ବଡନପଙ୍ଗ, କୁମ୍ଭାରିଆ, କୋରକୋରା, ରଘୁନାଥପୁର, ଜଳହରୀ ଓ ମଣିନାଥପୁର ମତଦାନକେନ୍ଦ୍ରଗୁଡିକ ଭାଗ କରାଯିବ। ସେହିପରି ଏକାଧିକ ପଞ୍ଚାୟତରେ ଥିବା ନର୍ଦ୍ଦିଷ୍ଟ ମତଦାନ କେନ୍ଦ୍ରକୁ ମଧ୍ୟ ପଞ୍ଚାୟତୱାରୀ ଭାଗ କରାଯିବ। ଏହି ମାନଦଣ୍ଡ ଅନୁଯାୟୀ ବାଘମର, ଓଳା, ଦେଉଳପଦୀ ଓ ବାଙ୍କମୁହାଁ ମତଦାନ କେନ୍ଦ୍ର ଭାଗ କରାଯାଇ ନୂତନ ମତଦାନକେନ୍ଦ୍ର ସୃଷ୍ଟି କରାଯିବ।

## ମହିଳାଙ୍କୁ ଅଭିନବ ଠକେଇ

ଦୋବଲ, ୩୧।୭ (ସମିସ): ଗୁରୁବାର ପୂର୍ବାହ୍ଣ ୧୧.୩୦ ସମୟରେ ୭୪୮୪୮୧୫୩୬୭ ମୋବାଇଲ୍ ନମ୍ବରରେ ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତର ବିରୁହାର ଆଶାକର୍ମୀ ଅରୁଣୀ ପଣ୍ଡାଙ୍କୁ ଫୋନ ଆସିଲା ଯେ ତାଙ୍କ ଅଞ୍ଚଳର ଅଙ୍ଗନବାଡ଼ି କର୍ମୀଙ୍କ ନାମ ଓ ମୋବାଇଲ୍ ନମ୍ବର ଦିଅ ମୁଁ ଭଦ୍ରକ ସ୍କାଡ ଅଫିସରୁ କହୁଛି। ଆଶା କର୍ମୀ ଅଙ୍ଗନବାଡି କର୍ମୀ ପ୍ରମିଳା ବାରିକଙ୍କ ନମ୍ବର ଦେବା ପରେ ଉକ୍ତ ଯୁବକ ପ୍ରମିଳାଙ୍କୁ କେତେ ଗର୍ଭବତୀ ମହିଳା ଅଛନ୍ତି ସେମାନଙ୍କୁ ଠିକ୍ ଭାବରେ ସରକାରୀ ସାହାଯ୍ୟ ଦିଆଯାଇଛି କି ନା କହି ବିଶ୍ୱାସ ଜମାଇ ଗର୍ଭବତୀଙ୍କ ନମ୍ବର ଦିଅ ସେମାନେ ଠିକ୍ ଭାବରେ ସରକାରୀ ସାହାଯ୍ୟ ପାଉଛନ୍ତି କି ନା ସେମାନଙ୍କୁ ପଚରାଯିବ, ଉପରୁ ଅଫିସର କହୁଥିବା ନେଇ ଅଙ୍ଗନବାଡ଼ି କର୍ମୀ ଗର୍ଭବତୀ ମହିଳାଙ୍କ ନାମ କହିଥିଲେ। ଅଙ୍ଗନବାଡ଼ି କର୍ମୀଙ୍କୁ ଲାଇନରେ ରଖି ଗର୍ଭବତୀ ମହିଳାଙ୍କ ସହ ଉକ୍ତ ଯୁବକ କଥା ହୋଇଥିଲେ। ପରେ ଅର୍ଚ୍ଚନା ସାହୁ, କୁନି ଜେନା, ରଞ୍ଜୁକ୍ତା ସାହୁ, ପାତୁନୁ ପଣ୍ଡାଙ୍କୁ ଉକ୍ତ ଯୁବକ ଫୋନ୍ କରି କହିଥିଲେ ଯେ ତମକୁ ସରକାରଙ୍କ ପକ୍ଷରୁ ୬ହଜାର ଟଙ୍କା ଅନ୍‌ଲାଇନ ପେମେଣ୍ଟ କରାଯିବ ତମେ ୧୫୦୦ ଟଙ୍କା ଉକ୍ତ ନମ୍ବରରେ ପଠାଅ ଓ ମୋବାଇଲ୍ ଲିଙ୍କଟା ଦିଅ। ମୋବାଇଲ୍ ଲିଙ୍କ ଦେବା ପରେ ମହିଳାଙ୍କ ଆକାଉଣ୍ଟରୁ ୨ ହଜାର ଲେଖାଏ କଟିଯାଇଛି। ପରେ ଉକ୍ତ ଗର୍ଭବତୀମାନେ ଅଙ୍ଗନବାଡ଼ି କର୍ମୀ ପ୍ରମିଳା ବାରିକଙ୍କୁ କହିଲେ, କିଏ ସେ ଅଫିସର ଆମେ ତାକୁ ମୋବାଇଲ୍ ଲିଙ୍କ ଦେଲାପରେ ଆମ ଆକାଉଣ୍ଟରୁ ଟଙ୍କା କଟିଯାଉଛି। ସଙ୍ଗେ ସଙ୍ଗେ ଅଙ୍ଗନବାଡ଼ି କର୍ମୀ ଉକ୍ତ ନମ୍ବରରେ ଫୋନ କଲାପରେ ଉକ୍ତ ନମ୍ବରଟି ସୁଇଚଅଫ ରହିଛି। ଟ୍ରୁ କଲରରେ ସଂଜିବ କୁମାର,ବିହାର ନାମ ଆସୁଛି। ତେବେ ଯାହା ଜଣାପଡୁଛି ଏହା ସାଇବର ଠକ ବୋଲି ଅନୁମାନ କରାଯାଉଛି। ସାଇବର ଠକମାନେ ଏବେ ଗର୍ଭବତୀ, ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀଙ୍କ ଉପରେ ନଜର ରଖି ଟଙ୍କା ଲୁଟୁଛନ୍ତି। ଏପଟେ ସରକାରଙ୍କ ତରଫରୁ ବିଭିନ୍ନ ସ୍ଥାନରେ ସାଇବର ଠକେଇ ପାଇଁ ସଚେତନ କରାଯାଉ ଥିଲେ ବି ମହିଳାମାନେ ସଚେତନ ନ ହୋଇ ଏପରି ଠକାଇରେ ଶିକାର ହେଉଛନ୍ତି। ଏନେଇ ଧାମନଗର ଥାନାରେ ଅଭିଯୋଗ କରିବେ ବୋଲି ଠକାଇରେ ଶିକାର ମହିଳାମାନେ କହିଛନ୍ତି।

## ହାଟୁଆରି ବିଦ୍ୟାଳୟ ଚୋରି ଘଟଣାରେ ଦୁଇ ଗିରଫ

ତିହିଡି, ୩୧।୭ (ସମିସ): ଗତ ସୋମବାର ରାତ୍ରିରେ ହାଟୁଆରୀ ବିଦ୍ୟାଳୟ ଓ ଅଂଗନବାଡ଼ି କେନ୍ଦ୍ରରୁ ଚୋରି ଘଟଣାରେ ତିହିଡ଼ି ପୁଲିସ ୨ ଜଣଙ୍କୁ ଗିରଫ କରିବା ସହ ଚୋରି ଜିନିଷ ଉଦ୍ଧାର କରିଛି। ସାବରଙ୍ଗ ଥାନା ଅଧୀନ ଗୋରାମାଟି ଗ୍ରାମର କୃଷ୍ଣଚନ୍ଦ୍ର ମଳିକ ଓରଫ ଟୁଟୁଲୁ (୪୩) ଓ ସୁରେଶ ସେଠୀ ଓରଫ ବାଙ୍ଗୁକୁ ଗିରଫ କରାଯାଇଛି। ଜଙ୍ଗଲିଆ ସ୍ଥାନରେ ଲୁଚାଇ ରଖାଯାଇଥିବା ଗ୍ୟାସ ସିଲିଣ୍ଡର ଓ ଆକ୍ୱାଗାର୍ଡ ଆଦି ଜବତ କରାଯାଇଛି। ତିହିଡ଼ି ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଥିଲା ଓ ଅଭିଯୁକ୍ତ ଦୁଇ ଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫଜରୁର ରହେମାନ ଓ ଅଂଗନବାଡ଼ି କର୍ମୀ ରଶ୍ମିତା ଦାସ ମିଳିତ ଭାବେ ଅଭିଯୋଗ କରିଥିଲେ ଯେ ମଙ୍ଗଳବାର



ସକାଳେ ସ୍କୁଲ ଖୋଲିବା ପରେ ଦେଖିବାକୁ ପାଇଥିଲେ ଯେ ଉଭୟ ବିଦ୍ୟାଳୟ ଓ ଅଂଗନବାଡ଼ି କେନ୍ଦ୍ରର ତାଲା ଭଙ୍ଗାଯାଇ ଗ୍ୟାସ ସିଲିଣ୍ଡର, ପାଣି ମୋଟର, ଆକ୍ୱାଗାଡର୍ ଫିଲଟର ଆଦି ଚୋରି ହୋଇଯାଇଛି। ଚୋରମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ।

## ଜାଗ୍ରତ ଗୌରୀପୀଠର ବାର୍ଷିକ ଉତ୍ସବ

ତିହିଡି, ୩୧।୭ (ସମିସ): ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ଗଣେଶ୍ୱରପୁର ଗ୍ରାମର ଅଧିଷ୍ଠାତ୍ରୀ ଗ୍ରାମଦେବୀ ଜାଗ୍ରତ ଗୌରୀଙ୍କ ପୀଠରେ ଜାଗ୍ରତ ଗୌରୀ ପଞ୍ଚମୀ ବିହିତ ବାର୍ଷିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିବସବ୍ୟାପୀ ଯଜ୍ଞରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଘଟ ମଣ୍ଡଳାଦି ପୂଜା ସହ ଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବ୍ରାହ୍ମଣ ଶାସନରୁ ଆସିଥିବା ବିଶିଷ୍ଟ ପଣ୍ଡିତମାନଙ୍କ ଦ୍ୱାରା ପୂଜାକାର୍ଯ୍ୟ ପରିଚାଳିତ ହୋଇଥିଲା। ଉକ୍ତ ସାମ୍ବତ୍ସରିକ ଯଜ୍ଞ କାର୍ଯ୍ୟଟି ସମସ୍ତ ବର୍ଣ୍ଣ ନିର୍ବିଶେଷରେ ଗଣେଶ୍ୱରଗ୍ରାମ ନିବାସୀମାନଙ୍କ ସହଯୋଗରେ ପୂର୍ଣ୍ଣତାଲାଭ କରିଥିଲା। ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଚରୁଅନ୍ନ ପ୍ରସାଦ ପ୍ରାପ୍ତି ପୂର୍ବକ ଦେବୀକୃପା ଲାଭ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ



ଅସୁରାଳି, ୩୧।୭ (ସମିସ): ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତ ମମାଦୁଲାଗ୍ରାମରଧର୍ମପରାୟଣବ୍ୟକ୍ତିତଥାକୋଠାରଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ରଜନୀକାନ୍ତ ଦାସଙ୍କ ୭୫ ବର୍ଷ ବୟସରେ ବିୟୋଗ ଘଟିଛି। ମୃତ୍ୟୁ ସମୟରେ ବଡ଼ପୁଅ ଦେବବ୍ରତ, ସାନପୁଅ ଶିବବ୍ରତ ଏବଂ ଝିଅ ସୁଭଦ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଧୂଷୁରୀ ଜିଲ୍ଲା ପରିଷଦ ଜୋନ ସଦସ୍ୟ ପ୍ରଦୀପ ମଲ୍ଲିକ, ବରିଷ୍ଠ ସମାଜସେବୀ ଚତୁର୍ଭୁଜ ନାୟକ, ସମାଜସେବୀ ସନ୍ତୋଷ ରାୟ, ପୂର୍ବତନ ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପସଭାପତି ସିଦ୍ଧାର୍ଥ ଶଙ୍କର ମିଶ୍ର ଏବଂ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

### ବନ୍ୟା ଅଞ୍ଚଳରେ ଯନ୍ତ୍ରୀ ଅଭାବ

## ଦିନକରେ ୨ ଅଧିକାରୀଙ୍କ ଅବସର

ବାରିକପୁର,୩୧।୭ (ସମିସ): ବନ୍ୟା ଅଞ୍ଚଳରେ ଯନ୍ତ୍ରୀ ଏବେ ଅଭାବ। ଗୋଟିଏ ଦିନରେ ୨ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ନୂତନ ନିଯୁକ୍ତି ହୋଇନାହିଁ। ତେଣୁ ବନ୍ୟା ସମୟରେ ପରିଚାଳନାଗତ ଅବ୍ୟବସ୍ଥା ଦେଖାଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ଆଖୁଆପଦା ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କେଶବଚନ୍ଦ୍ର ବେହେରା ଆଜି ଅବସର ଗ୍ରହଣ କରିଛନ୍ତି। ସେ ଏଠାରେ ପ୍ରାୟ ୨ବର୍ଷ କାର୍ଯ୍ୟ କରି ଆଜି ବୃତ୍ତିଗତ ଭାବେ ସରକାରୀ ଚାକିରିରୁ ଅବ୍ୟାହତ ନେଇଛନ୍ତି। ସେହିଭଳି ଧାମନଗର ଜଳସମ୍ପଦ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ସହକାରୀ ନିର୍ବାହୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଦାସ ମଧ୍ୟ ଅବସର ଗ୍ରହଣ କରିଛନ୍ତି। ସେ ପ୍ରଥମେ କନିଷ୍ଠ ଯନ୍ତ୍ରୀ ଓ ପରେ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ଭାବେ ଦୀର୍ଘ ୧୮ ବର୍ଷ ଧାମନଗରଠାରେ ରହି କାର୍ଯ୍ୟ କରିଛନ୍ତି। ଏହି ଉପଲକ୍ଷେ ଅବସର ଗ୍ରହଣ କରିଥିବା ଦୁଇ ଯନ୍ତ୍ରୀଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଦିଗେଶ୍ୱର ପୁରୋହିତ, ସହକାରୀ ମୁଖ୍ୟ ଯନ୍ତ୍ରୀ ପ୍ରଣବ ପ୍ରକାଶ ନାୟକ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସ, ସ୍ୱାଗତ ଦାସ, ଉପ ବିଭାଗ ଅଧିକାରୀ ଖଗେଶ୍ୱର ସାହୁ, ଅମର ଦେବତା ସମେତ ବହୁ କର୍ମଚାରୀ ସଭାରେ ଉପସ୍ଥିତ ଥିଲେ। ଯନ୍ତ୍ରୀ ପଦ ପୂରଣ ଦିବରେ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ମତାମତ ନେବାରୁ ଗୁରୁତ୍ୱପୂର୍ଣ୍ଣ ଦୁଇଟି କାର୍ଯ୍ୟାଳୟରେ ଯଥା ଶୀଘ୍ର ନୂତନ ନିଯୁକ୍ତି ନେଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସୂଚନା ଦେଇଛନ୍ତି।



### ବିଦ୍ୟାଳୟକୁ ନ ଆସି ରାଜନୀତି କରୁଛନ୍ତି ଶିକ୍ଷକ

# ଆନ୍ଦୋଳନ ପାଇଁ ଅଭିଭାବକ ସଜବାଜ

ଧାମନଗର,୩୧।୭ (ସମିସ)

ଧାମନଗର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ରହିଛି ଭଗବାନପୁର ପଳିକିରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ଶିକ୍ଷା ସହାୟକ ଭାବେ ଚାକିରି ଆରମ୍ଭ କରି ଦୀର୍ଘ ଦିନ ଧରି ଗୋଟିଏ ବିଦ୍ୟାଳୟରେ ରହି ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ସହକାରୀ ଶିକ୍ଷକ ଅଶୋକ କୁମାର ନାୟକ। ଛୁଟି ଦରଖାସ୍ତ ନ ଦେଇ ସ୍କୁଲରେ ଅନୁପସ୍ଥିତ ରହିବା ତାଙ୍କର ଅଭ୍ୟାସ। ପୂର୍ବରୁ ସିଆରସିସି ଥିବାବେଳେ ବିଭିନ୍ନ କାର୍ଯ୍ୟ ଆଳରେ ଅନୁପସ୍ଥିତ ରୁହୁଥଲେ। ଏଥିସହିତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ବେଳେ ନାନା ବିଶୃଙ୍ଖଳା ସୃଷ୍ଟି କରି ବିଦ୍ୟାଳୟରେ ଅଶାନ୍ତ ବାତାବରଣ ସୃଷ୍ଟି କରିଥିଲେ। ନିଜ ଘର ପାଖରୁ ମାତ୍ର ୧୦୦ ମିଟର ଦୂରରେ ଥିବା ସ୍କୁଲରେ ରହି ଶିକ୍ଷକ ଜଣକ ଗ୍ରାମବାସୀଙ୍କ ମଧ୍ୟରେ ସବୁବେଳେ ବିଭେଦ ସୃଷ୍ଟି କରୁଛନ୍ତି। ଗାଁ ଲୋକ ଦୃଷ୍ଟିରୁ ବାହାରୁ ଆସୁଥିବା ପ୍ରଧାନ ଶିକ୍ଷକଙ୍କୁ ଆଦୌ ମାନୁନାହାନ୍ତି। ନିଜ ପାଖରେ ଟିଉସନ ହେଉ ନଥିବା ପିଲାଙ୍କୁ ନାନାଦି ହଇରାଣ କରିବା ତାଙ୍କର ଏକ ପୁରୁଣା ଅଭ୍ୟାସ। ବର୍ତ୍ତମାନ ସରକାରୀ ଦଳର ହୋଇଥିବାରୁ ସ୍କୁଲରେ ଛୁଟି ଦରଖାସ୍ତ ନଦେଇ ବ୍ଲକ ବଜାରରେ ଏବଂ ତହସିଲରେ ବୁଲି ରାଜନୀତି କରୁଛନ୍ତି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବିଦ୍ୟାଳୟରେ ଅନୁପସ୍ଥିତ ନେଇ ଶିକ୍ଷକଙ୍କ ଦରମା ବନ୍ଦ ଭଳି କାର୍ଯ୍ୟାନୁଷ୍ଠାନ ଥିବା ବେଳେ ଏଠାରେ ତାର ବ୍ୟତିକ୍ରମ କାହିଁକି ? ଏ ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନରେ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି ପ୍ରଧାନ ଶିକ୍ଷକ। କିଛି ଅଭିଭାବକ କ୍ଷୋଭ ପ୍ରକଟ ପୂର୍ବକ କୁହନ୍ତି ଏ ସାରଙ୍କ ପାଇଁ କଣ ଆଇନକାନୁନ କିଛି ନାହିଁ ? ସେମାନଙ୍କ ମନରେ କୁହୁଳୁଥିବା ଅସନ୍ତୋଷ ବିସ୍ଫୋରଣ ପୂର୍ବରୁ ଏଭଳି ଜଣେ ବିଶୃଙ୍ଖଳ ଶିକ୍ଷକଙ୍କ ଆଇନ ଅମାନ୍ୟ କାର୍ଯ୍ୟ ସମ୍ପର୍କରେ ତଦନ୍ତ କରି ତାଙ୍କ ବିରୋଧରେ ବିଭାଗୀୟ ଉଚ୍ଚାଧିକାରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକଙ୍କ ସହ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ନହେଲେ ଅଭିଭାବକ ଓ ଗ୍ରାମବାସୀ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏ ନେଇ ଶିକ୍ଷକ ଅଶୋକ କୁମାର ନାୟକଙ୍କୁ ଯୋଗାଯୋଗ କରିବାରୁ ମୁଁ ନିୟମିତ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କୁ ମେସେଜ କରିଛି। ତେଣୁ ଯେଉଁ ଅଭିଯୋଗ ଆସିଛି ତାହା ସଂପୂର୍ଣ୍ଣ ମିଥ୍ୟା। ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି।



## କ୍ରସର କର୍ମଚାରୀ ହତ୍ୟାକୁ ୩ ମାସ ବିତିଲା

# ମୁଖ୍ୟ ଅଭିଯୁକ୍ତକୁ ଗିରଫ ସହ ପରିବାର ପକ୍ଷରୁ ନ୍ୟାୟ ଦାବି

**କବାଟବନ୍ଧ, ୩୧।୭ (ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ରାହାଡ଼ପୁରରେ ଥିବା ପଦ୍ମାବତୀ କ୍ରସରରେ ଗତ ମେ' ୧ ତାରିଖରେ କ୍ରସର କର୍ମଚାରୀ ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଜାମୁବଣିଆ ଗ୍ରାମର ଅର୍ଜିତ ଜେନା ହତ୍ୟା ମାମଲାକୁ ବିତିଲା ୩ ମାସ। କ୍ରସର ଟଙ୍କା ହେରଫେରକୁ ନେଇ ମୃତ ଅର୍ଜିତକୁ ଅତି ନିର୍ମମ ଭାବେ ଲୁହାଚେଙ୍କ ଦେଇ ଅମାନବୀୟ ନିର୍ଯାତନା ଦିଆଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ପୁଲିସ ପାଖରେ ପ୍ରମାଣ ଜଳଜଳ ଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ନିର୍ଭୟରେ ଥାନା ବାଟଦେଇ ଯିବାଆସିବା ଜାରିରଖିଥିବା ଅଭିଯୋଗ ହେଉଛି। ଅଞ୍ଚଳରେ ଥିବା ତାଙ୍କର ବ୍ୟବସାୟ ପ୍ରତିଷ୍ଠାନକୁ ସ୍ୱାଭାବିକ ଭାବରେ ଗତାଗତ ଚାଲିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ପଦ୍ମାବତୀ କ୍ରସର ମାଲିକ ଜ୍ଞାନରଞ୍ଜନ ମହାପାତ୍ର ଓରଫ ସିଲୁଙ୍କୁ ଖୋଜିବାରେ ପୁଲିସ ନୟାନ୍ତ ହେଉଛି ବୋଲି ବିଭିନ୍ନ ଗଣମାଧ୍ୟମରେ ସ୍ଥାନୀୟ ପୁଲିସର ପ୍ରତିକ୍ରିୟା ପ୍ରକାଶ ପାଇଛି। କେବଳ ମାମଲା ରୁଜୁ କରିଦେଇ ପୁଲିସ ଏମିତି ସମ୍ବେଦନଶୀଳ ଘଟଣାରୁ ନଜର ହଟେଇବା ପାଇଁ ନିରୀହ କର୍ମଚାରୀ ୩ ଜଣଙ୍କୁ ଗିରଫ କରି କାମସାରିଦେଇଛି ବୋଲି ଅଭିଯୋଗ ହେଉଛି।



ମୁଖ୍ୟ ଅଭିଯୁକ୍ତ ସିଲୁକୁ ଗିରଫ କରବାକୁ ସ୍ଥାନୀୟ ପୁଲିସ ସାହସ ଜୁଟାଇ ପାରୁ ନଥିବା କୁହାଯାଉଛି। ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ପାଖରେ ଆଇନ ଫିକା ପଡ଼ିଯାଉଥିବାରୁ ପୁଲିସ ଉପରୁ ଧୀରେ ଧୀରେ ସାଧାରଣ ଲୋକଙ୍କର ଆସ୍ଥା ତୁଟି ଯାଉଛି। ନିଜ ଭେଣ୍ଡିଆ ପୁଅକୁ ହରାଇ ମାଆଟିଏ କାନ୍ଦୁଥିବା ବେଳେ ଏପରି ପରିସ୍ଥିତିରେ ଉକ୍ତ ପରିବାରକୁ ନ୍ୟାୟ ମିଳିବା ସାତସପନ ହୋଇଯାଇଛି। ଆଇନଗତ ପ୍ରକ୍ରିୟା ସାରି ନିଜକୁ ଦୋଷମୁକ୍ତ କରିବା ନିମନ୍ତେ ମୁଖ୍ୟ ଅଭିଯୁକ୍ତ ଜଣକୁ ପୁଲିସ ଯଥେଷ୍ଟ ସମୟ ଦେଇ ସାରିଲାଣି। ଆହୁରି ମଧ୍ୟ ଯେତେଦିନ ଚାହିଁବେ ସମୟ ଦେବ ବୋଲି ଜଣାପଡୁଛି। ଘଟଣାରେ ଉଚ୍ଚସ୍ତରୀୟ ପୁଲିସ ଅଧିକାରୀ ହସ୍ତକ୍ଷେପ କଲେ ସ୍ଥାନୀୟ ପୁଲିସର ଅସଲମୁଖା ଖୋଲିଯିବ ବୋଲି ସାଧାରଣରେ ଦାବି ହୋଇଛି। ଏସଂକ୍ରାନ୍ତରେ ମତାମତ ପାଇଁ ଯାଜପୁର ରୋଡ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଏବଂ ଜିଲ୍ଲା ଏସ୍‌ପି ଯଶ ପ୍ରତାପ ଶ୍ରୀମଲଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

# ଟ୍ରକ୍‌ରୁ ଚାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଯଖପୁରା, ୩୧।୭ (ସମିସ):** ରୋହିତ କାରଖାନା ନିକଟରେ ଟ୍ରକ୍ ଚାଳକଙ୍କ ଝୁଲନ୍ତା ମୃତଦେହ ଯଖପୁରା ପୁଲିସ ଉଦ୍ଧାର କରିଛି। ଟମକା ଥାନା ଅଧୀନ ଟୋଲକାନି ଗ୍ରାମର ନିଖିଲ ମୋହନ ସାହୁ(୩୨)ଙ୍କ ମୃତଦେହ ଏକ ଟ୍ରକ୍ (ଓଡି ୦୫ଏକ୍ସ ୬୪୬୫) ର କବାଟରୁ ଝୁଲନ୍ତା ଅବସ୍ଥାରେ ଯଖପୁରା ପୁଲିସ ଉଦ୍ଧାର କରିଛି। ଘଟଣାସ୍ଥଳରେ ଉଭୟ ସାଇଣ୍ଟିଫିକ ଟିମ୍ ଓ ଯଖପୁରା ପୁଲିସର ଅଧିକାରୀ ତଦନ୍ତ କରୁଥିବାର ଦେଖିବାକୁ ମିଳିଥିଲା। ମାତ୍ର ଘଟଣାସ୍ଥଳକୁ ଦେଖିଲେ ଏହା ଏକ ଆତ୍ମହତ୍ୟା ଅନୁମେୟ ହେଉନାହିଁ ବୋଲି ମୃତ ଟ୍ରକ୍ ଚାଳକଙ୍କ ବାପା କହିଛନ୍ତି। ମୋ ପୁଅକୁ କିଏ ମାରି ଟାଙ୍ଗି ଦେଇଛନ୍ତି ବୋଲି ତାଙ୍କ ପିତା ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଯଖପୁରା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ମୃତ ଚାଳକଙ୍କ ଶବକୁ ଯଖପୁରା ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନା କୁ ପଠାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତ ନିଖିଳଙ୍କ ଶରୀରକୁ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଛିଡୁଛି ବ୍ରାହ୍ମଣୀ; ରେଙ୍ଗାଲିର ଗୋଟିଏ ଗେଟ୍ ଖୋଲା

**ଧର୍ମଶାଳା, ୩୧।୭ (ସମିସ)**



ଉପରମୁଣ୍ଡରେ ଭାରିବର୍ଷା ଯୋଗୁଁ କିଛିଦିନ ହେଲା ବ୍ରହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ଏବେ ନଦୀର ଜଳସ୍ତର ଧିରେ ଧିରେ କମିବାରେ ଲାଗିଛି। ଫଳରେ ନଦୀକୁଳିଆ ଲୋକମାନେ ଆସ୍ୱସ୍ତି ଲାଭ କରିଛନ୍ତି। ରେଙ୍ଗାଲି ଡ୍ୟାମରେ ୧୨୩.୫୦ ମିଟର ଜଳଧାରଣ କ୍ଷମତା ରହିଥିବା ବେଳେ କିଛିଦିନ ତଳେ ଡ୍ୟାମରେ ୧୨୧ ମିଟର ଉପରେ ବନ୍ୟାଜଳ ରହିଥିଲା। ଫଳରେ ଡ୍ୟାମ କର୍ତ୍ତୃପକ୍ଷ ନଦୀରେ ବନ୍ୟାଜଳ ନିଷ୍କାସନ ପାଇଁ ୩ଟି ଗେଟ ଖୋଲିବାକୁ ବାଧ ହୋଇଥିଲେ। ଫଳରେ ନଦୀର ଜେନାପୁରଠାରେ ୬୩ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିଲା। ଲାଗାତାର ଭାବେ ୪ ଦିନ କାଳ ଏଭଳି ପରିସ୍ଥିତି ଲାଗିରହିବା ପରେ ଉପରମୁଣ୍ଡରେ ବର୍ଷା କମିବା ଫଳରେ ଡ୍ୟାମ କର୍ତ୍ତୃପକ୍ଷ ଗତକାଲି ଗୋଟିଏ ଗେଟ ବନ୍ଦ କରିଥିବା ବେଳେ ଆଜି ଆଉ ଏକ ଗେଟକୁ ବନ୍ଦ କରିଥିବା ଜଣାପଡ଼ିଛି। ପ୍ରକୃତ ପକ୍ଷେ ଅଗଷ୍ଟ ୧ ତାରିଖ ସୁଦ୍ଧା ରେଙ୍ଗାଲି ଡ୍ୟାମରେ ୧୧୫.୮୫ ମିଟର ବନ୍ୟାଜଳ ମହଜୁଦ ରହିବା ପରିବର୍ତ୍ତେ ଚଳିତ ଥର ସମାନ ଦିନରେ ୧୨୦ ମିଟର ପାଖାପଖି ବନ୍ୟାଜଳ ମହଜୁଦ ରହିଛି। ଡ୍ୟାମର ୨ ଗୋଟି ଗେଟ ବନ୍ଦ ହେବା ଫଳରେ ନଦୀରେ ଧିରେ ଧିରେ ବନ୍ୟାଜଳ ହ୍ରାସ ପାଇବାକୁ ଲାଗିଛି। ଗତକାଲି ଜେନାପୁରରେ ବନ୍ୟାଜଳ ୬୩ ଫୁଟ ଉପରେ ପ୍ରବାହିତ ହେଉଥିବା ବେଳେ ଆଜି ସନ୍ଧ୍ୟାସୁଦ୍ଧା ଜେନାପୁର ଠାରେ ୬୧.୭୦ ଫୁଟରେ ବନ୍ୟାଜଳ ପ୍ରବାହିତ ହେଉଛି। ବ୍ରାହ୍ମଣୀରେ ବନ୍ୟାଜଳ କମିବା ଫଳରେ ନଦୀକୁଳିଆ ଲୋକେ ଆସ୍ୱସ୍ତି ଅନୁଭବ କରିଛନ୍ତି। ଆସନ୍ତାକାଲି ସୁଦ୍ଧା ଜେନାପୁର ଠାରେ ୬୧ ଫୁଟ ତଳେ ବନ୍ୟାଜଳ ପ୍ରବାହିତ ହେବା ନେଇ ଆଶଙ୍କା କରାଯାଇଛି। ଡ୍ୟାମରେ ଏବେ ଯେତେ ପରିମାଣରେ ବନ୍ୟାଜଳ ପ୍ରବେଶ କରୁଛି ସମପରିମାଣରେ ନିଷ୍କାସିତ ହେଉଥିବା ସୂତ୍ରରୁ ଜଣାପଡ଼ିଛି। ବ୍ରାହ୍ମଣୀ ନଦୀରେ ଲଗାତାର ଭାବେ ୨ ଥର ବନ୍ୟା ଆସି କମି ଯାଇଥିବା ବେଳେ ଏବେ କିଛିଦିନ ପାଇଁ ବନ୍ୟା ଅଶଙ୍କା ଦୂର ହୋଇଛି। ତେବେ ଅଗକୁ ଗହ୍ମା ପୂର୍ଣ୍ଣମୀ ରହିଥିବା ବେଳେ ସମୁଦ୍ର ଜୁଆରିଆ ରହିବା ସହିତ ନଦୀ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ତେବେ ଏହି ସପ୍ତାହକ ମଧ୍ୟରେ ବଡ଼ଧରଣର ଲଘୁଚାପ ହେଲେ ବ୍ରାହ୍ମଣ ।ରେ ବଡ଼ଧରଣର ବନ୍ୟା ଆସିବା ନେଇ ଆଶଙ୍କା କରାଯାଇଛି। ତେବେ ଏହି ଆଶଙ୍କାକୁ ନେଇ ସାଧାରଣରେ ଭୟଭିତ ହେବାର କୌଣସି କାରଣ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

**ବନ୍ୟା ଆଶଙ୍କାରେ ଭୟଭୀତ ନହେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ**

# କୃଷି ଦକ୍ଷତା ବିକାଶ ତାଲିମ ଶିବିର

**ବରୀ, ୩୧।୭ (ସମିସ):** ବରୀବ୍ଲକ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକ କୃଷି ଅଧିକାରିଣୀ ଜ୍ୟୋତିମୟୀ ବେହେରା, ସହକାରୀ ଉଦ୍ୟାନକୃଷି କର୍ମଚାରୀ ସତ୍ୟଜିତ ଦାଶ, ସହକାରୀ କୃଷି ଅଧିକାରୀ ବିକାଶ ମହାପାତ୍ର ପ୍ରମୁଖ ଯୋଗଦେଇ ସମନିତ୍ୟ ଉଦ୍ୟାନକୃଷି ବିକାଶ ଯୋଜନା, ତେଲତାଳ, ମିଶନ ଇନପୁଟ ସବ୍‌ସିଡ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସଚାର ଯୋଜନା, ଜିଆଖତ ପ୍ରସ୍ତୁତି ତାହାର ବ୍ୟବହାର ଓ ଉପକାରିତା ଜିଆ ଜଳଉପରେ ଆଲୋଚନା କରାଯାଇଥିବା ବେଳେ ଶତାଧିକ ଚାଷି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଭରସିଅର ଶ୍ରୀକାନ୍ତ ନାୟକ, ବିଶ୍ୱଜିତ ସେନାପତି, ଏଟିଏମ ପ୍ରିୟ ରଞ୍ଜନ ରାଉତ, ଗ୍ରାମ୍ୟ କୃଷି ଅଧିକାରୀ ରୂପାଲୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମାନପୁର ରେଳ ଓଭରବ୍ରିଜ୍

# ଭାରୀଯାନ ଚଳାଚଳ ଉପରେ କଟକଣା



**ଯାଜପୁର/ଦାନଗଦି, ୩୧।୭ (ସମିସ):** ମାନପୁର ରେଳ ଓଭରବ୍ରିଜରେ ଭାରୀଯାନ ଚଳାଚଳ ଯୋଗୁଁ ସକାଳ ୭ଟାରୁ ୯ଟା ଏବଂ ସନ୍ଧ୍ୟା ୫ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଟ୍ରାଫିକ ଜାମ ଏବଂ ସଡ଼କ ଦୁର୍ଘଟଣାର ସମ୍ଭାବନା ସୃଷ୍ଟି ହେଉଛି। ତେଣୁ ସାଧାରଣ ଜନତାଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଅଧ୍ୟକ୍ଷ, ଆରଟିଏ, ଯାଜପୁର ଅମ୍ବର କୁମାର କର ଓଡ଼ିଶା ମଟର ଯାନ ନିୟମ-୧୯୯୩ର ପ୍ରଦତ୍ତ ନିୟମ ୬୩, ୯୩ ଏବଂ ମୋଟର ଯାନ ଅଧିନିୟମ-୧୯୮୮ ଧାରା ୧୧୫, ୧୧୬, ୧୧୭ ଅନୁଯାୟୀ ମାନପୁର ରେଲୱେ ଓଭର୍‌ବ୍ରିଜରେ ପୂର୍ବାହ୍ନ ୭ଟାରୁ ୯ଟା ଏବଂ ସନ୍ଧ୍ୟା ୫ଟା ଠାରୁ ୭ ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ଏହି ନିଷେଧାଜ୍ଞା ୧ ଅଗଷ୍ଟରୁ ୩୧ ତାରିଖ ପର୍ଯ୍ୟନ୍ତ (ଏକ ମାସ ପର୍ଯ୍ୟନ୍ତ) ଜାରି କରାଯାଇଛି।

## ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ

# ୫୩ ହଜାର ଜରିମାନା ଆଦାୟ

ପାଣିକୋଇଲି, ୩୧।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଔପଦା ଡାଇଭରସନ ନିକଟରେ ଆଜି ପରିବହନ ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା। ଯାଜପୁର ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶରେ ଏମଭିଆଇ ପି.କେ ବେହେରା, ଟି କିଶୋର, ଟି. ହିରୋ ଓ ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ ବଳ, ସନ୍ତୋଷ କୁମାର ବେହେରା, ଗୋପ ଦାସ ପ୍ରମୁଖ ସଦଳବଳେ ବେଆଇନ ପାର୍କିଂଗ, ରଙ୍ଗରୁଟରେ ଗାଡି ଚଳାଚଳ ଓ ହେଲମେଟ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ ନିୟମ ଭାଙ୍ଗୁଥିବା ଚାଳକଙ୍କ ଠାରୁ ୫୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ପରିବହନ ବିଭାଗ ସୂତ୍ରରୁ ପ୍ରକାଶ।

# ଜିଲ୍ଲା ଆର୍ଟ ଓ ପେଣ୍ଟିଂ ଆସୋସିଏସନର ପ୍ରତିଷ୍ଠା ଦିବସ

**ବରୁଆଁ, ୩୧।୭ (ସମିସ):** ଯାଜପୁର ସଦର ବରୁଆଁସ୍ଥିତ ତାରାଦେବୀ ମଣ୍ଡପରେ ଯାଜପୁର ଜିଲ୍ଲା ଆର୍ଟ ଓ ପେଣ୍ଟିଂ ଆସୋସିଏସନ ପକ୍ଷରୁ ଆୟୋଜିତ ୬ଷ୍ଠ ବାର୍ଷିକ ପ୍ରତିଷ୍ଠା ଦିବସ ସଭାପତି ଅକ୍ଷୟ ବେହୁରିଆ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସଦର ଥାନା ଅଧିକାରୀ ଚିନ୍ମୟୀ ବେହେରା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଭୁଦତ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ସମଗ୍ର ରାଜ୍ୟରେ ଯାଜପୁର ଜିଲ୍ଲା ଆର୍ଟ ଏବଂ ପେଣ୍ଟିଂ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବେଳେ ଜିଲ୍ଲାର କଳାକାରମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ଥିବା ମତପ୍ରକାଶ କରିଥିଲେ। ରାଜ୍ୟରେ ସମସ୍ତ କଳାକାର ସେମାନଙ୍କ ପ୍ରାପ୍ୟ ପାଉଥିବା ବେଳେ ଆର୍ଟ ଓ ପେଣ୍ଟିଂ କଳାକାରମାନେ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ପାଇ ପାରୁନାହାଁନ୍ତି ଏଥିପାଇଁ ଆସୋସିଏସନ ପକ୍ଷରୁ ୫ ଦଫା ଦାବି ସମୂହକୁ ସରକାର





ପୂରଣ କରିବା ଉଚିତ୍ ବୋଲି ଉପସ୍ଥାପନ କରିଥିଲେ। ଜିଲ୍ଲାର ଯେତେ ସରକାରୀ ବିଭାଗର ବିଜ୍ଞାପନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଉଚିତ୍ ମୂଲ୍ୟରେ ଦେବା ଏବଂ ଜିଲ୍ଲାର ବିଜ୍ଞାପନ ଟେଣ୍ଡର ଜରିଆରେ ନଦେଇ ଆସୋସିଏସନ ଜରିଆରେ କାର୍ଯ୍ୟ କରିବା। ଜିଲ୍ଲାର ଆର୍ଟ ଓ ପେଣ୍ଟିଂ କଳାକାରଙ୍କ ପାଇଁ ଆସୋସିଏସନ ଗୃହ ନିର୍ମାଣ। ଏଥିରେ କାର୍ଯ୍ୟ କରୁଥିବା କଳାକାରମାନଙ୍କ ପାଇଁ ଭତ୍ତା ପ୍ରଦାନ। ବିଜ୍ଞାପନ ଏବଂ ସୌନ୍ଦର୍ଯ୍ୟକରଣ ନିମନ୍ତେ ବାହାର ଜିଲ୍ଲା ପରିବର୍ତ୍ତେ ନିଜ ଜିଲ୍ଲାର କଳାକାରଙ୍କୁ ପ୍ରାଧାନ୍ୟ ଦେବା ନେଇ ଦାବି କରିଥିଲେ। ଉତ୍ସବରେ ଉପସଭାପତି ମଙ୍ଗୁଳି ଜେନା, କାର୍ଯ୍ୟକାରୀ ସଭାପତି ଗଗନ ବିହାରୀ ଜେନା, ସାଧାରଣ ସମ୍ପାଦକ ମୋହନ କୁମାର ଦାଶ, ସହ-ସମ୍ପାଦକ ବାଦଲ ନାୟକ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ମାଝୀ, ବିକାଶ ବେହେରା, ସୁଦର୍ଶନ ପାତ୍ର, ଗୟାଧର ନାଥ, ତରୁଣ ତରାଇ, ଉଦୟ ଓଝା, ପ୍ରଶାନ୍ତ କୁମାର ସାହୁ, ଶରତଚନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ୧୦ଟି ବ୍ଲକର ଆର୍ଟିଷ୍ଟମାନେ ଯୋଗଦେଇଥିଲେ।

# ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ

**ଯାଜପୁର, ୩୧।୭ (ସମିସ):** ଯାଜପୁର ଜିଲ୍ଲାରେ ବିଭିନ୍ନ ଅଗ୍ରଣୀ ବେସରକାରୀ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଗୁଡ଼ିକ ମାଧ୍ୟମରେ ଯୁବକଯୁବତୀ ମାନଙ୍କୁ ନୂତନ ଓଡ଼ିଶା ଯୋଜନା ଅନ୍ତର୍ଭୁକ୍ତ ଦକ୍ଷତା ବିକାଶ ସହିତ ନିଯୁକ୍ତି ପ୍ରଦାନ ନିମନ୍ତେ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ବିଭିନ୍ନ ସଦସ୍ୟ ମାନଙ୍କ ମାଧ୍ୟମରେ ଉପଯୁକ୍ତ ଦକ୍ଷତା ବିକାଶ ତାଲିମ ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଚୟନ ସହିତ ଜିଲ୍ଲାରେ କାର୍ଯ୍ୟକାରୀ ହଉଥିବା ବିଭିନ୍ନ ଦକ୍ଷତା ବିକାଶ ତାଲିମଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ଆବେଦନ କରିଥିବା ସମସ୍ତ ତାଲିମ ପ୍ରଦାନକାରୀ ସଂସ୍ଥା ଉପସ୍ଥିତ ରହି ସେମାନଙ୍କର ପ୍ରସ୍ତାବିତ ତାଲିମ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଚୟନ ହୋଇଥିବା ସମସ୍ତ ଦକ୍ଷତା ବିକାଶ





ତାଲିମ ପ୍ରଦାନକାରୀ ସଂସ୍ଥାଗୁଡିକୁ ଜିଲ୍ଲାପାଳ ଉଚ୍ଚମାନର ତାଲିମ ସହିତ ଶତପ୍ରତିଶତ ନିଯୁକ୍ତି ପ୍ରଦାନ ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଥିଲେ। ବୈଠକରେ ବିରହୋର ଏବଂ ଜୁଆଙ୍ଗ ସମ୍ପ୍ରଦାୟର ଯୁବକଯୁବତୀ ମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ ନିମନ୍ତେ ନିଷ୍ପତି ନିଆଯାଇଅଛି। ଜିଲ୍ଲାରେ ବିଭିନ୍ନ ବିଭାଗ ତରଫରୁ ଦିଆଯାଉଥିବା ଦକ୍ଷତା ବିକାଶ ତାଲିମ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକକୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାୟକ, କନିଷ୍ଠ ନିଯୋଜନ ଅଧିକାରୀ ମାନସ କୁମାର କୁଅଁର, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ ରାକେଶ କୁମାର ନାୟକ ପରିଚାଳନା କରୁଥିବା ବେଳେ ଉକ୍ତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜାତୀୟ ରାଜପଥରେ ଅନଧିକୃତ ଗାଡ଼ି ପାର୍କିଂ ଉପରେ କଟକଣା

**ଯାଜପୁର, ୩୧।୭ (ସମିସ):** ଏନ୍‌ଏଚ୍-୧୬, ଏନ୍‌ଏଚ୍-୫୩ ଓ ଏନ୍‌ଏଚ୍-୨୦ ମୁଖ୍ୟ ରାସ୍ତାରେ ଅନଧିକୃତ ଭାବରେ ଗାଡ଼ି ପାର୍କିଂ ଦ୍ୱାରା ଅତ୍ୟାବଶ୍ୟକୀୟ ଯାନବାହାନ ମୁକ୍ତ ଚଳାଚଳରେ ଅସୁବିଧା ପରିଲକ୍ଷିତ ହେବା ସହ ରାସ୍ତା ଦୁର୍ଘଟଣା ବୃଦ୍ଧିପାଉଥିବାର ଜିଲ୍ଲା ପ୍ରଶାସନ, ଯାଜପୁରର ଦୃଷ୍ଟିକୁ ଆସିଅଛି। ଜନ ସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅନଧିକୃତ ଗାଡ଼ି ପାର୍କିଂ ଉପରେ ନିଷେଧାଜ୍ଞା ଜାରୀ କରିଛନ୍ତି। ମୋଟରଯାନ ଆଇନ ୧୯୮୮ ଧାରା ୧୧୫, ୧୧୬, ୧୧୭ ଓ ଓଏମଭି ନିୟମାବଳୀର ୬୩ ଓ ୯୩ ନିୟମାବଳୀ ଅନୁଯାୟୀ ଅମ୍ବର କୁମାର କର, ଓଏଏସ(ଏସ୍‌ଏସ୍) ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ତଥା ଚେୟାରମ୍ୟାନ, ଆରଟିଏ, ଯାଜପୁର ସମସ୍ତ ଦ୍ରବ୍ୟ ପରିବହନ କରୁଥିବା ଯାନ ଏନ୍‌ଏଚ-୧୬ (ଷଠିପୁରରୁ ନେଳିଆ), ଏନ୍‌ଏଚ-୫୩ (ବାଲିଚନ୍ଦ୍ରପୁରରୁ ଡୁବୁରୀ), ଏନ୍‌ଏଚ-୨୦ (ପାଣିକୋଇଲି ଛକରୁ ରଗଡ଼ି ଛକ )ପର୍ଯ୍ୟନ୍ତ ଅନଧିକୃତ ପାର୍କିଂ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ଏହି ନିର୍ଦ୍ଦେଶ ୧ ଅଗଷ୍ଟରୁ ୩୧ ତାରିଖ ପର୍ଯ୍ୟନ୍ତ ଏକ ମାସ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କୃତ୍ରିମ ବନ୍ୟା ପରିସ୍ଥିତି



**ବିଞ୍ଝାରପୁର, ୩୧।୭ (ସମିସ):** ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଫିସକୁ ବ୍ଲକର ୨୯ ପଞ୍ଚାୟତର ଜନ ସାଧାରଣ ବିଭିନ୍ନ ସମସ୍ୟା ନେଇ ଆସିଥାନ୍ତି। ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଯାଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟାଳୟ ପରିସରରେ ଅସରାଏ ବର୍ଷା ହେଲେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଯାହାଫଳରେ ସ୍ଥାନୀୟ ଲୋକେ କୌଣସି ଅଫିସ କାର୍ଯ୍ୟ ପାଇଁ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଜନ୍ମ ସାର୍ଟିଫିକେଟ ହୋଉ ବା ମୃତ୍ୟୁ ସାର୍ଟିଫିକେଟ କୌଣସି କାମ ପାଇଁ ଗଲେ ୨ଫୁଟ ପାଣି ଭିତରେ ପଶିକି ଯିବାକୁ ପଡୁଛି। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲଡିଂ ତିଆରି ହେଉଥିବାରୁ ଏଭଳି ସମସ୍ୟା ଦେଖାଯାଉଥିବା ଅଭିଯୋଗ ହେଉଛି। ସବୁଠୁ ବଡ କଥା ହେଲା ଦୁଇଟି ଠିକା ସଂସ୍ଥା କାର୍ଯ୍ୟ କରୁଥିବା ବେଳେ ଯାତାୟାତ ରାସ୍ତା ଉପରେ ଗୁରୁତ୍ୱ ନେଉନାହାନ୍ତି। ଯାତାୟତ ରାସ୍ତାରେ ପାଣି ରହୁଛି। ଠିକା ସଂସ୍ଥା ମାନ ପାଣି ନିଷ୍କାସନ କରିବା ପରିବର୍ତ୍ତେ ପାଣି କିପରି ରାସ୍ତାରେ ଜମି ରହିବ ତାହା କରିଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ତେବେ ଏହି ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ପିକ୍‌ଅପ୍ ଧକ୍କାରେ ବାଇକ୍ ଆରୋହୀ ଆହତ

**ପାଣିକୋଇଲି, ୩୧।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାର ଅନତୀଦୂରରେ ବାଇକ ସହ ରଙ୍ଗ ରୁଟ୍‌ରେ ଆସୁଥିବା ଏକ ପିକଅପ ସହ ଧକ୍କା ହେବାରୁ ବାଇକଆରୋହୀ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶଯେ, ବିଂଝାରପୁର ଥାନା ଅନ୍ତର୍ଗତ ବାଳମୁକୁଳି ଜେନାଡିହ ଗ୍ରାମର ବିଦ୍ୟାଧର ମଳିକ ଯାଜପୁରରୋଡରୁ ଘରକୁ ଏକ ବାଇକରେ ଫେରୁଥିଲେ। ପାଣିକୋଇଲି ଜନଔଷଧୀ କେନ୍ଦ୍ର ନିକଟରେ ରାଜପଥରୁ ସର୍ଭିସ ରୋଡରେ ସେ ପଶି ଆସିଯିବାରୁ ସମ୍ମୁଖରୁ ଆସୁଥିବା ଏକ ପିକଅପ ସହ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଫଳରେ ବିଦ୍ୟାଧର ପଡ଼ି ଗୁରୁତର ଆହତ ହୋଇଥିଲେ। ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ବିଦ୍ୟାଧରକୁ ଉଦ୍ଧାର କରି ପାଣିକୋଇଲିରେ ପ୍ରାଥମିକ ଚିକିତ୍ସା କରିବା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳେ ପୁଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

# ଅଖିଳ ଭାରତୀୟ ରେଳ ଚାଳକ ସଂଘ ଓ ପୂର୍ବତଟ ଶ୍ରମିକ କଂଗ୍ରେସର ଅନଶନ

**ଯଖପୁରା, ୩୧।୭ (ସମିସ)**





ଅଖିଳ ଭାରତୀୟ ରେଳ ଚାଳକ ସଂଘ ଓ ପୂର୍ବତଟ ରେଳପଥର ଶ୍ରମିକ କଂଗ୍ରେସ ନିଜର ବିଭିନ୍ନ ସମସ୍ୟାକୁ ନେଇ ଅନିର୍ଦ୍ଧିଷ୍ଟ ସମୟ ପାଇଁ ଆନ୍ଦୋଳନରେ ବସିଛନ୍ତି। ପୂର୍ବତଟ ରେଳ ବିଭାଗର ଅନେକ ରେଳ ଷ୍ଟେସନରେ ଏହି ଆନ୍ଦୋଳନ ଜାରିରହିଛି। ୧୧ ଦଫା ଦାବିକୁ ନେଇ ଉଭୟ ସଂଗଠନ ଅନଶନରେ ବସିଛନ୍ତି। ଏମଜିକେ ଅନୁଯାୟୀ, ୧୨୦ କିଲୋମିଟର ଦୈନିକ ମାଇଲେଜ ଭତ୍ତା ପ୍ରଦାନ କରିବା, ରେଳ ଚାଳକଙ୍କ ୯ ଘଣ୍ଟା କାର୍ଯ୍ୟ ସମୟ ଲାଗୁ କରିବା, ବେନିୟମ ଭାବରେ କାର୍ଯ୍ୟ ସମୟକୁ କାଟିଦେବା, ଦୁଇରାତି ଡ୍ୟୁଟି କଲାପରେ ରାତ୍ରି ବିଶ୍ରାମ ଦେବା, ରେଳ ଚାଳକଙ୍କୁ ୩୬ଘଣ୍ଟା ଭିତରେ ନିଜ ମୁଖ୍ୟାଳୟକୁ ଫେରାଇ ଆଣିବା, ରେଳ ବୋର୍ଡର ନିୟମ ଅନୁଯାୟୀ ରନିଂ ରୁମ୍ ଖୋଲିବା, ଟ୍ରାଙ୍ଗୁଲାର କାର୍ଯ୍ୟଶୈଳୀକୁ ବନ୍ଦ କରିବା, ଗାର୍ଡ ବ୍ରେକ୍ ଭ୍ୟାନର ଉପଯୁକ୍ତ ମରାମତି କରିବା, ସମସ୍ତ ରେଳ ଇଂଜିନରେ ଏସି ଲଗାଇବା ସହିତ ଖରାପ ଏସି ଗୁଡିକର ତୁରନ୍ତ ମରାମତି କରିବା, ଇଞ୍ଜିନରେ ଟୁଲ ବକ୍ସ ଓ ଲାଇନ ବକ୍ସର ବ୍ୟବସ୍ଥା କରିବା ଆଦି ୧୧ଦଫା ଦାବିନେଇ ରେଳ ଚାଳକ ଓ ରେଳ ପରିଚାଳକଙ୍କ ନିମନ୍ତେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ତରଫରୁ ପୂର୍ବତଟ ରେଳପଥର ଚାଳକ ନିୟନ୍ତ୍ରକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଅନଶନର ଡାକରା ଦିଆଯାଇଛି। ସେହିକ୍ରମରେ ଜଖପୁରା ରେଳ ଷ୍ଟେସନଠାରେ ସଂଗଠନ ପକ୍ଷରୁ ଅନଶନ ଚାଲୁ ରହିଛି। ଏହି ଆନ୍ଦୋଳନକୁ ଅଖିଳ ଭାରତୀୟ ରେଳ ଚାଳକ ସଙ୍ଘର ପୂର୍ବତଟ ରେଳପଥ ଶାଖା ପୂର୍ଣ୍ଣ ସମର୍ଥନ ଦେଇଥିବା ବେଳେ ଦାବିଗୁଡ଼ିକ ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଅଖିଳ ଭାରତୀୟ ରେଳ ଚାଳକ ସଙ୍ଘ ତରଫରୁ କୁହାଯାଇଛି। ଯଖପୁରାରେ ଶ୍ରମିକ କଂଗ୍ରେସ ନେତା ନିରଞ୍ଜନ ମିଶ୍ର, ବିନ୍ ସ୍ୱାଇଁ, ଅଶୋକ ଜେନା, ଆଶିଷ କୁମାର ସ୍ୱାଇଁ, ପବିତ୍ର ସାମଲ ପ୍ରମୁଖ ଓ ରେଳ ଚାଳକ ସଂଘ ତରଫରୁ ଶାଖା ସଚିବ ଉମେଶ ଚନ୍ଦ୍ର ମହାରଣା, ରାଜୀବ ପରିଡ଼ା, ବିକେ ଗାନ, ସୁଜିତ୍ ଦାସ, ଲଖନ୍ କୁମାର, ଏନ୍ ଡୀ ଆର୍‌ୟା ପ୍ରମୁଖ ଓ ଅନେକ ରନିଂ କର୍ମଚାରୀ ଅନଶନରେ ବସିଛନ୍ତି।

ଦ୍ୱାଦଶ କର୍ମ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାଙ୍ଗନା ପତି
ଗ୍ରାମ- ସୋଧ, ଦୋବଲ, ଧାମନଗର
ଆବିର୍ଭାବ-୧୭/୮/୧୯୫୩
ତିରୋଧାନ-୨୧/୭/୨୦୨୫

ତୁମ ଅବର୍ତ୍ତମାନରେ ଚାହିଁ ଚାହିଁ ଆଜିକୁ ବାର ଦିନ ହୋଇଗଲା। ତୁମର ଅନୁପସ୍ଥିତି ପ୍ରତି ମୂହୁର୍ତ୍ତ ରେ ଆମେମାନେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲ ପାଇବା ସବୁ ସମୟରେ ମନେପଡୁଛି। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦଗତି ହେଉ।

ଶୋକସନ୍ତପ୍ତ: ରମାକାନ୍ତ ପତି
ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଓ
ପତି ପରିବାର ବର୍ଗ

# ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ବେଗୁନିଆ, ୩୧।୭ (ସମିସ): ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ସନ୍ତୋଷ କୁମାର ଜେନା, ତହସିଲଦାର ତାପସ ବିଶି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ୍ ଭଗବାନ ପଣ୍ଡା, ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ବେହେରା, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଓ ସମାଜସେବୀ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସମେତ ସରପଞ୍ଚ/ସମିତିସଭ୍ୟ ଯୋଗଦେଇ କାର୍ଯ୍ୟକ୍ରମ କିଭଳି ସଫଳ ହୋଇପାରିବ ସେଥିପାଇଁ ମତ ପ୍ରକାଶ କରିଥିଲେ।

# କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ, ୩୧।୭ (ସମିସ): ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ଜଣାପଡ଼ିଛି।



ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମହେନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ରହିବା ସହ କ୍ରୀଡ଼ା ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ମହାନ୍ତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ଯୋଗାଭ୍ୟାସ ଆଦିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କର ଅକ୍ଳାନ୍ତ ପରିଶ୍ରମ ପାଇଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବ୍ଲକସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରେ ନିଜର କୃତିତ୍ୱ ଅର୍ଜନ କରିପାରିଛନ୍ତି।

# ଦିନକୁ ଦିନ ଦୁଃଖ ଦେଲାଣି ରାଜପଥ

## ■ ଖାଲଖମା ରାସ୍ତା ଯୋଗୁଁ ସାଧାରଣରେ ଅସନ୍ତୋଷ

ବେଗୁନିଆ, ୩୧।୭ (ସମିସ): ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜପଥର ସିମୋର ଛକ ଉପରେ ବଡ଼ ଖାଲ ସୃଷ୍ଟି ହୋଇଥିବା ଯୋଗୁଁ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଏଥିରେ ଦିନକୁ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ସାଧାରଣରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ତେବେ ଏହି ରାସ୍ତା ଦେଇ ପ୍ରତ୍ୟହ ଦିବା ଓ ରାତ୍ରରେ ଯାତ୍ରୀବାହୀ ବସ୍, ଟ୍ରକ୍, ମୋଟର ସାଇକଲ ଓ ପଥଚାରୀମାନେ ଯାତାୟାତ କରିଥା'ନ୍ତି। ବର୍ଷା ଯୋଗୁଁ ଖାଲରେ ପାଣି ଜମି ପୋଖରୀ ଭଳି ଦୃଶ୍ୟମାନ ହେଉଛି।



ତେବେ ଗଣମାଧ୍ୟମରେ ଜରିଆରେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେହି ଶୁଣିବାର ନାଁ ଧରୁନାହାନ୍ତି। ତେବେ ପ୍ରଶାସନ ପକ୍ଷରୁ ରାସ୍ତାଟିକୁ ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି। ଏପରିକି ଗୋବିନ୍ଦପୁର ଛକଠାରେ ମଧ୍ୟ ରାସ୍ତାକୁ ଖୋଳି ପାନୀୟଜଳ ଯୋଗାଣ ପାଇଁ ପାଇପ୍ ବିଛାଯାଇଥିଲା। ସେହି ସ୍ଥାନରେ ସୃଷ୍ଟି ହୋଇଥିବା ଖାଲକୁ କାମଚଳା ଭାବେ କେବଳ ମାଟି ପକାଇ ସମତୁଲ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଖାଲଢିପ ଅବସ୍ଥାରେ ରହିଛି। ସେଠାରେ ମଧ୍ୟ କାର୍ଯ୍ୟ ଅସମ୍ପୂର୍ଣ୍ଣ ଭାବେ ରହିଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଏହାବାଦ୍ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ଓ ବେଗୁନିଆ ରାସ୍ତାର ମଧ୍ୟ ଖାଲଖମାରେ ଭର୍ତ୍ତି ହୋଇଛି। ପୂର୍ତ୍ତ ବିଭାଗ ଓ ଠିକାଦାର ମଧ୍ୟରେ ସଲାସୁତରା ଯୋଗୁଁ ଏଭଳି ହେଉଛି ବୋଲି ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ୧୧ ଦଫା ଦାବି ନେଇ ଆମରଣ ଅନଶନ



ଜଟଣୀ, ୩୧।୭ (ସମିସ): ୧୨୦ କି.ମି. ଅନ୍ୟୁନ ଦୈନିକ ମାଇଲେଜ୍ ଭତ୍ତା ପ୍ରଦାନ କରିବା, ୯ ଘଣ୍ଟା କାର୍ଯ୍ୟ ସମୟ ଲାଗୁ କରିବା, ବେନିୟମ୍ ଭାବେ କାର୍ଯ୍ୟ ସମୟରେ କଟ୍‌ନି ଛଟ୍‌ନି ବନ୍ଦ କରିବା, ଲଗାତାର ଦୁଇରାତି କାର୍ଯ୍ୟ ସୀମିତ ରଖିବା, ୩୬ ଘଣ୍ଟା ମଧ୍ୟରେ ମୁଖ୍ୟାଳୟକୁ ଫେରାଇ ଆଣିବା, ନୂତନ ରନିଂ ରୁମ୍ ଖୋଲିବା, ତ୍ରିକୋଣିଆ କାର୍ଯ୍ୟଶୈଳୀକୁ ବନ୍ଦ କରିବା, ଗାର୍ଡ ବ୍ରେକ୍ ଭ୍ୟାନ୍‌ର ସଠିକ୍ ମରାମତି କରିବା, ସମସ୍ତ ରେଳ ଇଞ୍ଜିନ୍‌ରେ ଏସି ପ୍ରଦାନ କରିବା, ସମସ୍ତ ରେଳ ଇଞ୍ଜିନ୍‌ରେ ଟୁଲ ବକ୍ସ ଓ ଲାଇନ୍ ବକ୍ସ ବ୍ୟବସ୍ଥା କରିବା ଭଳି ୧୧ଦଫା ଦାବି ନେଇ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ, ଅଖିଳ ଭାରତୀୟ ରେଳ ଚାଳକ ସଂଘ ଓ ଅଖିଳ ଭାରତୀୟ ରେଳ (ଗାର୍ଡ) ପରିଚାଳକ ସଂଘର ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ କରାଯାଇଛି। ଦାବିଗୁଡ଼ିକ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। ଅନଶନରେ ଶ୍ରମିକ କଂଗ୍ରେସର ମଣ୍ଡଳ ସଂଯୋଜକ ସୁନିଲ ଭଞ୍ଜ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଚାଳକ ସଂଘ ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦାଶ, ଜ୍ୟୋତିରଞ୍ଜନ ରାଉତ, ପ୍ରଦୀପ୍ତ ମହାନ୍ତି, ପ୍ରଫୁଲ୍ଲ ବେହେରା, ଦିଲ୍ଲୀପ ସାହୁ, କୁଞ୍ଜ ବିହାରୀ ପ୍ରଧାନଙ୍କ ନେତୃତ୍ୱରେ ସଦସ୍ୟମାନେ ସାମିଲ୍ ହୋଇଥିଲେ। ଗୁରୁବାର ଅନଶନବେଳେ ଜଣେ ଲୋକ ପାଇଲଟ୍ ବେହୋସ୍ ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ବୋଲି ଏଲ୍‌ଡି ମହାନ୍ତି ସୂଚନା ଦେଇଛନ୍ତି।

# ମରଣଯନ୍ତା ପାଲଟିଛି ଖୋର୍ଦ୍ଧା ସହର; ରାସ୍ତାସାରା ଖାଲ

ଖୋର୍ଦ୍ଧା, ୩୧।୭ (ସମିସ)

ଖୋର୍ଦ୍ଧା ସହର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହର ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପିତାପଲ୍ଲୀ ଛକ ନିକଟରୁ ମୁକୁନ୍ଦପ୍ରସାଦ, ଗୋଡ଼ିପୋଖରୀ, ଟ୍ରାଫିକ୍ ଛକ, ମେଡିକାଲ ଦେଇ ଏହି ରାସ୍ତା ନୟାଗଡ଼-ବଲାଙ୍ଗିରକୁ ସଂଯୋଗ କରୁଛି। ମୁକୁନ୍ଦପ୍ରସାଦଠାରୁ ମେଡିକାଲ ବଡ଼ଶଙ୍ଖ ପର୍ଯ୍ୟନ୍ତ ଅତ୍ୟନ୍ତ କଦର୍ଯ୍ୟ ହୋଇପଡ଼ିଛି।

## ■ ନିମ୍ନମାନର କାମ ଯୋଗୁଁ ନଷ୍ଟ ହେଉଛି ରାସ୍ତା

ଫଳରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଥିବାବେଳେ ଦୁଇଚକିଆ ଓ ଚାରିଚକିଆ ଯାନ ଗାତରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଲଘୁଚାପ ବର୍ଷାରେ ପାଣି ଜମି ଲୋକେ ଜାଣି ନ ପାରି ଗାତରେ ପଡ଼ି ଆହତ ହେଉଥିବାବେଳେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଚଣ୍ଡିଚୁଆ ଛକରେ ମଧ୍ୟ ସମାନ ସମସ୍ୟା ରହିଛି। ମେଡିକାଲ ଛକ ରାସ୍ତାରେ ବିରାଟ ଗାତ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ୍‌ବାହୀ ଟ୍ରକ୍, ଭାରୀଯାନ ଯାତାୟାତ ଯୋଗୁଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

ଅନ୍ୟପଟେ ଦିବାରାତ୍ର ଘରୋଇ ବସ୍, ଦୁଇ ଚାରିଚକିଆ ଯାନ ଯାତାୟାତ କରୁଥିବାବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ



ହେଉଛନ୍ତି। ଏପରିକି ମେଡିକାଲକୁ ଆସୁଥିବା ରୋଗୀ ହଇରାଣ ହେଉଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷ କେବଳ ଗାତରେ ପିଚୁ ଢଳେଇ କରି ଛାଡ଼ି ଦେଉଛନ୍ତି। ଫଳରେ କିଛି ଦିନ ପରେ ପିଚୁ ତରଳି ପୁନଃ ଗାତ ସୃଷ୍ଟି ହେଉଛି। କେବଳ ଏହି ଗୋଟିଏ ରାସ୍ତା ନୁହେଁ, ସହରସାରା ରାସ୍ତା ଖାଲଖମାରେ ପରିଣତ ହୋଇଛି। ନୂଆ ବସ୍‌ଷ୍ଟାଣ୍ଡ ନିକଟ ପଲ୍ଲା ଛକ (ଗଜପତିଙ୍କ ପ୍ରତିମୂର୍ତ୍ତି) ନିକଟରେ ଏକ ବଡ଼ ସ୍ଥାନରେ ବହୁ ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଘରୋଇ ବସ୍, ମାଲବାହୀ ଟ୍ରକ୍ ପ୍ରଭୃତି ଯାତାୟାତ କରୁଛନ୍ତି। ସହରର ଏକ ପ୍ରବେଶ ପଥ ହୋଇଥିବାରୁ ସବୁ ସମୟରେ ଟ୍ରାଫିକ୍ ସମସ୍ୟା ରହୁଛି। ଅସରାଏ ବର୍ଷା ହେଲେ ଗାତରେ ପାଣି ଜମି ଲୋକେ ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆଖାବରା ହେଉଛନ୍ତି।

ଏହି ରାସ୍ତା ଦେଇ ପ୍ରତିଦିନ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରୁଛନ୍ତି। ଗତବର୍ଷ ମଧ୍ୟ ସମାନ ଅବସ୍ଥା ରହିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ପତଳାସ୍ତରରେ ପିଚୁ ଢଳେଇ କରି ଛାଡ଼ି ଦିଆଗଲା। ଅତି ନିମ୍ନମାନର କାମ ଯୋଗୁଁ ଏହି ସବୁ ପିଚୁ ଛାଡ଼ି ଯଥା ପୂର୍ବଂ ତଥା ପରଂ ଭଳି ପୁଣି ଗାତ ସୃଷ୍ଟି ହୋଇ ଟ୍ରାଫିକ୍ ସମସ୍ୟା ମୁଣ୍ଡବ୍ୟଥା କାରଣ ସାଜିଛି। ପଲ୍ଲା ଛକ ନିକଟରେ ବିରାଟ ଗାତ ଯୋଗୁଁ ସ୍କୁଲ ପିଲାଠାରୁ ବଡ଼ମାନେ ଗାତରେ ପଡ଼ି ଆହତ ହେଉଛନ୍ତି। ଅତି ନିମ୍ନମାନର କାମ ଯୋଗୁଁ ଏହି ରାସ୍ତା ଏକ ବର୍ଷ ନ ପୂରୁଣୁ ରାସ୍ତା ସମ୍ପୂର୍ଣ୍ଣ କଦର୍ଯ୍ୟ ହୋଇ ପଡ଼ିଥିବା ସ୍ଥାନୀୟ ଲୋକେ ଗଣମାଧ୍ୟମ ଆଗରେ କହିଛନ୍ତି।

ସେହିପରି ନୂଆ ବସ୍‌ଷ୍ଟାଣ୍ଡଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ଗତ ୫ ବର୍ଷ ମଧ୍ୟରେ ଏକାଧିକ ଥର ମରାମତି, ପିଚୁ ଢଳେଇ କରାଯାଇଛି। ମାତ୍ର କିଛି ମାସ ପରେ ରାସ୍ତାରୁ ପିଚୁ ଉଠି ପୁଣି ଗାତ ସୃଷ୍ଟି ହେଉଛି। ଏହି ରାସ୍ତା ମରାମତି ଆଳରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି ବୋଲି ଜନୈକ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ପୂର୍ତ୍ତ ବିଭାଗ ଏବଂ ଠିକା ସଂସ୍ଥା ମଧ୍ୟରେ ସଲାସୁତରା ଯୋଗୁଁ ସହରର ପ୍ରମୁଖ ରାସ୍ତା ସବୁ ଦିନକୁ ଦିନ ମରଣଯନ୍ତା ପାଲଟିଛି। ରାସ୍ତା ନିର୍ମାଣରେ ବହୁ ଅର୍ଥ ଆତ୍ମସାତ୍ କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ବାରମ୍ବାର ଏହି ରାସ୍ତା ସବୁ ଖରାପ ହେଉଥିବାରୁ ଠିକାସଂସ୍ଥା ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଉପରେ ଅଙ୍ଗୁଳି ଉଠିଛି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଠିକାଦାରଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ଏହି ରାସ୍ତା ପ୍ରତିବର୍ଷ ଖରାପ ହେଉଛି ବୋଲି କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି କହିଛନ୍ତି। ସେ କୁହନ୍ତି ଗତ ୩ବର୍ଷ ତଳେ ଅତି ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ କଂଗ୍ରେସ ରାସ୍ତାକୁ ଓହ୍ଲାଇଥିଲା। ଏଠାରେ ପ୍ରଶାସନିକ ଅଧିକାରୀମାନେ ମାସିକିଆ ମୋଟା ଅଙ୍କର ପିସି ଖାଇ ଠିକାଦାରଙ୍କୁ ପୋସୁଛନ୍ତି। ଏହାକୁ ବରଦାସ୍ତ କରାଯିବ ନାହିଁ, ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ। ସେହିଭଳି ପଲ୍ଲା ଛକଠାରୁ ଇସ୍କନ ମନ୍ଦିର ରାସ୍ତା, ଡାକ୍ତର ସାହି ଗଳିଠାରୁ ଗୁରୁଜଙ୍ଗ ସମେତ ସହର ସାହିଗଳି କନ୍ଦି ରାସ୍ତା ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ବୋଲି କହିଛନ୍ତି ସାମାଜିକ କର୍ମୀ ଜୟନ୍ତ ମହାନ୍ତି।

# ଗୋଚର ଜମିରେ କମ୍ପାନୀ ନିର୍ମାଣ କାର୍ଯ୍ୟ ବନ୍ଦ ଦାବି

ନିରାକାରପୁର, ୩୧।୭ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ନିକଟସ୍ଥ ଓଲସିଂହ ପଞ୍ଚାୟତ ଡମଣଭୂମି ଖଜୁରିଆ ମୌଜାରେ ଇଡ୍‌କୋ ଦ୍ୱାରା ପ୍ରଦତ୍ତ ଜମିରେ ଭାରତୀୟ ଗ୍ରୁପ୍, ରିଲାଏନ୍ସ କୁମର ପ୍ରଡକ୍ଟ ଲିମିଟେଡ୍ ଓ ଭୁବନେଶ୍ୱରୀ ଫୁଡ୍ ଏଣ୍ଡ ବେଭରେଜ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଜୁନ୍ ୫ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ କାମ୍ପା କମ୍ପାନୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ଗ୍ରାମକୁ ପ୍ରସ୍ତାବିତ ରାସ୍ତା ଜମିକୁ କମ୍ପାନୀକୁ ଦିଆଯାଇଥିବା ବିରୋଧରେ ଶତାଧିକ ଲୋକ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ପୂର୍ବରୁ କାର୍ଯ୍ୟକୁ ବନ୍ଦ କରିବାକୁ ବିକ୍ଷୋଭ କରିଥିବାବେଳେ ଉକ୍ତ ପ୍ରସ୍ତାବିତ ରାସ୍ତା ଜମି ଉପରେ ଚାଲୁଥିବା କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ହାଇକୋର୍ଟ ରହିତାଦେଶ ଜାରି କରିଥିବା ଜଣାପଡ଼ିଛି। ଆବେଦନକାରୀ ଓଲସିଂହ ସରପଞ୍ଚ ଶୁଭଦର୍ଶନୀ ଭୋଳ ଓ ଅନ୍ୟମାନେ ଥିବାବେଳେ ଇଡ୍‌କୋ ଜେନେରାଲ ମ୍ୟାନେଜର, ଆର୍‌ଡି କମିଶନର, ଟାଙ୍ଗୀ ତହସିଲଦାର, ବିଡିଓ, ଠିକାଦାର ଓ ନିର୍ମାଣାଧୀନ କାମ୍ପା କମ୍ପାନୀ କର୍ତ୍ତୃପକ୍ଷ ରହିଛନ୍ତି। ପୂର୍ବରୁ ଟାଙ୍ଗୀ ତହସିଲ ଜଂକିଆ ଥାନା ଅନ୍ତର୍ଗତ ଖଜୁରିଆ ମୌଜାର କିଛି ଗୋଚର ଜମିକୁ



କିସମ ପରିବର୍ତ୍ତନ କରାଯାଇ ଇଡ୍‌କୋ ନାମରେ ପଟ୍ଟା କରାଯିବା ପାଇଁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ କରାଯାଇଛି। ଅଣସଂରକ୍ଷିତ ମାମଲା ସଂଖ୍ୟା-୪/୨୫ ଖଜୁରିଆ ମୌଜାର ତଫସିଲ ବର୍ଣ୍ଣିତ ସରକାରୀ ଜମି ଖାତା ନଂ ୨୧୦ର ପ୍ଲଟ ନଂ ୪୫୨ର ୧ ଏକର ୭୦ ଡେସିମିଲ, ପ୍ଲଟ୍ ନଂ ୪୫୩ର ୨ଏକର ୮୦୦ ଡେସିମିଲ ଓ ପ୍ଲଟ୍ ନଂ ୪୬୫ର ୯୩୦ ଡେସିମିଲକୁ କିସମ ପରିବର୍ତ୍ତନ କରାଯାଇ ଇଡ୍‌କୋ ନାମରେ ପଟ୍ଟା କରାଯିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ନିଆଯାଇଛି। ତେଣୁ ତହସିଲ୍ ପକ୍ଷରୁ ଏକ ସର୍ବସାଧାରଣ ନୋଟିସ ଜରିଆରେ ଇସ୍ତାହାର ଜାରି ହେବାର ୧୫ ଦିନ ମଧ୍ୟରେ ତହସିଲଦାରଙ୍କ ନିକଟରେ ହଜାର ହୋଇ ଲିଖିତ ଆକାରରେ ଅଭିଯୋଗ କରିବାକୁ ଦର୍ଶାଯାଇଥିଲା। ପରେ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ଦାଖଲ କରାଯାଇଥିଲା। ଏହାର ଶୁଣାଣି ଜୁଲାଇ ୨୯ ତାରିଖରେ ରଖାଯାଇଥିବାବେଳେ ଡମଣଭୂମି ଗ୍ରାମବାସୀ ତହସିଲରେ ପହଞ୍ଚିବା ପରେ ହାଇକୋର୍ଟରେ ମାମଲା ଦାଖଲ କରିଥିବା ନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ଯାଇ ନ ଥିବାରୁ ପୁନର୍ବାର ତହସିଲ୍ ପକ୍ଷରୁ ମେମୋ ନଂ ୨୮୬୭/୨୯.୭.୨୫ ରେ ଏକ ନୋଟିସ ଜରିଆରେ ଅଗଷ୍ଟ ୫ ତାରିଖରେ ସେମାନଙ୍କୁ ସମସ୍ତ କାଗଜପତ୍ର ଧରି ପହଞ୍ଚିବାକୁ କୁହାଯାଇଥିବା ଜଣାପଡ଼ିଛି। ଏଣେ ଗୋଚର ଜମି କମ୍ପାନୀକୁ ହସ୍ତାନ୍ତର ନ ହୋଇ ମଧ୍ୟ ସେଠାରେ କାର୍ଯ୍ୟ ଚାଲୁଥିବାରୁ ଏହାକୁ ବନ୍ଦ କରିବାକୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ବଜ୍ରପାତରେ ୨ ଗୁରୁତର

ଜଟଣୀ, ୩୧।୭ (ସମିସ): ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ଗ୍ରାମରେ ଗୁରୁବାର ବଜ୍ରପାତରେ ୨ଜଣ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ଜିଲ୍ଲା ହସ୍ପିଟାଲ୍ ଓ ପରେ ଏମ୍ସକୁ ନିଆଯାଇଥିବା ଖବର ମିଳିଛି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ଣରେ ତରାବୋଇ ଗ୍ରାମର ରାକେଶ କୁମାର ଭଟ୍ଟ ଟ୍ରାକ୍ଟର ନେଇ ପୋଡ଼ପଡ଼ା ଗ୍ରାମର ରାଜକିଶୋର ସାହୁଙ୍କ ଜମିରେ ହଳ ବୁଲାଉଥିବା ସମୟରେ ବର୍ଷା ପବନ ହେବା ସହ ବଜ୍ରପାତ ହୋଇଥିଲା। ଏଥିର ୨ଜଣଯାକ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଖୋର୍ଦ୍ଧା ଜିଲ୍ଲା ହସ୍ପିଟାଲ୍ ନିଆଯାଇଥିଲାବେଳେ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି।

# ଯୁବ ରେଡ୍‌କ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ଖୋର୍ଦ୍ଧା, ୩୧।୭ (ସମିସ): ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଯୁବ ରେଡ୍‌କ୍ରସର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ୩୫ଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଯୁବ ପରାମର୍ଶଦାତା ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଯୁବ ରେଡ୍‌କ୍ରସ ସଭାପତି ତଥା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଅତିଥି ଭାବେ ଯୋଗଦେଇ ପ୍ରଦୀପ ପଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ରେଡ୍‌କ୍ରସର ରାଜ୍ୟ ମୁଖ୍ୟ ଅଧିକାରୀ ତଥା ଉଚ୍ଚଶିକ୍ଷା ବିଭାଗ ସଚିବ ଡ. ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସର ଆବଶ୍ୟକତା ଉପରେ କହିଥିଲେ। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ରାଜ୍ୟ କନିଷ୍ଠ ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ କୁମାର ସ୍ୱାଇଁ ଛାତ୍ରଛାତ୍ରୀଙ୍କ ଯୋଗଦାନ ସେବା କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ପ୍ରାଧ୍ୟାପକ ଗଦାଧର ସାହୁ, ଅଧ୍ୟାପକ ରବି ନାରାୟଣ ସ୍ୱାଇଁ, ଅଧ୍ୟାପିକ ପ୍ରାଚୀପ୍ରଭା ନାୟକ, ଅଧ୍ୟାପକ ସୁବୋଧ ଜଗଦେବଙ୍କ ସମେତ ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ଜିଲ୍ଲା ଯୁବ ରେଡ୍‌କ୍ରସର ଆବାହକ ପ୍ରଫୁଲ୍ଲ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଡ. ବାମଦେବ ମିଶ୍ର ଅତିଥି ପରିଚୟ ଓ ବୈଠକ ସଂଯୋଜନା, ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟ ମା' ଭଗବତୀ ହେଲ୍ପ ଫାଉଣ୍ଡେସନର ରୋଗୀଙ୍କୁ ସହାୟତା

ବାଣପୁର, ୩୧।୭ (ସମିସ): ବାଣପୁର ଥାନା ଅନ୍ତର୍ଗତ ବାଲିପଦର ଗ୍ରାମର ସୁଦାମ ନୟକଙ୍କ ବଡ଼ ପୁଅ ବିଶ୍ୱଜିତ ନାୟକ ଏକ ବାଇକ ଦୁର୍ଘଟଣାର ଶିକାର ହୋଇ ପ୍ରଥମେ ବାଣପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଘରୋଇ ହସ୍ପିଟାଲ ଓ ଶେଷରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ବିଶ୍ୱଜିତ୍ ଜଣେ ଗରିବ ପରିବାରର ହୋଇଥିବାରୁ ବାଣପୁର ଅଞ୍ଚଳର ଜନୈକା ଯୁବତୀ ତଥା



ମା' ଭଗବତୀ ହେଲ୍ପ ଫାଉଣ୍ଡେସନ ଓ ନାରୀ ସଶକ୍ତୀକରଣ ଓଡ଼ିଶାର ଚେୟାରମ୍ୟାନ ସମାଜସେବୀ ପାୟଲ ପ୍ରିୟଦର୍ଶିନୀ ନାୟକ କଟକ ଏସ୍‌ସିବିରେ ପହଞ୍ଚି ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ସମାଜସେବାରେ ବ୍ରତି ପାୟଲ ତାଙ୍କ ଅନୁଷ୍ଠାନ ତରଫରୁ ଗୋଟିଏ ଦିନରେ ୩୩ ଜଣ ରୋଗୀଙ୍କୁ ରକ୍ତଦାନ କରିବା ସହ ନମିତା ଦଳେଇ, ପଞ୍ଚେଇ ରଥ, ଚିନ୍ମୟ ଦାସ ପ୍ରମୁଖ ବହୁ ରୋଗୀଙ୍କୁ କଟକ ଏସ୍‌ସିବିରେ ଆଡ୍‌ମିଶନ କରାଇବାରେ ସହଯୋଗ କରିଛନ୍ତି।

# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

ଭୂଷଣ୍ଡପୁର, ୩୧।୭ (ସମିସ)

ଖୋର୍ଦ୍ଧା ଜିଲ୍ଲାରେ ବିଦ୍ୟୁତ୍ ସଂସ୍କାର ପାଇଁ ଅନେକ ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ହେଁ ଏହାର ବାସ୍ତବତା ଜନସାଧାରଣ ଉପଲବ୍ଧି କରିପାରୁ ନ ଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ବିତରଣ ପାଇଁ କମ୍ପାନୀ ପରେ କମ୍ପାନୀ ବଦଳିଲେ ସୁଦ୍ଧା ଅବସ୍ଥା ଯଥା ପୂର୍ବଂ ତଥା ପରଂ। ଯାହାର ସଦ୍ୟ ଉଦାହରଣ ଖୋର୍ଦ୍ଧା ସହର ଓ ଉପକଣ୍ଠ ସମେତ ବିଭିନ୍ନ ଅଞ୍ଚଳର ଅନେକ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ବହୁ ଟ୍ରାନ୍ସଫର୍ମର ଖୋଲାମେଲାରେ ରହିଛି। ଅସୁରକ୍ଷିତଭାବେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଥିବାରୁ ଯେକୌଣସି ସମୟରେ ଏହା ବିପଦକୁ ଆମନ୍ତ୍ରଣ କରୁଛି। ଏହି ଟ୍ରାନ୍ସଫର୍ମରଗୁଡ଼ିକରେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ପ୍ରବାହିତ ହେଉଥିବାରୁ ମଣିଷ ସମେତ ବୁଲା ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ପୂର୍ବରୁ ବୁଲା ଗୋରୁଗାଈ ଟ୍ରାନ୍ସଫର୍ମର ପରିସରକୁ ଘାସ ଚରିବାକୁ ଆସି ପ୍ରାଣ ହରାଇଥିବା ନଜିର ମଧ୍ୟ ରହିଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ଚାରିପଟେ ପାଚେରି ଅବା ତାରବାଡ଼



ବୁଲାଇବା ଲାଗି ବିଦ୍ୟୁତ୍ ବିଭାଗ ସେଭଳି ଗୁରୁତ୍ୱ ଦେଉ ନ ଥିବା ଦେଖାଯାଇଛି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶଥାଉକି, ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଳବାଇ ମେଳଣ ପଡ଼ିଆ ନିକଟରେ ବିପଦସଙ୍କୁଳ ଅବସ୍ଥାରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ଏହି ଟ୍ରାନ୍ସଫର୍ମରରୁ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ କରାଯାଉଛି। ମାତ୍ର ଏହି ଟ୍ରାନ୍ସଫର୍ମରଟି ଦୀର୍ଘଦିନ ହେବ ମୁକୁଳା ପଡ଼ିଛି। ଏହା ନିକଟରେ ଏକ ବିଦ୍ୟାଳୟ, ମନ୍ଦିର ପ୍ରମୁଖ ରହିଛି। ଟ୍ରାନ୍ସଫର୍ମର ବସିଥିବା ସ୍ଥାନ ଦେଇ ଯାଇଥିବା ରାସ୍ତା ଲୋକଙ୍କ ନିତ୍ୟ ବ୍ୟବହୃତ ରାସ୍ତା। କେତେବେଳେ ଯେ ଅଘଟଣ ନ ଘଟିବ କହିବା ମୁସ୍କିଲ। ଗ୍ରାମର ସର୍ବସାଧାରଣ ରାସ୍ତା ପାର୍ଶ୍ୱରେ ଏଭଳି ମୁକୁଳା ଟ୍ରାନ୍ସଫର୍ମର ରହିଥିଲେ ସୁଦ୍ଧା ଏଥିପ୍ରତି ବିଭାଗର ଦୃଷ୍ଟି ନ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏହି ମୁକୁଳା ଟ୍ରାନ୍ସଫର୍ମର ପରିସରକୁ ଗୃହପାଳିତ ପଶୁ, ବୁଲା କୁକୁର ଅବାଧରେ ପ୍ରବେଶ କରୁଛନ୍ତି। ଏହା ସତ୍ତ୍ୱେ ବିଭାଗର ସେଭଳି ଆଖିଦୃଶିଆ ପଦକ୍ଷେପ ନାହିଁ। ସେହିଭଳି ଅନେକ ସ୍ଥାନରେ ଟ୍ରାନ୍ସଫର୍ମର ଖୋଲା ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ଟ୍ରାନ୍ସଫର୍ମରଗୁଡ଼ିକ ଜନବସତିଠାରୁ ଦୂରରେ ସ୍ଥାପନ କରାଯିବା ସହିତ ଏହାର ଚତୁଃପାର୍ଶ୍ୱ ଆବଦ୍ଧ ପାଇଁ ନିୟମ ରହିଛି। ମାତ୍ର ଏହାକୁ ପାଳନ କରାଯାଉ ନ ଥିବା ଦେଖାଯାଇଛି। ସେହିପରି ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ମୂଳରୁ ହୁଗୁଳିଯିବା ସହ ତାର ଓହଳି ପଡ଼ିଲାଣି। ସହରାଞ୍ଚଳ କଥା ଛାଡ଼ ଗ୍ରାମାଞ୍ଚଳ କଥା ନ କହିଲେ ଭଲ। ଅଧିକାଂଶ ଗ୍ରାମରେ ଟ୍ରାନ୍ସଫର୍ମରଗୁଡ଼ିକ ମୁକୁଳା ପଡ଼ିଛି। ଏହା ସଂସ୍ପର୍ଶରେ ଆସି ବହୁ ସମୟରେ ଅଘଟଣ ଘଟୁଛି। ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁଁ ଟ୍ରାନ୍ସଫର୍ମରଗୁଡ଼ିକର ରକ୍ଷଣାବେକ୍ଷଣ ଠିକ୍‌ଭାବେ ହେଉନଥିବା ଅଭିଯୋଗ ହେଉଛି। କେଉଁଠି ଟ୍ରାନ୍ସଫର୍ମର ଉପରେ ଗଛ ମାଡ଼ିଗଲାଣି ତ ଆଉ କେଉଁଠି ଘେରାଯାଇଥିବା ତାର କଳଙ୍କି ଲାଗି ନଷ୍ଟ ହୋଇଗଲାଣି। ତେଣୁ କମ୍ ଉଚ୍ଚରେ ଥିବା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ତୁରନ୍ତ ପାଚେରି ନିର୍ମାଣ ସହିତ ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସେବାନିବୃତ ସମ୍ବର୍ଦ୍ଧନା

ଖୋର୍ଦ୍ଧା, ୩୧।୭ (ସମିସ): ଖୋର୍ଦ୍ଧା ବ୍ଲକ ବଙ୍ଗିଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଡ଼ଖଣ୍ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଟୁନୀ ଦେଈଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଉପ ସଭାପତି ଅଗାଧୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ ସହିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଖୋର୍ଦ୍ଧା ବ୍ଲକ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ପ୍ରାକ୍ତନ ବିଆର୍‌ସିସି ଗୁଣନିଧି ମହାପାତ୍ର ଓ ରବୀନ୍ଦ୍ରନାଥ ଶତପଥି, ଶିକ୍ଷକ ନେତା ବଟକୃଷ୍ଣ ପରିଡ଼ା, ହୃଷୀକେଶ ମିଶ୍ର ଓ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଂଗଠନ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ,



କ୍ଲଷ୍ଟରର ସିଆର୍‌ସିସି ବାଗେଶ୍ରୀ ମହାପାତ୍ର ଟୁନୀ ଦେଈ କିପରି ଜଣେ ଆଦର୍ଶ ଶିକ୍ଷିକା ଥିଲେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଗୋପାଳ ଚନ୍ଦ୍ର ତ୍ରିପାଠୀ, ଗ୍ରାମ୍ୟ କମିଟିର ମୁଖ୍ୟ ବିପିନ ବିହାରୀ ହରିଚନ୍ଦନ, ବାଙ୍ଗିଦା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୀତା ପ୍ରସାଦ ସାହୁ, ସରପଞ୍ଚ ଦିଲ୍ଲୀପ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ପୀତବାସ ବେହେରା, ଶିକ୍ଷକ ନେତା ପ୍ରସନ୍ନ କୁମାର ମହାପାତ୍ର, ଶିକ୍ଷକ ସତ୍ୟାନନ୍ଦ ବେହେରା, ତ୍ରିଲୋଚନ ବେହେରା, ବେଣୁଧର ମହାପାତ୍ର ଉଦ୍‌ବୋଧନ ଦେଇଥିବାବେଳେ ପ୍ରାରମ୍ଭରୁ ଛାତ୍ରଛାତ୍ରୀମାନେ ବିଦାୟୀ ଶିକ୍ଷୟିତ୍ରୀଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟ ତରଫରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷକ ସତ୍ୟବ୍ରତ ହରିଚନ୍ଦନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA



# ଭାପୁର ବିଡିଓଙ୍କ ମନମୁଖୀ କାର୍ଯ୍ୟ

# ଜନପ୍ରତିନିଧିଙ୍କୁ ଭଣ୍ଡାଉଛି ଜିଲ୍ଲା ପ୍ରଶାସନ

ନୟାଗଡ଼,୩୧।୭ (ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ଚାଲିଛି ଅରାଜକତା। ସ୍ଥାନୀୟ ନେତୃତ୍ୱଙ୍କ ଆଶୀର୍ବାଦରେ ଭାପୁର ବିଡିଓଙ୍କ ମନମୁଖୀ କାର୍ଯ୍ୟ ସୀମା ଟପିଛି। ଜନସାଧାରଣଙ୍କଠାରୁ ଆରମ୍ଭ କରି ବ୍ଲକ୍ କର୍ମଚାରୀଙ୍କ ପର୍ଯ୍ୟନ୍ତ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଛି। ଜାଣିଶୁଣି କଳାକୁ ଧଳା କରିବାକୁ ବ୍ଲକ୍‌ରେ କାର୍ଯ୍ୟରତ ତଳିଆ କର୍ମଚାରୀଙ୍କୁ ବାଧ କରାଯାଉଛି। ଯାହାକୁ ନେଇ ସରକାରୀ କର୍ମଚାରୀମାନେ ଭାପୁର ବ୍ଲକ୍‌ରେ କାର୍ଯ୍ୟ କରିବାକୁ ଭୟ କଲେଣି। ବ୍ଲକ୍‌ରୁ ଅନ୍ୟତ୍ର ବଦଳି ପାଇଁ ଅନେକ କର୍ମଚାରୀ ଭିତିରିଆ ଲବିରେ ରହିଥିବା ଶୁଣିବାକୁ ମିଳୁଛି। ଭାପୁର ବ୍ଲକ୍‌ରେ ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଗତ ଜୁନ୍ ୨୩ ତାରିଖରେ ଭାପୁର ବ୍ଲକ୍‌ର ଜନପ୍ରତିନିଧିମାନେ ବ୍ଲକ୍ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଜନପ୍ରତିନିଧିଙ୍କୁ ବିଡିଓଙ୍କ ଅଣଦେଖା କରିବା, ଦଳୀୟ ଭିତ୍ତିରେ କାର୍ଯ୍ୟ କରିବା, ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନିୟମିତତା ଏବଂ ସର୍ବୋପରି ବ୍ଲକ୍ ସଭାଗୃହରେ ଶାସକ ଦଳର ଦଳୀୟ ବ୍ୟାନରରେ ପଟ୍ଟା ବଣ୍ଟନ ଭଳି ବେନିୟମ କାର୍ଯ୍ୟ ବିରୋଧରେ ବ୍ଲକ୍‌ର ୩୦ ଜଣ ଜନପ୍ରତିନିଧି ବ୍ଲକ୍ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଆସି ଧାରଣାରତ ଜନପ୍ରତିନିଧିଙ୍କ ସହ

- **ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଉପଜିଲ୍ଲାପାଳ**
- **ଦୁର୍ନୀତି ପାଇଁ ବାଧ କରାଯାଉଛି; ଡରିଲେଣି କର୍ମଚାରୀ**

ଆଲୋଚନା କରି ସେମାନଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅଧକ୍ଷା ଓ ଉପାଧକ୍ଷଙ୍କ ଅଗୋଚରରେ ବିଡିଓ କାର୍ଯ୍ୟ କରିବାକୁ ଉପଜିଲ୍ଲାପାଳ ନାପସନ୍ଦ କରିଥିଲେ। ସମସ୍ତ ଜନପ୍ରତିନିଧିଙ୍କୁ ବିଡିଓ ସମ୍ମାନ କରିବାକୁ ବାଧ ଓ ଅନ୍ତ୍ୟୋଦୟ ଗୃହ ହିତାଧିକାରୀ ଚୟନରେ ହୋଇଥିବା ଅନିୟମିତତାକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପୁନର୍ବାର ଏକ ସ୍ୱଚ୍ଛ ତଦନ୍ତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଯୋଗ୍ୟଙ୍କୁ ବାଦ୍ ଦେଇ ଯୋଗ୍ୟଙ୍କୁ ପୁନଃଚୟନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ଉନ୍ନୟନ କାର୍ଯ୍ୟ କରିବା ସମୟରେ ବିବାଦୀୟ କାର୍ଯ୍ୟ ବର୍ତ୍ତମାନ ବନ୍ଦ କରିବା ଓ ବିଲ୍ ପୈଠ ନ କରିବାକୁ ବିଡିଓଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ସମୟରେ ବ୍ଲକ୍ ଉନ୍ନୟନ କାର୍ଯ୍ୟ କିପରି ବିବାଦ ନ ହେବ ସେଥିପାଇଁ ଉଭୟ ପକ୍ଷ ଓ ବିଡିଓଙ୍କୁ ଡକାଇ ସିଡିଏ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଏକ ସମାଧାନ ସୂତ୍ର କାଢ଼ିବେ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟରେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ମଧ୍ୟରୁ ଗୋଟିଏ ପାଳନ ହୋଇନଥିବା ଜଣାପଡ଼ିଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟା ଚାଲିଥିବାବେଳେ ବିଡିଓ ତାଙ୍କ ସ୍ୱଭାବରେ କୌଣସି ପରିବର୍ତ୍ତନ ଆଣିନାହାନ୍ତି। ଜୁଲାଇ ୮ରେ ବିଡିଓ ଜନପ୍ରତିନିଧିଙ୍କୁ ପୁନର୍ବାର ଦୁର୍ବ୍ୟବହାର କରିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ବି ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଏପରିକି ଉପଜିଲ୍ଲାପାଳଙ୍କ ପକ୍ଷରୁ ଆଲୋଚନା ପାଇଁ ଆଜି ପର୍ଯ୍ୟନ୍ତ ଡକାଯାଇନାହିଁ। ଯାହାକୁ ନେଇ ଭାପୁର ବ୍ଲକ୍‌ରେ ଜନପ୍ରତିନିଧି ଓ ବ୍ଲକ୍ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଜନପ୍ରତିନିଧିମାନେ ପୁଣିଥରେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଦେଖାଯାଉଛି।

## ତଦନ୍ତ ହେବ କହି ଅଯୋଗ୍ୟଙ୍କୁ କାର୍ଯ୍ୟାଦେଶ ବଣ୍ଟନ

**ଭାପୁର,୩୧।୭ (ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ଦୁର୍ନୀତି ଓ ବିବାଦ ପିଛା ଛାଡୁନାହିଁ। ଅନ୍ତ୍ୟୋଦୟ ଗୃହ ହିତାଧିକାରୀ ଚୟନ ପ୍ରକ୍ରିୟାରେ ଦୁର୍ନୀତି ଓ ପ୍ରିୟାପ୍ରୀତି ହୋଇଥିବାରୁ ଜନପ୍ରତିନିଧିମାନେ ଅଭିଯୋଗ କରିବା ସହ ଶାସକ ଦଳର ପଞ୍ଚାୟତସ୍ତରର ନେତାଙ୍କ ସୁପାରିସ୍‌ରେ ବ୍ଲକ୍ ପ୍ରଶାସନ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିଥିବା ଅଭିଯୋଗ ବିରୋଧୀ ଦଳ କରି ଆସୁଛି। ଏନେଇ ଗତ ମାସରେ ବ୍ଲକ୍ ଅଧକ୍ଷାଙ୍କ ସହ ୩୦ ନିର୍ବାଚିତ ଜନପ୍ରତିନିଧି ବ୍ଲକ୍ ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ଜିଲ୍ଲା ପ୍ରଶାସନ ଧାରଣାରତ ଜନପ୍ରତିନିଧିଙ୍କୁ ପୁନର୍ବାର ତଦନ୍ତ କରି ଯୋଗ୍ୟ ହିତାଧିକାରୀ ତାଲିକା ପ୍ରସ୍ତୁତ ହେବାରୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ପ୍ରତିଶ୍ରୁତି ଦେବାର ୪୦ ଦିନ ପରେ ମଧ ତଦନ୍ତ କରା ନ ଯାଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ସରିଲାଣି। ପ୍ରଶାସନ ଏପରି ଧୋକା ଦେବାକୁ ନେଇ ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସମାଜର ଅସହାୟ ବିଧବା, ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ପରିବାରକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ କରି ସେମାନଙ୍କୁ

### ଅନ୍ତ୍ୟୋଦୟ ଗୃହ ଯୋଜନା

ପକ୍କା ଘର ଯୋଗାଇଦେବା ଭଳି ମହତ୍ ଉଦ୍ଦେଶ୍ୟ ଥିବା ଯୋଜନାକୁ କିଛି ଅସାଧୁ କର୍ମଚାରୀ ଓ ରାଜନୈତିକ ବ୍ୟକ୍ତିଙ୍କ ଯୋଗୁଁ ଏହି ଯୋଜନା ବାଟବଣା ହୋଇଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ପ୍ରଥମ ପର୍ଯ୍ୟାୟରେ ୮୪ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ହୋଇ କାର୍ଯ୍ୟାଦେଶ ବଣ୍ଟନ ହୋଇଥିଲା। ପରବର୍ତ୍ତୀ ସମୟରେ ଆଉ ୨୭୬ ହିତାଧିକାରୀ ଚୟନ ସମୟରେ ଯୋଗ୍ୟଙ୍କୁ ଅଗ୍ରାଧିକାର ନ ଦେଇ ଶାସକ ଦଳର ଦଲାଲଙ୍କ ସୁପାରିସ୍ ଆଧାରରେ ତାଲିକା ଚୟନକୁ ବ୍ଲକ୍‌ର ୩୦ ଜନପ୍ରତିନିଧି ବିରୋଧ କରିଥିଲେ। ଏହାର ସୁଫଳ ନ ପାଇ ଜୁନ୍ ୨୩ରେ ବ୍ଲକ୍ କାର୍ଯ୍ୟାଳୟ ଗାନ୍ଧୀ ମୂର୍ତ୍ତି ନିକଟରେ ବ୍ଲକ୍ ଅଧକ୍ଷାଙ୍କ ସହ ୩୦ ଜନପ୍ରତିନିଧି ଧାରଣାରେ ବସିଥିଲେ। ବ୍ଲକ୍ ପ୍ରଶାସନ ବୁଝାସୁଝା କରି ବିଫଳ ହେବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ଭାପୁର ଆସି ଧାରଣାରତ ଜନପ୍ରତିନିଧିଙ୍କୁ ପୁନର୍ବାର ଜିଲ୍ଲାସ୍ତରୀୟ ଏକ ତଦନ୍ତକାରୀ ଦଳ ତଦନ୍ତ କରି ଯୋଗ୍ୟ ତାଲିକା ପ୍ରସ୍ତୁତ କରିବାର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଧାରଣା ଭଙ୍ଗ ହୋଇଥିଲା। ପ୍ରତିଶ୍ରୁତି ଦେବାର ଦୀର୍ଘ ୪୦ ଦିନ ହୋଇଥିଲେ ହେଁ ଜିଲ୍ଲା ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ରକ୍ଷା କଲାନାହିଁ ଓ ସମସ୍ତଙ୍କୁ କାର୍ଯ୍ୟାଦେଶ ମଧ ଦିଆସରିଛି। ଏପରି ଦୁର୍ନୀତି ଓ ପ୍ରଶାସନିକ ଧୋକା ବିରୁଦ୍ଧରେ କେତେକ ଆଶାୟୀ ଯୋଗ୍ୟ ହିତାଧିକାରୀ ଆଇନର ଆଶ୍ରୟ ନେବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

## ନୟାଗଡ଼ରେ ମେଡିକାଲ କଲେଜ ଦାବି

# ଅଣ୍ଟା ଭିଡ଼ିଲା ଓକିଲ ସଂଘ

**ନୟାଗଡ଼,୩୧।୭ (ସମିସ):** ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ନିର୍ମାଣ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବିକୁ ଜୋର୍‌ଦାର କରାଯାଇଛି। ଜୟ ନୟାଗଡ଼ ଫାଉଣ୍ଡେସନ୍ ଆନୁକୁଲ୍ୟରେ ବିଭିନ୍ନ ସଂଗଠନ ଏବଂ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଏକାଠି ହୋଇ ଆନ୍ଦୋଳନ ପାଇଁ ସଜବାଜ ହେଉଥିବାବେଳେ ଗୁରୁବାର ଜିଲ୍ଲା ଓକିଲ ସଂଘ ମେଡିକାଲ କଲେଜ ଦାବିକୁ ଜୋର୍‌ଦାର୍ କରିବାକୁ ଘୋଷଣା କରିଛି। ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନା ପାଇଁ ଗୁରୁବାର ସଂଘର ସାଧାରଣ ସଭାରେ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଛି। ଜିଲ୍ଲା ଓକିଲ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭା ବୈଠକରେ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗରେ ବିଭିନ୍ନ ବର୍ଗରୁ ଆଲୋଚନା ହେଉଥିବାବେଳେ ବିଧିବଦ୍ଧ ଭାବେ ଜିଲ୍ଲା ଓକିଲ ସଂଘ ନେତୃତ୍ୱରେ ମେଡିକାଲ କଲେଜ ସ୍ଥାପନା ଦାବିକୁ ତ୍ୱରାନ୍ୱିତ କରିବା ପାଇଁ ବରିଷ୍ଠ ଆଇନଜୀବୀ ଅମୀୟ ପଟ୍ଟନାୟକଙ୍କ ପ୍ରସ୍ତାବକୁ ସଭାରେ ଗ୍ରହଣ କରାଯାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ନୟାଗଡ଼ ଜିଲ୍ଲା ଗଠନ ଏବଂ ଜିଲ୍ଲା ଜଜ୍ କୋର୍ଟ ସ୍ଥାପନା ପ୍ରସଙ୍ଗରେ ଓକିଲ ସଂଘ ନେତୃତ୍ୱରେ ନିରନ୍ତର ଦାବି ଉପସ୍ଥାପନା କରାଯାଇଥିଲା। ନୟାଗଡ଼ ଜିଲ୍ଲା ସହ ନୂତନ ଜିଲ୍ଲା ଘୋଷଣା ହୋଇଥିବା ଅନେକ ଜିଲ୍ଲାରେ ରାଜ୍ୟ ସରକାର ମେଡିକାଲ କଲେଜ ସ୍ଥାପନ କରିସାରିବା ପରେ ନୟାଗଡ଼ ଜିଲ୍ଲାର ୧୩ ଲକ୍ଷ ଜିଲ୍ଲାବାସୀଙ୍କ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପାଇଁ ତା'ର ହକ୍ ପାଇଁ ଲଢ଼େଇ ଜାରି ରଖିବ ବୋଲି ସଂଘ ସଭାପତି ରଣଜିତ ଦାଶ ଏବଂ ସମ୍ପାଦକ ସ୍ୱଦେଶ ମିଶ୍ର ମିଳିତ ବିବୃତି ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ଦାବି ଯଥାର୍ଥ ବୋଲି କହିଛନ୍ତି।

### ୩ରେ ଜିଲ୍ଲାସ୍ତରୀୟ ବୈଠକ

**ନୟାଗଡ଼,୩୧।୭ (ସମିସ):** ନୟାଗଡ଼ରେ ମେଡିକାଲ କଲେଜ ନିର୍ମାଣ ଦାବି ନେଇ ଜୟ ନୟାଗଡ଼ ଫାଉଣ୍ଡେସନ୍ ଆନୁକୁଲ୍ୟରେ ଆସନ୍ତା ୩ ତାରିଖରେ ଏକ ଜିଲ୍ଲାସ୍ତରୀୟ ବୈଠକ ଆହ୍ୱାନ କରାଯାଇଛି। ଏହି ବୈଠକରେ ବିଭିନ୍ନ ବର୍ଗର ଲୋକ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଥିବା ଫାଉଣ୍ଡେସନ୍ ପ୍ରତିଷ୍ଠାତା ଶେଖ୍ ଅବଦୁଲ ଆହାଦ ସୂଚନା ଦେଇଛନ୍ତି। ନୟାଗଡ଼ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ସକାଳ ୧୦ଟାରେ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

# ଶିକ୍ଷକ ଅଭାବ ପ୍ରତିବାଦରେ ବିଦ୍ୟାଳୟରେ ତାଲା



**ଓଡ଼ଗାଁ/ଶରଣକୁଳ,୩୧।୭ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ବିନାୟକପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ମାତ୍ର ୨ ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥାଏ। ବାଲବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯ଟି ଶ୍ରେଣୀ ଚାଲିଥିବା ସତ୍ତ୍ୱେ ମାତ୍ର ଦୁଇଜଣ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥାଏ। ଫଳରେ ଶିକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ତେଣୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଓ ସଭ୍ୟସଭ୍ୟା ଏ ସମ୍ପର୍କରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଏଣୁ ଗୁରୁବାର ଉକ୍ତ ଘଟଣା ଉଗ୍ରରୂପ ଧାରଣ କରିଥିଲା। ଫଳରେ ସମସ୍ତ ଅଭିଭାବକ ଏକତ୍ରିତ ହୋଇ ବିଦ୍ୟାଳୟରେ ତାଲା ପକାଇ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ମଧ୍ୟକୁ ପୂରାଇ ଦେଇ ନ ଥିଲେ। ସିଆର୍‌ସିସି ରାଜକିଶୋର ସେଠି ଖବର ପାଇ ବୁଝାଇବାକୁ ଯାଇ ସେଠାରେ ଅଟକ ରହିଥିଲେ। ପରେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ, ସିଆର୍‌ସିସି ଶ୍ରୀଧର ପରିଡ଼ା ଓ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭକ୍ତ ରଞ୍ଜନ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ ଯଥାଶୀଘ୍ର ଜଣେ ଶିକ୍ଷକ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆନ୍ଦୋଳନକାରୀ ନିଜ ଜିଦିରେ ଅଟଳ ରହିଥିଲେ। ଶେଷରେ ସାମୟିକ ସମୟ ପାଇଁ ଜଣେ ଶିକ୍ଷକ ସେଠାକୁ ପଠାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଏଭଳି ଭାବେ ଓଡ଼ଗାଁ ବ୍ଲକ୍‌ର ବିଭିନ୍ନ ସ୍କୁଲରେ ପ୍ରାୟ ୭ଟି ଶ୍ରେଣୀ ଜଣେ ଶିକ୍ଷକରେ ଚାଲୁଥିବାବେଳେ ସେଗୁଡ଼ିକର ଶିକ୍ଷକ ପଦ ଶୀଘ୍ର ପୂରଣ କରାନଗଲେ ଜନଅସନ୍ତୋଷ ତୀବ୍ର ରୂପ ନେବ ବୋଲି ଅଭିଭାବକ ମହଲରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି। ଜଣେ ନିୟମିତ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଯଥାଶୀଘ୍ର ନିଯୁକ୍ତି କରାନଗଲେ ବ୍ଲକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ନେଇ ସଂଶୟ ପ୍ରକାଶ ପାଇଛି।

## ମାମୁଁ ଯୌନାଙ୍ଗକୁ କାମୁଡ଼ିଲା ଭଣଜା

**ନୟାଗଡ଼,୩୧।୭ (ସମିସ):** ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ କାଳିକାପ୍ରସାଦ ଗାଁରେ ଗୁରୁବାର ଏକ ଗଣ୍ଡଗୋଳ ଘଟଣା ଘଟିଛି। ମାମୁର ଯୌନାଙ୍ଗକୁ କାମୁଡ଼ିବା ସହ ମାଡ଼ ମାରିଛି ଭଣଜା। ମାମୁ ଗୁରୁତର ଅବସ୍ଥାରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ସକାଳୁ ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ମାନପୁର ଗାଁର ବୈକୁଣ୍ଠ ମହାନ୍ତି ବିଲକୁ କାମ କରିବାକୁ ଯାଇଥିଲେ। ବିଲ କାମ ସାରି ଘରକୁ ଫେରିବା ସମୟରେ ନିକଟସ୍ଥ ଗାଁ କାଳିକାପ୍ରସାଦରେ ଥିବା ଭଉଣୀ ଘରକୁ ଯାଇଥିଲେ। ଯିବା ସମୟରେ ଦେଖିଲେ ଭଉଣୀ-ଭିଣୋଇକୁ ଭଣଜା ମାଡ଼ ମାରୁଛି। ଏହା ବିରୋଧ କରିବାରୁ ଭଣଜା ପ୍ରକାଶ ମାମୁକୁ ମାଡ଼ ମାରିଥିଲା। ମାମୁ ଭଣଜାକୁ ମାଡ଼ ମାରିବାରୁ ଭଣଜା ମାମୁର ଯୌନାଙ୍ଗକୁ କାମୁଡ଼ି ଦେଇ ଫେରାର ହୋଇ ଯାଇଥିଲା। ମାମୁକୁ ଗୁରୁତର ଅବସ୍ଥାରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମାମୁ ଏନେଇ ଭଣଜା ନାମରେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଛାତ୍ରୀ ମୃତ

**ଦଶପଲ୍ଲା,୩୧।୭ (ସମିସ):** ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ୫୭ରେ ଦୁର୍ଘଟଣା ଥମିବାର ନାଁ ଧରୁନି। ଗୁରୁବାର ସକାଳୁ ସ୍ଥାନୀୟ ନେଳିଗୁଡ଼ା ଗ୍ରାମ ବସ୍ ଷ୍ଟପ୍ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜନୈକା ଛାତ୍ରୀ ବିଷ୍ଣୁପ୍ରିୟା ନାୟକଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ସ୍ଥାନୀୟ ଦଶପଲ୍ଲା ବାଳିକା ହାଇସ୍କୁଲ ଦଶମ ଶ୍ରେଣୀର ମେଧାବୀ ଛାତ୍ରୀ ହୋଇଥିବାବେଳେ ସକାଳୁ ଟ୍ୟୁସନ ଯିବା ନିମନ୍ତେ ଆସୁଥିଲେ। ସେ ତାଙ୍କ ଦାଦା ଜୁନେଶ ନାୟକଙ୍କ ସହିତ ବାଇକ୍‌ରେ ଦଶପଲ୍ଲା ଆସୁଥିବାବେଳେ ବିପରୀତ ଦିଗରୁ ଏକ ଦ୍ରୁତ ଗତିରେ ଆସୁଥିବା ଚାରିଚକିଆ ଯାନ ଧକ୍କା ଦେଇ ନ ଅଟକି ଚାଲିଯାଇଥିଲା। ଗ୍ରାମବାସୀମାନେ ଉଭୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଛାତ୍ରୀଙ୍କୁ ମୃତ ଘୋଷଣା କରିବା ସହିତ ଗୁରୁତର ଆହତ ଦାଦାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିଲେ। ମୃତା ଛାତ୍ରୀ ଗତ ବର୍ଷ ନିଜ ପିତାଙ୍କୁ ହରାଇଥିଲେ। ମେଧାବୀ ଛାତ୍ରୀ ଜଣକ ବିୟୋଗରେ ସହପାଠୀ, ଶିକ୍ଷକ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେହିପରି ସ୍ଥାନୀୟ ଡାକ୍ତରଖାନା ଛକରେ ଅନ୍ୟ ଏକ ଅଜଣା ବୋଲେରୋ ଗାଡ଼ି ଜନୈକ ପଥଚାରୀଙ୍କୁ ଧକ୍କା ଦେଇ ଚାଲିଯିବା ସହିତ ଆହତଙ୍କୁ ନୟାଗଡ଼ ସ୍ଥାନାନ୍ତରିତ କରାଯାଇଛି।

## ସମର୍ପଣ ନୂତନ ପରିଚାଳନା କମିଟି ଗଠନ



**ନୟାଗଡ଼,୩୧।୭ (ସମିସ):** ନୟାଗଡ଼ ସହର ନିକଟସ୍ଥ ଲେଖନପୁରଠାରେ ଗଢ଼ି ଉଠିଥିବା ସମର୍ପଣ ବୃଦ୍ଧାଶ୍ରମ ହେଉଛି ଅସହାୟଙ୍କର ସହାୟ। ଅବହେଳିତ, ନିଷ୍ପେସିତ, ନିର୍ଯାତିତ, ଲାଞ୍ଛିତ ତଥା ନିଃସହାୟ ବୃଦ୍ଧବୃଦ୍ଧାଙ୍କ ପାଇଁ ସମର୍ପଣ ହେଉଛି ଏକ ନିରାପଦ ନିବାସ। ୨୦୧୯ରେ ଗଢ଼ି ଉଠିଥିବା ଏହି ସମର୍ପଣ ବୃଦ୍ଧାଶ୍ରମରେ ୨୫ ଜଣ ଅନ୍ତେବାସୀ ରହି ଆସୁଛନ୍ତି। ଏମାନଙ୍କର ଭଲମନ୍ଦ ବୁଝାବୁଝି କରିବା ପାଇଁ ୨୫ ଜଣ ସଦସ୍ୟଙ୍କୁ ନେଇ ଏକ ସାଧାରଣ ପରିଷଦ ଗଠନ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୭ ଜଣ ସଦସ୍ୟଙ୍କୁ ନେଇ ଏହାର ଗଭର୍ଣ୍ଣିଂ ବଡି ଗଠିତ। ଯେଉଁ ଗଭର୍ଣ୍ଣିଂ ବଡିରେ ଜିଲ୍ଲାପାଳ ସଭାପତି ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ହେଉଛନ୍ତି ସଦସ୍ୟ। ଏହି ଦୁଇ ଜଣ ସଦସ୍ୟ ଏକ୍ସଅଫିସିଓ ସଦସ୍ୟ ଭାବେ କାର୍ଯ୍ୟ କରୁଥିବାବେଳେ ଅନ୍ୟ ୫ ଜଣ ସଦସ୍ୟ ପ୍ରତି ୩ ବର୍ଷରେ ଥରେ ନିର୍ବାଚିତ ହୋଇଥା'ନ୍ତି। ଏହି ପରିପ୍ରେକ୍ଷୀରେ ସାଧାରଣ ପରିଷଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ପ୍ରତିନିଧି ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମର୍ପଣ ପରିଚାଳନା ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହେବା ସହିତ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଭାବେ ଅରୁଣ କୁମାର ମହାନ୍ତି ମନୋନୀତ ହୋଇଥିଲାବେଳେ ସମ୍ପାଦକ ଭାବେ ଶ୍ରୀଧର ସାହୁ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ ନାୟକ ଓ ସଦସ୍ୟ ଭାବେ ପ୍ରସନ୍ନ କୁମାର ବସନ୍ତିଆ ଏବଂ ପ୍ରଦୀପ ପୃଷ୍ଟି ମନୋନୀତ ହୋଇଥିଲେ।

## ଜନମଙ୍ଗଳ ସମିତି ବୈଠକ

**ଗଣିଆ,୩୧।୭ (ସମିସ):** ଗଣିଆ ବ୍ଲକ୍ ବେଲପଡ଼ାପାଟଣା ଦଧିବାମନଜୀଉ ମନ୍ଦିର ପରିସରରେ ନୂତନ ଭାବେ ଗଠନ କରାଯାଇଥିବା ଜନମଙ୍ଗଳ ସମିତି ଅନୁଷ୍ଠାନ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବାଙ୍କବିହାରୀ ରାଉତଙ୍କ ସଭାପତିତ୍ୱରେ ଉପସଭାପତି ପାଣ୍ଡବ ରଣା, ସାଧାରଣ ସମ୍ପାଦକ ସତ୍ୟ ସ୍ୱରୂପ ପଟ୍ଟନାୟକ, ସହ ସମ୍ପାଦକ ମହେନ୍ଦ୍ର କୁମାର ମହାରଣା, କୋଷାଧ୍ୟକ୍ଷ ଅରୁଣ ପ୍ରଧାନ, ଗୋକୁଳ ଜେନା, ସମୀକ୍ଷକ ଶରତ କୁମାର ସାହୁ ଓ ଭୁବନେଶ୍ୱର ବାଘଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ। ଦଶିପୁର ଏବଂ ତଇଲା ଗାଁରେ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମିତି ଆଗାମୀ ଦିନରେ ବିଭିନ୍ନ ଜନହିତକର କାର୍ଯ୍ୟ କରିବାକୁ ଅଣ୍ଟା ଭିଡ଼ିଥିବା ସଭାପତି ପ୍ରକାଶ କରିଥିଲେ।

## ପରିବା ଦର ଆକାଶଛୁଆଁ; ଓଜନରେ ଠକେଇ

**ଖଣ୍ଡପଡ଼ା,୩୧।୭ (ସମିସ):** ଖଣ୍ଡପଡ଼ା, ବାହାଡ଼ା, ଖଳିସାହି, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର ବଜାରରେ ପନିପରିବା ଦର ଏବେ ଆକାଶଛୁଆଁ ହୋଇଥିବା ଜଣାପଡ଼ିଛି। କିଛି ସ୍ଥାନରେ ବର୍ଷା ପ୍ରଭାବରେ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହାର ପ୍ରଭାବ ଏବେ ସାଧାରଣ ଖାଉଟିଙ୍କ ଉପରେ ପଡ଼ିଛି। ବଜାରରେ ଏବେ ଆଳୁ ଓ କଖାରୁକୁ ବାଦ୍ ଦେଲେ ସମସ୍ତ ପନିପରିବାର ଦର ୬୦ ଟଙ୍କାରୁ ଊର୍ଦ୍ଧ୍ୱ ରହିଥିବା ଜଣାପଡ଼ିଛି। ବିଶେଷ ଭାବେ ବାଇଗଣ ଓ ଟମାଟୋର ଦର କେଜି ପ୍ରତି ୬୦ରୁ ୮୦ ଟଙ୍କା ଦରରେ ବିକ୍ରି ମଧ ହେଉଛି। ପରିବାର ଅହେତୁକ ମୂଲ୍ୟବୃଦ୍ଧି ସାଙ୍ଗକୁ ଖଣ୍ଡପଡ଼ା, ବାହାଡ଼ା, କଣ୍ଟିଲୋ ଆଦି ପ୍ରମୁଖ ବଜାରଗୁଡ଼ିକରେ ପରିବା ବ୍ୟବସାୟୀମାନେ ଖାଉଟିଙ୍କୁ ଓଜନରେ ଠକି ବେଶ୍ ଅଧିକ ଲାଭବାନ ହେଉଥିବା ଅଭିଯୋଗ ହେଉଛି। ତେବେ ଅସାଧୁ ପରିବା ଦୋକାନୀ ପ୍ରତି ଜିଲ୍ଲା ମାପ ଓ ଓଜନ ବିଭାଗ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବଜାରରେ ପ୍ରଥମେ ରାସନ ସାମଗ୍ରୀର ଦରବୃଦ୍ଧି ପରେ ଏବେ ପନିପରିବାର ଅହେତୁକ ଦର ବୃଦ୍ଧି ଯୋଗୁଁ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। ବିଶେଷ କରି ଗରିବ ଓ ମଧ୍ୟବିତ ଶ୍ରେଣୀର ପରିବାର ବର୍ଗ ପାଇଁ ପନିପରିବାର ମହଙ୍ଗାଦର ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି।



ଏ ଅଞ୍ଚଳର ଚାଷୀମାନେ ପ୍ରଚୁର ପରିମାଣର ବାଇଗଣ, ପୋଟଳ, କାକୁଡ଼ି, ଜହ୍ନି, ଝୁଡ଼ଙ୍ଗ, କଲରା ପ୍ରଭୃତି ଚାଷ କରିଥା'ନ୍ତି। ଖଣ୍ଡପଡ଼ା ଅଞ୍ଚଳରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ବାଇଗଣ ଓ ପୋଟଳ ଭୁବନେଶ୍ୱର, ଖୋର୍ଦ୍ଧା ଓ କଳାପଥର ବଜାରକୁ ପଠାଇ ଚାଷୀମାନେ ବେଶ୍ ଲାଭବାନ ହୋଇଥାନ୍ତି। ମାତ୍ର ଲଗାଣ ବର୍ଷା ହେଲେ ପନିପରିବା ଚାଷକୁ ଉଜାଡ଼ି ଦେଉଛି। ଚାଷୀ ପରିବାରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏଥିପ୍ରତି କୃଷି ବିଭାଗ ଅଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ଚାଷୀମାନେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଓଜନରେ ଠକୁଥିବା ବ୍ୟବସାୟୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ସାଧାରଣ ଲୋକେ ଦାବି କରିଛନ୍ତି।

● ରାଜନୈତିକ ଆକ୍ରୋଶ

## ମିଲେଟ୍ ମିଶନ ଟିଫିନ ସେଣ୍ଟର ସିଲ୍

**ଦଶପଲ୍ଲା,୩୧।୭ (ସମିସ):** ରାଜ୍ୟରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଉପଯୋଗିତାକୁ ଲକ୍ଷ୍ୟ ରଖି ମିଲେଟ୍ ମିଶନକୁ ବିଗତ ସରକାର ଅମଳରେ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଇଥିଲା। ବ୍ୟତିକ୍ରମ ବଶତଃ ଗୁରୁବାର ଦଶପଲ୍ଲାରେ ଗତ ୧୪ ତାରିଖରେ ଉଦ୍‌ଘାଟିତ ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ପରିଚାଳିତ ଏକ ମାତ୍ର ମିଲେଟ୍ ଶକ୍ତି ଟିଫିନ ସେଣ୍ଟରକୁ ପ୍ରଶାସନ ସିଲ୍ କରିବା ନେଇ ସ୍ଥାନୀୟ ଅଞ୍ଚଳରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ଣରେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ପୁଲିସ ଓ ତହସିଲ୍ ପ୍ରଶାସନ ସହଯୋଗରେ ତାଲାପକା ଅଭିଯାନ ଆରମ୍ଭ କରଥିଲା। ଏହି କ୍ରମରେ ସାପ୍ତାହିକ ହାଟ, ତ୍ରିନାଥ ବଜାର ମାର୍କେଟ କମ୍ପେ୍ଲକ୍ସ ଓ ସ୍ୱୋର୍ଟିଭ୍ ସ୍ୱୋର୍ଟ୍ସ ସୋସାଇଟି ମାର୍କେଟ୍ ଅନ୍ତର୍ଭୁକ୍ତ ଥିଲା। ନିର୍ମାଣ ପରଠାରୁ ବର୍ଷ ବର୍ଷ ଧରି ବନ୍ଦ ଥାଇ ବିନା କାରଣରେ ଆବଣ୍ଟନ କରାଯାଉ ନ ଥିବା ଦୋକାନ ଗୃହ ମଧ୍ୟରୁ ଏହି ଗୋଟିକରେ ମିଲେଟ ଶକ୍ତି ଟିଫିନ ସେଣ୍ଟର ଖୋଲାଥିଲା।



ଅତଏବ ପ୍ରଶାସନ ଏହାକୁ ସିଲ୍ କରିଥିଲା। ଏନେଇ ଏସ୍‌ଏଚ୍‌ଜି ଗୋଷ୍ଠୀ ସଭାପତି ତଥା ବରିଷ୍ଠ ବିଜେଡି ନେତ୍ରୀ ସଂଯୁକ୍ତା ଦାଶଗୁପ୍ତାଙ୍କ ପ୍ରତିକ୍ରିୟା ନେବାରେ ସେ ଜିଲ୍ଲା ପ୍ରଶାସନଠାରୁ ବିଧିବଦ୍ଧ ଅନୁମତି ସହିତ ସଂସ୍ଥା ଖୋଲିବା ନିମନ୍ତେ ୫୦ହଜାର ଟଙ୍କା ପ୍ରୋତ୍ସାହନ ପାଇଥିବା ସହିତ ଶୁକ୍ରବାର ଜିଲ୍ଲାସ୍ତରରେ ଭାଗ ନେବାକୁ ପ୍ରସ୍ତୁତ ହେଉଥିବାବେଳେ ବିନା ନୋଟିସରେ ସିଲ୍ କରାଯିବାକୁ ରାଜନୈତିକ ପ୍ରତିଶୋଧ ବୋଲି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ନୟାଗଡ଼ରେ ପୁଣି ଚିଟ୍‌ଫଣ୍ଡ

# ପ୍ରଲୋଭନ ଦେଖାଇ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ

ନୟାଗଡ଼,୩୧।୭ (ସମିସ)

ନୟାଗଡ଼ରେ ପୁଣି ଏକ ଚିଟ୍‌ଫଣ୍ଡ ଠକେଇ ସାମ୍ନାକୁ ଆସିଛି। ଓଡ଼ିଶା ଷ୍ଟେଟ୍ ଲେବର୍ କୋଅପରେଟିଭ୍ ନାମକ ସଂସ୍ଥା ଜରିଆରେ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ଶତାଧିକ ମହିଳା ଠକେଇ କରିଥିବା ବ୍ୟକ୍ତିଙ୍କ ଘର ସାମ୍ନାରେ ବସି ରହିଛନ୍ତି। ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ରାଜପାଟଣା ଗ୍ରାମର ସଞ୍ଜୟ ମହାପାତ୍ର ନାମକ ଜଣେ ବ୍ୟକ୍ତି ଏବଂ ଓଡ଼ଗାଁ ଅଞ୍ଚଳର ଭଗବାନ ଦାଶ ନାମକ ବ୍ୟକ୍ତି ଏହି ସଂସ୍ଥା ଜରିଆରେ ଠକେଇ କରିଥିବା ଅଭିଯୋଗ ହୋଇଛି। ଜଣଙ୍କ ପିଛା ୨୫୦ ଟଙ୍କା ଲେଖାଏଁ ଆଦାୟ କରାଯାଇ ସଂସ୍ଥାର ସଦସ୍ୟତା କରାଯାଇଥିଲା। ଉକ୍ତ ସଂସ୍ଥା ଜରିଆରେ କମ୍ ମୂଲ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁ ଚଣ୍ଡୀମନ୍ଦିରଠାରେ ଏକ ଦୋକାନ ମଧ ଖୋଲାଯାଇଥିଲା। ଉକ୍ତ ଦୋକାନରୁ



ସାମଗ୍ରୀ କିଣାବିକା ମଧ କିଛିଦିନ ଚାଲିଥିଲା। ଏବେ ସଂସ୍ଥା ବନ୍ଦ ହୋଇଯାଇଥିବା କହି ଲୋକଙ୍କୁ ଭୁଆଁ ବୁଲାଯାଉଥିବା ବେଳେ ଗୁରୁବାର ଶହ ଶହ ମହିଳା ରାଜପାଟଣା ସଞ୍ଜୟ ମହାପାତ୍ରଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ମହିଳାମାନେ ଦୀର୍ଘ ସମୟ ଧରି ଧାରଣା ଦେଇଥିବାବେଳେ ପୁଲିସକୁ ବାରମ୍ବାର ଯୋଗାଯୋଗ କରିବା ପରେ ବି କୌଣସି ପଦକ୍ଷେପ ନେଇନଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ସମୟ ପରେ ସଞ୍ଜୟ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ମହିଳାମାନେ ଭଗବାନ ଦାଶଙ୍କୁ ଧରି ଇଟାମାଟି ଥାନାରେ ପହଞ୍ଚିଥିବା ସୂଚନା ମିଳିଛି। ଏହି ଚିଟ୍‌ଫଣ୍ଡ ଠକେଇରେ ଜଣେ ଜିଲ୍ଲା ପରିଷଦ ସଦସ୍ୟଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି। ତାଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅଞ୍ଚଳରେ ଦୋକାନ ଖୋଲାଯାଇଥିବା ଆଲୋଚନା ହେଉଛି। ଜିଲ୍ଲାରୁ ପ୍ରାୟ ୨୦ ହଜାର ଲୋକଙ୍କଠାରୁ ଠକେଇ ହୋଇଥିବା ଅନୁମାନ କରାଯାଉଛି। ନୟାଗଡ଼

### ବାଲୁଗାଁ ଚଣ୍ଡୀମନ୍ଦିର ନିକଟସ୍ଥ ଦୋକାନ ବନ୍ଦ

ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହାର ଶାଖା ଖୋଲାଯାଇଥିଲା। ସେଠାରେ କର୍ମଚାରୀ ମଧ ନିଯୁକ୍ତି କରାଯାଇଥିଲା। କର୍ମଚାରୀଙ୍କୁ ମାସିକ ୭ ହଜାର ଟଙ୍କା ବେତନ ଦେବାକୁ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଜଣେ କର୍ମଚାରୀ ୩ ଶହ ସଦସ୍ୟ ପଞ୍ଜିକୃତ କରିବାକୁ ଟାର୍ଗେଟ ମଧ ଦିଆଯାଇଥିଲା। ଠକେଇ ଜଣାପଡ଼ିବା ପରେ ଗୁରୁବାର କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ଶହ ଶହ ମହିଳା ରାଜପାଟଣାସ୍ଥିତ ସଞ୍ଜୟଙ୍କ ଘର ସାମ୍ନାରେ ବସି ରହିବା ସହ ହୋ-ହଲ୍ଲା କରିଛନ୍ତି।

### ଜଗତସିଂହପୁର ଗସ୍ତରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ

# ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

**ଜଗତସିଂହପୁର, ୩୧ା୭ (ସମିସ)**



ଆଜି ଅପରାହ୍ନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୌଣସି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସଠିକ୍ ଯୋଜନା, ନୂତନ ତଥା ଉନ୍ନତ ଚିନ୍ତାଧାରାର ବିଶ୍ଳେଷଣ ଓ ସର୍ବୋପରି ପ୍ରତ୍ୟେକ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ନିତାନ୍ତ ଆବଶ୍ୟକ; ଏଭଳି ଏକ ସକାରାତ୍ମକ ଅଭିବ୍ୟକ୍ତି ସହ ଶ୍ରୀମତୀ ପାଢ଼ୀ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମ୍ବୋଧନ କରି ସମୀକ୍ଷା ବୈଠକ ଆରମ୍ଭ କରିଥିଲେ।

ଗତକାଲିଠାରୁ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ, ପୌରାଞ୍ଚଳ ଓ ଅନୁଷ୍ଠାନ ପରିଦର୍ଶନ କରି ହିତାଧିକାରୀ ଓ ଅଧିବାସୀଙ୍କଠାରୁ ଶୁଣିଥିବା ସମସ୍ୟାକୁ ଗୋଟି ଗୋଟି କରି ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ପ୍ରଥମେ ଏଲଡିଏମ, ବ୍ୟାଙ୍କମାନଙ୍କୁ ମହିଳାଙ୍କୁ ସୁବିଧାରେ ଋଣ ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏସଏଚ୍‌ଜି ଗ୍ରୁପ ବ୍ୟତୀତ ବ୍ୟକ୍ତିଗତ ଭାବେ ଯେଉଁମାନେ ଖୁବ୍ ଭଲ କାମ କରୁଛନ୍ତି, ସେପରି ମହିଳାଙ୍କୁ ନିଜସ୍ୱ ଅନୁଷ୍ଠାନ ଗଢ଼ିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଋଣ, ସବସିଡି ଆଦି ଯୋଗାଇ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଭଳି ମହିଳାଙ୍କୁ ଚିହ୍ନଟ କରି ଗୋପାଳନ, ମତ୍ସ୍ୟଚାଷ, ପରିବା ଚାଷ ଆଦି ଲାଭଜନକ ବ୍ୟବସାୟ ପ୍ରତିଷ୍ଠାନ ନିମନ୍ତେ ସହାୟତା ଯୋଗାଇବ ପାଇଁ ଡିପିସି ମିଶନ ଶକ୍ତି, ଡିପିଏମ ଓ ଏଲ୍ଏମଙ୍କୁ ଉପଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ଅମୃତ ମିଶନ, ପାନୀୟଜଳ ଯୋଗାଣ ସମସ୍ୟା ଓ ନିରାକରଣ, କୃଷି, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି ବିଭାଗ, ସାମାଜିକ ସୁରକ୍ଷା, ଏସସି, ଏସଟି ଉନ୍ନତିକରଣ ଉପରେ ବିଷଦ ଆଲୋଚନା ହୋଇଥିଲା। ଜିଲ୍ଲାରେ ଉପଲବ୍ଧ ସରକାରୀ ଜମିର ସଦୁପଯୋଗ କରି ମଲ୍ଟି ଷ୍ଟରେଡ ବିଲ୍ଡିଂ ତିଆରି ସହ ରାଜସ୍ୱ ଆଦାୟ ତଥା ରୋଜଗାର ସୃଷ୍ଟି ପାଇଁ ଅଭିନବ ଉପାୟ ଅବଲମ୍ବନ କରିବାକୁ ଉପଦେଶ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାର ଉତ୍ତମ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଆହୁରି ଉନ୍ନତି କରିବା ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୌର ଅଞ୍ଚଳର ଆବଶ୍ୟକତାକୁ ବୁଝି ଉପଯୁକ୍ତ ପଦକ୍ଷେପ ନେବା ସହ ସମସ୍ୟାର ସମାଧାନ କରିବା ପାଇଁ ଦୁଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଉପଦେଶ ଦେଇଥିଲେ।

ଜିଲ୍ଲାପାଳ ଜେ. ସୋନାଲ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀମତୀ ପାଢ଼ୀଙ୍କୁ ଅବଗତ କରାଇବା ସହ ଉନ୍ନତିମୂଳକ କାର୍ଯ୍ୟର ରୂପରେଖ କହିଥିଲେ। ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ନୂତନ ପଦକ୍ଷେପ ଗ୍ରହଣ ସହ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରମୁଖ ସଚିବ ଜିଲ୍ଲାପାଳଙ୍କୁ ପରମର୍ଶ ଦେଇଥିଲେ। ଜିଲ୍ଲାରେ ନୂତନ ରୋଜଗାର ସମ୍ଭାବନା ସୃଷ୍ଟି କରିବା, ଦକ୍ଷତା ବିକାଶକୁ ପ୍ରୋତ୍ସାହନ, ନକାରାତ୍ମକ ପରିସ୍ଥିତି, ମାନବ ସମ୍ବଳର ଅଭାବ ସତ୍ତ୍ୱେ ମଧ୍ୟଉନ୍ନତିମୂଳକ କାର୍ଯ୍ୟକୁ ଫଳପ୍ରଦ କରିବା ପାଇଁ ମାର୍ଗଦର୍ଶନ କରିଥିଲେ ଶ୍ରୀମତୀ ପାଢ଼ୀ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ) ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷତ୍ରିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ

## ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଥାନାରେ ମାମଲା

**କେନ୍ଦ୍ରାପଡ଼ା, ୩୧ା୭ (ସମିସ):** ଇଚ୍ଛାପୁରରେ ଥିବା ଆରଡବ୍ଲ୍ୟୁଏସ୍ଏସ୍ (ଗ୍ରାମ୍ୟ ପାନୀୟଜଳ ବିଭାଗ) ଡିଭିଜନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କ ବିରୋଧରେ ଟାଉନ୍ ଥାନାରେ ମାମଲା ରୁଜୁ ହୋଇଛି। ତାଙ୍କ ବିରୋଧରେ ଦୁତିଆଳ ଗ୍ରାମର ଲକ୍ଷ୍ମୀପ୍ରିୟା ସେଠୀ ଏତଲା ଦେଇଛନ୍ତି। ଲକ୍ଷ୍ମୀପ୍ରିୟା ଏତଲାରେ ଦର୍ଶାଇଛନ୍ତି ଯେ ତାଙ୍କ ଗ୍ରାମରେ ଏକ ନଳକୂପ ବସାଇବା ପାଇଁ ଯୋଜନା ହୋଇଥିବାବେଳେ ସହକାରୀ ଯନ୍ତ୍ରୀ ବିଭିନ୍ନ ଆଳଦେଖାଇ ଯୋଜନାକୁ କାର୍ଯ୍ୟକାରୀ କରୁନାହାନ୍ତି। ତେଣୁ ଲକ୍ଷ୍ମୀପ୍ରିୟା ଓ ତାଙ୍କ ପଡୋଶୀ ବେବିନା ମହାନ୍ତି ଆରଡବ୍ଲ୍ୟୁଏସ୍ଏସ୍ କାର୍ଯ୍ୟାଳୟକୁ କାହିଁକି ତାଙ୍କ ଗାଁରେ ନଳକୂପ କରାଯାଉନାହିଁ, ସେ ନେଇ ଗୁହାରି କରିବାକୁ ଯାଇଥିଲେ। ତେବେ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସ ଦୁଇ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଜାତିକୁ ନେଇ ମଧ୍ୟ ଆକ୍ଷେପ କରିଥିଲେ। କେବଳ ସେତିକି ନୁହେଁ ଲକ୍ଷ୍ମୀପ୍ରିୟାଙ୍କୁ ଧକ୍କା ଦେଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି ବୋଲି ଗଣମାଧ୍ୟମକୁ କହିଛନ୍ତି। ମାମଲା ରୁଜୁ ହେବା ପରେ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରି ପୁଲିସ ଫେରିଛି। ତଦନ୍ତ ଶେଷ ହୋଇନାହିଁ। ତଦନ୍ତ ଶେଷ ହେଲେ ଯିଏ ଦୋଷ କରିଥିବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପୁଲିସ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ଆରଡବ୍ଲ୍ୟୁଏସଏସ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ ମହିଳାମାନେ କାର୍ଯ୍ୟାଳୟକୁ ସେମାନଙ୍କ ସମସ୍ୟା ନେଇ ଆସିଥିଲେ ବୋଲି ଗଣମାଧ୍ୟକୁ କହିଛନ୍ତି। ସମସ୍ୟା ବିଷୟରେ ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥାଇପାରେ ବୋଲି କୁହାଯାଇଛି। ସହକାରୀ ଯନ୍ତ୍ରୀ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

## ବଡ଼ମା'ଙ୍କ ଜନ୍ମ ଦିବସ ପାଳିତ

**ବାଲିକୁଦା, ୩୧ା୭ (ସମିସ):** ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆଧ୍ୟାତ୍ମିକ ସାଧନାର ଅନ୍ୟତମ ସାରଥି ଶ୍ରୀଶ୍ରୀ ବଡ଼ମା'ଙ୍କ ୧୩୨ତମ ଜନ୍ମୋତ୍ସବ ମନୋଜ୍ଞ ଓ ଆଧ୍ୟାତ୍ମିକ ପରିବେଶରେ ବୋରିକିନା ସତସଙ୍ଗ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ବିପିନି ବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ ବ୍ରାହ୍ମ ମୁହୂର୍ତ୍ତରୁ ବେଦ ମାଙ୍ଗଳିକ ଗାନ ଓ ବିନତି ପ୍ରାର୍ଥନା ପରେ ସକାଳ ୮ଟା ୫୦ ମିନିଟ୍‌ରେ ଶ୍ରୀଶ୍ରୀ ବଡ଼ମା'ଙ୍କ ଜନ୍ମ ଲଗ୍ନ ଘୋଷଣା କରାଯାଇଥିଲା। ସମଗ୍ର ଭାରତବର୍ଷ ଓ ବିଦେଶରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଧ୍ୟାତ୍ମିକ ଦର୍ଶନ ଓ ସତସଙ୍ଗ ପ୍ରଚାର, ପ୍ରସାର ଦିଗରେ ବଡ଼ମା'ଙ୍କ ପ୍ରମୁଖ ଅବଦାନ ଥିଲା ବୋଲି ମତପ୍ରକାଶ ପାଇଥିଲା। ସଦ୍‌ଗୁରୁ ଶତନାମ ଓ ସତସଙ୍ଗର ଆଶ୍ରୟ ଦ୍ୱାରା ନାରୀଙ୍କ ମଧ୍ୟରେ ଠାକୁରଙ୍କ ଦର୍ଶନ ଓ ଗୁରୁଙ୍କ ପ୍ରତି ଅନୁରକ୍ତି ଦ୍ୱାରା ସାଧାରଣ ମଣିଷ ସ୍ୱର୍ଗୀୟ ଶାନ୍ତି ଓ ଦିବ୍ୟ ଭାବନାପ୍ରାପ୍ତି ହୋଇଥାଏ ବୋଲି ଏହି ଆଧ୍ୟାତ୍ମିକ ସଭାରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଆଜିର ସମାଜରେ ଶ୍ରୀଶ୍ରୀ ବଡ଼ମା'ଙ୍କ ଜୀବନଚର୍ଯ୍ୟା ଓ ଆଧ୍ୟାତ୍ମିକ ଦର୍ଶନ ଆମ ସମସ୍ତଙ୍କୁ ପ୍ରେରଣା ଦେଉ ବୋଲି ଉପସ୍ଥିତ ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ମତପ୍ରକାଶ କରିଥିଲେ। ବରିଷ୍ଠ ଆଇନଜୀବୀ ବୀରନାରାୟଣ ପାତ୍ର, କାର୍ତ୍ତିକ ଚନ୍ଦ୍ର ବେହେରା, ଶିବପ୍ରସାଦ ବେହେରା, ସୁଜିତ ବେହେରା, କେଦାର ପାତ୍ର, ଅଭୟ ବାରିକ, ରତ୍ନାକର ବେହେରା, ରବୀନ୍ଦ୍ର ସାହୁ, ବିଚିତ୍ର ସାହୁ, ତପନ ବେରା, ଗୌରାଙ୍ଗ ଖଟୁଆ, ବୀରବର ବାରିକ ପ୍ରମୁଖ ଉପସ୍ଥିତ ରହି ଗୁରୁଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏରସମା, ବାଲିକୁଦା, ଗୋଡ଼ା, ତିତିରା, ବୋରିକିନା ପ୍ରଭୃତି ପଞ୍ଚାୟତର ଠାକୁରଙ୍କ ଅନୁଗାମୀ ଯୋଗ ଦେଇଥିଲେ।

## ଶିକ୍ଷାବିତ୍ ଭାସ୍କର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ



**ବାଲିକୁଦା, ୩୧ା୭ (ସମିସ):** ବାଲିକୁଦା ଅଞ୍ଚଳର ଖ୍ୟାତନାମା ଶିକ୍ଷାବିତ, ସୁସଂଗଠକ ତଥା ବୋରିକିନା ହାଇସ୍କୁଲର ପ୍ରଧାନଶିକ୍ଷକ ଭାସ୍କର ମହାନ୍ତିଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ହାଇସ୍କୁଲ ପରିସରରେ ଭାସ୍କର ମହାନ୍ତି ସ୍ମୃତି ସଂସଦ ଓ ପୁରାତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଥିବା ଭାସ୍କର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁରାତନ ଛାତ୍ର, ଶୁଭେଚ୍ଛୁ ଓ ବିଭିନ୍ନ ବର୍ଗର ଜନସାଧାରଣ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅପରାହ୍ନରେ ଶ୍ରଦ୍ଧାଞ୍ଜଳି ସଭା ପୁରାତନ ଛାତ୍ର ସଂସଦ ସଭାପତି ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୁରାତନ ଛାତ୍ର ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ସମାଜରେ ପିତାମାତା, ଗୁରୁ ଓ ନିଜର ଜନ୍ମମାଟି ପ୍ରତି ଶ୍ରଦ୍ଧା ସମ୍ମାନ ରହି ପାରିଲେ ସାରା ଦୁନିଆରେ ଶାନ୍ତି, ମୈତ୍ରୀ ଓ ଦିବ୍ୟ ଚେତନା ସୃଷ୍ଟି ହୋଇପାରିବା ସହିତ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସ୍ୱର୍ଗତ ଭାସ୍କର ମହାନ୍ତିଙ୍କ ଉଲ୍ଲେଖନୀୟ ଅବଦାନ ଆମ ସମସ୍ତଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ଏହି ଉତ୍ସବରେ ଆଇନଜୀବୀ ଡକ୍ଟର ବୀରନାରାୟଣ ପାତ୍ର, ଡଃ ବିଷ୍ଣୁଚରଣ ସ୍ୱାଇଁ, ଶିକ୍ଷାବିତ ନାରାୟଣ ସାହୁ, ପ୍ରଧାନଶିକ୍ଷକ ବିଜୟ ମଲ୍ଲିକ, ବୋରିକିନା ସରପଞ୍ଚଙ୍କ ପ୍ରତିନିଧି ସମୀର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ସବୁଦିନ ପାଇଁ ମନେ ରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଅନ୍ତର୍ଯ୍ୟାମୀ ନାୟକ ସଭା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅବିଭାବକ ଓ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ।

### ୧୧ ଦଫା ଦାବି ନେଇ ରେଳ ଶ୍ରମିକ କଂଗ୍ରେସର ଧାରଣା

## ଅଖିଳ ଭାରତୀୟ ରେଳ ଚାଳକ ସଙ୍ଘର ସମର୍ଥନ



**ପାରାଦୀପ, ୩୧ା୭ (ସମିସ):** ୧୧ ଦଫା ଦାବି ନେଇ ରେଳ ଚାଳକ ଓ ଗାର୍ଡଙ୍କ ପାଇଁ ପୂର୍ବତଟ ରେଳ ଶ୍ରମିକ କଂଗ୍ରେସ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଡାକରା ଦେଇଛି। ଏ ପରିପ୍ରେକ୍ଷୀରେ ପାରାଦୀପରେ ଆଜି ଗୁରୁବାର ଦିନ ୧୧ଟାରୁ ଅନଶନ ଆରମ୍ଭ ହୋଇଛି। ଯଦି ରେଳୱେ ପ୍ରଶାସନ ଏହାକୁ ସମୂହ ଭାବେ ଶୀଘ୍ର ବିଚାର ନ କରନ୍ତି ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଙ୍ଘ ଚେତାବନୀ ଦେଇଛି। ଏହି ଆନ୍ଦୋଳନକୁ ଅଖିଳ ଭାରତୀୟ ରେଳ ଚାଳକ ସଙ୍ଘର ପୂର୍ବତଟ ରେଳପଥ ପୂର୍ଣ୍ଣ ସମର୍ଥନ ଦେଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କର୍ମଚାରୀମାନେ ରେଳୱେ କାର୍ଯ୍ୟରେ ବାଧା ନ ଦେଇ ନ ଖାଇ ଏହି ଆନ୍ଦୋଳନରେ ସାମିଲ ରହିବେ। ୧୧ ଦଫା ଦାବିରେ ଶ୍ରମିକ ଭାଇଙ୍କ ପାଇଁ ଶେଷ ୫ ବର୍ଷ ଡିଭିଜିଓନାଲ ଓ ଜୋନାଲ ସ୍ତରରେ ଇଷ୍ଟକୋଷ୍ଟ ରେଳୱେ ଶ୍ରମିକ କଂଗ୍ରେସ ଲଢେଇ କରି ଆସୁଛି। ଗତ ମାସରେ ରେଳୱେର ଉଚ୍ଚ ପଦସ୍ଥ ଅଧିକାରୀ ସମସ୍ତ ଦାବିକୁ ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନ କରିବାରୁ ସେମାନେ ସଙ୍ଘର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇ ଥିବା ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସର ଜଏଣ୍ଟ ଜେନେରାଲ ସେକ୍ରେଟାରୀ ଦିଲ୍ଲୀପ କୁମାର ସାହୁ ସୂଚନା ଦେଇଛନ୍ତି। ୧୨୦ କିମି ଅନ୍ୟୁନ ଦୈନିକ ମାଇଲେଜ ଭତ୍ତା ପ୍ରଦାନ କରିବା, ୯ ଘଣ୍ଟା କାର୍ଯ୍ୟ ସମୟ ଲାଗୁ କରିବା, ବେନିୟମ ଭାବେ କାର୍ଯ୍ୟ ସମୟରେ କଟନୀ ଛଟନୀ ବନ୍ଦ କରିବା, ଲଗାତର ଦୁଇ ରାତ୍ରି କାର୍ଯ୍ୟ ସୀମିତ ରଖିବା, ୩୬ ଘଣ୍ଟା ମଧ୍ୟରେ ମୁଖ୍ୟାଳୟକୁ ଫେରାଇ ଆଣିବା, ରେଳବାଇର ନିୟମ ଅନୁସାରେ ନୂତନ ରନିଂ ରୁମ ଖୋଲିବା, ତ୍ରିକୋଣିଆ କାର୍ଯ୍ୟ ଶୈଳୀ ବନ୍ଦ କରିବା, ଗାର୍ଡ ବ୍ରେକ ଭ୍ୟାନର ସଠିକ ମରାମତି କରିବା, ସମସ୍ତ ରେଳ ଇଞ୍ଜିନରେ ଏସି ପ୍ରଦାନ କରିବା, ସମସ୍ତ ଇଞ୍ଜିନରେ ଟୁଲ ବକ୍ସ ଓ ଲାଇନ ବକ୍ସର ବ୍ୟବସ୍ଥା କରିବା ଇତ୍ୟାଦି ଦାବି କରାଯାଇଛି।

## ରଘୁନାଥ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**ପାରାଦୀପ, ୩୧ା୭ (ସମିସ):** ପାରାଦୀପ ଉପକଣ୍ଠ କୋଠୀସ୍ଥ ରଘୁନାଥ ସରକାରୀ ଉଚ୍ଚବିଦ୍ୟାୟର ୫୮ତମ ପ୍ରତିଷ୍ଠା ଦିବସ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ସ୍ତମ୍ଭକାର ଅକ୍ଷୟ ରାଉତ ଯୋଗ ଦେଇଥିବାବେଳେ ବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟା କନକପ୍ରଭା ବେହେରା, ସମ୍ମାନିତ ଅତିଥି ଭାବେ କୁଜଙ୍ଗ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ସମାଜସେବୀ ରବୀନ୍ଦ୍ର ନାଥ ମହାପାତ୍ର, ହରେକୃଷ୍ଣ ନାୟକ, ସଲୀଳ ସାମନ୍ତରାୟ, ଲକ୍ଷ୍ମୀଧର ସାହୁ, ସୁଶାନ୍ତ ସ୍ୱାଇଁ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା, ପ୍ରତାପ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅରକ୍ଷିତ ଦାସ, ସୁରେନ୍ଦ୍ର ସ୍ୱାଇଁ ଓ ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶ୍ରୀ ରାଉତ ପିତାମାତା ଓ ପଞ୍ଚଭୂତ ଗୁରୁ ଓ ମାଟି ବା ଦେଶର ସେବା କରିବା ଆବଶ୍ୟକ ବୋଲି କହିଥିଲେ। ବକ୍ତା ଶ୍ରୀମତୀ ବେହେରା ବିଦ୍ୟାଳୟର ଏହି ପ୍ରତିଷ୍ଠା ଉତ୍ସବକୁ ପ୍ରଶଂସା କରିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠାପରତା ପାଇଁ ଆଜି ଏହା ଦୀର୍ଘ ୫୮ ବର୍ଷ ଧରି ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏ ଅବସରରେ ହାଇସ୍କୁଲ ପରୀକ୍ଷାରେ ଟପ୍ପର ହୋଇଥିବା ଓମ ପ୍ରକାଶ ସେନାପତି ଓ ଅନ୍ୟ ଛାତ୍ରଛାତ୍ରୀଙ୍କୁ କୁଳମଣି ମେମୋରିଆଲ ଟ୍ରଷ୍ଟ ଓ ଦୀନବନ୍ଧୁ ମେମୋରୀଆଲ ଟ୍ରଷ୍ଟ ଓ ଜମିହରା ସମବାୟସମିତି ପକ୍ଷରୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ର ନୃସିଂହ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ବନ୍ୟା ବିପନ୍ନଙ୍କୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକଙ୍କ ଅନୁରୋଧ

**କେନ୍ଦ୍ରାପଡ଼ା, ୩୧ା୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଜୁଲାଇ ୧୬ରୁ ୨୧ ତାରିଖ ଓ ଜୁଲାଇ ୨୯ରୁ ୩୧ ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ବ୍ରାହ୍ମଣୀ ନଦୀରେ ବନ୍ୟା ଆସି କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଆଳି ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲଟିର ବହୁ ଅଞ୍ଚଳ ପ୍ରଭାବିତ ହୋଇଛି। ଆଜିର ରିପୋର୍ଟ ଅନୁସାରେ ବ୍ରାହ୍ମଣୀ ବନ୍ୟାଜଳ ଅଳଭାଠାରେ ୫.୫୦ ମିଟର ରହିଛି। ଏହି ବନ୍ୟା ଯୋଗୁଁ କେତେକ ପଞ୍ଚାୟତ ଓ ଗ୍ରାମ ସମ୍ପୂର୍ଣ୍ଣ ପାଣିଘେରରେ ରହି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଏ ଅଞ୍ଚଳର ଲୋକେ ବହୁ କଷ୍ଟରେ ବଞ୍ଚୁଛନ୍ତି। ବ୍ରାହ୍ମଣୀ ବନ୍ୟା ବିପନ୍ନଙ୍କୁ ୭ ଦିନ ପାଇଁ ରିଲିଫ ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

### ଜଗନ୍ନାଥପୁର ସରକାରୀ ଉଚ୍ଚବିଦ୍ୟାଳୟର ମଧ୍ୟାହ୍ନଭୋଜନ ଚାଉଳରେ ପୋକ

## ବିଦ୍ୟାଳୟ ପରିସରରେ ଧାରଣାରେ ବସିଲେ ସରପଞ୍ଚ



**ତିର୍ତ୍ତୋଲ, ୩୧ା୭ (ସମିସ):** ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଜଗନ୍ନାଥପୁର ସରକାରୀ ଉଚ୍ଚବିଦ୍ୟାଳୟ ମଧ୍ୟାହ୍ନଭୋଜନ ଚାଉଳରେ ପୋକ, ଅବ୍ୟବସ୍ଥା ଭିତରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଓ ମଧ୍ୟାହ୍ନ ହଡ଼ପ ଅଭିଯୋଗକୁ ନେଇ ଆଜି ସ୍ଥାନୀୟ ସରପଞ୍ଚ ସୁଶାନ୍ତ ନାୟକ, ୱାର୍ଡ ସଭ୍ୟସଭ୍ୟା, ଅଭିଭାବକ ଓ ପୂର୍ବତନ ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ଦୀର୍ଘବର୍ଷ ଧରି ଏହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋକ ମିଶା ଚାଉଳରେ ମଧ୍ୟାହ୍ନଭୋଜନ ଦିଆଯାଉଥିବା ସହ ମଧ୍ୟାହ୍ନଭୋଜନ ଚାଉଳ ୩ ବର୍ଷ ଧରି ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଥିବା ଗଗନ କୁମାର ସାହୁ ମଧ୍ୟାହ୍ନଭୋଜନ ଚାଉଳ ହଡପ କରୁଥିବା ନେଇ ଅଭିଯୋଗ ହୋଇଛି।

ଗତ ୨୯ ତାରିଖରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ସମେତ ସମିତି ସଭ୍ୟା, ୱାର୍ଡ ସଭ୍ୟସଭ୍ୟା ସ୍କୁଲକୁ ଯାଇ ଯାଞ୍ଚ କରିବା ସମୟରେ ସେଠାରେ ମଧ୍ୟାହ୍ନଭୋଜନ ଚାଉଳରେ ପୋକ ସାଲୁବାଲୁ ଦେଖିବାକୁ ପାଇଥିଲେ। ଅନ୍ଧାର ଘରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଦିନ କିଭଳି ପିଲାଙ୍କୁ ଏହି ପୋକରା ଚାଉଳ ଦିଆଯାଉଛି ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଗନ ସାହୁଙ୍କୁ ସରପଞ୍ଚ ଓ ୱାର୍ଡ ସଭ୍ୟସଭ୍ୟା ପଚାରିବା ସହ ମଧ୍ୟାହ୍ନଭୋଜନର ହିସାବ ମାଗିଥିଲେ। ଯାହାର ହିସାବ ଦେଇପାରି ନ ଥିଲେ ପ୍ରଧାନଶିକ୍ଷକ। ଗତକାଲି ଘଟଣା ସମ୍ପର୍କରେ ସରପଞ୍ଚ ଓ ୱାର୍ଡ ସଭ୍ୟସଭ୍ୟା ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ମଣ୍ଡଳ ଶିକ୍ଷା ଅଧିକାରୀ ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇ ନ ଥିଲା। ଆଜି ବିଦ୍ୟାଳୟ ଫାଟକ ନିକଟରେ ମହାତ୍ମା ଗାନ୍ଧୀଙ୍କ ଫଟୋ ରଖି ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ସମେତ ପଞ୍ଚାୟତ ୱାର୍ଡ ସଭ୍ୟସଭ୍ୟା ଓ ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ଧାରଣାରେ ବସିଥିଲେ। ତୁରନ୍ତ ଏହାର ସମାଧାନ କରିବା ସହ ପ୍ରଧାନଶିକ୍ଷକ ଗଗନ କୁମାର ସାହୁଙ୍କୁ ବଦଳି କରିବା, ମଧ୍ୟାହ୍ନଭୋଜନ ହେରଫେରର ସମସ୍ତ ହିସାବ ପ୍ରଦାନ କରାଯିବା ଦାବି କରିଥିଲେ। ତିର୍ତ୍ତୋଲ ମଣ୍ଡଳ ଶିକ୍ଷାଧିକାରୀ ମନୋଜ କୁମାର ବେହେରା ଓ ଏରସମା ମଣ୍ଡଳ ଶିକ୍ଷାଧିକାରୀ ପହଞ୍ଚି ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଛତାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲ୍ଲା କୃଷକ ସଂଘର ଦାବି

**ପଞ୍ଚୁପାଣ୍ଡବ, ୩୧ା୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା କୃଷକ ସଂଘ ଆଜି ସନ୍ଧ୍ୟାରେ ନୂତନ ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କୁ ଭେଟିଛି। ଛତା ଚାଷୀ କୃଷକ ସଂଘର ସଭାପତି ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ନୂତନ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଥିବାବେଳେ ମୁଖ୍ୟ ପ୍ରସଙ୍ଗ ଥିଲା ସରକାରଙ୍କ ପକ୍ଷରୁ ଆସିଥିବା ବସଷ୍ଟାଣ୍ଡ ଛତାରେ ନିର୍ମାଣ କରିବା ପାଇଁ ସଂଘର ମୁଖ୍ୟ ଉପଦେଷ୍ଟା ତଥା ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ସଭାପତି ମିଶ୍ର ଜିଲ୍ଲାପାଳଙ୍କୁ ଦାବି କରିଥିଲେ। ଉପସଭାପତି କୃତ୍ତିବାସ ଦାସ, ଭରତ ଚରଣ ସିଂ, କମଳଲୋଚନ ମହାନ୍ତି, ଆଦିକାନ୍ତ ବଳ, ରବୀନ୍ଦ୍ର ମହାରଣା, ଗୋବିନ୍ଦ ବାରିକ, ଅଞ୍ଜନ ପଲେଇ, ରଞ୍ଜିତ ସାମଲ ପ୍ରମୁଖ ସାମିଲ ଥିଲେ।



# ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ମାରି ୫ ଲକ୍ଷରୁ ଅଧିକ ଟଙ୍କାର ସରଞ୍ଜାମ ଚୋରି

**ଜଗତସିଂହପୁର, ୩୧ା୭ (ସମିସ)**





ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ନୂଆପୋଲଠାରେ ଥିବା ନବାପାଟଣା ବିଦ୍ୟୁତ୍ ଷ୍ଟ୍ରକଚର କାର୍ଯ୍ୟାଳୟରୁ ୬ରୁ ୮ ଜଣ ଦୁର୍ବୃତ୍ତ ୩୦ ତାରିଖ ବିଳମ୍ବିତ ରାତିରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ମାଡ଼ ମାରି ୫ ଲକ୍ଷରୁ ଅଧିକ ମୂଲ୍ୟର ବିଦ୍ୟୁତ୍ ତାର ଓ ଅନ୍ୟ ସରଞ୍ଜାମ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଗତକାଲି ରାତି ପ୍ରାୟ ୧ଟା ସମୟରେ ଉକ୍ତ ବିଦ୍ୟୁତ୍ ଷ୍ଟ୍ରକଚରରେ ଅପରେଟର ଭାବେ କାମ କରୁଥିବା ବଡ଼ବାଗ ଗ୍ରାମର ସମରେଶ ବୈଶାଖ ପରିସ୍ରା କରିବା ପାଇଁ ବାହାରକୁ ଆସିଥିବାବେଳେ ହଠାତ ୬ରୁ ୮ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। କୋଦାଳ ବେଣ୍ଟରେ ତାଙ୍କ ମୁଣ୍ଡକୁ ଆଘାତ କରିବା ସହିତ ଅଣ୍ଟା ଓ ପିଠିକୁ ମଧ୍ୟ ଆଘାତ କରିଥିଲେ। ଶ୍ରୀ ବୈଶାଖ ଭୟଭୀତ ହୋଇ କଣ୍ଟ୍ରୋଲ ରୁମ ଭିତରେ ପଶିଯାଇଥିଲେ। ଏହି ଦୁର୍ବୃତ୍ତମାନେ ତାଙ୍କୁ ପିଛାକରି ଘର ଭିତରକୁ ପଶିଥିଲେ। ସେଠାରେ ଥିବା ଅନ୍ୟ ଜଣେ କର୍ମଚାରୀ ଦେବାଶିଷ ସ୍ୱାଇଁ ଓ ସୁରକ୍ଷା କର୍ମଚାରୀ କେଶବାନନ୍ଦ ଚୌଧୁରୀଙ୍କ ସହିତ ଶ୍ରୀ ବୈଶାଖଙ୍କ ମୁହଁରେ ବେଡ଼ସିଟ ଢାଙ୍କି ଦେଇଥିଲେ। ସେମାନଙ୍କ ମୋବାଇଲ ଛଡ଼ାଇ ନେବା ପରେ ସମସ୍ତ ୩ କର୍ମଚାରୀଙ୍କ ହାତକୁ ପଛପଟରୁ ବାନ୍ଧି ପ୍ରାୟ ୫ ଲକ୍ଷ ଟଙ୍କାର ବିଦ୍ୟୁତ ତାର ଓ ଅନ୍ୟାନ୍ୟ ସରଞ୍ଜାମ ଚୋରି କରି ୪ ଚକିଆ ଯାନରେ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ କଣ୍ଟ୍ରୋଲ ରୁମ ଫୋନରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ସେମାନେ ଆସି ଏହି ୩ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆଜି ସକାଳେ ସମରେଶ ବୈଶାଖ ସଦର ଥାନାରେ ଘଟଣା ସମ୍ପର୍କରେ ଏତଲା ଦେଇଥିଲେ। ଏତଲା ପାଇବା ପରେ ପୁଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚୋର କିମ୍ବା ଚୋରି ଜିନିଷର କୌଣସି ସନ୍ଧାନ ମିଳି ନ ଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

**୩ କର୍ମଚାରୀ ଆହତ, ପୁଲିସର ତଦନ୍ତ ଜାରି**

## ଝଙ୍କଡ଼ ସତ୍‌ସଙ୍ଗ କେନ୍ଦ୍ରରେ ବଡ଼ମା'ଙ୍କ ଜନ୍ମଦିବସ ପାଳନ

**ତିର୍ତ୍ତୋଲ, ୩୧ା୭ (ସମିସ ):** ଝଙ୍କଡ଼ ସତ୍‌ସଙ୍ଗ କେନ୍ଦ୍ରରେ ଶ୍ରୀଶ୍ରୀ ବଡ଼ମା'ଙ୍କ ୧୩୨ତମ ଜନ୍ମ ଦିବସ ପାଳନ କରାଯାଇଛି। ଏ ଅବସରରେ ଅତିଥିମାନେ ମାତୃଶକ୍ତିର ଆବାହନ ଓ ଯଥାର୍ଥ ସମ୍ମାନ ପ୍ରଦର୍ଶନ କରାଗଲେ ଆମ ସମାଜର ବୌଦ୍ଧିକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଋତିକ ସାରଦା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସତ୍‌ସଙ୍ଗରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରମେଶ ମଲ୍ଲ ଯୋଗ ଦେଇଥିବାବେଳେ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ ସାମନ୍ତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନିତ୍ୟ ପୂଜକ ପଣ୍ଡିତ ସତୀଶ ନନ୍ଦ ପୂଜାର୍ଚ୍ଚନା କରିବା ପରେ ସମୂହ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଋତିକ୍ ସୁରେନ୍ଦ୍ର ଷଡ଼ଙ୍ଗୀ, ବିଷ୍ଣୁଚରଣ ସାହୁ, ସତ୍ୟବାନ ତ୍ରିପାଠୀ, ଅଧ୍ୟାପକ ଦୀପକ ସିଂହ, ମୁରଲୀଧର ଦାସ, ରବିନାରାୟଣ କର, ସସ୍ମିତା ତ୍ରିପାଠୀ, ପ୍ରତୀମା ଆଚାର୍ଯ୍ୟ, ଅନ୍ନପୂର୍ଣ୍ଣା ମହାରଣା, ଶିଳାରାଣୀ ସାହୁ, ସଂଯୁକ୍ତା ସାହୁ, ପ୍ରଶାନ୍ତ ଲେଙ୍କା ପ୍ରମୁଖ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

## ଗୋଟିଏ ସ୍ୱର୍ଗରଥ ଭରସାରେ ଚାଲିଛି ପିଆର୍‌ଏମ୍‌ରେ ସେବା

# ଶବ ନେବାକୁ ଅପେକ୍ଷା କରିବାକୁ ପଡୁଛି ୨୪ ଘଣ୍ଟା






**ବାରିପଦା, ୩୧।୭ (ସମିସ)**

ମିଥ୍ୟା ପ୍ରତିଶ୍ରୁତିରେ ପ୍ରଲୋଭିତ ହୋଇ ମୟୂରଭଞ୍ଜବାସୀ ଗତ ସାଧାରଣ ନିର୍ବାଚନରେ ବିଜେପିକୁ ବିପୁଳ ଭୋଟଦେଇ ସମସ୍ତ ବିଧାୟକ, ସାଂସଦଙ୍କୁ ବିଜୟୀ କରିଥିଲେ। ହେଲେ ଏକବର୍ଷ ପରେ ସବୁଠାରୁ ବଡ ବିଫଳତା ସ୍ୱାଦ ଚାଖୁଛନ୍ତି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ। ପୂର୍ବ ବିଜେଡି ସରକାର ସମୟରେ ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ସ୍ଥାପନ କରାଯାଇଥିଲା; କିନ୍ତୁ ସରକାର ବଦଳିବା ପରେ ତାହା ଦିନକୁ ଦିନ ନିଜ ଲକ୍ଷ୍ୟ ସାଧନରୁ ଦୂରେଇ ହେଉଛି। ରୋଗୀ ସେବା ବ୍ୟବସ୍ଥାରେ ବିଭିନ୍ନ ସମସ୍ୟା ଦେଖାଯାଉଥିବା ବେଳେ ବର୍ତ୍ତମାନ ଗୋଟିଏ ସ୍ୱର୍ଗ ରଥ ଗାଡି ଭରସାରେ ଚାଲିଛି ପିଆରଏମ ହସ୍ପିଟାଲ। ଏହି ହସପିଟାଲ ଉପରେ ମୟୂରଭଞ୍ଜ ସମେତ ପୋଡ଼ଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଆଦି ଅଞ୍ଚଳର ଲୋକେ ନିର୍ଭରଶୀଳ। ଉପଖଣ୍ଡରେ ପ୍ରାୟତଃ ମୃତଦେହଗୁଡ଼ିକର ବ୍ୟବଚ୍ଛେଦ ଏଠାରେ ହୋଇଥାଏ। କିନ୍ତୁ ଏହାପରେ ମୃତଦେହ ଘରକୁ ନେବା ପାଇଁ ସ୍ୱର୍ଗରଥ ଗାଡି ଅଭାବ ସମସ୍ୟା ସୃଷ୍ଟି କରିଛି। କାରଣ ବର୍ତ୍ତମାନ ଗୋଟିଏ ଗାଡିରେ ହିଁ ସେବା ଚାଲିଛି। ପୂର୍ବରୁ ୨ଟି ଥିବାବେଳେ ଗୋଟିଏ ଅଚଳ ହୋଇଛି। ଏଠାରେ ଥିବା ସ୍ୱର୍ଗ ରଥ ଗାଡିଟି କେବଳ ପୌର ପରିଷଦର ସେବା ଯୋଗାଉଛି। ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ମୃତଦେହ ଘର ଲୋକଙ୍କୁ ହସ୍ତାନ୍ତର କରି ଆସିବା ବେଳକୁ ବିଳମ୍ବ ହେଉଛି। ଏଣୁକରି ଅନ୍ୟ ଏକ ମୃତଦେହ ସମୟରେ ନେବାକୁ ଅସୁବିଧା ପରିଲକ୍ଷିତ ହେଉଛି। ପ୍ରାୟତଃ ମୃତଦେହ ନେବାକୁ ଲୋକଙ୍କୁ ଅଧା ଦିନ କିମ୍ବା ଗୋଟିଏ ଦିନ ମଧ୍ୟ ଅପେକ୍ଷା କରିବାକୁ ପଡୁଛି। ତେଣୁକରି ଲୋକେ ମୃତଦେହକୁ ଘରକୁ ନେଇ ଶବ ସତ୍କାର କରିବାକୁ ବାଧ ହୋଇ ଘରୋଇ ଗାଡ଼ିରେ ନେବାକୁ ବାଧହେଉଛନ୍ତି ସମ୍ପର୍କୀୟ। ଏହାର ସୁଯୋଗ ନେଇ ଘରୋଇ ଗାଡି ମାଲିକମାନେ ଅଧିକ ଟଙ୍କା ଭଡା ମାଗୁଛନ୍ତି। ବାରିପଦା ସଦର ଥାନା ଅନ୍ତର୍ଗତ ଶ୍ୟାମାଖୁଣ୍ଟା ବ୍ଲକର ଦୁଧିଆଶୋଳ ଗ୍ରାମର ଅଜୁ କାଳନ୍ଦୀଙ୍କ ସାପ କାମୁଡାରେ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପିଆରଏମରେ ବ୍ୟବଚ୍ଛେଦ ହେବାପରେ ମୃତଦେହ ଘରକୁ ନେବା ପାଇଁ ସ୍ୱର୍ଗ ରଥ ଗାଡି ମିଳିନଥିଲା। ସ୍ୱର୍ଗରଥ ଗାଡି ଅନ୍ୟ ଏକ ମୃତଦେହ ଶୁକ୍ଳି ଅଞ୍ଚଳକୁ ଛାଡିବା ପାଇଁ ଯାଇଥିଲା। ତାହା ଆସି ପହଞ୍ଚିବାକୁ ଅଧା ଦିନ ସମୟ ଲାଗିବ। ହସ୍ପିଟାଲ ପକ୍ଷରୁ ଅନ୍ୟ କୌଣସି ସୁବିଧା ନ ଥିବାରୁ ଶେଷରେ ତାଙ୍କ ପରିବାର ଘରୋଇ ଗାଡିରେ ନେବାକୁ ବାଧ ହୋଇଥିଲେ। ଏନେଇ ପିଆରଏମ ହସ୍ପିଟାଲର ଅଧକ୍ଷ ଡା. ରବୀନ୍ଦ୍ର କୁମାର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ସ୍ୱାସ୍ଥ୍ୟ ସେବା ଏକ ଗୁରୁତ୍ୱପୂର୍ଣ୍ଣ ସେବା ହୋଇଥିବା ବେଳେ ଏ ବାବଦରେ ରାଜ୍ୟ ସରକାର କିମ୍ବା ଜିଲ୍ଲାର ସାଂସଦ ଓ ବିଧାୟକଙ୍କ ପାଟି ଖୋଲୁନାହିଁ। ଫଳରେ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ଭୁଶୁଡ଼ି ପଡ଼ିଛି।

### ଅଧିକ ଟଙ୍କା ଦେଇ ଘରୋଇ ଗାଡ଼ିରେ ମୃତଦେହ ନେଉଛନ୍ତି ସମ୍ପର୍କୀୟ

## କାର୍ ଓ ବାଇକ୍‌କୁ ଧକ୍କାଦେଲା ଆଳୁ ବୋଝେଇ ଅଟୋ; ୨ ଆହତ



**ଉଦଳା, ୩୧।୭ (ସମିସ):** ଉଦଳା-ବାରିପଦା ୧୯ନଂ. ରାଜ୍ୟ ରାଜପଥ ନିକଟ ସୁନାପାଳ ପୋଲଠାରୁ କିଛି ଦୂରରେ ଗୁରୁବାର ଏକ ଆଳୁ ବୋଝେଇ ଅଟୋ କାର୍ ଏବଂ ବାଇକକୁ ଧକ୍କା ଦେବାରୁ ଦୁଇଜଣ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ମୁତାବକ ଦ୍ରୁତଗତିରେ ଆସୁଥିବା ଅଟୋଟି କାରକୁ ଧକ୍କା ଦେବାରୁ ଦୁଇଟି ଯାକ ବେଲୁନ ବାହାରି ଯିବା ସହିତ ସମ୍ମୁଖଭାବ ଚୁରମାର ହୋଇଯାଇଛି। ପରେ ଅଟୋଟି ଏକ ବାଇକକୁ ଧକ୍କା ଦେଇଥିଲା। ଉଦଳାରୁ ଏକ ଅଟୋ ଆଳୁ ବୋଝେଇ କରି ଦ୍ରୁତଗତିରେ ଆସୁଥିବା ବେଳେ ନିଶାସକ୍ତ ଅବସ୍ଥାରେ ଚାଳକ ନିୟନ୍ତ୍ରଣ ହରାଇ ବାରିପଦା ପଟୁ ଆସୁଥିବା ଏକ କାରକୁ ଧକ୍କା ଦେଇଥିଲା। ଫଳରେ କାରଟି ଓଲଟି ପଡ଼ିଥିଲା। ଏହି ସମୟରେ ଜଣେ ବାଇକ ଚାଳକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ପୁଲିସ ଗାଡିଗୁଡିକୁ ଜବତ କରିଛି।

## କଳମା ପୀଡ଼ିତାଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ



**ବେତନଟୀ, ୩୧।୭ (ସମିସ):** ଦୀର୍ଘ ଦିନ ଧରି ଜଣେ ମହିଳା ନିଜର ହକ୍ ପାଇବା ପାଇଁ ବାରମ୍ବାର ଗୁହାରି କରି ନିରାଶ ହୋଇଛନ୍ତି। ମଙ୍ଗଳବାର ବାରିପଦା ଆରକ୍ଷୀ ଅଧୀକ୍ଷକଙ୍କୁ ଦ୍ୱିତୀୟ ବାର ସାକ୍ଷାତ କରି ୧୫ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେବା ପରେ ପ୍ରଶାସନ ଚଳଚଞ୍ଚଳ ହୋଇଛି। ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ଏହି ଖବର ପ୍ରସାରିତ ହେବା ପରେ ଜିଲ୍ଲା କଂଗ୍ରେସର ପ୍ରତିନିଧି ଦଳ ବୁଧବାର ପୀଡିତାଙ୍କ କଳମାସ୍ଥିତ ଘରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। କଂଗ୍ରେସ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସ, ମହିଳା ସଭାପତି ସସ୍ମିତା ଘୋଷାଲ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ମୋତି ପ୍ରକାଶ ଦାଶ, ବେତନଟୀ ବ୍ଲକ ସଭାପତି କୁଶଧର ବେହେରା, ଜିଲ୍ଲା ଓବିସି ସଭାପତି ଦିଲ୍ଲୀପ ନାୟକ ପ୍ରମୁଖ ତାଙ୍କ ଘରେ ପହଞ୍ଚିଥିଲେ। ଏକ ଘରୋଇ କଳିକୁ ନେଇ ଅପରପକ୍ଷର ଏତଲା କ୍ରମେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ତାଙ୍କୁ ଜେଲ ପଠାଇଥିଲେ ବୋଲି ଅନସୂୟା ଜେନା ପ୍ରକାଶ କରିଛନ୍ତି। ରାଜନୈତିକ ଚାପରେ ତାଙ୍କର ମାମଲା ୧୫୫ /୨୫କୁ ପୁଲିସ ବିଚାରକୁ ନ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଦର୍ଶାଇଥିଲେ।

## ଏସ୍‌ଡିପିଓ ଅଫିସ ସମ୍ମୁଖରୁ ଚୋରି ଉଦ୍ୟମ; ସିସି ଟିଭିରେ ଫଟୋ କଏଦ




**ବାରିପଦା, ୩୧।୭ (ସମିସ):** ବାରିପଦା ସହରରେ ଚୋରି ଓ ଛିନତାଇ ନିୟମିତ ଘଟଣା ହେଲାଣି। ଫଳରେ ପୁଲିସକୁ ଚୋର ସିଧାସଳଖ ଚ୍ୟାଲେଞ୍ଜ ଦେଉଛନ୍ତି। ବୁଧବାର ବିଳମ୍ବିତ ରାତିରେ ବାରିପଦା ଷ୍ଟେସନବଜାର ନିକଟ ସଦର ପୁଲିସ ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଚୋରି ଉଦ୍ୟମ ହୋଇଛି। ଯାହାକି ସିସି ଟିଭି କ୍ୟାମେରାରେ ଫଟୋ କଏଦ ହୋଇଛି। ଚୋରି ସମୟର ସିସି ଟିଭିରେ କଏଦ ଉକ୍ତ ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବୁଧବାର ବିଳମ୍ବିତ ରାତିରେ ଚୋର ଜଣକ ସେଠାରେ ଥିବା ଏକ ହୋଲସେଲର ଗୋଦାମ ଓ ସଂଲଗ୍ନ ଘରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲା। ତେବେ କୌଣସି ମତେ ଗୋଦାମ ଗୃହର ସମ୍ମୁଖ ଫାଟକ ଖୋଲିପାରିନଥିଲା। ଫଳରେ ଚୋରି ଉଦ୍ୟମ ବିଫଳ ହୋଇଥିଲା। ଏହାପରେ ସମ୍ମୁଖରେ ଥିବା ଏକ ମିନି ଟ୍ରକର କାଚକୁ ପଥରରେ ବାଡେଇ ଭାଙ୍ଗିଥିଲା। ଟ୍ରକରୁ ଚୋରି କରିବାକୁ ଉଦ୍ୟମ କରିଥିବା ବେଳେ ସେଥିରେ ମଧ୍ୟ ବିଫଳ ହୋଇଥିଲା। କିନ୍ତୁ ଟ୍ରକ ଭିତରେ ଥିବା ସରଞ୍ଜାମ ଚୋରିକରି ପଳାଇଥିଲା ଚୋର। ଚୋରି କରିବାର ସମସ୍ତ ଭିଡ଼ିଓ ସିସି ଟିଭିରେ କଏଦ ହୋଇଛି। ବିଳମ୍ବିତ ରାତିରେ କିଛି ଗାଡି ମୋଟର ଚଳାଚଳ କରୁଥିବା ବେଳେ ଏସଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଉପରେ ଜଣେ ଚୋରି ଉଦ୍ୟମ କରିଛି। ପୁଲିସର ପାଟ୍ରୋଲିଂ ଢିଲା ଯୋଗୁଁ ଚୋରି ବଢ଼ିବାରେ ଲାଗିଛି।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ମୋରଡା, ୩୧।୭ (ସମିସ):** ମୋରଡା ଥାନା ଅଧୀନ କୋହି ପଞ୍ଚାୟତ ବାଲିଆଡିପା ଗାଁ ପୋଖରୀରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି ପୁଲିସ। ମୃତକ ଯୁବକ ହେଲେ ଲଖିରା ମୁର୍ମୁ। ସେ ବୁଧବାର ଅପରାହ୍ନରେ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ତେବେ ଲଖିରାଙ୍କ ପୋଷାକ ପୋଖରୀ ଆଡିରେ ପଡ଼ିଥିବାରୁ ଗ୍ରାମବାସୀ ସନ୍ଦେହକରି ଖୋଜାଖୋଜି କରଥିଲେ ମଧ୍ୟ ପାଇନଥିଲେ। ଗୁରୁବାର ସକାଳେ ଦମକଳ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଲଖିରାଙ୍କୁ ପାଇ ନଥିଲେ। କିନ୍ତୁ କିଛି ସମୟପରେ ଲଖିରାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ଶବକୁ ଜବତ କରି ବାରିପଦା ପଠାଇଛି।

## ଡିଭାଇନରେ ରାମଟେକ୍ ସଫ୍ଟୱେୟାର ସଲ୍ୟୁସନର କ୍ୟାମ୍ପସ୍ ଚୟନ




**ବାରିପଦା, ୩୧।୭ (ସମିସ):** ଉତ୍ତର ଓଡ଼ିଶାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜିରେ ୩୧ ତାରିଖରେ ହାଇଦ୍ରାବାଦସ୍ଥିତ ରାମଟେକ୍ ସଫ୍ଟୱେୟାର ସଲ୍ୟୁସନ ପକ୍ଷରୁ କ୍ୟାମ୍ପସ୍ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏହା ଚଳିତ ଶିକ୍ଷାବର୍ଷର ସପ୍ତମ କ୍ୟାମ୍ପସ। ଯେଉଁଥିରେ ଡିଭାଇନରୁ ପାସ୍ କରିଥିବା ସିଭିଲ୍ ଏବଂ ଇଲେକ୍ଟ୍ରିକାଲ୍ ଆଣ୍ଡ ମେକାନିକାଲ୍ (ଇଏଣ୍ଡଏମ୍) ବ୍ରାଞ୍ଚର ୬ ଜଣ ଚାକିରି ପାଇବା ପାଇଁ ଯୋଗ୍ୟ ବେବେଚିତ ହୋଇଛନ୍ତି। ରାମଟେକ ସଫ୍ଟୱେୟାର୍ ସଲ୍ୟୁସନର ପ୍ରଶାସନିକ ଅଧିକାରୀ ସନ୍ଦୀପକୁମାର ଜେନା ଡିଭାଇନ୍ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ସାକ୍ଷାତକାର ନେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଏହି ଚୟନ ପ୍ରକ୍ରିୟାରେ ଖୁସି ବ୍ୟକ୍ତ କରିବା ସହ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଚଳିତ ଶିକ୍ଷା ବର୍ଷରେ ଶତକଡା ୧୦୦ ଛାତ୍ରଛାତ୍ରୀ ଚାକିରି ପାଇବାର ଆଶା ରଖିଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ। ଏ ସମସ୍ତ ପ୍ରକ୍ରିୟାରେ ଅନୁଷ୍ଠାନର ଅଧକ୍ଷ୍ୟ ଇଂ ଅଭିନ୍ନ କୁମାର ଦାସ, ବିଶ୍ୱ ରଞ୍ଜନ ମହାନ୍ତ, ଇଂ ଯାଜ୍ଞାସେନୀ ଦେଓ ଏବଂ ଇଂ ଅମିଶା ଅଗସ୍ତି ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

## ୨ରେ ପିଏମ୍ କିଷାନର ୨୦ତମ କିସ୍ତି; ଉପକୃତ ହେବେ ଜିଲ୍ଲାର ୨ ଲକ୍ଷ ଚାଷୀ

**ବାରିପଦା, ୩୧।୭ (ସମିସ):** ପିଏମ କିଷାନର ୨୦ତମ କିସ୍ତି ଶନିବାର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ। କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ହଲ ଓ ଶ୍ୟାମାଖୁଣ୍ଟା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ ୨୦୨୪ ଡିସେମ୍ବର ମୟୂରଭଞ୍ଜ ଜିଲ୍ଲାର ୨ଲକ୍ଷ ୨୩ ହଜାର ୭୯୧ଜଣ ଚାଷୀଙ୍କୁ ୧୯ତମ କିସ୍ତି ଟଙ୍କା ପ୍ରଦାନ କରାଯାଇଥିଲା। ଏଥର ତାଠାରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ଯିବ। ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣରେ ଜିଲ୍ଲାର ଚାଷୀଗଣ ଦେଖିପାରିବା ନେଇ ଉଭୟ ସ୍ଥାନରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

### ଗୁହାଳଡାଙ୍ଗିରି ଲ୍ୟାମ୍ପସର ନାହିଁ ନିଜସ୍ୱ ଗୃହ

## ପଞ୍ଜୀକରଣ ପାଇଁ ଚାଷୀ ଯାଉଛନ୍ତି ଗୋରୁମହିଷାଣି

**ରାଇରଙ୍ଗପୁର, ୩୧।୭ (ସମିସ):** ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ଅଞ୍ଚଳ ଗୁହାଳଡାଙ୍ଗିରୀ ପଞ୍ଚାୟତର ଚାଷୀମାନେ ୧୨କିମି ଦୂର ଗୋରୁମହିଷାଣିଠାରେ କାର୍ଯ୍ୟ କରୁଥିବା ଲ୍ୟାମ୍ପ୍ସରେ ନାମ ପଞ୍ଜୀକରଣ, ମଣ୍ଡିରେ ଧାନ ବିକ୍ରି, ସାର, କୀଟନାଶକ ଆଦି ଦେଣନେଣ କରୁଛନ୍ତି। ଗୁହାଳଡାଙ୍ଗିରୀ ପଞ୍ଚାୟତରେ ନିଜସ୍ୱ ଘର ନ ଥିବାରୁ ଏଠାକାର ଲ୍ୟାମ୍ପ୍ସଟି ଗୋରୁମହିଷାଣିରେ କାର୍ଯ୍ୟ କରୁଛି। ଫଳରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ପାହାଡିଆ ଦୁର୍ଗମ ଅଞ୍ଚଳ ଯୋଗୁଁ ସବୁ ଗାଁକୁ ରାସ୍ତା ନ ଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଗୁହାଳଡାଙ୍ଗିରିଠାରେ ନୂତନ ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ୩ ବର୍ଷ ପୂର୍ବରୁ ବାମନଘାଟି ଉପଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ସରପଞ୍ଚ ବିଶୁ ମୁଣ୍ଡାଙ୍କ ନେତୃତ୍ୱରେ ସମିତି ସଭ୍ୟା ଭବାନୀ ନାୟକ, ନାଏବ ସରପଞ୍ଚ ସେମାନ୍ତି ହେମ୍ବ୍ରମ, ୱାର୍ଡ ସଭ୍ୟ/ସଭ୍ୟା ବୁଦୁନୀ ନାଏକ, ଗଙ୍ଗାମଣି ଗିରି, ପ୍ରମିଳା ନାଏକ, ପ୍ରମିଳା ନାୟକ, ଦେଶାଇ ନାଏକ, ରଶ୍ମି ବିନ୍ଧାଣି, ଘାସିରାମ ମାଝୀ, ପମା ମାର୍ଣ୍ଡି, ସିଂଗୋ ମିର୍ମୁ, ସରୋଜ କୁମାର ମୁଣ୍ଡାରୀ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଅବଗତ କରାଇଥିଲେ। ତିନି ମାସ ଭିତରେ ସମାଧାନ ହେବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଗୁହାଳଡାଙ୍ଗିରିଠାରେ ଲ୍ୟାମ୍ପସ ନାଁରେ ଖାତା ନମ୍ବର-୩୨୫, ପ୍ଲଟ ନମ୍ବର-୮୫୩ରେ ୧୭ ଡେସିମିଲ ଜାଗା ରହିଛି। ତୁରନ୍ତ ଏହି ଜାଗା ଉପରେ ସମବାୟ ସମିତିର ନୂତନ ଗୃହ ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ କରାଯାଉ ବୋଲି ଚାଷୀ ଦାବି କରିଛନ୍ତି। ତେଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ନିବେଦନ କରିଛନ୍ତି।






## ଜିଲ୍ଲାସ୍ତରୀୟ ଏଡ୍‌ସ କୁଇଜ୍ ପ୍ରତିଯୋଗିତା | ସ୍ୱାଧୀନ ଓ ଅଭିନବ ରାଜ୍ୟସ୍ତରକୁ ମନୋନୀତ



**ବାରିପଦା, ୩୧।୭ (ସମିସ)**

ମୟୂରଭଞ୍ଜ ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ ଏବଂ ପ୍ରତିକାର କକ୍ଷ ତରଫରୁ ଜିଲ୍ଲାସ୍ତରୀୟ ଏଡ୍‌ସ ସମ୍ବନ୍ଧୀୟ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୨୬ଟି ବ୍ଲକରୁ ପ୍ରଥମ ହୋଇଥିବା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଡ୍‌ସ ନିୟନ୍ତ୍ରଣ ସମିତିର ପରିଚାଳିକା ରଶ୍ମିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ ଯୋଗଦେଇ ସଚେତନତା ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ବିଭିନ୍ନ କବିତା ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଜେଆରସି ରାଜ୍ୟ ସାଧନ କର୍ମୀ ଡ ରମାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ ରଖିଥିଲେ। ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣି ସ୍ୱାଗତ ଅଭିଭାଷଣ ଦେଇଥିଲେ। ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ୨ ଜଣ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଓଏଭି ଶୁଳିଆପଦାର ସ୍ୱାଧୀନ ଭାରତ ଦାସ, ଦ୍ୱିତୀୟ ଓଏଭି ବେତନଟି ଅଭିନବ ଲେଙ୍କା, ସରକାରୀ ଉଚ୍ଚ ବିଦ୍ୟାଳୟ ଅସନା ବିଶୋଇର ସେଲିନା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୬୦୦ ଟଙ୍କା ଲେଖାଏଁ ପୁରସ୍କାର, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବୈକୁଣ୍ଠନାଥ ସାଲ ଧନ୍ୟବାଦ ଅର୍ପଣ କରିଥିଲେ।




ଡି ଡି ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚର ତିନିଦିନିଆ ଗଣଧାରଣା ସମାପ୍ତ

# ପ୍ରତିଶ୍ରୁତି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ

କେନ୍ଦୁଝର, ୩୧।୭ (ସମିସ)




ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତିନିଦିନିଆ ଗଣଧାରଣା ଗୁରୁବାର ସମାପ୍ତ ହୋଇଛି। ଜିଲ୍ଲାରୁ ବହୁ ବୁଦ୍ଧିଜୀବୀ ଏଥିରେ ସାମିଲ ହୋଇ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ଥିତି ରକ୍ଷା କରି ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ଡକରା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ନିଜର ପ୍ରତିଶ୍ରୁତି ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଆହ୍ୱାନ କରାଯାଇଛି।

ଉଲ୍ଲେଖଯୋଗ୍ୟ, ୧୯୫୭ ମସିହାରୁ ଭୂତତ୍ତ୍ୱ ବିଭାଗକୁ ନେଇ କେନ୍ଦୁଝର ସାଇନ୍ସ କଲେଜ ପ୍ରତିଷ୍ଠା ହୋଇଥିଲା। ପରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଥିଲା। ଏବେ ଏକ ପୁରୁଣା କଲେଜକୁ ଚଞ୍ଚକତା କରି ଲୋପ କରିଦିଆଗଲା ବୋଲି ଅଭିଯୋଗ ହେଉଛି। ଫଳରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ କାଗଜପତ୍ରରେ ନିଜ ଅସ୍ତିତ୍ୱ ହରାଇଛି। ବିଶ୍ୱବିଦ୍ୟାଳୟ ନାମରେ କଲେଜ ସମ୍ପତ୍ତି ହଡ଼ପ ହେବାରେ ଲାଗିଛି।

ବିଶ୍ୱବିଦ୍ୟାଳୟ ନାମରେ ଓଏସଡ଼ି ପ୍ରତାପ ମହାନ୍ତି ଅତୀତର ଧରଣୀ ଭୂୟାଁ ବିଦ୍ରୋହର ଖଳନାୟକ ବିଚିତ୍ରା ନନ୍ଦ ଦାସ ଭୂମିକା ନିଭାଉଛନ୍ତି ବୋଲି ଆଜି ଗଣଧାରଣାସ୍ଥଳରେ ମତ ପ୍ରକାଶ ପାଇଥିଲା। ଯୁକ୍ତ ଦୁଇ ଓ ଯୁକ୍ତ ତିନି ସ୍ତରରେ ପାଠପଢା ସ୍ଥାଣୁ ହୋଇଯାଇଛି। ଦୁର୍ଭାଗ୍ୟର କଥା, ସ୍ନାତକ ଛାତ୍ରଛାତ୍ରୀ ଏବର୍ଷ ଏଯାଏ ପରିଚୟପତ୍ର ପାଇ ପାରି ନାହାନ୍ତି। ବିଶ୍ୱବିଦ୍ୟାଳୟର ସେକଥା ବୁଝିବାକୁ ବେଳ ନାହିଁ ବୋଲି ଅଭିଯୋଗ ଆସିଛି। ୟୁଜିସି ଧରଣୀଧର ବିଶ୍ୱବିଦ୍ୟାଳୟକୁ ଷ୍ଟେଟ ୟୁନିଭରସିଟି କହିବା ବେଳେ ଏବେ ଏହାକୁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଉନ୍ନତ ହୋଇ ଏହି ବିଶ୍ୱବିଦ୍ୟାଳୟ ହେଲା ବୋଲି କହିବା ଏକ ବେନିୟମ କାର୍ଯ୍ୟ ବୋଲି କୁହାଯାଉଛି। ଏହାର ମାନ୍ୟତା ପରିବର୍ତ୍ତନ ବେଳେ ସେତେବେଳର ପୂର୍ବତନ ଛାତ୍ର ସଂଘର ତଥା ଜନସାଧାରଣଙ୍କ ଅନୁମତି ନିଆଯାଇ ନଥିଲା।

ଆଜି ଏସବୁ ବିଷୟରେ ଗଣଧାରଣାସ୍ଥଳରେ ବିଷଦ ଆଲୋଚନା ହୋଇ ଅନେକ ମୂଲ୍ୟବାନ ସୁଚିନ୍ତିତ ମତ ଓ ପ୍ରସ୍ତାବ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଗଷ୍ଟ ୩ ତାରିଖ କେନ୍ଦୁଝର ଗସ୍ତ ପୂର୍ବରୁ ବଳିଷ୍ଠ ପଦକ୍ଷେପ ନେଇ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ପୂର୍ବାବସ୍ଥାକୁ ଫେରାଇ ଆଣି ଏଠାରେ ଅଧିକ ଅଧ୍ୟାପକ ଦେଇ ନୂତନ ପିଜି ବିଷୟ ଖୋଲିବାକୁ ଗଣଧାରଣାରେ ଆହ୍ୱାନ ଦିଆଯାଇଛି। ସେହିପରି ସବୁ ଦୁର୍ନୀତି, ଅବ୍ୟବସ୍ଥାର ମୂଳ ସୂତ୍ରଧର ବିଶ୍ୱବିଦ୍ୟାଳୟ ଓଏସଡ଼ି ପ୍ରତାପଚନ୍ଦ୍ର ମହାନ୍ତିଙ୍କ କାର୍ଯ୍ୟକାଳ ଅଗଷ୍ଟ ୬ରେ ସରୁଛି ତେଣୁ ତାଙ୍କର କାର୍ଯ୍ୟକାଳ ଆଉ ନ ବଢେଇବାକୁ ଦାବି କରାଯାଇଛି।

ପୁରୁଣା ବଜାରର ସୁଲେଇଖମାଠାରେ ବିଶ୍ୱବିଦ୍ୟାଳୟ କୋଠା ଓ ଜମିରେ ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ଥାୟୀ ମୁଖ୍ୟ ଦପ୍ତର ଅବିଳମ୍ବେ ଖୋଲିବାକୁ ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ବିଭିନ୍ନ ନାଗରିକ କମିଟି ସହଯୋଗରେ ଶ୍ରୀ ବଳଦେବଜୀଉ ମନ୍ଦିର ସାମନାରେ ଗଣଧାରଣା କରିବ ବୋଲି ନିଷ୍ପତ୍ତି ଆଜି ଦୋହରାଇଛି। ତେବେ ସେଥିଲାଗି ସୁରକ୍ଷା ମଞ୍ଚ ଅଗଷ୍ଟ ୩ ଓ ୬ ତାରିଖକୁ ସତର୍କତା ସହ ଅପେକ୍ଷା କରିଛି ଧରଣୀଧର କଲେଜକୁ ମାଗଣା ଜମି ଦାନ କରିଥିବା ଲୋକଙ୍କୁ ନେଇ କଲେଜ ସମ୍ମୁଖରେ ନିଜ ପ୍ରିୟ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ରକ୍ଷା ଲାଗି ମଧ୍ୟ ଗଣଧାରଣା ଦେବ ବୋଲି ସୂଚନା ମିଳିଛି। ସେଥିଲାଗି ବିଭିନ୍ନ ରାଜନୈତିକ ଦଳ, ଛାତ୍ର ସଂଗଠନ, ଗଣ ସଂଗଠନ ଆଗେଇ ଆସିବାକୁ ସୁରକ୍ଷା ମଞ୍ଚର ଆବାହକ ଚକ୍ରଧର ସାହୁ ଆହ୍ୱାନ ଦେଇଛନ୍ତି।

ମଞ୍ଚର ବରିଷ୍ଠ ସଦସ୍ୟ ଭରତ ପାତ୍ର ସଭା ସଂଯୋଜନା କରିଥିଲେ। ଗବେଷକ ନିରଞ୍ଜନ ବାରିକ, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ପୁରାତନ ଛାତ୍ର ସଂଘର ସଭାପତି ଆଲୋକ ମିଶ୍ର, ବିଜେଡି ସଭାପତି ତଥା ଆଲୁମନି ସଂପାଦକ ଆଶିଷ ଚକ୍ରବର୍ତ୍ତୀ, ନାରୀ ନେତ୍ରୀ ପ୍ରାଚୀବାଳା ସାହୁ, ସଂଗୀତା ସିଂହ, ସିଟିଜେନ ଫୋରମ୍ ଉପଦେଷ୍ଟା କୃଷ୍ଣଚନ୍ଦ୍ର ମହାନ୍ତି, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ଶିକ୍ଷାବିତ ଡ. ବନବିହାରୀ ମିଶ୍ର, ଡ. କ୍ଷୀରୋଦଚନ୍ଦ୍ର ମିଶ୍ର, ଦିଲ୍ଲୀପ କୁମାର ସାହୁ, ନବକିଶୋର ସାହୁ, ଲାଲମୋହନ ରାଉତ, କୃଷକ ନେତା ଦୀପକ ରାଜ, ସତ୍ୟଜିତ ମିଶ୍ର, ଶରତଚନ୍ଦ୍ର ପାତ୍ର, ରମେଶ ମହାନ୍ତ, ବାବାଜୀ ପାତ୍ର, ସୁପାଇ ମୁର୍ମୁ, ଇଂ ପ୍ରଶାନ୍ତ ଦଳେଇ ବକ୍ତବ୍ୟ ରଖିଥିଲେ। ଗୟାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ସିଟିଜେନ ଫୋରମ୍ ସଭାପତି ଡ. ଅରୁଣ ସାହୁ, ରାମନାରାୟଣ ଦ୍ୱିବେଦୀ, ଅବସରପ୍ରାପ୍ତ ଅଧ୍ୟାପକ ରଞ୍ଜନ ପଣ୍ଡା, ପ୍ରତିଭା ମଞ୍ଜରୀ ନାୟକ, ରେବତୀ ସାହୁ, ପୂର୍ଣ୍ଣ ଦାସ, ତେଲକୋଇର ବରିଷ୍ଠ ନାଗରିକ କୈଳାସଚନ୍ଦ୍ର ପ୍ରଧାନ, ଅନୁସୂଚିତ ଜାତି ଏକତା ମଞ୍ଚର ଅଲେଖ ପାତ୍ର, ସୁବଳ ସେଠୀ, ନିରୋଦ ବେହେରା, ଅଯୋଧ୍ୟା ପାତ୍ର, ଗଣ୍ଡ ସମାଜ ସଭାପତି ଜନାର୍ଦ୍ଦନ ନାୟକ, ସାମ୍ବାଦିକ ସଞ୍ଜୟ ସାହୁ, ଅଧ୍ୟାପକ ଦୀପକ ଦାସ ପ୍ରମୁଖ ସାମିଲ ହୋଇଥିଲେ।

ନିଶା କାରବାରରେ ଚଢ଼ଉ; ୨୧ ଗିରଫ

## ବ୍ରାଉନସୁଗର ସହ ନଗଦ ୮ ଲକ୍ଷ ଓ ମୋବାଇଲ ଜବତ



ଆନନ୍ଦପୁର, ୩୧।୭ (ସମିସ): ଆନନ୍ଦପୁର-ଘସିପୁରା-ରାମଚନ୍ଦ୍ରପୁର-ନନ୍ଦିପଦା ଥାନା ପୁଲିସ ଅଞ୍ଚଳରେ। ଦୁଇ ଦିନ ଧରି ଚଢ଼ଉ ଫଳରେ ୨୧୩ ଗ୍ରାମ ବ୍ରାଉନ୍ ସୁଗର ଜବତ କରାଯାଇଛି। ବ୍ରାଉନ ସୁଗର ବିକ୍ରି ଅଭିଯୋଗରେ ପୁଲିସ ୨୧ ଜଣଙ୍କୁ ଗିରଫ କରିଛି। ଏହାସହ ଦୁର୍ବୃତ୍ତଙ୍କ ନିକଟରୁ ନଗଦ ୮ ଲକ୍ଷ ୩୦ ହଜାର ଟଙ୍କା ଏବଂ ୧୩ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିଥିବା ସୂଚନା ଦେଇଛନ୍ତି କେନ୍ଦୁଝର ଜିଲ୍ଲା ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର। ଶାଳପଡା ହାଟ ପଡିଆଠାରେ ବିକ୍ରି କରିବା ପାଇଁ ୩ ଜଣ ଓ କିଣିବା ପାଇଁ ୩ ଜଣଙ୍କୁ ପୁଲିସ କାବୁ କରିଥିଲା। ପରେ ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଘଷିପୁରା ରାମଚନ୍ଦ୍ରପୁର, ଆନନ୍ଦପୁର ଓ ନନ୍ଦିପଦା ଥାନାଞ୍ଚଳରେ ଚଢ଼ଉ କରିଥିଲା। ଭଦ୍ରକ ଅଞ୍ଚଳରୁ ଏମାନେ ବ୍ରାଉନସୁଗର ଆଣି ଆନନ୍ଦପୁର ଅଞ୍ଚଳରେ ଦୀର୍ଘଦିନ ଧରି ବିକ୍ରି କରୁଥିଲେ। ଆନନ୍ଦପର ଉପଖଣ୍ଡ ଅଞ୍ଚଳରେ ବଢିଚାଲିଥିବା ବ୍ରାଉନସୁଗାର କାରବାରକୁ ନେଇ ବିଭିନ୍ନ ମହଲରୁ ପୁଲିସ ନିକଟରେ ହୋଇଆସୁଥିବା ଅଭିଯୋଗକୁ ଆଧାରକରି ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ଗଠନ କରି ଗତଦୁଇଦିନ ଧରି ଚଢଉ କରିବା ପରେ ଏହି ସଫଳତା ମିଳିଥିବା ଜଣାପଡିଛି। ଆଗକୁ ଚଢ଼ଉ ଜାରି ରହିବ ବୋଲି ଅତିରିକ୍ତ ଏସପି ସୂଚନା ଦେଇଛନ୍ତି।

୨୦ ନମ୍ବର ଏନ୍‌ଏଚ୍‌ରେ ସୋ'କେସ୍ ଚାରା ରୋପଣ

## ୫ ଲକ୍ଷ ଟଙ୍କାର ଅନୁଦାନ; ଗଛ ନାହିଁ, ଅଛି ବାଉଁଶ କଣି



ଆନନ୍ଦପୁର, ୩୧।୭ ସମିସ): ୨୦ ନମ୍ବର ଜାତୀୟ ରାଜପଥରେ ହୋଇଥିବା ବୃକ୍ଷ ରୋପଣର ଚିତ୍ର ଏଭଳି। ଚାରା ରୋପଣ ନାମରେ ହରିଲୁଟ୍ ହୋଇଛି ଲକ୍ଷାଧିକ ଟଙ୍କାର ଅନୁଦାନ। ନାଁକୁ ମାତ୍ର କାଗଜପତ୍ରରେ ରାସ୍ତା ଡିଭାଇଡର୍‌ରେ ଚାରା ରୋପଣ କରାଯାଇଛି। ନା ଅଛି ସୁରକ୍ଷା ବାଡ଼ ନା ରକ୍ଷଣାବେକ୍ଷଣ ପାଇଁ ଚାଲିଛି ଠୋସ୍ କାର୍ଯ୍ୟ। ଜାତୀୟ ରାଜପଥ ମଝିରେ ଥିବା ଡିଭାଇଡ଼ରରେ ଗଛ ଲଗାଯିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ସୋ'କେସ୍ ଭଳି କିଛି ଚାରା ଲଗାଇ ବାକି ଟଙ୍କା ଚଲୁ କରି ଦେଇଥିବା ଅଭିଯୋଗ ହେଉଛି। ୨୦୦ ଚାରା ଲଗାଯାଇଥିବା ବେଳେ ବର୍ତ୍ତମାନ ଗୋଟିଏ ମଧ୍ୟ ନଥିବା ପରିଲକ୍ଷିତ ହୋଇଛି। ଗଛ ବଦଳରେ ବାଉଁଶ କଣି ଓ କେତେ ଖଣ୍ଡ ବତା ପଡ଼ିରହିଛି। ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ବୃକ୍ଷ ରୋପଣର ଅବସ୍ଥା ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଦାସଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପୁଣି ଥରେ ଗଛ ଲଗାକିବା ପାଇଁ ସମ୍ପୃକ୍ତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହି ଏହି ପ୍ରସଙ୍ଗକୁ ଏଡାଇ ଦେଇଛନ୍ତି। ପ୍ରଶାସନ ଦୃଷ୍ଟି ଆଢୁଆଳରେ ରହୁଥିବା ଜାତୀୟରାଜପଥ ବିଭାଗରେ କି ପ୍ରକାର ଜାଲିଆତି ହେଉଛି ଏଥିରୁ ସ୍ପଷ୍ଟ ଅନୁମେୟ। ଜାତୀୟ ରାଜପଥ ରକ୍ଷଣାବେକ୍ଷଣ ପାଇଁ ଅଭିସ୍ୱା କନଷ୍ଟ୍ରକ୍ସନ ନାମକ ଠିକସଂସ୍ଥା ଦାୟିତ୍ୱ ନେଇଥିବା ବେଳେ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ଓ ରକ୍ଷଣାବେକ୍ଷଣକୁ ତଦାରଖ କରିବା ପାଇଁ ଜଣେ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି ହେଲେ ଉପଯୁକ୍ତ ତଦାରଖ ଅଭାବରୁ ଅନେକ ସମୟରେ ଏହାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ଶାଳପଡା ସର୍ଭିସ ରୋଡର ଦୟନୀୟ ଅବସ୍ଥା ପାଇଁ ରାସ୍ତା ବରୋଧ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଯାହାକି ରାଜପଥ ପ୍ରାଧିକରଣ ପକ୍ଷରୁ ରାଜପଥ ପରିଚାଳନାର ଏକ ନଗ୍ନ ଉଦାହରଣ ବୋଲି ଚର୍ଚ୍ଚା ପରିସରକୁ ଆସିଛି।

## ମହିଳାଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ସ୍ୱାମୀ ଗିରଫ



ବାଲିବନ୍ଧ, ୩୧।୭ (ସମିସ): ଝୁମ୍ପୁରା ଥାନା ଭାଲୁକା ଗ୍ରାମର ସହିଦନଗରଠାରେ ଏମଡି ମେନାନ୍‌ଙ୍କ ପ୍ରଥମ ପତ୍ନୀ ଶକୁନ୍ତଳା ଦାସଙ୍କୁ ପିଟି ପିଟି ଅତି ଅମାନୁଷିକ ଭାବେ ହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀ ଏମଡି ମେନାନକୁ ପୁଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏମଡି ମେନାନ ଏବଂ ସ୍ତ୍ରୀ ଶକୁନ୍ତଳାଙ୍କ ମଧ୍ୟ କିଛି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଏକ କାଠଫାଳିଆରେ ସ୍ତ୍ରୀ ଶକୁନ୍ତଳାଙ୍କୁ ହତ୍ୟା କରିଥିବା ନେଇ ସ୍ୱାମୀ ଏମଡି. ମେନାନ ସ୍ୱୀକାର କରିଛି। ଶକୁନ୍ତଳାଙ୍କ ଭାଇ ମକରଧର ଦାସଙ୍କ ଝୁମ୍ପୁରା ଥାନାରେ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ୭ ବର୍ଷ ତଳେ ଝୁମ୍ପୁରା ଗ୍ରାମର ଏମଡି. ମେନାନ୍ ଶକୁନ୍ତଳାଙ୍କୁ ପ୍ରେମବିବାହ କରିଥଲେ। ସେମାନଙ୍କ ୪ ବର୍ଷର ପୁଅ ସହ ୨ ବର୍ଷର ଝିଅଟିଏ ଅଛନ୍ତି। ପରେ ପାରିବାରିକ ତିକ୍ତତା ସୃଷ୍ଟି ହୋଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ଏହାକୁ ନେଇ ଝୁମ୍ପୁରା ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୮୦/୮୫/୧୦୩(୧)/୪ ଡିପି ଆକ୍ଟ ସମ୍ବଳିତ ୧୦୧/୨୫ ସମ୍ବଳିତ ଏକ ମାମଲା ରୁଜୁ ହୋଇଛି।

## ସୁଆଁପଦା ହାଟରୁ ମୋବାଇଲ ଲୁଟ୍

ରାମଚନ୍ଦ୍ରପୁର, ୩୧।୭ (ସମିସ): ରାମଚନ୍ଦ୍ରପୁର ଥାନା ୨୦ ନମ୍ବର ଜାତୀୟ ରାଜପଥ ସୁଆଁପଦା ବୁଧବାର ସାପ୍ତାହିକ ହାଟ ମଧ୍ୟରୁ ଜଣେ ଯୁବକଙ୍କ ମୋବାଇଲ ଲୁଟିଛନ୍ତି ଲୁଟେରା। ବେଲସୁନ୍ଦରୀ ଗ୍ରାମର ନିରଂଜନ ସାହୁ (୨୮) ଅପରାହ୍ନରେ ପନିପରିବା କିଣିବା ସମୟରେ ତାଙ୍କ ପକେଟରୁ ଦାମୀ ମୋବାଇଲଟିକୁ ଲୁଟି ନେଇ ଦୁର୍ବୃତ୍ତ ଫେରାର ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ନିରାଶ ହୋଇ ନିରଞ୍ଜନ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ହାଟ ସମେତ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ପୁଲିସ ପହରା ସତ୍ତ୍ୱେ ଏଭଳି ଲୁଟ୍ ଘଟଣା ପରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ସୁଆଁପଦା ହାଟରେ ଅନେକଥର ମୋବାଇଲ ଲୁଟ ଭଳି ଘଟଣା ଘଟିଛି। ହାଟ ପରିସରରେ ସିସିଟିଭି କ୍ୟାମେରା ଲଗାଇବାକୁ ବୁଦ୍ଧିଜୀବୀ ଏବଂ କେତେକ ବ୍ୟବସାୟୀ ଆନନ୍ଦପୁର ପ୍ରଶାସନକୁ ଅନୁରୋଧ ଜଣାଇଛନ୍ତି।

## ମହିଳାଙ୍କୁ ଅସଦାଚରଣ ଓ ଅପହରଣ ଉଦ୍ୟମ: ୫ ଗିରଫ

ଯୋଡ଼ା, ୩୧।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ଯୋଡ଼ା ତଳକ ହାଟିଂରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ଅପହରଣ ଘଟଣାରେ ଯୋଡ଼ା ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଫର୍ତିକ ଶେଖ୍, ସାହିଦୁଲ୍ ଶେଖ୍, ଦିଲଦାର୍ ହୁସେନ, ଜାମାଲ ଶେଖ୍ ଓ ସାଫିକୁଲ ଶେଖ। ସୂଚନା ଅନୁସାରେ, ମୁରସିଦାବାଦ ଅଞ୍ଚଳର କିଛି ଲୋକ ଯୋଡ଼ା ସହରରେ ରହି ଘର ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଏମାନଙ୍କ ସହିତ ଅଭିଯୋକାରିଣୀ ମହିଳା ମଧ୍ୟ କାର୍ଯ୍ୟ କରୁଥିଲେ। ଗତ ମଙ୍ଗଳବାର ଅଭିଯୁକ୍ତମାନେ ମହିଳାଙ୍କୁ ବଳପୂର୍ବକ ଅପହରଣ ଉଦ୍ୟମ କରିବା ସହ ତାଙ୍କ ସହିତ ଅସଦାଚରଣ କରିଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଯୋଡ଼ା ପୁଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

## କାନପୁର ବର୍ଷା ବିପନ୍ନଙ୍କୁ ଦରିପାଲ ବଣ୍ଟନ



କେନ୍ଦୁଝର, ୩୧।୭ (ସମିସ): ଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ କାନପୁର ବିସ୍ଥାପିତ ଚମକପୁର ପଞ୍ଚାୟତର ରୁଗୁଡି ଗ୍ରାମର ଶତାଧିକ ଆଦିବାସୀ ପରିବାରକୁ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଦ୍ୱାରା ପରିଚାଳିତ ମା' ଜଗତଜନନୀ ସେବା ଟ୍ରଷ୍ଟ, ନମ୍ବିରା ତରଫରୁ ଦରିପାଲ ବଣ୍ଟନ କରାଯାଇଛି। କାନପୁର ଡ୍ୟାମ ନିମନ୍ତେ ପୂର୍ବରୁ ଏହି ଆଦିବାସୀ ଗ୍ରାମରେ ରହୁଥିବା ଶତାଧିକ ପରିବାର ବହୁ ହଇରାଣ ହେଉଥିବାବେଳେ ବର୍ତ୍ତମାନର ଲଘୁଚାପଜନିତ ବର୍ଷା ଯୋଡା ବ୍ଲକ ଚମକପୁର ପଞ୍ଚାୟତର ରୁଗୁଡି ଗ୍ରାମବାସୀଙ୍କ ଅସୁବିଧାକୁ ଦ୍ୱିଗୁଣିତ କରିଛି। ଏ ସଂପର୍କରେ ଖବର ପାଇ ଚମ୍ପୁଆ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ବିଧାୟକଙ୍କ ଜିଲ୍ଲା ପ୍ରତିନିଧି ସଂଜୀବ ବେହେରା, ଯୋଡା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ଚମକପୁର ସରପଞ୍ଚ ଶକୁନ୍ତଳା ନାଏକ, ନାଏବ ସରପଞ୍ଚ ଅର୍ଜୁନ ବେହେରା, ୱାର୍ଡସଭ୍ୟ ସଂଯୁକ୍ତା ଆପଟ୍ଟ, ନଳିନୀ ନାଏକ, ପୂର୍ବତନ ସରପଞ୍ଚ ପ୍ରଭାକର ନାଏକଙ୍କ ସମେତ କାର୍ତ୍ତିକ ନାଏକ, ବିଶୁ ଆପଟ୍ଟ, ଜଗନ୍ନାଥ ବାରିକ, ଦିନେଶ ଦାସ ପ୍ରମୁଖ ଉକ୍ତ ଉପାନ୍ତ ବୁଡି ଅଞ୍ଚଳକୁ ଯାଇ ଶତାଧିକ ମୁଣ୍ଡା ସଂପ୍ରଦାୟର ଆଦିବାସୀ ପରିବାରକୁ ବର୍ଷାରୁ ରକ୍ଷା ପାଇବା ପାଇଁ ଦରି ପାଲ ବଣ୍ଟନ କରିଛନ୍ତି।

## ବଳରାମଧୀର ହାଇସ୍କୁଲ କିରାଣିଙ୍କୁ ବିଦାୟ ସମ୍ବର୍ଦ୍ଧନା



ରାମଚନ୍ଦ୍ରପୁର, ୩୧।୭ (ସମିସ): ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡାସ୍ଥିତ ବଳରାମଧୀର ହାଇସ୍କୁଲର ବରିଷ୍ଠ କିରାଣି ରମାକାନ୍ତ ଘଡେଇଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଶାନ୍ତନୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଧାରାଣୀ ଧୀର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଶିକ୍ଷାକମିଟି ଅଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ, ସିଆରସିସି ସଂଜିବ ବେହେରା, ବିଶିକେଶନ ଭୁୟାଁ, ଶିକ୍ଷାବିତ ବ୍ରଜକିଶୋର ସେନାପତି, ପଞ୍ଚସଖା ଶିକ୍ଷାସେତୁ ଅଧ୍ୟକ୍ଷ ସୌମେନ୍ଦ୍ର ଧୀର, ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ବଳରାମ ବେହେରା, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ବୈଷ୍ଣବ ସେନାପତି ଶ୍ରୀ ଘଡ଼େଇଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଶୁଭ୍ରଜିତ ଧୀର, ନାରାୟଣ ଦାସ, ଲକ୍ଷ୍ମୀପ୍ରିୟା ସାହୁ, ସୁରେଶ ଭୁୟାଁ, ଅରୁଣ ନାୟକ, ବିଶ୍ୱନାଥ ଖୁଣ୍ଟିଆ, ଅତସି ଜେନା, ଦେବେନ୍ଦ୍ର ପ୍ରସାଦ ସାହୁ, ଶିକ୍ଷା କମିଟି ସଭ୍ୟ ଗାର୍ଦ୍ଦି ମୁଣ୍ଡା, ଅମୂଲ୍ୟ ମାଝୀ ଏବଂ ପୂର୍ବଛାତ୍ରଙ୍କ ସହ ବର୍ତ୍ତମାନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ପୁନଃନିଯୁକ୍ତି ଓ ବକେୟା ରାଶି ପ୍ରଦାନ ଦାବି



ଏମ୍‌ଏସ୍‌ପି କାରଖାନାରେ ଶ୍ରମିକ ଅଶାନ୍ତି

କେନ୍ଦୁଝର, ୩୧।୭ (ସମିସ): କେନ୍ଦୁଝର ସଦର ବ୍ଲକ୍ ଏମ୍‌ଏସ୍‌ପି କାରଖାନାରେ ଛଟେଇ ଶ୍ରମିକଙ୍କୁ ପୁନଃନିଯୁକ୍ତି ଓ ଅବସର ପରେ ବକେୟା ରାଶି ପ୍ରଦାନ ଦାବିରେ ଆଜି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ବାବଦରେ ମେ ୨୯ରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ କୌଣସି ସମାଧାନ କରା ନଯାଇ ପ୍ରତ୍ୟେକ ବର୍ଷ ଶ୍ରମିକଙ୍କୁ ଛଟେଇ କରାଯାଉଥିବା ଅଭିଯୋଗ ହୋଇଛି। ୨୦୨୩ ଅକ୍ଟୋବରରେ ୧୫ ଜଣ ସମେତ ଚଳିତ ବର୍ଷ ମିଶି ୨ ଶହରୁ ଅଧିକ ଶ୍ରମିକଙ୍କୁ ଛଟେଇ କରାଯାଇଛି। ରାଜକିଶୋର ମିଶ୍ରା, ତପନ କୁମାର ପ୍ରଧାନ, ରାଜେଶ ମୁଣ୍ଡାଙ୍କୁ ମନଇଚ୍ଛା ବାହାର କରିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ୧୫ରୁ ଅଧିକ ଶ୍ରମିକଙ୍କ ବକେୟା ଅର୍ଥ ରାଶି ପ୍ରଦାନ କରା ନଯାଇ ହଇରାଣ କରାଯାଉଥିବା ଜଣାପଡିଛି। ସ୍ଥାନୀୟ ସରପଞ୍ଚ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅଭିଯୋଗ କରିଥିଲେହେଁ କମ୍ପାନୀ କୌଣସି ସମାଧାନ କରୁନି। ଏନେଇ ଦାବିପତ୍ରର ନକଲ କେନ୍ଦୁଝର ଜିଲ୍ଲା ଶ୍ରମଅଧିକାରୀ, ସଦର ଥାନାଧିକାରୀ, ଜିଲ୍ଲା ପୁଲିସ ଆରକ୍ଷୀ, କେନ୍ଦୁଝର ସିଟିଜେନ ଫୋରମ ସଭାପତି, ଗୋବର୍ଦ୍ଧନ ସରପଞ୍ଚଙ୍କୁ ପ୍ରଦାନ କରାଯାଇଛି। ତପନ ପ୍ରଧାନ, ରାଜକିଶୋର ମିଶ୍ର, ଦ୍ୱାରିକା ପାତ୍ର, ମଧୁସୂଦନ ସାହୁ, ଧନେଶ୍ୱର ମହାନ୍ତ, ହୃଦାନନ୍ଦ ମହାନ୍ତ, ସନାତନ ନାଏକ, ଦୁଃଶାସନ ଗିରି ପ୍ରମୁଖ ଶ୍ରମିକ ଉପସ୍ଥିତ ଥିଲେ।

# ସ୍ୱାଧୀନତାର ଅମୃତ ବେଳାରେ ରୂପସାହିକୁ ବିକାଶ ଅପହଞ୍ଚ

ଯୋଡ଼ା, ୩୧।୭ (ସମିସ)



- ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ସେବା ସବୁକିଛି ନାହିଁ ନାହିଁରେ ଚାଲିଛି
- ପାନୀୟଜଳର ଘୋର ଅଭାବ, ଭଲ ରାସ୍ତାଟିଏ ବି ଭାଗ୍ୟକୁ ନାହିଁ

କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ମୂଲ୍ୟବାନ ଖଣିଜ ଓ ଶିଳ୍ପ ପାଇଁ ପରିଚିତ; କିନ୍ତୁ ଏହାର ପାରିପାର୍ଶ୍ୱିକ ବିକାଶ ଆଶାନୁରୂପ ହୋଇପାରିନାହିଁ। ଗ୍ରାମାଞ୍ଚଳକୁ ବିକାଶ ପହଞ୍ଚିପାରି ନାହିଁ। ମୌଳିକ ସୁବିଧାରୁ ବି ବଞ୍ଚିତ ଅଛନ୍ତି ସ୍ଥାନୀୟ ବାସିନ୍ଦା। ବର୍ଷ ବର୍ଷ ଧରି ଅବହେଳିତ, ନିଷ୍ପେସିତ ଅବସ୍ଥାରେ ସ୍ଥାନୀୟ ଲୋକ କାଳାତିପାତ କରୁଛନ୍ତି। ଏପରିକି ଜିଲ୍ଲା ଖଣିଜ ପାଣ୍ଠି ଓ ଖଣି ଅଞ୍ଚଳ ଉନ୍ନୟନ ପାଣ୍ଠିରେ ପର୍ଯ୍ୟାପ୍ତ ଅର୍ଥ ଥାଇ ମଧ୍ୟ ସେମାନଙ୍କ ଭାଗ୍ୟ ବଦଳି ପାରୁନାହିଁ।

ସେହିପରି ଏକ ରାଜସ୍ୱ ଗ୍ରାମ ହେଉଛି ରୂପସାହି। ଜାତୀୟ ରାଜପଥ ୫୨୦ର ବିଲେଇପଦାଠାରୁ ପ୍ରାୟ ପାଞ୍ଚଶହ ମିଟର ଭିତରକୁ ଗଲେ ପଡେ ଏହି ଆଦିବାସୀ ସମ୍ପ୍ରଦାୟର ଗ୍ରାମଟି। ଯୋଡ଼ା ବ୍ଲକ୍ ତଥା ବିରିକଳ ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମରେ ରୁହନ୍ତି ଶତାଧିକ ଗରିବ ଆଦିବାସୀ ପରିବାର, ଯାହାର ଲୋକସଂଖ୍ୟା ୫ ଶହରୁ ଉର୍ଦ୍ଧ୍ୱ ହେବ। ଏମାନେ ଚାଷ ବ୍ୟତୀତ ଦିନମଜୁରିଆ ଭାବେ ଏଠିସେଠି କାମକରି ଗୁଜୁରାଣ ମେଣ୍ଟାଇବା ସହ ପଡିରହିଛନ୍ତି। ଚାରିଆଡେ ଘଞ୍ଚ ଜଙ୍ଗଲ, ଜଙ୍ଗଲ ଭିତରେ ରହିଛି କେତୋଟି ଝୁମ୍ପୁଡି ଘର। ସଞ୍ଜ ନଇଁଲେ ଗାଁ ଭିତର କିଟିମିଟ ଅନ୍ଧକାର। କେଉଁ କାଳେ ସରକାରଙ୍କ ପକ୍ଷରୁ ଲଗାଯାଇଥିବା ସୋଲାର ଲାଇଟ ରକ୍ଷଣାବେକ୍ଷଣ ଅଭାବରୁ ଅର୍ଦ୍ଧାଧିକ ଅଚଳ। ଘନ ଅନ୍ଧକାର ଯୋଗୁଁ ସାପ ଓ ହାତୀ ଭୟ ସେମାନଙ୍କୁ ଘାରିଥାଏ। ପ୍ରତି ବର୍ଷ ସାପକାମୁଡାରେ ଲୋକ ଏଠି ମୃତ୍ୟୁବରଣ କରନ୍ତି। ବରାବର ହାତୀ ଗାଁ ଭିତରେ ପଶି ଫସଲ ନଷ୍ଟ କରିବା ସହ ଘର ଦ୍ୱାର ଭାଙ୍ଗି ସଞ୍ଚିତ ଧାନ, ଚାଉଳ ଖାଇଦେଇଥାନ୍ତି। ଏପରିକି ହାତୀ ଆକ୍ରମଣାର ଶିକାର ମଧ୍ୟ ହୋଇଥାନ୍ତି। ସାରାଦେଶ ସ୍ୱାଧୀନତାର ଅମୃତ ବେଳାରେ ଉତ୍ସବ ପାଳନ କରୁଥିବା ବେଳେ ଏଭଳି କିଛି ଗ୍ରାମବାସୀଙ୍କ ଦୁର୍ଦ୍ଦଶା, ହତାଶା ବର୍ଷ ବର୍ଷ ଧରି ଦୂର ହୋଇପାରୁନାହିଁ।

ପିଇବା ପାଣିର ରହିଛି ଘୋର ଅଭାବ। ସରକାରଙ୍କ ପକ୍ଷରୁ ୧୦ ବର୍ଷ ତଳେ ଯୋଗାଇ ଦିଆଯାଇଥିବା ସୌରଚାଳିତ ଜଳଯୋଗାଣ ବ୍ୟବସ୍ଥା ଏବେ ଅଚଳ ହେବାକୁ ବସିଲାଣି। ଯାହା ଜଳ ଯୋଗାଣ ହେଉଛି ତାହା ପର୍ଯ୍ୟାପ୍ତ ନୁହେଁ। ବର୍ଷା ଦିନେ କିମ୍ବା କୋହଲା ପାଗରେ ଏହା ସମ୍ପୂର୍ଣ୍ଣ ଅଚଳ ହେବାରୁ ପାନୀୟଜଳର ଘୋର ଅଭାବ ଦେଖାଦେଇଥାଏ। ଲୋକେ ୧ କିମି ଦୂରକୁ ଯାଇ ନାଳରୁ ପାଣି ଆଣି ନିତ୍ୟ ବ୍ୟବହାର କରିଥାନ୍ତି। ଦୂଷିତ ପାଣି ବ୍ୟବହାର ଯୋଗୁଁ ଲୋକେ ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ଘାଣ୍ଟିସନ୍ତୁଳି ହେଉଛନ୍ତି। ଗାଁ ଭିତରେ ଗୋଷ୍ଠୀ ଶୌଚାଳୟଟିଏ ମଧ୍ୟ ନାହିଁ। ପ୍ରାଥମିକ ସ୍କୁଲ ନଥିବା ବେଳେ କେବଳ ରହିଛି ଏକ ଅଙ୍ଗନବାଡି କେନ୍ଦ୍ର। ଅଧିକାଂଶ ଯୋଗ୍ୟ ହିତାଧିକାରୀଙ୍କ ବିଭିନ୍ନ ଭତ୍ତା ପାଇବାରୁ ବଞ୍ଚିତ।

ଗାଁ ଭିତରକୁ ରାସ୍ତାଟିଏ ମଧ୍ୟ ନାହିଁ। ରୋଗୀବୁହା ଗାଡି ଗାଁ ଭିତରକୁ ପଶି ପାରୁ ନଥିବାରୁ ଏବେ ମଧ୍ୟ କେହି ରୋଗରେ ପଡିଲେ ଖଟିଆରେ ବୁହାହୋଇ ରାଜପଥ ଉପରକୁ ଆଣିବାକୁ ପଡିଥାଏ। ଯୋଡ଼ା ବ୍ଲକଠାରୁ ମାତ୍ର କେଇ କିମି ଦୂରରେ ରହିଥିବା ଏହି ଗାଁଟି ଉପରେ କାହାରି ଦୃଷ୍ଟି ପଡି ନଥାଏ। ବାରମ୍ବାର ବ୍ଲକ୍ ଦୌଡ଼ି କିଛି ଫଳ ମିଳିନଥିବା ସ୍ଥାନୀୟ ବାସିନ୍ଦା ଗୌତମ ମୁଣ୍ଡା, ଶୁକ୍ରମଣି ମୁଣ୍ଡା, ସୁରୁ ମୁଣ୍ଡା, ସଂଗୀତା ପାତ୍ର, ବିରଞ୍ଚି ମୁଣ୍ଡା, ସୁନିକା ମୁଣ୍ଡା, ମାଣିକ ମୁଣ୍ଡା, ଝୁନୁ ମୁଣ୍ଡା, ଗଣେଶ ମୁଣ୍ଡା, ଡବର ମୁଣ୍ଡା, ସିଂ ମୁଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିରିକଳା ସରପଞ୍ଚଙ୍କ ମୁଖ ନାଏକଙ୍କ ସହିତ ଯୋଗାଯୋଗ ହୋଇପାରିନାହିଁ। ଯୋଡ଼ା ବିଡିଓ ଡେନିସ ବେହେରା ବର୍ଷାପରେ ଏହି ଗ୍ରାମକୁ ରାସ୍ତାକାମ ଆରମ୍ଭ କରାଯିବ ବୋଲି କହିଛନ୍ତି। ପାଣି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନସଂଗ୍ରହ

# ନୂତନ ନୀତିରେ ପଞ୍ଜୀକରଣ ମନ୍ଥର, ୧୩ ଦିନରେ ୧୬୮୮୩

ସମ୍ବଲପୁର, ୩୧।୭ (ସମିସ)

ଆସନ୍ତା ଖରିଫ୍ ଧାନସଂଗ୍ରହ ପୂର୍ବରୁ ସରକାର ଗୋଟିଏ ପରେ ଗୋଟିଏ ନୀତିନିୟମ ଜାରି କରି ଚାଲିଛନ୍ତି। ଖରିଫ୍ ୨୦୨୪-୨୫ ସମୟରେ ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ୮୦୦ ଟଙ୍କା ସହାୟତା ରାଶି ଦିଆଯାଉଥିବାରୁ ଚାଷୀମାନେ ଉତ୍ସାହର ସହ କ୍ଷେତରେ ସୁନା ଫଳାଇବାକୁ କଠିନ ପରିଶ୍ରମ କରିବାସହ ସମସ୍ତ କ୍ଷେତକୁ ଧାନଚାଷ ଉପଯୋଗୀ କରୁଛନ୍ତି। ତେବେ, ଖରିଫ୍ ଧାନସଂଗ୍ରହ ସକାଶେ ନୂତନ ପଞ୍ଜୀକରଣ ନୀତି ଚାଷୀକୁ କଷ୍ଟସାଧ୍ୟ ହେଉଛି। ପଞ୍ଜୀକରଣ ନୀତି ଦ୍ୱାରା ମୁଖ୍ୟତଃ ପ୍ରଭାବିତ ହେଉଛନ୍ତି ଏକାଧିକ ମାଲିକ ଥିବା ଜମିର ଚାଷୀ ବା ବାହାରେ ଥିବା ମାଲିକଙ୍କ ଜମିର ଭାଗଚାଷୀ। ସମସ୍ତଙ୍କ ସହମତି ଏବଂ ଆଇସ୍କାନ ପରେ ଯାଇ ଏହି ଜମି ପଞ୍ଜୀକରଣ କରାଯାଇପାରିବ ବୋଲି ଜଣାପଡ଼ିଛି। ଏପରିସ୍ଥଳେ ସମ୍ବଲପୁର ଜିଲ୍ଲାରେ ଜୁଲାଇ ୧୯ରୁ ଆରମ୍ଭ ହୋଇ ଗତ ୧୩ ଦିନରେ ପଞ୍ଜୀକରଣ କରିଛନ୍ତି ମାତ୍ର ୧୬୮୮୩ ଚାଷୀ। ଚଳିତବର୍ଷ ଖରିଫ୍‌ରେ ଲକ୍ଷ୍ୟ ରହିଛି ପ୍ରାୟ ୬୦ ହଜାର ଚାଷୀ। ପୁଣି ରବି ଋତୁ ସାଟେଲାଇଟ୍ ସର୍ଭେ ଅନୁଯାୟୀ ସନ୍ଦିଗ୍ଧ ପ୍ଲଟ୍‌ର ଚାଷୀମାନଙ୍କୁ ବାଦ୍ ଦିଆଯିବ ବୋଲି ସରକାର ଘୋଷଣା କଲେଣି।

ସମ୍ପ୍ରତି ଚାଷୀ ଖରିଫ୍ ସକାଶେ ଧାନ ପହ୍ଲା ପକାଇବା, ରୁଆ ଓ ବିହୁଡ଼ା ଆଦି ଚାଷ



କାର୍ଯ୍ୟରେ ବ୍ୟସ୍ତ ରହିଛି ଚାଷୀ। ପ୍ରତିବର୍ଷ ଅଭିଯୋଗ କରିବା ସତ୍ତ୍ୱେ ଏଭଳି ସମୟରେ ସରକାର ଖରିଫ୍ ଧାନସଂଗ୍ରହ ପଞ୍ଜୀକରଣ ରଖିଥାନ୍ତି। ତାହା ପୁଣି ଜୋରସୋର୍‌ରେ କାମ ଚାଲିଥିବାବେଳେ ଗୋଟିଏ ମାସ। ଚଳିତବର୍ଷ ମଧ୍ୟ ଜୁଲାଇ ୧୯ରୁ ଅଗଷ୍ଟ ୨୦ ପଞ୍ଜୀକରଣ ସମୟ ଅବଧି ରହିଛି। ଏହି ସମୟରେ ଚାଷୀ ତା'ର କ୍ଷେତରେ ପହ୍ଲା ରୁଆ କାମ କରୁଥିବାବେଳେ ସମବାୟ ସମିତି ପ୍ୟାକ୍ସ ବା ଲ୍ୟାମ୍ପସ୍‌କୁ ଯାଇ ପଞ୍ଜୀକରଣ କରିବାକୁ ସମୟ ପାଇନଥାଏ। ଏଥିପାଇଁ ସମ୍ବଲପୁର ଜିଲ୍ଲାର ଚାଷୀ ପଞ୍ଜୀକରଣ ସମୟ ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୧୫ ତାରିଖ ଯାଏ ରଖିବାପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନଠାରେ ଦାବି ଜଣାଇଛନ୍ତି।

୩୧ ତାରିଖ ସୁଦ୍ଧା ଖରିଫ୍ ଧାନସଂଗ୍ରହ ୨୦୨୫-୨୬ ପାଇଁ ସମ୍ବଲପୁର ଜିଲ୍ଲାରେ ମୋଟ ୧୬୮୮୩ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ସଦର ଓ କୁଚିଣ୍ଡା ଉପଖଣ୍ଡରେ ପ୍ରାୟ ୭ ହଜାର ଲେଖାଏ ଏବଂ ରେଢ଼ାଖୋଲ ଉପଖଣ୍ଡରେ ପ୍ରାୟ ୩ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ସମ୍ବଲପୁର ଜିଲ୍ଲାର ମୋଟ ୫୬ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) / ବୃହତ୍‌କାୟ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍) / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

**ଆଉ ୨୦ ଦିନରେ ୪୩୦୦୦**

**ଜଏଣ୍ଟ ପ୍ରପର୍ଟିରେ ପଞ୍ଜୀକରଣ ସମସ୍ୟା**

(ଡବ୍ଲ୍ୟୁଏସ୍‌ଏଚ୍‌ଜି) ଜରିଆରେ ଖରିଫ୍ ଧାନସଂଗ୍ରହ ପାଇଁ ପଞ୍ଜୀକରଣ ହେଉଛି। ଏଥିମଧ୍ୟରୁ ସଦର ଉପଖଣ୍ଡରେ ୨୫ଟି ପ୍ୟାକ୍ସ / ଲ୍ୟାମ୍ପସ୍ ଓ ୪ଟି ଡବ୍ଲ୍ୟୁଏସ୍‌ଏଚ୍‌ଜି, କୁଚିଣ୍ଡା ଉପଖଣ୍ଡରେ ୯ଟି ପ୍ୟାକ୍ସ / ଲ୍ୟାମ୍ପସ୍ ଓ ୬ଟି ଡବ୍ଲ୍ୟୁଏସ୍‌ଏଚ୍‌ଜି ଏବଂ ରେଢ଼ାଖୋଲ ଉପଖଣ୍ଡରେ ୧୧ଟି ପାକ୍ସ / ଲ୍ୟାମ୍ପସ୍ ଓ ଗୋଟିଏ ଡବ୍ଲ୍ୟୁଏସ୍‌ଏଚ୍‌ଜି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଖରିଫ୍ ଧାନସଂଗ୍ରହ ୨୦୨୪-୨୫ରେ ଜିଲ୍ଲାର ୬୦୩୫୯ ଜଣ ଚାଷୀ ପଞ୍ଜୀକରଣ କରିଥିଲେ ଏବଂ ଯାଞ୍ଚ ପରେ ୫୯୭୧୯ ଜଣ ଯୋଗ୍ୟ ବିବେଚିତ ହୋଇଥିଲେ।ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ସରକାର ଚଳିତଥର ଖରିଫ୍ ଧାନସଂଗ୍ରହ ପଞ୍ଜୀକରଣ ନୀତିକୁ ଜଟିଳ କରିଛନ୍ତି। ଚାଷୀମାନେ ବର୍ତ୍ତମାନ ଚାଷକାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ପୁଣି ସମସ୍ତ ଜମି ମାଲିକ ସମବାୟ ସମିତିକୁ ଯାଇ ଅଙ୍ଗୀକାରବଦ୍ଧ ପତ୍ର ସହ ଆଇସ୍କାନ କରିବା କଷ୍ଟକର ବ୍ୟାପାର। ଏହାସହ ଜଏଣ୍ଟ ପ୍ରପର୍ଟି ଏବଂ ଭାଗ ଚାଷୀ କ୍ଷେତ୍ରରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ କୃଷି, ସମବାୟ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ସର୍ଭେ କରାଯାଇ ପଞ୍ଜୀକରଣ କରାଯାଉଥିଲା। ସାଟେଲାଇଟ୍ ସର୍ଭେ ପୂର୍ବରୁ ମଧ୍ୟ ଜାଲ ଚାଷ ଜମି ଧରାପଡ଼ିଥିଲା। ବର୍ତ୍ତମାନର ନୂତନ ନୀତି ସମୟ ସାପେକ୍ଷ, ଏଣୁ ଚାଷ ପୂର୍ବରୁ ଏହାକୁ ପର୍ଯ୍ୟାୟକ୍ରମେ କରିବା ଉଚିତ। ଚଳିତ ଖରିଫ୍‌ରେ ପୂର୍ବବର୍ଷର ତଥ୍ୟ ଅନୁଯାୟୀ ପଞ୍ଜୀକରଣ କରାଯାଇ ଖରିଫ୍ ଧାନସଂଗ୍ରହ କରାଯାଉ ବୋଲି କୃଷକ ସଙ୍ଗଠନ ସଭାପତି ଶ୍ରୀ ମିଶ୍ର ଦାବି ଜଣାଇଛନ୍ତି।

## ଡାଇକ୍ ପାର୍ଶ୍ୱରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ପ୍ରେମପାଇଁ ହତ୍ୟା ସନ୍ଦେହ-ମୁଁହ ଖୋଲୁନି ପୁଲିସ**

**ସମ୍ବଲପୁର, ୩୧।୭ (ସମିସ):** ହୀରାକୁଦ ବାମପାର୍ଶ୍ୱ ଡାଇକ୍ ପାଖରୁ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ଖବର ଅନୁଯାୟୀ ଯୁବକ ଜଣକ ଆଦିତ୍ୟ ସାହୁ ବୋଲି କୁହାଯାଉଛି। ଗତ ୨୫ ତାରିଖରୁ ଜଣେ ଯୁବକ ନିଖୋଜ ଥିବା ପୁଲିସ ପାଖରେ ରିପୋର୍ଟ ହୋଇଥିବା ସୂଚନା ମିଳିଛି। ବିଭିନ୍ନ ଦିଗକୁ ନେଇ ପୁଲିସ ଛାନଭିନ ଆରମ୍ଭ କରିଛି। ଯୁବକ ଜଣକ ବରପାଲି ଅଞ୍ଚଳର ବୋଲି ପ୍ରାଥମିକ ସୂଚନା ଥିବାବେଳେ ପଦମ୍‌ପୁରର ଏକ କାର ସୋରୁମ୍‌ରେ କାମ କରୁଥିବା ସୂଚନା ମିଳିଛି। ମୃତଦେହ ନିକଟରୁ ଡିଜେଲ୍ ଜାର ସହ ଜିକସର୍ ମଟର ସାଇକଲ ଉଦ୍ଧାର କରିଛି ପୁଲିସ। ତେବେ ପ୍ରାଥମିକ ଅନୁସନ୍ଧାନରୁ ଏହା ପ୍ରେମଜନିତ ହତ୍ୟା ବୋଲି ପରିବାରବର୍ଗ କହୁଥିବା ବେଳେ ଆସନ୍ତାକାଲି ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି। ହେଲେ ପୁଲିସ ଖବର ଦେଉନଥିବାରୁ ପୁଲିସ କାହିଁକି ଲୁଚାଉଛି ବୋଲି ସମସ୍ତେ ପ୍ରଶ୍ନ କରୁଛନ୍ତି।

## ଯୁବ ଦନ୍ତ ଚିକିତ୍ସକଙ୍କ ଅକାଳ ବିୟୋଗ

**ରେଢ଼ାଖୋଲ, ୩୧।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ରଥସାହିବାସିନ୍ଦା ସର୍ଗତ ସୀତାରାମ ତିୱାରୀଙ୍କ ପୁତ୍ର ଯୁବ ଦନ୍ତ ଚିକିତ୍ସକ ଡ଼.ସନତ କୁମାର ତିୱାରୀଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ଅସୁସ୍ଥ ଥିବାରୁ



ଚିକିତ୍ସା ହୋଇ ଆସୁଥିଲେ।ସମ୍ବଲପୁରସ୍ଥିତ ତାଙ୍କ ବାସଗୃହରେ ଡାକ୍ତରଙ୍କ ସକାଳୁ ଦେହାନ୍ତ ହେବା ପରେ ରେଢ଼ାଖୋଲ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ମୃତଦେହକୁ ରେଢ଼ାଖୋଲ ରଥସାହି ବାସଭବନ ଆଣିବା ପରେ ଶେଷ ଦର୍ଶନ କରିବା ପାଇଁ ଶହ ଶହ ସଂଖ୍ୟାରେ ଲୋକ ଜମା ହୋଇଥିଲେ। ସେ ରେଢ଼ାଖୋଲ ଅଞ୍ଚଳରେ ଏକ ଦନ୍ତ କ୍ଲିନିକ୍ କରି ଗରିବ ଏବଂ ସାଧାରଣ ଲୋକଙ୍କୁ କମ୍ ଅର୍ଥ ରାଶିରେ ଚିକିତ୍ସା କରି ସୁନାମ ଅର୍ଜନ କରିଥିଲେ। ସମସ୍ତ ପରିଜନ ଶେଷ ଦର୍ଶନ ପରେ ଶ୍ମଶାନଘାଟକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡ଼ିଛି।

**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ**

## ତୃତୀୟ ସେମିଷ୍ଟାର ପାଠପଢ଼ା, ବାହାରିନି ପ୍ରଥମ ସେମିଷ୍ଟାର ରେଜଲ୍ଟ

**ସମ୍ବଲପୁର, ୩୧।୭ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଏକ ଅଭାବନୀୟ ସ୍ଥିତି ଦେଇ ଗତି କରୁଛନ୍ତି। ୨୦୨୪-୨୬ ପାଠ୍ୟକ୍ରମରେ ସେମାନେ ଆଡମିଶନ ନେଇଥିବାବେଳେ ଗ୍ରୀଷ୍ମଛୁଟି ପରେ ତୃତୀୟ ସେମିଷ୍ଟାର ପାଠପଢ଼ା ଆରମ୍ଭ ହୋଇଛି। ତେବେ, ସେମାନଙ୍କ ପ୍ରଥମ ସେମିଷ୍ଟାର ପରୀକ୍ଷାର ରେଜଲ୍ଟ ଏଯାବତ୍ ବାହାରିନି। ପୁଣି ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ଆସନ୍ତା ଅଗଷ୍ଟ ୪ ତାରିଖରୁ ଆରମ୍ଭ ହେବ। ଛାତ୍ରଛାତ୍ରୀମାନେ ଗୋଟିଏ ସେମିଷ୍ଟାର ପରୀକ୍ଷା ଦେବାପରେ ସେହି ସେମିଷ୍ଟାରରେ କ'ଣ ଭୁଲ ତ୍ରୁଟି ରହିଲା ତାହାକୁ ସୁଧାରି ପରବର୍ତ୍ତୀ ସେମିଷ୍ଟାରରେ ଭଲ ଓ ଉନ୍ନତ ପ୍ରଦର୍ଶନ କରିବା ପାଇଁ କଠିନ ପରିଶ୍ରମ ଓ ଲକ୍ଷ୍ୟ ହାସଲ ଦିଗରେ ଫୋକସ୍ କରନ୍ତି। କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସେହି ସୁଯୋଗ ଦେଉନାହାନ୍ତି। ପ୍ରଥମ ସେମିଷ୍ଟାର ରେଜଲ୍ଟ ନପାଇ ପୁଣି ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ଦେଉଥିବାରୁ ସେମାନଙ୍କ ପୂର୍ବ ସେମିଷ୍ଟାରରେ କ'ଣ ଭୁଲ ରହିଲା ତାହାକୁ ସୁଧାରିବା ସୁଯୋଗରୁ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି। ପୁଣି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପରବର୍ତ୍ତୀ ସେମିଷ୍ଟାର ପରୀକ୍ଷା ଚାଲିଥିଲା ବେଳକୁ ପୂର୍ବ ସେମିଷ୍ଟାରର ରେଜଲ୍ଟ ପ୍ରକାଶ କରିବା ନଜିର ରହିଛି। ଏହାଦ୍ୱାରା ପରୀକ୍ଷା ଦେବା ସମୟରେ ମାନସିକ ଭାବେ ଛାତ୍ରଛାତ୍ରୀ ପ୍ରଭାବିତ ହୁଅନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭଳି ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ଏଭଳି ସେମିଷ୍ଟାର ପାଠପଢ଼ା, ପରୀକ୍ଷା ଓ ଫଳାଫଳ ଘୋଷଣାରେ ବିଳମ୍ବକୁ ନେଇ ଅଭିଭାବକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

**୪ରୁ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା**

**ପୂର୍ବ ତ୍ରୁଟି ସୁଧାରିବାକୁ ଛାତ୍ରଛାତ୍ରୀଙ୍କ ସମୟ ନାହିଁ**

## ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଆଗରେ ଅଖଣ୍ଡ ଦୀପ ପ୍ରଜ୍ୱଳନ




**ରେଢ଼ାଖୋଲ, ୩୧।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ସନ୍ଥକବି ଭୀମଭୋଇ ପ୍ରତିମୂର୍ତ୍ତି ଆଗରେ ଗୁରୁବାର ଦିନ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଛି। ଏଥିରେ ଭୀମଭୋଇ ମହିମା ଆଶ୍ରମର ବ୍ରହ୍ମ ଅବଧୂତ ଆନନ୍ଦ ଚନ୍ଦ୍ର ବାବା ଏବଂ ଅନ୍ୟ ମହିମା ଧର୍ମାବଲମ୍ବୀ ସାଧୁସନ୍ଥଙ୍କ ଉପସ୍ଥିତିରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପୂର୍ବକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ଅଖଣ୍ଡ ଦୀପ ସବୁବେଳେ ପ୍ରଜ୍ୱଳନ ହୋଇ ରହିଥିବ। ରେଢ଼ାଖୋଲ ଏନ୍‌ଏସି ପକ୍ଷରୁ ଏହାର ରକ୍ଷଣା ବେକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଛି। ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତୀରେ ପ୍ରତ୍ୟେକ ଦିନ ମାଲ୍ୟାର୍ପଣ କରିବା ବ୍ୟବସ୍ଥା କରାଯାଇଛି। ଏଥିରେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଚିତ୍ରାନନ୍ଦ ସାହୁ, ଲକ୍ଷ୍ମଣ ପ୍ରଧାନ, ବାସୁଦେବ ପୃଷେଠ, ମହାବୀର ସିଂ ଦେଓ, ସମିତି ସଭ୍ୟ ସଞ୍ଜୟ ବେହେରା, କାଉନସିଲର ସୁଧାଂଶୁ ଶେଖର ଅମାତ, ଈଶ୍ୱର ଚନ୍ଦ୍ର ପୃଷ୍ଟି, ଉମେଶ ମିଶ୍ର, ଦିଲ୍ଲୀପ ପ୍ରଧାନ, କ୍ଷୀରୋଦ ଖିଲାରି, ବିଦେଶୀ ସାହୁ ପ୍ରମୁଖ ସମେତ ଅନ୍ୟ କାଉନସିଲର, ମହିମାଧର୍ମୀ ଭକ୍ତ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ନାରୀ ସୁରକ୍ଷା ସଚେତନତା ଶିବିର



**ସମ୍ବଲପୁର, ୩୧।୭ (ସମିସ) :** ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସିଭିଲ କୋର୍ଟ ପରିସରରେ ଜିଲ୍ଲା ଦୌରାଜଜ୍ ତଥା ଅଧ୍ୟକ୍ଷା ଜିଲ୍ଲା ଆଇନସେବା ପ୍ରାଧିକରଣ ପ୍ରଜ୍ଞା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆଜି ନାରୀ ସୁରକ୍ଷା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ମାନେ ଉପସ୍ଥିତ ରହି କର୍ମକ୍ଷେତ୍ରରେ ମହିଳା ମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା (ପିଓଏସ୍‌ଏଚ୍) ଆଇନର ସମସ୍ତ ବିନ୍ଦୁ ଉପରେ ନ୍ୟାୟାଳୟର କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟକ୍ଷା ତଥା ଜିଲ୍ଲା ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ମହିଳା ସଶକ୍ତିକରଣ ପାଇଁ ନିଜେ ଆଇନ ଓ ଅଧିକାର ସଚେତନ ହେବା ସହ ସଠିକ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦକ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ ପରିଚାଳନା କରିଥିଲେ।

## ବୁର୍ଲା ସମ୍ବଲପୁରୀ ଏକତା ମଞ୍ଚ ବୈଠକ

**ସମ୍ବଲପୁର, ୩୧।୭ (ସମିସ) :** ସ୍ଥାନୀୟ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ସମ୍ବଲପୁରୀ ଏକତା ମଞ୍ଚ, ବୁର୍ଲାର ସମ୍ବଲପୁରୀ ଦିନ୍ ପାଳନ ପାଇଁ ଶେଷପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ହେଉଥିବାବେଳେ ସମ୍ବଲପୁରୀ ଖାଦ୍ୟ ଓ ଅନ୍ୟ ଷ୍ଟଲ, ସମ୍ବଲପୁରୀ ସାଂସ୍କୃତିକ ଦଳ, ହାସ୍ୟ ଓ ବ୍ୟଙ୍ଗକବି ସମ୍ମେଳନ ଓ ସମ୍ବଲପୁରୀ ସଙ୍ଗୀତ ଓ ନୃତ୍ୟ ପରିବେଷଣର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଅଗଷ୍ଟ ୧ ତାରିକ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ସ୍ଥାନୀୟ ଉଚ୍ଚ ବାଳକ ବିଦ୍ୟାଳୟରେ ମହା ସମାରୋହରେ ପାଳିତ କରାଯିବ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସାଧାରଣ ଜନତା ସାମିଲ ହେବେ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ଜଳକଷ୍ଟକୁ ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଲେ ମହିଳା

**ସମ୍ବଲପୁର, ୩୧।୭ (ସମିସ) :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ କଚେରୀ ନିକଟସ୍ଥ ଅଞ୍ଚଳରେ ଥିବା ପିଏଣ୍ଡଟି କଲୋନୀରେ ଜଳକଷ୍ଟ ଓ ସଫେଇ ସମସ୍ୟାକୁ ନେଇ ବହୁସଂଖ୍ୟକ ମହିଳା ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ସହ ଆଲୋଚନା କରିଥିଲେ। ଏହାର ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।



ଅଭିଯୋଗ ଅନୁଯାୟୀ, କଚେରୀ ସନ୍ନିକଟସ୍ଥ ପିଏଣ୍ଡଟି କଲୋନୀରେ ବିଭାଗୀୟ କ୍ୱାଟର ରହିଥିବାବେଳେ ପ୍ରାୟ ୧୨୦ରୁ ଅଧିକ ପରିବାର ରହୁଛନ୍ତି। ଗତ ଏକ ମାସ ହେବ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏନେଇ ୱାଟ୍‌କୋ ମୁଖ୍ୟ ପ୍ରବନ୍ଧକଙ୍କୁ ଜଣାଇବାରୁ ଶୀଘ୍ର ସମାଧାନ ହେବ କହିଥିଲେ। ତେବେ, ଅଞ୍ଚଳକୁ ଦିନକ ଗୋଟିଏ ବା ଦୁଇଟି ଟ୍ୟାଙ୍କରରେ ପାଣି ପଠାଇ ଚୁପ୍ ହୋଇ ରହିଯାଉଛନ୍ତି। ଏହି ଜଳଯୋଗାଣ ଅଞ୍ଚଳବାସୀଙ୍କ ସକାଶେ ପର୍ଯ୍ୟାପ୍ତ ହେଉନାହିଁ। ଏହାର ଏକ ସ୍ଥାୟୀ ସମାଧାନ ପାଇଁ ମହିଳାମାନେ ଦାବି କରିଛନ୍ତି। ଏହାସହିତ ପିଏଣ୍ଡଟି କଲୋନୀକୁ ନିୟମିତ ଭାବେ ଡୋର-ଟୁ-ଡୋର ଅଳିଆ ସଂଗ୍ରହ କରୁଥିବା ଗାଡ଼ି ଆସୁନାହିଁ। ମହାନଗର ନିଗମ ଆୟୁକ୍ତଙ୍କୁ ଅଭିଯୋଗ କଲେ କେଇଦିନ ଅଳିଆ ଗାଡ଼ି ଆସି ପୁଣି ବନ୍ଦ ହୋଇଯାଏ। ବାଧ୍ୟହୋଇ ଅଞ୍ଚଳବାସୀ ନିକଟସ୍ଥ ଖାଲି ଓ ପରିତ୍ୟକ୍ତ ସ୍ଥାନରେ ଅଳିଆ ଓ ଆବର୍ଜନା ପକାଉଛନ୍ତି। ଏହାଫଳରେ ବର୍ଷା ଯୋଗୁଁ ପଚିଯାଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ପିଏଣ୍ଡଟି କଲୋନୀ ନିବାସୀ ଅନ୍ନପୂର୍ଣ୍ଣା ବାରିକ, ଅନୀତା ମୁଣ୍ଡା, ବବିତା ମହାପାତ୍ର, ସୁମିତ୍ରା ମିତ୍ର, ଝରଣା ପ୍ରଧାନ, ପୂର୍ଣ୍ଣିମା ସେଠ, ରୀତାଞ୍ଜଳି ବେହେରା, ସୁନୀତା ବେହେରା, ସାକ୍ଷୀ ମାଝୀ ପ୍ରମୁଖ ଅନେକ ମହିଳା ଉପସ୍ଥିତ ଥିଲେ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ତୁଳସୀଦାସ ଜୟନ୍ତୀ

**ସମ୍ବଲପୁର, ୩୧।୭ (ସମିସ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ଆଜି ତୁଳସୀଦାସ ଜୟନ୍ତୀ ପାଳନ କରାଯାଇଛି। ତୁଳସୀଦାସଙ୍କ ସାମଗ୍ରିକ କୃତୀକୁ ନେଇ ଆଜିର ବିଷୟ ଥିଲା 'ରାମଚରିତ ମାନସ ମେଁ ନିହିତ୍ ଭାରତୀୟ ଜ୍ଞାନ ପରମ୍ପରା : ସନ୍ଥ ତୁଳସୀଦାସ କି ସମଗ୍ର ଦୃଷ୍ଟି'। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, କୁଳସଚିବ ଡଃ ଚିତ୍ତରଞ୍ଜନ ସାହୁ, ବିତ୍ତ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀ ତଥା ଫାକଲଟି ମେମ୍ବରମାନେ ଉପସ୍ଥିତ ଥିଲେ। ଆଭାସୀ ଜରିଆରେ ମୁଖ୍ୟବକ୍ତା ଭାବେ ତ୍ରିପୁରା ବିଶ୍ୱବିଦ୍ୟାଳୟ, ଅଗରତାଲାର ପ୍ରଫେସର ବିନୋଦ କୁମାର ମିଶ୍ର ଯୋଗଦେଇ ରାମଚରିତ ମାନସ ଓ ତୁଳସୀ ଦାସଙ୍କ କୃତୀକୁ ନେଇ ସବିଶେଷ ଆଲୋଚନା କରିଥିଲେ। ଅତିଥି ବକ୍ତା ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ସଦନ କୁମାର ପାଲ ଯୋଗ ଦେଇ ଭାରତର ସାଂସ୍କୃତିକ ଓ ସାହିତ୍ୟିକ ଐତିହ୍ୟକୁ ତୁଳସୀଦାସଙ୍କ ଦାନ ବିଷୟରେ ଆଲୋକପାତ କରିଥିଲେ।






**ସମ୍ବଲପୁରୀ କବିତାପାଠ ସହ ଆରମ୍ଭ ହେଲା ରାଜ୍ୟସ୍ତରୀୟ ମହୋତ୍ସବ**

# ଆଏଜ୍ ସମ୍ବଲପୁରୀ ଦିନ୍, ଦୁଲ୍‌କିବା ମଚାନ୍

ସମ୍ବଲପୁର, ୩୧।୭ (ସମିସ)

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁବାର ଚଳିତବର୍ଷର ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଜି ପୂର୍ବାହ୍ଣରେ ସମ୍ବଲପୁରୀ କବିତା ପାଠ ସହ ମହୋତ୍ସବ ଆରମ୍ଭ



ହୋଇଥିଲା। ପଶ୍ଚିମାଞ୍ଚଳ ଲେଖକ ମଞ୍ଚର ସଂଯୋଜକ ଡ. ସ୍ୱୟଂପ୍ରକାଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବଲପୁରୀ କବିତା ପାଠୋତ୍ସବରେ ୫୨ ଜଣ କବି ଓ କବୟିତ୍ରୀ ସ୍ୱରଚିତ ସମ୍ବଲପୁରୀ କବିତା ପାଠ କରିଥିଲେ। ଏଥିରେ ସମ୍ବଲପୁରୀ ଗବେଷକ ଡଃ ଶ୍ୟାମ ସୁନ୍ଦର ଧର ମୁଖ୍ୟଅତିଥି, କବି ଓ ଗୀତିକାର ମୋତିଲାଲ ଦୋରା ସମ୍ମାନିତ ଅତିଥି ଏବଂ ସମ୍ବଲପୁରୀ ଗବେଷକ ମୁକ୍ତକଣ୍ଠ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ପ୍ରଧାନ କହିଲେ ଯେ, ସମ୍ବଲପୁରୀ ଭାଷାରେ ଲେଖୁଥିବା କବି, ସମ୍ବଲପୁରୀ ଗାୟକ ମାନଙ୍କୁ ସରକାର ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିସାରିଛନ୍ତି। ତଥାପି ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ପାଇଁ ଆନ୍ଦୋଳନ କରିବାକୁ ପଡ଼ିବା ଦୁର୍ଭାଗ୍ୟଜନକ। ସମ୍ବଲପୁରୀ କବିତା ପାଠୋତ୍ସବକୁ ପଙ୍କଜିନୀ ମେହେର, ଲଳିତ ବେବର୍ତ୍ତା ଓ ସୁଷମା ପ୍ରଧାନ ସଂଯୋଜନା କରିଥିଲେ। ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ସଂଯୋଜକ ଡଃ ପ୍ରମୋଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

ଗୁରୁବାର ଅପରାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଡଃ ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦେବୀପ୍ରସାଦ ଭୋଇଙ୍କ ନେତୃତ୍ୱରେ ମାଁ ସମଲେଇ ଏବଂ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପଦ୍ମଶ୍ରୀ ହରିପାଲ ସମ୍ବଲପୁରୀ ଭାଷାର ମଧୁରତା ସହ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଆଶୀର୍ବାଦ ସମସ୍ତଙ୍କୁ ଯୋଡି ପାରିଥିବା କହିଥିଲେ। ଏଥିରେ ୨୫ ଟି ସାଂସ୍କୃତିକ ଦଳ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସାଂସ୍କୃତିକ ସଂଯୋଜକ ଦଶରଥ ମେହେର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ସାହୁ, ବିରୁପାକ୍ଷ ପ୍ରଧାନ, ଶ୍ୟାମଳୀ ପତି, ସ୍ୱାଗତିକା ପଣ୍ଡା ପ୍ରମୁଖ ସଂଯୋଜନା କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ଫଟୋ ଏବଂ ସମ୍ବଲପୁରୀ ରିଲ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ପାଇଁ ଖାଦ୍ୟ ଏବଂ ସମ୍ବଲପୁରୀ ବସ୍ତ୍ର ଷ୍ଟଲ ଲଗାଯାଇଛି। କାର୍ଯ୍ୟକ୍ରମ ଆୟୋଜନରେ ରାହୁଲ ଗୁପ୍ତା, ରାଜେଶ ସ୍ୱାଇଁ, ନିଶିକାନ୍ତ ବିଶ୍ୱାଳ, ଅମିତାଭ ମାଝୀ, ସନ୍ତୋଷ ବଢ଼ାଇ, କିଶୋର ଧରେଇ, ସୁବ୍ରତ ପ୍ରଧାନ, ପ୍ରେମ ସାହାଣୀ, ଶୁଭମ ସାହୁ, ଅବିନାଶ କଣ୍ଡା, ବଣ୍ଡାଳୀ ସାହୁ, ହିମାଂଶୁ ସାହୁ, ଶିବଶଙ୍କର ନାଥ, ଶଶାଙ୍କ ଥାପା, ଶଙ୍କର ମେହେର, ସୁରେନ୍ଦ୍ର ବରର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ।

## ସମଲେଶ୍ୱରୀ ଆଳତୀ ସହ ସମ୍ବଲପୁରୀ ଦିନ୍ ଆରମ୍ଭ

ଗୁରୁବାର ଅପରାହ୍ଣରେ ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ମଞ୍ଚ ପୂଜା ଏବଂ ସମଲେଶ୍ୱରୀ ଆଳତୀ ସହ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଆଳତୀ କରିଥିଲେ। ମା' ସମଲେଶ୍ୱରୀ ମନ୍ଦିରର ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟ ମନ୍ତ୍ରୋଚ୍ଚାରଣ ସହିତ ପୂଜାବିଧି ସମ୍ପନ୍ନ କରିଥିଲେ। ଆଜି ସକାଳେ ନାରୀସେବା ସଦନଠାରେ ଝୁଁଟି / ଆଳପନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଡାଫୋଡିଲ ପ୍ଲେ ସ୍କୁଲ ଶିଶୁମାନଙ୍କ ଦ୍ୱାରା ନୃତ୍ୟ, ରାମ୍ପ ଶୋ ଫେସ୍ ଟୁ ଫେସ୍, ଦୟାନନ୍ଦ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସୁଜାତା କ୍ରିଏସନ୍, ଧନୁପାଲି ଦ୍ୱାରା ନୃତ୍ୟ, ରାମ୍ପ ୱାକ୍ - ଆଇକନିକ୍ ଫେସନ ଆକାଡେମୀ, ବେଦିକ ଇଣ୍ଟରନେସନାଲ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଦିଲ୍ଲୀ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଅଙ୍କନ ସ୍କୁଲ ଶିଶୁଙ୍କ ଦ୍ୱାରା



ନୃତ୍ୟ, ରାମ୍ପ ୱାକ୍ - ଆରମ୍ଭ ବି ଦ ଏକ୍‌ସେପ୍‌ସନ୍, ରାପର୍ ଜେଆରଏମ୍ ବାବାଙ୍କ ଦ୍ୱାରା ଆକର୍ଷଣୀୟ ରାପ୍ ପରିବେଷଣ, ଫେସ୍-ଟୁ-ଫେସ୍ ଡାନ୍ସ ଷ୍ଟୁଡିଓ ଦ୍ୱାରା ନୃତ୍ୟ, ଏସଏସ୍‌ଭିଏମ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।